

'ସ୍ପିରିଟ୍'ରୁ ହଟିଲେ ଦୀପିକା

▸ପୃଷ୍ଠା ୧୧ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
## THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 42 •ISSUE-328 •BHUBANESWAR •TUESDAY •27 MAY 2025 •PAGE-12 •₹ 6.00 | BHUBANESWAR | •ବର୍ଷ-୪୨ •ସଂଖ୍ୟା-୩୨୮ •ଭୁବନେଶ୍ୱର •ମଙ୍ଗଳବାର •୨୭ ମେ ୨୦୨୫ •ପୃଷ୍ଠା-୧୨ •ଟ.୬.୦୦



**Admission Going on for +2 1st Yr. Sc.(CHSE & CBSE), JEE & NEET - 2025-26**

TETRAHEDRON GROUP OF INSTITUTIONS TANGI, CUTTACK

# TETRAHEDRON
## GROUP OF INSTITUTIONS

Tangi,Cuttack, For Admission Contact : 8093064522, 8093064525,9040363480, 7008222977

## OUR CHSE RESULT -2025

99% 1st Division

- RESULT : 99.7%
- ABOVE 95% : 13
- ABOVE 560 : 51
- ABOVE 90% : 185
- ABOVE 89% : 229
- ABOVE 88% : 280
- ABOVE 85% : 446
- ABOVE 500 : 534
- ABOVE 80% : 712
- ABOVE 75% : 902
- ABOVE 70% : 1023
- ABOVE 60% : 1120



581
**ABINASH PANDA**
R. NO. : 312CZ142
MOB. : 8926374475

| Mark | Name | R.NO. | M. |
|---|---|---|---|
| 578 | ANUNJAYA | 312CZ044 | 9937820270 |
| 575 | HARAPRASAD | 312CZ052 | 9777635809 |
| 574 | ANANYA ANUPRITA | 321CZ001 | 6372522094 |
| 574 | ANANYA | 321CZ018 | 9178552089 |
| 574 | PRIYADARSHINI | 321CZ020 | 8456010982 |
| 574 | RUTUPURNA | 321CZ025 | 8908000397 |
| 573 | ASHUTOSH | 312CZ009 | 7008710810 |
| 573 | SWARNA PRAVA | 321CZ002 | 9348538749 |
| 572 | SOUMYAK | 312CZ015 | 6372996292 |
| 572 | SANDEEP | 312CZ021 | 9438775289 |
| 571 | PRIYANKA | 321CZ016 | 8328937059 |
| 570 | SWAYAM | 312CZ039 | 9583495922 |
| 569 | ARPIT | 312CZ011 | 7894911960 |
| 568 | SUBHALAXMI | 321CZ017 | 6371705857 |
| 568 | BHAGYASHREE | 321CZ509 | 9853578058 |
| 568 | SWAYAMSHREE | 321CZ510 | 9827872997 |
| 567 | SATYAJIT | 312CZ010 | 7978274905 |
| 567 | SUBHASHREE SUBHASMITA | 321CZ068 | 7978768887 |
| 567 | ASHASRI | 321CZ111 | 9237473625 |
| 566 | SAI ARPIT | 312CZ118 | 8917543238 |
| 566 | RUMITA | 321CZ024 | 9178152840 |
| 565 | SUBHAM HARAPRIYA | 312CZ033 | 9668325122 |
| 564 | SHUBHAM | 312CZ007 | 9937533036 |
| 564 | SUBHANKAR | 312CZ026 | 7064837405 |
| 564 | BABUL | 312CZ093 | 7381834918 |
| 564 | PRAGYNA PARMITA | 321CZ065 | 9937431840 |
| 564 | BINODINI | 321CZ072 | 9438279824 |
| 564 | TANUSHREE | 321CZ082 | 8457958145 |
| 563 | MOHIT | 312CZ003 | 7042591220 |
| 563 | RUTENDRA | 312CZ005 | 8376946436 |
| 563 | RAJESH | 312CZ008 | 9437824159 |
| 563 | CHINMAYA | 312CZ097 | 7750985855 |
| 563 | RUDRA NARAYAN | 312CZ104 | 7908558686 |
| 563 | PRIYANKA | 321CZ039 | 9883320962 |
| 563 | ANANYA | 321CZ063 | 7894879290 |
| 563 | RASHMITA | 321CZ122 | 8249824883 |
| 562 | DIBYAJYOTI | 312CZ086 | 9692268696 |
| 562 | JYOTI RANJAN | 312CZ153 | 9861434928 |
| 561 | SITANSHU | 312CZ105 | 9178515603 |
| 561 | PRITISMITA | 321CZ007 | 9861306001 |
| 561 | PRIYANSHA | 321CZ010 | 8961657265 |
| 561 | SOUVAGYALAXMI | 321CZ022 | 9658552663 |
| 561 | PRAVASINI | 321CZ173 | 9348692263 |
| 560 | TANMAY | 312CZ006 | 9439099339 |
| 560 | RAJESH | 312CZ145 | 8328867688 |
| 560 | SOUMYA RANJAN | 312CZ158 | 9938372676 |
| 560 | PRATEEK | 312CZ234 | 9777204680 |
| 560 | RUDDHI SWASTIK | 312CZ581 | 7539031933 |
| 560 | SUBHASMITA | 321CZ011 | 8338816946 |
| 560 | PRANGYA | 321CZ511 | 6370197299 |

to be continued.....

**We are expecting 140 to 180 Govt. MBBS Admissions in 2025**

**71 MBBS IN 2024** | **54 MBBS IN 2023**

## OUR ACHIEVERS IN AIIMS

| Score | College | Name | Mobile |
|---|---|---|---|
| 710 | AIIMS,BBSR(2024) | KAMALAKANTA | Mob. : 8249906661 |
| 700 | AIIMS,RAIPUR(2024) | RAHUL | M. : 6372741832 |
| 697 | AIIMS,DELHI(2021) | SUSHREE SANGITA | Mob. : 9810975701 |
| 695 | AIIMS,GRORAKHAPUR(2024) | OMM PRAKASH | M. : 6372521307 |
| 695 | AIIMS GORAKHAPUR(2024) | SWAGATIKA | M. : 7381845430 |
| 680 | AIIMS BBSR(2021) | DEVASIS SAHOO | Mob. : 9861492793 |
| 675 | AIIMS GORAKHPUR(2023) | ASHIRBAD BISWAL | Mob. : 7846821473 |
| 670 | AIIMS MADURAI(2024) | ADITYA NARAYAN | M. : 8260333635 |
| 670 | AIIMS KALYANI (2023) | ANUPAM NAYAK | Mob. : 7205755502 |
| 665 | AIIMS RAIPUR(2022) | SATYAJIT NAYAK | Mob. : 8260601336 |

**We are expecting 10 to 20 IIT & NIT Admissions in 2025**

## Qualifying & Scholarship Test for NEET :

1st June and 9th June 2025 (any one)
Exam from 11am. to 2.00pm. (Reporting at 10.00am.)

FOR ONLINE REGISTRATION VISIT OUR WEBSITE : https://neet.tetrahedroncoaching.com

**Name of the Exam Centres :**

| | | | | | |
|---|---|---|---|---|---|
| TETRAHEDRON Group of Institutions Tangi, Cuttack M. : 9040363480 | TETRAHEDRON Coaching Arunodaya Nagar, Cuttack M. : 8093064572 | OASIS Gopabandhu Square Bhubaneswar M. : 8093064525 | SRIRAM HIGHER Secondary School Soro, Near NH-16,Balasore M. : 8093664112 | ARYAVAT Higher Secondary School Soubhagya Nagar, Angul M. : 9348300700 | SANDILYA College of Science Dehuripali, Budharaja,Sambalpur M. : 9040363480 |

**One Year NEET Coaching Starts from 29th May, 4th June & 22nd June 2025**

# TETRAHEDRON
## HIGHER SECONDARY SCHOOL
## WOMEN'S HIGHER SECONDARY SCHOOL
## RESIDENTIAL COACHING FOR NEET & JEE

www.tetrahedroncoaching.com

# କଟକ ସିଟି



## ଚିନ୍ତାରେ ସାଇବର ଥାନା ପୁଲିସ

# ତଦନ୍ତରେ ସହଯୋଗ କରୁନି 'ମେଟା'

**କଟକ, ୨୬।୫(ସମିସ)**

ସମ୍ପ୍ରତି ଅପରାଧ ତାଲିକାକୁ ଦେଖିଲେ ୫୦ପ୍ରତିଶତରୁ ଅଧିକ ଅପରାଧ ସୋସିଆଲ୍ ମିଡିଆରୁ ସଂଗଠିତ ହେଉଛି। ସାଇବର ଅପରାଧିମାନେ ସୋସିଆଲ ମିଡିଆକୁ ମାଧ୍ୟମ କରି କୋଟି କୋଟି ଟଙ୍କା ଲୁଟୁଛନ୍ତି। ସାଧାରଣ ନାଗରିକଙ୍କ ଠାରୁ ଆରମ୍ଭ କରି ବରିଷ୍ଠ ନାଗରିକ ସାଇବର ଅପରାଧିଙ୍କ ମାୟା ଜାଲରେ ପଡ଼ି ସର୍ବସ୍ୱାନ୍ତ ହୋଇପଡୁଛନ୍ତି। ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି, ୯୦ପ୍ରତିଶତ ଜନସାଧାରଣ ଫେସ୍‌ବୁକ୍, ଇନ୍‌ଷ୍ଟାଗ୍ରାମ୍, ଏକ୍ସ ଏବଂ ହ୍ୱାଟସଆପ୍‌ର ସଂଯୋଗରେ ରହିଛନ୍ତି। ଏହି ପ୍ଲାଟଫର୍ମରେ ସାଧାରଣ ଲୋକମାନେ ଠକେଇର ଶିକାର ହେଉଛନ୍ତି। ବିଡ଼ମ୍ବନାର ବିଷୟ ଏହିସବୁର ମୂଳ କମ୍ପାନୀ 'ମେଟା'ତଦନ୍ତରେ ପୁଲିସକୁ ସହଯୋଗ କରୁନଥିବା ଅଭିଯୋଗ ହେଉଛି। ବିଭିନ୍ନ ସୋସିଆଲ୍ ପ୍ଲାଟଫର୍ମରୁ ବିବାଦୀୟ ଫଟୋ, ତଥ୍ୟ, ଭିଡିଓ ଏବଂ ଅଡିଓକୁ ହଟାଇବାରେ ସମସ୍ୟା ସୃଷ୍ଟି ହେଉଛି। କୌଣସି ବିବାଦୀୟ ଆକାଉଣ୍ଟ୍‌କୁ ଡିଲିଟ୍ କରିବାରେ ମଧ୍ୟ ପୁଲିସ ଅକ୍ଷମତା ପ୍ରକାଶ କରୁଛି। ସୋସିଆଲ୍ ମିଡିଆରେ କୌଣସି ଆକାଉଣ୍ଟ୍ ବିରୋଧରେ ପୁଲିସ କାର୍ଯ୍ୟାନୁଷ୍ଠାନ ନେବା ପାଇଁ, ସମ୍ପୃକ୍ତ ଆକାଉଣ୍ଟକୁ ହଟାଇବାକୁ ଚାହିଁଲେ ମଧ୍ୟ ଡିଲିଟ୍ କରିପାରୁ ନାହିଁ। କଟକ ସାଇବର ଥାନାରେ ଏ ସଂକ୍ରାନ୍ତରେ ଗତ ୬ମାସ ମଧ୍ୟରେ ୧୦୦ରୁ ଅଧିକ ଅଭିଯୋଗ ହୋଇଥିବା ବେଳେ ଏହା ଫେସ୍‌ବୁକ୍, ଇନ୍‌ଷ୍ଟାଗ୍ରାମ୍ ଓ ହ୍ୱାଟସଆପ୍‌ରୁ ହିଁ ସଙ୍ଗଠିତ ହୋଇଥିବା ଜଣାପଡ଼ିଛି। ତେବେ ମାମଲା ରୁଜୁ ପରେ ପୁଲିସ ବିବାଦୀୟ ଆକାଉଣ୍ଟ୍ ଗୁଡ଼ିକୁ ସାମାଜିକ ଗଣମାଧ୍ୟମରୁ ଡିଲିଟ୍ କରି ପାରିନାହିଁ। ତେବେ ସମ୍ପୃକ୍ତ ୩ଟି ଆପ୍ଲିକେସନ୍ 'ମେଟା' କମ୍ପାନୀ ଦ୍ୱାରା ପରିଚାଳିତ। ପୁଲିସର




କୌଣସି ପ୍ରକାର ଅଭିଯୋଗକୁ 'ମେଟା' ଗୁରୁତ୍ୱର ସହିତ ବିଚାରକୁ ନେଉନଥିବା ଜଣାପଡ଼ିଛି। ତେବେ ଏ ସଂକ୍ରାନ୍ତରେ ଏଡିସିପି ଅମରେନ୍ଦ୍ର ପଣ୍ଡାଙ୍କୁ ପଚାରିବାରୁ ସେ କହିଛନ୍ତି, ବିଭିନ୍ନ ସୋସିଆଲ୍ ପ୍ଲାଟଫର୍ମରୁ ତଦନ୍ତ ସମୟରେ ବିବାଦୀୟ ତଥ୍ୟ, ଭିଡ଼ିଓ, ଅଡ଼ିଓ, ଫଟୋ ଇତ୍ୟାଦି ପୁଲିସ ପକ୍ଷରୁ ହଟାଇ ଦିଆଯିବାକୁ ପ୍ରକ୍ରିୟା ଆରମ୍ଭ ହୋଇଥାଏ। ଏ ସଂକ୍ରାନ୍ତରେ ସମ୍ପୃକ୍ତ କମ୍ପାନୀକୁ ଅବଗତ କରାଯାଇ ଥାଏ। କିନ୍ତୁ ଏବେ ଫେସ୍‌ବୁକ୍, ଇନଷ୍ଟାଗ୍ରାମ ଓ ହ୍ୱାର୍ଟସଆପ୍‌ରୁ ଡାଟା ହଟାଇବା ଏବଂ ଆକାଉଣ୍ଟ୍ ଡିଲିଟ୍ କରିବା ଭଳି କାର୍ଯ୍ୟ ଜଟିଳ ହୋଇ ପଡ଼ିଛି। ଏହାର ତୁରନ୍ତ ସମାଧାନ କରିବା ନିମନ୍ତେ ପୁଲିସ ପକ୍ଷରୁ ଉଦ୍ୟମ କରାଯାଉଛି ବୋଲି ଏଡିସିପି ଶ୍ରୀ ପଣ୍ଡା ସୂଚନା ଦେଇଛନ୍ତି।

> **ଆକାଉଣ୍ଟ୍ ହଟାଇବାରେ ରହୁଛି ଅନେକ ବାଧା: ସାଇବର ପୁଲିସ**
>
> **ବଢ଼ିଚାଲୁଛି ଫେସବୁକ୍, ଇନ୍‌ଷ୍ଟାଗ୍ରାମ୍ ଓ ହ୍ୱାଟସଆପ୍ ସମ୍ପର୍କିତ ସାଇବର ଅପରାଧ**

ଅନ୍ୟପକ୍ଷରେ ସାଇବର ଅପରାଧର ସଂଖ୍ୟାକୁ ବିଚାରକୁ ନେଲେ ତନ୍ମଧ୍ୟରୁ ୬୦ପ୍ରତିଶତରୁ ଅଧିକ ମାମଲା ସାମାଜିକ ଗଣମାଧ୍ୟମ ସହିତ ସଂଶ୍ଳିଷ୍ଟ ଥିବା ଜଣାପଡ଼େ। ତେଣୁ ଏହା ଉପରେ ରାଜ୍ୟ ସରକାର ମଧ୍ୟ ଏବେ କଠୋର ନୀତି ଅପଣାଇବାକୁ ଯାଉଥିବା ସୂଚନା ମିଳିଛି। କଲେଜ ଛାତ୍ରୀଙ୍କ ନାମରେ ଫେକ୍ ଆକାଉଣ୍ଟ୍ କରି ଅଶ୍ଳୀଳ ଭିଡ଼ିଓ ଓ ଫଟୋ ଭାଇରାଲ୍ କରିବା, କୌଣସି ସମ୍ଭ୍ରାନ୍ତ ବ୍ୟକ୍ତିର ଆକାଉଣ୍ଟ୍ ହ୍ୟାକ୍ କରି ଟଙ୍କା ମାଗିବା, କାହାକୁ ଜାତିଗତ ଆକ୍ଷେପ କରିବା, ରାଜନୈତିକ ସମାଲୋଚନା କରିବା ଆଳରେ କାହାର ବ୍ୟକ୍ତିଗତ ଚରିତ୍ରକୁ ଆକ୍ଷେପ କରିବା, ରାଷ୍ଟ୍ର ସଂହତି ଉପରେ କ୍ଷତି ପହଞ୍ଚାଇବା, ଅଶ୍ଳୀଳ ମନ୍ତବ୍ୟକୁ ଭାଇରାଲ କରିବା ଭଳି ଏକାଧିକ ସାଇବର ଅପରାଧ ଏବେ ବଢ଼ିବାରେ ଲାଗିଛି। କିନ୍ତୁ ରାଜ୍ୟ ପୁଲିସ ଓ ସାମାଜିକ ଗଣମାଧ୍ୟମର ମୂଳ କମ୍ପାନୀ(ମଦର-କମ୍ପାନୀ) ସହିତ ସମନ୍ୱୟ ଅଭାବରୁ ଏଭଳି ସମସ୍ୟା ସୃଷ୍ଟି ହୋଇଛି। ଅନ୍ୟପଟେ ପୁଲିସ କୌଣସି ସାଇବର ମାମଲାର ତଦନ୍ତ କରିବା ସମୟରେ ମଧ୍ୟ ଏହି ସମସ୍ୟା ଯୋଗୁଁ ହଇରାଣ ହେବାକୁ ପଡୁଛି। ତେବେ ସାମାଜିକ ଗଣମାଧ୍ୟମ ଗୁଡ଼ିକର ମଦର କମ୍ପାନୀ ଭାରତ ବାହାରେ ରହିଥିବା ହେତୁ ଏହା ଉପରେ କୌଣସି ଲଗାମ ରହି ପାରୁନାହିଁ। ମେଟା କମ୍ପାନୀ ହାତରେ ୩ଟି ପ୍ରମୁଖ ସାମାଜିକ ଗଣମାଧ୍ୟମ ରହିଥିବା ବେଳେ କମ୍ପାନୀ ପୁଲିସ ସହଯୋଗ ନକରିବାରୁ, ସାଇବର ଅପରାଧିଜନିତ ମାମଲାର ତଦନ୍ତ ମଧ୍ୟ ଠିକ୍ ଭାବେ କରାଯାଇ ପାରୁନାହିଁ। ସାମାଜିକ ଗଣମାଧ୍ୟମ କମ୍ପାନୀ ଗୁଡ଼ିକର ଅସହଯୋଗ ଏବେ କମିଶନରେଟ୍ ପୁଲିସର ଚିନ୍ତାର ବିଷୟ ପାଲଟିଛି।

## ଭାବନାତ୍ମକ ଅନ୍ତରଙ୍ଗତାକୁ ଦଣ୍ଡିତ ପାଇଁ ଫୌଜଦାରୀ ନ୍ୟାୟ ବ୍ୟବସ୍ଥା ଅସ୍ତ୍ର ହେବା ଅନୁଚିତ : ହାଇକୋର୍ଟ

**କଟକ,୨୬।୫(ସମିସ):** ସାଥୀଙ୍କ ମଧ୍ୟରେ ଭାବାନାତ୍ମକ ଅନ୍ତରଙ୍ଗତାକୁ ଦଣ୍ଡିତ କରିବା ପାଇଁ ଫୌଜଦାରୀ ନ୍ୟାୟ ବ୍ୟବସ୍ଥାକୁ ଅସ୍ତ୍ର କରାଯିବା ଉଚିତ ନୁହେଁ। ଏହା ଅନ୍ୟର ସମ୍ବେଦନତାରେ ଆଞ୍ଚ ଆଣିବ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରକାଶ କରି ଏହା କହିଛନ୍ତି। ବିଶେଷକରି ଜାମିନ ସମ୍ପର୍କିତ ମାମଲାରେ ଅଭିଯୁକ୍ତର ନିରନ୍ତର ବନ୍ଦୀ ନ୍ୟାୟ ପ୍ରଦାନ ଉଦ୍ଦେଶ୍ୟକୁ ପୂରଣ କରିବ କି ନାହିଁ, ତାହା ଆକଳନ କରିବା ଆବଶ୍ୟକ ବୋଲି ହାଇକୋର୍ଟ କହିଛନ୍ତି। ବିବାହର ପ୍ରତିଶ୍ରୁତି ଦେଇ ଜନୈକ ନାବାଳିକା ସହ ଦୁଷ୍କର୍ମ କରିବା ଅଭିଯୋଗରେ ଗିରଫ ଅଭିଯୁକ୍ତର ମଧ୍ୟବର୍ତ୍ତୀକାଳୀନ ଜାମିନ ଆବେଦନକୁ ମଞ୍ଜୁର କରି ହାଇକୋର୍ଟ ଏହା କହିଛନ୍ତି। ହମିଦ ଶାହାଙ୍କ ପକ୍ଷରୁ ଦାୟର ଆବେଦନର ଶୁଣାଣି କରି ଡ. ଜଷ୍ଟିସ ସଂଜୀବ କୁମାର ପାଣିଗ୍ରାହୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି।

ମାମଲାରୁ ପ୍ରକାଶ ଯେ ନିଆଳି ଥାନାରେ ରୁଜୁ ଏତଲା ଅନୁସାରେ, ଗତ ୨୦୧୯ରେ ଆବେଦନକାରୀଙ୍କ ସହ ଜନୈକ ନାବାଳିକାଙ୍କ ସମ୍ପର୍କ ଗଢ଼ି ଉଠିଥିଲା। ଅଭିଯୋଗକାରୀଙ୍କୁ ଗର୍ଭବତୀ କରିବା ପରେ ଆବେଦନକାରୀ ତାଙ୍କ ଗର୍ଭପାତ କରାଇଥିବା ଅଭିଯୋଗ ହୋଇଥିଲା। ଏପରିକି, ପରବର୍ତ୍ତୀ ସମୟରେ ଆବେଦନକାରୀ ଓ ତାଙ୍କ ପରିବାର ପକ୍ଷରୁ ବିବାହର ପ୍ରତିଶ୍ରୁତି ମିଳିଥିଲା। ହେଲେ ଗତ ୨୦୨୨ ଡିସେମ୍ବର ୨୯ରେ ପୀଡ଼ିତା ନାବାଳିକାଜଣଙ୍କ ପୁଣି ଗର୍ଭବତୀ ହୋଇଥିବା ତଥା ତାଙ୍କୁ ବିବାହ ପାଇଁ ଅଭିଯୁକ୍ତ ପ୍ରତ୍ୟାଖାନ କରିବା ନେଇ ଅଭିଯୋଗ ଆଣିଥିଲେ। ଏହି ମାମଲାରେ ପୁଲିସ ଅଭିଯୁକ୍ତକୁ ଗିରଫ କରିଥିଲା। ତେବେ ଉଭୟ ପକ୍ଷଙ୍କ ମଧ୍ୟରେ ମାମଲା ସମାଧାନ ହୋଇଛି ଓ ଉଭୟ ବିବାହ ପାଇଁ ସମ୍ମତି ଜଣାଇଥିବା ନେଇ ହାଇକୋର୍ଟ ଅବଗତ ହୋଇଥିଲେ। ଏଣୁ ବିବାହ ପାଇଁ ଆବେଦନକାରୀଙ୍କୁ ମଧ୍ୟବର୍ତ୍ତୀକାଳୀନ ଜାମିନ ପ୍ରଦାନ କରିବା ପାଇଁ ଦାୟର ଆବେଦନକୁ ହାଇକୋର୍ଟ ଗ୍ରହଣ କରିଥିଲେ। ଏକ ମାସ ପାଇଁ ଅଭିଯୁକ୍ତକୁ ଜାମିନ ପ୍ରଦାନ ସହ ଜାମିନ ଅବଧି ପୂରଣ ପରେ ନିମ୍ନ ଅଦାଲତରେ ହାଜର ହେବା ପାଇଁ କହିଛନ୍ତି ହାଇକୋର୍ଟ।

## ସହକାରୀ ନିର୍ବାହୀ ଯନ୍ତ୍ରୀ ଚୟନ ପ୍ରକ୍ରିୟା ଶୀଘ୍ର ଶେଷ କର: ହାଇକୋର୍ଟ

**କଟକ, ୨୬।୫ (ସମିସ):** ଓଇଏସ୍ (ଓଡ଼ିଶା ଇଞ୍ଜିନିୟରିଂ ସେବା) ସଂଶୋଧିତ ନିୟମାବଳୀ-୨୦୨୩ ଅନୁସାରେ ଗତ ୨୦୨୩ ଡିସେମ୍ବର ୨୮ର ସହକାରୀ ନିର୍ବାହୀ ଯନ୍ତ୍ରୀ ନିଯୁକ୍ତି ବିଜ୍ଞପ୍ତିକୁ ଚାଲେଞ୍ଜ କରି ଦାୟର ମାମଲାର ଆଜି ଶୁଣାଣି କରିଛନ୍ତି ହାଇକୋର୍ଟ। ସହକାରୀ ନିର୍ବାହୀ ଯନ୍ତ୍ରୀ ପଦରେ ନିଯୁକ୍ତି ବା ଚୟନ ପ୍ରକ୍ରିୟା ଜାରି ରଖି ଏହାକୁ ଶୀଘ୍ର ଶେଷ କରିବା ପାଇଁ ଓପିଏସସିକୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ତେବେ ଆବେଦନକାରୀଙ୍କ ପାଇଁ ପ୍ରଯୁଜ୍ୟ ପଦବୀଗୁଡ଼ିକୁ ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ପୂରଣ କରାଯିବ ନାହିଁ ବୋଲି ହାଇକୋର୍ଟ କହିଛନ୍ତି। ଦୀପକ କୁମାର ପାଢ଼ୀ ଓ ଅନ୍ୟମାନଙ୍କ ପକ୍ଷରୁ ରୁଜୁ ଆବେଦନଗୁଡ଼ିକର ଶୁଣାଣି କରି ଜଷ୍ଟିସ୍ ଆଦିତ୍ୟ କୁମାର ମହାପାତ୍ର ଏପରି ନିର୍ଦ୍ଦେଶ ଦେଇଛନ୍ତି। ମୂଳ ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ଜୁଲାଇ ଦ୍ୱିତୀୟ ସପ୍ତାହକୁ ଧାର୍ଯ୍ୟ କରିଛନ୍ତି ଅଦାଲତ। ଏହି ମାମଲାର ପରବର୍ତ୍ତୀ ଶୁଣାଣି ସୁଦ୍ଧା ପ୍ରତିପକ୍ଷଙ୍କୁ ସତ୍ୟପାଠ ଦାଖଲ କରିବାକୁ ଅଦାଲତ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି।

ମାମଲାରୁ ପ୍ରକାଶ ଯେ ଗତ ୨୦୨୩ ଡିସେମ୍ବର ୨୮ରେ ଓପିଏସସି ପକ୍ଷରୁ ଜଳସମ୍ପଦ ବିଭାଗରେ ୩୪୮ଗୋଟି ସହକାରୀ ନିର୍ବାହୀ ଯନ୍ତ୍ରୀ(ସିଭିଲ) ଓ ସହକାରୀ ନିର୍ବାହୀ ଯନ୍ତ୍ରୀ(ମେକାନିକାଲ) ପଦବୀରେ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏହି ବିଜ୍ଞପ୍ତି ଅନୁସାରେ ଗେଟ୍ ଫଳାଫଳ ଆଧାରରେ ପ୍ରାର୍ଥୀ ଚୟନ କରାଯିବା ପାଇଁ ଧାର୍ଯ୍ୟ ହୋଇଥିଲା। ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଅର୍ଥାତ୍ ଗତ ୨୦୨୪ଫେବୃଆରୀରେ ଗେଟ୍ ପରୀକ୍ଷା ହୋଇଥିଲା। ସେହିପରି ଗେଟ୍ ପରୀକ୍ଷା ଦେଇନଥିବା ପ୍ରାର୍ଥୀଙ୍କୁ ଉପରୋକ୍ତ ପଦରେ ଆବେଦନରୁ ବଞ୍ଚିତ କରାଯିବାରୁ ସେମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ପୂର୍ବରୁ ସମାନ ପ୍ରସଙ୍ଗରେ ଦୁଇଜଣିଆ ଖଣ୍ଡପୀଠଙ୍କ ନିର୍ଦ୍ଦେଶ ପରେ ଓଇଏସ ରୁଲ୍-୨୦୧୨(ଓଡିଶା ଇଞ୍ଜିନିୟରିଂ ସେବା ନିୟମାବଳୀ)ର ସଂଶୋଧିତ ନିୟମାବଳୀ-୨୦୨୧ ଓ ନିଯୁକ୍ତି ବିଜ୍ଞପ୍ତି ରଦ୍ଦ ହୋଇଯାଇଥିଲା। ତେବେ ଆବେଦନ ସମୟ ବୃଦ୍ଧି ପାଇଁ ଅଦାଲତ ନିର୍ଦ୍ଦେଶ ଦେଇଥିଲେ। ଏହି ଆଧାରରେ ଓପିଏସସି ପକ୍ଷରୁ ମୂଳ ନିଯୁକ୍ତି ବିଜ୍ଞପ୍ତିର ଏକ ଶୁଦ୍ଧିପତ୍ର ଗତ ୨୦୨୪ ଏପ୍ରିଲ ୧୧ରେ ଜାରି ହୋଇଥିଲା। ଯେଉଁଥିରେ ପୂର୍ବରୁ ଆବେଦନ କରିଥିବା ପ୍ରାର୍ଥୀ ଯଦି ଇତିମଧ୍ୟରେ ବର୍ଦ୍ଧିତ ଗେଟ୍ ସ୍କୋର ପାଇଥିବେ ତାହାକୁ ଅପଲୋଡ୍ ପାଇଁ ସୁଯୋଗ ଦିଆଯାଇଥିଲା। ଏହାକୁ ଚାଲେଞ୍ଜ କରି ଆବେଦନକାରୀ ହାଇକୋର୍ଟରେ ମାମଲା ଦାୟର କରିଥିଲେ।

## କଟକରେ ପାକିସ୍ତାନ ନାରାବାଜି ଘଟଣା

## ଗିରଫ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣିବାକୁ ଦାବି

**କଟକ, ୨୬।୫(ସମିସ):** ପାକିସ୍ତାନ ସପକ୍ଷରେ ନାରାବାଜି କରି ୨ ଯୁବକ ଗିରଫ ହୋଇଛନ୍ତି। ଏହି ମାମଲାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ହିନ୍ଦୁ ସେନା ଦାବି କରିଛି। ଏନେଇ ସଂଗଠନର ସଦସ୍ୟମାନେ ସୋମବାର ଡିସିପିଙ୍କ ଅଫିସକୁ ଯାଇ ଦାବିପତ୍ର ପ୍ରଦାନ କରିଛନ୍ତି।

ଗତ କିଛି ଦିନ ତଳେ ଜଣେ ଯୁବକ ପାକିସ୍ତାନ ସପକ୍ଷରେ ନାରାବାଜି କରୁଥିବାର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଭାରତ ପାକିସ୍ତାନ ଯୁଦ୍ଧ ଭଳି ପରିସ୍ଥିତିରେ ଏହି ଭିଡିଓଟି ଅସ୍ଥିରତା ସୃଷ୍ଟି କରିବାର ଆଶଙ୍କା ବଢ଼ାଇ ଦେଇଥିଲା। ଘଟଣାର ଅଧିକ ତଦନ୍ତ ପରେ ଭାଇରାଲ ଭିଡିଓଟି କଟକ ଗାନ୍ଧିପଲ୍ଲୀ ମହାନଦୀ କୂଳରେ ରେକର୍ଡିଂ ହୋଇଥିବା ଜଣାପଡ଼ିଲା। ତଦନ୍ତକ୍ରମେ ଗତ ୨୪ ତାରିଖରେ ଚାଉଳିଆଗଞ୍ଜ ଥାନା ପୁଲିସ ସୌରଭ ସାହୁ ଓ ଗୌତମ ଲେଙ୍କାକୁ ଗିରଫ କରିଥିଲା। ତେବେ ଭିଡିଓ ରେକର୍ଡିଂ ସମୟରେ ଗିରଫ ଅଭିଯୁକ୍ତ ଦ୍ୱୟଙ୍କ ସହିତ ଥିବା ଅନ୍ୟ ଯୁବକଙ୍କ ପ୍ରତି ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ। କିମ୍ବା ଅଭିଯୁକ୍ତ ଦ୍ୱୟଙ୍କ ପ୍ରକୃତ ଉଦ୍ଦେଶ୍ୟ ସମ୍ପର୍କରେ ପୁଲିସ ତଦନ୍ତ କରିନାହିଁ। ତେଣୁ ପୁଲିସ ଅଭିଯୁକ୍ତ ଦ୍ୱୟଙ୍କୁ ରିମାଣ୍ଡରେ ଆଣି ସେମାନଙ୍କର କୌଣସି ପାକିସ୍ତାନ ଲିଙ୍କ ଅଛି କି ନାହିଁ, ଶିକ୍ଷିତ ହୋଇ କିଭଳି ଉତ୍ତେଜନାମୂଳକ ନାରାବାଜି କରିପାରିଲେ, ସେ ସମୟରେ ଉପସ୍ଥିତ ସହଯୋଗୀଙ୍କ ଭୂମିକା କଣ ଥିଲା, ଏସବୁର ତଥ୍ୟ ସଂଗ୍ରହ କରିବାକୁ ହିନ୍ଦୁ ସେନା ଦାବି କରିଛି। ସେହିପରି ଗଲା କିଛି ମାସ ପୂର୍ବରୁ ସହରରେ ଏକ ରାଲିରେ ମଧ୍ୟ ପାକିସ୍ତାନ ସପକ୍ଷରେ ନାରାବାଜି ହୋଇଥିଲା। ମାତ୍ର ଉକ୍ତ ଘଟଣାରେ ପୁଲିସ କାହାରିକୁ ଗିରଫ କରି ନ ଥିଲା। ଏମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନହେବାରୁ ପୁର୍ନବାର ଏଭଳି ପରିସ୍ଥିତି ଉପୁଜୁଛି। ଯଦ୍ୱାରା ଭାଇଚାରା ସହର କଟକରେ ସାମ୍ପ୍ରତିକ ସଦଭାବନା ବିଗିଡିଯିବାର ଆଶଙ୍କା ରହିଛି। ଏଣୁ ଦେଶବିରୋଧୀ କାର୍ଯ୍ୟକଳାପରେ ସମ୍ପୃକ୍ତ ଅଭିଯୁକ୍ତଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ସଂଗଠନ ପକ୍ଷରୁ ଦାବି ହୋଇଛି। ସଭାପତି ଦେବାଶିଷ ରାଉତଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳି ଏଡିସିପି ଦେବଦତ୍ତ କରଙ୍କୁ ଭେଟି ଦାବପତ୍ର ପ୍ରଦାନ କରିଛନ୍ତି। ଏହି ସମୟରେ ସୁଜିତ ଦାସ, ଅଶୋକ ସାହୁ, କ୍ଷୀତିଶ ଜଗତି, ଶୁଭମ ନାୟକ, ରାକେଶ ସାମଲ, ଆଦିତ୍ୟ କୁମାର ସାହୁ, ଉଦୟ ସ୍ୱାଇଁ, ଦିପ୍ତୀରଞ୍ଜନ ସ୍ୱାଇଁ, ମାନସ ବସ୍ତିଆ, ଡି. ସୁରେଶ ରାଓ, ଆୟୁଷ ନାୟକ, ଭାଗବତ ସୋରେନ ପ୍ରମୁଖ ଉପସ୍ଥିତ ଥିଲେ।

## ଭଜନ ସମ୍ରାଟ ଭିକାରୀ ବଳଙ୍କ ଜୟନ୍ତୀ

## ରଜନୀକାନ୍ତ ଓ ସଙ୍ଗୀତାଙ୍କୁ ଭଜନ ସମ୍ରାଟ ଭିକାରୀ ବଳ ସ୍ମୃତି ସମ୍ମାନ

**କଟକ, ୨୬।୫(ସମିସ):** ଭଜନସମ୍ରାଟ ଭିକାରୀ ବଳ ଓଡ଼ିଆ ଜନଜୀବନକୁ ଭକ୍ତିମୟ କରିବାରେ ଅବିସ୍ମରଣୀୟ ଭୂମିକା ନିର୍ବାହ କରିଥିଲେ। ସଙ୍ଗୀତ ମାଧ୍ୟମରେ ସେ ଓଡ଼ିଶା ଓ ଓଡ଼ିଶା ବାହାରେ ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର କରିବା ସହ ଏକ ଭାବମୟ ପରିବେଶ ସୃଷ୍ଟି କରି ପ୍ରଣମ୍ୟ ହୋଇଛନ୍ତି ବୋଲି ଭଜନ ସମ୍ରାଟ ଭିକାରୀ ବଳଙ୍କ ୯୬ ତମ ଜୟନ୍ତୀ ଉତ୍ସବରେ ବିଶିଷ୍ଟ ବ୍ୟକ୍ତିମାନେ ମତବ୍ୟକ୍ତ କରିଛନ୍ତି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ଓ ଭଜନ ସମ୍ରାଟ ଭିକାରୀ ବଳ ସ୍ମୃତି ସଂସଦ, କଟକଙ୍କ ମିଳିତ ଆନୁକୂଲ୍ୟରେ ଆୟୋଜିତ ଭଜନ ସମ୍ରାଟ ଭିକାରୀ ବଳଙ୍କ ୯୬ତମ ଜୟନ୍ତୀ ଉତ୍ସବ ଶତାବ୍ଦୀ ଭବନରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଗୌର ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବକୁ ପ୍ରଖ୍ୟାତ ସଙ୍ଗୀତ ଶିଳ୍ପୀ ଡକ୍ଟର ଶ୍ୟାମାମଣି ଦେବୀ ଉଦଘାଟନ କରି କହିଲେ ଯେ, ଭିକାରୀ ବଳଙ୍କ ସଙ୍ଗୀତ ହେଉଛି କାଳଜୟୀ। ଭିକାରୀ ବଳଙ୍କ ସ୍ୱର ଥିଲା ଈଶ୍ୱରଦତ୍ତ। ତାଙ୍କ ସହ ମୋର ସମ୍ପର୍କ ଥିଲା ଖୁବ ନିବିଡ଼। ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସଚିବ ଡକ୍ଟର ଚନ୍ଦ୍ରଶେଖର ହୋତା ଯୋଗଦେଇଥିଲେ। ଉତ୍ସବରେ ଉପସଭାପତି ପ୍ରଫେସର ବିଜୟାନନ୍ଦ ସିଂହ ସ୍ୱାଗତ ଭାଷଣ



ଓ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଅନୁଷ୍ଠାନର ସମ୍ପାଦକ ଡକ୍ଟର ସୁନାମଣି ରାଉତ ସମ୍ପାଦକୀୟ ବିବରଣୀରେ ଭଜନ ସମ୍ରାଟ ଭିକାରୀ ବଳଙ୍କ ପ୍ରତିମୂର୍ତ୍ତିକୁ କଟକ ମହାନଗର ନିଗମ ପୁନଃ ସଂସ୍ଥାପନ କରିଥିବାରୁ ଧନ୍ୟବାଦ ଜଣାଇବା ସହିତ 'ଭିକାରୀ ବଳ ପାର୍କ' ଓ 'ଭିକାରୀ ବଳ ସରଣୀ' ଘୋଷଣା କରିବାକୁ ଦାବି ଉପସ୍ଥାପନ କରିଥିଲେ। ଏଥି ସହିତ ଭିକାରୀ ବଳଙ୍କୁ ମରଣୋତ୍ତର ପଦ୍ମ ପୁରସ୍କାର ପ୍ରଦାନ ନିମନ୍ତେ ରାଜ୍ୟ ସରକାର ଉଦ୍ୟମ କରିବାକୁ ଅନୁରୋଧ କରିଥିଲେ। ଉତ୍ସବରେ ବିଶିଷ୍ଟ କଣ୍ଠଶିଳ୍ପୀ ଡକ୍ଟର ସଙ୍ଗୀତା ଗୋସାଇଁ ଓ ବିଶିଷ୍ଟ ଗୀତିକାର ରଜନୀକାନ୍ତ ନାୟକଙ୍କୁ ସେମାନଙ୍କ ଜୀବନ ବ୍ୟାପି ସାଧନା ପାଇଁ ମର୍ଯ୍ୟାଦାଜନକ 'ଭଜନ ସମ୍ରାଟ ଭିକାରୀ ବଳ ସ୍ମୃତି ସମ୍ମାନ-୨୦୨୫' ସ୍ୱରୂପ ନଗଦ ଅର୍ଥରାଶି, ମାନପତ୍ର ଓ ଉପାୟନ ପ୍ରଦାନ କରାଯାଇଥିଲା। ସ୍ୱାଗତ ରାଉତ ଓ ଡାକ୍ତର ଶୁଭମ୍ ଶାଶ୍ୱତ ରାଉତ ମାନପତ୍ର ପାଠ କରିଥିଲେ। ଅତିଥିମାନଙ୍କୁ ମଞ୍ଚ ଆମନ୍ତ୍ରଣ ଡ. ବୈଜୟନ୍ତୀ ମିଶ୍ର କରିଥିବା ବେଳେ ଜୀବନାନନ୍ଦ ଅଧିକାରୀ ଧନ୍ୟବାଦ ଦେଇଥିଲେ। ଉତ୍ସବରେ ଡକ୍ଟର ମହେଶ୍ୱର ମହାନ୍ତି, କଥାକାର ତରୁଣ କୁମାର ସାହୁ, 'ଝୁମୁକା'ର ସମ୍ପାଦକ ମାନସ ରଞ୍ଜନ ସାମଲ, ବେଣୁଧର ଦାସ, ଘନଶ୍ୟାମ ନାୟକ, ଡକ୍ଟର ବାବାଜୀ ଚରଣ ପଟ୍ଟନାୟକ, ଡ଼ା. ସୁଦର୍ଶନ ପଟ୍ଟନାୟକ, ପ୍ରାଧ୍ୟାପକ ଉମାଶଙ୍କର ମିଶ୍ରଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

## 'କଟକ ଐତିହ୍ୟ ପଦଯାତ୍ରା'ର ଗୋଶାଳା ପରିଦର୍ଶନ



**କଟକ, ୨୬।୫(ସମିସ):** କଟକ ଐତିହ୍ୟ ପଦଯାତ୍ରାର ଐତିହ୍ୟପ୍ରେମୀ ସଭ୍ୟସଭ୍ୟାମାନେ ଆବାହକ ଡକ୍ଟର ଦୀପକ ସାମନ୍ତରାୟଙ୍କ ନେତୃତ୍ୱରେ କଟକ ନୂଆବଜାରସ୍ଥିତ ଶ୍ରୀଗୋପାଳକୃଷ୍ଣ ଗୋଶାଳା ପରିଦର୍ଶନ କରିଥିଲେ। କିଛି ବଦାନ୍ୟ ବ୍ୟକ୍ତିଙ୍କ ପ୍ରଚେଷ୍ଟାରେ ପୁରୁଣା ଜଗନ୍ନାଥ ସଡକରେ ତୀର୍ଥଯାତ୍ରୀଙ୍କ ପାଇଁ ଗଢ଼ି ଉଠିଥିଲା ଏକ ୫୦ କୋଠରୀ ବିଶିଷ୍ଟ ପ୍ରଶସ୍ତ ଧର୍ମଶାଳା। ଉନବିଂଶ ଶତାବ୍ଦୀର ଶେଷ ଦଶକରେ କଲିକତାରୁ ପ୍ରଥମ ଅବସ୍ଥାରେ କଟକ ଓ ପରେ ପୁରୀ ପର୍ଯ୍ୟନ୍ତ ରେଳ ଚଳାଚଳ ବ୍ୟବସ୍ଥା ପ୍ରଚଳନ ହେବା ପରେ ଏହି ଧର୍ମଶାଳା ଆଉ ବ୍ୟବହୃତ ହେଲା ନାହିଁ। ୧୯୦୫ ମସିହାରେ ପଶ୍ଚିମବଙ୍ଗ ସଲକିଆର ଦୁଇଜଣ ଗୋପ୍ରେମୀ ବନ୍ଧୁ, ସେଠ୍ ବିଶନ ଦୟାଲ ଏବଂ ସେଠ୍ ହରି ଦୟାଲଙ୍କ ଦ୍ୱାରା ଜଗନ୍ନାଥ ସଡକ ପାର୍ଶ୍ୱରେ ଥିବା ଜରାଜୀର୍ଣ୍ଣ ଅଟ୍ଟାଳିକାରେ ଏହି ଗୋଶାଳାଟି ପ୍ରତିଷ୍ଠିତ ହୋଇଥିଲା। ଦାୟିତ୍ୱରେ ଥିବା ସଂସ୍ଥାର୍ ନାମ ଭିକ୍ଟୋରିଆ ଗୋରକ୍ଷଣୀ ସଭା ରଖା ଯାଇଥିଲା। ତେତିଶ ଏକର ଜମି ପରିମିତ ଉପରେ ଓଡ଼ିଶାର ଏହି ପ୍ରଥମ ଓ ସର୍ବପୁରାତନ ଗୋଶାଳା ଗଢିଉଠିଛି। ସମ୍ପ୍ରତି ଏଠାରେ ଏକ ହଜାରରୁ ଅଧିକ ଗୋମାତାଙ୍କୁ ରଖାଯିବା ସହିତ ସେମାନଙ୍କର ରକ୍ଷଣାବେକ୍ଷଣର ସମସ୍ତ ବ୍ୟବସ୍ଥା କରାଯାଇଛି। ଐତିହ୍ୟ ପ୍ରେମୀ ବନ୍ଧୁମାନେ କଟକ ମାରୱାଡି ସମାଜର ତତ୍ତ୍ୱବଧାନରେ ପରିଚାଳିତ ଗୋଶାଳାର୍ ଉପସଭାପତି ବିଶ୍ୱନାଥ ଧାନୁକା, ସୁରେଶ ଗୋଏଁକା, କୋଷାଧ୍ୟକ୍ଷ ସୁରେଶ ପୋଦାର, ଭୀମସେନ କମାନି ଓ ଡାକ୍ତର ସଞ୍ଜୟ କୁମାର ରାମଙ୍କ ସହିତ ସଂସ୍ଥା ଓ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରିଥିଲେ। ଐତିହ୍ୟ ପଦଯାତ୍ରାର କର୍ମୀମାନଙ୍କ ମଧ୍ୟରେ ଦମୟନ୍ତୀ ସାମନ୍ତରାୟ, ଡ. ହେମନ୍ତ କୁମାର ପରିଡ଼ା, ଶ୍ରୀକାନ୍ତ ସିଂହ, କିଶୋର ବିଟ୍, ଜୀବାନନ୍ଦ ମିଶ୍ର, ଅରୁଣୀତା ପାଢ଼ୀ, ଆଦିତ୍ୟ ଘୋଷ, ହିତେଶ ସେଠ୍, ଜିତେନ୍ଦ୍ରୀୟ ସିଂହ, ଚନ୍ଦ୍ରଭାନୁ ମିଶ୍ର, ପ୍ରକାଶ ସିଂହ, କୃଷ୍ଣ ନାୟକ ଏବଂ ଶୁଭ୍ରାଂଶୁ ସାହୁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ତେଜେଶ ସାହୁ ଧନ୍ୟବାଦ ଦେଇଥିଲେ।

## ସମ୍ବାଦପତ୍ର ବିକ୍ରେତା ସଂଘ ପକ୍ଷରୁ ବିଶ୍ୱ ହକର ଦିବସ



**କଟକ, ୨୬।୫(ସମିସ):** ସମ୍ବାଦପତ୍ର ବିକ୍ରେତା ସଂଘ ପକ୍ଷରୁ ବିଶ୍ୱ ହକର ଦିବସ ବକ୍ସିବଜାର ଠାରେ ପାଳନ କରାଯାଇଛି। ସଂଘର କର୍ମକର୍ତ୍ତାମାନେ ଏହି ସଭାରେ ହକରମାନଙ୍କର ସମସ୍ୟା ଓ ବିଭିନ୍ନ ଦାବି ସରକାରଙ୍କ ଠାରେ ଉପସ୍ଥାପନା କରାଯିବ। ଏ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି ବିଶ୍ୱ ହକର ଦିବସରେ ସଂଘର ସାଧାରଣ ସମ୍ପାଦକ ରତ୍ନାକର ପ୍ରଧାନ, ସହ ସମ୍ପାଦକ ପ୍ରଶାନ୍ତ ସାହୁ, ମିଡ଼ିଆ ସେଲ ଅଧ୍ୟକ୍ଷ ପ୍ରଭାସ ପ୍ରଧାନ, କମିଟି ସଭ୍ୟ କେ ବେଣୁ ରାଓ, ଦୁଃଖିଶ୍ୟାମ ମହାପାତ୍ର, ପ୍ରଭାକର ସାହୁ, ରବି ପାଲ, ନବଘନ ସାହୁ, ଅଶୋକ ସାହୁ, ଉମେଶ ସାହୁ, ଶଙ୍କର ବେହେରା ଓ ହେମନ୍ତ ପଟ୍ଟନାୟକ ଉପସ୍ଥିତ ଥିଲେ।

## ଏଲ୍‌ଆଇସି ଡିଓଙ୍କ କାର୍ଯ୍ୟାଳୟରୁ ଚୋରି

**କଟକ, ୨୬।୫(ସମିସ):** ବାଦାମବାଡ଼ି ଥାନା ଲିଙ୍କରୋଡସ୍ଥିତ ଏଲଆଇସିର ଡିଓଙ୍କ କାର୍ଯ୍ୟାଳୟରୁ ଚୋରି ହୋଇଛି। ଗତକାଲି ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ କାର୍ଯ୍ୟାଳୟର କବାଟ ଭାଙ୍ଗି ଅଢ଼େଇ ଲକ୍ଷ ଟଙ୍କା ଚୋରାଇ ନେଇଛି। ଏନେଇ ବାଦାମବାଡି ଥାନାରେ ଅଭିଯୋଗ ପରେ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ଏଲଆଇସିର ଡିଓ(ଉନ୍ନୟନ ଅଧିକାରୀ) ଅରୁଣାଂଶୁ ଶତପଥୀଙ୍କ କାର୍ଯ୍ୟାଳୟରୁ ନଗଦ ଟଙ୍କା ସହିତ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜ ଚୋରାଇ ନେଇଛନ୍ତି। ପୁଲିସ ଆଖପାଖର ସିସିଟିଭି ଫୁଟେଜ ଯାଞ୍ଚ କରିଛି।

# ସତ୍ୟବାନଙ୍କ ପାଇଁ ବ୍ରତ ପାଳିଲେ ସାବିତ୍ରୀ

**କଟକ, ୨୬।୫(ସମିସ)**

ଆଜି ପବିତ୍ର ସାବିତ୍ରୀ ଅମାବାସ୍ୟା। ସତ୍ୟବାନଙ୍କ ପାଇଁ ବ୍ରତ ପାଳିଲେ ସାବିତ୍ରୀ। ଏଥି ପାଇଁ ସହରର ମନ୍ଦିର ଗୁଡ଼ିକ ଆଜି ହୋଇଥିଲା ଚଳଚଞ୍ଚଳ। ବିଭିନ୍ନ ଶୈବପୀଠ ସହିତ ଅନ୍ୟାନ୍ୟ ଦେବାଳୟରେ ଶ୍ରଦ୍ଧାଳୁ ମହିଳାଙ୍କ ଲାଗିଥିଲା ଲମ୍ବା ଧାଡି। ମନ୍ଦିର ଗୁଡ଼ିକରେ ଭୋର ସମୟରୁ ମହିଳାମାନେ ପୂଜାର୍ଚ୍ଚନା କରୁଥିବା ଦେଖିବାକୁ ମିଳିଥିଲା। ଦିନ ତମାମ ଉପବାସ ରହି ବିବାହିତ ମହିଳାମାନେ ସ୍ୱାମୀଙ୍କର ଦୀର୍ଘାୟୁ କାମନା କରି ବ୍ରତ ପରିଧାନ କରି ଓଷା ପାଳନ କରିଥିଲେ। ବିବାହିତ ମହିଳାଙ୍କର ଶ୍ରେଷ୍ଠ ବ୍ରତ ହେଉଛି ସାବିତ୍ରୀ। ପୁରାଣ ମତ ଅନୁସାରେ, ଶାଲ୍ୱ ଦେଶର ରାଜା ଦ୍ୱିମତ ସେନ୍‌ଙ୍କ ପୁତ୍ର ଥିଲେ ସତ୍ୟବାନ। ତାଙ୍କ ପତ୍ନୀ ସାବିତ୍ରୀଙ୍କର ଏକାଗ୍ରତା, ପବିତ୍ରତା ଓ ଧର୍ମ ଆଗରେ ଦିନେ ହାର ମାନିଥିଲେ ମୃତ୍ୟୁର ଦେବତା ଜମରାଜ। ପତ୍ନୀ ସାବିତ୍ରୀଙ୍କ ପାଇଁ ସ୍ୱାମୀ ସତ୍ୟବାନ ପୁର୍ନଜୀବନ ଫେରି ପାଇଥିଲେ। ଏଣୁ ପ୍ରତି ଜ୍ୟେଷ୍ଠ ମାସର ଅମାବାସ୍ୟା ଦିନ ସଧବା ନାରୀ ସାବିତ୍ରୀ ବ୍ରତ ପାଳନ କରିଥାନ୍ତି।

ବିବାହିତ ମହିଳାମାନେ ପୂଜା ସାରି ମଥାରେ













ପୂଜା ସିନ୍ଦୁର, ହାତରେ ନୂଆ ଶଙ୍ଖା, ଚୁଡି ଏବଂ ରଙ୍ଗବେରଙ୍ଗର ଶାଢ଼ୀ ପରିଧାନ କରି ସ୍ୱାମୀଙ୍କ ଦୀର୍ଘ ନିରାମୟ ଜୀବନ କାମନା କରି ତାଙ୍କ ଆଶୀର୍ବାଦ ନେଇଥିଲ। ସେହିପରି ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସହରରେ ସାବିତ୍ର ଉତ୍ସବ ପାଳନ କରାଯାଇଛି। ଅନ୍ୟପଟେ କଟକସହରର କିନ୍ନରମାନଙ୍କ ପକ୍ଷରୁ ସାବିତ୍ରୀ ବ୍ରତ ପାଳନ କରାଯାଇଛି। ଏହି ଅବସରରେ ବହୁ କିନ୍ନର କଲେଜଛକଠାରେ ଏକତ୍ରିତ ହୋଇ ପୂଜାର୍ଚ୍ଚନା କରିଥିଲେ।

# ପାଣି ପାଇଁ ୨ ଘଣ୍ଟା ଜାତୀୟ ରାଜପଥ ଅବରୋଧ



ଉମରକୋଟ,୨୬।୫(ସମିସ): ଝରିଗାଁରେ ଜଳକଷ୍ଟକୁ ନେଇ ଅତିଷ୍ଠ ଗ୍ରାମବାସୀ। ଜଳ ସମସ୍ୟା ନେଇ ଯାହାକୁ କହିଲେ କେହି ବୁଝୁନାହାନ୍ତି। ସମସ୍ୟା ଏତେ ବଢ଼ିଗଲା ଯେ ଶେଷରେ ଗରା, ମାଠିଆ ଧରି ଗ୍ରାମର ମହିଳାମାନେ ରାସ୍ତା ଅବରୋଧ କରି ଧାରଣା ଦେଇଥିବା ଦେଖିବାକୁ ମିଳିଥିଲା। ଝରିଗାଁରେ ଡହଡହ ଖରାରେ ପାଣି ପାଇଁ ନାହିଁ ନଥିବା ସମସ୍ୟା ଏବେ ବସୁଧା ଯୋଜନାର ଘରକୁଘର ବିଶୁଦ୍ଧ ପାଣି ଯୋଗାଣର ପୋଲ ଖୋଲିଦେଇଛି। ଆଜକୁ ଦୁଇବର୍ଷ ହେବ କାମ ଚାଲିଛି, ହେଲେ ଏଯାବତ ତାହା ସରିନି। ଏଭଳି ଅନେକ ପରିବାର ପାଣି ଟୋପେ ଆଦୌ ପାଇପାରୁନଥିବା ବେଳେ ଯାହାକୁ ମିଳୁଛି ତାହା ସମୁଦ୍ରକୁ ଶଙ୍ଖେ। ଦିନେ ଛାଡ଼ି ଦିନେ ଅଧ ଘଣ୍ଟା ଛଡ଼ାଯାଉଛି ପାଣି ହେଲେ ତାହାର ମଧ୍ୟ ଠିକଣା ନାହିଁ। ଛୁଆ ପିଲାଠାରୁ ବୃଦ୍ଧବୃଦ୍ଧା ଏହି ଜଳସଙ୍କଟର ଶିକାର ହେଉଛନ୍ତି। ଏପଟେ ଦୀର୍ଘଦିନ ହେବ କାମ ମନ୍ଥର ଗତିରେ ଚାଲିଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଥିବା ଦେଖିବାକୁ ମିଳୁଛି। ନବରଙ୍ଗପୁର ଜିଲ୍ଲା ଝରୀଗାଁ ବ୍ଲକ ଧୋଡ୍ରା ପଞ୍ଚାୟତ ଅଧୀନରେ ଥିବା ବିଡ୍ରିଗୁଡ଼ାର ଶତାଧିକ ମହିଳା ନବରଙ୍ଗପୁର ଉମରକୋଟ ରାଜରାସ୍ତାରେ ଗରା ମାଠିଆ ଧରି ପ୍ରତିବାଦ ଜଣାଇଥିଲେ। ଯାହାଫଳରେ ପ୍ରାୟ ଦୁଇ ଘଣ୍ଟା ଯାତାୟାତ ଠପ ହୋଇଯାଇଥିଲା। ପାଣି ସମସ୍ୟାର ସମାଧାନ ଲାଗି ଅଡ଼ି ବସିଥିଲେ ତେବେ ଘଟଣାସ୍ଥଳରେ ରାଜା ବୋରୱେଲର ମାଲିକ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି ୩ ଦିନ ମଧ୍ୟରେ ପାଣି ସମସ୍ୟା ଦୂର ହୋଇଯିବ ବୋଲି ଲୋକଙ୍କୁ ବୁଝାସୁଝା କରିଥିଲେ। ପ୍ରତିଶ୍ରୁତି ଦେବା ପରେ ମହିଳାମାନେ ଧାରଣାରୁ ଉଠିଥିଲେ।

# ଅନ୍‌ଲାଇନ ପେମେଣ୍ଟ ନାମରେ ଠକେଇ

କୋଷାଗୁମୁଡ଼ା,୨୬।୫(ସମିସ): କୋଷାଗୁମୁଡ଼ା ବ୍ଲକ ଅଧୀନ ମାଝୀଧନୁଆ ପଞ୍ଚାୟତ ଆଉଁଳି ଗାଁର ଯୋଗେଶ୍ୱର ଭତ୍ରା(୨୫)ଙ୍କ ଗ୍ରାହକ ସେବାକେନ୍ଦ୍ରକୁ ଜଣେ ଅଜଣା ଯୁବକ ଅନଲାଇନ ପେମେଣ୍ଟ ନାମରେ ଟଙ୍କା ଠକି ନେଇଥିବା ଅଭିଯୋଗ ହୋଇଛି।

ସୂଚନାନୁଯାୟୀ, ଯୋଗେଶ୍ୱରଙ୍କ ଗ୍ରାହକ ସେବାକେନ୍ଦ୍ରକୁ ଜଣେ ଅଜଣା ବ୍ୟକ୍ତି ଆସି ୮ ହଜାର ଟଙ୍କା ଦିଅ କହି ଅନଲାଇନରେ ଏକଟଙ୍କା ରିକ୍ୱେଷ୍ଟ ମେସେଜ କରିଥିଲା। ପରେ ଉକ୍ତ ଯୁବକ ୮ ହଜାର ଟଙ୍କା ଠକିନେଇ ତୁରନ୍ତ ବାଇକ୍ ଷ୍ଟାର୍ଟ କରି ଚାଲିଯାଇଥିଲା। ଗ୍ରାହକ ସେବାକେନ୍ଦ୍ରର ମାଲିକ ସେହି ସମୟରେ ନିଜ ଘର ପାଇଁ ଇନ୍ଧନ ଗ୍ୟାସ ଗାଡ଼ି ଆସିବାରୁ ତରଭରିଆ ଭାବେ ଉକ୍ତ ଠକକୁ ୮ ହଜାର ନଗଦ ବଢ଼ାଇ ଦେଇଥିଲେ। ଯୋଗେଶ୍ୱର ଗ୍ୟାସ ଆଣିବା ପାଇଁ ବ୍ୟସ୍ତ ହେଉଥିବା ବେଳେ ଠକ ଚମ୍ପଟ ମାରିଥିଲା। ପରେ ସେ ନିଜ ଅନଲାଇନ ଆକାଉଣ୍ଟକୁ ୮ ହଜାର ଟଙ୍କା ନ ଆସିବା ଦେଖି ଅବାକ ହୋଇଥିଲେ। ପରେ ଘଟଣାକୁ ନେଇ ସୋମବାର ଯୋଗେଶ୍ୱର କୋଷାଗୁମୁଡା ଥାନାରେ ଅଭିଯୋଗ କରିଛନ୍ତି। କୋଷାଗୁମୁଡା ଥାନା ଅଧିକାରୀ ଉମେଶ ଚନ୍ଦ୍ର ନାୟକ ଏତଲାକୁ ଭିତ୍ତି କରି ତଦନ୍ତ ଆରମ୍ଭ କରିଛନ୍ତି ବୋଲି ଜଣାପଡ଼ିଛି। ସେହିଭଳି କୋଷାଗୁମୁଡା ସଦର ମହକୁମାର ଏକ ତେଜରାତି ଦୋକାନରୁ ଅନଲାଇନ ପେମେଣ୍ଟ ନାମରେ ଟଙ୍କା ଦେବା ମେସେଜ ପଠାଇ ଠକ ପ୍ରାୟ ୧ହଜାର ଟଙ୍କାର ଜିନିଷସହ ଟଙ୍କା ନେଇଥିଲା। ପରେ ଦୋକାନୀ ତୁରନ୍ତ ଠକାମିର ଶିକାର ହୋଇଥିବା ଜାଣି ଉକ୍ତ ଠକକୁ ଥାନାରେ ବସାଇଥିଲେ। ପରେ ଉକ୍ତ ଠକକୁ କୋଷାଗୁମୁଡା ଥାନା ପୁଲିସ ଚେତାବନୀ ଦେଇ ଛାଡ଼ିଥିଲେ। ଦିନକୁ ଦିନ ଅନଲାଇନ ପେମେଣ୍ଟ ବ୍ୟବସ୍ଥା ଯୋଗୁଁ ସାଧାରଣ ଲୋକଙ୍କୁ ଠକ ଓ ସାଇବର ଲୁଟେରାମାନେ ଏଭଳି ଘଟଣା ଘଟାଇବାରେ ମାତିଛନ୍ତି।

# ୩ ଘଣ୍ଟା ବର୍ଷାରେ ବେହାଲ ଲକ୍ଷ୍ମୀପୁର

ଲକ୍ଷ୍ମୀପୁର,୨୬।୫(ସମିସ): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ୍‌ରେ ସୋମବାର ଅପରାହ୍ଣ ସାଢ଼େ ୩ଟାରୁ ସନ୍ଧ୍ୟା ୬ଟା ୩୦ ପର୍ଯ୍ୟନ୍ତ ପ୍ରବଳ ବର୍ଷା ହୋଇଛି। ଯାହାଦ୍ୱାରା ରାସ୍ତାଘାଟ,



ନଦୀନାଳ ଏପରିକି ଗାଁଦାଣ୍ଡ ସବୁ ଜଳମଗ୍ନ ହେବାସହ ଘଡ଼ଘଡି ସହ ପ୍ରବଳ ବର୍ଷିଛି। ସ୍ଥାନୀୟ କେତେ ଲୋକଙ୍କ ଘରେ ପାଣି ପଶି ଆଣ୍ଠୁଏ ଲେଖାଏଁ ବହୁଥିଲା। ବର୍ଷା ପାଣିରେ ଆସବାବପତ୍ର ସବୁ ଭିଜି ନଷ୍ଟ ହୋଇଥିବା ଲୋକେ କହିଛନ୍ତି। ୩ ଘଣ୍ଟା ବର୍ଷାରେ ୧୧୪.୬ ମିଲିମିଟର ବର୍ଷା ହୋଇଥିବା ଜଣାପଡ଼ିଛି। ବନ୍ଧିକାର ଆଦିବାସୀ ସାହିଦାଣ୍ଡରେ ଆଣ୍ଠୁଏ ଲେଖାଏଁ ପାଣି ନଦୀ ଭଳି ପ୍ରବାହିତ ହେଉଥିବା ଦେଖିବାକୁ ମିଳିଥିଲା। ଜାତୀୟ ରାଜପଥ ତଥା ଡୁମୁରୀପଦର ଛକ ନିକଟରେ ବର୍ଷା ଯୋଗୁଁ ଏକ ବ୍ରିଜ୍‌ର ପାଶ୍ୱର୍ ଖାଇଯିବାରୁ ଜାତୀୟ ରାଜପଥ ମଧ୍ୟ ଜାମ୍ ହୋଇଯାଇଥିଲା। ଗାଡ଼ି ଚଲାଚଳ କିପରି ସ୍ୱାଭାବିକ ହେବ ସେନେଇ ସ୍ଥାନୀୟ ତହସିଲଦାର ନୈବେଦ୍ୟ କୁମାର ଭୋଇ ନିଜେ ଉପସ୍ଥିତ ରହି ଠିକା ସଂସ୍ଥା ଦ୍ୱାରା କାମ କରାଇଥିଲେ ଏବଂ ଯାତାୟାତ ସ୍ୱାଭାବିକ ହୋଇଥିଲା। ଗତ ୧୬ ତାରିଖରେ ମଧ୍ୟ ଏଭଳି ଏକ ଘଡ଼ଘଡ଼ି ବର୍ଷା ହୋଇ ଉକ୍ତସ୍ଥାନରେ ପାଶ୍ୱର୍ ଖାଇଯାଇ ଯାତାୟାତରେ ଅସୁବିଧା ଉପୁଜି ଥିଲା।

# ଖେମାବେଡ଼ା ରାସ୍ତା ଶୋଚନୀୟ; ମରାମତି ପାଇଁ ଦାବି

କୁନ୍ଦୁରା,୨୬।୫(ସମିସ): ବୈପାରୀଗୁଡ଼ା ବ୍ଲକ ଅଧୀନ ଦଶମନ୍ତପୁର ଛକରୁ ଖେମାବେଡ଼ା ଗାଁକୁ ସଂଯୋଗ କରୁଥିବା ରାସ୍ତାବସ୍ଥା ଅତି ଶୋଚନୀୟ ହୋଇପଡ଼ିଛି। ପ୍ରତିଦିନ ଯାତାୟାତ ବେଳେ ହନ୍ତସନ୍ତ ହେଉଛନ୍ତି ଅଞ୍ଚଳବାସୀ। ଅଭିଯୋଗ କଲେ ବି ଫଳ ଶୂନ, ଯାହାକୁ ନେଇ ଜନ ଅସନ୍ତୋଷ ଦେଖିବାକୁ ମିଳୁଛି। ସୂଚନାନୁଯାୟୀ, ଦଶମନ୍ତପୁର କାକଲପୋଡା ଛକରୁ ଖେମାବେଡ଼ା ପର୍ଯ୍ୟନ୍ତ ୩.୩୦୦ କିମି ରାସ୍ତାକୁ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ୧ କୋଟି ୩୪ ଲକ୍ଷ ୬୩ ହଜାର ଟଙ୍କା ଅଟକଳ ମୂଲ୍ୟରେ ୨୦୧୭ ମସିହାରେ ରାସ୍ତା ନିର୍ମାଣ ହୋଇଥିଲା। କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ଦିନରୁ ୫ବର୍ଷ ମରାମତି କରିବାର ଗ୍ୟାରେଣ୍ଟି ଦିଆଯାଇଥିଲା। ମାତ୍ର କାମ ସରିବା ପରଠାରୁ ଠିକାଦାର ଏହି ରାସ୍ତା ପ୍ରତି ଆଉ ଦୃଷ୍ଟି ଦେଇନାହାନ୍ତି। ରାସ୍ତାଟି ସମ୍ପୂର୍ଣ୍ଣ ଖୋଳି ହୋଇଯିବାସହ ପିଚୁ ସବୁ ଉଠିଯାଇଛି। ଆଉ ମେଟାଲ ବାହାରି ରାସ୍ତା ନଷ୍ଟ ହୋଇଯାଇଛି। କେବଳ ଅଧ କିଲୋମିଟର ଛାଡ଼ିଦେଲେ ରାସ୍ତା ସବୁ ସ୍ଥାନରେ ଖାଲ ହୋଇଗଲାଣି। ଯଦ୍ୱାରା କି ପ୍ରତିଦିନ ଛୋଟ ବଡ଼ ଦୁର୍ଘଟଣା ଘଟୁଛି। ଏହାଏବେ ବିପଦ ସଂକୁଳ ହୋଇଛି। ଏହି ରାସ୍ତାଟି ବୈପାରୀଗୁଡ଼ା ବ୍ଲକ ମୁଖ୍ୟ କାର୍ଯ୍ୟାଳୟକୁ ସଂଯୋଗ କରୁଛି। ପ୍ରତିଦିନ ଶହଶହ ଗାଡ଼ି ଚଳାଚଳ ହେଉଛି। ଜରୁରୀକାଳୀନ ଆମ୍ବୁଲାନ୍ସ ସେବାରେ ବାଧା ସୃଷ୍ଟି ହେଉଛି। ଏପରିକି ବର୍ଷା ଋତୁ ଆସୁଛି, ତେଣୁ ସମସ୍ୟା ବଢ଼ିବାର ସମ୍ଭାବନା ଅଧିକ। ଉକ୍ତ ସମସ୍ୟାକୁ ନେଇ ସ୍ଥାନୀୟ ସରପଞ୍ଚ ମଞ୍ଜୁ ଶ୍ରୀ କରଲିଆ, ସମିତି ସଭ୍ୟା ପାର୍ବତୀ ଗଦବା, ୱାର୍ଡ ମେମ୍ବର ସେଲିଆ ଗଲାରୀ, ଗାଁର ଡମ୍ବୁ ସନ୍ତା, ଦୌଇତାରୀ ନାୟକ, ଭଗତ ପରଜା, ନର୍ସିଙ୍ଗ କରଲିଆ ପ୍ରମୁଖ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବା ପାଇଁ ଦାବି କରିଛନ୍ତି।

# କିନ୍ନର ସଂଘ ପକ୍ଷରୁ ସାବିତ୍ରୀ ବ୍ରତ

ନବରଙ୍ଗପୁର,୨୬।୫(ସମିସ): ନବରଙ୍ଗପୁର ଜିଲ୍ଲା କିନ୍ନର ସଂଘ ପକ୍ଷରୁ ସ୍ଥାନୀୟ ବିନାୟକ ଭବନ ପରିସରରେ ସାବିତ୍ରୀ ବ୍ରତ ପାଳନ ହୋଇଛି। ପୂଜାରେ ଜିଲ୍ଲାର କୋଣ ଅନୁକୋଣରୁ ଆସିଥିବା ସମସ୍ତ କିନ୍ନର ଯୋଗଦେଇ ଭାରତୀୟ ସୈନିକମାନଙ୍କ ସୁରକ୍ଷା ଓ ଦୀର୍ଘାୟୁ ନିମନ୍ତେ



ସାବିତ୍ରୀ ବ୍ରତ ପାଳନ କରିଛନ୍ତି। ପୂଜାରେ ଜିଲ୍ଲା କିନ୍ନର ସଂଘର ଅଧ୍ୟକ୍ଷ ମନୋଜ କୁମାର ପଟ୍ଟନାୟକ, ପ୍ରୋଜେକ୍ଟ ଲିଡର ଏମ.ବାଲା କୃଷ୍ଣ ରାଓ, ସମେତ ସଂଘର ଉପଦେଷ୍ଟା ଶର୍ମିଷ୍ଠା ଦେଓ, କିଶୋରୀ ପଟ୍ଟନାୟକ, ସ୍ୱର୍ଣ୍ଣଲତା ପଟ୍ଟନାୟକ, ଦୁର୍ଗା ପାଢ଼ୀ, ଅଶୋକ ନାୟକ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ସଂଘର ସଭାପତି କାଜଲ କିନ୍ନର, ସମ୍ପାଦକ ଚୁମକି କିନ୍ନର, ସହସମ୍ପାଦକ ପ୍ରୀତି କିନ୍ନର ପ୍ରମୁଖ ଯୋଗଦେଇଥିଲେ।

## ସୀମାନ୍ତରେ ୨୭ ମାଓବାଦୀଙ୍କ ମୃତ୍ୟୁ ଘଟଣା

# ମାଓନେତାଙ୍କ ସମେତ ୭ ମାଓବାଦୀଙ୍କ ଅନ୍ତିମସତ୍କାର କଲା ପୁଲିସ



ମାଲକାନଗିରି,୨୬।୫(ସମିସ): ଗତ ୨୧ ତାରିଖରେ ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ ନାରାୟଣପୁର ଜିଲ୍ଲା ଅବୁଜମାଡ ଜଙ୍ଗଲରେ ପୁଲିସ ଓ ମାଓବାଦୀଙ୍କ ମଧ୍ୟରେ ହୋଇଥିବା ବଡ ଧରଣର ଗୁଳିବିନିମୟରେ ୨୭ ଜଣ ମାଓବାଦୀ ନିହତ ହୋଇଥିଲେ। ଏହାପରେ ମୃତ ମାଓବାଦୀଙ୍କ ସମ୍ପର୍କୀୟମାନେ ମର ଶରୀର ନେବାକୁ ଦାବି କରିଥିଲେ। କେନ୍ଦ୍ରୀୟ ମାଓ କମିଟିର ସମ୍ପାଦକ ତଥା ମାଓନେତା ନମ୍ବାଲା କେଶବ ରାଓର ମଧ୍ୟ ଏଥିରେ ମୃତ୍ୟୁ ହୋଇଥିବାବେଳେ ମୃତକଙ୍କ ଭାଇ ରାମ ପ୍ରସାଦ ଏବଂ ତାଙ୍କ ମା' ଭାରତୀ ଆମ୍ମା ମର ଶରୀର ନେବାକୁ ଆଇନର ଆଶ୍ରୟ ନେଇଥିଲେ। କିନ୍ତୁ ମର ଶରୀର କୌଣସି ମତେ ପରିବାର ଲୋକଙ୍କୁ ପ୍ରଦାନ କରାଯାଇ ନଥିଲା। ୨୭ ମାଓବାଦୀଙ୍କ ମରଶରୀର ମଧ୍ୟରୁ ୨୦ ଟି ମରଶରୀର ତାଙ୍କ ସମ୍ପର୍କୀୟଙ୍କୁ ଦିଆଯାଇଥିବା ବେଳେ କେଶବ ରାଓଙ୍କ ସମେତ ଅନ୍ୟ ୭ ଜଣ ମାଓବାଦୀଙ୍କ ମର ଶରୀର ଗୁଡିକୁ ସୋମବାର ଛତିଶଗଡ ପୁଲିସ ନିଜେ ଶେଷକୃତ୍ୟ ସମ୍ପର୍ଣ୍ଣ କରିଥିଲେ। ଯାହାକୁ ନେଇ ମୃତ ମାଓବାଦୀ କେଶବ ରାଓଙ୍କ ଭାଇ ମାନବ ଅଧିକାର କ୍ଷୁର୍ଣ୍ଣ ହୋଇଥିବା ଅଭିଯୋଗ ଆଣିବା ସହ ସୁପ୍ରିମ କୋର୍ଟଙ୍କ ଦ୍ୱାରସ୍ଥ ହେବେ ବୋଲି ପ୍ରକାଶ କରିଛନ୍ତି।

**ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହେବେ କେଶବଙ୍କ ପରିବାର**

● ଅନୁପ୍ରବେଶକାରୀ ସନ୍ଦେହ

# ଗ୍ରାମବାସୀଙ୍କ ଅଭିଯୋଗ ପରେ ପୁଲିସର ତଦନ୍ତ ଆରମ୍ଭ

ମାଲକାନଗିରି,୨୬।୫(ସମିସ):



ସାରା ଦେଶରେ ଏବେ ବଙ୍ଗଳାଦେଶୀ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରାଯାଉଥିବା ବେଳେ ମାଲକାନଗିରି ଜିଲ୍ଲାରେ ମଧ୍ୟ ଆରମ୍ଭ ହୋଇଛି ଏହି ପ୍ରକ୍ରିୟା। ହେଲେ ମାଲକାନଗିରି ଜିଲ୍ଲା ଏମ୍‌ଭି-୪ ଗାଁର ଏକ ଘରେ କିଛି ଅଜଣା ଲୋକେ ବେଶ୍ କିଛି ମାସ ଧରି ରହିଥିବା ବେଳେ ଏମାନେ ଅନେକ ଅସାମାଜିକ କାମରେ ଲିପ୍ତ ରହିଥିବା, ଭାରତୀୟ ନାଗରିକ ହୋଇନଥିବା ଗାଁ ଲୋକେ ସନ୍ଦେହ କରିଥିଲେ। ଏହି ଯୁବକଙ୍କ ଠାରୁ ଗାଁ ଲୋକେ ଅସଲ ପରିଚୟ ମାଗିଥିବା ବେଳେ ଏମାନେ ବାରମ୍ବାର ନିଜର ବୟାନ ବଦଳାଇବା ଯୋଗୁଁ ଏମାନେ ବଙ୍ଗଳାଦେଶୀ ଅନୁପ୍ରବେଶକାରୀ ହୋଇଥିବା ଆଶଙ୍କା କରି ଗାଁ ଲୋକେ ପୋଲିସକୁ ଖବର ଦେଇଥିଲେ। ମାଲକାନଗିରି ଆଦର୍ଶ ଥାନା ପୋଲିସ ଗତକାଲି ବିଳମ୍ବିତ ରାତିରେ ଏମଭି-୪ ଗାଁରେ ପହଞ୍ଚି ଏହି ଯୁବକଙ୍କୁ ପଚରାଉଚୁରା କରିବା ପରେ ଥାନାରେ ଆଣି ଅଟକ ରଖିଛି। ତଦନ୍ତ ପରେ ଏମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମାଲକାନଗିରି ଥାନା ଅଧିକାରୀ ରିଗାନ କିଣ୍ଡୋ କହିଛନ୍ତି।

# ଗୁରୁକୃପା ପବ୍ଲିକ ସ୍କୁଲର ଦଶମ ଓ ଦ୍ୱାଦଶ ଫଳାଫଳ ପ୍ରକାଶ

ଉମରକୋଟ,୨୬।୫(ସମିସ): ଦୀର୍ଘ ୧୩ ଦିନ ପରେ ଗୁରୁକୃପା ପବ୍ଲିକ ସ୍କୁଲର ଦଶମ ଓ ଦ୍ୱାଦଶ ଶେଣୀର ପିଲାଙ୍କ ପରୀକ୍ଷା ଫଳାଫଳ ପ୍ରକାଶ ପାଇଛି। ଉମରକୋଟ ସ୍ଥିତ ଏକ ଅଗ୍ରଣୀ ଘରୋଇ ଶିକ୍ଷାନୁଷ୍ଠାନ ଭାବେ ପରିଚିତ ଗୁରୁକୃପା ପବ୍ଲିକ୍ ସ୍କୁଲ୍ ପୂର୍ବବର୍ଷମାନଙ୍କ ଭଳି ଚଳିତ ବର୍ଷ ମଧ୍ୟ ଫଳାଫଳକୁ ଦୋହରାଇ ଶତପ୍ରତିଶତ ସଫଳତା ହାସଲ କରିଛି। ସୂଚନାନୁଯାୟୀ ଉକ୍ତ ଅନୁଷ୍ଠାନରେ ସର୍ବମୋଟ ୧୩୧ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୫୭ ଜଣ ପ୍ରଥମ ଶ୍ରେଣୀରେ ଓ ୬୩ ଜଣ ଦ୍ୱିତୀୟ ଶ୍ରେଣୀରେ ଓ ତୃତୀୟ ଶ୍ରେଣୀରେ ୧୧ଜଣ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇ ସଫଳତା ଅର୍ଜନ କରିଛନ୍ତି। ସରୋଜ ପାଲ୍ ୯୧.୬ ପ୍ରତିଶତ ନମ୍ବର ରଖି ସର୍ବୋଚ୍ଚ ସ୍ଥାନ ଅଧିକାର କରିଥିବାବେଳେ ସିଦ୍ଧାନ୍ତ ସାହୁ ୮୪.୬ ନମ୍ବର ରଖି ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ପ୍ରଦୀପ ଗଣ୍ଡ ୮୨.୨ ନମ୍ବର ରଖି ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିଭଳି ଦ୍ୱାଦଶ ଶ୍ରେଣୀର ବାଣିଜ୍ୟରେ ୧୭ ଜଣ ପରୀକ୍ଷା ଦେଇଥିଲେ। ସେଥିମଧ୍ୟରୁ ୮ ଜଣ ପ୍ରଥମ ସ୍ଥାନ, ୫ ଜଣ ଦ୍ୱିତୀୟ, ୪ ଜଣ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିଭଳି ଦ୍ୱାଦଶ ଶ୍ରେଣୀରେ ବିଜ୍ଞାନରେ ସମୁଦାୟ ୩୭ ଜଣ ପରୀକ୍ଷା ଦେଇଥିଲେ। ସେଥିମଧ୍ୟରୁ ୨୧ ଜଣ ପ୍ରଥମ, ୧୨ ଜଣ ଦ୍ୱିତୀୟ, ୪ ଜଣ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଅନୁଷ୍ଠାନର ଏହି ସଫଳତା ନିମନ୍ତେ ଗୁରୁକୃପା ଅନୁଷ୍ଠାନର ସଭାପତି ମନୋଜ କୁମାର ପାଢ଼ୀ, ସମ୍ପାଦିକା ଶ୍ରୀମତୀ ସାଗରିକା ପଟ୍ଟନାୟକ, ଅଧକ୍ଷା ସ୍ୱପ୍ନା ପାଣିଗ୍ରାହୀ ସମସ୍ତ କୃତି ଛାତ୍ରଛାତ୍ରୀ ତଥା ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# 'କମାଲ କା କ୍ୟାମ୍ପ'ରେ ପିଲାଙ୍କ ଦକ୍ଷତା ବୃଦ୍ଧି ତାଲିମ



ମାଲକାନଗିରି,୨୬।୫(ସମିସ) : ଓଡିଶା ଶ୍ରମଜୀବୀ ମଞ୍ଚ, ମହିଳା ଶ୍ରମଜୀବୀ ମଞ୍ଚ ଓଡିଶା ଓ ଆଦିଶକ୍ତି ଟ୍ରଷ୍ଟ ସଦସ୍ୟ ସଂଗଠନର ମିଳିତ ଆନୁକୁଲ୍ୟରେ ମାଲକାନଗିରି ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଚତୁର୍ଥ, ପଞ୍ଚମ ଓ ଷଷ୍ଠ ଶ୍ରେଣୀର ପିଲାମାନଙ୍କ ପାଇଁ ଏକ ଗ୍ରୀଷ୍ମ କାଳୀନ ଶିବିର 'କମାଲ କା କ୍ୟାମ୍ପ' ଆରମ୍ଭ କରାଯାଇଛି। ପିଲାମାନଙ୍କ ଶ୍ରେଣୀରସ୍ତର ଅନୁଯାୟୀ ପଠନ, ଲିଖନ ଓ ମୌଳିକ ଗଣିତ ଦକ୍ଷତାକୁ ମଜବୁତ କରିବା ପାଇଁ ସଂଗଠନ ତରଫରୁ ଏହି ଶିବିରର ଆୟୋଜନ କରାଯାଉଛି। ମାଲକାନଗିରି ଜିଲ୍ଲା ମହିଳା ଶ୍ରମଜୀବୀ ଓ ଶ୍ରମଜୀବୀ ସଂଗଠନ ପ୍ରୟାସରେ ଜିଲ୍ଲାର ୭ ବ୍ଲକରେ ପ୍ରାୟ ୩୦୦ଶହରୁ ଉର୍ଦ୍ଧ୍ୱ ଗ୍ରାମରେ ପ୍ରାୟ ୩୨୦ ଜଣ ଗାଁର ଶିକ୍ଷିତ ଯୁବକ ଓ ସ୍ୱେଚ୍ଛାସେବୀମାନଙ୍କୁ ନେଇ ଏହି ଗ୍ରୀଷ୍ମକାଳୀନ ଶିବିର ଆରମ୍ଭ କରାଯାଉଛି। ଶିବିରଗୁଡିକ ୬ ସପ୍ତାହ ପର୍ଯ୍ୟନ୍ତ ଚାଲିବ। ପ୍ରତ୍ୟେକ ସପ୍ତାହରେ ଅଲଗା ଅଲଗା ପାଠ୍ୟକ୍ରମ ଯେପରି, କିଛି ଅକ୍ଷର ଚିହ୍ନିବା, ବାକ୍ୟଗଠନ କରିବା ଓ ପଢିବା, ଗାଣିତିକ ଦକ୍ଷତା ମଧ୍ୟରେ ନମ୍ବର ଚିହ୍ନିବା, ମିଶାଣ ଓ ଫେଡ଼ାଣ କରିବା, ନାଚ ଗୀତ, ଗଳ୍ପ ମଧ୍ୟ ରହିଛି। ବିଦ୍ୟାଳୟ ଖୋଲିବା ପରେ ପିଲାମାନଙ୍କୁ ଶିକ୍ଷାପ୍ରତି ଆକୃଷ୍ଟ କରିବା ସହ ଶିକ୍ଷାର ଗୁଣାବତ୍ତା ବୃଦ୍ଧି ମଧ୍ୟ ହୋଇପାରିବ ବୋଲି ସଂଗଠନର କର୍ମକର୍ତ୍ତା ବଟକୃଷ୍ଣ ସାହୁ ପ୍ରକାଶ କରିଛନ୍ତି। ଏହି ଶିବିର ପରିଚାଳନା ଓ ତାଲିମ ପାଇଁ ରାମ ବଡ଼ନାୟକ, ମଦନ ହନ୍ତାଳ, ତ୍ରିନାଥ ବଡ଼ନାୟକ, ଚିତ୍ତରଞ୍ଜନ ସାହୁ, ମୁକୁନ୍ଦ ମାଡକାମୀ, ଗୋବର୍ଦ୍ଧନ ପାଙ୍ଗି, ରାମପଦ ପ୍ରଧାନ, ଶ୍ରୀନୁ ସେଲବମ, ଜିତେନ୍ଦ୍ର ଖିଲ ଓ ସଂଗଠନ ପକ୍ଷରୁ ସଭାପତି ରାଜେନ୍ଦ୍ର କବାସୀ, ଏରା ପଡିଆମୀ, ସୀତାରାମ ଦୁରୁଆ ପ୍ରମୁଖ ସହଯୋଗ କରିଥିଲେ।

# ଆଦିବାସୀ ସମାଜ ମହାସଂଘର ଗୃହ ପାଇଁ ଭୂମିପୂଜନ



ମାଲକାନଗିରି, ୨୬।୫ (ସମିସ):

ମାଲକାନଗିରି ଜିଲ୍ଲାରେ ୫୦ଭାଗରୁ ଉର୍ଦ୍ଧ ଆଦିବାସୀ ରହିଛନ୍ତି। ଦୀର୍ଘ ଦିନଧରି ଆଦିବାସୀ ସମୁଦାୟ ପକ୍ଷରୁ ବିଭିନ୍ନ ଦାବି ନିମନ୍ତେ ଆନ୍ଦୋଳନ କରାଯାଉଥିବା ମିଳିତ ଜିଲ୍ଲା ଆଦିବାସୀ ସମାଜ ମହାସଂଘ ପକ୍ଷରୁ ଏକ ସ୍ଥାୟୀଗୃହ ନିର୍ମାଣ ପାଇଁ ଦାବି ହୋଇଆସୁଥିଲା। ଏହି କ୍ରମରେ ଆଜି ଜିଲ୍ଲାପ୍ରଶାସନ ପକ୍ଷରୁ ସ୍ଥାନୀୟ ସିଆଡିମାଳ ଠାରେ ଜାଗାପ୍ରଦାନ କରାଯାଇଛି। ଏହି ଜାଗାକୁ ଜିଲ୍ଲା ସମାଜ ଆଦିବାସୀ ମହାସଂଘର ବନ୍ଧୁ ମୁଦୁଲି ଓ ଜିଲ୍ଲା ବିଜେଡି ବରିଷ୍ଠ ନେତା ଦୂର୍ଗାପ୍ରସାଦ ତ୍ରିପାଠୀଙ୍କ କରକମଳରେ ଭୂମି ପୂଜନ କରାଯାଇଛି। ଜିଲ୍ଲା ଆଦିବାସୀ ସମାଜ ମହାସଂଘର କର୍ମକର୍ତ୍ତାମାନଙ୍କ ସହ ଏସ୍‌ସି, ଏସ୍‌ଟି କ୍ରିୟାନୁଷ୍ଠାନ ସଭାପତି ଜରସବର ମାଢି, ଦଣ୍ଡକାରଣ୍ୟ ଲିବରେସନ ଅର୍ଗାନାଇଜେସନ ସଭାପତି ଲଳିତ ମାଡକାମୀ, ବୁଦ୍ରା କର୍ତାମୀ, ମୁକୁନ୍ଦ ମାଝୀ, ସମାରୁ ନାୟକ, ନୀଳକଣ୍ଠ ଡୋରା, ଇଶ୍ୱର ମାଡକାମୀ ସହିତ ବାଘା ମାଢି ଉପସ୍ଥିତ ଥିଲେ।

# ସୋମନାଥପୁର ପଞ୍ଚାୟତରେ ତ୍ରିରଙ୍ଗା ଶୋଭାଯାତ୍ରା

କୋରୁକୋଣ୍ଡା,୨୬।୫(ସମିସ):

ଅପରେସନ 'ସିନ୍ଦୂର'ରେ ସେନାର ବୀରତ୍ୱକୁ ସମ୍ମାନ ଜଣାଇ ସୋମବାର ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ସୋମନାଥପୁର ପଞ୍ଚାୟତର ବିଭିନ୍ନ ଗ୍ରାମରେ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସୋମନାଥପୁର ସରପଞ୍ଚ ଶ୍ରୀରାମଙ୍କ ପ୍ରତିମାଙ୍କୁ ପୁଷ୍ପମାଲ୍ୟ ଅର୍ପଣ କରିବା ପରେ ରାଲିର ଶୁଭାରମ୍ଭ କରିଥିଲେ। ପଞ୍ଚାୟତର ହାତୀଆମ୍ବ, ପିଲାକୁସୁମୀ, ସୋମନାଥପୁର, ଗୋପାଳପୁର, ମହେଶ୍ୱରପୁର, ଆପନମାଲା, ଏମଭି -୩୮, ଏମଭି-୩୬ ଏବଂ ଅନ୍ୟାନ୍ୟ ଗ୍ରାମର ପ୍ରାୟ ଶତାଧିକ ଲୋକେ ଏହି ବାଇକ ରାଲିରେ ଯୋଗଦେଇଥିଲେ। ଏହି ବାଇକ ରାଲି ସୋମନାଥପୁର ଗ୍ରାମରେ ଥିବା ମନ୍ଦିରରୁ ବାହାରି ପଞ୍ଚାୟତ ଅଧୀନରେ ଥିବା ବିଭିନ୍ନ ଗ୍ରାମ ପରିକ୍ରମା କରିବା ପରେ ତାର୍ଲାକୋଟା ବଜାରରେ ପହଁଞ୍ଚିଥିଲା। ହାତୀଆମ୍ବ ସ୍କୁଲର ପ୍ରଧାନଶିକ୍ଷକ ଆନନ୍ଦ ମଣ୍ଡଳ, ଶିକ୍ଷକ କୃଷ୍ଣକାନ୍ତ ସର୍ଦାର, ଦୀପକ ହାଲଦାର, ଅରୁଣ ସାହା, ବିଶେଶ୍ୱର ଦାସ, ଲକ୍ଷ୍ମଣ ମୁଦୁଲୀ, ଗଣେଷ ସୀସା, ବନମାଳୀ ଚାଲାଣ, ରବି ମାଝୀଙ୍କ ସମେତ ଶତାଧିକ ଗ୍ରାମବାସୀ ରାଲିରେ ଅଂଶଗ୍ରହଣ କରିଥିଲେ।

# ଦାମନଯୋଡ଼ିରେ ସାବିତ୍ରୀ ବ୍ରତ ପାଳିତ

ଦାମନଯୋଡ଼ି,୨୬।୫(ସମିସ): ଦାମନଯୋଡ଼ିର ବିଭିନ୍ନ ସ୍ଥାନରେ ସଧବା ନାରୀଙ୍କ ଦ୍ୱାରା ସାବିତ୍ରୀ ବ୍ରତ ପାଳିତ ହୋଇଯାଇଛି। ଦାମନଯୋଡ଼ିର ଭେଜାପୁଟ, ମାଥାଲପୁଟ, ନାଲକୋ ଟାଉନସିପ ସହିତ ଅଁଳାବାଡ଼ି କଲୋନୀ, ମରିଚମାଳ ଓ ଚମ୍ପାପଦର କଲୋନୀ ଆଦି ସ୍ଥାନରେ ଥିବା ବିଭିନ୍ନ ମନ୍ଦିରମାନଙ୍କରେ ସାବିତ୍ରୀ ବ୍ରତ ପାଇଁ ମହିଳାଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା।

## ଲକ୍ଷ୍ମୀପୁର ବିଧାୟକଙ୍କ ବିରୁଦ୍ଧରେ ବଟି ମାଗିବା ଅଭିଯୋଗ

# ମଦ ବ୍ୟବସାୟୀ ଜିଲ୍ଲାପାଳ ଓ ଏସ୍‌ପିଙ୍କ ଦ୍ୱାରସ୍ଥ



କୋରାପୁଟ,୨୬।୫(ସମିସ): ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉନ୍ତା ବିଦେଶୀ ମଦ ଓ ସରକାରୀ ଦେଶୀ ମଦ ଭାଟି ମାଲିକଙ୍କୁ ମାସିକ ୧ ଲକ୍ଷ ଟଙ୍କା ବଟି ଦାବି କରୁଥିବା ଏବଂ ଟଙ୍କା ନଦେଲେ ଦୋକାନ ବନ୍ଦ କରିବାକୁ ଧମକ ଦେଉଥିବା ଅଭିଯୋଗ କରି ମଦ ବ୍ୟବସାୟୀମାନେ ସୋମବାର ଜିଲ୍ଲାପାଳ ଓ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ମଦ ବ୍ୟବସାୟୀଙ୍କ ଅଭିଯୋଗ ଅନୁଯାୟୀ, ଶ୍ରୀ ସାଉନ୍ତା ନିର୍ବାଚିତ ହେବା ପରେ ସେମାନଙ୍କୁ ଡାକି ପ୍ରତି ମାସରେ ଦୋକାନ ପିଛା ୨ ଲକ୍ଷ ଟଙ୍କା ବଟି ଦେବାକୁ କହିଥିଲେ। ବ୍ୟବସାୟୀମାନେ ଅକ୍ଷମତା ପ୍ରକାଶ କରିବାରୁ ମାସିକ ଲକ୍ଷେ ଟଙ୍କା ଦେବାକୁ ବାଧ୍ୟ କରିଥିଲେ। ହେଲେ ସେମାନେ ଏତେ ଟଙ୍କା କେଉଁଠୁ ଦେବେ ବୋଲି ମନା କରିବାରୁ ଗତ ଦୁଇ ମାସ ହେବ ବିଧାୟକ ସେମାନଙ୍କୁ ବାରମ୍ବାର ଗାଳି ଗୁଲଜ କରି ମାନସିକ ନିର୍ଯାତନା ଦେବା ସହ ନିଜେ ଓ ଦଳୀୟ କର୍ମୀମାନଙ୍କ ମାଧ୍ୟମରେ ଧମକ ଚମକ ଦେଉଥିବା ଅଭିଯୋଗ କରିଛନ୍ତି। ବିଧାୟକଙ୍କ ଏଭଳି ନିର୍ଯାତନା ସତ୍ତ୍ୱେ ସେମାନେ ସରକାରଙ୍କ ନିୟମ ଅନୁଯାୟୀ ବ୍ୟବସାୟ ଚଳାଇ ଆସୁଥିବାବେଳେ ବିଧାୟକ ସୋମବାର ଦିନ ସମର୍ଥକମାନଙ୍କ ସହ ମିଶି ବନ୍ଧୁଗାଁ, ନାରାୟଣପାଟଣା, ଲକ୍ଷ୍ମୀପୁର, କାକିରିଗୁମ୍ମା ଓ ଦଶମନ୍ତପୁର, ପୋଡ଼ାଗଡ଼ରେ ଥିବା ଠିପିବନ୍ଦ ଓ ଠିପିଖୋଲା ବିଦେଶୀ ମଦ ଦୋକାନ ଏବଂ ସରକାରୀ ଦେଶୀ ମଦ ଭାଟିରେ ପଶି କର୍ମଚାରୀମାନଙ୍କୁ ଜବରଦସ୍ତ ବାହାରକୁ ନେଇ ତାଲା ପକାଇଥିଲେ। କର୍ମଚାରୀମାନଙ୍କ ଗୁହାରୀ ଶୁଣିବା ବଦଳରେ ଓଲଟା ଗୋଡେଇ ଗୋଡେଇ ମାରିବାକୁ ଧମକ ଦେଇଥିବା ଅଭିଯୋଗ କରି ସେମାନଙ୍କୁ ନ୍ୟାୟ ଦେବାକୁ ବ୍ୟବସାୟୀମାନେ ଅନୁରୋଧ କରିଛନ୍ତି। ବିଶିଷ୍ଟ ବ୍ୟବସାୟୀ ନାରାୟଣ ବିଶୋଇଙ୍କ ନେତୃତ୍ୱରେ ବନ୍ଧୁଗାଁର ବାର ମାଲିକ ବିଷ୍ଣୁ ବିଶୋଇଙ୍କ ସହ ଆଦର୍ଶ ଗୁପ୍ତା, ରଘୁନାଥ ବେହେରା, ସୌରଭ ଜୟସ୍ୱାଲ, ଭରତ ବିଶୋଇ,ଡି ଭି ବି ଏସ ସିହ୍ନା ପ୍ରମୁଖ ମଦ ବ୍ୟବସାୟୀ ଜିଲ୍ଲାପାଳ, ଏସପି ଏବଂ ଅବକାରୀ ଅଧିକ୍ଷକଙ୍କୁ ଅଭିଯୋଗ ପତ୍ର ଦେବା ସହ ଅବକାରୀ କମିଶନର ଏବଂ ଅବକାରୀ ମନ୍ତ୍ରୀଙ୍କ ନିକଟକୁ ପଠାଇଛନ୍ତି। ତାଙ୍କ ବିରୁଦ୍ଧରେ ଆସିଥିବା ଅଭିଯୋଗ ଭିତ୍ତିହୀନ, ସେ ଲକ୍ଷ୍ମୀପୁର ନିର୍ବାଚନ ମଣ୍ଡଳୀର ଗରିବ ଲୋକଙ୍କ ଜୀବନ ରକ୍ଷା ଓ ଅଞ୍ଚଳରେ ଶାନ୍ତି ବଜାୟ ରଖିବାକୁ ମଦ ବନ୍ଦ କରିବାକୁ ଚାହୁଁଛନ୍ତି, କିନ୍ତୁ କିଛି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ତାଙ୍କ ବିରୁଦ୍ଧରେ ମିଥ୍ୟା ଅଭିଯୋଗ କରିଛନ୍ତି, ଅଭିଯୋଗର ତଦନ୍ତ ହେଉ, ସତ ସାମନାକୁ ଆସିବ ବୋଲି ବିଧାୟକ ପବିତ୍ର ସାଉନ୍ତା ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇଛନ୍ତି। ମଦ୍ୟପାନ ଦ୍ୱାରା ଦୁର୍ଘଟଣା ବଢ଼ି ଚାଲିଛି , ଅନେକ ଧନଜୀବନ ନଷ୍ଟ ହେଉଛି, ତେଣୁ ତାଙ୍କର ମଦ ବିରୋଧୀ ଅଭିଯାନ ଜାରି ରହିବ ବୋଲି ବିଧାୟକ କହିଛନ୍ତି। ଅନ୍ୟପକ୍ଷରେ ଘଟଣା ସମ୍ପର୍କରେ ଲକ୍ଷ୍ମୀପୁର ଏସ୍‌ଡିପିଓ ବିଏନ୍ ଜଗତଙ୍କୁ ପଚାରିବାରୁ ବିଧାୟକଙ୍କ ବିରୁଦ୍ଧରେ ବିଭିନ୍ନ ଥାନାରେ ଅଭିଯୋଗ ହୋଇଛି, ସେଗୁଡ଼ିକର ତର୍ଜମା ଚାଲିଥିବା କହିଛନ୍ତି। ତେବେ ଆଜିର ଘଟଣାକୁ ନେଇ ବିଭିନ୍ନ ମହଲରେ ଭିନ୍ନ ଭିନ୍ନ ମତ ପ୍ରକାଶ ପାଉଥିବା ବେଳେ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

ଏମ୍‌ଏସ୍‌ସିବି ବିଶ୍ୱବିଦ୍ୟାଳୟରେ ସ୍ଥାୟୀ କୁଳପତି ନିଯୁକ୍ତି ପ୍ରସଙ୍ଗ

# ଉଚ୍ଚନ୍ୟାୟାଳୟଙ୍କ ପକ୍ଷରୁ ସରକାରଙ୍କୁ ଜବାବ ତଲବ




**ବାରିପଦା, ୨୬।୫(ସମିସ)**

ବାରିପଦା ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ (ଏମଏସସିବି) ବିଶ୍ୱବିଦ୍ୟାଳୟରେ ସ୍ଥାୟୀ କୁଳପତି ନିଯୁକ୍ତି ପ୍ରସଙ୍ଗକୁ ନେଇ ହାଇକୋର୍ଟର ଆଇନଜୀବୀ ପ୍ରବୀର କୁମାର ଦାସଙ୍କ ଦ୍ୱାରା ଦାଏର ହୋଇଥିବା ୧୪୬୩୪/ ୨୦୨୫ ନମ୍ବର ଜନସ୍ୱାର୍ଥ ମାମଲାର ଗତ ୨୦ ତାରିଖରେ ଓଡ଼ିଶା ଉଚ୍ଚନ୍ୟାୟାଳୟର ଅବସରକାଳୀନ ଖଣ୍ଡପୀଠ ଜଷ୍ଟିସ ଏସ.କେ ସାହୁ ଓ ଜଷ୍ଟିସ ଏମଏସ ସାହୁଙ୍କ ଦ୍ୱାରା ପ୍ରାରମ୍ଭିକ ଶୁଣାଣି କରାଯାଇ ରାଜ୍ୟ ସରକାରଙ୍କୁ ଜବାବ ଦାଖଲ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। କିନ୍ତୁ ଏ ପ୍ରସଙ୍ଗରେ ରାଜ୍ୟ ସରକାରଙ୍କ ପକ୍ଷରୁ ଜବାବ ରଖିବା ସକାଶେ ସମୟ ମଗାଯାଇଥିବାରୁ ଜୁନ ୩୦ ତାରିଖରୁ ଆରମ୍ଭ ହେବାକୁ ଥିବା ସପ୍ତାହରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଉଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀ ଶ୍ରୀ ଦାସଙ୍କ ପକ୍ଷରୁ ଦର୍ଶାଯାଇଛି ଯେ, ୨୦୨୨ ନଭେମ୍ବରରୁ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ସ୍ଥାୟୀ କୁଳପତି ନ ଥିବାରୁ ୨୦୨୨ ଡିସେମ୍ବର ୧୪ ତାରିଖରୁ ବାଲେଶ୍ୱରର ଫକୀର ମୋହନ ବିଶ୍ୱବିଦ୍ୟାଳୟର କୁଳପତି ସନ୍ତୋଷ ତ୍ରିପାଠୀଙ୍କୁ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। କିନ୍ତୁ ଓଡ଼ିଶା ବିଶ୍ୱବିଦ୍ୟାଳୟ ଅଧିନିୟମ ୧୯୮୯ ଅନ୍ତର୍ଗତ ୬ ଧାରାର ୧୦ ଉପଧାରା ଅନୁସାରେ ଗୋଟିଏ ବିଶ୍ୱବିଦ୍ୟାଳୟ ଦାୟିତ୍ୱରେ ଅନ୍ୟ ବିଶ୍ୱବିଦ୍ୟାଳୟ କୁଳପତି ୧ ବର୍ଷରୁ ଅଧିକ ସମୟ ରହି ପାରିବେ ନାହିଁ। ମାତ୍ର ଶ୍ରୀ ତ୍ରିପାଠୀ ୨ବର୍ଷରୁ ଅଧିକ ସମୟ ଏପରି ଦାୟିତ୍ୱରେ ରହିଲେଣି। ରାଜ୍ୟ ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ଗତ ୨୦୨୪ ଜୁନ ମାସ ୧୩ତାରିଖରେ ସ୍ଥାୟୀ କୁଳପତି ନିଯୁକ୍ତି ପଇଁ ଏକ ବିଜ୍ଞପ୍ତି ମଧ ପ୍ରକାଶ ପାଇଥିଲା। ଏ ସମ୍ପର୍କରେ ସୂଚନା ଅଧିକାର ଆଇନ ଅନୁସାରେ ଉଚ୍ଚଶିକ୍ଷା ବିଭାଗର ଜନ ସୂଚନା ଅଧିକାରୀ ଗତ ୨୦୨୫ ଏପ୍ରିଲ ୮ ତାରିଖରେ ଦେଇଥିବା ତଥ୍ୟ ଅନୁଯାୟୀ ଉକ୍ତ ବିଜ୍ଞପ୍ତି ଆଧାରରେ ଏ ପର୍ଯ୍ୟନ୍ତ କୁଳପତି ନିଯୁକ୍ତି ପଇଁ କୌଣସି ପଦକ୍ଷେପ ନିଆଯାଇ ନାହିଁ। ବିଶ୍ୱବିଦ୍ୟାଳୟରେ ୨ବର୍ଷରୁ ଅଧିକ ସମୟ ଧରି ସ୍ଥାୟୀ କୁଳପତି ନ ଥିବା ଘଟଣା ସରକାରଙ୍କ ଅବହେଳାକୁ ଦର୍ଶାଉଛି ବୋଲି ଆବେଦନକାରୀ ଶ୍ରୀ ଦାସଙ୍କ ପକ୍ଷରୁ ଦର୍ଶାଯାଇଛି। ଏଣୁ ଏହି ପରିପ୍ରେକ୍ଷୀରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ସ୍ଥାୟୀ କୁଳପତି ନିଯୁକ୍ତି ପାଇଁ ତୁରନ୍ତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେବା ପାଇଁ ଏହି ଜନସ୍ୱାର୍ଥ ମାମଲାରେ ଆବେଦନ କରାଯାଇଛି। ଏହି ମାମଲାରେ ରାଜ୍ୟ ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗର ସଚିବ, କୁଳାଧିପତିଙ୍କ ପ୍ରମୁଖ ସଚିବ ଏବଂ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର କୁଳସଚିବଙ୍କୁ ପକ୍ଷଭୁକ୍ତ କରାଯାଇଛି।

# ଶିଶୁଙ୍କ କୁପୋଷଣ ଦୂର କରିବ 'ଆମ କଳିକା କେନ୍ଦ୍ର'



**ବାରିପଦା/କୁଆମରା, ୨୬।୫(ସମିସ):** ଶିଶୁ ଶୈଶବ ମଜଭୁତ ହେଲେ ଶିଶୁର ଭବିଷ୍ୟତ ତଥା ସର୍ବାଙ୍ଗୀନ ଉନ୍ନତି ଅତି ଉତ୍ତମ ହୋଇଥାଏ। ଏହାକୁ ଦୃଷ୍ଟିରେ ରଖି ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଓମ୍ବାଡିସି ସହାୟତରେ ମୟୂରଭଞ୍ଜ ଜିଲ୍ଲା ଗୋପବନ୍ଧୁ ନଗର, ବାରିପଦା ସଦର ମୋଡା, ବାଙ୍ଗିରିପୋଷି, କୁଳିଅଣା ଓ ଶୁଳିଆପଦା ବ୍ଲକର ୨୬୨ଟି ଗ୍ରାମରେ ନିୟତି ଫାଉଣ୍ଡେସନ ତରଫରୁ ୭ ମାସରୁ ୩ ବର୍ଷର ଶିଶୁଙ୍କ ପାଇଁ 'ଆମ କଳିକା କେନ୍ଦ୍ର' ସ୍ଥାପନ କରାଯାଉଛି। ଏହି କେନ୍ଦ୍ରରେ ଗ୍ରାମର ଦୁଇଜଣ ଅନୁଭବୀ ମହିଳାଙ୍କୁ ତାଲିମ ଦିଆଯାଇ ପରିଚାଳନା ଦାୟିତ୍ୱ ଅର୍ପଣ କରାଯାଉଛି। ଏହି କ୍ରମରେ ମୟୂରଭଞ୍ଜ ଜିଲ୍ଲାର ଗୋପବନ୍ଧୁନଗର ବ୍ଲକର ୨୦ଟି ଗ୍ରାମର ୪୦ ଜଣ ମହିଳାଙ୍କୁ ଚୟନ କରାଯାଇ ଗତ ୨୦ରୁ ୨୬ ତାରିଖ ପର୍ଯ୍ୟନ୍ତ ୭ ଦିନିଆ ପ୍ରଶିକ୍ଷଣ ଶିବିର ଆୟୋଜନ କରାଯାଇଛି। ଶିବିରରେ ଶିଶୁମାନଙ୍କ ମାନସିକ ବିକାଶ ଶାରୀରିକ ବିକାଶ, ଭାଷାଗତ ବିକାଶ ପାଇଁ ଫାଉଣ୍ଡେସନ ତରଫରୁ ପ୍ରଶିକ୍ଷଣ ଦେବା ସଙ୍ଗେ ସଙ୍ଗେ ବିଭିନ୍ନ ପ୍ରକାର ନାଚ, ଗୀତ, ଖେଳ ମାଧମରେ ପ୍ରଶିକ୍ଷଣ ଦିଆଯାଉଛି। ଶିଶୁମାନଙ୍କ ଦୈନନ୍ଦିନ ଜୀବନରେ ପୌଷ୍ଟିକ ଭୋଜନ, ସୁରକ୍ଷା, ଖେଳ ମାଧମରେ ଶିକ୍ଷା, ଟିକାକରଣ, ସ୍ୱାସ୍ଥ୍ୟ ପରୀକ୍ଷା, ସଫାସୁତରା ଓ ସ୍ନେହ ଆଦର ନିତାନ୍ତ ଆବଶ୍ୟକ। ଏଥିପାଇଁ ଫାଉଣ୍ଡେସନ ତରଫରୁ ବ୍ରଜଗୋପାଳ ଦାସ, ମନୋରଞ୍ଜନ ମହାନ୍ତ, ଶର୍ମିଷ୍ଠା ବାରିକ, ନବୀନ ଚନ୍ଦ୍ର ପାତ୍ର, ଭାଗ୍ୟରେଖା ସିଂହ, ରେକ୍ଷାଂଶ ଓମ ବେହେରା, ସୁମନ୍ତ ରଞ୍ଜନ ପଣ୍ଡା ଓ ଆଶିଷ କୁମାର ମହାନ୍ତି ତାଲିମ ଶିବିର ଆୟୋଜନ କରିଥିଲେ। ଗୋପବନ୍ଧୁ ନଗର ବ୍ଲକର ସିଡିପିଓ ଭାନୁମତୀ ବେହେରା ପହଞ୍ଚି ଶିବିରାର୍ଥୀଙ୍କୁ ଉତ୍ସାହିତ କରିଥିଲେ। ଶେଷରେ ପ୍ରକଳ୍ପ ସଂଯୋଜକ ଆଶିଷ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ଚର୍ଚ୍ଚାରେ ଚଳଚ୍ଚିତ୍ର 'ତୁମେ ନ ଥିଲେ'...

**ବାରିପଦା, ୨୬।୪(ସମିସ):** ଅଂଶୁମାନ ପ୍ରଡକସନ୍ ତଥା ଚିନ୍ମୟ ଦାସ ପଟ୍ଟନାୟକଙ୍କ ରଚିତ ଓ ନିର୍ଦ୍ଦେଶିତ ଓଡ଼ିଆ ଚଳଚ୍ଚିତ୍ର 'ତୁମେ ନ ଥିଲେ' ମୁକ୍ତିଲାଭ କରି ବାରିପଦାର ରକ୍ସି ସିନେମା ହଲରେ ପୂର୍ଣ୍ଣ ପ୍ରେକ୍ଷାଳୟରେ ଆଗେଇ ଚାଲିଛି। ନିଚ୍ଛକ ପାରିବାରିକ, ପ୍ରେମ ଆବେଗଭରା ମୌଳିକ କାହାଣୀ ଉପରେ ଆଧାରିତ ଏହି ଚଳଚ୍ଚିତ୍ରର ପ୍ରତ୍ୟେକ କଳାକାରଙ୍କ ଅଭିନୟ ଅତି ସାବଲୀଳ ଥିବାବେଳେ ନାୟକ ମଣ୍ଟୁ (ଶୁଭାଶିଷ ଶର୍ମା), ନାୟିକା ଗୁଡ଼ି (ସାହିଲ ମିଶ୍ର)ଙ୍କ ଅଭିନୟ ଅତି ନିଖୁଣ ଥିଲା। କାହାଣୀ ଓ ସଂଳାପ ଯେମିତି ବଳିଷ୍ଠ, ସଙ୍ଗୀତ ସେମିତି ଉଚ୍ଚକୋଟୀର।



ନବାଗତ ଗାୟକ କୁମାର ସୁଜିତ, ନବାଗତା ଗୀତିକାର ଡକ୍ଟର ଅସୀମା ସାହୁ, ନବାଗତ ଶିଶୁ କଳାକାର ବିନୁ (ଶ୍ରେୟାଂଶୁ ବେହେରା), ନବାଗତ ଏଡିଟର ମୁନା ମୋଦୀଙ୍କ ସଫଳ ଆବିର୍ଭାବ ଏହି ଚଳଚ୍ଚିତ୍ରର ଅନ୍ୟତମ ଆକର୍ଷଣ। 'ବିଶ୍ୱାସ' ଫେମ୍ ନିର୍ଦ୍ଦେଶକ ଚିନ୍ମୟ ଦାସ ପଟ୍ଟନାୟକଙ୍କ ବଳିଷ୍ଠ ନିର୍ଦ୍ଦେଶନାରେ ନିର୍ମିତ ଏହି ଚଳଚ୍ଚିତ୍ରର ନବାଗତ ପ୍ରଯୋଜକ ସୁରେନ୍ଦ୍ର ନାଥ ବେହେରା ଥିବାବେଳେ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ଅଭିଜିତ ମଜୁମଦାର। ଦୀର୍ଘଦିନ ପରେ ଏଭଳି ଏକ ନିଖୁଣ ପାରିବାରିକ ସଫଳ ଓଡ଼ିଆ ଚଳଚ୍ଚିତ୍ର ଭେଟି ଦେଇଥିବାରୁ ଦର୍ଶକ ଏବଂ ସିନେ ପ୍ରେମୀଗଣ ନିର୍ଦ୍ଦେଶକ ଓ ତାଙ୍କର ପୁରା ଟିମ୍‌କୁ ବଧେଇ ଜଣାଇଛନ୍ତି।

କିନ୍ନର ପାଳିଲେ ନିଆରା ସାବିତ୍ରୀ ବ୍ରତ

# ସମାଜର ଶୁଭ ମନାସୀ କଲେ ଗୁରୁଙ୍କୁ ପୂଜା



**ବାରିପଦା, ୨୬।୫(ସମିସ):** ସାବିତ୍ରୀ ବ୍ରତରେ କିନ୍ନରମାନେ ନିଆରା ବ୍ରତ ପାଳିଛନ୍ତି। ହାତରେ ପୂଜା ପାଇଁ ଫୁଲ, ଫଳ ଥାଳି ସହିତ ନୂଆ ଶାଢୀ ପିନ୍ଧି ସକାଳୁ ସକାଳୁ ମନ୍ଦିରରେ ନିଜ ଗୁରୁଙ୍କ ଦୀର୍ଘାୟୁ କାମନା ସହିତ ସମାଜର ଶୁଭ ମନାସୀ ପୂଜାର୍ଚ୍ଚନା କରିଛନ୍ତି। ସାବିତ୍ରୀ ବ୍ରତ ଓଡ଼ିଆ ସଂସ୍କୃତି ଓ ପରମ୍ପରାର ଅନନ୍ୟ ପର୍ବ। ସ୍ୱାମୀଙ୍କ ମଙ୍ଗଳ ଓ ଦୀର୍ଘାୟୁ କାମନା କରି ପ୍ରତି ଓଡିଆ ଘରର ମହିଳାମାନେ ବ୍ରତ ପାଳିଛନ୍ତି। ସାବିତ୍ରୀଙ୍କ ପତି ଭକ୍ତିକୁ ମନେ ପକାଇ ପୂଜାର୍ଚ୍ଚନା କରିଛନ୍ତି। ସାବିତ୍ରୀ ବ୍ରତରେ ସ୍ୱାମୀର ଦୀର୍ଘାୟୁ ଜୀବନ କାମନା କରି ଦିଅଁ ପୂଜିଥାନ୍ତି ସ୍ତ୍ରୀ। ଓଡିଆ ଘରର ଏହି ପର୍ବଟିକୁ ସାଧାରଣତଃ ସଧବାମାନେ ହିଁ ସ୍ୱାମୀଙ୍କ ନିରାମୟ ଜୀବନ କାମନା କରି ଏହି ବ୍ରତ ପାଳନ କରିଥାନ୍ତି। କିନ୍ତୁ ଏହି ପରମ୍ପରାରୁ ବାଦ ପଡ଼ିନାହାଁନ୍ତି କିନ୍ନର। ବାରିପଦା ସହରରେ କିନ୍ନରମାନେ ରୀତିନୀତି ଅନୁଯାୟୀ ମଙ୍ଗଳ ମନାସୀ ବ୍ରତ ପାଳନ କରିଛନ୍ତି। ଏହି ଅବସରରେ ସୋମବାର ସୁନାମୁହିଁ ଠାରେ କିନ୍ନରମାନେ ଏକାଠି ହୋଇ ସାବିତ୍ରୀ ବ୍ରତ ପାଳନ କରିଛନ୍ତି। ଶଙ୍ଖା ସିନ୍ଦୂରରୁ ନେଇ ଫଳମୂଳ ଓ ନୂଆ ବସ୍ତ୍ର ଦେଇ ନିଜର ଗୁରୁ ତଥା ସମାଜର ମଙ୍ଗଳ କାମନା କରି କିନ୍ନରମାନେ ବ୍ରତ ପାଳନ କରିଛନ୍ତି। ଏହି ସାବିତ୍ରୀ ବ୍ରତକୁ ସେମାନେ ଗୁରୁଶିଷ୍ୟ ପରମ୍ପରା ବୋଲି ମାନିଥାନ୍ତି। ଖାଲି ସେତିକି ନୁହେଁ, ସେମାନେ ଗୁରୁଙ୍କୁ ହିଁ ତାଙ୍କର ପରିବାର ମାନନ୍ତି। ତେଣୁ ତାଙ୍କର ମଙ୍ଗଳ କାମନା କରି ଏହି ସାବିତ୍ରୀ ବ୍ରତ କରିଥାନ୍ତି। ମହିଳା ବ୍ରତଧାରୀମାନେ ଯେଉଁଭଳି ପୂଜା କରିଥାନ୍ତି। ସେହିପରି ସମାନ ଢଙ୍ଗରେ ମଧ କିନ୍ନରମାନେ ସାବିତ୍ରୀ ବ୍ରତ ପାଳନ କରିଛନ୍ତି। ସାବିତ୍ରୀ ବ୍ରତ ପାଇଁ ସବୁଠି ଆଧ୍ୟାତ୍ମିକ ପରିବେଶ ସହିତ ମନ୍ତ୍ରପାଠ ଓ ଶଙ୍ଖ ହୁଳୁହୁଳି ଶବ୍ଦରେ ପ୍ରକମ୍ପିତ। ପୂଜାବ୍ରତ ଥାଳି ସାଜସଜ୍ଜା କରି ନୂଆ ସାଢି ପରିଧାନ କରି ବ୍ରତଧାରୀ ମନ୍ତ୍ର ଉଚ୍ଚାରଣ ସହିତ ପୂଜକକୁ ନେଇ ପୂଜାପାଠ କରିଛନ୍ତି। ବ୍ରତଧାରୀଙ୍କୁ ସେମାନଙ୍କ ମନସ୍କାମନା ପୂରଣ କରିବାକୁ ସଂକଳ୍ପ ପୂଜା କରାଇଛନ୍ତି। ସେମାନଙ୍କ ସମ୍ପ୍ରଦାୟର ପୂଜକ ମଧ ଜଣେ ପରିପକ୍ୱ ପୂଜକ ଭଳି ମନ୍ତ୍ର ଉଚ୍ଚାରଣ କରି ପୂଜାପାଠ କରିଛନ୍ତି। ହେଲେ ଏହି ଦୃଶ୍ୟ ବେଶ୍ ନିଆରା ଥିଲା। କେବଳ ଯେ ନିଜ ଗୁରୁଙ୍କ ଦୀର୍ଘାୟୁ କାମନା କରି କିନ୍ନର ସମ୍ପ୍ରଦାୟ ଏହି ବ୍ରତ ରଖିଛନ୍ତି ତାହା ନୁହଁ ସମାଜର ମଙ୍ଗଳ ମନାସୀ ଏହି ପୂଜାର୍ଚ୍ଚନା ସମାଜକୁ ଏକ ଭିନ୍ନ ବାର୍ତ୍ତା ମଧ ଦେଇଛନ୍ତି।

# ଜମି ବିକ୍ରି ଆଳରେ ୫ ଲକ୍ଷ ଠକେଇ ଅଭିଯୋଗ

**ବାରିପଦା, ୨୬।୫(ସମିସ):** ଜମି ବିକ୍ରି ଆଳରେ ୫ ଲକ୍ଷ ଟଙ୍କା ଠକେଇ ହୋଇଥିବା ନେଇ ଅଭିଯୋଗ ହୋଇଛି। ଏନେଇ ୱାର୍ଡ ନମ୍ବର ୨୩ ଅଞ୍ଚଳର ସମା ପରବିନ ବାରିପଦା ଟାଉନ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଅଭିଯୋଗ ଅନୁଯାୟୀ, ନିଲୁଫା ବେଗମଙ୍କଠାରୁ ସମା ଏକ ଜମି କିଣିବା ପାଇଁ ଅଗ୍ରୀମ ୫ ଲକ୍ଷ ଟଙ୍କା ଦେଇଥିଲେ। ଏଗ୍ରିମେଣ୍ଟ ପରେ ଅବଶିଷ୍ଟ ଏକଲକ୍ଷ ଟଙ୍କା ଦେବେ କହିଥିଲେ; କିନ୍ତୁ ବାରମ୍ବାର କହିବା ପରେ ନିଲୁଫା ଏଗ୍ରିମେଣ୍ଟ ବା ଜମିର ମାଲିକାନା କାଗଜପତ୍ର ଦେଇ ନ ଥିଲେ। ବିଭିନ୍ନ ବାହାନା ଦେଖାଇ ଜମି କାଗଜପତ୍ର ଦେଉ ନ ଥିଲେ। ମିଥ୍ୟା ପ୍ରତିଶ୍ରୁତି ଦେଇ ସମୟକୁ ଗଡ଼ାଇବାରୁ ସମା ଟଙ୍କା ଫେରସ୍ତ ମାଗିଥିଲେ। ଯାହାକୁ ନେଇ ନିଲୁଫା ତାଙ୍କୁ ଧମକ ଚମକ ଦେଇଥିଲେ। ଏହାପରେ ଟଙ୍କା ନେଇ ସହର ଛାଡି ଚମ୍ପଟ ମାରିବାକୁ ଯୋଜନା କରିଥିଲେ। ପରେ ସମା ଜାଣିବାରୁ ଥାନାରେ ଅଭିଯୋଗ କରିଛନ୍ତି। ତେବେ ନିଲୁଫା ପୂର୍ବରୁ ଅନ୍ୟମାନଙ୍କୁ ଏପରିଭାବେ ଜମି ବିକ୍ରି କରିବା ଆଳରେ ଠକେଇ କରିଥିବା ନେଇ ଅଭିଯୋଗପତ୍ରରେ ଉଲ୍ଲେଖ କରାଯାଇଛି।

# ୨୮ ରେ ୱାଟ୍‌କୋ ଘେରଉ କରିବ ଭଞ୍ଜସେନା

**ବାରିପଦା, ୨୬।୫(ସମିସ):** ମୟୂରଭଞ୍ଜ ଜିଲ୍ଲାର ସଦର ମହକୁମା ବାରିପଦାରେ ସାଧାରଣ ଜନତାଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇବା ପାଇଁ 'ୱାଟକୋ' ନିୟୋଜିତ ରହିଛି। ହେଲେ ୱାଟକୋ କେବଳ ଠିକାଦାରୀ କାର୍ଯ୍ୟରେ ବ୍ୟାପକ ଅନିୟମିତତାକୁ ଗୁରୁତ୍ୱ ଦେବା ଯୋଗୁଁ ସହରର ବହୁ ୱାର୍ଡରେ ଲୋକଙ୍କୁ ପାନୀୟ ଜଳ ପାଇଁ ସଂଘର୍ଷ କରିବାକୁ ପଡ଼ିଥାଏ; ମାତ୍ର ବେଡି ଉପରେ କୋରଡ଼ା ମାଡ଼ ଭଳି ୱାଟକୋ ବିଭାଗର ଦାୟିତ୍ୱହୀନତା ଯୋଗୁଁ ମଧ୍ୟ ବାରିପଦା ସହରରେ ଦୂଷିତ ପାନୀୟଜଳ ସମସ୍ୟା ପାଇଁ ଜଣ୍ଡିସ ବ୍ୟାପିବା ଚିନ୍ତାର ବିଷୟ ହୋଇଛି। ୱାଟକୋର ଦାୟିତ୍ୱହୀନ ପରିଚାଳନା ପାଇଁ ପାଇପ ଜଳ ଯୋଗାଣ ଉପରେ ନିର୍ଭରଶୀଳ ବାରିପଦା ପୌରପରିଷଦର ୨୮ଟି ୱାର୍ଡର ଲୋକେ ବିଭିନ୍ନ ରୋଗକୁ ଆମନ୍ତ୍ରଣ କରୁଛନ୍ତି। ସମୟସୀମା ମଧ୍ୟରେ ପାଇପ ଅପସାରଣ ନ କରିବା, ଡ୍ରେନ ଭିତରେ ପାଇପ ନେବା ଓ ଚେକପଏଣ୍ଟ ଗୁଡିକ ରାସ୍ତା ମଝିରେ ଖୋଲାରେ ରହିବା ଯୋଗୁଁ ଦୂଷିତ ପାଣି ସହର ସାରା ପ୍ରବାହିତ ହେଉଛି। ସେହିପରି କ୍ଷୁଦ୍ର ଜଳସେଚନ ବିଭାଗ ଆନୁକୂଲ୍ୟରେ ସହର ମଧ୍ୟରୁ ଛଡାଯାଉଥିବା ଅତ୍ୟନ୍ତ ଖରାପ ବର୍ଜ୍ୟବସ୍ତୁ ନେଇ ପ୍ରବାହିତ ଜରାଳୀ ସରାଳୀ ଓ ଶୁକଯୋଡ଼ା ନାଳ ମହାନାଳ ସଫେଇ କରାଯାଉ ନ ଥିବାରୁ ସାମାନ୍ୟ ବର୍ଷା ହେଲେ ଉଦବୃତ୍ତ ଜଳ ଲୋକଙ୍କ ଘରେ ପଶୁଛି। ଯଦ୍ଦ୍ୱାରା ସାଧାରଣ ଜନତା ନାହିଁ ନଥିବା ଦୁର୍ଦ୍ଦଶା ଭୋଗୁଛନ୍ତି। ଏହି ସମସ୍ୟାର ସମାଧାନ କରିବା ପାଇଁ ଭଞ୍ଜସେନା ପକ୍ଷରୁ ବହୁବାର ଦାବି କରାଯାଉଥିଲେ ସୁଦ୍ଧା ଉଭୟ ବିଭାଗ ନିରବଦ୍ରଷ୍ଟା ସାଜିଛନ୍ତି। ତେଣୁ ଆସନ୍ତା ୨୮ ତାରିଖରେ ବାରିପଦା ସ୍ଥିତ 'ୱାଟକୋ' ଏବଂ କ୍ଷୁଦ୍ର ଜଳସେଚନ ଅଫିସକୁ ଭଞ୍ଜସେନା ଘେରାଉ କରିବ ବୋଲି ସଂଗଠନର ସହର ସଭାପତି ରାକେଶ ମହାନ୍ତି ଏକ ପ୍ରେସ ବିବୃତ୍ତିରେ ଜଣାଇଛନ୍ତି।

# ଆନ୍ତଃ ବିଦ୍ୟାଳୟ କ୍ରିକେଟ୍; ସେଣ୍ଟ ଆନିଜ୍ ସ୍କୁଲ ବିଜୟୀ



**ବାରିପଦା, ୨୬।୫(ସମିସ):** ବାରିପଦା ବାରିପଦା ଷ୍ଟାଡିୟମ ପଡ଼ିଆରେ ଆୟୋଜିତ ଜିଲ୍ଲାସ୍ତରୀୟ ଆନ୍ତଃ ବିଦ୍ୟାଳୟ କ୍ରିକେଟ ଟୁର୍ଣ୍ଣାମେଣ୍ଟର ୧୦ମ ଦିନର ଖେଳରେ ସେଣ୍ଟ ଆନିଜ କନଭେଣ୍ଟ ସ୍କୁଲ ମୟୂରଭଞ୍ଜ କମ୍ବାଇଣ୍ଡ ସ୍କୁଲ ଟିମ- ଜି'କୁ ୨ ରନରେ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି ସେଣ୍ଟ ଆନିଜ କନଭେଣ୍ଟ ସ୍କୁଲ ୨୦ ଓଭରରେ ୭ ଉଇକେଟ ହରାଇ ୮୮ ରନ ସଂଗ୍ରହ କରିଥିଲା। ଜବାବରେ ଟିମ-ଜି ୧୮.୩ ଓଭରରେ ସମସ୍ତ ଉଇକେଟ ହରାଇ ୮୬ ରନ ସଂଗ୍ରହ କରିଥିଲା। ବିପକ୍ଷ ଦଳର କେଶବ ଖଣ୍ଡେଲୱାଲ ୪ ଟି ଉଇକେଟ ଅକ୍ତିଆର କରିବା ସହ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଅତିଥିଭାବେ ଆଇନଜୀବୀ ସରୋଜ କୁମାର ଦାସ, ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, ସହ ସମ୍ପାଦକ ବୈଦ୍ୟନାଥ ରଥ, ଅଶୋକ ପଟ୍ଟନାୟକ ଓ ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ ପ୍ରମୁଖ ଉପସ୍ଥିତ ଥିଲେ। ମଙ୍ଗଳବାର ମୟୂରଭଞ୍ଜ କମ୍ବାଇଣ୍ଡ ସ୍କୁଲ ଟିମ-ଜି ଏବଂ ଟିମ-ଏଫ ମଧରେ ଖେଳ ଅନୁଷ୍ଠିତ ହେବ।

# ମଦ୍ୟପ ସ୍କୁଟି ଚାଳକଙ୍କୁ କୋର୍ଟଚାଲାଣ

**ବାରିପଦା, ୨୬।୫(ସମିସ):** ମୁର୍ଗାବାଡି ଗୋଲେଇ ଅଞ୍ଚଳରେ ଯାନବାହନ ଯାଞ୍ଚ କରୁଥିବା ଜଣେ ପୁଲିସ କର୍ମଚାରୀଙ୍କୁ ମଦ୍ୟପ ଯୁବକ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଛି। ପୁଲିସକୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ଧମକ ଦେଇଥିବା ନେଇ ଯୁବକକୁ ପୁଲିସ ଗିରଫ କରିଛି। ଗିରଫ ଜଣକ ହେଲେ ଭଞ୍ଜପୁର ଥାନା ଅନ୍ତର୍ଗତ ମୁର୍ଗାବାଡ଼ି ଅଞ୍ଚଳର ସନ୍ଦୀପ ଜେନା(୪୦)। ଭଞ୍ଜପୁର ପୁଲିସ ମୁର୍ଗାବାଡ଼ି ଗୋଲେଇରେ ଯାଞ୍ଚ କରୁଥିବାବେଳେ ସନ୍ଦୀପ ଏକ ସ୍କୁଟିରେ ଭୁଲ ରାସ୍ତାରେ ଆସୁଥିଲେ। ତାଙ୍କୁ ପୁଲିସ ଅଟକାଇ ପଚରାଉଚରା କରିବାରୁ ସେ ନିଶାରେ ଗାଳିଗୁଲଜ କରିଥିଲେ। ପରେ ପୁଲିସ ଗିରଫ କରି ଥାନାକୁ ଆଣିଥିଲା। ଥାନାରେ ମଧ ନିଶାଶକ୍ତ ଅବସ୍ଥାରେ ହଙ୍ଗାମା କରିଥିଲେ। ପୁଲିସ ପକ୍ଷରୁ ଏକ ମାମଲା ରୁଜୁ କରି ସୋମବାର କୋର୍ଟ ଚାଲାଣ କରାଯାଇଛି।

# ସାପ କାମୁଡ଼ାରେ ବାଳିକାଙ୍କ ମୃତ୍ୟୁ

**ବହଳଦା, ୨୬।୫(ସମିସ):** ରବିବାର ବିଳମ୍ବିତ ରାତ୍ରି ବହଳଦା ଥାନା ଅଞ୍ଚଳ ତେନ୍ତଳା ଗାଁର ସିନଗୋ ମାର୍ଣ୍ଡି (୧୩) ଘରେ ଶୋଇଥିବାବେଳେ ଏକ ବିଷାକ୍ତ ସାପ କାମୁଡ଼ି ଦେଇଥିଲା। ପରେ ତାଙ୍କୁ ଗୁରୁତର ଅବସ୍ଥାରେ ପରିବାର ଲୋକେ ରାଇରଙ୍ଗପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସକ ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ପୁଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ କରାଇ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି।

# ପରିବା ବୋଝେଇ ପିକଅପ୍ ଦୁର୍ଘଟଣାଗ୍ରସ୍ତ

**ମହୁଲଡିହା, ୨୬।୫(ସମିସ):** ଠାକୁରମୁଣ୍ଡା ଥାନା ଠାକୁରମୁଣ୍ଡା କରଞ୍ଜିଆ ୫୩ ନଂ. ରାଜ୍ୟ ରାଜପଥର ଚାଇଁବାଇଶି ପେଟ୍ରୋଲ ପମ୍ପ ନିକଟରେ ଏକ ବିଲାତି ବୋଝେଇ ପିକଅପ୍‌କୁ ହାଇୱା ଧକ୍କା ଦେଇଥିଲା। ଫଳରେ ପିକ୍‌ଅପ୍‌ଟି ଭାରସାମ୍ୟ ହରାଇ ଶାଳ ଗଛକୁ ଧକ୍କା ଦେଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଘଟଣାରୁ ପ୍ରକାଶ ଯେ, ଯାଜପୁର ରୋଡ଼ରୁ ବିଲାତି ବୋଝେଇ କରି ପିକଅପ୍ ଭ୍ୟାନଟି ଝାଡ଼ଖଣ୍ଡର ରାଞ୍ଚି ଯାଉଥିଲା। ବିପରୀତ ଦିଗରୁ ଆସୁଥିବା ଏକ ହାଇୱା ସାଇଡ଼ ମାରିବାରୁ ଭାରସାମ୍ୟ ହରାଇଥିଲା ପିକ୍‌ଅପ୍; ମାତ୍ର ଡ୍ରାଇଭର ଦ୍ୱୟ ଅଳ୍ପକେ ବର୍ତ୍ତିଯାଇ ଆହତ ହୋଇ ଠାକୁରମୁଣ୍ଡା ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଠାକୁରମୁଣ୍ଡା ପୁଲିସ ଘଟଣାର ତଦନ୍ତ କରୁଛି।

# ରାଗ୍‌ଧା କଲେଜ ଛାତ୍ରଙ୍କୁ 'ରାଜୀବ ଗାନ୍ଧୀ ପ୍ରତିଭା' ପୁରସ୍କାର



**ବାରିପଦା, ୨୭।୫(ସମିସ):** ରାଗ୍‌ଧା ଶ୍ରୀରାମ ଚନ୍ଦ୍ର ଭଞ୍ଜ ସ୍ନାତକ ମହାବିଦ୍ୟାଳୟର +୩ ଶେଷ ବର୍ଷର ଛାତ୍ର ଜ୍ଞାନେନ୍ଦ୍ର ନାୟକ ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ପୁଣ୍ୟତିଥି ଅବସରରେ ଓଡ଼ିଶା ରାଜୀବ ଗାନ୍ଧୀ ଷ୍ଟୁଡେଣ୍ଟ ଫୋରମ ଦ୍ୱାରା ଭୁବନେଶ୍ୱର ଜୟଦେବ ଭବନରେ ଆୟୋଜିତ ରାଜୀବ ଗାନ୍ଧୀ ପ୍ରତିଭା ପୁରସ୍କାର ପ୍ରଦାନ କରାଯାଇଛି। ସେ ସମ୍ପାଦକ ସତ୍ୟଜିତ ନାୟକ ଏବଂ ପ୍ରଦେଶ କଂଗ୍ରେସ କମିଟିର ସଭାପତି ଭକ୍ତଚରଣ ଦାସଙ୍କଠାରୁ ପୁରସ୍କାର ଗ୍ରହଣ କରିଛନ୍ତି। ସେ ୨୦୨୨ରୁ ମହାବିଦ୍ୟାଳୟର ଯୁବରେଡ୍ କ୍ରସ୍ ସହ ଯୋଡି ହୋଇଛନ୍ତି। ସେ ଅସହାୟ, ଦୁଃଖୀ ଦରିଦ୍ରଙ୍କୁ ସେବା ମଧ ଜାରି ରଖିଛନ୍ତି। ସେବା କ୍ଷେତ୍ରରେ ତାଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ ସେ ଏହି ପୁରସ୍କାର ପାଇଛନ୍ତି। ତାଙ୍କର ଏହି ସଫଳତା ପାଇଁ ସେ ଜିଲ୍ଲା ଯୁବରେଡ୍ କ୍ରସ୍‌ର ସଂଯୋଜକ ଡକ୍ଟର ଦିଲ୍ଲୀପ କୁମାର ଭୋଇ, କନ୍‌ଭେନର ସେକ୍ରେଟେରୀ ରାଇମଣୀ ମାରାଣ୍ଡି, ମହାବିଦ୍ୟାଳୟ ଅଧକ୍ଷା ଡକ୍ଟର ଅସୀମା ସାହୁ, ଯୁବରେଡ୍ କ୍ରସର ପରାମର୍ଶଦାତା ଗୋପାଳକୃଷ୍ଣ ମହାନ୍ତ, ସୁଚିତ୍ର ବେହେରା ଏବଂ ମହାବିଦ୍ୟାଳୟର ସମସ୍ତ କର୍ମଚ୍ଚାରୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ସେ ମଧ ୨୦୨୪-୨୫ ବର୍ଷ ପାଇଁ ମହାବିଦ୍ୟାଳୟର ଶ୍ରେଷ୍ଠ ଛାତ୍ର ଭାବେ ପୁରସ୍କୃତ ହୋଇଛନ୍ତି। ଏହି ପୁରସ୍କାର ତାଙ୍କୁ ସମାଜସେବାରେ ଆହୁରି ଆଗକୁ ନେବ ବୋଲି ତାଙ୍କ ପ୍ରତିକ୍ରିୟାରେ ସେ କହିଛନ୍ତି।

କରଞ୍ଜିଆ ସ୍ୱୟଂଶାସିତ ମହାବିଦ୍ୟାଳୟ +୩ ପରୀକ୍ଷା ଫଳ ପ୍ରକାଶ

# ବିଜ୍ଞାନ ଛାତ୍ରୀ ସୋନାଲିକା ସାହୁ ବେଷ୍ଟ ଗ୍ରାଜୁଏଟ୍






**କରଞ୍ଜିଆ, ୨୬।୫(ସମିସ)**

କରଞ୍ଜିଆ ସ୍ୱୟଂଶାସିତ ମହାବିଦ୍ୟାଳୟ +୩ ଶେଷ ବର୍ଷର ପରୀକ୍ଷାଫଳ ସୋମବାର ଅଧକ୍ଷ ଯୋଗେଶ୍ୱର ମହାନ୍ତ, ପରୀକ୍ଷା ନିୟନ୍ତ୍ରକ ସତ୍ୟବ୍ରତ ସାହୁ, ଉପ ପରୀକ୍ଷା ନିୟନ୍ତ୍ରକ ଗୀତାଞ୍ଜଳି ବିର୍ତ୍ତିଆ ଓ ପ୍ରାଧ୍ୟାପକ ମନୋଜ କୁମାର ସାହୁ, ପ୍ରାଧ୍ୟାପକ ଡ. ଅବନୀ କୁମାର ଦାଶ ଓ ପ୍ରାଧ୍ୟାପକ ସୁଭାଷ ଚନ୍ଦ୍ର ଜେନାଙ୍କ ଉପସ୍ଥିତିରେ ପ୍ରକାଶ ପାଇଛି। ଚଳିତ ବର୍ଷ ବେଷ୍ଟ ଗ୍ରାଜୁଏଟଭାବେ ବିଜ୍ଞାନ ବିଭାଗର ଛାତ୍ରୀ ସୋନାଲିକା ସାହୁ ବିବେଚିତ ହୋଇଛନ୍ତି। ସେହିପରି +୩ କଳା ବିଭାଗରେ ୨୪୨ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୨୬ ଜଣ ପାସ ହୋଇଛନ୍ତି। ବିଜ୍ଞାନ ବିଭାଗରେ ମୋଟ ୧୧୫ଜଣରୁ ୧୦୭ ଜଣ ପାସ୍ କରିଥିବାବେଳେ ବାଣିଜ୍ୟ ବିଭାଗରେ ୪୪ ଜଣ ମଧ୍ୟରୁ ୪୧ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ଫଳରେ କଲେଜର ପାସ୍‌ହାର ୯୩.୫୧% ରହିଥିବା ଅଧକ୍ଷ ଶ୍ରୀ ମହାନ୍ତ ସୂଚନା ଦେଇଛନ୍ତି। କଳାରେ ସାଗରିକା ପଟ୍ଟନାୟକ, ବିଜ୍ଞାନରେ ସୋନାଲିକା ସାହୁ ଓ ବାଣିଜ୍ୟରେ ଶିବଶଙ୍କର ଦାସ ଟପ୍ପର ହୋଇ ଶ୍ରେଷ୍ଠ ଗ୍ରାଜୁଏଟ ବିବେଚିତ ହୋଇଛନ୍ତି। ସେହିପରି ସମ୍ମାନ ବିଭାଗ ଅନୁଯାୟୀ ଅର୍ଥନୀତି ବିଭାଗ ଦେବଦତ୍ତ ପାତ୍ର, ଇଂରାଜୀ ବିଭାଗରେ ଶୁଭ୍ରାଶ୍ରୀ ନାୟକ, ଇତିହାସ ବିଭାଗ ପୁଷ୍ପାଞ୍ଜଳୀ ବାରିକ, ଓଡିଆ ବିଭାଗରେ ଲକ୍ଷ୍ମୀପ୍ରିୟା ନାଏକ, ଦର୍ଶନ ଶାସ୍ତ୍ରରେ ଶିବାନୀ ବେହେରା, ରାଜନୀତି ବିଜ୍ଞାନରେ ସାଗରିକା ପଟ୍ଟନାୟକ, ସଂସ୍କୃତରେ ସୁଶ୍ରୀ ସଙ୍ଗୀତା ମହାନ୍ତ, ସାମାଜିକ ବିଜ୍ଞାନରେ ଅଞ୍ଜଳି ଲୋହାର, ଉଦ୍ଭିଦ ବିଜ୍ଞାନରେ ମାନସ ରଞ୍ଜନ ମହନ୍ତ, ରସାୟନ ବିଜ୍ଞାନରେ କଳ୍ପନା ମହାନ୍ତ, ଗଣିତରେ ଗଜଲା ୟସ୍ମିନ, ପଦାର୍ଥ ବିଜ୍ଞାନରେ ସୋନାଲିକା ସାହୁ, ଯୁବ ବିଜ୍ଞାନ (ଜୁଲୋଜି)ରେ ଏସ.ପି ଦେବସ୍ମିତା ଓ ବାଣିଜ୍ୟରେ ଶିବଶଙ୍କର ଦାସ ଟପ୍ପର ହୋଇଥିବା କଲେଜ ସୂତ୍ରରୁ ପ୍ରକାଶ।

# ‘ରାଉରକେଲା ୱାନ୍’ ବିଲ୍‌ଡିଂରେ ଫାଟ








**ନିର୍ମାଣରେ ବ୍ୟୟ ହୋଇଛି ୧୨୦ କୋଟି**

**କେମିକାଲ ଦେଇ ଫାଟ ଲୁଚାଇବାକୁ ଉଦ୍ୟମ**

ରାଉରକେଲା, ୨୬।୫(ସମିସ)

ରାଉରକେଲା ହକି ଛକ ନିକଟରେ ନିର୍ମାଣାଧୀନ ‘ରାଉରକେଲା ୱାନ୍’ ବିଲ୍‌ଡିଂରେ ଏବେ ଫାଟ ଦେଖିବାକୁ ମିଳିଛି । ଏହି ବିଲ୍‌ଡିଂ ନିର୍ମାଣ ପାଇଁ ୧୨୦ କୋଟି ଟଙ୍କାର ବ୍ୟୟ ଅଟକଳ ରହିଥିବାବେଳେ ଏହାର ଏକାଧିକ ସ୍ଥାନରେ ଫାଟ ସୃଷ୍ଟି ହେବା ସାଧାରଣରେ ଅସନ୍ତୋଷ ସୃଷ୍ଟି କରିଛି । ବିଲ୍‌ଡିଂରେ ଫାଟ ସୃଷ୍ଟି ହେବା ଜଣାପଡ଼ିବା ପରେ ଏହାକୁ କେମିକାଲ ଦେଇ ଲୁଚାଇବାକୁ ଠିକାଦାର ଉଦ୍ୟମ କରିଥିବା ଜଣାପଡ଼ିଛି ।

ରାଉରକେଲା ସ୍ମାର୍ଟ ସିଟି ପକ୍ଷରୁ ରାଉରକେଲା ୱାନ୍ ପ୍ରକଳ୍ପ କାର୍ଯ୍ୟ କରାଯାଉଥିବାବେଳେ କାର୍ଯ୍ୟ ମନ୍ଥର ଗତିରେ ଚାଲିବା ସହ ନିମ୍ନମାନର କାର୍ଯ୍ୟ ହେଉଥିବା ଅଭିଯୋଗ ହେଉଛି । ଏହି ବୃହତ ପ୍ରକଳ୍ପରେ ଇଣ୍ଟିଗ୍ରେଟେଡ୍ କମାଣ୍ଡ କଣ୍ଟ୍ରୋଲ ସେଣ୍ଟର, ଆଦିବାସୀ ସଂଗ୍ରହାଳୟ ଓ ଅଡିଟୋରିୟମ ଓ କନଭେନସନ୍ ସେଣ୍ଟର ଆଦି ରହିଛି । ନିର୍ମାଣ ହୋଇଥିବା ବିଲ୍‌ଡିଂର ବିଭିନ୍ନ ସ୍ଥାନରେ ଇତି ମଧ୍ୟରେ ଲମ୍ବା ଲମ୍ବା ଫାଟ ସୃଷ୍ଟି ହୋଇଛି । ଯାହାକି ବ୍ୟବହାର ପୂର୍ବରୁ ବିଲଡିଙ୍ଗ ଭୁଶୁଡି ପଡ଼ିବାର ଆଶଙ୍କା କରିଛନ୍ତି ସାଧାରଣ ଜନତା । ଅନ୍ୟପକ୍ଷରେ ନିର୍ମାଣ କାର୍ଯ୍ୟ ତଦାରଖ ଦାୟିତ୍ୱରେ ଥିବା ଅଧିକାରୀଙ୍କ ଭୂମିକା ସନ୍ଦେହ ଘେରରେ । ଯେହେତୁ ଏହି ବୃହତ ପ୍ରକଳ୍ପରେ ଇଣ୍ଟିଗ୍ରେଟେଡ କମାଣ୍ଡ କଣ୍ଟ୍ରୋଲ ସେଣ୍ଟର ନିର୍ମାଣାଧୀନ ରହିଛି ଏବଂ ନିର୍ମାଣ କାର୍ଯ୍ୟ ଶେଷ ହେବାରେ ଅହେତୁକ ବିଳମ୍ବ ହୋଇଛି, ଏହା ଦ୍ୱାରା ରାଉରକେଲା ସହରରେ ଟ୍ରାଫିକ ଲାଇଟ୍ ବ୍ୟବସ୍ଥା ଓ ସିସିଟିଭି କ୍ୟାମେରା କାର୍ଯ୍ୟକ୍ଷମ ହେବାରେ ବିଳମ୍ବ ହେଉଥିବା ଅଭିଯୋଗ ହେଉଛି । ୧୨୦ କୋଟି ଟଙ୍କା ବ୍ୟୟ ଅଟକଳରେ ୨୦୨୧ ମସିହାରୁ ନିର୍ମିତ ହେଉଥିବା ରାଉରକେଲା ୱାନ ପ୍ରକଳ୍ପ ୨୦୨୩ ମସିହାରେ ସମ୍ପୂର୍ଣ୍ଣ ହେବା କଥା । ମାତ୍ର ସମ୍ପୃକ୍ତ ଠିକା ସଂସ୍ଥା ଅବହେଳା ଯୋଗୁଁ ଇତି ମଧ୍ୟରେ ୨ ବର୍ଷ ବିଳମ୍ବ ହୋଇଛି । ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ବିଳମ୍ବ ହେବା ସହ ନିମ୍ନମାନର କାର୍ଯ୍ୟ ହେଉଥିବାରୁ ଏହାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଭିନ୍ନ ମହଲରେ ଦାବି ହେଉଛି ।

## ବନ୍ଧମୁଣ୍ଡାରେ କାଜି ନଜରୁଲ୍ ଇସ୍‌ଲାମ୍‌ଙ୍କ ଜନ୍ମଦିନ



**ରାଉରକେଲା, ୨୬।୫(ସମିସ):** ବନ୍ଧମୁଣ୍ଡାର ସି-ସେକ୍ଟର ସ୍ଥିତ ବଙ୍ଗଭାରତୀରେ ଥିବା ବଙ୍ଗାଳି ସମ୍ପ୍ରଦାୟ ପକ୍ଷରୁ ଆଜି କବି କାଜି ନଜରୁଲ ଇସଲାମଙ୍କ ଜନ୍ମବାର୍ଷିକୀ ପାଳିତ ହୋଇଯାଇଛି । ଏହି ଅବସରରେ ବିଭିନ୍ନ ସାଂସ୍କୃତିକ ସଂଗଠନ, ସ୍କୁଲ ଏବଂ ସାମାଜିକ ଅନୁଷ୍ଠାନଗୁଡ଼ିକ କବିଙ୍କ କୃତି ପାଠୋତ୍ସବ, ସଙ୍ଗୀତ ପ୍ରଦର୍ଶନ ଏବଂ ନାଟକ ସମେତ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ । ବନ୍ଧମୁଣ୍ଡା ରେଳବାଇ ହସ୍ପିଟାଲର ଏସିଏମ୍‌ଏସ୍ ଡାକ୍ତର ତାପସ ମଜୁମଦାର ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ କବି କାଜି ନଜରୁଲ ଇସଲାମଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଏହି ଅବସରରେ ତାଙ୍କ ସହିତ ଅଶ୍ୱନୀ କୁମାର, ବିଜେଡି ନେତା ଗଗନ ପଣ୍ଡା, ପୂର୍ବତନ କାଉନସିଲର ବି ରୀନା ଏବଂ ବରିଷ୍ଠ ଶିକ୍ଷୟିତ୍ରୀ ନନ୍ଦିତା ବୋଷ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମକୁ ସମ୍ବର୍ଦ୍ଧିତ କରି ମୁଖ୍ୟ ଅତିଥି ମଜୁମଦାର କହିଥିଲେ ଯେ କାଜି ନଜରୁଲ ଇସଲାମ ‘ବିଦ୍ରୋହୀ କବି’ ଭାବରେ ଜଣାଶୁଣା । ଭାରତୀୟ ସ୍ୱାଧୀନତା ସଂଗ୍ରାମ ସମୟରେ ସେ ତାଙ୍କର ବିପ୍ଳବୀ ଲେଖା ଏବଂ କବିତା ପାଇଁ ସିଏ ବିଶେଷ ପ୍ରସିଦ୍ଧ ହୋଇଥିଲେ । ସେ ସମାନତା, ଧର୍ମନିରପେକ୍ଷତା ଏବଂ ସାମାଜିକ ନ୍ୟାୟର ଜଣେ ଦୃଢ଼ ସମର୍ଥକ ଥିଲେ । ଏହା ସହିତ ଗଗନ ପଣ୍ଡା କାଜି ନଜରୁଲଙ୍କ ଜୀବନୀ ଏବଂ ଅବଦାନ ଉପରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମ ସମୟରେ ସଂଗଠନର ସଦସ୍ୟମାନେ କାଜି ନଜରୁଲଙ୍କ ପ୍ରସିଦ୍ଧ କବିତାଗୁଡ଼ିକ ପାଠ କରିଥିଲେ । କାର୍ଯ୍ୟକ୍ରମରେ ସୁଭାଷ ଚନ୍ଦ୍ର ଘୋଷ, ଉଜ୍ୱଳ ଭଟ୍ଟାଚାର୍ଯ୍ୟ, ସଞ୍ଜୟ ଚୌଧୁରୀ, ସ୍ୱଜଲ୍ ଭଟ୍ଟାଚାର୍ଯ୍ୟ, ଅଭିଜିତ୍ ଦତ୍ତ, ସୁଜିତ ବାନାର୍ଜୀ, ଜୟନ୍ତ ଦାସ, ବିଶ୍ୱଜିତ ବିଶ୍ୱାସ, ଶିଶିର ଚନ୍ଦ୍ର ମାନ୍ନା, ସୌମିତା ଦତ୍ତ, ପ୍ରତୀକ ଗୁପ୍ତା, ସୋମୀ ଘୋଷ, ମିଠୁ ପାଲ, ଶମ୍ପା ଚକ୍ରବର୍ତ୍ତୀ, ସୁସ୍ମିତା ଭଟ୍ଟାଚାର୍ଯ୍ୟ, ଶୁକ୍ଳା ପାଲ, ଶର୍ମିଳା ଗାଙ୍ଗୁଲି, କାଜଲ କର ପ୍ରମୁଖ ଉପସ୍ଥିତ ଥିଲେ ।

## ଟ୍ରେନ୍‌ରୁ ଖସି ଯୁବକ ଆହତ



**ରାଉରକେଲା, ୨୬।୫(ସମିସ):** ବନ୍ଧମୁଣ୍ଡା-ରାଉରକେଲା ରେଳବାଇ ଷ୍ଟେସନ ମଝିରେ ଥିବା ଉତ୍ତମ ବସ୍ତି ନିକଟରେ ଜଣେ ଯୁବକ ଟ୍ରେନ୍‌ରୁ ଖସି ପଡ଼ିବା ଯୋଗୁଁ ଗୁରୁତର ଆହତ ହୋଇଛନ୍ତି । ଆହତ ଯୁବକ ହେଉଛନ୍ତି ବିଧାନ କୁମାର ଯାଦବ (୨୫) । ସେ ବିହାର ରାଜ୍ୟର ଶରଣ ଗାଁର ବାସିନ୍ଦା ବୋଲି ସୂଚନା ମିଳିଛି । ପ୍ରତ୍ୟକ୍ଷଦର୍ଶୀଙ୍କ ଅନୁଯାୟୀ ଯୁବକ ଜଣକ ହଠାତ୍ ଭାରସାମ୍ୟ ହରାଇ ଚଳନ୍ତା ଟ୍ରେନ୍‌ରୁ ଟ୍ରାକ୍ ଉପରେ ପଡ଼ି ଯାଇଥିଲେ, ଯାହା ଫଳରେ ତାଙ୍କ ମୁଣ୍ଡ ଏବଂ ଗୋଡ଼ରେ ଗୁରୁତର ଆଘାତ ଲାଗି ଥିଲା । ଘଟଣା ସମୟରେ ଘଟଣାସ୍ଥଳରେ ଉପସ୍ଥିତ ଥିବା ସାମାଜିକ କର୍ମୀ ପ୍ରଭାତ ବାରିକ ଏବଂ ମିନତୀ ବାରିକ ଯୁବକଙ୍କୁ ସାହାଯ୍ୟ କରିଥିଲେ । ସେ ତୁରନ୍ତ ଆମ୍ବୁଲାନ୍ସକୁ ସୂଚନା ଦେଇଥିଲେ ଏବଂ ସ୍ଥାନୀୟ ଲୋକଙ୍କ ସହାୟତାରେ ଆହତ ଯୁବକଙ୍କୁ ରାଉରକେଲା ସରକାରୀ ହସ୍ପିଟାଲକୁ ନେଇ ଯାଇଥିଲେ । ମାତ୍ର କେଉଁ ଟ୍ରେନରୁ ଯୁବକ ଜଣକ ଟ୍ରେନରୁ ପଡ଼ି ଯାଇ ଥିଲେ, ସେ ବିଷୟରେ କୌଣସି ସୂଚନା ମିଳିନାହିଁ ।

## ସ୍ୱୟଂଚାଳିତ ପ୍ରୟାସ ଯୋଗୁଁ ଆର୍‌ଏସ୍‌ପିର ଉତ୍ପାଦନ ଓ ସୁରକ୍ଷା ବୃଦ୍ଧି



**ରାଉରକେଲା, ୨୬।୫(ସମିସ):** ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି)ର କ୍ୟାପ୍ଟିଭ୍ ପାୱାର ପ୍ଲାଣ୍ଟ-୧ (ସିପିପି-୧) ବିଭାଗ, ୨୦୨୪-୨୫ ଆର୍ଥିକ ବର୍ଷରେ ବହୁ ଅଭିନବ ସ୍ୱୟଂଚାଳିତ ପଦକ୍ଷେପର ସଫଳ କାର୍ଯ୍ୟକାରିତା ମାଧ୍ୟମରେ କାରଖାନାର କାର୍ଯ୍ୟଦକ୍ଷତା ଏବଂ କାର୍ଯ୍ୟକ୍ଷେତ୍ର ସୁରକ୍ଷାକୁ ଉନ୍ନତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ନିରନ୍ତର ପ୍ରଗତି ତଥା ଉନ୍ନତ ଭିତ୍ତିଭୂମି ପ୍ରତି ଏହାର ପ୍ରତିବଦ୍ଧତା ସହ ସିପିପି-୧ ବିଭାଗର ଡିଜିଟାଲ୍ ସମାଧାନର ଏକୀକରଣ ଦ୍ୱାରା ବିବିଧ ନବୀକରଣ ଏବଂ ଉନ୍ନୟନମୂଳକ ପ୍ରକଳ୍ପମାନ ସୁପରିଚାଳିତ ହୋଇଛି । ଯାହା କାରଖାନାର ଉତ୍ପାଦନ ବୃଦ୍ଧି ସହିତ କର୍ମଚାରୀଙ୍କ ପାଇଁ ଏକ ସୁରକ୍ଷିତ କାର୍ଯ୍ୟ ପରିବେଶ ସୃଷ୍ଟି କରିବା ସହାୟକ ହୋଇଛି । ଲବ୍ଧ ପ୍ରମୁଖ ସଫଳତା ଗୁଡ଼ିକ ମଧ୍ୟରୁ ଉଚ୍ଚ-ଚାପ ବଏଲରରେ (ଏଚପି) ସ୍ୱୟଂଚାଳିତର ଏକୀକରଣ ମାଧ୍ୟମରେ ସୁରକ୍ଷା ପରିମାପକତାର ବୃଦ୍ଧି ସହିତ ସୁରକ୍ଷା ସର୍ବ ପ୍ରଥମ- ସଂସ୍କୃତିର ପ୍ରୋତ୍ସାହନ ଅନ୍ୟତମ ରହିଛି । ବ୍ଲାଷ୍ଟ ଫର୍ଣ୍ଣେସ୍ ଗ୍ୟାସ୍ (ବିଏଫ୍‌ଜି) ଡ୍ରମ୍ ସିଲ୍ କାର୍ଯ୍ୟର ସଫଳ ସ୍ୱୟଂଚାଳନା ସହିତ ଏକ ପ୍ରମୁଖ ମାଇଲଖୁଣ୍ଟ ସ୍ଥାପନ କରାଯାଇଥିଲା । ଯାହା ନିୟନ୍ତ୍ରଣ କକ୍ଷରୁ ସିଧାସଳଖ ନିର୍ଭରଯୋଗ୍ୟ ଏବଂ ନିରାପଦ ରିମୋଟ୍ କଣ୍ଟ୍ରୋଲ୍ ବ୍ୟବହାର ଉପଯୋଗୀ ହୋଇଥିଲା । ଏହା ସୁରକ୍ଷିତ କାର୍ଯ୍ୟଦକ୍ଷତା ଏବଂ ଜରୁରିକାଳୀନ ପ୍ରତିକ୍ରିୟା କ୍ଷମତା ଉଭୟକୁ ଉଲ୍ଲେଖନୀୟ ଭାବରେ ଉନ୍ନତ କରିଛି । ଏହି ପ୍ରକଳ୍ପ ଉଚ୍ଚ-ଚାପ ସମ୍ପନ୍ନ ବଏଲର - ୩, ୪ ଏବଂ ୬ ରେ ସଫଳତାର ସହ କାର୍ଯ୍ୟକାରୀ କରାଯାଇଥିଲା ଯାହା ସୁରକ୍ଷିତ କାର୍ଯ୍ୟ ପରିସ୍ଥିତି ସୃଷ୍ଟି କରିବା ସହିତ ବିଭାଗ ମଧ୍ୟରେ ସାମଗ୍ରିକ ସୁରକ୍ଷା ମାନଦଣ୍ଡକୁ ବୃଦ୍ଧି କରିଥିଲା ।

## ଭଞ୍ଜ କଳାକେନ୍ଦ୍ର ପକ୍ଷରୁ ଓଡ଼ିଶୀ ସଙ୍ଗୀତ କର୍ମଶାଳା

**ରାଉରକେଲା, ୨୬।୫(ସମିସ):** ଓଡ଼ିଶାର କଳା, ସଂସ୍କୃତିର ଅନ୍ୟତମ ପ୍ରାଣକେନ୍ଦ୍ର ଓ ଅଗ୍ରଣୀ ସାମାଜିକ ସାଂସ୍କୃତିକ ଅନୁଷ୍ଠାନ ଭଞ୍ଜ କଳା କେନ୍ଦ୍ର ଆନୁକୂଲ୍ୟରେ ଓଡ଼ିଶୀ ସଙ୍ଗୀତ କର୍ମଶାଳା ଭଞ୍ଜ କଳା କେନ୍ଦ୍ର ଠାରେ ଆୟୋଜିତ ହୋଇଯାଇଛି । ଉଦ୍‌ଯାପନୀ ଉତ୍ସବରେ ଭଞ୍ଜ କଳା କେନ୍ଦ୍ରର ଉପସଭାପତି ତଥା ଆର୍‌ଏସ୍‌ପି ସିସିଡବ୍ଲୁ ବିଭାଗର ମୁଖ୍ୟ ମହାପ୍ରବନ୍ଧକ ଆଲୋକ କୁମାର ବେହେରା, ସାଧାରଣ ସମ୍ପାଦକ ରାଧାକୃଷ୍ଣ ମହାପାତ୍ର, ଅନୁଷ୍ଠାନର କର୍ମକର୍ତ୍ତା ବିବେକାନନ୍ଦ ପରିଡ଼ା, ସୁବ୍ରତ ଶତପଥି, ଶଶାଙ୍କ ପଟ୍ଟନାୟକ, ପ୍ରବୀଣ ପାତ୍ର, ଜ୍ୟୋତିର୍ମୟ ଆଚାର୍ଯ୍ୟ, ବସନ୍ତ କୁମାର ସାହୁ, ଗଜେନ୍ଦ୍ର ମୁର୍ମୁ ପ୍ରମୁଖ ଉପସ୍ଥିତ ଥିଲେ ।



ଏହି ସାନ୍ଧ୍ୟ ଅଧିବେଶନରେ ବୀଣାପାଣି ରଥଙ୍କ ସମେତ ଅନୁଷ୍ଠାନର ଶିକ୍ଷାର୍ଥୀଙ୍କ ସୁମଧୁର ଓଡ଼ିଶୀ ସଙ୍ଗୀତ ପରିବେଷିତ ହୋଇଥିଲା । ଯାହାକୁ ଉପସ୍ଥିତ ଶ୍ରୋତା ମନଭରି ଉପଭୋଗ କରିଥିଲେ । ସପ୍ତାହବ୍ୟାପୀ ଅନୁଷ୍ଠିତ ଏହି କର୍ମଶାଳାରେ କେନ୍ଦ୍ରରେ ସଙ୍ଗୀତ ସାଧନାରତ ଛାତ୍ରଛାତ୍ରୀଙ୍କର ଉତ୍ସାହପ୍ରଦ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା । ପାରମ୍ପରିକ ଓଡ଼ିଶୀ ଛାନ୍ଦ, ଚମ୍ପୂ, ଭଜନ, ଜଣାଣ ସମେତ ଶାସ୍ତ୍ରୀୟ ସଙ୍ଗୀତର ବ୍ୟାକରଣ, ବିନ୍ୟାସ ଓ ସୂକ୍ଷ୍ମ ଶବ୍ଦ ପରିପାଟି ଉପରେ କର୍ମଶାଳାରେ ଶିକ୍ଷା ଦିଆଯାଇଥିଲା ।

୧୯୬୭ ମସିହାରେ ସ୍ଥାପିତ ଇସ୍ପାତ ସହରର ଅନ୍ୟତମ ସର୍ବପୁରାତନ ଅନୁଷ୍ଠାନ ଭଞ୍ଜ କଳା କେନ୍ଦ୍ର ଭାରତୀୟ ଶାସ୍ତ୍ରୀୟ ନୃତ୍ୟ ଓ ସଙ୍ଗୀତର ସଂରକ୍ଷଣ ଓ ପ୍ରୋତ୍ସାହନ ନିମନ୍ତେ ଶତତ ପ୍ରୟାସରତ ରହିଛି । ଅନୁଷ୍ଠାନରେ ଶାସ୍ତ୍ରୀୟ ସଙ୍ଗୀତ, ଶାସ୍ତ୍ରୀୟ ନୃତ୍ୟ, ବାଦ୍ୟ ସଙ୍ଗୀତ, ଆଦିବାସୀ ନୃତ୍ୟ ଓ ସଙ୍ଗୀତ, ଚାରୁ କଳାରେ ସମ୍ପ୍ରତି ୪୦୦ରୁ ଅଧିକ ଛାତ୍ରଛାତ୍ରୀ ଶିକ୍ଷାଲାଭ କରୁଛନ୍ତି । ଶାସ୍ତ୍ରୀୟ ନୃତ୍ୟ ଓ ସଙ୍ଗୀତର ପ୍ରଚାର ପ୍ରସାର ଏବଂ ଏହି ଅଞ୍ଚଳରେ ପର୍ଯ୍ୟଟନର ବିକାଶ ଲକ୍ଷ୍ୟନେଇ ୧୯୯୮ ମସିହାରୁ ଭଞ୍ଜ କଳା କେନ୍ଦ୍ର ଆନୁକୂଲ୍ୟରେ ପାଞ୍ଚ ଦିନିଆ ଜାତୀୟ ସ୍ତରୀୟ ଶାସ୍ତ୍ରୀୟ ନୃତ୍ୟ ଓ ସଙ୍ଗୀତର ମହୋତ୍ସବ ‘ବେଦବ୍ୟାସ ସଙ୍ଗୀତ ନୃତ୍ୟୋତ୍ସବ’ ଅନୁଷ୍ଠିତ ହୋଇଆସୁଛି । ପ୍ରତ୍ୟେକ ବର୍ଷ ନଭେମ୍ବର ୧ରୁ ୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଥିବା ଏହି ମହୋତ୍ସବ ଜାତୀୟ ଓ ରାଜ୍ୟର ସଂସ୍କୃତି ଓ ପର୍ଯ୍ୟଟନ କ୍ୟାଲେଣ୍ଡରରେ ସ୍ଥାନ ପାଇବା ସହିତ ଏହି ଅଞ୍ଚଳରେ ଏକ ସାଂସ୍କୃତିକ ନବଜାଗରଣ ଆଣିବାରେ ସକ୍ଷମ ହୋଇଛି । ଭାରତର ସମୃଦ୍ଧ ଓ ବିବିଧତାରେ ଭରା ସଂସ୍କୃତିର ଝଲକ ଦେଖିବାକୁ ମିଳୁଛି ।

## ଯୁବକଙ୍କ ଆତ୍ମହତ୍ୟା

**ରାଉରକେଲା, ୨୬।୫(ସମିସ):** ଗଛରେ ଫାଶୀ ଲଗାଇ ଜଣେ ଯୁବକ ଆତ୍ମହତ୍ୟା କରିଥିବା ବ୍ରାହ୍ମଣୀ ତରଙ୍ଗ ଥାନାରେ ଅଭିଯୋଗ ହୋଇଛି । ମୃତକ ହେଲେ, ବଳଣ୍ଡା ଝରାଡେବନ୍ ଗ୍ରାମର ବିଶାଲ ତିର୍କି (୨୦) । ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି । ସୂଚନା ମୁତାବକ, ରବିବାର ବିଳମ୍ବିତ ରାତିରେ ସ୍ଥାନୀୟ ଏକ ଗଛରେ ପ୍ଲାଷ୍ଟିକ ରଶି ସାହାଯ୍ୟରେ ବିଶାଲ ଫାଶୀ ଲଗାଇ ଦେଇଥିଲେ । ସୋମବାର ସକାଳେ ଗ୍ରାମବାସୀ ଜାଣିପାରି ଥିଲେ । ତାଙ୍କୁ ଉଦ୍ଧାର କରାଯାଇ ଡାକ୍ତରଖାନାକୁ ନିଆଯାଇଥିଲା । ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ହେଲେ ସେ ଏହି ପଦକ୍ଷେପ କଣ ପାଇଁ ଗ୍ରହଣ କଲେ ତାହା ସ୍ପଷ୍ଟ ହୋଇପାରି ନାହିଁ । ପୁଲିସ ଶବ ବ୍ୟବଚ୍ଛେଦ କରି ପରିବାରକୁ ହସ୍ତାନ୍ତର କରିଛି ।

## ରାମେଶ୍ୱର ମନ୍ଦିର ପରିଚାଳନା କମିଟି ବୈଠକ ଭଣ୍ଡୁର



**ତାଲା ଭାଙ୍ଗିବାରୁ ପୁଲିସର ହସ୍ତକ୍ଷେପ**

ରାଉରକେଲା, ୨୬।୫(ସମିସ)

ସାରନଗରୀର ‘ଇ’ ବ୍ଲକସ୍ଥିତ ରାମେଶ୍ୱର ମହାଦେବ ମନ୍ଦିରର ନୂତନ ପରିଚାଳନା କମିଟି ଗଠନ ନେଇ ଗତକାଲି ସନ୍ଧ୍ୟାରେ ଏକ ବୈଠକ ଅନୁଷ୍ଠିତ ହେବାକୁ ମନ୍ଦିରର ପ୍ରତିଷ୍ଠାତା ବୋଲାଉଥିବା ପତିତପାବନ ମଣ୍ଡଳ ପୂର୍ବରୁ ପ୍ରଚାର କରିଥିଲେ । ଯାହାକୁ ସାରନଗରୀ ଗୁଣ୍ଡିଚା ମନ୍ଦିର ପରିଚାଳନା କମିଟି ପକ୍ଷରୁ ବିରୋଧ କରାଯିବାରୁ ପରିଶେଷରେ ଏହି ବୈଠକ ଭଣ୍ଡୁର ହୋଇ ଯାଇଥିବା ଜଣାପଡ଼ିଛି । ଏପରିକି ମନ୍ଦିରର ତାଲା ଭାଙ୍ଗି ଜୋରଜବରଦସ୍ତ ମିଟିଂ କରିବାକୁ ପତିତପାବନ ମଣ୍ଡଳ ଉଦ୍ୟମ କରିବାରୁ ଏହାକୁ ଗୁଣ୍ଡିଚା ମନ୍ଦିର ପରିଚାଳନା କମିଟି ପକ୍ଷରୁ ବିରୋଧ କରାଯିବା ସହ ଟାଙ୍ଗରପାଲ୍ଲୀ ଥାନାର ଦ୍ୱାରସ୍ଥ ହୋଇଥିବା ଜଣାପଡ଼ିଛି । ସୂଚନାଯୋଗ୍ୟ ଯେ ସେକ୍ଟର-୨୨ ସାରନଗରୀସ୍ଥିତ ଶ୍ରୀଗୁଣ୍ଡିଚା ମନ୍ଦିର ବର୍ଷ ବର୍ଷ ଧରି ସାରନଗରୀର ଶ୍ରୀଶ୍ରୀ ଜଗନ୍ନାଥ ମନ୍ଦିରର ମାଉସୀ ମାଆ ମନ୍ଦିର ଭାବେ ବ୍ୟବହୃତ ହୋଇ ଆସୁଛି । ପ୍ରତିବର୍ଷ ରଥ ଯାତ୍ରା ବେଳେ ସାରନଗରୀର ଶ୍ରୀଶ୍ରୀ ଜଗନ୍ନାଥ ମନ୍ଦିରରୁ ଜଗନ୍ନାଥ, ବଳଭଦ୍ର ସୁଭଦ୍ରା ତିନି ଦିଅଁ ରଥାରୂଢ଼ ହୋଇ ଯାତ୍ରାରେ ବାହାରି ଗୁଣ୍ଡିଚା ମନ୍ଦିରକୁ ଆସିଥାନ୍ତି । ସେଠାରେ ପୁନଶ୍ଚ ବାହୁଡ଼ା ଦିନ ଜଗନ୍ନାଥ ମନ୍ଦିରକୁ ବାହୁଡିଥାନ୍ତି । ଗୁଣ୍ଡିଚା ମନ୍ଦିରରେ ସମସ୍ତ କାର୍ଯ୍ୟ ନୀତିକାନ୍ତିକୁ ସାରନଗରୀର ଶ୍ରୀଶ୍ରୀ ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ପରିଚାଳନା କରିଥାନ୍ତି । ଏତଦ୍ ବ୍ୟତୀତ ସାରନଗରୀର ଶ୍ରୀଶ୍ରୀ ଗୁଣ୍ଡିଚା ମନ୍ଦିର ପରିସରରେ ଥିବା ରାମେଶ୍ୱର ମନ୍ଦିରର ପରିଚାଳନା ଦାୟିତ୍ୱ ଗୁଣ୍ଡିଚା ମନ୍ଦିର ପରିଚାଳନା କମିଟି ପକ୍ଷରୁ ନିର୍ବାହ କରାଯାଇ ଆସୁଥିବାବେଳେ ମହାଦେବ ରାମେଶ୍ୱରଙ୍କ ସମସ୍ତ ନୀତିକାନ୍ତି ମଧ୍ୟ ଯଥାବିଧି ଚାଲିଆସିଥିଲା । ତେବେ ସାରନଗରୀର ଉକ୍ତ ଗୁଣ୍ଡିଚା ମନ୍ଦିର ପରିସର ମଦ୍ୟପ ଓ ଅସାଧୁ ବ୍ୟକ୍ତିଙ୍କ ଆ‡ାସ୍ଥଳୀ ପାଲଟିବା ସହ ମନ୍ଦିର ପରିସରରେ ଥିବା ରାମେଶ୍ୱର ମନ୍ଦିରରେ ଦୈନିକ ଅନ୍ନ ଭୋଗ, ନୀତିକାନ୍ତିରେ ନିୟମିତ ବିଭ୍ରାଟ ସୃଷ୍ଟି ହେଉଥିବା ଅଭିଯୋଗ କରି ସାରନଗରୀ ଅଞ୍ଚଳର ଅନ୍ୟତମ ସମାଜସେବୀ ପତିତପାବନ ରାୟ ରାମେଶ୍ୱର ମନ୍ଦିରର ଏକ ନୂତନ ପରିଚାଳନା କମିଟି ଗଠନ କରିବା ପାଇଁ ଗତ କାଲି ସନ୍ଧ୍ୟାରେ ଏକ ବୈଠକ ଆହୂତ କରିଥିଲେ । ତେବେ ଏହି ବୈଠକ ପାଇଁ ଶ୍ରୀ ରାୟ ଗୁଣ୍ଡିଚା ମନ୍ଦିର ପରିଚାଳନା କମିଟିର କୌଣସି ଅନୁମତି ନ ନେଇ ବୈଠକ କରୁଥିବାରୁ ଏ ବିଷୟରେ ଖବର ପାଇ ଗୁଣ୍ଡିଚା ମନ୍ଦିର ପରିଚାଳନା କମିଟିର ସଦସ୍ୟମାନେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିବା ସହ ଗତ କାଲି ସନ୍ଧ୍ୟା ଆଳତି ପରେ ସବୁଦିନ ପରି ମନ୍ଦିର ଫାଟକରେ ତାଲା ପକାଇ ଦେଇଥିଲେ । ସାଢ଼େ ୭ଟା ବୈଠକ ଆରମ୍ଭ ପୂର୍ବରୁ ମନ୍ଦିର ଫାଟକରେ ତାଲା ପଡ଼ିଥିବା ଦେଖି ପତିତପାବନ ରାୟ ଉକ୍ତ ତାଲାକୁ ଭାଙ୍ଗି ଜୋରଜବରଦସ୍ତ ମନ୍ଦିର ପରିସରରେ ବୈଠକ କରିବାକୁ ଉଦ୍ୟମ କରିଥିଲେ । ଏହି ଘଟଣାକୁ ଗୁଣ୍ଡିଚା ମନ୍ଦିର ପରିଚାଳନା କମିଟିର ସଦସ୍ୟ ପୁରସ୍ତମ ବେହେରା, ସୁଦର୍ଶନ ବଳ, ଦୁର୍ଲଭ ଦାସ, କେ ସି ସାହୁ, କିଶୋର ସିଂହଙ୍କ ସମେତ ଅନ୍ୟମାନେ ବିରୋଧ କରିବା ସହ ଟାଙ୍ଗରପାଲ୍ଲୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ସମ୍ଭାବ୍ୟ ଉତ୍ତେଜନାକୁ ପ୍ରଶମିତ କରିବା ପାଇଁ ମନ୍ଦିର ପରିସରରେ ବୈଠକ କରିବାକୁ ବାରଣ କରିଥିଲେ । ଫଳରେ ପୂର୍ବ ଘୋଷିତ ବୈଠକ ସମ୍ପୂର୍ଣ୍ଣ ଭଣ୍ଡୁର ହୋଇ ଯାଇଥିଲା । ବୈଠକରେ ଯୋଗ ଦେବାକୁ ଯାଇଥିବା ସାରନଗରୀର କିଛି ବ୍ୟକ୍ତି ମଧ୍ୟ ହଟହଟା ହୋଇଥିଲେ । ସେପଟ ମନ୍ଦିର ପରିସରରେ ରୋଷେଇ ପାଇଁ ଅନୁମତି ନ ମିଳିବାରୁ ମନ୍ଦିର ବାହାରେ ପ୍ରାୟ ୨୦୦/୨୫୦ ଲୋକଙ୍କ ପାଇଁ ରାତ୍ରି ଭୋଜନ ପ୍ରସ୍ତୁତ କରାଯାଇଥିଲା ।

ଏ ନେଇ ପତିତପାବନ ରାୟ କହିଛନ୍ତି ଗୁଣ୍ଡିଚା ମନ୍ଦିର ପରିସର ମଦ୍ୟପ ଓ ଅସାମାଜିକଙ୍କ ଆ‡ାସ୍ଥଳୀ ପାଲଟିଛି, ରାମେଶ୍ୱର ପ୍ରଭୁଙ୍କ ନିତିକାନ୍ତି ବିଭ୍ରାଟ ହେଉଥିବାରୁ ସେଠାରେ ଏକ ନୂତନ ପରିଚାଳନା କମିଟିର ଆବଶ୍ୟକତା ରହିଛି । ଗୁଣ୍ଡିଚା ମନ୍ଦିର ପରିଚାଳନା କମିଟିର ବରିଷ୍ଠ ଉପଦେଷ୍ଟା ସୁଦର୍ଶନ ବଳ, ସଦସ୍ୟ ପୁରସ୍ତମ ବେହେରା କହିଛନ୍ତି ଯେ ଗୁଣ୍ଡିଚା ମନ୍ଦିର ସମେତ ରାମେଶ୍ୱର ମନ୍ଦିର ପରିଚାଳନା ପାଇଁ ପୂର୍ବରୁ ଗୁଣ୍ଡିଚା ମନ୍ଦିର ପରିଚାଳନା କମିଟି ରହିଥିବା ବେଳେ ରାମେଶ୍ୱର ମନ୍ଦିରର ପରିଚାଳନା ପାଇଁ ଆଉ ଏକ ସମାନ୍ତରାଳ କମିଟି ଗଠନ ପଛରେ କ’ଣ ଉଦ୍ଦେଶ୍ୟ ରହିଛି ତାହା ବୁଝି ହେଉନି, ଯାହାକି ହଜାର ହଜାର ଶ୍ରଦ୍ଧାଳୁଙ୍କ ଭାବାବେଗ ପ୍ରତି କୁଠାରଘାତ ସୃଷ୍ଟି ହୋଇଛି । ଅପରପକ୍ଷେ କୌଣସି ଗୋଟିଏ ଦିନ ବି ରାମେଶ୍ୱରଙ୍କର ଅନ୍ନ ପ୍ରସାଦ, ନୀତିକାନ୍ତିରେ ବିଭ୍ରାଟ ହୋଇ ନାହିଁ । ଏହି ଅଭିଯୋଗ ଭିତ୍ତିହୀନ ଓ ଅଭିସନ୍ଧିମୂଳକ । ଏ ନେଇ ପାନପୋଷ ଉପଜିଲ୍ଲାପାଳ ବିଜୟ କୁମାର ନାୟକଙ୍କ କହିବା କଥା ଯେ ରାମେଶ୍ୱର ମନ୍ଦିର ପରିଚାଳନା କମିଟି ଗଠନ ପାଇଁ ବୈଠକ ନିମନ୍ତେ କେହି ଅନୁମତି ନେଇ ନାହାନ୍ତି ।

## ଆର୍‌ଏସ୍‌ପିର ଗ୍ରୀଷ୍ମକାଳୀନ କ୍ରୀଡ଼ା ପ୍ରଶିକ୍ଷଣ ଶିବିର




**ରାଉରକେଲା, ୨୬।୫(ସମିସ):** ରାଉରକେଲା ଇସ୍ପାତ କାରଖାନାର କ୍ରୀଡ଼ା ବିଭାଗ ଆନୁକୂଲ୍ୟରେ ଅନୁଷ୍ଠିତ ହେଉଥିବା ୩୮ତମ ଗ୍ରୀଷ୍ମକାଳୀନ କ୍ରୀଡ଼ା ପ୍ରଶିକ୍ଷଣ ଶିବିରରେ ପିଲାମାନଙ୍କର ଉତ୍ସାହପୂର୍ଣ୍ଣ ଅଂଶଗ୍ରହଣ ପରିଲକ୍ଷିତ ହେଉଛି । ଇସ୍ପାତ ଷ୍ଟାଡିୟମ, ବିଜୁ ପଟ୍ଟନାୟକ ହକି ଷ୍ଟାଡିୟମ, ବାସ୍କେଟ ବଲ କମ୍ପ୍ଲେକ୍ସ, ଇସ୍ପାତ ଇନ୍‌ଡୋର୍ ଷ୍ଟାଡିୟମ ଏବଂ ଇସ୍ପାତ ଷ୍ଟାଡିୟମର ଚେସ୍ ହଲରେ ଏହି କ୍ରୀଡ଼ା ଶିବିର ଅନୁଷ୍ଠିତ ହେଉଛି । ଶିବିରର ଚେସ୍ ସେଗମେଣ୍ଟରେ ସହରର ଉଦୀୟମାନ ପ୍ରତିଭାମାନେ ବହୁ ସଂଖ୍ୟାରେ ଅଂଶଗ୍ରହଣ କରୁଛନ୍ତି । ଚଳିତ ବର୍ଷ ଶିବିରରେ ୬୫ରୁ ଅଧିକ ପିଲା ନାମ ପଞ୍ଜୀକରଣ କରିଛନ୍ତି । ମୌଳିକ ଚେସ୍ ତାଲିମ ସହିତ, ଅଂଶଗ୍ରହଣକାରୀଙ୍କୁ ଚେସ୍ ଆରମ୍ଭ, ମଧ୍ୟମ ଖେଳ, ଶେଷ ଖେଳ ରଣନୀତି, ମିଶ୍ରଣ ଏବଂ ଟୁର୍ଣ୍ଣାମେଣ୍ଟ ଫର୍ମାଟ୍ ବିଷୟରେ ଜ୍ଞାନ ପ୍ରଦାନ କରାଯାଉଛି । ଶିବିର ଯୁବ ଚେସ୍ ଉତ୍ସାହୀଙ୍କୁ ଖେଳର ବିଭିନ୍ନ ଦିଗ ପ୍ରତି ଗଭୀର ତାଲିମ ଏବଂ ଏକ୍ସପୋଜର୍ ପ୍ରଦାନ କରୁଛି । ଆର୍‌ଏସ୍‌ପିର ବିଶେଷଜ୍ଞ ପ୍ରଶିକ୍ଷକଙ୍କ ଏକ ଦଳ ଯୁବ ଖେଳାଳିଙ୍କୁ ଖେଳର ସୂକ୍ଷ୍ମକଳା ଶିଖିବା ପାଇଁ ମାର୍ଗଦର୍ଶନ କରାଯାଉଛି । ସୂଚନାଯୋଗ୍ୟ ଯେ, ଆଥଲେଟିକ, ବ୍ୟାଡମିଣ୍ଟନ, ବାସ୍କେଟବଲ, ବକ୍ସିଂ, ଚେସ୍, କ୍ରିକେଟ୍, ସାଇକଲ ଚାଳନା, ଫୁଟବଲ, ହକି, କବାଡ଼ି, ଟେବୁଲ ଟେନିସ, ଭଲିବଲ, ଭାରୋତ୍ତୋଳନ ଏବଂ ଯୋଗ ଆଦି ୧୪ ଟି କ୍ରୀଡ଼ାବର୍ଗରେ ଛାତ୍ରଛାତ୍ରୀ ଏହି ଗ୍ରୀଷ୍ମକାଳୀନ କ୍ରୀଡ଼ା ପ୍ରଶିକ୍ଷଣ ଶିବିରରେ ଭାଗ ନେଉଛନ୍ତି । ଅଭିଜ୍ଞ ପ୍ରଶିକ୍ଷକମାନେ ସେମାନଙ୍କୁ କ୍ରୀଡ଼ା ପ୍ରଶିକ୍ଷଣ ପ୍ରଦାନ କରୁଛନ୍ତି । ଏହି ଶିବିର ଆସନ୍ତା କାଲି ଉଦ୍‌ଯାପିତ ହେବାର କାର୍ଯ୍ୟକ୍ରମ ରହିଛି ।

## ରିଂ ରୋଡ୍ କଡ଼ରେ ଅସାମାଜିକଙ୍କ ଆଡ୍ଡା, କାର୍ଯ୍ୟାନୁଷ୍ଠାନ ଦାବି



**ରାଉରକେଲା, ୨୬।୫(ସମିସ):** ରିଂ ରୋଡ୍ କଡ଼ରେ ଥିବା ଆର୍‌ଏସ୍‌ପିର ଖାଲି ସ୍ଥାନକୁ କବ୍‌ଜା କରି ଅସାମାଜିକଙ୍କ ଆଡ୍ଡା କରାଯାଇଛି । ସେଠାରେ ଦିନରାତି ବିଭିନ୍ନ ନିଶା ସେବନ କରାଯିବା ସହ ଖଟି ଜମୁଛି । ଏଭଳି ଅଭିଯୋଗ ପ୍ଲାଣ୍ଟସାଇଟ୍ ଥାନା ଅଞ୍ଚଳରୁ ଆସିଛି । ଅଭିଯୋଗ ମୁତାବକ, ବିଶ୍ରା ଛକ ସ୍ଥିତ ଶନି ମନ୍ଦିର ନିକଟରେ ଆର୍‌ଏସ୍‌ପିର ଖାଲି ଜମିରେ ଅସାମାଜିକମାନେ ଜରି ପାଲ ଓ ବାଉଁଶ ଏକ କୁଡ଼ିଆ କରି ଆଡ୍ଡା ଜମାଉଛନ୍ତି । ପ୍ରତ୍ୟେକ ଦିନ ଜୁଆ ଏବଂ ମଦ୍ୟପାନ ଭଳି ବେଆଇନ କାର୍ଯ୍ୟକଳାପ ଚାଲିଛି । ଯାହା ଫଳରେ ଅଞ୍ଚଳର ପରିବେଶ ଖରାପ ହେଉଛି । ସ୍ଥାନୀୟ ଲୋକମାନେ କହିଛନ୍ତି ଯେ, ଏ ସମ୍ପର୍କରେ ଆର୍‌ଏସ୍‌ପି ଲ୍ୟାଣ୍ଡ ଗାର୍ଡକୁ ଅନେକ ଥର ଅବଗତ କରାଯାଇଥିଲା । କିନ୍ତୁ ଏ ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନାହିଁ । ଏହି ଅବହେଳା କେବଳ ଆଇନ ଶୃଙ୍ଖଳା ଉପରେ ପ୍ରଶ୍ନ ଉଠାଉ ନାହିଁ । ବରଂ ନିକଟରେ ରହୁଥିବା ଲୋକଙ୍କ ସୁରକ୍ଷା ଏବଂ ମାନସିକ ଶାନ୍ତିକୁ ମଧ୍ୟ ବିପଦରେ ପକାଉଛି । କୁଡ଼ିଆରେ ଅସାମାଜିକଙ୍କ କାର୍ଯ୍ୟକଳାପ ଯୋଗୁଁ ପଥଚାରୀ, ବିଶେଷ କରି ମହିଳା ଏବଂ ସ୍କୁଲ ଛାତ୍ରଛାତ୍ରୀ ଭୟରେ ଯା’ଆସ କରୁଛନ୍ତି । ଏ ଦିଗରେ ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

# ପୁଲିସ ଗୁଳିରେ ମୋଷ୍ଟ ୱାଣ୍ଟେଡ୍ ମାଓବାଦୀ ମନୀଷ ଯାଦବ ମୃତ

ରାଉରକେଲା, ୨୬।୫(ସମିସ)

ଝାଡ଼ଖଣ୍ଡ ପୁଲିସର କମ୍ବି ଅପରେସନ ବେଳେ ପୁଲିସ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଘଟିଥିଲା। ଏଥିରେ ମୋଷ୍ଟ ୱାଣ୍ଟେଡ୍ ମାଓବାଦୀ ମନୀଷ ଯାଦବର ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ମନୀଷ ଯାଦବକୁ ଧରାଇ ଦେଲେ ୫ ଲକ୍ଷ ଟଙ୍କା ପୁରସ୍କାର ରାଶି ଦିଆଯିବ ବୋଲି ଝାଡଖଣ୍ଡ ସରକାର ଘୋଷଣା କରିଥିଲେ। କେବଳ ସେତିକି ନୁହେଁ ଏହି ଅପରେସନ ବେଳେ ଝାଡ଼ଖଣ୍ଡ ପୁଲିସକୁ ଆଉ ଗୋଟିଏ ସଫଳତା ମଧ୍ୟ ମିଳିଛି। କୁଖ୍ୟାତ ମାଓବାଦୀ ମୋଷ୍ଟ ୱାଣ୍ଟେଡ୍ କୁନ୍ଦନ ଖେରୱାରକୁ ମଧ୍ୟ ଗିରଫ କରାଯାଇଛି। ଯାହାର ମୁଣ୍ଡରେ ୧୦ ଲକ୍ଷ ଟଙ୍କା ପୁରସ୍କାର ରାଶି ରହିଥିବା ସୂଚନା ମିଳିଛି।

ସୂଚନା ମୁତାବକ ଝାଡ଼ଖଣ୍ଡ ରାଜ୍ୟ ଲାତେହାର ଜିଲ୍ଲାର ମହୁଆଦାନର ଥାନା କରମଖାଦ ଏବଂ ଦୌନା ମଧ୍ୟରେ ଥିବା ଜଙ୍ଗଲରେ ମୋଷ୍ଟ ୱାଣ୍ଟେଡ୍ ନକ୍ସଲ କମାଣ୍ଡର ମନୀଷ ଯାଦବ ତାଙ୍କ ସହଯୋଗୀ ସହ ମେଳି ହୋଇଥିବା ସୂଚନା ପାଇ ପାଲାମୁ ଡିଆଇଜିଙ୍କ ନିର୍ଦ୍ଦେଶ କ୍ରମେ ପୁଲିସ ଗତ କାଲି କମ୍ବି ଅପରେସନ ଆରମ୍ଭ କରିଥିଲେ। ବିଳମ୍ବିତ



ରାତିରୁ ଆଜି ସକାଳ ପର୍ଯ୍ୟନ୍ତ ଏହି ଅପରେସନ ଚାଲିଥିବା ବେଳେ ଆଜି ଭୋର ସମୟରେ କରମଖାଦ ଏବଂ ଦୌନା ଜଙ୍ଗଲରେ ପୁଲିସ ଏବଂ ମାଓବାଦୀ ମୁହାଁମୁହିଁ ହୋଇଥିଲେ। ପୁଲିସ ଫୋର୍ସକୁ ଦେଖି ମାଓବାଦୀମାନେ ଗୁଳି ବର୍ଷା କରିବାକୁ ଲାଗିଥିଲେ। ଏହାର ପାଲଟା ଜବାବରେ ପୁଲିସ ମଧ୍ୟ ଗୁଳି ଚାଳନା କରିଥିଲା। ଏହି ଗୁଳିବିନିମୟରେ ମୋଷ୍ଟ ୱାଣ୍ଟେଡ୍ ମନୀଷର ମୃତ୍ୟୁ ହୋଇଥିଲା। ଏହା ସହ ମୋଷ୍ଟ

- ମନୀଷ ମୁଣ୍ଡରେ ଥିଲା ୫ ଲକ୍ଷର ପୁରସ୍କାର ରାଶି
- କୁଖ୍ୟାତ ମାଓବାଦୀ କୁନ୍ଦନ ଖେରୱାର ଗିରଫ
- କୁନ୍ଦନ ମୁଣ୍ଡରେ ଥିଲା ୧୦ ଲକ୍ଷ ଟଙ୍କା ପୁରସ୍କାର

ୱାଣ୍ଟେଡ୍ କୁନ୍ଦନ ଖେରୱାରକୁ ପୁଲିସ କାବୁ କରିବାରେ ସଫଳ ହୋଇଥିଲା। ପୁଲିସ ଘଟଣା ସ୍ଥଳରୁ ଦୁଇଟି ଏକ୍ସ-୯୫ ସ୍ୱୟଂଚାଳିତ ରାଇଫଲକୁ ଜବତ କରିଥିବା ସୂଚନା ମିଳିଛି। ଏନକାଉଣ୍ଟର ପରେ ପୁଲିସ ଉକ୍ତ ଅଞ୍ଚଳରେ ସର୍ଚ୍ଚ ଅପରେସନ୍ ଜାରି ରଖିଛି।

## ମଇରେ ସୁନ୍ଦରଗଡ଼ ଜିଲ୍ଲାରେ ୧୬୬୧ ମି.ମି ବର୍ଷା

**ସୁନ୍ଦରଗଡ଼, ୨୬।୫(ସମିସ):** ଚଳିତମାସ ସୁନ୍ଦରଗଡ଼ ଜିଲ୍ଲାରେ ୧୬୬୧ ମି.ମି ଅଦିନିଆ ବର୍ଷା ହୋଇଛି। ଏହି କାଳ ବୈଶାଖୀ ତଥା ଅଦିନିଆ ବର୍ଷାରେ ରବି ଫସଲ ପ୍ରଭାବିତ ହୋଇଛି।

ପ୍ରାପ୍ତ ସୂଚନା ଅନୁଯାୟୀ, ଏହି ମାସ ଅଦ୍ୟାବଧି ବାଲିଶଙ୍କରା ବ୍ଲକରେ ୪୮ ମି.ମି ବର୍ଷା ହୋଇଛି। ସେହିପରି ବଡ଼ଗାଁ ବ୍ଲକରେ ୫୦ ମି.ମି, ବିଶ୍ରା ବ୍ଲକରେ ୧୧୭ ମି.ମି, ବଣାଇ ୧୪୫ ବ୍ଲକରେ ମି.ମି, ଗୁରୁଣ୍ଡିଆ ୧୮୫ ବ୍ଲକରେ ମି.ମି, ହେମଗିରି ବ୍ଲକରେ ୫୯ ମି.ମି, କୋଇଡା ବ୍ଲକରେ ୧୧୧ ବ୍ଲକରେ ମି.ମି, କୁଆଁରମୁଣ୍ଡା ବ୍ଲକରେ ୧୧୨ ମି.ମି, କୁତ୍ରା ୬୧ ବ୍ଲକରେ ମି.ମି, ଲହୁଣୀପଡ଼ା ବ୍ଲକରେ ୧୦୦ ମି.ମି ବର୍ଷା ହୋଇଥିବାବେଳେ ଲାଠିକଟା ୧୩୫ ବ୍ଲକରେ ମି.ମି, ଲେଫ୍ରିପଡ଼ା ବ୍ଲକରେ ୪୧ ମି.ମି, ନୂଆଗାଁ ବ୍ଲକରେ ୯୫ ମି.ମି, ରାଜଗାଙ୍ଗପୁର ବ୍ଲକରେ ୭୩ ମି.ମି, ରାଉରକେଲା ମହାନଗର ନିଗମରେ ୬୨ ମି.ମି, ସବ୍‌ଡେଗା ବ୍ଲକରେ ୧୧୪ ମି.ମି, ସୁନ୍ଦରଗଡ଼ ବ୍ଲକରେ ୨୬ ମି.ମି, ଟାଙ୍ଗରପାଲିରେ ୯୭ ମି.ମି ବର୍ଷା ରେକର୍ଡ କରାଯାଇଛି। ଏହି ଅଦିନିଆ ବର୍ଷା ଯୋଗୁଁ ଅସହ୍ୟ ତାପମାତ୍ରାରେ ହ୍ରାସ ଘଟିଛି ସତ, ହେଲେ ମୁଖ୍ୟତଃ ଡାଲୁଅ ଧାନ ଚାଷରେ ବ୍ୟାପକ କ୍ଷତି ଘଟିଛି। କାଳ ବୈଶାଖୀ ବି ଧନ ଜୀବନ ହାନି ଘଟାଇଛି। ବଜ୍ରପାତ ଟାଙ୍ଗରପାଲି ବ୍ଲକ ରେଣ୍ଡା ଗ୍ରାମର ଜଣେ ଯୁବକଙ୍କ ଜୀବନ ନେଇଛି।

## ପାଣି ପମ୍ପ ଚୋରି

**ସୁନ୍ଦରଗଡ଼, ୨୬।୫(ସମିସ):** ଭଷ୍ମା ଥାନା ଖମାରବାହାଲ ଗ୍ରାମର ଜନୈକ ବ୍ୟକ୍ତିଙ୍କ ଫସଲ ବିଲରୁ ଏକ ପାଣି ପମ୍ପ ଚୋରି ହୋଇଯାଇଛି। ଗ୍ରାମର ଶ୍ୟାମସୁନ୍ଦର ବୁଢ଼ା ତାଙ୍କ କିଆରୀରେ ଏକ ୫ ଏଚପି ବିଶିଷ୍ଟ ପାଣି ପମ୍ପରୁ ପାଣି ଉଠାଇ ଚାଷ କରୁଥିଲେ। ଏହି ପାଣି ପମ୍ପକୁ କେହି ଦୁର୍ବୃତ୍ତ ଚୋରାଇ ନେଇଛନ୍ତି। ଏ ନେଇ ସେ ଥାନାରେ ଏତଲା ଦେବା ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ଶଯ୍ୟାଶାୟୀ ସ୍ୱାମୀ, ମସ୍ତିଷ୍କ ବିକୃତ ଶାଶୂଙ୍କ ଚିକିତ୍ସାରେ ଅର୍ଥ ବାଧକ

- ସରକାରୀ ସହାୟତା ଅପେକ୍ଷାରେ ସସ୍ମିତା

**ବାଲିଶଙ୍କରା, ୨୬।୫(ସମିସ):** ବାଲିଶଙ୍କରା ବ୍ଲକ ବନ୍ଧବାହାଲ ପଞ୍ଚାୟତ ବିଜାଗଡ଼ ଗ୍ରାମରେ ରୁହନ୍ତି ସସ୍ମିତା। ସସ୍ମିତା ସା, ବୟସ ୨୯। ସ୍ୱାମୀ ହେମନ୍ତ ସା(୩୭)। ଦୀର୍ଘଦିନ ହେଲା ରୋଗଶଯ୍ୟାରେ। ୭୦ବର୍ଷୀୟ ବିଧବା ଶାଶୂ ଗୁଲାପି ସା ମସ୍ତିଷ୍କ ବିକୃତ। ଉଭୟ ସ୍ୱାମୀ ଓ ଶାଶୂଙ୍କ ଚିକିତ୍ସା ଲାଗି ଅସମର୍ଥ ସସ୍ମିତା। ଶ୍ୱଶୁର କ୍ଷେତ୍ରବର ସା ୮ ବର୍ଷ ପୂର୍ବେ ଆରପାରିକୁ ଚାଲିଯାଇଛନ୍ତି। ପିଲାଛୁଆଙ୍କ ମୁହଁ ଦେଖିବା ପୂର୍ବରୁ ସ୍ୱାମୀ ହେମନ୍ତ ଘର



ନିକଟରେ ଥିବା ସଜନା ଗଛ ଉପରୁ ପଡ଼ି ମେରୁଦଣ୍ଡ ଭାଙ୍ଗି ଯାଇଥିଲା। ତାଙ୍କୁ ବୁର୍ଲା ମେଡିକାଲରେ ଭର୍ତ୍ତି କରି ଚିକିତ୍ସା କରୁଥିଲେ। ଚିକିତ୍ସାରେ ସବୁ ଟଙ୍କା ଖର୍ଚ୍ଚ ହେବା ପରେ ଡାକ୍ତର ତାଙ୍କୁ କଟକ ବଡ଼ ମେଡିକାଲ ନେବା ପାଇଁ ପରାମର୍ଶ ଦେଲେ। ଟଙ୍କା ଅଭାବରୁ ଚିକିତ୍ସା ଖର୍ଚ୍ଚ ଜୁଟାଇ ପାରିଲେ ନାହିଁ। ହେମନ୍ତ ଏବେ ଘରେ ଶଯ୍ୟାଶାୟୀ ହୋଇ ପଡ଼ିରହିଛନ୍ତି। ଏହା ଦେଖି ଶାଶୂ ଗୁଲାପିଙ୍କ ମାନସିକ ବିକୃତ ହୋଇଗଲା। ଉଭୟଙ୍କ ସେବାଯତ୍ନ ସିନା କରୁଛନ୍ତି, ହେଲେ ଚିକିତ୍ସା ପାଇଁ ଅର୍ଥ ଯୋଗାଡ଼ କରିବା ସମ୍ଭବ ହେଉନାହିଁ। ଏହା ସାଙ୍ଗକୁ ଘରର ଚଳିବା ପାଇଁ ମଧ୍ୟ ଅର୍ଥ ଆବଶ୍ୟକ। ୩ ଏକର ଜମି ଚିକିତ୍ସା ବାବଦ ଅର୍ଥ ଯୋଗାଡ଼ରେ ବନ୍ଧକ ପଡ଼ିଛି। ସରକାରୀ ସହାୟତା କହିଲେ ୧୫ କେଜି ଚାଉଳ, ବିକଳାଙ୍ଗ ଭତ୍ତା ୩୫୦୦ ହେମନ୍ତ ପାଆନ୍ତି। ଶାଶୂ ଗୁଲାପି ବିଧବା ଭତ୍ତା ୧୦୦୦ ଟଙ୍କା ପାଆନ୍ତି। ଏ ସବୁ ଘର ଚଳିବା ପାଇଁ ହେଉଥିଲେ ହେଁ ଚିକିତ୍ସା ପାଇଁ ଅର୍ଥ ଅଣ୍ଟୁନି। ଅସହାୟ ସସ୍ମିତା କ'ଣ କରିବେ ଚିନ୍ତା କରିପାରୁନାହାନ୍ତି। ଯଦି ସରକାରଙ୍କ ତରଫରୁ ଆର୍ଥିକ ସହାୟତା ଯୋଗାଇ ଦିଆଯାଇପାରନ୍ତା ତେବେ ସ୍ୱାମୀ, ଶାଶୂଙ୍କ ଚିକିତ୍ସା କରିପାରନ୍ତେ ବୋଲି କୁହନ୍ତି ସସ୍ମିତା।

## କୁହୁଡ଼ାଫାଲ ଗ୍ରାମରେ ବିକାଶ ଅପହଞ୍ଚ

**ବାଲିଶଙ୍କରା, ୨୬।୫(ସମିସ):** ଛତିଶଗଡ଼ ଓ ଝାଡ଼ଖଣ୍ଡ ରାଜ୍ୟ ସୀମାନ୍ତ ବଣପାହାଡ଼ ଘେରା ସୁନ୍ଦରଗଡ଼ ଜିଲ୍ଲାର ବାଲିଶଙ୍କରା ବ୍ଲକ। ସରକାର ଗ୍ରାମାଞ୍ଚଳର ବିକାଶ ପାଇଁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରି କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ ପ୍ରଶାସନର ଅଣଦେଖା ଯୋଗୁଁ ଯୋଜନାଗୁଡ଼ିକର ସୁଫଳ ଲୋକଙ୍କ ନିକଟରେ ପହଞ୍ଚିପାରୁନାହିଁ। ବାଲିଶଙ୍କରା ବ୍ଲକ ତଲସରା ପଞ୍ଚାୟତର କୁହୁଡ଼ାଫାଲ ଗ୍ରାମରେ ରାସ୍ତା, ପାନୀୟଜଳ, ସ୍ୱାସ୍ଥ୍ୟ, ଶିକ୍ଷା ଭଳି ମୌଳିକ ସୁବିଧାରୁ ଆଜି ବି ଗ୍ରାମବାସୀ ବଞ୍ଚିତ ଥିବା ଦେଖାଦେଇଛି। ପଡ଼ୋଶୀ ରାଜ୍ୟ ଛତିଶଗଡ଼ ଓ ଝାଡ଼ଖଣ୍ଡକୁ ଲାଗି ରହିଥିବା ଏହି ଗ୍ରାମ ବ୍ଲକଠାରୁ ୨୫ କି.ମି. ଦୂରରେ। କୁହୁଡ଼ାଫାଲ ଗ୍ରାମରେ ମୋଟ ୪୫ ଘର ଥିବାବେଳେ ଜନସଂଖ୍ୟା ୨୦୦ରୁ ଅଧିକ। ଗ୍ରାମକୁ ଯିବା ପାଇଁ ଭଲ ରାସ୍ତାଟିଏ ନଥିବାରୁ ଗ୍ରାମରେ ଆମ୍ବୁଲାନ୍ସ କିମ୍ବା କୌଣସି ୪ ଚକିଆ ଗାଡ଼ି ଯାଇପାରେ ନାହିଁ। ବର୍ଷା ଦିନେ ନାଳରେ ପାଣି ଭରିଯାଏ। ପାଣି କମିଲେ ଗ୍ରାମବାସୀ ରାସ୍ତା ପାରିହୁଅନ୍ତି। ଅନେକ ଥର ଗର୍ଭବତୀ ମହିଳାଙ୍କୁ ପ୍ରସବ କଷ୍ଟ ହେଲେ ଖଟରେ ବୋହି ଅଧବାଟ ଆଣିଲା ପରେ ସେଠାରୁ ଆମ୍ବୁଲାନ୍ସ କିମ୍ବା ୪ ଚକିଆ ଗାଡ଼ିରେ ସବ୍‌ଡେଗା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ନେଇଥାନ୍ତି।



ଗ୍ରାମରେ ଅଙ୍ଗନବାଡ଼ି କିମ୍ବା ବିଦ୍ୟାଳୟଟିଏ ନାହିଁ। ଫଳରେ ଛାତ୍ରଛାତ୍ରୀ ୧୦ କି.ମି. ଦୂରରେ ଯାଇ ପାଠ ପଢ଼ନ୍ତି। ଦୂରରେ ଅଙ୍ଗନବାଡ଼ି ଓ ବିଦ୍ୟାଳୟ ରହିବା ଦ୍ୱାରା ଛାତ୍ରଛାତ୍ରୀ ବିଦ୍ୟାଳୟ ଯିବାକୁ ଅମଙ୍ଗ ହେବାରୁ ଗ୍ରାମରେ ଅଶିକ୍ଷିତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଗ୍ରାମରେ ୨ଟି ନଳକୂଅ ଅଛି। ଗୋଟିଏ ନଳକୂଅର ପାଣି ବାହାରୁନଥିବାବେଳେ ଆଉ ଗୋଟିଏ ନଳକୂଅର ଗୋଳିଆ ପାଣି ବାହାରୁଛି। ବାଧ୍ୟ ହୋଇ ପାହାଡ଼ ତଳ ବିଲରେ କୂଅ ଖୋଳି ପାଣି ବ୍ୟବହାର କରୁଛନ୍ତି ଗ୍ରାମବାସୀ। ବିଶେଷ କରି ବର୍ଷା ଦିନେ କୂଅରେ ମଇଳା ପାଣି ପଶିଯିବାରୁ ତାହା ବି ବ୍ୟବହାର କରିବାରେ ସମସ୍ୟା ହୋଇଥାଏ ବୋଲି ଗ୍ରାମର ନାରାୟଣ ମାଝୀ ଓ ସୁମତି ମାଝୀ କହିଛନ୍ତି। ଏଠାରେ ବିଦ୍ୟୁତ ସଂଯୋଗ କରାଯାଇଛି, ହେଲେ ପ୍ରାୟ ସମୟରେ ବିଜୁଳି ରହେ ନାହିଁ। ସନ୍ଧ୍ୟା ହେଲେ ଗ୍ରାମ କିଟିକିଟି ଅନ୍ଧାର ହୋଇଯାଏ। ଏହି ସୁଯୋଗରେ ଗାଁରେ ଭାଲୁ, ଶୃଗାଳ, ହାତୀପଲ ଗାଁକୁ ପ୍ରବେଶ କରନ୍ତି। ସନ୍ଧ୍ୟା ହେଲା କ୍ଷଣି ଗ୍ରାମରେ ତାଟି କବାଟ ଦେବାକୁ ହୁଏ। ଏ ବିଷୟ ନେଇ ବାଲିଶଙ୍କରା ବିଡିଓ ଜ୍ୟୋତିର୍ମୟୀ ପ୍ରଧାନଙ୍କୁ ଯୋଗାଯୋଗ କରିବାରୁ ମୋ ପାଖରେ ଖବର ଅଛି, ଅତି ଶୀଘ୍ର ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

## ଜିଲ୍ଲାସ୍ତରୀୟ ରବି ଧାନ ମଣ୍ଡି ଉଦ୍‌ଘାଟିତ

**ସୁନ୍ଦରଗଡ଼, ୨୬।୫(ସମିସ):** ଚଳିତ ବର୍ଷ ସୁନ୍ଦରଗଡ଼ ଜିଲ୍ଲାରେ ପ୍ରଥମ ଥର ପାଇଁ ରବି ଧାନ ସଂଗ୍ରହ ବ୍ୟବସ୍ଥା କରାଯାଇଛି। ଏହିକ୍ରମରେ ଆଜି ସଦର ବ୍ଲକର ଭେଡ଼ାବାହାଲ ଠାରେ ଜିଲ୍ଲାସ୍ତରୀୟ ରବି ଧାନ ମଣ୍ଡିର ଉଦ୍‌ଘାଟନୀ ଉତ୍ସବ ଆୟୋଜିତ ହୋଇଯାଇଛି। ସୁନ୍ଦରଗଡ଼ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଅଭିମନ୍ୟୁ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଏହି ମଣ୍ଡି ଦ୍ୱାରା ଚାଷୀଭାଇଙ୍କ ପାଖରେ ଆଉ ବଳକା ଧାନ ରହିବ ନାହିଁ। ଡିଆର୍‌ସିଏସ୍ ଉମା ଶଙ୍କର ଦାଶ ଚାଷୀଙ୍କୁ ରବି ଧାନ ଚାଷ ଉପରେ ଗୁରୁତ୍ୱ ଦେବାକୁ ପ୍ରବାର୍ତ୍ତାଇଥିଲେ। ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଲାଲବିହାରୀ ମଲ୍ଲିକ ଉନ୍ନତ ଚାଷ ପ୍ରଣାଳୀରେ ରବି ଚାଷ କରି ଏହି ମଣ୍ଡିର ଫାଇଦା ନେବା ପାଇଁ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ଯୋଗାଣ ଅଧିକାରୀ ଅଜୟ କୁମାର ରଥ, ସମବାୟ ନିରୀକ୍ଷକ ବନମାଳୀ ନାଏକ, ସର୍ଗିପାଲି ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ସୁଧୀର ନାଏକ, ଅତିରିକ୍ତ କୃଷି ଅଧିକାରୀ ରଜତ କୁମାର ପଟେଲ, ସମବାୟ ନିରୀକ୍ଷକ ବନମାଳୀ ନାଏକ, ରାଜସ୍ୱ ନିରୀକ୍ଷକ ନେତ୍ରାନନ୍ଦ ମହାନନ୍ଦ, ଭେଡ଼ାବାହାଲ ଲ୍ୟାମ୍ପସ ପରିଚାଳନା ନିର୍ଦ୍ଦେଶକ



ରୋହିତ ମହାନନ୍ଦିଆ, ସଦର (କ) ଜିଲ୍ଲାପରିଷଦ ସଭ୍ୟ ଅଶ୍ୱିନୀ କୁମାର ନାଏକ, ବିଧାୟକ ପ୍ରତିନିଧି ଦେବେନ୍ଦ୍ର କୁମାର ପଟେଲ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଏଆର୍‌ସିଏସ୍ ମୋହନ ଚରଣ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ପାଣିରେ ବୁଡ଼ି ଜଣେ ମୃତ

**ସୁନ୍ଦରଗଡ଼, ୨୬।୫(ସମିସ):** ଭଷ୍ମା ଥାନା ଅନ୍ତର୍ଗତ କିଞ୍ଜିର୍ମା ଗ୍ରାମର ଜନୈକ ବ୍ୟକ୍ତିଙ୍କ ପାଣିରେ ବୁଡି ମୃତ୍ୟୁ ଘଟିଛି। ଗ୍ରାମର ସରୋଜ କିଷାନଙ୍କ କାକା ମୁକ୍ତେଶ୍ୱର କିଷାନ (୪୫) ରବିବାର ଦିନ ପ୍ରାୟ ୧ଟା ସମୟରେ ଗାଁ ପୋଖରୀରେ ଗାଧୋଉଥିବା ସମୟରେ ବୁଡ଼ି ଯାଇଥିଲେ। ଏଥିରେ ତାଙ୍କ ମୃତ୍ୟୁ ଘଟିଥିଲା। ଅଭିଯୋଗ ପାଇ ପୁଲିସ ମୃତ ଦେହ ଜବତ କରିଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଆସନ୍ତା କାଲି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ଜଣାପଡ଼ିଛି।

## ଟ୍ରକ୍‌କୁ ପଛରୁ ପିଟିଲା ହାଇୱା, ଚାଳକ ମୃତ

**ସୁନ୍ଦରଗଡ଼, ୨୬।୫(ସମିସ):** ୧୦ ନମ୍ବର ରାଜ୍ୟ ରାଜପଥର ସୁନ୍ଦରଗଡ଼ ସଦର ଥାନା ଭେଡାବାହାଲ-ମସ୍କିକାନୀ ମଝିରେ ଏକ ହାଇଓା (ଓଡି୧୪ଏଜି -୯୧୧୩) ଏକ ଅଜଣା ଟ୍ରକକୁ ପଛ ପଟୁ ଧକ୍କା ଦେଇଛି। ଏଥିରେ ସମ୍ପୃକ୍ତ ହାଇଓା ଚାଳକଙ୍କ ମୃତ୍ୟୁ ଘଟିଛି। ତାଙ୍କ ନାମ ଖଗେଶ୍ୱର କିସାନ (୩୫) ଓ ଘର ବଣାଇ ଖଣ୍ଡପା ବୋଲି ଜଣା ପଡ଼ିଛି। ଶନିବାର ରାତିରେ ଉକ୍ତ ଆଇରନ ବୋଝେଇ ହାଇଓାଟି ଝାରସୁଗୁଡା ଅଭିମୁଖେ ଯାଉଥିବା ବେଳେ ଆଗେ ଆଗେ ଅଳ୍ପ ଦୂର ବ୍ୟବଧାନରେ ଯାଉଥିବା ଏକ ଟ୍ରକଟି ହଠାତ ବ୍ରେକ ଦେଇଥିଲା। ଫଳରେ ହାଇୱାଟି ଟ୍ରକ ସହ ପିଟି ହୋଇଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇ ସୁନ୍ଦରଗଡ଼ ସରକାରୀ ଡାକ୍ତରଖାନାକୁ ପଠା ଯାଇଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅଭିଯୋଗ ପାଇ ପୁଲିସ ରବିବାର ମୃତ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## ଦୋକାନରେ ବସିଥିବାବେଳେ ଟଳିପଡ଼ିଲେ ଯୁବକ

**ସୁନ୍ଦରଗଡ଼, ୨୬।୫(ସମିସ):** ସଧବା ନାରୀ ମାନେ ସ୍ୱାମୀଙ୍କ ଦୀର୍ଘାୟୁ କାମନା କରି ସାବିତ୍ରୀ ବ୍ରତ କରିଥିଲେ। ଗାଁରେ ଭାବମୟ ପରିବେଶ ସୃଷ୍ଟି ହୋଇଥିଲା। ହେଲେ ଦୋକାନରେ ବସିଥିବା ବେଳେ ଜନୈକ ବ୍ୟକ୍ତି ହଠାତ ଅସୁସ୍ଥ ହୋଇଥିବାବେଳେ ପରେ ତାଙ୍କର ମୃତ୍ୟୁ ହୋଇଯାଇଛି। ଏହି ଅଭାବନୀୟ ଘଟଣା ଘଟି ଯାଇଛି ସୁନ୍ଦରଗଡ଼ ସଦର ଥାନା ଅନ୍ତର୍ଗତ ବାରଗାଡ଼ ଗ୍ରାମରେ। ଆଜି ଅପରାହ୍ନରେ ବାରଗାଡ଼ ଗ୍ରାମର ଶ୍ରୀଚରଣ କିସାନ (୪୦) ଗାଁ ଛକ ନିକଟରେ ଥିବା ରାସନ ଦୋକାନରେ ବସି ଥିବା ବେଳେ ହଠାତ ଅସୁସ୍ଥ ହୋଇ ପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର ସୁନ୍ଦରଗଡ଼ ସରକାରୀ ଡାକ୍ତରଖାନାକୁ ଚିକିତ୍ସା ପାଇଁ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ପୁଲିସ ମୃତ ଦେହ ଜବତ କରି ଡାକ୍ତରଖାନାର ମର୍ଗ ହାଉସରେ ସଂରକ୍ଷିତ ରଖାଯାଇଛି। କାଲି ବ୍ୟବଚ୍ଛେଦ ହେବ ବୋଲି ପୁଲିସ କହିଛି। ଏହି ଘଟଣାକୁ ନେଇ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

## ରବି ଧାନ ବିକ୍ରି ପାଇଁ ପଞ୍ଜୀକରଣ କରିଛନ୍ତି ମାତ୍ର ୫୯୭ ଚାଷୀ

**ସୁନ୍ଦରଗଡ଼, ୨୬।୫(ସମିସ):** ଚଳିତ ବର୍ଷ ସୁନ୍ଦରଗଡ଼ ଜିଲ୍ଲାରେ ପ୍ରଥମ ଥର ପାଇଁ ରବି ଧାନ ସଂଗ୍ରହ ବ୍ୟବସ୍ଥା କରାଯାଇଛି। ତେବେ ଏହି ଜିଲ୍ଲାରେ ରବି ଧାନ ବିକ୍ରି ପାଇଁ ଚାଷୀ ପଞ୍ଜୀକରଣ ସଂଖ୍ୟା ଅତି ନଗଣ୍ୟ ରହିଛି। ଜିଲ୍ଲାରେ ମାତ୍ର ୫୯୭ ଜଣ ଚାଷୀ ରବି ଧାନ ବିକ୍ରି ପାଇଁ ପଞ୍ଜୀକରଣ କରିଛନ୍ତି। ଏଥିରେ ଭେଡ଼ାବାହାଲ ଲ୍ୟାମ୍ପସ୍‌ରେ ମାତ୍ର ୧୧୪ ଜଣ ରହିଥିବାବେଳେ ବିରବିରା ଲ୍ୟାମ୍ପସ୍‌ରେ ମାତ୍ର ୮ ଜଣ, ବଣାଇ ଲ୍ୟାମ୍ପସ୍‌ରେ ୩୨୬ ଜଣ, ଗୁରୁଣ୍ଡିଆ ଲ୍ୟାମ୍ପସ୍‌ରେ ୧୩୨ ଜଣ ଓ ମଝାପଡ଼ା ଲ୍ୟାମ୍ପସରେ ମାତ୍ର ୧୭ ଜଣ ଚାଷୀ ରହିଛନ୍ତି। ବ୍ୟାପକ ପ୍ରଚାର ପ୍ରସାର କରାନଯିବା ଓ ସଚେତନତା ଅଭାବରୁ ଏଭଳି ଅବ୍ୟବସ୍ଥା ଦେଖାଦେଇଛି ବୋଲି ସାଧାରଣରେ ମତପ୍ରକାଶ ପାଇଛି।

## ୨୦ ଘର କୈବର୍ତ୍ତ ସମାଜର ଜିଲ୍ଲା ସମ୍ମିଳନୀ

**ସୁନ୍ଦରଗଡ଼, ୨୬।୫(ସମିସ):** ସ୍ଥାନୀୟ ଜିଲ୍ଲା ସଂସ୍କୃତି ଭବନଠାରେ ୨୦ ଘର କୈବର୍ତ୍ତ ସମାଜର ସୁନ୍ଦରଗଡ଼ ଜିଲ୍ଲା ସମ୍ମିଳନୀ ଜିଲ୍ଲା ସଭାପତି ଶୁକଦେବ ବଡ଼େଇଙ୍କ ଅଧକ୍ଷତା ଓ ଜିଲ୍ଲା ସାଧାରଣ ସମ୍ପାଦକ ଧନଞ୍ଜୟ ନାଏକଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଆରାଧ୍ୟ ଦେବୀ ମାଁ ସମଲେଶ୍ୱରୀଙ୍କ ପୂଜାର୍ଚ୍ଚନା ପରେ ଜିଲ୍ଲା ଉପଦେଷ୍ଟା ଛବିଳ ସେଟ୍ କୈବର୍ତ୍ତ ସମାଜର ସାମାଜିକ ପତାକା ଉତୋଳନ କରିଥିଲେ। ସମାଜର ଜାତୀୟ ଗୀତ ଗାନ କରାଯାଇଥିଲା।

କାର୍ଯ୍ୟକ୍ରମରେ ଓଡ଼ିଶା ବିଧାନସଭାର ଉପ ବାଚସ୍ପତି ଭବାନୀ ଶଙ୍କର ଭୋଇ ମୁଖ୍ୟ



ଅତିଥି ଭାବେ ଯୋଗଦେଇ କୈବର୍ତ୍ତ ସମାଜର ଏହି କାର୍ଯ୍ୟକ୍ରମ ସମାଜରେ ଏକତା, କ୍ରମ ବର୍ଦ୍ଧିଷ୍ଣୁ ବିକାଶ ପ୍ରତି ସଚେତନତା ଆଣିଛି ବୋଲି କହିଥିଲେ। ଶିକ୍ଷା ହିଁ ବିକାଶର ମୂଳ ମନ୍ତ୍ର ବୋଲି ମତବ୍ୟକ୍ତ କରିବା ସହ ସମସ୍ତେ ଉଚ୍ଚ ଶିକ୍ଷିତ ହୋଇ ସମାଜ ସେବାରେ ବ୍ରତୀ ରହିବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସୁନ୍ଦରଗଡ଼ ପୌରାଧକ୍ଷା ତନୟା ମିଶ୍ର କୈବର୍ତ୍ତ ସମାଜର ଗୌରବ ଗାଥା ମହାନ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ କାଉନସିଲର ଦୁଃଶିଳା ଦଣ୍ଡସନା ଯୋଗ ଦେଇଥିଲେ। ନିଖିଳ ଓଡ଼ିଶା କୈବର୍ତ୍ତ ମହାସଭାର କାର୍ଯ୍ୟକାରୀ ସଭାପତି ମନୋଜ ବେହେରା ଦୂରଭାଷ ମାଧ୍ୟମରେ କୈବର୍ତ୍ତ ସମାଜର ଉନ୍ନତି କାମନା କରିଥିଲେ। ପ୍ରେମାନନ୍ଦ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ସାମାଜିକ ଭାଇ ଭଉଣୀଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ତ୍ରିନାଥ ବେହେରା, ଫକୀର ସେଟ୍, ବ୍ୟାସ ଦଣ୍ଡସନା, ମଣ୍ଟୁ ସେଟ୍, କିରନ୍ ମହାଲିଙ୍ଗ, ଅଶୋକ ଦେହୁରୀ, ଜିତୁ ସେଟ୍, ନିରଜ୍ ସେଟ୍, ରୁଦ୍ର ଦଣ୍ଡସନା, ଅରବିନ ସେଟ୍, ଆକାଶ ନାଏକ, ଅନାଦି ପାଣ୍ଡେ, ଅମିତ୍ ସେଟ୍, କିରନ ମହାଲିଙ୍ଗ, ରାମ ବାରିକ, ହରିଶଙ୍କର ସେଟ୍, ସନ୍ତୋଷ ବେହେରା, ମୁନୁ ବେହେରା, କୃଷ୍ଣଚନ୍ଦ୍ର ବାରିକ, ସୁମିତ ଦଣ୍ଡସନା ପ୍ରମୁଖ ସାମିଲ୍ ହୋଇଥିଲେ।

# ସ୍ୱାମୀଙ୍କ ଶୁଭ ମନାସିଲେ ସଧବା, ମନ୍ଦିରରେ ଭିଡ଼


ସୁନ୍ଦରଗଡ଼


ବାଲିଶଙ୍କରା


ରାଉରକେଲା


ବଣାଇଁ

ସୁନ୍ଦରଗଡ଼, ୨୬।୫(ସମିସ)

ସମଗ୍ର ସୁନ୍ଦରଗଡ଼ ଜିଲ୍ଲାରେ ପବିତ୍ର ସାବିତ୍ରୀ ବ୍ରତ ପାଳିତ ହୋଇଯାଇଛି। ସ୍ୱାମୀଙ୍କ ଶୁଭ ମନାସୀ ସଧବାମାନେ ମନ୍ଦିରରେ ପୂଜାର୍ଚ୍ଚନା କରିବା ସହ ବ୍ରତ ରଖିଥିଷଲ। ନୂତନ ବସ୍ତ୍ର ପରିଧାନ ପୂର୍ବକ ବିଭିନ୍ନ ମନ୍ଦିର, ବଟ ବୃକ୍ଷ ଆଦି ଧାର୍ମିକ ସ୍ଥଳରେ ଦଳବଦ୍ଧ ଭାବେ ବିଧି ମତେ ପୂଜାର୍ଚ୍ଚନା କରିଥିଲେ। ପୁରାଣ ବର୍ଣ୍ଣିତ ସାବିତ୍ରୀ ସତ୍ୟବାନ ଉପାଖ୍ୟାନ ଗାନ କରା ଯାଇଥିଲା। ଏହା ପରେ ସେମାନେ ନିଜ ଘରେ ନିଜ ପତି ଦେବତାଙ୍କୁ ଦୁବ ଫୁଲ ଚଢ଼ାଇ ପାଦୁକା ଜଳ ପାନ କରିଥିଲେ। ପତି-ପତ୍ନୀଙ୍କ ପବିତ୍ର ବନ୍ଧନକୁ ଆଜୀବନ ଅତୁଟ ରଖିବାକୁ ସଂକଳ୍ପ ନେଇଥିଲେ। ଏହି ଅବସରରେ ଇବ ନଗର ତଥା ଆରଆର ଆଇଟି କଲୋନୀ ଠାରେ ସ୍ଥାନୀୟ ଅଞ୍ଚଳର ବ୍ରତଧାରୀ ମହିଳା ପୂଜାର୍ଚ୍ଚନା କରି ସ୍ୱାମୀଙ୍କର ସୁନ୍ଦର ସ୍ୱାସ୍ଥ୍ୟ ଓ ନିରାମୟ ଦୀର୍ଘ ଜୀବନ କାମନା କରି ପୂଜାର୍ଚ୍ଚନା କରିଥିଲେ। ଗୋବିନ୍ଦ ଚନ୍ଦ୍ର ସୁଆର ପୂଜା କାର୍ଯ୍ୟ ତୁଲାଇ ଥିଲେ।

**ବାଲିଶଙ୍କରା:** ବାଲିଶଙ୍କରା ବ୍ଲକର ବିଭିନ୍ନ ମନ୍ଦିରରେ ସ୍ୱାମୀଙ୍କ ଶୁଭ ମନାସୀ ମହିଳାମାନେ ପୂଜାର୍ଚ୍ଚନା କରିଛନ୍ତି। ଆମ୍ବ, ଲେମ୍ବୁ, କମଳା, ସପୁରି, ପଣସ, ଖଜୁରି, କେନ୍ଦୁ, ପିଜୁଳି, କରମଙ୍ଗା, ମୁଗ ଗଜା, ତରଭୁଜ, କଦଳୀ, ଆଖୁ ଏପରି ସେମାନେ ୨୧ ପ୍ରକାର ଜଙ୍ଗଲଜାତ ଫଳ ସଂଗ୍ରହ କରିବା ସହିତ ଲାଲ ଚୁଡ଼ି, ବ୍ରତ, ଅଳତା, ସିନ୍ଦୂର ଠାକୁରଙ୍କ ପାଖରେ ଚଢ଼ାଇଥିଲେ। ବାଲିଶଙ୍କରା ରାମ ଜାନକୀ ଜଗନ୍ନାଥ ମନ୍ଦିରରେ ମଧ୍ୟ ବ୍ରତଧାରୀଙ୍କ ଭିଡ଼ ଜମିଥିଲା। ପୂଜକ ରୂପେ ଟଙ୍କଧର ପଣ୍ଡା କାର୍ଯ୍ୟ ତୁଲାଇଥିଲେ। ସେହିପରି କିଞ୍ଜିରକେଲା, ବନ୍ଧବାହାଲ, ତଲସରା, ଗଇକନପାଲି, ଧୁଡ଼ିନୂଆଗାଁ, ଖମପୁର, ତୁମୁଲିଆ, ଭଣ୍ଡାରୀଶଙ୍କରା, ଭାଟିପଡ଼ା, ସଉନାମରା ଏହିପରି ଅନେକ ଜାଗାରେ ସାବିତ୍ରୀ ବ୍ରତ ପାଳିତ ହୋଇଯାଇଛି। ଏହି ପୂଜା ସ୍ୱାମୀର ମଙ୍ଗଳ କାମନା କରି ପୂଜାର୍ଚ୍ଚନା କରିଥିଲେ। ଅନେକ ମହିଳା ମନ୍ଦିରରେ ପୂଜାର୍ଚ୍ଚନା କରିଥିବାବେଳେ ଅନେକ ବରଗଛ, ଅଶ୍ୱତ୍ଥ ଗଛ ମୂଳେ ପୂଜାର୍ଚ୍ଚନା କରିଥିଲେ।

**ରାଉରକେଲା:** ସ୍ୱାମୀଙ୍କ ଦୀର୍ଘାୟୁ କାମନା କରି ମହିଳାମାନେ ବିଭିନ୍ନ ମନ୍ଦିରରେ ପୂଜାର୍ଚ୍ଚନା କରିଛନ୍ତି। ବିଶେଷକରି ପାନପୋଷ କାଳୀ ମନ୍ଦିର, ହନୁମାନ ବାଟିକା, ଉଦିତନଗର ଜଗନ୍ନାଥ ମନ୍ଦିର, ସେକ୍ଟର -୩ ଅହିରବନ୍ଧ ମନ୍ଦିର, ବାସନ୍ତୀ କଲୋନୀ ଜଗନ୍ନାଥ ମନ୍ଦିର, ଆଖଣ୍ଡଳେଶ୍ୱରୀ ମନ୍ଦିର, କୋଏଲନଗର ଜଗନ୍ନାଥ ମନ୍ଦିର, ଝିରପାଣି ଜଗନ୍ନାଥ ମନ୍ଦିର, ସାରନଗରୀ ଜଗନ୍ନାଥ ମନ୍ଦିର, ଜଳଦା ଜଗନ୍ନାଥ ମନ୍ଦିର ଆଦିରେ ଭିଡ଼ ପ୍ରବଳ ମାତ୍ରାରେ ଥିବା ବେଳେ ସହରରେ ଅବସ୍ଥିତ ଅନ୍ୟ ମନ୍ଦିରରେ ମଧ୍ୟ ପୂଜାର୍ଚ୍ଚନା କରାଯାଇ ଥିଲା। ଗୃହିଣୀମାନେ ରୀତିନୀତି ଅନୁଯାୟୀ ପୂଜା କରି ସ୍ୱାମୀଙ୍କ ଦୀର୍ଘାୟୁ କାମନା କରିଥିଲେ। ବାପା ଘରୁ ଆସିଥିବା ସାବିତ୍ରୀ ଭାରକୁ ନେଇ ଅନେକ ଖୁସି ଅନୁଭବ କରିଛନ୍ତି। ସୂଚନାଯୋଗ୍ୟ ଯେ, ପାନପୋଷ, ସିଭିଲ ଟାଉନସିପ, ଏସଟିଆଇ, ଉଦିତନଗର, ବାସନ୍ତୀ କଲୋନୀ, ଡିଏଭି, ଡେଲି ମାର୍କେଟ, ବିଶ୍ରା, ଛେଣ୍ଡ, କଳିଙ୍ଗ ବିହାର ସମେତ ସହରର ବହୁ ସ୍ଥାନରେ ସାବିତ୍ରୀ ବ୍ରତ ପାଇଁ ବିଭିନ୍ନ ଫଳ ବିକ୍ରିର ପସରା ମେଳିଥିଲା।

**ବଣାଇଁ:** ବଣାଇଁ ଅଞ୍ଚଳରେ ସ୍ୱାମୀଙ୍କ ଦୀର୍ଘ ଓ ନିରାମୟ ଜୀବନ କାମନା କରି ବିବାହିତା ମହିଳା ସାବିତ୍ରୀ ବ୍ରତ ପାଳନ କରିଛନ୍ତି। ଏଥିପାଇଁ ସହରର ବିଭିନ୍ନ ଦେବାଳୟରେ ସକାଳୁ ଭିଡ଼ ଦେଖିବାକୁ ମିଳିଛି। ବିଶେଷ କରି ଦେଓଗାଁ ବାବା ବାଣେଶ୍ୱର ମନ୍ଦିର, ଜର୍କେକଳା ର ଯୋଗେଶ୍ୱର ମନ୍ଦିର, ତଳିତାର ମହେଶ୍ୱର, ତେଣ୍ଡରା ଝାଡେଶ୍ୱର ଓ ଗୋଗୁଆ ଦେବଭୂମି ଇତ୍ୟାଦି ଦେବାଳୟରେ ମହିଳାଙ୍କର ଭିଡ଼ ଅଧିକ ପରିଲକ୍ଷିତ ହୋଇଥିଲା। ହାତରେ ଭୋଗ ମନରେ ଉତ୍ସାହ ନେଇ ଦେବାଳୟକୁ ଯାଇଛନ୍ତି ସଧବା। ନୂଆ ଶାଢୀ, ଶଙ୍ଖା, ସିନ୍ଦୂର ଓ ଅଳତା ନେଇ ବରଗଛ ମୂଳେ ପୂଜାର୍ଚ୍ଚନା କରିଛନ୍ତି।

# ପାର୍କିଂ ପାଇଁ କଳବଳ ନୟାଗଡ଼ବାସୀ

ନୟାଗଡ଼,୨୬।୫(ସମିସ): ନୟାଗଡ଼ ସହରର ଯେତିକି ବିକାଶ ହେଉଛି, ନୂଆ ନୂଆ ଅସୁବିଧା ମଧ୍ୟ ସେତିକି ପରିମାଣର ସୃଷ୍ଟି ହୋଇଛି। ସହର ମଧ୍ୟରେ ପାର୍କିଂ ବ୍ୟବସ୍ଥା ନ ଥିବାରୁ ଗାଡ଼ି ମୋଟର ସବୁ ରାସ୍ତା ଉପରେ ଥୁଆ ହେଉଛି। ପୌର ପରିଷଦ ପାର୍କିଂ ପାଇଁ ଟିକସ ଆଦାୟ କରି ଦୀର୍ଘଦିନ ହେବ ନିର୍ବିକାର ହୋଇରହିଛି। ୧୯୫୩ ମସିହାରେ ପ୍ରତିଷ୍ଠା ହୋଇଥିବା ନୟାଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦ ୬ ବର୍ଷ ତଳେ ପୌର ପରିଷଦ ମାନ୍ୟତା ପାଇଥିଲା। ସହର ପୌର ପରିଷଦ ମାନ୍ୟତା ପାଇବା ପରେ ବହୁ ଉନ୍ନୟନମୂଳକ କାର୍ଯ୍ୟ କରାଯାଇଛି। ମାତ୍ର ରୁକ୍ଷୀ ଓ ବଳରାମ ପାହାଡ଼ ପାଦଦେଶରେ ଅବସ୍ଥିତ ନୟାଗଡ଼ରେ ସ୍ଥାନ ଅଭାବ ପାଇଁ ପାର୍କିଂ ବ୍ୟବସ୍ଥା ହୋଇପାରୁ ନାହିଁ। ଫଳରେ ନୟାଗଡ଼ ବ୍ରଜେନ୍ଦ୍ର ଉଚ୍ଚ ବିଦ୍ୟାଳୟଠାରୁ ଟ୍ରାଫିକ୍ ଛକ ଫଳଦୋକାନ ପର୍ଯ୍ୟନ୍ତ ରାସ୍ତାକଡ଼ରେ ବାଇକ୍ ଗଦା ହୋଇ ରହୁଛି। ସେହିଭଳି ଭାବେ ପରିବା ମାର୍କେଟ୍‌ଠାରୁ ଆରମ୍ଭ କରି ଓଡ଼ଗାଁ ଛକ ମଧ୍ୟରେ ଉଭୟ ପାର୍ଶ୍ୱରେ ବାଇକ୍ ଗଦା ଦେଖିବାକୁ ମିଳୁଛି। ଲୋକମାନେ ଦୁଇ ଧାଡ଼ିଆ ବାଇକ୍ ରାସ୍ତା ଉପରେ ରଖିବା ଦ୍ୱାରା ରାସ୍ତା ସଙ୍କୀର୍ଣ୍ଣ ହୋଇପଡୁଛି। ସେହିଭଳି ଭାବେ ସହରର ବିଭିନ୍ନ ସ୍ଥାନରେ ବସ୍, ଟ୍ରକ୍ ଏବଂ କାର୍ ପାର୍କିଂ ହେଉଥିବା ଦେଖାଯାଉଛି। ନୟାଗଡ଼ ବାଳିକା ଉଚ୍ଚ ବିଦ୍ୟାଳୟ, ଖଣ୍ଡପଡ଼ା ରାସ୍ତା ପାନୀୟଜଳ ଓ ପରିମଳ ବିଭାଗ ଅଫିସ୍ ସାମ୍ନା, କଲେଜ୍ ରୋଡ୍ ପ୍ରଭୃତି ସ୍ଥାନରେ ମନଇଚ୍ଛା ପାର୍କିଂ କରାଯାଉଥିବା ଦେଖାଯାଉଛି। ଖଣ୍ଡପଡ଼ା ରାସ୍ତା ଗଣେଶ ଢାବା ସାମ୍ନାରେ ଥିବା ଏକ ସିମେଣ୍ଟ ଗୋଦାମକୁ ଆସୁଥିବା ଟ୍ରକ୍ ଉକ୍ତ ଅଞ୍ଚଳରେ ରାସ୍ତାକୁ ସଙ୍କୀର୍ଣ୍ଣ କରି ପାର୍କିଂ କରୁଛନ୍ତି। ଟ୍ରକ୍‌ଗୁଡ଼ିକ ଉକ୍ତ ଗୋଦାମକୁ ଯିବା ଆସିବା ସମୟରେ ରାସ୍ତା ଜାମ୍ କରୁଛନ୍ତି। ଅନେକ ସମୟରେ ଉକ୍ତ ସ୍ଥାନରେ ଟ୍ରାଫିକ୍ ଜାମ ହେଉଥିବା ଦେଖିବାକୁ ମିଳୁଛି।

## ଅକଥନୀୟ ଯନ୍ତ୍ରଣା ଭୋଗୁଛନ୍ତି ଜନତା

# ନେତା ବେଫିକର୍, ପ୍ରଶାସନ ଅସହାୟ

ନୟାଗଡ଼,୨୬।୫(ସମିସ): ରାସ୍ତା ସମସ୍ୟା ନେଇ ପ୍ରତିଦିନ ନାହିଁ ନ ଥିବା ସମସ୍ୟା ଭୋଗୁଛନ୍ତି ନୟାଗଡ଼ ଜିଲ୍ଲା ଗଣିଆ ବ୍ଲକ୍‌ର ଛାମୁଣ୍ଡିଆ, ବଡ଼ଶିଲିଙ୍ଗା ଓ ରାସଙ୍ଗ ପଞ୍ଚାୟତବାସୀ। ଗଣିଆ-ବଡ଼ମୂଳ ରାସ୍ତାର ଦୁରବସ୍ଥା ସମ୍ପର୍କରେ କେବଳ ଯାତାୟାତ କରୁଥିବା ଯାତ୍ରୀମାନେ ହିଁ କହିପାରିବେ ଯାତାୟାତ ସମୟରେ କେଉଁଭଳି ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହି ରାସ୍ତା ସମସ୍ୟା ସମାଧାନ ନେଇ ଗତ ୨ ବର୍ଷ ଧରି ଅଞ୍ଚଳବାସୀଙ୍କ ତରଫରୁ ବିଭିନ୍ନ ସମୟରେ ବିଭିନ୍ନ ରାଜନେତା, ପ୍ରଶାସନିକ ଅଧିକାରୀଙ୍କ ନିକଟରେ ଗୁହାରି କରି ଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳିପାରୁନାହିଁ। ସମ୍ପୃକ୍ତ ଠିକାଦାର ନିଜର ମନମୁତାବକ ରାସ୍ତାର କିଛି ଅଂଶ କାମ କରି ପକାଇ ରଖୁଛନ୍ତି। କେଉଁଠି ରାସ୍ତା ଖୋଳି ରଖାଯାଇଛି ତ ଆଉ କେଉଁଠି ଅଧାଗଢ଼ା କଂକ୍ରିଟ କରି ରଖାଯାଇଛି। ରାସ୍ତା ସମସ୍ୟା ସମାଧାନ ନେଇ ଅଞ୍ଚଳବାସୀଙ୍କ ତରଫରୁ ଗତ ଫେବୃଆରୀ ୩ ତାରିଖରେ ଗଣିଆ ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ଅଞ୍ଚଳର ଶତାଧିକ ପୁରୁଷ ଓ ମହିଳା ଧାରଣାରେ ସାମିଲ ହୋଇଥିଲେ।



ଫେବୃଆରୀ ୪ରେ ଧାରଣାସ୍ଥଳରେ ନୟାଗଡ଼ ଉପଜିଲ୍ଲାପାଳ, ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ, ଗଣିଆ ତହସିଲ୍‌ଦାର ପହଞ୍ଚ ଏପ୍ରିଲ ୩୦ ତାରିଖ ସୁଦ୍ଧା ସମସ୍ତ ଦାବି ପୂରଣ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ପରିତାପର ବିଷୟ ପ୍ରଶାସନ ତରଫରୁ ଦିଆଯାଇଥିବା ପ୍ରତିଶ୍ରୁତିର ଅବଧି ପୂରି ୧ ମାସ ବିତିଯାଇଥିବାବେଳେ ରାସ୍ତା କାର୍ଯ୍ୟ ପୂର୍ବପରି ଅଧପନ୍ତରିଆ ପଡ଼ିରହିଛି। ଏଥିପ୍ରତି ରାଜନେତା କିମ୍ବା ପ୍ରଶାସନିକ ଅଧିକାରୀମାନେ ସତେ ଯେମିତି ଅସହାୟ ହୋଇପଡ଼ିଥିବା ଅଞ୍ଚଳବାସୀ ଅନୁଭବ କରୁଥିବା କୁହନ୍ତି

- ଉପଜିଲ୍ଲାପାଳଙ୍କ ପ୍ରତିଶ୍ରୁତିକୁ ବିତିଲା ୪ ମାସ
- ଆଗେଇଲା ନାହିଁ ଗଣିଆ-ବଡ଼ମୂଳ ରାସ୍ତା
- ବଡ଼ ଧରଣର ଆନ୍ଦୋଳନ ପାଇଁ ଯୋଜନା



ଛାମୁଣ୍ଡିଆ ପଞ୍ଚାୟତର ବୟୋଜ୍ୟେଷ୍ଠ ନାଗରିକ କୃପାସିନ୍ଧୁ ନାୟକ।

ଛାମୁଣ୍ଡିଆ ଅଞ୍ଚଳର ଜୟଦେବ ସାହୁ କୁହନ୍ତି, କାହା ପ୍ରଭାବରେ ଗଣିଆ-ଛାମୁଣ୍ଡିଆ ରାସ୍ତା କାର୍ଯ୍ୟରେ ଅହେତୁକ ବିଳମ୍ବ ହେଉଛି ସରକାର ଏଥିପ୍ରତି ଦୃଷ୍ଟିଦେଇ ଭିଜିଲାନ୍ସ ତଦନ୍ତ କରିବା ଆବଶ୍ୟକ। ଏହି ରାସ୍ତାର ବୃଢଙ୍ଗ ସେତୁ ନିକଟରେ ଅଧପନ୍ତରିଆ କଂକ୍ରିଟ ସାଙ୍ଗକୁ ସମ୍ପୃକ୍ତ ଠିକାଦାର ରାସ୍ତାର ଉଭୟ ପାର୍ଶ୍ୱରେ ବିଛାଇଥିବା ପଟୁମାଟି ବର୍ଷା ହେଲେ ରାସ୍ତା ଉପରେ ଜମା ହେବା ଫଳରେ ଯାନବାହନ ଆରୋହୀ ଦୁର୍ଘଟଣାର ସମ୍ମୁଖୀନ ହୋଇଥା'ନ୍ତି। ଗଣିଆ-ବଡ଼ମୂଳ ରାସ୍ତା ସମସ୍ୟା ତୁରନ୍ତ ସମାଧାନ ନ ହେଲେ ଅଞ୍ଚଳବାସୀଙ୍କ ତରଫରୁ ପୁଣିଥରେ ବଡ଼ ଧରଣର ଆନ୍ଦୋଳନ ମୁଣ୍ଡ ଟେକିବ ବୋଲି ଜଣାପଡ଼ିଛି। ଗତ ୭ ବର୍ଷ ତଳେ ପ୍ରଥମ ପର୍ଯ୍ୟାୟରେ ଗଣିଆ ବଜାରଠାରୁ କଳାପାଟ ଠାକୁରାଣୀ ପୀଠ ୧୦ କିଲୋମିଟର ରାସ୍ତା ନିର୍ମାଣ କାର୍ଯ୍ୟ ଶେଷ ହୋଇଯାଇଛି। ନିମ୍ନମାନର କାର୍ଯ୍ୟ ଯୋଗୁଁ ଏହି ରାସ୍ତାର ଅନେକ ସ୍ଥାନରେ ଗତ ୩ ବର୍ଷ ହେବ ଖାଲଖମା ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି। ୨ୟ ପର୍ଯ୍ୟାୟରେ ୨୦୨୨ରେ କଳାପାଟ ଠାକୁରାଣୀ ପୀଠଠାରୁ ବଡ଼ମୂଳ ୧୪ କିଲୋମିଟର ରାସ୍ତା ନିର୍ମାଣ ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ୫ କୋଟି ୨୫ ଲକ୍ଷ ୨୧ ହଜାର ଟଙ୍କା ମଞ୍ଜୁର ହୋଇଥିଲା। ଏହି ରାସ୍ତାଟିର ନିର୍ମାଣ କାର୍ଯ୍ୟ ୨୦୨୨ ଫେବୃଆରୀ ୨୩ରୁ ଆରମ୍ଭ ହୋଇ ୨୦୨୩ ମାର୍ଚ୍ଚ ୨୨ରେ ଶେଷ ହେବାର ଅବଧି ରହିଥିଲେ ହେଁ ଅଦ୍ୟାବଧି ନିର୍ମାଣ କାର୍ଯ୍ୟ ଶେଷ ହୋଇପାରି ନ ଥିବା ଦେଖାଯାଇଛି।

## ଜିଲ୍ଲା ଯୋଜନା କାର୍ଯ୍ୟାଳୟ କୋଠା ଅଧପନ୍ତରିଆ

# ୮ ମାସ ତଳୁ ସରିଲାଣି ଅବଧି



ନୟାଗଡ଼,୨୬।୫(ସମିସ): ନୟାଗଡ଼ ଜିଲ୍ଲାରେ ପୂର୍ତ୍ତ ବିଭାଗ ଭୂଆଁ ବୁଲାଉଛି। ସମୟ ଅବଧି ସୁଦ୍ଧା ଗୋଟିଏ ବି କାମ ଶେଷ ହେଉ ନ ଥିବାବେଳେ ଠିକାଦାରଙ୍କୁ ଅହେତୁକ ଅନୁକମ୍ପା ପ୍ରଦର୍ଶନ କରାଯାଉଛି। ଫଳରେ ଜିଲ୍ଲାର ବିକାଶରେ ବାଧା ସୃଷ୍ଟି ହେବା ସହ ଦୁର୍ଦ୍ଦଶା ବୃଦ୍ଧି ପାଉଛି। ନୟାଗଡ଼ ଜିଲ୍ଲାରେ ରାସ୍ତାଘାଟ, ପୋଲ ନିର୍ମାଣ କାମରେ ମନ୍ଥରତା ପାଇଁ ଜିଲ୍ଲାବାସୀ ସମସ୍ୟା ଭୋଗୁଥିବାବେଳେ ଏବେ ସରକାରୀ କୋଠା ନିର୍ମାଣରେ ମଧ୍ୟ ମନ୍ଥରତା ଏବଂ ନିମ୍ନମାନର କାମ ନେଇ ଅଭିଯୋଗ ଆସୁଛି। ନୟାଗଡ଼ ଜିଲ୍ଲା ଯୋଜନା କାର୍ଯ୍ୟାଳୟ ନିର୍ମାଣ ପାଇଁ ୨ବର୍ଷ ତଳୁ ଯୋଜନା ପ୍ରସ୍ତୁତ ହୋଇଥିଲା। ୨୦୨୩-୨୪ ଆର୍ଥିକ ବର୍ଷରେ ଏଥିପାଇଁ ଯୋଜନା ପ୍ରସ୍ତୁତ ହୋଇ କୋଠା ନିର୍ମାଣ ପାଇଁ ପୂର୍ତ୍ତ ବିଭାଗକୁ ଦାୟିତ୍ୱ ଦିଆଯାଇଥିଲା। ୩ କୋଟି ୯୩ ଲକ୍ଷ ଟଙ୍କାରେ ଏହାକୁ ନିର୍ମାଣ କରିବା ପାଇଁ ଟେଣ୍ଡର କରି ଠିକାଦାର ଚୟନ ପରେ ପୂର୍ତ୍ତ ବିଭାଗ ୨୦୨୩ ଡିସେମ୍ବର ୨୯ରେ କାର୍ଯ୍ୟ ଆରମ୍ଭ ପାଇଁ ଅନୁମତି ଦେଇଥିଲା।

- ୨ ବର୍ଷ ତଳୁ ଯୋଜନା; ହୋଇପାରୁନି କାର୍ଯ୍ୟକାରୀ
- ଭୂଆଁ ବୁଲାଉଛି ପୂର୍ତ୍ତ ବିଭାଗ; ସବୁକାମରେ ମନ୍ଥରତା

ସୁମନ୍ତ କୁମାର ସାହୁ ନାମକ ଜନୈକ ଠିକାଦାର ୩ କୋଟି ୫୨ ଲକ୍ଷ ଟଙ୍କାରେ ନିର୍ମାଣ ଦାୟିତ୍ୱ ନେଇଥିବାବେଳେ ୨୦୨୪ ସେପ୍ଟେମ୍ବର ୨୮ ତାରିଖ ସୁଦ୍ଧା କାର୍ଯ୍ୟ ଶେଷ କରିବାକୁ ଚୁକ୍ତି ହୋଇଥିଲା। ନୟାଗଡ଼ ଜିଲ୍ଲା ପରିଷଦ କାର୍ଯ୍ୟାଳୟ ନିକଟରେ ଏହାର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିବାବେଳେ ଏଯାଏଁ ଶେଷ ହେବାର ନାଁ ନାହିଁ। ଏହି କୋଠା ନିର୍ମାଣ କାମ ଅତ୍ୟନ୍ତ ମନ୍ଥର ଗତିରେ ଚାଲିଛି। କାମ ୫୦ ପ୍ରତିଶତ ଶେଷ ହୋଇ ନ ଥିବାବେଳେ କେବେ କାମ ପୂର୍ଣ୍ଣାଙ୍ଗ ରୂପ ନେବ ବୋଲି ପ୍ରଶ୍ନ ଉଠିଛି। ନିର୍ମାଣ ଅବଧି ଶେଷ ହେବାକୁ ୮ ମାସ ବିତିଥିବାବେଳେ କାର୍ଯ୍ୟ ଶେଷ ନ ହେବା ବିଭାଗୀୟ କର୍ମଚାରୀଙ୍କ କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ନୟାଗଡ଼ ଜିଲ୍ଲାରେ ଏଭଳି ଅନେକ ରାସ୍ତା ଓ କୋଠା ନିର୍ମାଣ କାର୍ଯ୍ୟ ଅଧା ଅଧୁରା ଅବସ୍ଥାରେ ରହିଥିବାବେଳେ ପୂର୍ତ୍ତ ବିଭାଗ ଜିଲ୍ଲାବାସୀଙ୍କୁ ଭୂଆଁ ବୁଲାଇ ଚାଲିଛି। ଜିଲ୍ଲା ପ୍ରଶାସନ ପୂର୍ତ୍ତ ବିଭାଗ କାର୍ଯ୍ୟର ସମୀକ୍ଷା କରିବାର ଆବଶ୍ୟକତା ରହିଥିବାବେଳେ ପୂର୍ତ୍ତ ବିଭାଗ ଗଣମାଧ୍ୟମ ଜରିଆରେ କାର୍ଯ୍ୟ ମନ୍ଥରତା ନେଇ ଜିଲ୍ଲାବାସୀଙ୍କ ଆଗରେ ଉତ୍ତର ରଖି ବୋଲି ଦାବି ହୋଇଛି। ଏ ସମ୍ପର୍କରେ ପୂର୍ତ୍ତ ଅଧିକାରୀଙ୍କ ମତାମତ ମିଳିପାରିନାହିଁ।

### ଶେଷ ହେଉନି ବୈଧ ମାପ ବିଜ୍ଞାନ ବିଭାଗ କୋଠା

ନୟାଗଡ଼: ନୟାଗଡ଼ ଜିଲ୍ଲା ପୂର୍ତ୍ତ ବିଭାଗ ଅବହେଳା ପାଇଁ ବୈଧ ମାପ ବିଜ୍ଞାନ ବିଭାଗ କାର୍ଯ୍ୟାଳୟ କୋଠା ନିର୍ମାଣରେ ମଧ୍ୟ ମନ୍ଥରତା ସୃଷ୍ଟି ହୋଇଛି। ଜିଲ୍ଲା ଶିଳ୍ପ କେନ୍ଦ୍ର ନିକଟରେ ଏହାର ନିର୍ମାଣ କାର୍ଯ୍ୟ କରାଯାଉଥିବା ବେଳେ କାମ ଶେଷ ହେବା ନାଁ ଧରୁନାହିଁ। ୧ କୋଟି ୩୪ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ଏହି କାମ ୨୦୨୩ ଅଗଷ୍ଟ ୩୧ ତାରିଖରୁ ଆରମ୍ଭ ହୋଇଥିବାବେଳେ ୨୦୨୪ ଫେବୃଆରୀ ସୁଦ୍ଧା ଶେଷ ହେବାକୁ ଯୋଜନା ରହିଥିଲା। କିନ୍ତୁ ଏଯାଏଁ କାର୍ଯ୍ୟ ଶେଷ ହୋଇ ନ ଥିବା ଦେଖାଯାଇଛି। ପୂର୍ତ୍ତ ବିଭାଗ ଅବହେଳା ପାଇଁ ବହୁ ବିଳମ୍ବରେ ଏହାର ନିର୍ମାଣ ଆରମ୍ଭ ହୋଇଥିବା ସୂଚନା ମିଳିଛି। ଫଳରେ ଅବଧି ଶେଷ ହୋଇଥିଲେ ବି ପୂର୍ତ୍ତ ବିଭାଗ ଠିକାଦାରଙ୍କୁ ଜୋର୍ କରିପାରୁ ନାହିଁ। ନୟାଗଡ଼ ବିକାଶରେ ପୂର୍ତ୍ତ ବିଭାଗର ଅବହେଳା ବାଧା ସୃଷ୍ଟି କରୁଛି।

# ବିଭିନ୍ନ ଦେବାଳୟରେ ସାବିତ୍ରୀ ବ୍ରତ ପାଳିତ

ନୟାଗଡ଼,୨୬।୫(ସମିସ): ପବିତ୍ର ଜ୍ୟେଷ୍ଠ ଅମାବାସ୍ୟା ଅବସରରେ ସୋମବାର ମହିଳାମାନେ ସାବିତ୍ରୀ ବ୍ରତ ପାଳନ କରିଛନ୍ତି। ଏଥିପାଇଁ ନୟାଗଡ଼ ସହରର ବିଭିନ୍ନ ଦେବାଳୟରେ ଭିଡ଼ ଦେଖିବାକୁ ମିଳିଛି। ସ୍ୱାମୀଙ୍କ ମଙ୍ଗଳ କାମନା କରି ମହିଳାମାନେ ଉପବାସ ରଖିବା ସହ ଯମଙ୍କ ଉଦ୍ଦେଶ୍ୟରେ ଏହି ପୂଜା କରିଥାନ୍ତି। ନୂଆ ଶାଢ଼ି, ଶଙ୍ଖା, ସିନ୍ଦୂର ଠାକୁରଙ୍କୁ ସମର୍ପଣ କରିବା ସହ ତାହାକୁ ପରିଧାନ କରନ୍ତି।

ଖଣ୍ଡପଡ଼ା : ଖଣ୍ଡପଡ଼ା ବ୍ଲକ୍ ଅଧୀନ ସମସ୍ତ ଗ୍ରାମରେ ମହିଳାମାନେ ଭକ୍ତିର ସହ ସାବିତ୍ରୀ ବ୍ରତ ପାଳିଥିବା ଜଣାପଡ଼ିଛି। ସକାଳୁ ସମସ୍ତ ମନ୍ଦିରରେ ସଧବା ନାରୀମାନଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ଜ୍ୟେଷ୍ଠ ଅମାବାସ୍ୟା ତିଥିରେ ପତିବ୍ରତା ଓ ନିଷ୍ଠାର ସହିତ ସାବିତ୍ରୀ ବ୍ରତ ପାଳନର ବିଧି ରହିଛି। ଏହିଦିନ ମହିଳାମାନେ ସ୍ୱାମୀଙ୍କ ଶୁଭ ମନାସିବା ସହ ଦୀର୍ଘାୟୁ ସୁସ୍ଥ ନିରାମୟ ଜୀବନ କାମନା କରି ବ୍ରତ ପାଳନ କରିଥାନ୍ତି। ମହିଳା ବ୍ରତ ଧାରିଣୀମାନେ ନୂଆ ଶାଢ଼ି, ଶଙ୍ଖା, ଚୁଡ଼ି, ସିନ୍ଦୂର ଓ ଫଳମୂଳ ନେଇ ନିକଟସ୍ଥ ମନ୍ଦିରରେ ପୂଜା କରିବା ପରେ ଘରେ ସ୍ୱାମୀଙ୍କୁ ମଧ୍ୟ ପୂଜାର୍ଚ୍ଚନା କରିଥିଲେ। ପରେ ଫଳମୂଳ ଖାଇବା ସହ ପଣା ସେବନ କରି ବ୍ରତ ସମାପନ କରିଥିବା ଦେଖିବାକୁ ମିଳିଛି।



ଓଡ଼ଗାଁ: ଜଣେ ପତିବ୍ରତା ନାରୀ ଗର୍ବ ଓ ଗୌରବର ପ୍ରତୀକ ହେଉଛି ଶଙ୍ଖା ଓ ସିନ୍ଦୂର। ସ୍ୱାମୀଙ୍କ ସୁସ୍ଥ ନିରୋଗ ଓ ଦୀର୍ଘ ନିରାମୟ ଜୀବନ କାମନା କରି ଜଣେ ସ୍ତ୍ରୀ ସ୍ୱାମୀଙ୍କ ପାଇଁ ସାବିତ୍ରୀ ବ୍ରତ ପାଳିଥାନ୍ତି। ସୋମବାର ଅମାବାସ୍ୟା ତିଥିରେ ବ୍ରତ ପାଳନ ପାଇଁ ଓଡ଼ଗାଁରେ ଥିବା ସାବିତ୍ରୀ ମନ୍ଦିରରେ ପୂଜା ପାଇଁ ସଧବା ନାରୀଙ୍କର ଭିଡ଼ ଜମିଥିଲା। ନୂତନ ବସ୍ତ୍ର, ସିନ୍ଦୂର, ଚୁଡ଼ି ଓ ନାନା ରକମର ଫଳ ଫୁଲ ନେଇ ମନ୍ଦିରରେ ଭୋଗ ଲଗାଇ ଥିଲେ। ଅନେକ ମଧ୍ୟ ପ୍ରଥା ପରମ୍ପରା ଆଧାରରେ ଘରମାନଙ୍କରେ ଶିଳ ଶିଳପୁଆକୁ ପ୍ରତୀକାତ୍ମକ ଭାବେ ସାବିତ୍ରୀ ସତ୍ୟବାନ ରୂପେ ସଜାଇ ପୂଜାର୍ଚ୍ଚନା କରିଥିଲେ। ଦେବୀ ସାବିତ୍ରୀ ଓ ସତ୍ୟବାନଙ୍କୁ ନୂତନ ବସ୍ତ୍ର ଅଳଙ୍କାରରେ ସଜ୍ଜିତ କରି ସାବିତ୍ରୀ ପୁରାଣ ପଠନ କରାଯାଇଥିଲା। ପଣ୍ଡିତ ବ୍ରାହ୍ମଣଙ୍କ ଦ୍ୱାରା ପୁଷ୍ପ, ଧୂପ, ଦୀପ, ଅର୍ଘ୍ୟ ବନ୍ଦାପନା କରି ନୈବେଦ୍ୟ ଅର୍ପଣ କରିଥିଲେ। ଓଡ଼ଗାଁ ଶ୍ରୀରଘୁନାଥଙ୍କ ପୀଠ ଏବଂ ଲକ୍ଷ୍ମୀ ବଜାର ଲକ୍ଷ୍ମୀ ମନ୍ଦିର ପରିସରରେ ସତ୍ୟବାନ ସାବିତ୍ରୀଙ୍କର ମନ୍ଦିର ରହିଥିବାରୁ ସେଠାରେ ଅନେକ ବ୍ରତଧାରୀ ପୂଜାର୍ଚ୍ଚନା କରିଥିଲେ। ଏହିପରି ସ୍ଥାନୀୟ ଅଞ୍ଚଳରେ ବିଭିନ୍ନ ସ୍ଥାନରେ ଅପରାହ୍ଣ ପର୍ଯ୍ୟନ୍ତ ବ୍ରତ ପାଳନ ଦେଖିବାକୁ ମିଳିଥିଲା।

# ନୟାଗଡ଼ ପାଲଟିଛି ନିଶାମାର୍ଗ

ନୟାଗଡ଼,୨୬।୫(ସମିସ): ନୟାଗଡ଼ ପାଲଟିଛି ନିଶାମାର୍ଗ। ନୟାଗଡ଼ ଦେଇ ପ୍ରତିଦିନ ଖୋର୍ଦ୍ଧା, ଭୁବନେଶ୍ୱର, କଟକ ଓ ରାଜ୍ୟ ବାହାରକୁ ନିଶାଦ୍ରବ୍ୟ ଚାଲାଣ ହେଉଛି। କନ୍ଧମାଳ ଜିଲ୍ଲାରୁ ବ୍ୟାପକ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ବେଳେ ଏବେ ଗଞ୍ଜାମ ଜିଲ୍ଲାରୁ ସର୍ବାଧିକ ଦେଶୀ ମଦ ଚାଲାଣ ହେଉଛି। ଗଞ୍ଜାମ ଜିଲ୍ଲାରୁ ନୟାଗଡ଼ ଦେଇ ବେଶ୍ ଆରାମରେ ଦେଶୀ ମଦ ରାଜ୍ୟ ରାଜଧାନୀରେ ପହଞ୍ଚୁଛି। ଏହି ବେଆଇନ ନିଶା କାରବାର ପଛରେ ବଡ଼ ବଡ଼ ମାଫିଆ ସାମିଲ୍ ଥିବାବେଳେ ଅବକାରୀ ବିଭାଗ ଛୋଟ ଛୋଟ ବେପାରୀଙ୍କୁ ଧରି ବାହାବା ନେଉଛି। ନୟାଗଡ଼ ଜିଲ୍ଲା ଦେଇ କନ୍ଧମାଳରୁ ଆସୁଥିବା ଗଞ୍ଜେଇ ବାଣିଗୋଛା, ଦଶପଲ୍ଲା, ନୂଆଗାଁ, ସଦର, ଟାଉନ, ଇଟାମାଟି ଥାନା ଅତିକ୍ରମ କରି ଖୋର୍ଦ୍ଧା ଜିଲ୍ଲାରେ ପ୍ରବେଶ କରୁଛି। ପୁଲିସ ଏଥିପ୍ରତି ଆଦୌ ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହେଉଛି। ବେଆଇନ ନିଶା ଚୋରା ଚାଲାଣକୁ ରୋକିବା ପାଇଁ ଜିଲ୍ଲା ପୁଲିସ ପକ୍ଷରୁ କୌଣସି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଅବକାରୀ ବିଭାଗ ନାଁକୁ ମାତ୍ର ଧରପଗଡ଼ କରୁଥିବାବେଳେ ବଡ଼ ବଡ଼ ମାଫିଆ ବେଶ୍ ଆରାମରେ ଖସି ଯାଉଛନ୍ତି। ଅବକାରୀ ବିଭାଗ ଏବଂ ପୁଲିସ ବିଭାଗ ମିଳିତ ଭାବେ ସ୍କ୍ୱାଡ୍ ଗଠନ କରିବାକୁ ଦାବି ହେଉଛି।

### କନ୍ଧମାଳରୁ ଗଞ୍ଜେଇ, ଗଞ୍ଜାମରୁ ଦେଶୀ ମଦ ଚାଲାଣ

## ● କଣ୍ଟିଲୋ ଡାକ୍ତରଖାନା କୋଠା ନିର୍ମାଣ ପ୍ରସଙ୍ଗ

# ସମନ୍ୱୟ ଅଭାବରୁ ହୋଇପାରୁନି ସ୍ଥାନ ନିରୂପଣ



୧୫ ଦିନ କହି ୬ ମାସ ବିତାଇଲେ ବିଧାୟକ

ଖଣ୍ଡପଡ଼ା/କଣ୍ଟିଲୋ,୨୬।୫(ସମିସ): ରାଜ୍ୟ ସରକାର ୨୪ ଘଣ୍ଟିଆ ରୋଗୀ ସେବା ଯୋଗାଇବା ପାଇଁ ପ୍ରାୟ ୩୬ ମାସ ପୂର୍ବେ ୨ କୋଟି ୨୦ ଲକ୍ଷ ଟଙ୍କା ମଞ୍ଜୁର କରି ପୁଲିସ ହାଉସିଂ କର୍ପୋରେସନକୁ ଦାୟିତ୍ୱ ଦେଇଥିଲେ ହେଁ ଆଜି ସୁଦ୍ଧା ସ୍ଥାନ ନିରୂପଣ ହୋଇପାରୁ ନ ଥିବାରୁ ନୂତନ ଗୃହ ନିର୍ମାଣ କାର୍ଯ୍ୟ ଶୀତଳ ଭଣ୍ଡାରରେ ବରଫ ପାଲଟି ଯାଇଥିବା ନେଇ କଣ୍ଟିଲୋ ଅଞ୍ଚଳରେ ମୁଖ୍ୟ ଚର୍ଚ୍ଚାର ବିଷୟ ପାଲଟିଛି। ନୂତନ ଗୃହ ନିର୍ମାଣ ପାଇଁ ଜିଲ୍ଲା ପ୍ରଶାସନ ଆବଶ୍ୟକ ଜାଗା ସ୍ଥିରୀକୃତ କରିପାରି ନ ଥିବାରୁ ସର୍ବସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଦୀର୍ଘ ୩ବର୍ଷ ବିତି ଯାଇଥିଲେ ମଧ୍ୟ ଖଣ୍ଡପଡ଼ା ତହସିଲ୍ ଜିଲ୍ଲା ପ୍ରଶାସନ ଓ ରାଜସ୍ୱ ବିଭାଗ ଅଧିକାରୀଙ୍କ ଇଚ୍ଛାଶକ୍ତି ଓ ଆନ୍ତରିକତାର ଅଭାବ ଯୋଗୁଁ କଣ୍ଟିଲୋରେ ୨୪ ଘଣ୍ଟିଆ ରୋଗୀ ସେବାର ନୂତନ ଗୃହ ନିର୍ମାଣ ପାଇଁ ସ୍ଥାନ ନିରୂପଣ ହୋଇପାରୁନାହିଁ। ଅନ୍ୟପକ୍ଷରେ କଣ୍ଟିଲୋର ବିଭିନ୍ନ ସାମାଜିକ ସଂଗଠନ, ବରିଷ୍ଠ ନାଗରିକ, ରାଜନେତା ଓ ବୁଦ୍ଧିଜୀବୀଙ୍କ ସମନ୍ୱୟ ଅଭାବରୁ ନୂତନ ଗୃହ ନିର୍ମାଣ କାର୍ଯ୍ୟ ହୋଇପାରୁନାହିଁ ବୋଲି ମତ ପ୍ରକାଶ ପାଇଛି।

କଣ୍ଟିଲୋ ମେଡିକାଲ ଉପରେ ଚିକିତ୍ସା ପାଇଁ ସମ୍ପୂର୍ଣ୍ଣ ଭାବେ ଆଖପାଖ ୮ଟି ପଞ୍ଚାୟତର ପ୍ରାୟ ୭୦ ହଜାରରୁ ଉର୍ଦ୍ଧ୍ୱ ଅଧିବାସୀ ନିର୍ଭର କରୁଥିବାରୁ ତତ୍କାଳୀନ ବିଜେଡି ସରକାର ୨୪ ଘଣ୍ଟିଆ ରୋଗୀ ସେବା ପାଇଁ ଅର୍ଥ ମଞ୍ଜୁର କରିଥିଲେ। ଗୃହ ନିର୍ମାଣ ପାଇଁ ପଞ୍ଚାୟତ କର୍ତ୍ତୃପକ୍ଷ, ନାଗରିକ ମଞ୍ଚ, ବିକାଶ ପରିଷଦ, ବରିଷ୍ଠ ନାଗରିକ କି ସମାଜସେବୀ ଅନୁଷ୍ଠାନ ମଧ୍ୟରୁ କିଏ ଜାଗା ଯୋଗାଇଦେବେ ନା ରାଜସ୍ୱ ବିଭାଗ ଯୋଗାଇବ? ଏହାର ଉତ୍ତର କାହା ପାଖରେ ସଠିକ୍ ଭାବରେ ନ ଥିବା ମଧ୍ୟ ଆଲୋଚନା ହେଉଛି। ତେବେ ୬ ମାସ ତଳେ ସ୍ଥାନୀୟ ବିଧାୟକ ଏକ ସଭାରେ ପ୍ରତିଶ୍ରୁତି ଦେଇଥିଲେ କି ମାତ୍ର ୧୫ ଦିନ ଭିତରେ କଣ୍ଟିଲୋରେ ମେଡିକାଲ ପାଇଁ ଜାଗା ଚିହ୍ନଟ ହୋଇ ଗୃହ ନିର୍ମାଣ କାର୍ଯ୍ୟ ହେବ। ବିଧାୟକଙ୍କ ପ୍ରତିଶ୍ରୁତିକୁ ୬ ମାସ ବିତିଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ତାଙ୍କ କଥା କେବଳ ପାଣିର ଗାର ହୋଇ ରହିଯାଇଛି। ସେହିପରି ଗତ ମାଘମେଳା ମହୋତ୍ସବକୁ ଅତିଥି ଭାବେ ଯୋଗ ଦେଇଥିବା ଖୋଦ୍ ସ୍ୱାସ୍ଥ୍ୟମନ୍ତ୍ରୀ ଖୁବ୍ ଶୀଘ୍ର ନୂତନ ମେଡିକାଲ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବା ସହିତ ନୂତନ ଡାକ୍ତର ନିଯୁକ୍ତି ପ୍ରଦାନ କରାଯିବ ବୋଲି ଦୃଢ଼ତାର ସହ କହିଥିଲେ। ରାଜସ୍ୱ ବିଭାଗ କଣ୍ଟିଲୋରେ ୨୪ ଘଣ୍ଟିଆ ରୋଗୀ ସେବା ଗୃହ ନିର୍ମାଣ ପାଇଁ ଆବଶ୍ୟକୀୟ ନିର୍ଦ୍ଦିଷ୍ଟ ସ୍ଥାନ ନିରୂପଣ କରି ସ୍ୱାସ୍ଥ୍ୟ ବିଭାଗକୁ ହସ୍ତାନ୍ତର କରିବା ପାଇଁ ଜିଲ୍ଲା ପ୍ରଶାସନ ନିକଟରେ ସ୍ଥାନୀୟ ଲୋକମାନେ ନିଜର ଦାବି ଜଣାଇଛନ୍ତି।

# କେବେ ବଦଳିବ ନଦୀକୂଳିଆଙ୍କ ଭାଗ୍ୟ

## ମାରଡ଼ା-ବୈଦେଶ୍ୱର ରାସ୍ତା ପ୍ରଶସ୍ତୀକରଣ ଦାବି

ଭାପୁର,୨୬।୫(ସମିସ): ବଦଳୁଛି ସରକାର ଓ ପ୍ରଶାସନ; ହେଲେ ଭାପୁର ଅଞ୍ଚଳର ଭାଗ୍ୟ ବଦଳୁନି। ରାଜ୍ୟ ସରକାର ରାଜ୍ୟରେ ଗମନାଗମନ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରି ରାସ୍ତାଘାଟ ଉନ୍ନତୀକରଣ କରୁଛନ୍ତି। ହେଲେ ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ୍ ଦେଇ ମହାନଦୀ କୂଳେ କୂଳେ ଯାଇଥିବା ପୁରୁଣା ଜଗନ୍ନାଥ ସଡ଼କ ଏବେ ଅବହେଳିତ ହୋଇ ପଡ଼ିରହିଛି। ଯାହା ଫଳରେ ବ୍ଲକ୍‌ର ପାଞ୍ଚ ପଞ୍ଚାୟତ ସହ ନୟାଗଡ଼ ଓ କଟକ ଜିଲ୍ଲାର ସଂଯୋଗ ଦୁର୍ବଳ ଅବସ୍ଥାରେ ରହିଛି। ମହାନଦୀ ଅବବାହିକାର ଏହି ଐତିହ୍ୟସମ୍ପନ୍ନ ରାସ୍ତା କଣ୍ଟିଲୋରୁ ସିଧାସଳଖ କଟକକୁ ସଂଯୋଗ କରୁଥିବାବେଳେ ତାହା ଅଲୋଡ଼ା ଅବସ୍ଥାରେ ରହିଛି। ବାଘମାରୀଠାରୁ କଣ୍ଟିଲୋ ଦେଇ ଦଶପଲ୍ଲା ପର୍ଯ୍ୟନ୍ତ ରାସ୍ତା ରାଜ୍ୟ ରାଜପଥ ମାନ୍ୟତା ପାଇ ବେଶ୍ ଉନ୍ନତ ଓ ପ୍ରଶସ୍ତ ହୋଇଛି। ସେହିପରି କଳାପଥରଠାରୁ ବୈଦେଶ୍ୱର ଦେଇ ବାଙ୍କୀ ପର୍ଯ୍ୟନ୍ତ ରାସ୍ତା ମଧ୍ୟ ଉନ୍ନତୀକରଣ କରାଯିବା ସହ ପ୍ରଶସ୍ତ ହୋଇଛି। ଏହି ଦୁଇ ରାସ୍ତା ମଧ୍ୟ ଭାଗରେ ରହିଛି ମାରଡ଼ା କରବର ବୈଦେଶ୍ୱର ୧୭ କିଲୋମିଟର ରାସ୍ତା। ଏହାର ପ୍ରଶସ୍ତୀକରଣ ପାଇଁ କୌଣସି ଉଦ୍ୟମ ହେଉନାହିଁ।

ଇଂରେଜ ଅମଳରେ ଏହି ରାସ୍ତା ବେଶ୍ ପରିଚୟ ଲାଭ କରିଥିଲା। କଟକରୁ ସୈନ୍ୟମାନେ ପଶ୍ଚିମ ଓଡ଼ିଶା ଯିବାବେଳେ କଣ୍ଟିଲୋ ମନ୍ଦିର ପୂର୍ବରୁ ରହୁଥିଲେ। ଯାହା ଏବେ ପଲଟନ ପଡ଼ିଆ ଭାବେ ଜଣାଶୁଣା। ଖାଲି ସେତିକି ନୁହେଁ ଏହି ରାସ୍ତା ଦେଇ ସମ୍ବଲପୁରଠାରୁ କଟକ ପର୍ଯ୍ୟନ୍ତ ମହାନଦୀ ଅବବାହିକା ବ୍ୟବସାୟ ପେଣ୍ଠ ଭାବେ ପରିଚିତ କଣ୍ଟିଲୋ, ପଦ୍ମାବତୀ, ବୈଦେଶ୍ୱର ଗ୍ରାମର ବେପାରୀମାନେ କଟକ ସହ ବ୍ୟବସାୟ କରୁଥିଲେ। ଏହି ରାସ୍ତା ଦେଇ ତୀର୍ଥଯାତ୍ରୀମାନେ କଣ୍ଟିଲୋ ନୀଳମାଧବ ଦର୍ଶନ ପରେ ବାଙ୍କୀ ଚର୍ଚ୍ଚିକା ଦର୍ଶନ କରି ପୁରୀ ଯାଇଥା'ନ୍ତି। ଏତେ ମହତ୍ୱପୂର୍ଣ୍ଣ ରାସ୍ତାଟି ଧାର୍ମିକ, ଐତିହାସିକ, ବାଣିଜ୍ୟ ଓ ଇକୋ ଟୁରିଜିମ୍ ପାଇଁ ଗୁରୁତ୍ୱ ବହନ କରୁଥିବା ସହ ନୟାଗଡ଼ ଜିଲ୍ଲାର କରବର, ଶାସନ, ପଦ୍ମାବତୀ, ବାଉଁଶବାଟ ଓ କେନ୍ଦୁପଲ୍ଲୀ ପଞ୍ଚାୟତ ସମେତ ଭାପୁର ବ୍ଲକ୍‌ର ଲକ୍ଷାଧିକ ଜନସାଧାରଣଙ୍କ ଜୀବନରେଖା ଭାବେ ପରିଚିତ। ଏହି ରାସ୍ତାର ମାଣିତ୍ରି ନିକଟ କାଳିଗିରି ପୋଲଟି ୧୯୯୦ ମସିହାରେ ତତ୍କାଳୀନ ବିଧାୟକ ଅରୁଣ କୁମାର ପଟ୍ଟନାୟକଙ୍କ ଉଦ୍ୟମରେ ନିର୍ମାଣ ହୋଇଥିଲା। ମାତ୍ର ଏହା ନିଚା ରହିଥିବାରୁ ସାମାନ୍ୟ ବନ୍ୟା ସମୟରେ ବୁଡ଼ି କରବର ଓ ପଦ୍ମାବତୀ ଭଳି ପଞ୍ଚାୟତ ବିଚ୍ଛିନ୍ନ ହୋଇଯାଉଛି। ରାସ୍ତାଟି ସଂକୀର୍ଣ୍ଣ ଅବସ୍ଥାରେ ରହିଥିବାରୁ ଗୋଟିଏ କାର୍ ଗଲେ ବାଇକ୍‌ଟିଏ ଯିବା ସମ୍ଭବ ହେଉନାହିଁ। ମହାନଦୀ କୂଳେ କୂଳେ ରହିଥିବା ଏହି ରାସ୍ତାର ପ୍ରଶସ୍ତୀକରଣ ଉନ୍ନତି ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିବା ଏହି ରାସ୍ତାକୁ ପୂର୍ତ୍ତ ବିଭାଗକୁ ୮ ବର୍ଷ ପୂର୍ବେ ଜିଲ୍ଲା ପରିଷଦ ଦାୟିତ୍ୱ ଦେଇଥିଲେ। ବର୍ତ୍ତମାନ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ନିର୍ମାଣ ହୋଇ ସମ୍ପୂର୍ଣ୍ଣ ହୋଇଥିବା ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାଗୁଡ଼ିକ ପୂର୍ବରୁ ୧୨ ଫୁଟ୍ ଓସାର ଥିବାବେଳେ ବର୍ତ୍ତମାନ ୧୮ ଫୁଟ୍ ଓସାର କରାଯାଉଛି। ମାତ୍ର ମାରଡ଼ା କରବର ରାସ୍ତାଟି ପୂର୍ତ୍ତ ବିଭାଗ ନେଇଥିଲେ ମଧ୍ୟ ଏହା ପୂର୍ବ ଭଳି ୧୨ ଫୁଟିଆ ହୋଇ ରହିଛି। ଏହାର ପ୍ରଶସ୍ତୀକରଣ କରାଯିବାକୁ ପଦକ୍ଷେପ ନେଲେ ଅଞ୍ଚଳବାସୀଙ୍କ ଭାଗ୍ୟ ବଦଳି ଯାଆନ୍ତା।



### ସେମାନଙ୍କ ମତରେ...



ଏହି ରାସ୍ତାକୁ ରାଜ୍ୟ ରାଜପଥର ମାନ୍ୟତା ଦେଇ ପ୍ରଶସ୍ତ କରାଗଲେ ମହାନଦୀ କୂଳେ କୂଳେ ଥିବା ଐତିହ୍ୟ ପରିପୁଷ୍ଟିତ ହେବା ସହ ବାଣିଜ୍ୟ କାରବାର ବୃଦ୍ଧି ପାଇପାରନ୍ତା। ଏହା ସହିତ ଅଞ୍ଚଳବାସୀ ବେଶ୍ ଉପକୃତ ହୋଇପାରନ୍ତେ।

ପ୍ରଫୁଲ୍ଲ କୁମାର ମହାନ୍ତି, କରବର



ଏହି ରାସ୍ତା ଉନ୍ନତୀକରଣ କରାଗଲେ ଗମନାଗମନ, ବାଣିଜ୍ୟ ବୃଦ୍ଧି ପାଇବା ସହ ଅଞ୍ଚଳବାସୀଙ୍କ ଆର୍ଥିକ ସ୍ଥିତିରେ ଉନ୍ନତି ହୋଇପାରନ୍ତା। ନୟାଗଡ଼ରୁ କଟକକୁ ସଂଯୋଗ କରିବା ପାଇଁ ବେଶ୍ ଗୁରୁତ୍ୱ ବହନ କରନ୍ତା। ବଡ଼ମ୍ବା ଓ ଆଠଗଡ଼ ଅଞ୍ଚଳକୁ ଟି ବ୍ରିଜ୍ ଦେଇ ଯିବାକୁ ଚାହୁଁଥିବା ଯାତ୍ରୀଙ୍କ ପାଇଁ ଏହି ରାସ୍ତା ମୁଖ୍ୟ ମାର୍ଗରେ ପରିଣତ ହୁଅନ୍ତା।

ପଠାଣି ପଟ୍ଟନାୟକ, ରଗଡ଼ିପଡ଼ା, ଶାସନ

# ରହୁନି ତାଳମେଳ; ହୋଇପାରୁନି ଉନ୍ନୟନ କାର୍ଯ୍ୟ

ଧାମନଗର, ୨୬।୫(ସମିସ): ଧାମନଗର ଏନ୍‌ଏସିରେ ଅଧ୍ୟକ୍ଷା ନିବେଦିତା ଜେନା ଏବଂ ନିର୍ବାହୀ ଅଧିକାରୀ ସନ୍ତୋଷ ନାଏକଙ୍କ ମଧ୍ୟରେ ତାଳମେଳ ନ ରହିବା ଯୋଗୁଁ ଉନ୍ନୟନ କାର୍ଯ୍ୟ ପ୍ରାୟ ଏବେ ଏକ ପ୍ରକାର ସ୍ଥାଣୁ ପାଲଟି ଯାଇଛି। ଯାହା କିଛି କାର୍ଯ୍ୟହେଉଛି କେବଳ ସରକାରୀ ଦଳର ଇଙ୍ଗିତରେ କରାଯାଉଛି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

କିଛିଦିନ ତଳେ ଚେୟାରମ୍ୟାନଙ୍କ ସ୍ୱାମୀ ଓ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ମଧ୍ୟରେ କଥା କଟାକଟିରୁ ହାତାହାତି ପର୍ଯ୍ୟନ୍ତ ଯାଇଥିଲା ଓ ମାମଲା ଥାନାକୁ ଯାଇ ୨ଟି ମାମଲା ରୁଜୁ ହୋଇଛି। କାର୍ଯ୍ୟନିର୍ବାହୀ ଅଧିକାରୀ ସଖିକଣ୍ଢେଇ ଭଳି ସରକାରୀ କଳ ଦ୍ୱାରା ନାଚୁଛନ୍ତି। ସେ ଚେୟାରମେନଙ୍କୁ ନ ଜଣାଇ ପିଡିଙ୍କ ଦ୍ୱାରା ବିଲ ପାସ୍ କରାଇନେବା ଯୋଗୁଁ ଅଧ୍ୟକ୍ଷା ଓଡ଼ିଶା ହାଇକୋର୍ଟରେ ଆଶ୍ରୟ ନେଇ ଡବ୍ଲୁପି (ସି)-୨୮୮୯/୨୦୨୫ ଓ ମିସ୍‌କେସ୍ ୧୧୦୩/୨୦୨୫ରେ ମାମଲା ରୁଜୁ କରି କେତୋଟି କାର୍ଯ୍ୟ ଉପରେ ସ୍ଥଗିତାଦେଶ ଜାରି କରିଛନ୍ତି। ବିଭିନ୍ନ କାର୍ଯ୍ୟକୁ ଟେଣ୍ଡର କରାନଯାଇ ୨ଲକ୍ଷ ଟଙ୍କାରୁ କମ୍ ଆକାରରେ କାମକୁ ଭାଗକରି ନିଜ ଦଳୀୟ ଯୁବଗୋଷ୍ଠୀଙ୍କୁ ବାଣ୍ଟି ଦିଆଯିବା ଓ ଟେଣ୍ଡର କାର୍ଯ୍ୟକୁ ଜେଏମ୍ ପୋର୍ଟାଲ ମାଧ୍ୟମରେ କରାଯିବା ଦ୍ୱାରା ଏନଏସି ଏକ ଭୂତଖାନାରେ ଏବଂ ଦଳୀୟ କାର୍ଯ୍ୟାଳୟରେ ପରିଣତ ହୋଇଛି। ଏଭଳି ବହୁ ଅନିୟମିତତା କାର୍ଯ୍ୟକୁ ଯେତେ ବିରୋଧ କଲେ ମଧ୍ୟ ଅଧ୍ୟକ୍ଷାଙ୍କ କଥା ରହୁନାହିଁ। ଏବେ ବଜାରର ଉଭୟ ପାର୍ଶ୍ୱରେ ଉଠା ଦୋକାନୀ ମାନେ ଭିଡ ଜମେଇବା ଯୋଗୁଁ ଚଳାଚଳରେ ଘୋର ସମସ୍ୟା ସୃଷ୍ଟି ହେଉଛି। ଶାନ୍ତି କମିଟିରେ ଏ ବିଷୟରେ ବାରମ୍ବାର ଆଲୋଚନା ହୋଇଥିଲେ ହେଁ ସ୍ଥାୟୀ ସମାଧାନ ନହେବା, ବଜାରରେ ଥିବା ସରକାରୀ ଜାଗାକୁ ଏନଏସି ଜବରଦଖଲ ମୁକ୍ତ ନକରିବା ଆଦି ଅନେକ ସମସ୍ୟା ଥିଲେ ହେଁ ଏନ୍‌ଏସି ନିଦା ବିଷ୍ଟୁ ପାଲଟିବା ଯୋଗୁଁ ସାଧାରଣ ଜନତା ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବା ସଂଗେ ସଂଗେ ପୁଲିସ ଓ ପ୍ରଶାସନର ମୁଣ୍ଡ ବ୍ୟଥାର କାରଣ ପାଲଟିଛି। ତେଣୁ ଏଥିପ୍ରତି ଜିଲ୍ଲାପାଳ ଓ ବିଭାଗୀୟ ଅଧିକାରୀ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ସହରାଞ୍ଚଳର ବାସିନ୍ଦା ଦାବି କରିଛନ୍ତି।

### ପୂର୍ତ୍ତ ଓ ଡ୍ରେନେଜ୍ ବିଭାଗ ମଧ୍ୟରେ ସମନ୍ୱୟ ଅଭାବ

# ବୁଡ଼ିବ ବ୍ୟାପକ ଚାଷ ଜମି ଓ ଜନବସତି

ବାରିକପୁର, ୨୬।୫(ସମିସ)

ରାସ୍ତା ପ୍ରଶସ୍ତିକରଣ ପାଇଁ ଡ୍ରେନେଜ ନାଳ ସମ୍ପୂର୍ଣ୍ଣ ଲୀନ ହୋଇଥିବା ବେଳେ ଏହାଦ୍ୱାରା ବିଭିନ୍ନ ଗ୍ରାମ ଜଳମଗ୍ନ ହେବା ସହିତ ବ୍ୟାପକ ଚାଷ ଜମି ସମ୍ପୂର୍ଣ୍ଣ ନଷ୍ଟ ହେବ ବୋଲି ଜଣାପଡ଼ିଛି। ସୂଚନା ମୁତାବକ ଭଣ୍ଡାରିପୋଖରୀ ବ୍ଲକ ଛତାବର ଠାରୁ ବୈତରଣୀ ବଳିଘାଇ ସେତୁ ଯାଏଁ ଭଦ୍ରକ ପୂର୍ତ୍ତର୍ ବିଭାଗ ପକ୍ଷରୁ ରାସ୍ତା ପ୍ରଶସ୍ତିକରଣ କାର୍ଯ୍ୟ ହେଉଛି। ୩ ବର୍ଷ ହେବ ୮କିମି ରାସ୍ତାର ଚାରିଥାକିଆ ନିର୍ମାଣ କାର୍ଯ୍ୟ ହେଉଥିବା ବେଳେ କାମ ସରିବା ନାଁ ଧରୁ ନାହିଁ। ବ୍ୟବସ୍ଥା ଗତ ତ୍ରୁଟି ସହିତ କଚ୍ଛପ ଗତିରେ ହେଉଥିବା ରାସ୍ତା କାର୍ଯ୍ୟକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ପ୍ରଶସ୍ତିକରଣ କାର୍ଯ୍ୟ ବେଳେ ପୁରୁଣା ରାସ୍ତା ପାର୍ଶ୍ୱରେ ଥିବା ପୁରାତନ ଡ୍ରେନେଜ ନାଳଟି ସମ୍ପୂର୍ଣ୍ଣ ନଷ୍ଟ ହୋଇଛି। ରାସ୍ତା ପ୍ରଶସ୍ତିକରଣ ପାଇଁ କାମ ଆରମ୍ଭ ସ୍ଥାନ ଛତାବର ଠାରୁ ପର୍ବତୀ ଘାଟ ଯାଏଁ ଦୁଇ ପାର୍ଶ୍ୱ ନାଳ ଏବେ ମାଟି ଦ୍ୱାରା ସମ୍ପୂର୍ଣ୍ଣ ପୋତା ଯାଇଛି। ଆପତ୍ତି ଅଭିଯୋଗ ସତ୍ତ୍ୱେ ଠିକା ସଂସ୍ଥା ଓ ବିଭାଗୀୟ ଅଧିକାରୀ ଏହା ଉପରେ ଦୃଷ୍ଟି ଦେଉନାହାଁନ୍ତି। ଏପରିକି କାମ ପାଇଁ ପୂର୍ତ୍ତ ଓ ଡ୍ରେନେଜ ବିଭାଗ ମଧ୍ୟରେ କୌଣସି ଆଲୋଚନା ହୋଇନଥିବା ବେଳେ ଅଧିକାରୀ ମାନଙ୍କ ମଧ୍ୟରେ ସମନ୍ୱୟ ରହୁନାହିଁ। ଫଳରେ ଉନ୍ନତି ନାଆଁରେ ଅବନତି ହୋଇଥିବା ଜଣାପଡ଼ିଛି। ବର୍ଷାଦିନେ ଆଖୁଆପଦା, ତେସିଙ୍ଗା, ବନସ୍ତା ଓ ମଞ୍ଜୁରୀ ରୋଡ ଅଞ୍ଚଳରୁ ଆସୁଥିବା ପାଣି ଏହି ଅଞ୍ଚଳ ଦେଇ ନିଷ୍କାସନ ହୋଇଥାଏ। ବିଶେଷ କରି ଉପର ମୁଣ୍ଡରୁ ଆସୁଥିବା ପାଣି ପର୍ବତୀ ଘାଟ ଠାରେ ଥିବା ହାଇଲେବୁଲ କେନାଲ ସାଇଫନ୍‌ରେ ନିଷ୍କାସନ



ହୋଇ ହାତୀଗୋଡି ନାଳକୁ ଯାଇଥାଏ। ଏବେ ଡ୍ରେନେଜ ସମ୍ପୂର୍ଣ୍ଣ ପୋତି ହେବା କାରଣରୁ ଜଳ ନିଷ୍କାସନରେ ଘୋର ବାଧା ଉପୁଜିବା ନିଶ୍ଚିତ ହୋଇଯାଇଛି। ଲଗାଣ ବର୍ଷା ହେଲେ ଛତାବର ବଜାର ସମେତ ନେଉଳିଆ, ଭୂତିଆ, ସଂପୋଇ ପ୍ରମୁଖ ଗାଁ କୃତ୍ରିମ ବନ୍ୟାରେ ଉବୁଟୁବୁ ହେବ। ଏହାଛଡା ହଜାର ହଜାର ହେକ୍ଟର ଚାଷଜମି ମଧ୍ୟ କ୍ଷତିଗ୍ରସ୍ତ ହେବ। ଉକ୍ତ ସ୍ଥାନକୁ ଛାଡ଼ି ମଞ୍ଜୁରୀ ନିକଟ ନିଳାଦ୍ରୀ ଠାରୁ କୁମ୍ଭାରିଆ ଓ କୋରକରା ଛକ ଯାଏଁ ଡ୍ରେନେଜ ନାଳ ପୋତା ହୋଇଛି। ଯେକୌଣସି ରାସ୍ତା ନିର୍ମାଣ ପୂର୍ବରୁ ପ୍ରଥମେ ଜଳ ନିଷ୍କାସନ ପଥକୁ ତିଆରି କରିବା ନିୟମାବଳି ରହିଛି। ପରିତାପର ବିଷୟ ପୂର୍ତ୍ତ ବିଭାଗ ଉକ୍ତ ନୀୟମକୁ ଜଳାଞ୍ଜଳି ଦେଇ ରାସ୍ତା ନିର୍ମାଣ କାର୍ଯ୍ୟ କରୁଛି। ବର୍ଷା ହେଲେ ଜଳ ନିଷ୍କାସନ ଜନିତ କାରଣରୁ ଜନସାଧାରଣ ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବେ। ବର୍ଷା ଚାରି ମାସ ଘର ଦୁଆର ପାଣିରେ ବୁଡିବା ସହିତ କୃଷି କ୍ଷେତ୍ର ନଷ୍ଟ ହୋଇ ଲୋକଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗି ଯିବ। ନେତା ମନ୍ତ୍ରୀ ସମେତ ଜିଲ୍ଲାପାଳ ଘଟଣା ସମ୍ପର୍କରେ ଅବଗତ ଥାଇ ମଧ୍ୟ ପ୍ରତିକାର ପାଇଁ କେହି ଆନ୍ତରିକତା ପ୍ରକାଶ କରିନାହାନ୍ତି।

### ସେମାନେ ଯାହା କୁହନ୍ତି....



ରାସ୍ତା ନିର୍ମାଣ ଜନିତ ଡ୍ରେନେଜ ସମସ୍ୟା ନେଇ ମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ସାଂସଦ ବିଧାୟକଙ୍କ ଯାଏଁ ସମସ୍ତଙ୍କୁ ଜଣାଯାଇଛି। ବିଭାଗୀୟ ଅଧିକାରୀ ସବୁ ଜାଣି ସୁଦ୍ଧା ଜଳ ନିଷ୍କାସନ ପାଇଁ କୌଣସି ବିକଳ୍ପ ବ୍ୟବସ୍ଥା କରୁନାହାନ୍ତି।

ଜୟନ୍ତ କୁମାର ସାହୁ, ସମାଜସେବୀ



ବର୍ଷା ହେଲେ କୁମ୍ଭାରିଆ ସମେତ ବାଲି ପୋଖରୀ ପଞ୍ଚାୟତ ଅଧୀନ ବିଭିନ୍ନ ଗ୍ରାମର ରାସ୍ତାଘାଟ ଓ ଚାଷ ଜମି ଜଳ ପ୍ଲାବିତ ହେବ। ଲୋକେ ଅନେକ ଅସୁବିଧା ଭୋଗ କରବେ। ଏ ବିଷୟରେ ଜିଲ୍ଲାପାଳଙ୍କ ମିଳିତ ଜନଶୁଣାଣି ଶିବିରରେ ଅଭିଯୋଗ ହୋଇଥିଲେ ମଧ୍ୟ ଏଯାଏଁ କେହି ଦୃଷ୍ଟି ଦେଉନାହାନ୍ତି।

ଗଗନ ସେଠୀ, ପ୍ରାକ୍ତନ ଜିଲ୍ଲା ପରିଷଦ ସଭ୍ୟ



ରାସ୍ତା ନିର୍ମାଣ ପାଇଁ ପୁରାତନ ସୁଦୀର୍ଘ ଡ୍ରେନେଜ ନାଳକୁ ପୋତା ଯାଇଛି। ଏହାଦ୍ୱାରା ମଞ୍ଜୁରୀ, ପାତାଳ ସିଂ, ବୀରଭଦ୍ର, ପର୍ବତୀ ପ୍ରମୁଖ ଗ୍ରାମର ଚାଷ ଜମି ଜଳମଗ୍ନ ହେବ। ଜିଲ୍ଲାପାଳଙ୍କୁ ଲିଖିତ ଗୁହାରି ପରେ ସୁଦ୍ଧା କେହି ଏଥିପ୍ରତି କର୍ଣ୍ଣପାତ କରୁନାହାନ୍ତି।

ସୁଜାତା ସାହୁ, ସରପଞ୍ଚ, ରଣଜିତ୍ ପଞ୍ଚାୟତ



ରାମଚନ୍ଦ୍ରପୁର ସଂଲଗ୍ନ ନେଉଳିଆ ଡାବା ନିକଟରୁ ଯାଉଥିବା ପାଣି ନିଷ୍କାସନ ପାଇଁ ପୂର୍ତ୍ତ ରାସ୍ତାରେ ଏକ ପୋଲ ନିର୍ମାଣ ସକାଶେ ସ୍ଥାନୀୟ ଲୋକମାନେ ପ୍ରସ୍ତାବ ଦେଇଥିଲେ। ଏଯାଏଁ ଠିକା ସଂସ୍ଥା ପୋଲ ନିର୍ମାଣ କରିନାହିଁ। ଆଗକୁ ଜଳ ବହୁଲେ ଭୟଙ୍କର ପରିସ୍ଥିତି ସୃଷ୍ଟି ହେବ। ଜିଲ୍ଲାପାଳଙ୍କୁ ଏନେଇ ଲିଖିତ ଅଭିଯୋଗ ହୋଇଛି।

ବିଜୟ କୁମାର ସ୍ୱାଇଁ, ପୂର୍ବତନ ସରପଞ୍ଚ, ରାମଚନ୍ଦ୍ରପୁର

## ଗୁହାଳରେ ନିଆଁ ଲାଗି ୭ ଗୋରୁ ଜୀବନ୍ତ ଦଗ୍ଧ

ଭଦ୍ରକ, ୨୬।୫(ସମିସ): ଭଦ୍ରକ ଜିଲ୍ଲା ଚାନ୍ଦବାଲି ଏନ୍‌ଏସି ଅନ୍ତର୍ଗତ ୧୩ ନମ୍ବର ୱାର୍ଡ ଗୋଲାଆଡ଼ିଆ ତଳବସ୍ତିରେ ଏକ ଗୋରୁ ଗୁହାଳରେ ଭୟଙ୍କର ଅଗ୍ନିକାଣ୍ଡ ଘଟି ୭ଟି ଗୋରୁ ଜୀବନ୍ତ ଦଗ୍ଧ ହୋଇଯାଇଛି। ସୂଚନା ମୁତାବକ ଗତକାଲି ରାତିରେ ସେକ ୟୁସୁବ ଅଲ୍ଲୀଙ୍କ ଗୋରୁ ଗୁହାଳ ହଠାତ ଜଳିବାକୁ ଲାଗିଥିଲା। କେହି କିଛି ବୁଝିବା ପୂର୍ବରୁ ନିମିଷକେ ମଧ୍ୟରେ ଗୁହଳେ ବନ୍ଧା ହୋଇଥିବା ୭ଟି ଗୋରୁ ଜୀବନ୍ତ ଦଗ୍ଧ ହୋଇ ଯାଇଥିଲେ। ନିଆଁର ପ୍ରକୋପ ଏତେ ଥିଲା ଯେ ଗୋରୁଙ୍କୁ ଉଦ୍ଧାର କରିବା ସମ୍ଭବ ନ ଥିଲା। ଖବର ପାଇ ଚାନ୍ଦବାଲି ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚିବା ବେଳକୁ ସବୁ ଜଳିପୋଡି ପାଉଁଶ ହୋଇଯାଇଥିଲା।

## ଗୋରୁଗାଡ଼ି ଜବତ

ମଞ୍ଜୁରୀରୋଡ଼, ୨୬।୫(ସମିସ): ଭଣ୍ଡାରିପୋଖରୀ ଥାନା ମଞ୍ଜୁରୀରୋଡ଼ ଫାଣ୍ଡି ଅନ୍ତର୍ଗତ କଣ୍ଟାପଡ଼ା ନିକଟରୁ ଏକ ବେଆଇନ ଗୋରୁ ଗାଡିକୁ ପୁଲିସ ଜବତ କରିଛି। ମିଳିଥିବା ସୂଚନା ଅନୁଯାୟୀ ଓଡି୦୨ସି ୬୪୮୯ ପିକ୍‌ଅପ ଗାଡ଼ିରେ ଗୋରୁ ବୋଝେଇ ହୋଇ ଯାଉଥିବା ବେଳେ ସ୍ଥାନୀୟ ଲୋକ ଗାଡିକୁ ଅଟକ ରଖି ପୁଲିସକୁ ଖବର ଦେଇଥିଲେ। ଏହା ସହିତ ଗୋରୁ ଗାଡିକୁ ଏସ୍କର୍ଟ କରି ନେଉଥିବା ଦୁଇଟି ବାଇକକୁ ଅଟକ ରଖାଯାଇଥିଲା। ଘଟଣାସ୍ଥଳରୁ ସମସ୍ତ ଗାଡି ଚାଳକ ଫେରାର ହୋଇଯାଇଥିଲେ। ଖବର ପାଇ ଥାନା ଅଧିକାରୀ କମଳାକାନ୍ତ ଦାସ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ସମସ୍ତ ଗାଡିକୁ ଜବତ କରିଥିବା ବେଳେ ୫ଗୋଟି ଗୋରୁକୁ ଉଦ୍ଧାର କରିଥିଲେ। ଗୋରୁ ଗୁଡିକୁ ମଇତାପୁର ଗୋ ଶାଳାକୁ ପଠାଯାଇଛି। ଏନେଇ ପୁଲିସ ଏକ ମାମଲା ରୁଜୁ କରିଛି।

## ବେଆଇନ ବାଲି ଟ୍ରାକ୍ଟର ଜବତ



ବାରିକପୁର/ମଞ୍ଜୁରୀରୋଡ଼, ୨୬।୫(ସମିସ): ଭଣ୍ଡାରିପୋଖରୀ ଥାନା ଷୋଳମପୁର ପଞ୍ଚାୟତ ସ୍ୱାମପାଟଣା ନିକଟରୁ ଏକ ବେଆଇନ ବାଲି ଟ୍ରାକ୍ଟରକୁ ପୁଲିସ ଜବତ କରିଛି। ଜନବସତି ଅଞ୍ଚଳରୁ ଗାଡିଟି ମାଟିମିଶା ବାଲି ବୋଝେଇ କରି ଆସୁଥିବା ବେଳେ ପାଟ୍ରୋଲିଂରେ ଯାଇଥିବା ପୁଲିସ ଅଧିକାରୀ ସୁଦର୍ଶନ ସେନ ଏହାକୁ ଜବତ କରି ଥାନାକୁ ଆଣିଥିଲେ। ସେହିଭଳି ଗତକାଲି ରାତିରେ ମଞ୍ଜୁରୀରୋଡ଼ ନିକଟ ବୈତରଣୀ ନଦୀରୁ ଏକ ଟ୍ରାକ୍ଟର ବାଲି ବୋଝେଇ କରି ଆସୁଥିବା ବେଳେ ଫାଣ୍ଡି ଅଧିକାରୀ ଏହାକୁ ଜବତ କରିଥିଲେ। ଥାନା ପକ୍ଷରୁ ଏନେଇ ମାମଲା ରୁଜୁ ହୋଇଥିବା ଜଣାପଡ଼ିଛି।

## ସ୍ୱାମୀଙ୍କ ଶୁଭ ମନାସିଲେ ପତିବ୍ରତା

ଭଣ୍ଡାରିପୋଖରୀ/ବାରିକପୁର, ୨୬।୫(ସମିସ): ଆଜି ପବିତ୍ର ସାବିତ୍ରୀ ବ୍ରତ ଅବସରରେ ଭଣ୍ଡାରିପୋଖରୀ ବ୍ଲକର ବିଭିନ୍ନ



ଦେବାଦେବୀ ପୀଠ ଚଳଚଞ୍ଚଳ ହୋଇ ଯାଇଛି। ସବୁଠି ପୂଜାର୍ଚ୍ଚନା କରି ସ୍ୱାମୀଙ୍କ ଶୁଭ ମନାସି ଛନ୍ତି ପତିବ୍ରତା ଧର୍ମ ପତ୍ନୀ। ବ୍ଲକର ଆଖୁଆପଦା ସ୍ଥିତ ପ୍ରସିଦ୍ଧ ହରପାର୍ବତୀଙ୍କ ପୀଠ ସମେତ ସୁନାମହିଁ, ଥୈଳା ଦୁଃଖେଶ୍ୱର, ବାରିକପୁର ସ୍ଥିତ ମା କାଳିତ୍ରା ପୀଠରେ ଆଜି ସକାଳୁ ସକାଳୁ ସାବିତ୍ରୀ ବ୍ରତ ଧାରୀ ଶ୍ରଦ୍ଧାଳୁମାନଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ବିଭିନ୍ନ ପ୍ରକାରର ଫଳମୂଳ ପ୍ରଦାନ ପୂର୍ବକ ପୂଜକଙ୍କ ଦ୍ୱାରା ଦେବାଦେବୀଙ୍କୁ ମହିଳା ମାନେ ପୂଜାର୍ଚ୍ଚନା କରିଥିଲେ। ଏହାଛଡା ଦେବତାଙ୍କ ନିକଟରେ ଶାଢ଼ୀ, ଶଙ୍ଖା, ସିନ୍ଦୂରକୁ ମଧ୍ୟ ପୂଜା କରିଥିଲେ। ଏସବୁ ସ୍ଥାନକୁ ଛାଡ଼ିଦେଲେ ମଞ୍ଜୁରୀ ବଳଦେବଜୀଉ ପୀଠ, ରହଣିଆ ସ୍ଥିତ ଉତରେଶ୍ୱର, ଧବଳେଶ୍ୱର, ମାଳଦା ଛୋଟେଶ୍ୱର, ରାଢେ ବିଶ୍ୱେଶ୍ୱର, ବିଷ୍ଣୁପୁର ଚିଙ୍ଗୁଡ଼ି ଶୁଣି ଆଦି ଦେବାଦେବୀ ପୀଠରେ ପବିତ୍ର ସାବିତ୍ରୀ ବ୍ରତ ପାଇଁ ଭାବ ଭକ୍ତିର ସହିତ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଯାଇଛି। କେତେକ ଦେବ ସ୍ଥାନରେ ଥିବା ଅଶ୍ୱତ ବୃକ୍ଷ ମୂଳରେ ମଧ୍ୟ ପତିବ୍ରତା ମାନେ ମା' ସାବିତ୍ରୀ ଙ୍କୁ ପୂଜାର୍ଚ୍ଚନା କରିଛନ୍ତି।

## ବିଭିନ୍ନ ମନ୍ଦିରରେ ସାବିତ୍ରୀ ବ୍ରତ ପାଳନ

ଦୋବଲ/ଅସୁରାଳି, ୨୬।୫ (ସମିସ): ଧାମନଗର ବ୍ଲକର ବିଭିନ୍ନ ଦେବୀ ଦେବା ମନ୍ଦିରରେ ମହିଳାମାନେ ସାବିତ୍ରୀ ବ୍ରତ ପାଳନ କରିଥିବା ବେଳେ କେତକ ସ୍ଥାନରେ ମହିଳା ମାନେ ଗୋଷ୍ଠୀଗତ ଭାବେ ବ୍ରତ ପାଳନ କରିଛନ୍ତି। ସ୍ୱାମୀଙ୍କ ଦୀର୍ଘ ନିରାମୟ ଜୀବନ କାମନା କରି ପତ୍ନୀମାନେ



ବ୍ଲକର କରଦା ପଞ୍ଚାୟତର ବାବା କିଲାଟେଶ୍ୱର ମନ୍ଦିର, ଆନନ୍ଦପୁର ପଞ୍ଚାୟତର ବାବା ଜଗଡେଶ୍ୱର, ହରିହର ମହାଦେବ ମନ୍ଦିର, ଗ୍ରାମ ଦେବତୀ, ବୁଢା ମହାଦେବ, ମା' ସୁବର୍ଣ୍ଣମୁଖି ମନ୍ଦିର ସୋଧ, ଶ୍ୟାମାକାଳୀ ମନ୍ଦିର ଦୋବଲ, ହଟେଶ୍ୱର, ନୀଳକଣ୍ଠେଶ୍ୱର ଓ ବ୍ଲକର ବିଭିନ୍ନ ସ୍ଥାନରେ ଥିବା ମନ୍ଦିର ମାନଙ୍କରେ ବ୍ରତଧାରି ମହିଳାମାନେ ଭିଡ ଜମାଇଥିଲେ। ନୂଆ ଶାଢ଼ି, ଶଙ୍ଖା, ସିନ୍ଦୁର, ଅଳତା, ବ୍ରତ ସୂତା, ପାନିଆ, ଆଇନା, ଫଳ ଆଦି ସାମଗ୍ରୀରେ ବ୍ରାହ୍ମଣ ମନ୍ତ୍ର ପଢ଼ି ପାଣି ଛିଞ୍ଚିଲା ପରେ ବ୍ରତଧାରୀ ମହିଳା ମାନେ ବ୍ୟବହାର କରିଥାନ୍ତି। ଏହାପରେ ବ୍ରାହ୍ମଣ ସାବିତ୍ରୀ ବ୍ରତ ପାଠ କରନ୍ତି। ବ୍ରତ ଧାରୀ ମହିଳାମାନେ ଏହାକୁ ଶ୍ରବଣ କରିବା ସହ ଜନ୍ତୁପତି ଯମରାଜଙ୍କ ଠାରେ ସ୍ୱାମୀର ଦୀର୍ଘାୟୁ କାମନା କରିଥାନ୍ତି।

## ପୁରୀ ସମୁଦ୍ରରେ ଛାତ୍ର ନିଖୋଜ

ଭଣ୍ଡାରିପୋଖରୀ/ବାରିକପୁର, ୨୬।୫(ସମିସ): ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ସରସଦା ଗ୍ରାମ ପ୍ରଭାତ ସ୍ୱାଇଁଙ୍କ ପୁତ୍ର ପ୍ରତ୍ୟୁଷ (୧୭) ଗତ ରବିବାର ପୁରୀ ସମୁଦ୍ରରେ ନିଖୋଜ ହୋଇଯାଇଥିବା ଜଣାଯାଇଛି। ଭଦ୍ରକ ମହାବିଦ୍ୟାଳୟରୁ ସଦ୍ୟ +୨ ବିଜ୍ଞାନରେ କୃତିତ୍ୱ ସହ ସଫଳତା ହାସଲ କରିଥିବା ପ୍ରତ୍ୟୁଷ ସମ୍ପର୍କୀୟ ସାଥିମାନଙ୍କ ସହ ପୁରୀ ଶ୍ରୀଜଗନ୍ନାଥ ଦର୍ଶନ କରିବାକୁ ଯାଇଥିଲେ। ଦର୍ଶନ ସାରି ସମୁଦ୍ରକୂଳ ହେଟେଲ ତାରା ପ୍ୟାଲେସ



ସମ୍ମୁଖରେ ପୂର୍ବାହ୍ନ ସମୟରେ ସମୁଦ୍ରରେ ସାଥି ସ୍ନାନ କରୁଥିବା ବେଳେ ନିଖୋଜ ହୋଇ ଯାଇଥିଲେ। ନିକଟରେ ଥିବା ଲାଇଫ୍ ଗାର୍ଡ ଖୋଜାଖୋଜି କରି ପ୍ରତ୍ୟୁଷକୁ ପାଇନଥିଲେ। ସମ୍ପର୍କୀୟ ଭାଇ ମାନସ ରଞ୍ଜନ ମଲ୍ଲିକ ପୁରୀ ବଳିଆପଣ୍ଡା ଥାନାରେ ନିଖୋଜ ଅଭିଯୋଗ କରିଥିଲେ। ଏଥିନେଇ ସମ୍ପୃକ୍ତ ଥାନାରେ ୮/୨୦୨୫ନଂ ନିଖୋଜ ମାମଲା ରଜୁ ହୋଇଛି। ରିପୋର୍ଟ ପ୍ରସ୍ତୁତ ପର୍ଯ୍ୟନ୍ତ ପ୍ରତ୍ୟୁଷର ଖୋଜଖବର ମିଳିନଥିବା ଜଣାଯାଇଛି।

## ଟେନିକଏଟ୍ ଖେଳର ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ ଶିବିର



ଭଦ୍ରକ, ୨୬।୫(ସମିସ): ଭଦ୍ରକ ଜିଲ୍ଲାର ପିଏମଶ୍ରୀ ବିଦ୍ୟୁମାଧବ ବାଗୁରାଇ ଉଚ୍ଚ ବିଦ୍ୟାଳୟ ପରିସରରେ ଖେଲୋ ଇଣ୍ଡିଆ ସେଣ୍ଟର ଆନୁକୂଲ୍ୟରେ କୋଚ୍ ରାଜେସ୍ କୁମାର ନାୟକ ତତ୍ତ୍ୱାବଧାନରେ ଟେନିକଏଟ୍ ଖେଳର ଏକ ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ ଶିବିର ଉଦଯାପିତ ହୋଇଯାଇଛି। ଏଥିରେ ଅତିଥି ରୂପେ ଇଂ.ଅମ୍ବିକାବଲ୍ଲଭ ସ୍ୱାଇଁ ଯୋଗଦେଇଥିଲେ। ଜିଲ୍ଲାର ସମସ୍ତ ମଣ୍ଡଳର ବିଭିନ୍ନ ବିଦ୍ୟାଳୟରୁ ୪୦ରୁ ଉର୍ଦ୍ଧ୍ୱ ବାଳକ ଓ ବାଳିକାମାନେ ବିନାଶୁଳ୍କରେ ଭାଗନେଇଥିଲେ। ଏହି ପ୍ରଶିକ୍ଷଣ ଶିବିର ଅନ୍ୟତମ ଅତିଥି ରୂପ ଭଦ୍ରକ ଜିଲ୍ଲା ଟେନିକ ଏଟ୍ ସଂଘ ସଭାପତି ଗୋଲକ ନାୟକ, ପ୍ରଧାନଶିକ୍ଷକ ପ୍ରଶାନ୍ତ ସାହୁ, ସଂଘ ସମ୍ପାଦକ ମନୋଜ କୁମାର ସାହୁ, କ୍ରୀଡା ଶିକ୍ଷକ ତପନ କୁମାର ମିଶ୍ର, ଶିକ୍ଷକ ସୋମନାଥ ଜେନା, ସନ୍ତୋଷ ଖିଲାର୍, ରବିନାରାୟଣ ମହାନ୍ତି, ଗଣେଶ ଚନ୍ଦ୍ର ଦତ୍ତ ଓ ସଂଘର ସଦସ୍ୟ ସୁବାସ ଚନ୍ଦ୍ର ଦିକ୍ଷୀତ୍ ଓ ଚନ୍ଦନ ଦେ ପ୍ରମୁଖ ଉପସ୍ଥିତ ରହି ପ୍ରଶିକ୍ଷାର୍ଥୀମାନଙ୍କୁ ମାନପତ୍ର ପ୍ରଦାନ କରିଥିଲେ।

## ଯୁକ୍ତ ୨ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା




ଭଦ୍ରକ, ୨୬।୫(ସମିସ): 'ସୁପ୍ରଭାତ' ସଂଗଠନ ପକ୍ଷରୁ ଯୁକ୍ତ ୨ ପରୀକ୍ଷାରେ କୃତୀତ୍ୱ ଲାଭ କରିଥିବା ସାଇବିଜ୍ଞାନ ଏକାଡେମୀ ଛାତ୍ରଛାତ୍ରୀଙ୍କୁ ଆଜି ବାଇପାସ ସ୍ଥିତ ହରେକୃଷ୍ଣ ସଦଭାବନା କକ୍ଷରେ ସମ୍ବର୍ଦ୍ଧିତ କରାଯାଇଛି। ଉକ୍ତ ସମ୍ବର୍ଦ୍ଧନା ସମାରୋହରେ ସଂଗଠନର ସଭାପତି ଗାଳ୍ପିକ ପବିତ୍ର ପାଣିଗ୍ରାହୀ, ସଂଗଠନ ପ୍ରତିଷ୍ଠାତା ଆବାହକ ବରିଷ୍ଠ ସାମ୍ବାଦିକ ରବିନାରାୟଣ ଖିଲାର, ସମ୍ପାଦକ ପ୍ରଧାନ ଶିକ୍ଷକ ଅରୁଣ ମଲ୍ଲିକ, ଉପସଭାପତି କବି ରମେଶ ଚନ୍ଦ୍ର ସ୍ୱାଇଁ, ଓଷ୍ଟା ସଂଘ ଶିକ୍ଷକନେତା ପ୍ରଭାକର ପରିଡ଼ା, ସାମ୍ବାଦିକ ପ୍ରଦୀପ ବଳ, ସାମ୍ବାଦିକ ଆଶିଷ ମହାନ୍ତି, ଆଇନଜୀବୀ ପ୍ରବୋଧ ଅଗସ୍ତି, ଶିକ୍ଷକ ବିଜୟ ବେହେରା, ସାମାଜିକ କର୍ମୀ ଗୀତାଞ୍ଜଳି ଅଗସ୍ତି, ସୁରେନ୍ଦ୍ର ରାୟ, ହରେକୃଷ୍ଣ ସାହୁ, ସୁରେଶ ମହାନ୍ତି ପ୍ରମୁଖ ଯୋଗଦେଇ ସାଇବିଜ୍ଞାନ କଲେଜର ୯୫ ପ୍ରତିଶତରୁ ଉର୍ଦ୍ଧ୍ୱ ମାର୍କ ରଖି କୃତୀତ୍ୱ ହାସଲ କରିଥିବା ଦୁଇଜଣ ଛାତ୍ରୀଛାତ୍ର ଜ୍ଞାନ ଜ୍ୟୋତି ଜେନା ଓ କ୍ରିଷ୍ଣା ପରିଡ଼ାଙ୍କୁ ଉତ୍ତରୀୟ, ପୁଷ୍ପ ଗୁଚ୍ଛ ଓ ମିଠା ଦେଇ ସମ୍ବର୍ଦ୍ଧନା ଦେଇଥିଲେ। ସାଇବିଜ୍ଞାନ କଲେଜ ନିର୍ଦ୍ଦେଶିକା ପୁଷ୍ପମିତ୍ରା ବେହେରା ଓ ଶୁଭେଚ୍ଛୁ ପ୍ରଫେସର ମାଧବାନନ୍ଦ ଜେନା ପ୍ରମୁଖ ଉପସ୍ଥିତ ହୋଇ ସୁପ୍ରଭାତ ସଂଗଠନ ର ଏଭଳି ସମ୍ବର୍ଦ୍ଧନା ଦେବା ନିଶ୍ଚିତ ଭାବେ ଛାତ୍ର ଛାତ୍ରୀଙ୍କୁ ପ୍ରେରଣା ଓ ଉତ୍ସାହିତ କରିବ ବୋଲି କହିଥିଲେ। ଏଥି ସହ 'ସୁପ୍ରଭାତ 'ସଂଗଠନକୁ ଧନ୍ୟବାଦ ଅର୍ପଣ କରିଥିଲେ।

# ୭ ବର୍ଷ ପରେ ବି ସରୁନି ଷ୍ଟାଡିୟମ୍ ନିର୍ମାଣ

ଅସୁରାଳି, ୨୬।୫(ସମିସ)

ଧାମନଗର ବ୍ଲକ ଅନ୍ତର୍ଗତ ଅସୁରାଳିଠାରେ ନିର୍ମାଣାଧୀନ 'ସହିଦ୍ ଷ୍ଟାଡିୟମ୍' ନିର୍ମାଣ ଏ ପର୍ଯ୍ୟନ୍ତ ଶେଷ ହେଉନାହିଁ। ଅଞ୍ଚଳର କ୍ରୀଡ଼ା ପ୍ରେମୀ, ଛାତ୍ରଛାତ୍ରୀଙ୍କ ପାଇଁ ୭ ବର୍ଷ ତଳେ ୨୦୧୯ ଫେବୃଆରୀ ୧୬ ତାରିଖରେ ଏହି ଷ୍ଟାଡିୟମର ଶିଳାନ୍ୟାସ ହୋଇଥିଲା। ଶିଳାନ୍ୟାସର କିଛି ଦିନ ପରେ ବିଭାଗ ତରଫରୁ ମାପଚୁପ ଆରମ୍ଭ ହୋଇ ପଡ଼ିଆର ଉଭୟ ପାର୍ଶ୍ୱରେ ପାଚେରି ନିର୍ମାଣ କାର୍ଯ୍ୟ ଆରମ୍ଭ ହେଲା ଓ ପାଚେରି ହିଁ କେତେକାଂଶରେ ନିର୍ମାଣହେଲା। ଧୀରେ ଧୀରେ ଅଞ୍ଚଳବାସୀଙ୍କ ଭିତରେ ଆଶା ସଞ୍ଚାର ହେଲା। ତେବେ ପରେ କାର୍ଯ୍ୟ ସମ୍ପୂର୍ଣ୍ଣ ବନ୍ଦ ହେଇଗଲା ଆଉ କୌଣସି ଠିକାଦାର, ବିଭାଗୀୟ ଅଧିକାରୀ, ନେତା, ମନ୍ତ୍ରୀ



କାହାରି ପାଦ ଏଠି ପଡ଼ିଲା ନାହିଁ। କେବଳ ଦୁଇପାଖରେ ୨ଟି ପାଚେରି ପରସ୍ପର ଦିଗରେ ମୁହଁ କରି ନୀରବରେ ଠିଆ ହୋଇଛନ୍ତି। ଆଶ୍ଚର୍ଯ୍ୟର କଥା ହେଲା ଏହି ଷ୍ଟାଡିୟମ୍ ନିର୍ମାଣ ପାଇଁ କେଉଁ ବିଭାଗ ଅନୁଦାନ ଦେଇଛି, କାର୍ଯ୍ୟାଦେଶ କିଏ ପାଇଛି, କେତେ ଟଙ୍କାର ଅନୁଦାନ, କେତେଦିନରେ ସରିବ, ତାର କୌଣସି ସୂଚନା ଫଳକ ଏଠାରେ ନାହିଁ ଓ ଏଥି ପାଇଁ ଲୋଗେ କାହାକୁ ପ୍ରଶ୍ନ କରିବେ, କାହାଠାରୁ ସଠିକ୍ ଉତର ପାଇବେ ସେ ନେଇ ବଡ ସୃଷ୍ଟି ହୋଇଛି। ଧାମନଗର ବ୍ଲକରେ ଏହି ଷ୍ଟାଡିୟମ ନିର୍ମାଣ ପାଇଁ ସବୁଠାରୁ ଉପଯୁକ୍ତ ସ୍ଥାନ ଅସୁରାଳି। ସବୁ ଦୃଷ୍ଟିରୁ ବିଚାର କଲେ ଏହା ପ୍ରମୁଖ ସ୍ଥାନ। ଆଞ୍ଚଳିକ ମହିଳା ମହାବିଦ୍ୟାଳୟ, ବେଷ୍ଟ ଇଞ୍ଜିନିୟରିଂ ସ୍କୁଲ, ଆଇଟିଆଇ, ଶିଶୁ ମନ୍ଦିର, ଅରବିନ୍ଦ ପୂର୍ଣାଙ୍ଗ ଶିକ୍ଷାକେନ୍ଦ୍ର, ଅସୁରାଳି ସରକାରୀ ଉଚ୍ଚ ବିଦ୍ୟାଳୟ ଦେଶବନ୍ଧୁ ନୋଡାଲ ସାରଳା ଦେବୀ ମହାବିଦ୍ୟାଳୟ ସହିତ ବିଭିନ୍ନ ଯୁବକ ସଂଘ, ସାମାଜିକ ଅନୁଷ୍ଠାନ ସହିତ ପ୍ରାୟ ୫ଟି ପଞ୍ଚାୟତର କ୍ରୀଡ଼ା ପ୍ରେମୀ ଏହି ଷ୍ଟାଡିୟମ ନିର୍ମାଣ ହେଲେ ଉପକୃତ ହେବା ଶିଳାନ୍ୟାସ ପରେ ସାଧାରଣ ଲୋକମାନଙ୍କ ମଧ୍ୟରେ ଯେଉଁ ଆନନ୍ଦ ଓ ଉତ୍ସାହ ସୃଷ୍ଟି ହୋଇଥିଲା ତାହା ଏବେ ନିର୍ମାଣର ସ୍ଥାଣୁତା ପାଇଁ ସେ ଆଶା ନିରାଶାରେ ପରିଣତ ହୋଇଛି। ଏହି ଅଞ୍ଚଳର ବିଧାୟକ ଏବେ କ୍ରୀଡ଼ାମନ୍ତ୍ରୀ। ମାତ୍ର ଏଯାଏଁ କୌଣସି ପଦକ୍ଷେପ ସହିଦ ଷ୍ଟାଡିୟମର ପୁନଃରୁଦ୍ଧାର ପାଇଁ ନିଆଯାଇ ନାହିଁ। ୬ ବର୍ଷ ବିତିଗଲା କିନ୍ତୁ ଷ୍ଟାଡିୟମ୍ ହୋଇପାରିଲା ନାହିଁ ସମ୍ପୂର୍ଣ୍ଣ। ଏନେଇ କ୍ରୀଡାବିତ ଓ କ୍ରୀଡାପ୍ରେମୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

# 'କିଶୋର ସ୍ୱାକ୍ଷର'ର ରୌପ୍ୟ ଜୟନ୍ତୀ

ଭଦ୍ରକ, ୨୬।୫(ସମିସ): ଭଦ୍ରକ ଜିଲ୍ଲାର ଅଗ୍ରଣୀ ଶିଶୁ କିଶୋର ସୃଜନଶୀଳ ସାହିତ୍ୟ ପତ୍ରିକା 'କିଶୋର ସ୍ୱାକ୍ଷର'ର ୨୫ବର୍ଷ ପୂର୍ତ୍ତି ରୌପ୍ୟ ଜୟନ୍ତୀ ସମାରୋହ ଜିଲ୍ଲା ସଂସ୍କୃତି ଭବନ ଭଦ୍ରକଠାରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ରାଜ୍ୟସ୍ତରୀୟ ସାରସ୍ୱତ ସମ୍ମେଳନ ଓ ସମ୍ବର୍ଦ୍ଧନା ସଭାରେ ସ୍ତମ୍ଭକାର ଅଭୟ ଦ୍ୱିବେଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଉଦ୍‌ଘାଟକ ଭାବେ ଭଦ୍ରକ ବିଧାୟକ ସୀତାଂଶୁ ସେଖର ମହାପାତ୍ର, ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ ଦିଲୀପ ରାଉତରାଏ, ପାରାଦୀପ ଫସ୍‌ଫେଟ ଲିମିଟେଡର କମ୍ପାନୀ ବ୍ୟାପର ମୁଖ୍ୟ ସୁଧିରଞ୍ଜନ ମିଶ୍ର, ବିଶିଷ୍ଟ ପ୍ରବକ୍ତା ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା, ଶିଶୁ ସାହିତ୍ୟିକ ଶରତ ନାୟକ ପ୍ରମୁଖ ଯୋଗ ଦେଇଥିଲେ। କିଶୋର ସ୍ୱାକ୍ଷରର ଦୀର୍ଘ ୨୫ ବର୍ଷ ଧରି ନିଜ ଓଡ଼ିଶା ତଥା ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡ ରାଜ୍ୟର ପ୍ରବାସୀ ଓଡିଆ ଅଞ୍ଚଳରେ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତିକୁ ପ୍ରଚାର ପ୍ରସାର କରିବା ଦିଗରେ ପ୍ରତିଷ୍ଠାତା ସମ୍ପାଦକ ଶଶଧର ମହନୀଙ୍କ ସାଧୁ ଉଦ୍ୟମକୁ ପ୍ରଶଂସା କରିଥିଲେ। ପତ୍ରିକା ସହିତ ଜଡିତ ସାରସ୍ୱତ ସାଧକ ମଧ୍ୟରୁ ଖୋର୍ଦ୍ଧାରୁ ସେବତୀ ପରିଡ଼ା, କଟକରୁ ଜଫର ଅକ୍‌ବରୀ, ଭଦ୍ରକରୁ ନାରାୟଣ ଚନ୍ଦ୍ର ଲେଙ୍କା, ଚତୁର୍ଭୁଜ ପହି, ନୀରବ ଦାସ, ମାନସକୁମାର ସାହୁ, ଡ. ଜୟନ୍ତୀ କରଶର୍ମା, ସୁକାନ୍ତ ବେହେରା, ଡ.ମନୀନ୍ଦ୍ର ମହାନ୍ତି, ତୁଳସୀ ମଞ୍ଜରୀ ନାୟକ, ନିତ୍ୟାନନ୍ଦ ପାଣିଗ୍ରାହୀ, ଶ୍ରୀକାନ୍ତ ପତି, ଜଗନ୍ନାଥ ମଲ୍ଲିକ,



ଝରଣା ମଲ୍ଲିକଙ୍କ ସମେତ ପାରାଦୀପ ଫସ୍‌ଫେଟ ଲିମିଟେଡର ମୁଖ୍ୟ ଶ୍ରୀ ମିଶ୍ର ପ୍ରମୁଖଙ୍କୁ 'କିଶୋର ସ୍ୱାକ୍ଷର' ରୌପ୍ୟଜୟନ୍ତୀ ସାରସ୍ୱତ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ସଭାପତି ଭାବେ ରଣଜିତ୍ ଶୁକ୍ଳ ଓ ସମ୍ପାଦକ ଭାବେ ସାଇସତ୍ୟ ମହନୀ ମନୋନୀତ ହୋଇଥିଲେ। କିଶୋର ସ୍ୱାକ୍ଷର କର୍ମକର୍ତ୍ତାମାନଙ୍କ ମଧ୍ୟରେ ହେମନ୍ତ କୁମାର ସିଂହ, ଦୀପିକାରାଣୀ ଶୁକ୍ଳ, ମାନସ ସାହୁ, ନମିତା ଶୁକ୍ଳ, ଗୌମ ମହାରଣା ଓ ତପନ ପଣ୍ଡା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଶ୍ରୀକାନ୍ତ ପତି ଧନ୍ୟବାଦ ଅର୍ପଣ କରିଥିଲେ।



# ଚାହିଁ ବସିଛି ସାବିତ୍ରୀ; ସତ୍ୟବାନ ଫେରାର

ଭୁବନେଶ୍ୱର, ୨୬।୫ (ସମିସ)

ଚାହିଁ ବସିଛି ସାବିତ୍ରୀ, ହେଲେ ସତ୍ୟାବାନ ଆଉ କାହାସହ ପାଳୁଛନ୍ତି ସାବିତ୍ରୀ। ହେଲେ ସ୍ତ୍ରୀର ମର୍ଯ୍ୟାଦା ପାଇଁ ଥାନାରେ ଦ୍ୱାରସ୍ଥ ହୋଇଛନ୍ତି ସାବିତ୍ରୀ। ଏଭଳି ହାଇଡ୍ରାମା ଏୟାରପୋର୍ଟ ଥାନା ଝରଣାସାହି ବସ୍ତିରେ ଦେଖିବାକୁ ମିଳିଛି। ଏନେଇ କନ୍ଧମାଳର ଚିଲିକା ବେହେରା ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁକରି ତଦନ୍ତ କରୁଛି।

ହାତରେ ଶଙ୍ଖା, ମୁଣ୍ଡରେ ସିନ୍ଦୂର। ମୋବାଇଲରେ ବାହାଘର ବେଳର ସ୍ମୃତି। ଯିଏ ମଥାରେ ସିନ୍ଦୂର ପିନ୍ଧାଇ ବୋହୂ କରି ନେଇଯିବାର ପ୍ରତିଶ୍ରୁତି ଦେଇଥିଲା, ସିଏ ଏବେ ଆଉ କାହା ହାତ ଧରି ଘର ସଂସାର କରିଛି। ଏଥର ସାବିତ୍ରୀରେ ଘରକୁ ନେଇ ସ୍ତ୍ରୀର ମାନ୍ୟତା ଦେବାକୁ କହି ଡାକିଥିଲା। କିନ୍ତୁ ଘର କାନ୍ଥରେ ପୁଅ ବାହାଘର ପ୍ରତିଛବି ଦେଖି ଆତ୍ମହତ୍ୟା ଉଦ୍ୟମ କରିଛନ୍ତି ମହିଳା। ଶଙ୍ଖା ସହ ହାତରେ ଏବେ ଲାଗିଛି ସାଲାଇନ୍ ଛୁଞ୍ଚି। ଯାହା ପାଇଁ ମଥାରେ ସିନ୍ଦୂର ପିନ୍ଧିଥିଲେ, ତା' ପାଇଁ ମୁହଁ ଘୋଡ଼ାଇ କଇଁ କଇଁ ହୋଇ କାନ୍ଦୁଛନ୍ତି ମହିଳା। ସାତ ଜନ୍ମର ସାଥୀ ହେବାକୁ ପ୍ରତିଶ୍ରୁତି ଦେଇ ଦୁଇଟି ମନ୍ଦିରରେ ଦୁଇ ଦୁଇ ଥର ବାହାଘର ଓ କୋର୍ଟ ମ୍ୟାରେଜ କରିବା ପରେ ମହିଳାଙ୍କ ଦାବି ମୋତେ ବୋହୂ କରି ନେଇଯାଅ। ଭୁବନେଶ୍ୱରରେ ଦେଖିବାକୁ ମିଳିଛି ଏଭଳି ହାଇ ଭୋଲ୍ଟେଜ୍ ଡ୍ରାମା।

- **ହାତରେ ଶଙ୍ଖା ବଦଳରେ ଲାଗିଛି ସାଲାଇନ୍ ଛୁଞ୍ଚି**
- **ଦୁଇଟି ମନ୍ଦିରରେ ଦୁଇ ଦୁଇ ଥର ବାହାଘର କରିଥିଲେ**

ଅଭିଯୋଗ ଅନୁସାରେ, ୨୦୨୩ ଏପ୍ରିଲ ମାସରୁ ଫେସ୍‌ବୁକ୍ ମାଧ୍ୟମରେ କନ୍ଧମାଳର ଚିଲିକା ନାମକ ଯୁବତୀଙ୍କ ସହ ଝରଣାସାହିର ଏନ୍.ବାଲାଜି ରାଓ ପରିଚୟ ହୋଇଥିଲେ। ଉଭୟ କିଛି ଦିନ କଥା ବାର୍ତ୍ତା ହେବା ପରେ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ୨୦୨୩ ମେ ୫ତାରିଖରେ ବାଲିଜିଙ୍କ ସହ ପ୍ରଥମ ଭେଟ ହୋଇଥିଲା। ଯୁବତୀ ଜଣଙ୍କ ଭୁବନେଶ୍ୱର ଆସି ତାଙ୍କ ସହ ଭେଟ କରିବା ପରେ ପୁଣି ଗାଁକୁ ଫେରି ଯାଇଥିଲେ। ଏହାର ୫ ଦିନ ପରେ ଭୁବନେଶ୍ୱରରେ ବସ୍‌ରେ ବସି କନ୍ଧମାଳ ଯାଇଥିବା ବାଲାଜି ରାଓ। ସେଠାରେ ଯୁବତୀ ତାଙ୍କୁ ରହିବା ପାଇଁ ଲଜ୍ ବୁଝି ଦେଇଥିଲେ। ସକାଳୁ ଉଭୟ ପୁଣି ଗାଁ ନିକଟରେ ଥିବା ଏକ ୱାଟରଫଲ୍‌କୁ ବୁଲିବାକୁ ଯାଇଥିଲେ। ଫେରିବା ପରେ ପୁଣି ଏକ ନାରାୟଣୀ ମନ୍ଦିରରେ ବିବାହ କରିଥିଲେ। ହେଲେ କେହି ସେଠାରେ ସାକ୍ଷୀ ନଥିଲେ। ପରେ ଗତ ୧୨ ତାରିଖରେ ମଧ୍ୟ କୋର୍ଟ ମ୍ୟାରେଜ ପାଇଁ ଆବେଦନ କରିଛନ୍ତି। ଏହା ପରେ ତାଙ୍କୁ ସ୍ତ୍ରୀର ଅଧିକାର ଦେଇ ଭୁବନେଶ୍ୱର ଆଣି ସତ୍ୟନଗରରେ ଘର ଭଡ଼ା ନେଇ ରହୁଥିଲେ। ଚିଲିକା ତାଙ୍କୁ ଘରକୁ ନେବା କଥା କହିବାରୁ ଆସନ୍ତା ଅଗଷ୍ଟ ମାସରେ ନେବେ ବୋଲି କହିଥିଲେ। ହେଲେ ଏହା ପରେ ସେ ଆଉ ଫୋନ୍ ଉଠାଇ ନଥିଲେ କି ତାଙ୍କ ମା' ନମ୍ବର ଦେଇନଥିଲେ। ଯୁବତୀଙ୍କ ସନ୍ଦେହ ହେବାରୁ ସେ ପଚାରିପଚାରି ବାଲାଜି ରାଓଙ୍କ ଘରକୁ ଯାଇଥିଲେ। ସେଠାରେ ଦେଖିବା ପରେ ଘର କାନ୍ଥରେ ବାଜାଲିଙ୍କର ଅନ୍ୟ ଜଣେ ଯୁବତୀଙ୍କ ସହ ବିବାହ ହୋଇଥିବା ଦେଖି ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ଆଉ ସେଠାରେ ଆତ୍ମହତ୍ୟା କରିବାକୁ ଉଦ୍ୟମ କରି ବିଫଳ ହେବା ପରେ ଥାନାର ଦ୍ୱାରସ୍ଥ ହୋଇଛନ୍ତି।

# ପିତାପଲ୍ଲୀ ଗୁଳିକାଣ୍ଡ ଘଟଣାରେ ଜଣେ ଗିରଫ

ଯାଁଳା, ୨୬।୫ (ସମିସ)

ପିତାପଲ୍ଲୀ ଗୁଳିକାଣ୍ଡ ଓ ଖଣ୍ଡାରେ ଆକ୍ରମଣ ଘଟଣାରେ ଇନଫୋସିଟି ଥାନା ପୁଲିସ ଅଭିଯୁକ୍ତର ସାନଭାଇକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲା ଚନ୍ଦକା ଥାନା ପାଣିଓରା ଗ୍ରାମର ବାସୁଦେବ ପରିଡ଼ା ଓରଫ ଦୀପୁ। ମୁଖ୍ୟ ଅଭିଯୁକ୍ତ ବଡ଼ଭାଇ ଲିପୁ ପରିଡ଼ା ଫେରାର ଥିବା ଜଣାପଡ଼ିଛି। ପୁଲିସ ଅପରାଧରେ ବ୍ୟବହୃତ ଖଣ୍ଡା ଓ କାର ଜବତ କରିବା ସହ ଦୀପୁକୁ ଅଦାଲତ ଚାଲାଣ କରିଛି।

ପୁଲିସ ସୂଚନା ଅନୁସାରେ ପାଣିଓରା ଗ୍ରାମର ଲିପୁ ଓ ଦୀପୁଙ୍କ ଗାଡ଼ି ଆଣି ତାଙ୍କ ଡ୍ରାଇଭର ପିତାପଲ୍ଲୀ ଛକକୁ ଆସୁଥିଲେ। ଏହି ସମୟରେ ଇନଫୋସିଟି ଥାନା ପିତାପଲ୍ଲୀ ଗ୍ରାମର ପ୍ରଶାନ୍ତ କୁମାର ସ୍ୱାଇଁ ମୋଟରସାଇକଲ ଯୋଗେ ପିତାପଲ୍ଲୀ ବଜାରକୁ ଖାଇବା ପାଇଁ ଆସୁଥିଲେ। ଗାଡି ଅତିକ୍ରମ କରିବା ସମୟରେ ସାଇଡମରାକୁ କେନ୍ଦ୍ରକରି ପ୍ରଶାନ୍ତ ଗାଡି ଚାଳକ ମନୋଜକୁ ଆକ୍ରମଣ କରିଥିଲେ। ଫଳରେ ମନୋଜ ମୁଣ୍ଡ ଫାଟିବା ସହ ଆହତ ହୋଇଥିଲେ। ଏହି ଘଟଣା ମନୋଜ ତାଙ୍କ ମାଲିକ ଲିପୁ ଓ ଦୀପୁଙ୍କୁ ଜଣାଇଥିଲେ। ଲିପୁ ଓ ଦୀପୁ ଏହି ଘଟଣାକୁ ନେଇ ଫୋନ ଯୋଗେ ପ୍ରଶାନ୍ତ ସହ ପାଟିତୁଣ୍ଡ କରିଥିଲେ। କଥା ଏତିକିରେ ତୁଟି ନ ଥିଲା। ଦୁଇ ପକ୍ଷ ରାତି ପ୍ରାୟ ୧୧ଟା ବେଳେ ପୁଣି ମୁହାଁ ମୁହିଁ ହୋଇଥିଲେ। ଦୁଇ ଭାଇ ଲିପୁ ଓ ଦୀପୁ ଏକ କାର ଯୋଗେ ବନ୍ଧୁକ ଓ ଖଣ୍ଡା ଆଣି ଆସିଥିବା ବେଳେ ପ୍ରଶାନ୍ତ ମଧ୍ୟ ତାଙ୍କ ଭାଇ ପ୍ରତାପକୁ ଡାକି ପିତାପଲ୍ଲି ଓଭରବ୍ରିଜ ତଳକୁ ଆସିଥିଲେ। ଲିପୁ, ଦୀପୁ ଦୁଇ ଭାଇଙ୍କ ସହ ପ୍ରଶାନ୍ତ ଓ ପ୍ରତାପ ଦୁଇ ଭାଇଙ୍କ କଥା କଟାକଟି ହୋଇଥିଲା। ଏଥିରେ ଉତକ୍ଷିପ୍ତ ହୋଇ ଦୀପୁ ବନ୍ଧୁକ ବାହାର କରି ପ୍ରତାପଙ୍କ ବାମ ଜଙ୍ଘକୁ ଗୋଟିଏ ରାଉଣ୍ଡ ଗୁଳି ଚଳାଇ ଥିଲା।

■ ଶିଶୁ ଶ୍ରମିକ ଉଦ୍ଧାର ଘଟଣା

# ଦୁଇ ଠିକାଦାର ଓ କର୍ମଚାରୀଙ୍କ ନାଁରେ ମାମଲା

ଭୁବନେଶ୍ୱର, ୨୬।୫ (ସମିସ): ନିର୍ମାଣାଧୀନ ସାଇଟରୁ ଶିଶୁ ଶ୍ରମିକ ଉଦ୍ଧାର ଘଟଣା ଆଉ ପାଦେ ଆଗେଇଛି। ଶ୍ରମିକ ଚାଲାଣରେ ସମ୍ପୃକ୍ତ ଜଣେ କର୍ମଚାରୀ ଓ ଦୁଇ ଠିକାଦାରଙ୍କ ନାମରେ ଏତଲା ଦିଆଯାଇଛି। ରୁଚିକା ସମାଜ ମଙ୍ଗଳ ସଂଗଠନର ହରପ୍ରିୟା ପତିଙ୍କ ଅଭିଯୋଗ ଆଧାରରେ ମାମଲା ରୁଜୁ କରିଛି ମୈତ୍ରୀ ବିହାର ଥାନା ପୁଲିସ।

**ମୈତ୍ରୀ ବିହାର ପୁଲିସର ତନାଘନା**

ଅଭିଯୋଗ ଅନୁଯାୟୀ, ଫର୍‌ଚୁନ ଟାୱାର ନିକଟସ୍ଥ ଭିଜନ୍ ଗ୍ରୁପ ଅଫ୍ କନଷ୍ଟ୍ରକ୍ସନ କମ୍ପାନୀ ଦ୍ୱାରା ଏକ ପ୍ରକଳ୍ପ କାମ ଚାଲିଛି। ସେଠାରେ ଶିଶୁ ଶ୍ରମିକ ନିୟୋଜିତ ହୋଇଥିବା ଖବରପାଇ ଦିନ ରୁଚିକା ସମାଜ ମଙ୍ଗଳ ସଂଗଠନ ଓ ମୈତ୍ରୀ ବିହାର ଥାନା ପୁଲିସ ଚଢ଼ଉ କରିଥିଲା। ନିର୍ମାଣ କାମ କରୁଥିବା ଜଣେ ନାବାଳିକା ଓ ୨ ଜଣ ନାବାଳକକୁ ଉଦ୍ଧାର କରିଥିଲା। କମ୍ପାନୀର କର୍ମଚାରୀ ସମୀମ୍ ଚାଟାର୍ଜୀ ଢେଙ୍କାନାଳ ଅଞ୍ଚଳରୁ ନାବାଳିକାଙ୍କୁ ଆଣି ଏଠାରେ କାମ କରାଉଥିବା ଜଣାପଡ଼ିଥିଲା। ସେହିପରି ଠିକାଦାର ଗୁଡ୍ଡୁ ଅନସାରୀ ୧୬ ବର୍ଷର ନାବାଳକଙ୍କୁ ଉତ୍ତରପ୍ରଦେଶରୁ ଆଣିଥିବା ବେଳେ ଠିକାଦାର ଶେଖ୍ ରବି ମୁର୍ଶିଦାବାଦ ଅଞ୍ଚଳରୁ ୧୪ ବର୍ଷୀୟ ନାବାଳକକୁ ଆଣି ନିର୍ମାଣ କାମରେ ନିୟୋଜିତ କରିଥିଲା। ସମସ୍ତ ଶିଶୁ ଶ୍ରମିକଙ୍କୁ ପ୍ରତିଦିନ ୧୦ ଘଣ୍ଟା ଲେଖାଏଁ କାମ କରୁଥିଲେ।

ରୁଚିକା ଚାଇଲ୍ଡ ଲାଇନର ସଦସ୍ୟା ଶିଶୁ ଶ୍ରମିକମାନଙ୍କୁ ଉଦ୍ଧାର କରି ଭୁବନେଶ୍ୱରସ୍ଥିତ ଅତିରିକ୍ତ ଶିଶୁ ମଙ୍ଗଳ ସମିତିଙ୍କ ନିକଟରେ ହାଜର କରାଇଥିଲା। ଅତିରିକ୍ତ ସିଡବ୍ଲୁସିଙ୍କ ନିର୍ଦ୍ଦେଶ କ୍ରମେ ନାବାଳିକାଙ୍କୁ ବିଶ୍ୱ ଜୀବନ ସେବା ସଙ୍ଘ ଓ ଦୁଇ ନାବାଳକଙ୍କୁ ରୁଚିକା ଚାଇଲ୍ଡ ଲାଇନରେ ରଖାଯାଇଛି।

ବେଆଇନ ଶ୍ରମିକ ଚାଲାଣରେ ସମ୍ପୃକ୍ତ ଥିବା ଜଣାପଡ଼ିବା ପରେ ହରପ୍ରିୟା ପତି ମୈତ୍ରୀ ବିହାର ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଭିଜନ୍ ଗୃପର କର୍ମଚାରୀ ସମୀମ୍ ଚାଟାର୍ଜୀ, ଠିକାଦାର ଗୁଡ୍ଡୁ ଅନସାରୀ ଓ ଶେଖ୍ ରବିଙ୍କ ନାମରେ ଏତଲା ଦେଇଛନ୍ତି। ପୁଲିସ ତାଙ୍କ ଅଭିଯୋଗ ଆଧାରରେ ୩ ଜଣଙ୍କ ନାମରେ ମାମଲା ରୁଜୁ କରି ତଦନ୍ତ କରୁଛି।

ପଳାଶୁଣି ସ୍ଥିତ ବର୍ଜ୍ୟ ପ୍ରକିୟାକରଣ କେନ୍ଦ୍ର ଉଦ୍‌ଘାଟନ ଘଟଣା

# ବାସୁଦେବଙ୍କ ନାଁରେ ବିଏମ୍‌ସିର ଏତଲା

ଭୁବନେଶ୍ୱର, ୨୬।୫ (ସମିସ)

ରାଜଧାନୀରେ ଟିଟିଏସ୍‌ର ଅଳିଆ ତାତି ଉଷ୍ମ ହେବାରେ ଲାଗିଛି। ଭୁବନେଶ୍ୱର ଉନ୍ନୟନ ପରିଷଦ ଏବଂ ସ୍ଥାନୀୟ ନେତୃବୃନ୍ଦ ଯୁଦ୍ଧଂ ଦେହି ଡାକରା ଦେଇଛନ୍ତି। ଏହିକ୍ରମରେ ରବିବାର ୫ଶହରୁ ଉର୍ଦ୍ଧ୍ୱ ଲୋକ ଏକାଠି ହେଇ ପଳାଶୁଣିସ୍ଥିତ ବର୍ଜ୍ୟ ପ୍ରକିୟାକରଣ କେନ୍ଦ୍ରକୁ ଉଦ୍‌ଘାଟନ କରିଦେଲେ। ଏହାକୁ ତୁରନ୍ତ କାର୍ଯ୍ୟକ୍ଷମ କରାଇବାକୁ ସରକାରଙ୍କୁ ଦାବିକଲେ। ଏହାର ଗୋଟିଏ ଦିନ ପରେ ବିଏମ୍‌ସି ପକ୍ଷରୁ ମଞ୍ଚେଶ୍ୱର ଥାନରେ ସେମାନଙ୍କ ବିରୋଧରେ ଏତଲା ଦିଆଯାଇଛି। ଭୁବନେଶ୍ୱର ଉନ୍ନୟନ ପରିଷଦ ବାସୁଦେବ ଭଟ୍ଟଙ୍କ ନେତୃତ୍ୱରେ ଲୋକେ ଅନଧିକାର ପ୍ରବେଶ, କାର୍ଯ୍ୟକୁ ବାଧା ପହଞ୍ଚାଇବା, ମୂଲ୍ୟବାନ ଭିତ୍ତିଭୂମି ପ୍ରତି ବିପଦ ସୃଷ୍ଟି କରିବା ଭଳି ଅଭିଯୋଗ କରି ମଞ୍ଚେଶ୍ୱର ଥାନାରେ ଏତଲା ଦିଆଯାଇଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ପ୍ଲାଣ୍ଟ ଚାଲୁ ନ କଲେ ଅଳିଆ ଗଦା ହଟାଅ ଓ ସୈନିକ ସ୍କୁଲ ବଞ୍ଚାଅ ଅଭିଯାନର କର୍ମକର୍ତ୍ତାଙ୍କ ପକ୍ଷରୁ ବୁଧବାର ଠାରୁ ଅଳିଆ ବନ୍ଦ କରାଯିବ। ବିଏମ୍‌ସିର ସମସ୍ତ କାର୍ଯ୍ୟର ସୋସିଆଲ ଅଡ଼ିଟ୍ ଆରମ୍ଭ ହେବ ବୋଲି ଅଭିଯାନର କର୍ମକର୍ତ୍ତାମାନେ ଚେତାବନୀ ଦେଇଛନ୍ତି।

ବିଏମ୍‌ସି ସୂଚନା ମୁତାବକ, ବିଏମ୍‌ସି କମିଶନର ରାଜେଶ ପ୍ରଭାକର ପାଟିଲଙ୍କ ନିର୍ଦ୍ଦେଶ କ୍ରମେ ପଳାଶୁଣିସ୍ଥିତ ନବ ନିର୍ମିତ ସମନ୍ୱିତ ବର୍ଜ୍ୟ ପରିଚାଳନା କେନ୍ଦ୍ରର ନିର୍ମାଣ କାର୍ଯ୍ୟ ପ୍ରାୟ ଶେଷ ହୋଇଆସୁଥିବା ବେଳେ ଏଠାରେ ଭୁବନେଶ୍ୱର ଉନ୍ନୟନ ପରିଷଦର ସଭାପତି ବାସୁଦେବ ଭଟ୍ଟଙ୍କ ନେତୃତ୍ୱରେ କିଛି ଅଜଣା ବ୍ୟକ୍ତି ବେଆଇନ ଭାବେ ଜୋର ଜବରଦସ୍ତ ଅନୁପ୍ରବେଶ କରି ହିଂସାତ୍ମକ କାର୍ଯ୍ୟକଳାପ ପ୍ରଦର୍ଶନ କରିଛନ୍ତି। ବିନା ଅନୁମତିରେ ପ୍ରବେଶ, ପୂର୍ବକ ସେଠାରେ ଚାଲୁ ରହିଥିବା କାର୍ଯ୍ୟକୁ ବାଧା ପହଞ୍ଚାଇବା, ମୂଲ୍ୟବାନ ଭିତ୍ତିଭୂମି ପ୍ରତି ବିପଦ ସୃଷ୍ଟି କରିବା ଭଳି ଅଭିଯୋଗ କରାଯାଇଛି। ଏଭଳି କାର୍ଯ୍ୟକଳାପ କୁଆଡେ କର୍ମଚାରୀଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରୁଛି। ଘଟଣା ସମୟର ଭିଡିଓ ଚିତ୍ର ଓ ଗଣମାଧ୍ୟରେ ପ୍ରକାଶ ପାଇଥିବା ଖବରର ନକଲ ପୁଲିସକୁ ପ୍ରଦାନ କରାଯାଇଅଛି ବୋଲି ବିଏମ୍‌ସି ପକ୍ଷରୁ କୁହାଯାଇଛି।

ଅନ୍ୟପକ୍ଷରେ ଅଳିଆ ଗଦା ହଟାଅ ଓ ସୈନିକ ସ୍କୁଲ ବଞ୍ଚାଅ ଅଭିଯାନର କର୍ମକର୍ତ୍ତାମାନେ ଏକ ପ୍ରେସ୍ ବିବୃତ୍ତି ମାଧ୍ୟମରେ ଆସନ୍ତା ଦୁଇ ଦିନ ଭିତରେ କାର୍ଯ୍ୟକ୍ଷମ କରି ଗଡ଼କଣକୁ ଦୈନିକ ଆସୁଥିବା ୧୫୦ମେଟ୍ରିକ ଟନ ଶୁଖିଲା ଅଳିଆରୁ ପ୍ରଥମେ ମୁକ୍ତ କରିବା ପାଇଁ ଦାବି କରିଛନ୍ତି। ଭୁବନେଶ୍ୱର ଉନ୍ନୟନ ପରିଷଦ ସଭାପତି ଶ୍ରୀ ଭଟ୍ଟ ବିଏମ୍‌ସି କମିଶନରଙ୍କ ପାଖକୁ ଏନେଇ ଚିଠି ଲେଖି ଜଣାଇଛନ୍ତି। ଯଦି୧୫୦ମେଟ୍ରିକଟନଆସନ୍ତାମଙ୍ଗଳବାର ସୁଦ୍ଧା ପଳାଶୁଣକୁ ନ ଯିବ ଆମେ ବୁଧବାର ଠାରୁ ଗାଡ଼କଣ ଅଳିଆଗଦାକୁ ହଜାର ହଜାର ଜନସାଧାରଣଙ୍କ ଉପସ୍ଥିତରେ କୌଣସି ଅଳିଆ ଗାଡ଼ିକୁ ପ୍ରବେଶ କରିବାକୁ ଦିଆଯିବ ନାହିଁ। ଏହା ସହ ବିଏମ୍‌ସିର ସମସ୍ତ କାର୍ଯ୍ୟର ସୋସିଆଲ ଅଡିଟ୍ କରାଯିବ ବୋଲି ସେ ଚିଠିରେ ଉଲ୍ଲେଖ କରିଛନ୍ତି।

# ୱାର୍ଡ ଅଫିସରୁ ଚୋରି; ଦୁଇ ଗିରଫ



ଭୁବନେଶ୍ୱର, ୨୬।୫ (ସମିସ): ବିଏମସି ୱାର୍ଡ ଅଫିସରୁ ଚୋରି କରିଥିବା ଅଭିଯୋଗରେ ଦୁଇ ଜଣଙ୍କୁ ଗିରଫ କରିଛି ଚନ୍ଦ୍ରଶେଖରପୁର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି ଶୈଳଶ୍ରୀ ବିହାରର ମିଞ୍ଜା ନାୟକ (୩୪) ଓ ହାଉସିଂ ବୋର୍ଡ କଲୋନୀର ଶରତ କୁମାର ମାଣିକ (୫୩)। ପୁଲିସ ସୂଚନା ଅନୁସାରେ, ଶୈଳଶ୍ରୀ ବିହାର ସାଇ ମନ୍ଦିର ବିପରୀତ ପାର୍ଶ୍ୱରେ ଏକ ନବ ନିର୍ମିତ ୱାର୍ଡ ଅଫିସକୁ ଗତମାସ ୨୨ ତାରିଖ ଠାରୁ ତାଲା ପକାଇ ଉଦଘାଟନ ପାଇଁ ରଖାଯାଇଥିଲା। ଗତ ୨୧ ତାରିଖରେ କୋଠାର ଯାଞ୍ଚ ବେଳେ ସେଠାରୁ ତାଲା ଭଙ୍ଗା ଯାଇ ସାନିଟାରୀ/ପ୍ଲମ୍ବିଂ ସାମଗ୍ରୀ ଓ ଆସବାବପତ୍ର ଚୋରି ହୋଇଥିବା ଜଣାପଡ଼ିଥିଲା। ବିଏମସି ଜୋନାଲ ଡେପୁଟି କମିସନର ଶ୍ରୀକାନ୍ତ କୁମାର ଆଚାର୍ଯ୍ୟ ଏନେଇ ଚନ୍ଦ୍ରଶେଖରପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ମିଞ୍ଜା ୱାର୍ଡ ଅଫିସରୁ ସାନିଟାରି ସାମଗ୍ରୀ ଚୋରି କରି କବାଡ଼ିଆ ଦୋକାନୀ ଶରତକୁ ବିକ୍ରି କରିଥିବା ତଦନ୍ତ ବେଳେ ଜଣାପଡ଼ିଥିଲା।? ପୁଲିସ ପ୍ରଥମେ ମିଞ୍ଜା ଓ ପରେ ଶରତକୁ ଗିରଫ କରିଥିଲା। ଶରତର କବାଡ଼ି ଗୋଦାମରୁ ଷ୍ଟିଲ୍ ଟ୍ୟାପ୍, ବେସିନ୍ ଟ୍ୟାପ୍ ଓ ବାଥ ସାୱାର ସମେତ ଚୋରି ହୋଇଥିବା ସାନିଟାରୀ ସାମଗ୍ରୀ ଜବତ କରିଥିଲା।

# ମଞ୍ଚେଶ୍ୱର କଳାପାଣିରେ ବେହାଲ ଟଙ୍କପାଣି

ଭୁବନେଶ୍ୱର, ୨୬।୫ (ସମିସ)

ଅସରାଏ ବର୍ଷାରେ ରାଜଧାନୀରେ ଜଳବନ୍ଦୀ ସମସ୍ୟା ସୃଷ୍ଟି ହେବା ଏବେ ସାଧାରଣ ଘଟଣା ହୋଇପଡ଼ିଛି। ଯଦି ଘଣ୍ଟାଏ ବର୍ଷା ହେଉଛି ୬ ଘଣ୍ଟା ପର୍ଯ୍ୟନ୍ତ ଲୋକଙ୍କୁ ଘରୁ ବାହାରିବା କାଠିକର ପାଠ ହୋଇପଡୁଛି। ଦୟା ଆଉ ଗଙ୍ଗୁଆ ପଙ୍କରେ ରାଜଧାନୀ ଅନେକ ଅଞ୍ଚଳର ରାସ୍ତାଘାଟ ପୋତି ହୋଇଯାଉଛି। ପ୍ରାଶାସନିକ ଅବହେଳା ଯୋଗୁଁ ଦୟା ୱେଷ୍ଟ କିମ୍ବା ଗଙ୍ଗୁଆ ନାଳ ସଫା ହୋଇପାରୁନି। ଫଳରେ ଦୀର୍ଘବର୍ଷ ଧରି ଆବର୍ଜନା ଓ ଜଳବନ୍ଧୀ ସମସ୍ୟାରେ ସମ୍ମୁଖୀନ ହେଉଛନ୍ତି ରାଜଧାନୀବାସୀ।

ଏଭଳିସ୍ଥଳେ ଶନିବାର ଗୃହ ଏବଂ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ଏହି ଦୁଇ ଗଙ୍ଗୁଆ ନାଳ ଓ ଦୟା ୱେଷ୍ଟ କେନାଲ ପରିଦର୍ଶନରେ ଯାଇଥିଲେ। ତାଙ୍କ ସହ ବିଏମ୍‌ସି କମିସନର ରାଜେଶ ପ୍ରଭାକର ପାଟିଲ, ବିଡିଏ ଉପାଧ୍ୟକ୍ଷ ଡ. ଏନ୍ ତିରୁମାଲା ନାୟକ, ଅତିରିକ୍ତ ସଚିବ ଶତ୍ରୁଘ୍ନ କର, ବିଏମ୍‌ସି ସିଟି ଇଞ୍ଜିନିୟର ବିକାସ ବେହେରାଙ୍କ ଏବଂ ବିଡ଼ିଏ ଯନ୍ତ୍ରୀ ପ୍ରମୁଖ ତାଙ୍କ ସହ ଉପସ୍ଥିତ ଥିଲେ। ସମୀକ୍ଷା ବେଳେ ଜଳାଶୟ ସମ୍ପର୍କରେ ବହୁ କଥା ସାମ୍ନାକୁ ଆସିଛି। ନନ୍ଦନକାନନରେ ନିକଟରେ ପାଣି ସ୍ୱଚ୍ଛ ଥିଲା ବେଳେ ମଞ୍ଚେଶ୍ୱର ଶିଳ୍ପାଞ୍ଚଳରୁ ଦୟା ୱେଷ୍ଟ ଏବଂ ଗଙ୍ଗୁଆ ପ୍ରଦୂଷିତ ହେବା ଆରମ୍ଭ ହୋଇଯାଇଛି। ଶିଳ୍ପାଞ୍ଚଳ ପ୍ରଦୂଷଣ ଦୁଇ ଜଳାଶୟକୁ ଅଧମରା କରିଦେଉଛି। ଜଳକୁ ବିଶୋଧିତ କରା ନ ଯାଇ ସିଧାସଳଖ ଜଳାଶୟକୁ ଛଡାଯାଉଛି। ଯାହା ବେଆଇନ୍ ହୋଇଥିଲେ ମଧ୍ୟ ଏହାକୁ ନିୟନ୍ତ୍ରଣ କରାଯାଇ



ପାରୁ ନାହିଁ କିମ୍ବା ଏଭଳି କାର୍ଯ୍ୟ କରୁଥିବା ଶିଳ୍ପସଂସ୍ଥା ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା ଜଣାପଡ଼ିଛି।

ଏହି ଦୁଇ ଜଳାଶୟ ସହର ଭିତରକୁ ଯେତେ ପ୍ରବେଶ କରୁଛି ସେତେ ପ୍ରଦୂଷିତ ହେବାରେ ଲାଗିଛି। ସ୍ୱରେଜ ପାଣିକୁ ନାଳରେ ସିଧାସଳଖ ଛଡାଯାଉଛି। ଫଳରେ ସହରର ପ୍ରମୁଖ ଦୁଇ ଜଳାଶୟ ଗନ୍ଧାଇବାକୁ ଲାଗୁଛି। ଅଧିକାଂଶ ସ୍ଥାନରେ କେନାଲ କିମ୍ବା ନାଳରେ ଦଳ ଭର୍ତ୍ତି ହୋଇରହିଛି। ପାଣି ବିଲକୁଲ ଦେଖାଯାଉ ନାହିଁ। ଦୁଇ ଜଳାଶୟର ଜଳ ଟଙ୍କପାଣି ପର୍ଯ୍ୟନ୍ତ ପହଞ୍ଚିଲା ବେଳକୁ ପାଣିରୁ ଦୁର୍ଗନ୍ଧ ବାହାରୁଛି। ଲୋକେ ଏହି ଜଳଶୟ ପାଖରେ ଛିଡ଼ା ହେଲା ବେଳକୁ ନାକ ଦୁର୍ଗନ୍ଧରେ ଫାଟି ପଡୁଛି। ଦୟା ୱେଷ୍ଟ କେନାଲ ଓ ଗଙ୍ଗୁଆ ନାଳ ନିକଟବର୍ତ୍ତୀ ଅଞ୍ଚଳର ଅଧିବାସୀମାନେ ଦୁର୍ଗନ୍ଧରେ ଦିନ କାଟୁଛନ୍ତି। ଏହି ଜଳ ପାଇଁ ବିଭିନ୍ନ ରୋଗର ଶିକାର ହେଉଛନ୍ତି।

ଅନ୍ୟପକ୍ଷରେ ସମୀକ୍ଷା ବେଳେ ଏହି ଚ୍ୟାନେଲଗୁଡ଼ିକର ପ୍ରାକୃତିକ ପ୍ରବାହକୁ ସହଜ କରିବା, ଅବରୋଧମୁକ୍ତ କରିବା ଏବଂ ପୁନଃରୁଦ୍ଧାର କରିବା ପାଇଁ ତୁରନ୍ତ ଏବଂ ଦୀର୍ଘକାଳୀନ ପଦକ୍ଷେପ ଉପରେ ଆଲୋଚନା କରାଯାଇଥିଲା। ଏହି ଦଳ ଜବରଦଖଲ ସମସ୍ୟା, ଢାଞ୍ଚାଗତ ପ୍ରତିବନ୍ଧକ ଏବଂ ଏହି ସହରାଞ୍ଚଳ ଜଳସ୍ରୋତର ଜଳ ପରିବହନ କ୍ଷମତା ଏବଂ ପରିବେଶ ସନ୍ତୁଳନ ପାଇଁ ସମନ୍ୱିତ ଯୋଜନାର ଆବଶ୍ୟକତା ଉପରେ ମଧ୍ୟ ସମୀକ୍ଷା କରିଥିଲେ। ଶ୍ରୀମତୀ ପାଢ଼ୀ ଏକ ସାମଗ୍ରିକ ଆଭିମୁଖ୍ୟ ଗ୍ରହଣ ଉପରେ ଗୁରୁତ୍ୱାରୋପ କରିଥିଲେ। ସେ ଅଧିକାରୀମାନଙ୍କୁ ନିର୍ଦ୍ଦିଷ୍ଟ ସମୟସୀମା ସହିତ ଏକ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

# ରକ୍ତମାନବ କଲେଣି ୬୬ ଥର ରକ୍ତଦାନ



ଭୁବନେଶ୍ୱର, ୨୬।୫ (ସମିସ)

ସେ ପେସାରେ ଜଣେ ବ୍ୟବସାୟୀ। ହେଲେ ନିଶା ତାଙ୍କର ସମାଜସେବା କରିବା। ୨ ହଜାର ମସିହାରୁ ସେ ରକ୍ତଦାନ କରିବା ଆରମ୍ଭ କଲେଣି। କହିବାକୁ ଗଲେ ବର୍ତ୍ତମାନ ସୁଦ୍ଧା ସେ ୬୬ ଥର ରକ୍ତ ଦେଇ ସାରିଲେଣି। କଲେଜ ଦିନରୁ ରକ୍ତ ସଙ୍କଟରେ କେହି ଜୀବନ ନ ହରାନ୍ତୁ ବୋଲି ତାଙ୍କର ଗୋଟିଏ ଲକ୍ଷ୍ୟ ରହିଛି। ଏହା ସହ ଅନାଥ ଶବକୁ ଦାହ କରିବା ଓ ବିଭିନ୍ନ ସଚେତନମୂଳକ କାର୍ଯ୍ୟକ୍ରମ ମଧ୍ୟ ସେ କରି ଆସୁଛନ୍ତି।

**ଅନାଥ ଶବକୁ କରୁଛନ୍ତି ଦାହ କରୁଛନ୍ତି ମୁକ୍ତିକାନ୍ତ**

ଏ ହେଉଛନ୍ତି ୪୦ ବର୍ଷୀୟ ମୁକ୍ତିକାନ୍ତ ବାରିକ୍। ଘର ଭଦ୍ରକ ଜିଲ୍ଲାର ତିହିଡି ଅଞ୍ଚଳରେ। ହେଲେ ଅନେକ ବର୍ଷ ହେବ ପରିବାର ସହ ରାଜଧାନୀର ବରମୁଣ୍ଡାଠାରେ ରହୁଛନ୍ତି। ଦିନ ହଠାତ ତାଙ୍କ ବଡ ଭାଇ ଗାଡି ଦୁର୍ଘଟଣାରେ ଗୁରୁତର ହେବା ପରେ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ରକ୍ତ ଆବଶ୍ୟକ ହେବାରୁ ସବୁଠି ଖୋଜା ପଡ଼ିଲା ହେଲେ କେହି ରକ୍ତ ଦେବାକୁ ରାଜି ନହେବାରୁ ନିଜେ ମୁକ୍ତିକାନ୍ତଙ୍କୁ ଦୁଇଥର ରକ୍ତ ଦେବାକୁ ପଡ଼ିଥିଲା। ସେହି ଦିନରୁ ମୁକ୍ତିକାନ୍ତ, ରକ୍ତଦାନ ପ୍ରତି ସଚେତନ କରେଇବାର ନିଷ୍ପତ୍ତି ନେଇଥିଲେ। ସେହି ପ୍ରୟାସରେ ବର୍ତ୍ତମାନ ସୁଦ୍ଧା ସେ ୬୬ ଥର ରକ୍ତଦାନ କରି ସେରିଲେଣି। କେବଳ ସେତିକି ନୁହଁ କରୋନା ମହାମାରୀ ସମୟରୁ ବିଭିନ୍ନ ସ୍ଥାନକୁ ଯାଇ ଅନାଥ ଶବକୁ ମଧ୍ୟ ଦାହ କରୁଛନ୍ତି। ସେହି ସଂଖ୍ୟା ବର୍ତ୍ତମାନ ସୁଦ୍ଧା ୪୨ ଜଣଙ୍କର ଶବ ଦାହ କରି ସାରିଲେଣି। ଏପରିକି ନିଜ ସାଙ୍ଗସାଥିଙ୍କ ସହ ମିଶି ଏଭଳି ଆହୁରି ସମାଜସେବା କରିବାର ପ୍ରୟାସରେ 'ଭରସା' ନାମରେ ଏକ ଅନୁଷ୍ଠାନ ଖୋଲିଛନ୍ତି। ଯେଉଁଥିରେ ୨୦ ରୁ ୨୫ ଜଣ ସଦସ୍ୟ ମିଶି ରକ୍ତଦାନ, ବୃକ୍ଷରୋପଣ, ବିଭିନ୍ନ ସଚେତନ ମୂଳକ କାର୍ଯ୍ୟକ୍ରମ, ଶବଦାହ ସହ ଅନାଥ ପିଲାଙ୍କର ବିବାହ ଖର୍ଚ୍ଚ ମଧ୍ୟ ଉଠାଇଥାନ୍ତି। ଏଥସହିତ ୬ ଜଣ ଅନାଥ ପିଲାଙ୍କୁ ପାଠ ପଢ଼ିବାରେ ମଧ୍ୟ ସାହାଯ୍ୟ କରୁଛନ୍ତି। ସେହିପରି ପ୍ରତି ରବିବାର ସଫେଇ କାର୍ଯ୍ୟ ସମେତ ବୃକ୍ଷରୋପଣ ମଧ୍ୟ ଅନୁଷ୍ଠାନ ତରଫରୁ ମିଶି କାର୍ଯ୍ୟ କରିଥାନ୍ତି। ଭାଇଙ୍କ ସହ ହୋଇଥିବା ଦୁର୍ଘଟଣା ହିଁ ତାଙ୍କୁ ଏପରି କାର୍ଯ୍ୟ ପାଇଁ ଅନୁପ୍ରାଣିତ କରିଥିଲା ବୋଲି ସେ କହିଥିଲେ। ବିନା କୌଣସି ସାହାଯ୍ୟ ସହଯୋଗରେ ନିଜ ନିଜ ପ୍ରାପ୍ୟକୁ ଏପରି କାର୍ଯ୍ୟ ପାଇଁ ସେମାନେ ବ୍ୟବହାର କରିଥାନ୍ତି। ଆଗକୁ ଏଭଳି ସଚେତନମୂଳକ ପ୍ରୟାସ ଆହୁରି ଜାରି ରହିବ କହିଛନ୍ତି।

# ସାଇବର୍ ଠକଙ୍କ ଯନ୍ତାରେ ଅଧିକାଂଶ ଉଚ୍ଚଶିକ୍ଷିତ

ଭୁବନେଶ୍ୱର, ୨୬।୫ (ସମିସ)

ଲୋଭ ଓ ଅଧିକ ଲାଭର ମାୟାରେ ପଡୁଛନ୍ତି ଅଧିକାଂଶ ଉଚ୍ଚଶିକ୍ଷିତ। ଫଳରେ ସାଇବର ଠକେଇ ଜାଲରେ ଅପାଠୁଆ ଅପେକ୍ଷା ଅଧିକ ଉଚ୍ଚଶିକ୍ଷିତ ପଡୁଛନ୍ତି। ଟ୍ରେଡିଂ ଏବଂ ଅନଲାଇନ୍ କାରବାର କରୁଥିବା ଉଚ୍ଚଶିକ୍ଷିତଙ୍କୁ ନିଜ ଜାଲରେ ଫସାଉଛନ୍ତି ଠକ। କମ୍ ସମୟରେ ଅଧିକ ରିଟର୍ଣ୍ଣ ପାଇବାର ଲୋଭନୀୟ ପ୍ରତିଶ୍ରୁତି ଦେଇ ସେମାନେ କୋଟି କୋଟି ଟଙ୍କାର ଚୂନ ଲଗାଉଛନ୍ତି। ଏହିଭଳି ଗତ ୩ ବର୍ଷରେ ପ୍ରାୟ ୧୨୫ କୋଟି ଟଙ୍କା ଲୁଟି ନେଇଛନ୍ତି ସାଇବର୍ ଠକ। ଏଣେ ପୁଲିସ ସାଇବର୍ ଠକେଇ ନେଇ ୬ ହଜାରରୁ ଅଧିକ ମାମଲା ରୁଜୁ କରିବା ସହ ୧୩ ଶହ ୮୮ ଜଣଙ୍କୁ ଗିରଫ କରିଛି। ସାଇବର୍ ଠକ ଗତ ୩ ବର୍ଷରେ ୧୨୫ କୋଟି ଟଙ୍କା ଠକି ନେଇଥିବା ସରକାରୀ ଭାବେ ଜଣାପଡ଼ିଛି। ଏ ନେଇ ରାଜ୍ୟର ବିଭିନ୍ନ ଥାନାରେ ୬ ହଜାର ୩୬୮ଟି ମାମଲା ରୁଜୁ ହୋଇଥିବା ବେଳେ ୧୩୮୮ ଜଣଙ୍କୁ ଗିରଫ କରିଛି ପୋଲିସ୍। କେବଳ ଶିକ୍ଷିତ ନୁହେଁ, ବ୍ୟବସାୟୀ, ଇଞ୍ଜିନିୟର, ସଫ୍ଟୱେର ଇଞ୍ଜିନିୟର ଆଦିଙ୍କୁ ସାଇବର ଠକ ଟାର୍ଗେଟ କରୁଛନ୍ତି। ରାଜେଶ ଦାସ, ପେସାରେ ଇଞ୍ଜିନିୟର। ଅନଲାଇନ୍ ପେମେଣ୍ଟ ଠାରୁ ଆରମ୍ଭ କରି ଡିଜାଇନ୍ ସବୁ କିଛି ଲାପଟପରେ ହିଁ କରନ୍ତି। ହେଲେ ଏତେ ଡିଜିଟାଲ ଜ୍ଞାନ ଥାଇ ବି ସେ ପଡ଼ିଗଲେ ସାଇବର ଲୁଟେରାଙ୍କ ଜାଲରେ। ଆଖି ପିଛୁଳାକେ ତାଙ୍କ ଆକାଉଣ୍ଟରୁ ଉଡ଼ିଗଲା ୩୦ ହଜାର ଟଙ୍କା।

- **ଅପାଠୁଆ ନୁହେଁ; ଶିକ୍ଷିତଙ୍କୁ ଟାର୍ଗେଟ କରୁଛନ୍ତି ସାଇବର୍ ଠକ**
- **୩ ବର୍ଷରେ ୧୨୫ କୋଟି ଟଙ୍କା ଗୋଲ**
- **ଟ୍ୱିନ୍‌ସିଟିରେ ସର୍ବାଧିକ ସାଇବର୍ ଠକେଇ**

କମ୍ପ୍ୟୁଟର ସାଇନ୍ସରେ ବିଟେକ୍ କରିଛନ୍ତି ବିଶ୍ୱଜିତ ମହନ୍ତ। ୨ ବର୍ଷ ତଳେ ସେ ଏକ ଡିଜିଟାଲ ସାଇଟରୁ ଋଣ ଆଣିଥିଲେ। ତାକୁ ସୁଝି ଦେଇଛନ୍ତି ମଧ୍ୟ। ହେଲେ ସାଇବର ଲୁଟେରା ତାଙ୍କୁ ଏବେ ପୁଣି ଟଙ୍କା ମାଗିବା ସହ ତାଙ୍କ ଆପତ୍ତିଜନକ ଫଟୋ ଭାଇରାଲ କରିଦେବାର ଧମକ ଦେଉଛି। ଅକଳ ଗୁଡୁମ୍ ହେବା ପରେ ବିଶ୍ୱଜିତ ଏବେ ଭୁବନେଶ୍ୱର ସାଇବର ଥାନାର ଦ୍ୱାରସ୍ଥ ହୋଇଛନ୍ତି। ପ୍ରତ୍ୟେକ ଦିନ ଏଭଳି ଶହ ଶହ ଉଚ୍ଚଶିକ୍ଷିତ ଆଉ ଡିଜିଟାଲ୍ ୱାର୍ଲଡ୍‌କୁ ବୁଝୁଥିବା ଲୋକ ବି ସାଇବର୍




ଲୁଟେରାଙ୍କ ଶିକାର ହେଉଛନ୍ତି। କିଛି ମାସ ତଳେ ଜଣେ ପୂର୍ବତନ ମନ୍ତ୍ରୀ ସେୟାର ମାର୍କେଟରେ ଇନଭେଷ୍ଟ ନାଁରେ ସାଇବର୍ ଲୁଟେରାଙ୍କ ଶିକାର ହୋଇଥିଲେ। କ୍ରାଇମବ୍ରାଞ୍ଚ ସାଇବର ସେଲର ସୂଚନା ଅନୁସାରେ ଏବେ ସାଇବର ଠକମାନେ ଟ୍ରେଡିଂ, ଟୁରିଜିମ୍ ଓ ଡିଜିଟାଲ୍ ମାର୍କେଟିଂ ଆଦି ସାଇଟ୍‌ରେ ଜାଲ ବିଛାଇ ବସିଛନ୍ତି। ଯେଉଁମାନେ ସେୟାର ମାର୍କେଟରେ ଇନଭେଷ୍ଟ କରୁଛନ୍ତି ସେମାନଙ୍କୁ କରୁଛନ୍ତି ଟାର୍ଗେଟ୍। କମ୍ ସମୟରେ ଅଧିକ ଟଙ୍କା ରିଟର୍ଣ୍ଣ ପାଇବାର ଲୋଭ ଦେଖାଇ ସବୁ ଅର୍ଥ ହଡପ କରି ନେଉଛନ୍ତି। ଗତ ୨୩ ତାରିଖରେ ଏହିଭଳି ଏକ ମାମଲାର ପର୍ଦ୍ଦାଫାସ କରିଥିଲେ କ୍ରାଇମବ୍ରାଞ୍ଚ ଡିଜି। ଭୁବନେଶ୍ୱରର ଜଣେ ବ୍ୟକ୍ତି ଅନଲାଇନ ଟ୍ରେଡିଂ କରୁଥିବା ବେଳେ ସାଇବର ଲୁଟେରାଙ୍କ ଜାଲରେ ପଡ଼ିଯାଇଥିଲେ। ଓଟଙ୍ଗ ଓ ଙ୍କଞ୍ଜଉରେ ଅଧିକ ରିଟର୍ଣ୍ଣ ଦେବାକୁ କହି ଏକ କୋଟି ୫୫ ଲକ୍ଷ ଟଙ୍କା ଲୁଟି ନେଇଯାଇଥିଲେ। ଏହି ମାମଲାରେ ପୁଲିସ ଭୋପାଳରୁ ଦୁଇ ଜଣଙ୍କୁ ଗିରଫ କରିଛି। ଅନଲାଇନ ଟ୍ରେଡିଂ ନାଁରେ ସାଇବର ଠକେଇ ମାମଲାରେ ଓଡ଼ିଶା କ୍ରାମବ୍ରାଞ୍ଚ ୩୩ ଜଣଙ୍କୁ ରାଜ୍ୟ ବାହାରୁ ଗିରଫ କରି କୋର୍ଟ ଚାଲାଣ କରିସାରିଲାଣି। ଆଇଓସିଏଲ୍ ନାଁ ରେ ମଧ୍ୟ ମାତିଛନ୍ତି ସାଇବର ଠକ। ପେଟ୍ରୋଲ ପମ୍ପ କରାଇ ଦେବା ନାଁରେ ୨୦ ଲକ୍ଷ ଟଙ୍କା ଠକି ନେଇଥିବା ବିହାରର ସତୀଶ କୁମାର ନାମକ ଜଣେ ଠକକୁ ଗିରଫ କରିଛି କମିଶନରେଟ୍ ପୁଲିସ।



## ରବି ଲାବଣ୍ୟଙ୍କ ଜୟନ୍ତୀ ଓ ସମ୍ବର୍ଦ୍ଧନା ସମାରୋହ ୩୦ରେ

**ଧର୍ମଶାଳା, ୨୬।୫(ସମିସ):** ଧର୍ମଶାଳାର ପ୍ରାକ୍ତନ ବିଧାୟକ ଏବଂ ବନ୍ଦେ ଉତ୍କଳ ଜନନୀର ପ୍ରତିଷ୍ଠାତା ରବି ଲାବଣ୍ୟଙ୍କ ୮୮ତମ ଜୟନ୍ତୀ ଓ ସମ୍ବର୍ଦ୍ଧନା ସମାରୋହ ଆସନ୍ତା ୩୦ ତାରିଖରେ ଅନୁଷ୍ଠିତ ହେବାକୁ ସ୍ଥିର କରାଯାଇଛି। ଏନେଇ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଆୟୋଜକ ଅନୁଷ୍ଠାନର ଉପଦେଷ୍ଟା ତଥା ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଜାରକା ଷ୍ଟାଡିୟମ ସଭାଗୃହରେ ପୂର୍ବାହ୍ନ ୧୦ ଘଟିକା ସମୟରେ ଏକ ସାଧାରଣ ସଭାର ଆୟୋଜନ କରାଯାଇଛି। ଏହି ସଭାରେ ରାଜ୍ୟର ବହୁ ବିଶିଷ୍ଟ ରାଜନେତା, ସାମ୍ବାଦିକ, ଖବରକାଗଜ ସମ୍ପାଦକ, ସାହିତ୍ୟିକ, ବୁଦ୍ଧିଜୀବୀଙ୍କ ସମେତ ସ୍ୱର୍ଗତ ଲାବଣ୍ୟଙ୍କ ଶୁଭେଚ୍ଛୁ ତଥା ସହଯୋଗୀ ଅତିଥିଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ସ୍ମରଣିକା 'ସ୍ୱାଭିମାନ'ର ତୃତୀୟ ଭାଗ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହେବ। ଏହି ନିର୍ବାଚନ ମଣ୍ଡଳୀ ଅରଙ୍ଗାବାଦସ୍ଥିତ ବନ୍ଦେ ଉତ୍କଳ ଜନନୀ ଅନୁଷ୍ଠାନ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ବିଶିଷ୍ଟ ଓଡିଆ ଚଳଚ୍ଚିତ୍ର ଅଭିନେତା ପ୍ରଦ୍ୟୁମ୍ନ ଲେଙ୍କା, ଧର୍ମଶାଳା ବାଣୀପୀଠର ଅବସରପ୍ରାପ୍ତ ଆଦର୍ଶ ଶିକ୍ଷକ ମଦନ ମୋହନ କଣ୍ଡଙ୍କୁ ରବି ଲାବଣ୍ୟ ଗୌରବ ସମ୍ମାନରେ ସମ୍ବର୍ଦ୍ଧିତ କରାଯିବା ସହ ଦି ଗ୍ରେଟ ଓଡ଼ିଶା ପଲିଟିକାଲ ସର୍କସର ଦିବଙ୍ଗତ ହାସ୍ୟ ଅଭିନେତା ଅଜୟ ନାୟକଙ୍କୁ ମରଣୋତ୍ତର ସମ୍ମାନ ପ୍ରଦାନ କରାଯିବାକୁ ସ୍ଥିର କରାଯାଇଛି। ଆୟୋଜିତ ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ତାଙ୍କ ଜ୍ୟେଷ୍ଠ ପୁତ୍ର ପ୍ରାଧ୍ୟାପକ ବଳଭଦ୍ର ଦାଶ ଏବଂ କନିଷ୍ଠ ପୁତ୍ର ଆଇନଜୀବୀ ଶ୍ୟାମପ୍ରସାଦ ଦାଶ ସମସ୍ତଙ୍କର ସହଯୋଗ କାମନା କରିଛନ୍ତି।

## ଆତ୍ମହତ୍ୟା ଉଦ୍ୟମ କରି ଛାତ୍ର ଗୁରୁତର



**ସୁକିନ୍ଦା, ୨୬।୫(ସମିସ):** ବାପ ମାଆ ତାଗିଦ୍ କରିବାରୁ ଜଣେ ନାବାଳକ ଛାତ୍ର ଆତ୍ମହତ୍ୟା ଉଦ୍ୟମ କରି ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଥିବା ଜଣାପଡ଼ିଛି। ସୁକିନ୍ଦା ଥାନା ଅନ୍ତର୍ଗତ ଦୁଧୁଜୋରୀ ପଞ୍ଚାୟତ କଞ୍ଚିଆ ଗ୍ରାମର ଦୁର୍ଯ୍ୟୋଧନ ଗାଗରାଇ କୌଣସି କାରଣରୁ ନିଜ ଦଶ ବର୍ଷର ପୁଅ ଶିବ ଗାଗରାଇକୁ ଗାଳି କରିଥିଲେ। ମାତ୍ର ଶିବ ବାପାଙ୍କ କଥାକୁ ସହିନପାରି ଘର ଭିତରକୁ ଯାଇ ମା' ଲୁଗା ବେକରେ ଗୁଡ଼ାଇ ଆତ୍ମହତ୍ୟା କରିବାକୁ ଉଦ୍ୟମ କରୁଥିଲା। ବାପା ମା'ଙ୍କ ସନ୍ଦେହ ହେବାରୁ ଘର ଭିତରକୁ ଯିବା ବେଳେ ପୁଅର ଏଭଳି କାଣ୍ଡ ଦେଖି ସଙ୍ଗେ ସଙ୍ଗେ ବେକରୁ ଲୁଗା ଖୋଲି ଆମ୍ବୁଲାନ୍ସ ଡକାଇ ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନେଇ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ପ୍ରାଥମିକ ଚିକିତ୍ସା ପରେ କଟକ ସ୍ଥାନାନ୍ତର କରିଥିଲେ। କଟକ ବଡ଼ ମେଡିକାଲ ନେବା ବାଟରେ ସୁକିନ୍ଦା ଭୁବନ ରାସ୍ତାର ମଙ୍ଗଳପୁର ଓଭର ବ୍ରିଜ ନିକଟରେ ୧୦୮ ଆମ୍ବୁଲାନ୍ସ ଖରାପ ହୋଇଥିଲା। ୧ଘଣ୍ଟା ପରେ ଭୁବନ ମେଡିକାଲରୁ ଅନ୍ୟ ଏକ ଆମ୍ବୁଲାନ୍ସ ଡକାଇ କଟକ ନେଇଥିଲେ। ଏବେ ସେଠାରେ ତାଙ୍କର ଚିକିତ୍ସା ଜାରି ରହିଛି।

## କୋଲଟାର କାରଖାନା ଜନଶୁଣାଣି ୨୮ରେ



**ଯଖପୁରା, ୨୬।୫(ସମିସ):** କଳିଙ୍ଗନଗରରେ ପ୍ରତିଷ୍ଠା ହେବାକୁ ଯାଉଛି ଆଉ ଏକ କାରଖାନା। କୋଲଟାର ଡିଷ୍ଟିଲେସନ କାରଖାନା ଏଠାରେ କାରଖାନା ପ୍ରତିଷ୍ଠା କରିବାକୁ ଇଡ୍‌କୋ ସହିତ ଚୁକ୍ତିନାମା କରିଛି। ୫୨ ଏକର ଜମି ଏଥିପାଇଁ ଅଧିଗ୍ରହଣର ଅନୁମତି ନେଇସାରିଛି। ୬୦୦ କୋଟି ଟଙ୍କା ବିନିଯୋଗ କରି ୨୫ ମାସ ମଧ୍ୟରେ କାରଖାନା କାର୍ଯ୍ୟକ୍ଷମ ହେବ। ତେବେ ଏଥିପାଇଁ ଆସନ୍ତା ୨୮ ତାରିଖରେ ଜଳଶୁଣାଣି କରାଯିବାକୁ ଧାର୍ଯ୍ୟ କରାଯାଇଛି। ଗତମାସ ୨୪ତାରିଖରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ଜାରି କରାଯାଇଥିବା ଚିଠି ନମ୍ବର-୮୨୦୭ ଅନୁଯାୟୀ ଆସନ୍ତା ୨୮ ତାରିଖରେ ଦାନଗଦି ଭବନଠାରେ ଜନଶୁଣାଣି କରାଯିବା ପାଇଁ ସୂଚନା ଦିଆଯାଇଛି। କୋଲଟାର କାରଖାନା ପ୍ରତିଷ୍ଠା ହେବା ଖବର ଜାଣିବା ପରେ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଏକ ଭୟର ବାତାବରଣ ସୃଷ୍ଟି ହୋଇଛି। ଏହି କାରଖାନାକୁ ତୀବ୍ର ବିରୋଧ କରିବା ପାଇଁ ପ୍ରତିବାଦ ସେହଦିନଠାରୁ ଆରମ୍ଭ ହୋଇସାରିଛି। ଏଥିପାଇଁ ଆଗାମୀ ୨୮ ତାରିଖରେ ହେବାକୁ ଥିବା ଜନଶୁଣାଣିକୁ ବିରୋଧ କରାଯିବା ପାଇଁ ସ୍ଥାନୀୟ ଅଞ୍ଚଳରେ ପ୍ରସ୍ତୁତି ଚାଲୁଥିବା ଜଣାପଡ଼ିଛି।

## ଜାରକା ବସ୍‌ଷ୍ଟପ ରାସ୍ତାରେ ଲହଡ଼ି ମାରୁଛି ବର୍ଷା ଜଳ

**ଧର୍ମଶାଳା, ୨୬।୫(ସମିସ):** ଧର୍ମଶାଳା ବ୍ଲକ ଜାରକା ବସ୍‌ଷ୍ଟପ ନିକଟସ୍ଥ ରାସ୍ତାରେ ବର୍ଷା ଜଳ ଲହଡ଼ି ମାଡୁଥିବା ଦେଖିବାକୁ ମିଳିଛି। ଯାହା ଫଳରେ ବଜାରକୁ ଆସୁଥିବା ଲୋକେ ଓ ଯାତ୍ରୀମାନେ ନାନା ପ୍ରକାର ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଧର୍ମଶାଳା ବ୍ଲକ ୧୬ ନଂ. ଜାତୀୟ ରାଜପଥ ଉଭୟ ପାର୍ଶ୍ୱରେ ଜାରକା ବଜାର ରହିଥିବା ବେଳେ ବେଳେ ଏଠାରେ ବଡ଼ବଡ଼ ବ୍ୟବସାୟିକ ଅନୁଷ୍ଠାନ, ଶିକ୍ଷାନିଷ୍ଠାନ, ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନ ମାନ ରହିଛି। ହେଲେ ବଜାରର ଉଭୟ ପାର୍ଶ୍ୱରେ ସଠିକ ଭାବେ ଡ୍ରେନେଜ୍ ବ୍ୟବସ୍ଥା କରାଯାଇନଥିବାରୁ ବର୍ଷା ଜଳ ରାସ୍ତା ଉପରେ ଜମିରହୁଛି। କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇ ଜାରକା ଅଞ୍ଚଳର ଗଳି କନ୍ଦିରେ ଡ୍ରେନ୍‌ର ବ୍ୟବସ୍ଥା କରାଯାଇଛି ହେଲେ ଏସବୁ କାମରେ ଆସୁନାହିଁ। ଯାହାଫଳରେ ବସ୍‌ଷ୍ଟପରେ ବର୍ଷା ଜଳ ଜମି ରହୁଛି। ଏହାର ପାର୍ଶ୍ୱରେ ଥିବା ଡ୍ରେନକୁ ସଫା କରାନଯାଉ ନଥିବାରୁ ଏଭଳି ଅବସ୍ଥା ଉପୁଜୁଛି ବୋଲି ଅଭିଯୋଗ ହୋଇଛି। କେବଳ ଜାରକା ବସ୍‌ଷ୍ଟାଣ୍ଡ ନୁହେଁ; ବରଂ ଜାରକାର ବିଭିନ୍ନ ସ୍ଥାନରେ ଏହି ଭଳି ଚିତ୍ର ଦେଖିବାକୁ ମିଳୁଛି। ଅନେକ ସ୍ଥାନରେ ମଧ୍ୟ ବିପଦପୂର୍ଣ୍ଣ ଭାବେ ଡ୍ରେନ ଗୁଡ଼ିକ ମୁକୁଳା ହୋଇ ପଡ଼ିରହିଛି। ତେଣୁ ଆଗକୁ ବର୍ଷା ଋତୁ ଆସୁଥିବାରୁ ଜାତୀୟ ରାଜପଥ କର୍ତ୍ତୃପକ୍ଷ ତୁରନ୍ତ ଏହାକୁ ସଫା କରାଯିବା ସହ ସଠିକ ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି ହୋଇଛି।



# ଏଣ୍ଡଲବା ମାଳହାଟରେ ଅବାଧ ଗଞ୍ଜେଇ କାରବାର

**କବାଟବନ୍ଧ, ୨୬।୫(ସମିସ):**



ଧର୍ମଶାଳା ଅବକାରୀ ଥାନା ଅନ୍ତର୍ଗତ ଏଣ୍ଡଲବା ପଞ୍ଚାୟତରେ ଅବାଧ ଗଞ୍ଜେଇ କାରବାର ସହିତ ଅନେକ ପ୍ରକାର ନିଶା କାରବାର ଖୋଲା ଖୋଲି ଭାବେ ହେଉଥିବା ଜଣାପଡ଼ିଛି। ଦୀର୍ଘ ଦିନ ଧରି ଏହି ନିଶା କାରବାର ତଥା ଗଞ୍ଜେଇ ବ୍ୟବସାୟ ହେଉ ଥିଲେ ମଧ୍ୟ ଅବକାରୀ ବିଭାଗର କୌଣସି ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ଦେଖିବାକୁ ମିଳିନି। ଜିଲ୍ଲାରେ ଧର୍ମଶାଳା ବ୍ଲକ ଏଣ୍ଡଲବା ପଞ୍ଚାୟତ ଚୋରା ନିଶା କାରବାରର ପେଣ୍ଠସ୍ଥଳ ପାଲଟିଛି। ଏହା ଯାଜପୁର ଜିଲ୍ଲାର ସୀମାନ୍ତ ଅଞ୍ଚଳ ହୋଇ ଥିବାରୁ ନିଶା ବେପାରୀ ମାନେ ଅତି ସହଜରେ ଅବାଧରେ କାରବାର କରି ପାରୁଛନ୍ତି। ପଡ଼ୋଶୀ ଜିଲ୍ଲା ଢେଙ୍କାନାଳ ଦେଇ ବହୁ ପରିମାଣର ଗଞ୍ଜେଇ ଏଠାକୁ ଆସୁଥିବା ବିଶେଷ ସୂତ୍ରରୁ ଖବର ମିଳିଛି। ଢେଙ୍କାନାଳ କପିଳାସ ଭାୟା ଗନ୍ଦିଆ ଏବଂ ପିଙ୍ଗୁଆ ଦେଇ ଏଣ୍ଡଲବାରେ ବେପାରୀମାନେ ଅତି ସହଜରେ ଏଣ୍ଡଲବାର ମାଳହାଟରେ ଗଞ୍ଜେଇ ପହଞ୍ଚାଇବା ସଫଳ ହେଉଛନ୍ତି। ଏଠାରୁ ଜିଲ୍ଲାର ବିଭିନ୍ନ ସ୍ଥାନକୁ ଚାଲାଣ କରାଯାଉଛି। କେବଳ ଗଞ୍ଜେଇ ନୁହେଁ ଏହି ସ୍ଥାନଟି ଦେଶୀ ମଦର ମଧ୍ୟ ହବ ପାଲଟିଛି। ବର୍ଷ ବର୍ଷ ଧରି ବେଧଡ଼କ ଭାବେ ଦେଶୀ ମଦ ଏଠାରୁ ବହୁ ସ୍ଥାନକୁ ଚାଲାଣ କରାଯାଉଛି। ଅବକାରୀ ପୁଲିସ କାଁ ଭାଁ ଏମାନଙ୍କୁ ଧରିବାରେ ସକ୍ଷମ ହେଉଥିଲେ ମଧ୍ୟ ମୁଖ୍ୟ କାର୍ପଟଦାର ପାଖରେ ପହଞ୍ଚି ପାରୁନାହିଁ। ବେପାରୀମାନେ ଅତି ଚତୁରତାର ସହିତ ନିଜର ସମ୍ପୃକ୍ତିକୁ ଦୂରେଇ ରଖି କିଛି ମଜୁରିଆଙ୍କ ମାଧ୍ୟମରେ ଏହା କରୁଛନ୍ତି। ଚୋରା ମୋଟର ସାଇକଲରେ ସାଧାରଣ ଲୋକଙ୍କୁ ମଜୁରୀ ଦେଇ ବିଭିନ୍ନ ସ୍ଥାନରେ ପହଞ୍ଚାଇ ଦେବାକୁ ନିର୍ଦ୍ଦେଶ ଦେଇ ଥାନ୍ତି। ଯେତେବେଳେ ପୁଲିସ କିମ୍ବା ଅବକାରୀ ବିଭାଗ ହାତରେ ଧରାପଡ଼ନ୍ତି କେବଳ ଏହି ଶ୍ରମିକ ଶ୍ରେଣୀର ଲୋକ। ସ୍ଥିତି ଏଭଳି ହେଲାଣି ଯେ ଏହି ଅଞ୍ଚଳରେ ଏହା ଅତି ସାଧାରଣ ଜିନିଷ ଭାବେ ଉପଲବ୍ଧ ହେଲାଣି। ନିଶା କବଳରେ ବହୁ ଗରିବ ଲୋକ ବିଭିନ୍ନ ରୋଗରେ ଆକ୍ରାନ୍ତ। ଏ ଅଞ୍ଚଳରେ ଅବାଧ ନିଶା କାରବାର ବନ୍ଦ କରିବାକୁ ବିଭିନ୍ନ ମହଲରେ ଦାବି ହୋଇଛି। କେବଳ ଏହି ସ୍ଥାନ ନୁହେଁ ଜେନାପୁର ମଣି ବଜାର, କମାଗଡ଼, ଅଣ୍ଡିଆ, ଚଢେଇଧରା, ବାଲିସାହି, ଆଦି ଅଞ୍ଚଳରେ ଏହା ବେଧଡ଼କ ମଧ୍ୟ ଚାଲିଛି।

## ଜନ୍ମଦିନରେ ରକ୍ତଦାନ ଶିବିର; ୨୭ ୟୁନିଟ୍ ସଂଗ୍ରହ



**ବ୍ୟାସନଗର, ୨୬।୫(ସମିସ):** ସ୍ୱେଚ୍ଛାସେବୀ ସଂଗଠନ ଜୟ ମହାକାଳ ଫାଉଣ୍ଡେସନ ଓ କ୍ୟାନ୍ସର ହେଲପିଙ୍ଗ ଉଇଙ୍ଗର ମିଳିତ ଆନୁକୂଲ୍ୟରେ ଜୟ ମହାକାଳ ଫାଉଣ୍ଡେସନର ସମ୍ପାଦକ ପ୍ରଦୀପ କୁମାର ଦାସ ଏବଂ ଭଉଣୀ ପ୍ରଣତି ଦାସଙ୍କ ଜନ୍ମଦିନ ଅବସରରେ ଏକ ରକ୍ତଦାନ ଶିବିର ଯାଜପୁର ରୋଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ କ୍ୟାନ୍ସର ହେଲପିଙ୍ଗ ଉଇଙ୍ଗର ସଭାପତି ଶଙ୍କର୍ଷଣ ଜେନା, ସମ୍ପାଦିକା ରଶ୍ମିରେଖା ପାତ୍ର ଏବଂ ଜୟ ମହାକାଳ ଫାଉଣ୍ଡେସନର ଆବାହକ ଅଜୟ କୁମାର ଦାସ ପ୍ରମୁଖ ମିଳିତ ଭାବରେ ଉଦ୍‌ଘାଟନ କରିଥିଲେ। ଏହି ରକ୍ତଦାନ ଶିବିରରୁ ମୋଟ ୨୭ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିବା ବେଳେ ଥାଲାସେମିଆ ଓ କର୍କଟ ରୋଗୀମାନଙ୍କ ରକ୍ତ ଅଭାବକୁ ଦୂର କରିବାକୁ ଫାଉଣ୍ଡେସନ ତରଫରୁ ସର୍ବଦା ପ୍ରଚେଷ୍ଟା ଜାରି ରହିଛି। ଏହା ପୂର୍ବରୁ ମଧ୍ୟ ଅନେକ ସମୟରେ ଫାଉଣ୍ଡେସନର ସଦସ୍ୟଙ୍କ ଜନ୍ମଦିନ ଓ ଅନ୍ୟାନ୍ୟ ସମୟରେ ରକ୍ତଦାନ ପରି ମହତ କାର୍ଯ୍ୟକ୍ରମ ଫାଉଣ୍ଡେସନ ପକ୍ଷରୁ କରାଯାଇଛି। କାର୍ଯ୍ୟକ୍ରମରେ କ୍ୟାନ୍ସର ହେଲପିଙ୍ଗ ଉଇଙ୍ଗର ସତ୍ୟଜିତ ସାହୁ, ଅମର କୁମାର ପାତ୍ର, ପ୍ରଦୀପ ପଣ୍ଡା, ଅନନ୍ତ ଚରଣ ସାହୁ, ଅରବିନ୍ଦ ସାହୁ, ଜୟ ମହାକାଳ ଫାଉଣ୍ଡେସନର ମନୋଜ କୁମାର ଦାସ, ପ୍ରତାପ କେଶରୀ ମହାପାତ୍ର, ସୁବାସିନୀ ସାହୁ, ପ୍ରଣତି ଦାସ, ଶ୍ରଦ୍ଧାଞ୍ଜଳି ସାହୁ, ଅତସିନୀ ସାହୁ, ତନୁଶ୍ରୀ ସାହୁ, ତ୍ରିଲୋଚନ ଜେନା, ଅଭିଷେକ ସାହୁ, ଦେବବ୍ରତ ମାଝୀ, ଅଲିଭାରାଣୀ ଧୀର, ଅର୍ଜୁନ ଚରଣ ଦାସ, ରାକ୍ଷୀରାଣୀ ତରାଇ, ସରୋଜ ପ୍ରଧାନ, ସୁନୀଲ କୁମାର ଜେନା, ରାଜେନ୍ଦ୍ର ସାହୁ, ରମେଶ ସେନାପତି, ସୋମନାଥ ଦାସ, ଭରତ ଚନ୍ଦ୍ର ସାହୁ ଆଦି ଯୋଗ ଦେଇ କାର୍ଯ୍ୟକ୍ରମକୁ ସଫଳ କରିଛନ୍ତି।

## ନବ ନିଯୁକ୍ତ ପ୍ରଭାରୀଙ୍କୁ ଜିଲ୍ଲା କଂଗ୍ରେସର ଶୁଭେଚ୍ଛା



**ଯାଜପୁର, ୨୬।୫ (ସମିସ):** ଅଖିଳ ଭାରତ କଂଗ୍ରେସ କମିଟିର ସଭାପତି ମଲ୍ଲିକାର୍ଜୁନ ଖଡ୍‌ଗେଙ୍କ ଅନୁମୋଦନକ୍ରମେ ମଧ୍ୟପ୍ରଦେଶ ଏବଂ ହରିୟାଣାର ପ୍ରଭାରୀ ଭାବେ ପୂର୍ବତନ ରାଜ୍ୟସଭା ସାଂସଦ ତଥା ସର୍ବଭାରତୀୟ ଶ୍ରମିକ ୟୁନିୟନର ନେତା ରାମଚନ୍ଦ୍ର ଖୁଣ୍ଟିଆ, ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ମନ୍ତ୍ରୀ ଶରତ ରାଉତଙ୍କୁ ନିଯୁକ୍ତି ଦିଆଯାଇଥିବାରୁ ଜିଲ୍ଲା କଂଗ୍ରସେ କମିଟିରେ ଆନନ୍ଦ ଖେଳିଯାଇଛି। ତାଙ୍କର ଏହି ନିଯୁକ୍ତି ପାଇଁ ଅଖିଳ ଭାରତ କଂଗ୍ରେସ କମିଟିର ସଭାପତି ମଲ୍ଲିକାର୍ଜୁନ ଖଡ଼ଗେ, ବରିଷ୍ଠ ନେତ୍ରୀ ଏବଂ ପୂର୍ବତନ ସଭାପତି ସୋନିଆ ଗାନ୍ଧୀ, ରାହୁଲ ଗାନ୍ଧୀଙ୍କୁ ଜିଲ୍ଲା କଂଗ୍ରେସ କମିଟିର ସଭାପତି ମନୋଜ ରାଉତ, ବିଷ୍ଣୁ ରାଉତ, ସନ୍ତୋଷ ନନ୍ଦ, ଦୁର୍ଯ୍ୟୋଧନ ବେହେରା, ଗଦାଧର ଦାସ, ନାରାୟଣ ଚନ୍ଦ୍ର ସାମନ୍ତ, ଆଲୋକ ବେହେରା, ଦିଲ୍ଲୀପ ଦାଶ, ଭାସ୍କର ମହାନ୍ତି, ରାଜୀବ ମହାପାତ୍ର, ପ୍ରତିମା କର, ବିଭୂତି ମହାପାତ୍ର ପ୍ରଭୃତି କୃତଜ୍ଞତା ଜଣାଇଛନ୍ତି।

# ସାବିତ୍ରୀ ବ୍ରତ ପାଇଁ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼



**କଁୟାଗୋଲା, ୨୬।୫(ସମିସ):** ବିଭିନ୍ନ ସ୍ଥାନରେ ସାବିତ୍ରୀ ବ୍ରତ ପାଳିତ ହୋଇଯାଇଛି। ବିରିପଟା, ବରେଇ, ଜାଫରପୁର, ପାଲଟପୁର, ନିଜାମପୁର, କଁୟା, ମଲ୍ଲିପୁର ଆଦି ଅଞ୍ଚଳର ବିବାହିତ ନାରୀମାନେ ଲକ୍ଷ୍ମୀନାରାୟଣଙ୍କୁ ପୂଜା କରିବା ପାଇଁ ଗ୍ରାମ ନିକଟସ୍ଥ ବିଭିନ୍ନ ମନ୍ଦିରକୁ ଯାଇଥିଲେ। ଆଜି ସୋମବାର ଥିବାରୁ ଅନେକ ବ୍ରତଧାରୀ ଶୁଦ୍ଧପୁତ ହୋଇ ନୂଆ ଶାଢ଼ି, ଶଙ୍ଖା ଓ ପୂଜା ସାମଗ୍ରୀମାନ ଧରୀ ଶୈବ ପୀଠରେ ଭିଡ଼ ଲଗାଇଥିଲେ। ମଲ୍ଲିପୁରଠାରେ ଥି ଜୟଚଣ୍ଡୀ ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ ଲାଗିଥିଲା। ସେହିପରି ଚନ୍ଦନ ଶ୍ରୀକ୍ଷେତ୍ର ନାରୀଗାଁରେ ଲକ୍ଷ୍ମୀଙ୍କ ମନ୍ଦିରରେ ବ୍ରତଧାରିଣୀମାନେ ନୂଆ ଶାଢ଼ି, ଶଙ୍ଖା, ସିନ୍ଦୁର, ବିଭିନ୍ନ ଫଳମୂଳ ଧରି ମା'ଙ୍କ ପାଖରେ ସମାଗମ ହୋଇଥିଲେ। କମିଟି ପକ୍ଷରୁ ସଭାପତି ଅକ୍ଷୟ କୁମାର ଧଳ, ସମ୍ପାଦକ ଘନଶ୍ୟାମ ରାୟ, ଶମ୍ଭୁଧର ରଥ, ପ୍ରମୋଦ ସ୍ୱାଇଁ, ବୃନ୍ଦାବନ ବେହେରା, ନିରଞ୍ଜନ ରାଉତ, ପ୍ରହାଲ୍ଲାଦ ମଲ୍ଲିକ ସହଯୋଗ କରିଥିଲେ। ମଙ୍ଗଳପୁର ପୁଲିସ ତରଫରୁ ଭିଡ଼କୁ ନିୟନ୍ତ୍ରଣ କରାଯାଇଥିଲା।

## ଥାନା ଅଧିକାରୀଙ୍କୁ ସମ୍ବର୍ଦ୍ଧନା



**ବିଞ୍ଝାରପୁର, ୨୬।୫(ସମିସ):** ବିଞ୍ଝାରପୁର ଥାନାରେ ନୂତନ ଅତିରିକ୍ତ ଥାନା ଅଧିକାରୀ ଭାବେ ଯୋଗ ଦେଇଛନ୍ତି ରଞ୍ଜନ କୁମାର ମଲିକ। ଶ୍ରୀ ମଲିକ ପୂର୍ବରୁ ରାଜ୍ୟର ବିଭିନ୍ନ ଥାନାରେ କାର୍ଯ୍ୟରତ ଥିଲେ। କାର୍ଯ୍ୟରେ ଯୋଗ ଦେବାପରେବିଜେଡି ଯୁବ ନେତା ସୁଖରଞ୍ଜନ ପରିଡ଼ା, ଅରୁଣ ସାହୁ, ସୁଶାନ୍ତ ବିନ୍ଧାଣି, ହିମାଂଶୁ ବିନ୍ଧାଣି, ସନ୍ତୋଷ କୁମାର ସାହୁ, ହାଇଦର ଅଲି ଖାଁ, ସେକ ଖୁରସିଦ, ରମେଶ ସିଂ, ନଜମୂଲ ଇସଲାମ ଖାଁ ପ୍ରମୁଖ ଯାଇ ଥାନା ଅଧିକାରୀ ଶ୍ରୀ ମଲିକଙ୍କୁ ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଜଣାଇଛନ୍ତି।

## ଅନ୍ୱେଷଣ ଥିଏଟର ଗ୍ରୁପ ପକ୍ଷରୁ ଜନସେବା



**ଯାଜପୁର, ୨୬।୫(ସମିସ):** ପବିତ୍ର ସାବିତ୍ରୀ ଅମାବାସ୍ୟା ଅବସରରେ ଯାଜପୁର ଜିଲ୍ଲାର ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ଅନ୍ୱେଷଣ ଥିଏଟର ଗ୍ରୁପ ଓ ଫ୍ରିଡମ୍ ଅଏଲ୍ ମିଳିତ ଆନୁକୂଲ୍ୟରେ ମା'ବିରଜା ମନ୍ଦିର ପରିସରରେ ଭକ୍ତମାନଙ୍କୁ ଜନସେବା କରାଯାଇଥିଲା। ଆଜି ସକାଳୁ ଅନ୍ୱେଷଣ ପରିବାର ସମସ୍ତ ସଦସ୍ୟ ସଦସ୍ୟାମାନେ ମା'ବିରଜାଙ୍କ ନିକଟରେ ଏକିତ୍ରତ ହୋଇ ସାବିତ୍ରୀମାନଙ୍କୁ ଜଳଦାନ କରିଥିଲେ। ପ୍ରବଳ ଗୁଳୁ ଗୁଳୁ ସତ୍ତ୍ୱେ ପ୍ରବଳ ଭକ୍ତଙ୍କ ସମାଗମ ହୋଇଥିଲା। ଏହାକୁ ଦୃଷ୍ଟିରେ ରଖି ପ୍ରତ୍ୟକ ବର୍ଷପରି ଏ ବର୍ଷ ମଧ୍ୟ ସମସ୍ତଙ୍କ ସହଯୋଗରେ ଏହି ମହତ୍ କାର୍ଯ୍ୟକ୍ରମ ସମାପନ ହୋଇଥିଲା। ଏହି ମହତ୍ କାର୍ଯ୍ୟକମରେ ଫ୍ରିଡମ୍ ଅଏଲ୍ ଓଡ଼ିଶା ମୁଖ୍ୟ ଅମିୟକାନ୍ତ ଧଳ, ଅନ୍ୱେଷଣର ସଭାପତି ବୃନ୍ଦାବନ ମିଶ୍ର, ସାମ୍ବାଦିକ ହରିହର ସ୍ୱାଇଁ, ସାଂସ୍କୃତିକ ସମ୍ପାଦକ ଶଙ୍କର ସାହୁ, ସଂଗଠନ ସମ୍ପାଦକ ଧନଞ୍ଜୟ ପୃଷ୍ଟି, ତାରାକାନ୍ତ ମଲ୍ଲିକ, କୋର୍ କମିଟି ସଦସ୍ୟ ଗୌତମ ବିକାଶ ମହାନ୍ତି, ରବିନାରାୟଣ ରାଉତ, ଅଶୋକ କୁମାର ପାଣିଗ୍ରାହୀ, ଲକ୍ଷ୍ମୀପ୍ରିୟା ରାଉତରାୟ, ଭରତ ଚନ୍ଦ୍ର ବେହେରା, ବରିଷ୍ଠ ସଦସ୍ୟ ଶିଶିର କୁମାର ମହାପାତ୍ର, ସୁକାନ୍ତ ଚନ୍ଦ୍ର ରାଉତ, ରଜତ କୁମାର ମିଶ୍ର, ଗୋପାଳ ଚନ୍ଦ୍ର ବେହେରା, ସୋମନାଥ ରଣା, ସହ ସମ୍ପାଦିକା ଶକୁନ୍ତଳା ବେହେରା, ସଦସ୍ୟା ଦମୟନ୍ତୀ ରାଉତ, ତପସ୍ୱିନୀ ମଲ୍ଲିକ, ସାଇସ୍ମିତା ବେହେରା, ମାମାଲି ସାହୁ, ରିତୁପ୍ରଭା ମଲ୍ଲିକ, ଜ୍ଞାନରଞ୍ଜନ ସାହୁ ପ୍ରମୁଖ ଯୋଗଦାନ କରି କାର୍ଯ୍ୟକ୍ରମରେ ସହଯୋଗ କରି ସଫଳ କରିଥିଲେ। ସମ୍ପାଦକ ଅଭିମନ୍ୟୁ ମିଶ୍ର ସମସ୍ତ କାର୍ଯ୍ୟକୁ ସଞ୍ଚାଳନ କରିଥିଲେ।

# ପାଣି ବୋତଲରେ ରହୁନି ପ୍ରସ୍ତୁତି ତାରିଖ

**ଦଶରଥପୁର, ୨୬।୫(ସମିସ):** ଦଶରଥପୁର ବ୍ଲକର ପ୍ରମୁଖ ବ୍ୟବସାୟିକ ପେଣ୍ଠସ୍ଥଳୀ ମଙ୍ଗଳପୁର, ଝୁମ୍ପୁରୀ, ଅହିୟାସ, ବଡଲାଙ୍ଗ, କାଟିଆ, ରାମବାଗ, ଚିତାଳ, ଖଣ୍ଡରା, ନନ୍ଦିପୁର, ପାରିପଦା, ରଙ୍ଗପୁର, ସିନ୍ଦୁରାଇମୁହଁ, କଟିକଟା, କଁୟାଗୋଲା ସମେତ ଏହାର ଆଖପାଖ ଅଞ୍ଚଳରେ ଚଳିତ ଗ୍ରୀଷ୍ମ ଋତୁ ଆରମ୍ଭରୁ ପାଣି ବୋତଲ ଏବଂ ପାଉଚ ବ୍ୟବସାୟ ଦିନକୁ ଦିନ ବଢ଼ି ବଢ଼ି ଚାଲିଥିବା ଲକ୍ଷ୍ୟ କରାଯାଉଛି। ଏବେ ପାଣି ବେପାର ଏକ ଲାଭଜନକ ବ୍ୟବସାୟ ହୋଇଥିବାରୁ ବହୁ ବ୍ୟକ୍ତି ଏହି ଲାଭଜନକ ବ୍ୟବସାୟ କରିବାକୁ ଇଚ୍ଛାପ୍ରକାଶ କରୁଛନ୍ତି। ସରକାର ଏବଂ ପ୍ରଶାସନ ପକ୍ଷରୁ ବିଭିନ୍ନ ଛକ ବଜାରରେ ନଳକୂପ, ପାଇପ ଲାଇନ ମାଧ୍ୟମରେ ପାନୀୟ ଜଳ ଯୋଗାଣ କରାଯାଇଥିଲେ ହେଁ ଆଧୁନିକତା ଆଳରେ ଏବେ ସବୁଠି ପାଣି ବୋତଲ ଏବଂ ପାଉଚ କାରବାର ଜୋର ଧରିଛି। ମିନେରାଲଯୁକ୍ତ ବିଶୁଦ୍ଧ ପାନୀୟ ଜଳ ନାମରେ ଦୈନିକ ଦଶରଥପୁର ବ୍ଲକ ଅନ୍ତର୍ଗତ ପ୍ରମୁଖ ଛକ ବଜାର ଠାରୁ ଆରମ୍ଭ କରି ଗାଁ ଗହଳିରେ ହଜାର ହଜାର ଲିଟର ପାଣି ବୋତଲ ଏବଂ ପାଉଚ ବିକ୍ରି ହେଉଥିବା ବେଳେ ଏହାର ଶୁଦ୍ଧତା ଏବଂ ସ୍ୱଚ୍ଛତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଖୁଲମଖୁଲା ବିକ୍ରି ହେଉଥିବା କେତେକ ପାଣି ବୋତଲ ଏବଂ ପାଉଚକୁ ପ୍ରସ୍ତୁତ କରୁଥିବା କମ୍ପାନୀର ଲେବେଲ ସମେତ ପ୍ରସ୍ତୁତ ଏବଂ ସମୟ ଅତିକ୍ରାନ୍ତ ତାରିଖ ସମ୍ପର୍କରେ ସବିଶେଷ ସୂଚନା ଉଲ୍ଲେଖ ରହୁନଥିବା ଅଭିଯୋଗ ହୋଇଛି। କିଛି ଅନାମଧେୟ କମ୍ପାନୀ ଏହି ପାଣିକୁ ଦୁଇ ଚକିଆ, ତିନି ଚକିଆ କିମ୍ବା ଚାରି ଚକିଆ ଯାନରେ ନେଇ ଛକ ବଜାରଠାରୁ ଆରମ୍ଭ କରି ଗାଁ ଗହଳିରେ ଥିବା ସବୁ ଛୋଟ ବଡ଼ ଦୋକାନରେ ପହଞ୍ଚାଇ ଦେଉଥିବା ବେଳେ ଘରୁ ବାହାରକୁ ଆସୁଥିବା ପ୍ରାୟ ସମସ୍ତେ ବଜାରରେ ଉପଲବ୍ଧ ପାଣି ବୋତଲ ଏବଂ ପାଉଚ ଉପରେ ନିର୍ଭର କରୁଛନ୍ତି। ସବୁଠୁ ଗୁରୁତ୍ୱପୂର୍ଣ୍ଣ ବିଷୟ ଆଞ୍ଚଳିକ ସ୍ତରରେ ପ୍ରସ୍ତୁତ ଏହି ବୋତଲ ଏବଂ ପାଉଚରେ ପ୍ରସ୍ତୁତ ଓ ସମୟ ଅତିକ୍ରାନ୍ତ ତାରିଖ ରହୁନଥିବା ସମ୍ପର୍କରେ ରୀତିମତ ଅଭିଯୋଗ ହେଉଥିଲେ ମଧ୍ୟ ଏହାକୁ ଯାଞ୍ଚ କରିବା ଦିଗରେ ଜନସ୍ୱାସ୍ଥ୍ୟ ବିଭାଗ ଏବଂ ଜିଲ୍ଲା ପ୍ରଶାସନର ନିରବତାକୁ ନେଇ ଦାୟିତ୍ୱରେ କର୍ତ୍ତୃପକ୍ଷଙ୍କ କାର୍ଯ୍ୟଶୈଳୀ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଦଶରଥପୁର ବ୍ଲକର ବିଭିନ୍ନ ଅଞ୍ଚଳରେ ପାଖାପାଖି ୮ଟି ନୂଆ ନୂଆ ଅନାମଧେୟ କମ୍ପାନୀ ଦ୍ୱାରା ପ୍ରସ୍ତୁତ ପାଣି ବୋତଲ ଏବଂ ପାଉଚ ବଜାରରେ ପ୍ରଚୁର ପରିମାଣରେ ଉପଲବ୍ଧ ହେଉଛି। ଜିଲ୍ଲା ପ୍ରଶାସନ ଏବଂ ଜନସ୍ୱାସ୍ଥ୍ୟ ବିଭାଗ କର୍ତ୍ତୃପକ୍ଷ ଅବାଧରେ ବିକ୍ରି ହେଉଥିବା ଏହି ବୋତଲ ଏବଂ ପାଉଚ ପାଣିର ଶୁଦ୍ଧତା ଏବଂ ସ୍ୱଚ୍ଛତା ଯାଞ୍ଚ କରିବା ଦିଗରେ ତ୍ୱରିତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।

## ସାବିତ୍ରୀ ପୂଜା ବେଳେ ମହୁମାଛି ଆକ୍ରମଣ

**ସିଂହପୁର, ୨୬।୫(ସମିସ):** ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର ସ୍ଥିତ ବେଉରିଆ ସାହିର ଅଧିଷ୍ଠାତ୍ରୀ ମା' ଧାନଖାଇ ଠାକୁରାଣୀଙ୍କ ପୀଠରେ ମହୁମାଛି ଆକ୍ରମଣରେ ବ୍ରତଧାରୀ ଆହତ ହୋଇଥିବା ଜଣାପଡ଼ିଛି। ଆଜି ପବିତ୍ର ସାବିତ୍ରୀ ବ୍ରତ ଉପଲକ୍ଷେ ମହିଳାମାନେ ପୀଠରେ ବସି ବ୍ରତ ପାଳନ କରୁଥିବା ବେଳେ ନିକଟରେ ଥିବା ଏକ ଅସ୍ୱତ୍ଥ ଗଛରେ ମହୁ ଫେଣାରେ ଥିବା ବହୁ ମହୁମାଛି ହଠାତ ଆକ୍ରମଣ କରିବାରୁ ବ୍ରତଧାରୀ ଭୟରେ ପୂଜା ସ୍ଥଳ ଛାଡ଼ି ପଳାଇଲେ। ମହୁମାଛି ଆକ୍ରମଣରେ କେତେ ମହିଳା ଆହତ ହୋଇଥିବା ଜଣାପଡ଼ିଛି। ମହୁମାଛି ଯୋଗୁଁ ସ୍ଥାନୀୟ ଲୋକେ ଭୟଭୀତ ହୋଇ ପଡ଼ିଛନ୍ତି।

## ବିଭିନ୍ନ ସ୍ଥାନରେ ସାବିତ୍ରୀ ବ୍ରତ ପାଳିତ

# ଲକ୍ଷ୍ମୀନାରାୟଣଙ୍କୁ ସୁମରଣା, ସ୍ୱାମୀଙ୍କ ମଙ୍ଗଳ କାମନା





**ମନେ ପକାଇଲେ ସତୀ ସାବିତ୍ରୀଙ୍କ ପତିଭକ୍ତି**

ବ୍ରହ୍ମପୁର,୨୬।୫(ସମିସ): ପବିତ୍ର ସାବିତ୍ରୀ ଅମାବାସ୍ୟା ଉପଲକ୍ଷେ ବ୍ରହ୍ମପୁର ସହରର ପ୍ରତ୍ୟେକ ସାହିରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଛି। ଲକ୍ଷ୍ମୀନାରାୟଣଙ୍କୁ ସୁମରଣା କରି ସ୍ୱାମୀଙ୍କ ମଙ୍ଗଳ ଓ ଦୀର୍ଘାୟୁ କାମନା କରି ସ୍ତ୍ରୀ'ମାନେ ବ୍ରତ ପାଳିଛନ୍ତି। ସାବିତ୍ରୀଙ୍କ ପତି ଭକ୍ତିକୁ ମନେ ପକାଇ ପୂଜାର୍ଚ୍ଚନା କରିଛନ୍ତି। ସୋମବାର କିଛି ମହିଳା ମନ୍ଦିରରେ ଓ ଆଉ କେହି ଘରେ ପୂଜା କରିଛନ୍ତି। ଓଡିଆ ଘରର ପରମ୍ପରା ଅନୁସାରେ ବିବାହିତ ମହିଳାମାନେ ସ୍ୱାମୀଙ୍କ ଦୀର୍ଘ ଜୀବନ କାମନା ପାଇଁ ସାବିତ୍ରୀ ବ୍ରତ ପାଳନ କରିଛନ୍ତି। ହିନ୍ଦୁ ମହିଳାମାନେ ପ୍ରତିବର୍ଷ ଏହି ଦିନକୁ ବଡ଼ ଉତ୍ସାହର ସହିତ ଅପେକ୍ଷା କରିଥାଆନ୍ତି। ନିଜ ସ୍ୱାମୀଙ୍କ ଉଦ୍ଦେଶ୍ୟରେ ଏହି ବ୍ରତ କରୁଥିବା ସ୍ତ୍ରୀ'ମାନେ ବିଭିନ୍ନ ପୂଜାପାଠ କରିଛନ୍ତି। ସକାଳେ ସ୍ଥାନୀୟ ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରିବା ପରେ ପୂର୍ବାହ୍ନରେ ଫଳ ମୂଳ, ପିଠା ପଣା ଆଦି ନୈବେଦ୍ୟ କରି ସାବିତ୍ରୀ ବ୍ରତ ପାଳନ କରିଥିଲେ। ଲକ୍ଷ୍ମୀ ନାରାୟଣଙ୍କୁ ସୁମରଣା କରିବା ସହ ସ୍ୱାମୀଙ୍କ ଦୀର୍ଘଜୀବନ କାମନା କରିଥିଲେ। ସେହିଭଳି ସାବିତ୍ରୀ ବ୍ରତ ପୂରାଣ ପାଠ କରିଥିଲେ। ସମସ୍ତେ ନୂତନ ବ୍ରତ ଧାରଣ କରିଥିଲେ। ସହରର କିଛି ସ୍ଥାନରେ ସାମୂହିକ ଭାବେ ଏହି ବ୍ରତ ପାଳନ କରାଯାଉଥିବା ଦେଖିବାକୁ ମିଳିଥିଲା। ସ୍ଥାନୀୟ କୋର୍ଟପେଟା ଜଗନ୍ନାଥ ମନ୍ଦିର, ବିଜିପୁର ଜଗନ୍ନାଥ ମନ୍ଦିର, ଉତ୍ତରେଶ୍ୱର ଜଗନ୍ନାଥ ମନ୍ଦିର, ଗାନ୍ଧି ନଗର ସ୍ଥିତ ଜଗନ୍ନାଥ ମନ୍ଦିର, ବୈକୁଣ୍ଠ ନଗର ୨ୟ ଗଳି, କମାପଲ୍ଲୀ, ଗୋଷାଣୀନୂଆଗାଁ, ବଡ଼ ବଜାର, ସାନ ବଜାର, ପୁରୁଣା ବ୍ରହ୍ମପୁର, ଆମ୍ବପୁଆ, ଅର୍ଚ୍ଚନା ବିହାର, ଲାଞ୍ଜିପଲ୍ଲୀ, ଉମାନଗର, ଗଜପତିନଗର ଆଦି ବିଭିନ୍ନ ସ୍ଥାନରେ ସାମୂହିକ ପୂଜାପାଠ ଅନୁଷ୍ଠିତ ହୋଇଛି। ସେହିଭଳି ଘରେ ଓ ମନ୍ଦିରରେ ପୂଜାପାଠ ସରିବା ପରେ ସ୍ୱାମୀଙ୍କୁ ମୁଣ୍ଡିଆ ମାରି ଭୋଗରାଗ ରାଗ ସାରି ବ୍ରତ ସମାପନ କରିଥିବା ଦେଖିବାକୁ ମିଳିଛି। ଅନ୍ୟକିଛି ସ୍ଥାନରେ ଉଭୟ ସ୍ୱାମୀ ଓ ସ୍ତ୍ରୀମାନେ ସମ୍ମିଳିତ ହୋଇ ବ୍ରତ ପାଳନ କରିଥିବା ଦେଖିବାକୁ ମିଳିଛି।

## କିନ୍ନର ପାଳିଲେ ସାବିତ୍ରୀ ବ୍ରତ

ବ୍ରହ୍ମପୁର କିନ୍ନର ସଂଘ ପକ୍ଷରୁ ଗାନ୍ଧୀ ନଗର ସ୍ଥିତ ଜଗନ୍ନାଥ ମନ୍ଦିରରେ ପୂଜାର୍ଚ୍ଚନା ହୋଇଥିଲା। ଏଠାରେ ଉପସ୍ଥିତ କିନ୍ନରମାନେ ସାବିତ୍ରୀ ବ୍ରତ ପାଳନ କରିବା ସହ ବିଶ୍ୱଜନଙ୍କ ସୁଖସମୃଦ୍ଧି କାମନା କରିଥିଲେ। ପ୍ରତିବର୍ଷ ବ୍ରହ୍ମପୁର ସହରର କିନ୍ନରମାନଙ୍କ ପକ୍ଷରୁ ସାବିତ୍ରୀ ବ୍ରତ ପାଳିତ ହୋଇଆସୁଛି। ଚଳିତବର୍ଷ ମଧ୍ୟ ବିଭିନ୍ନ ସ୍ଥାନରେ ହୋଇଥିବା ଦେଖିବାକୁ ମିଳିଛି। କିନ୍ନରମାନେ ଏକତ୍ରିତ ହୋଇ ସାବିତ୍ରୀ ପାଳନ କରିଛନ୍ତି। କିନ୍ନର ମାନେ ସଜେଇ ହେବା ସହ ଭୋଗ ରାଗ ନୈବେଦ୍ୟ ଲଗାଇ ପୂଜା କରିଥିବା ଦେଖିବାକୁ ମିଳିଥିଲା। ନିଜ ଗୁରୁଙ୍କ ଉଦ୍ଦେଶ୍ୟରେ ପ୍ରତିବର୍ଷ ଏମାନେ ଏହି ବ୍ରତ ପାଳନ କରୁଥିବା ଜଣାଯାଇଛି। କାର୍ଯ୍ୟକ୍ରମରେ ସହରର ବହୁ କିନ୍ନର ସାମିଲ ହୋଇ ସାବିତ୍ରୀ ବ୍ରତ ପାଳନ କରିଥିଲେ।



## ବ୍ରହ୍ମପୁର ଜେଲ୍‌ରେ ସାବିତ୍ରୀ ବ୍ରତ ପାଳିଲେ ୧୭ ମହିଳା

**ଜେଲ୍‌ରେ ଥିବା ସ୍ୱାମୀଙ୍କୁ ସାବିତ୍ରୀ ଭୋଗ ଦେଲେ ୩୬ ମହିଳା**

ବ୍ରହ୍ମପୁର: ବ୍ରହ୍ମପୁର ଜେଲରେ ସାବିତ୍ରୀ ବ୍ରତ ପାଳିତ ହୋଇଛି। ବିଭିନ୍ନ ମାମଲାରେ ଗିରଫ ହୋଇ ଜେଲରେ ଅଛନ୍ତି ଅନେକ ଅଭିଯୁକ୍ତ। ଆଜି ବ୍ରହ୍ମପୁର ଜେଲ ଭିତରେ ୧୭ଜଣ ମହିଳା କଏଦୀମାନେ ଜେଲ ଭିତରେ ସାବିତ୍ରୀ ବ୍ରତ ପାଳନ କରିଛନ୍ତି। ସେମାନଙ୍କ ସ୍ୱାମୀ ବ୍ରହ୍ମପୁର ଜେଲକୁ ଆସି ତାଙ୍କ ସାବିତ୍ରୀଙ୍କ ବ୍ରତ ଭଙ୍ଗ କରି ତାଙ୍କୁ ଖୁଆଇଛନ୍ତି। ଏହାସହ ୩୬ ଜଣ ପୁରୁଷ ଅଭିଯୁକ୍ତଙ୍କ ସ୍ତ୍ରୀ ତଥା ସାବିତ୍ରୀ ଆଜି ଜେଲକୁ ଆସି ସାବିତ୍ରୀ ବ୍ରତ ପାଳନ କରିଛନ୍ତି। ଶାଢ଼ି, ଶଙ୍ଖା, ସିନ୍ଦୁର ଓ ଫଳମୂଳ ଆଣି ନିଜ ନିଜର ବ୍ରତ ପାଳନ କରିଛନ୍ତି ବୋଲି ଜେଲର ବରିଷ୍ଠ ଅଧିକ୍ଷକ ଧୀରେନ୍ଦ୍ର ନାଥ ବାରିକ ଓ ଜେଲର ଲକ୍ଷ୍ମୀକାନ୍ତ ଢ଼ାଙ୍ଗଡ଼ାମାଝୀ ସୂଚନା ଦେଇଛନ୍ତି।

## ପେଟ୍ରୋଲ ପମ୍ପରୁ ୧ଲକ୍ଷ ୬୦ହଜାର ହେର୍‌ଫେର୍ ମାମଲା; ମ୍ୟାନେଜର୍ ଗିରଫ

ବ୍ରହ୍ମପୁର,୨୬।୫(ସମିସ): ଗୋପାଳପୁର ଷଣ୍ଢ ନିକଟରେ ଥିବା ପ୍ରମୋଦ କେ ଏସ କେ ପେଟ୍ରୋଲ ପମ୍ପରୁ ୧ଲକ୍ଷ ୬୦ହଜାର ଟଙ୍କା ହେରଫେର ମାମଲାରେ ଗୋପାଳପୁର ପୁଲିସ ଉକ୍ତ ପେଟ୍ରୋଲ ପମ୍ପର ମ୍ୟାନେଜରଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ନିମଖଣ୍ଡି ଥାନା ଅନ୍ତର୍ଗତ କାଳିମନ୍ଦିର ନିକଟରେ ରହୁଥିବା ଅମରନାଥ ସାହୁ (୨୮)। ସୂଚନାଯୋଗ୍ୟ ଯେ, ବ୍ରହ୍ମପୁର ମିଲିଟାରୀ ଲାଇନରେ ରହୁଥିବା ଚିତ୍ତ ରଞ୍ଜନ ପାଢୀଙ୍କ ଉପରୋକ୍ତ ଅଞ୍ଚଳରେ ଏକ ପେଟ୍ରୋଲ ପମ୍ପ ରହିଛି। ସେଠାରେ ଅମରନାଥ ଗତ ୮ମାସ ହେଲା ମ୍ୟାନେଜର ଭାବେ କାମ କରୁଥିଲେ। ଗତ ଏପ୍ରିଲ ୧୯ରୁ ମେ ୬ତାରିଖ ଯାଏଁ ୧ଲକ୍ଷ ୬୪ହଜାର ୮୪୯ଟଙ୍କାର ପେଟ୍ରୋଲ ବିକ୍ରି ହୋଇଥିବା ପଇସାର ତଥ୍ୟ ଠିକ ଭାବେ



ଦେଇ ପାରିନଥିଲେ। ସେ ଦେଇଥିବା ତଥ୍ୟ ଅନୁସାରେ ଲକ୍ଷାଧିକ ଟଙ୍କା ହେରଫେର ହୋଇଥିବା ଜଣାପଡ଼ିଥିଲା। ଏନେଇ ମାଲିକ ମ୍ୟାନେଜରଙ୍କୁ ପଚାରିବା ବେଳେ ସେ ଉକ୍ତ ଟଙ୍କା ଆତ୍ମସାତ କରିଥିବା ସ୍ୱୀକାର କରିଥିଲେ। ଗତ ମେ ୭ତାରିଖ ଦିନ ୪ହଜାର ୮୪୯ଟଙ୍କା ପୈଠ କରିଥିଲେ। ବଳକା ୧ଲକ୍ଷ ୬୦ହଜାର ଟଙ୍କା ମେ ୧୦ତାରିଖ ମଧ୍ୟରେ ଫେରାଇବେ ଲିଖିତ ଜଣାଇଥିଲେ। ସେ ଧାର୍ଯ୍ୟ ସମୟ ମଧ୍ୟରେ ଟଙ୍କା ନ ଫେରାଇବାରୁ ମାଲିକ ଏନେଇ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଆଧାର କରି ପୁଲିସ ଏକ ମାମଲା ରୁଜୁ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିଛି।

## ମହିଳାଙ୍କ ନାମରେ ଅପପ୍ରଚାର; ଥାନାରେ ଅଭିଯୋଗ

ବ୍ରହ୍ମପୁର,୨୬।୫(ସମିସ): ଜଣେ ମହିଳାଙ୍କ ନାମରେ ଅପପ୍ରଚାର ହେଉଥିବା ନେଇ ଗୋଷାଣୀନୂଆଗାଁ ଥାନାରେ ଅଭିଯୋଗ ହୋଇଛି। ମହିଳାଙ୍କ ଅଭିଯୋଗକୁ ଭିତ୍ତି କରି ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ ଯେ, ଏହି ମହିଳା ଜଣଙ୍କ କିଛି ଗ୍ରୁପର ମହିଳାଙ୍କ ଲକ୍ଷାଧିକ ଟଙ୍କା ଖାଇ ଦେଇଥିବା ନେଇ ଜଣେ ଯୁବକ ମିଥ୍ୟା ପ୍ରଚାର ଚଳାଇଛନ୍ତି। ଅପପ୍ରଚାର ଯୋଗୁଁ ମହିଳାଙ୍କ ସମ୍ମାନ ହାନୀ ହେବାରୁ ସେ ଗୋଷାଣୀନୂଆଗାଁ ଥାନାର ଦ୍ୱାରସ୍ଥ ହୋଇଥିଲେ। ହେଲେ ପୁଲିସ ତାଙ୍କ ଅଭିଯୋଗ ପ୍ରକାରେ ମାମଲା ରୁଜୁ ନକରି ଆପୋଷ ବୁଝାମଣା କରିବାକୁ କହିଥିଲା। ଏହାପରେ ମହିଳା ଜଣଙ୍କ ବ୍ରହ୍ମପୁର ଏସ୍‌ପିଙ୍କ ନିକଟକୁ ଯାଇଥିଲେ। ତା' ପରେ ଗୋଷାଣୀନୂଆଗାଁ ଥାନାରେ ପୁଣିଥରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରିଛି।

## ସଂଗୀତ ଲୋକାର୍ପଣ ଓ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ



ବ୍ରହ୍ମପୁର,୨୬।୫(ସମିସ): ସ୍ଥାନୀୟ ଶଶୀଭୂଷଣ ରଥ ସରକାରୀ ସ୍ୱୟଂଶାସିତ ମହିଳା ମହାବିଦ୍ୟାଳୟରେ ବିକ୍ଷିପ୍ତା ସାହିତ୍ୟ ଅନୁଷ୍ଠାନ ପକ୍ଷରୁ ଆବାହନୀ ସଂଗୀତ ଲୋକାର୍ପଣ ଓ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠାନ ହୋଇଛି। ଅନୁଷ୍ଠାନ ସାଧାରଣ ସମ୍ପାଦକ ଡ. ଶ୍ୟାମା ପ୍ରସାଦ ମିଶ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟରେ ଉଦ୍‌ଘାଟକ ଭାବେ ସୁରେଶ ଚନ୍ଦ୍ର ରଥ, ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ ଡ. ଭଗବାନ ସାହୁ, ମୁଖ୍ୟବକ୍ତା ଭାବେ କୃତିବାସ ବିଶ୍ୱାଳ ଓ ସମ୍ମାନିତ ଅତିଥି ଭାବେ ଡ଼. ମନୋରମା ଦାଶ ଯୋଗ ଦେଇଥିଲେ। ପ୍ରଥମ ଅଧିବେଶନରେ ଅନୁଷ୍ଠାନର ସଭାପତି ଗୌରୀପତି ଦାଶ ସଭାପତିତ୍ୱ କରିଥିଲେ। ସେହିପରି ଦ୍ୱିତୀୟ ଅଧିବେଶନରେ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଅତିଥି ଭାବେ ଇଂ. ଯାମିନୀକାନ୍ତ ଦାଶ, ସମ୍ମାନିତ ଅତିଥି ଭାବେ ବରିଷ୍ଠ କବି ସୁଶାନ୍ତ ଦାଶ, ମିହିର ରଞ୍ଜନ ତ୍ରିପାଠୀ, ନୀଳକଣ୍ଠ ସାହୁ, ଡ଼. ସଞ୍ଜୟ କୁମାର ପଣ୍ଡା, ଇଂ. ଭରତ ଚରଣ ବେହେରା ଓ ଇଂ. ଆଶୁତୋଷ ପାତ୍ର ଯୋଗଦେଇଥିଲେ। କବିତା ପାଠ ଉତ୍ସବକୁ ଇଂ ପ୍ରସନ୍ନ କୁମାର ଦାଶ ସଭାପତିତ୍ୱ କରିଥିବା ବେଳେ ଅତିଥି ଭାବେ ସାହିତ୍ୟିକ ଡ଼. ଲକ୍ଷ୍ମୀ ନାରାୟଣ ଦାଶ, ପ୍ରଫୁଲ୍ଲ କୁମାର ତ୍ରିପାଠୀ,ଅମୂଲ୍ୟ କୁମାର ଦାଶ, ବିଜୟ ମିଶ୍ର ଓ ସାହିତ୍ୟିକା ବନ୍ଦନା ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଓଡ଼ିଶାର କୋଣ ଅନୁକୋଣରୁ ବହୁ କବି ଓ କବୟିତ୍ରୀ ଉପସ୍ଥିତ ରହି ସ୍ୱରଚିତ କବିତା ପାଠ କରିଥିଲେ। ସଂଗୀତ ନିର୍ଦ୍ଦେଶକ ଋତୁରାଜ ବସନ୍ତଙ୍କ ସଂଗୀତ ନିର୍ଦ୍ଦେଶନାରେ ସୃଷ୍ଟି ହୋଇଥିବା ବିକ୍ଷିପ୍ତା ଅନୁଷ୍ଠାନର ଆବାହନୀ ସଂଗୀତକୁ ଉପସ୍ଥିତ ସାହିତ୍ୟିକ ବେଶ ପ୍ରଶଂସା କରିଥିଲେ। ଗୀତଟିକୁ ସଂଗୀତ ମହାବିଦ୍ୟାଳୟ ଛାତ୍ରୀ ଏସ. ଝରଣା କଣ୍ଠଦାନ କରିଥିବା ବେଳେ ଲେଖିଛନ୍ତି। କାର୍ଯ୍ୟକ୍ରମରେ ବହୁ ସାହିତ୍ୟ ସଂଗଠନ ଓ ପ୍ରତିଭା ମାନଙ୍କୁ ଉଚିତ ସମ୍ମାନ ପାଇଁ ଉପସ୍ଥିତ ସମସ୍ତ ସାହିତ୍ୟିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଅନୁଷ୍ଠାନର ସଭାପତି ଗୌରୀପତି ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

## ଖେଲୋ ଇଣ୍ଡିଆ ୟୁଥ୍ ବିଚ ପେନଚାକ ସିଲାଟ ଖେଳକୃତି ଖେଳାଳିଙ୍କୁ ସମ୍ବର୍ଦ୍ଧନା

ବ୍ରହ୍ମପୁର,୨୬।୫(ସମିସ): ପଶ୍ଚିମ-ଭାରତର ଦାଦ୍ରା ଓ ନଗର ହାବେଳୀ ଏବଂ ଡାମନ୍ ଓ ଡିଉରେ ପ୍ରଥମ ଖେଲୋ ଇଣ୍ଡିଆ ୟୁଥ୍ ବିଚ୍ ପେନଚାକ୍ ସିଲଟ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ବରିଷ୍ଠ ବର୍ଗରେ ଗଞ୍ଜାମର ରିଧିକା ଗ୍ରୁପ ଅଫ ଏକାଡେମୀରୁ ରୁଦ୍ର ପ୍ରତାପ ଷଡ଼ଙ୍ଗୀ ଭାଗନେଇ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଉକ୍ତ ପ୍ରତିଯୋଗିତା ଗତ ୧୯ରୁ ୨୪ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା।



ତାଙ୍କ ସହ କୋଚ୍ ଶ୍ରୀଧର ସାହୁ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଏହା ପରେ ରବିବାର ଟ୍ରେନ୍ ଯୋଗେ ରୁଦ୍ର ବ୍ରହ୍ମପୁରରେ ପହଞ୍ଚିଥିଲେ। ବ୍ରହ୍ମପୁର ଷ୍ଟେସନ ପରିସରରେ ଉଭୟଙ୍କୁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। କାର୍ଯ୍ୟକ୍ରମରେ କର୍ପୋରେଟର ସଙ୍ଗୀତ ପାଣିଗ୍ରାହୀ, ଗଞ୍ଜାମ ପେନଚାକ୍ ସିଲଟ୍ ଆସୋସିଏସନ୍‌ର ସଭାପତି ରବି ସାହୁ, ସାଧାରଣ ସମ୍ପାଦକ ଭୃଗୁରାମ ପଣ୍ଡା, ସ୍ନେହାଂଶୁ ବିଷୋୟୀ, ରିଧିକା ଗ୍ରୁପ୍ ଅଫ୍ ଏକାଡେମୀର ସଦସ୍ୟ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ଶୁଭେଚ୍ଛା ଜଣାଇଛନ୍ତି।

## ପ୍ରଫେସର ସବିତା ପଟ୍ଟନାୟକଙ୍କ ଚତୁର୍ଥ ଶ୍ରାଦ୍ଧବାର୍ଷିକୀ




ବ୍ରହ୍ମପୁର,୨୬।୫(ସମିସ): ହାଇଦ୍ରାବାଦଠାରେ ମହାମାୟୀ ମହିଳା ମହାବିଦ୍ୟାଳୟର ପ୍ରାକ୍ତନ ଓଡ଼ିଆ ପ୍ରଫେସର ତଥା ସାହିତ୍ୟିକ ଗାନ୍ଧିନଗର ନିବାସୀ ସ୍ୱର୍ଗତ ଡ଼ ସବିତା ପଟ୍ଟନାୟକଙ୍କ ଚତୁର୍ଥ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଛି। କାର୍ଯ୍ୟକ୍ରମରେ ସ୍ୱର୍ଗତ ପଟ୍ଟନାୟକଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ଅମର ଆତ୍ମାର ସଦଗତି କାମନା କରାଯାଇଥିଲା। ଓଡ଼ିଆ ଭାଷା ସାହିତ୍ୟ ପ୍ରତି ତାଙ୍କର ଅବଦାନକୁ ନେଇ ଉପସ୍ଥିତ ମାନ୍ୟଗଣ୍ୟ ବ୍ୟକ୍ତି ସ୍ମୃତିଚାରଣ କରିଥିଲେ। କାର୍ଯ୍ୟକ୍ରମରେ ସ୍ୱର୍ଗତ ପଟ୍ଟନାୟକଙ୍କ ଝିଆରୀ ଡ଼. ରୀନା ଦାସ, ଝିଆରୀ ଜ୍ୱାଇଁ ସୁବ୍ରତ ମହାନ୍ତି, ନାତି ଅରମାନ ଏବଂ ଓଡିଶା ଫଟୋଗ୍ରାଫିକ ଆସୋସିଏସନର ସମ୍ପାଦକ ଗୌରୀ ମହାଙ୍କୁଡ଼, ଡାକ୍ତର ସଂଗୀତା ଦାସ ଓ ସୁଶୀଲ ପଟ୍ଟନାୟକଙ୍କ ସମେତ "କେଓଲିସ ହାଇଦ୍ରାବାଦ ମେଟ୍ରୋରେଳ'ର ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ଅସୁସ୍ଥ ବରିଷ୍ଠ ସାମ୍ବାଦିକଙ୍କୁ ଭେଟିଲେ ମନ୍ତ୍ରୀ



ବ୍ରହ୍ମପୁର,୨୬।୫(ସମିସ): ଗତ କିଛି ଦିନ ପୂର୍ବେ ବ୍ରହ୍ମପୁରର ବରିଷ୍ଠ ସାମ୍ବାଦିକ ନରସିଂହ ସାହୁ ଦୁର୍ଘଟଣାର ଶିକାର ହୋଇଥିଲେ। ତାଙ୍କ ଗୋଡ଼ର ଅସ୍ତ୍ରୋପଚାର ହୋଇଥିଲା। ଖବର ପାଇ ବାଣିଜ୍ୟ, ପରିବହନ, ଖଣି ଓ ଇସ୍ପାତ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଗୋଷାଣୀନୂଆଗାଁ ଶାସ୍ତ୍ରୀ ନଗର ସ୍ଥିତ ତାଙ୍କ ବାସଭବନରେ ପହଞ୍ଚି ସାମ୍ବାଦିକ ଶ୍ରୀ ସାହୁଙ୍କୁ ସାକ୍ଷାତ କରିଛନ୍ତି। ମନ୍ତ୍ରୀ ଶ୍ରୀ ଜେନା ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ପଚାରି ବୁଝିବା ସହ ଆଶୁ ଆରୋଗ୍ୟ କାମନା କରିଥିଲେ। ତାଙ୍କ ସହ ବିଜେପିର ବରିଷ୍ଠ ନେତା ଆଇନଜୀବୀ ପୀତବାସ ପଣ୍ଡା ଓ ସୁନିଲ କୁମାର ସାହୁ ଏବଂ ବରିଷ୍ଠ ପ୍ରମୁଖ ଉପସ୍ଥିତ ଥିଲେ।

## ହାତଧୂଆ ସଚେତନତା ଓ ସ୍ୱାସ୍ଥ୍ୟ ଶିବିର

ବ୍ରହ୍ମପୁର,୨୬।୫(ସମିସ): ହରିହର ନଗର ସ୍ଥିତ ଭରଦ୍ୱାଜ ପ୍ରତିଷ୍ଠାନରେ ହାତଧୁଆ ସଚେତନତା ଓ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି। ଭରଦ୍ୱାଜ ପ୍ରତିଷ୍ଠାନର ଅଧ୍ୟକ୍ଷ ଡା. ନକୁଳ ସାହୁ ଯୋଗଦେଇ ହାତ ଭଲଭାବେ ଧୋଇବା ଦ୍ୱାରା ଅନେକ ରୋଗରୁ ମୁକ୍ତି ପାଇ ପାରିବା ଉପରେ ମତବ୍ୟକ୍ତ କରିଥିଲେ। ପୁଣି କୋଭିଡ଼ ସଂକ୍ରମଣ ବ୍ୟାପିବାରେ ଲାଗିଛି। ଏଣୁ ସମସ୍ତେ ସତର୍କତା ଅବଲମ୍ବନ କରିବାକୁ ସେ ପରାମର୍ଶ ଦେଇଥିଲେ। ଏହି ଅବସରରେ ରୋଗୀଙ୍କ ରକ୍ତଚାପ, ରକ୍ତ ଶର୍କରା, ଗଣ୍ଠିବାତ, ସ୍ନାୟୁ ରୋଗ ଅମ୍ଳପିତ୍ତ, ସ୍ତ୍ରୀ ରୋଗ ଆଦି ବିଭିନ୍ନ ରୋଗର ପରୀକ୍ଷା କରି ଚିକିତ୍ସା ପରାମର୍ଶ ଓ ଔଷଧ ବିତରଣ କରିଥିଲେ। ଶିବିରର ପରିଚାଳନାରେ ସହଯୋଗ କରିଥିଲେ ଡି. ଶ୍ରୀନିବାସ।



# ଯୁକ୍ତ ୨ରେ ନାମ ଲେଖାଇବା ପାଇଁ ମିଥ୍ୟା ପ୍ରଚାରକୁ ଢାଲ

**● ଅଭିଭାବକ ଓ ପିଲାଙ୍କୁ ଆକୃଷ୍ଟ କରିବାକୁ ଘରୋଇ ଶିକ୍ଷାନୁଷ୍ଠାନ ଆପଣାଉଛନ୍ତି ଭିନ୍ନ ଭିନ୍ନ ତରିକା**

**● ଫେଲ୍ ଛାତ୍ରଛାତ୍ରୀଙ୍କୁ ତାଲିକାରୁ ବାଦ୍ ଦେଇ ଦର୍ଶାଯାଉଛି ୧୦୦% ରେଜଲ୍ଟ**

ବ୍ରହ୍ମପୁର,୨୬।୫(ସମିସ): ମାଟ୍ରିକ ପରେ ପରେ ଏକକାଳୀନ ପ୍ରକାଶ ପାଇସାରିଛି ଚଳିତ ବର୍ଷର ଯୁକ୍ତ ଦୁଇ ଶ୍ରେଣୀର ବିଜ୍ଞାନ, କଳା ଓ ବାଣିଜ୍ୟ ପରୀକ୍ଷା ଫଳ। ଏଥିସହିତ ଆରମ୍ଭ ହୋଇଯାଇଛି ଉଚ୍ଚଶିକ୍ଷାରେ ନାମ ଲେଖାଇବାକୁ ଆବେଦନ ପ୍ରକ୍ରିୟା। ପରୀକ୍ଷା ଫଳ ପ୍ରକାଶନ ଠାରୁ ନାମଲେଖା ମଧ୍ୟରେ ଛାତ୍ରଛାତ୍ରୀଙ୍କୁ ତଥା ସେମାନଙ୍କର ଅଭିଭାବକମାନଙ୍କୁ ନିଜ ଅନୁଷ୍ଠାନ ପ୍ରତି ଆକୃଷ୍ଟ କରିବାକୁ ଭିନ୍ନ ଭିନ୍ନ ତରିକା ଆପଣାଉଛନ୍ତି ବିଭିନ୍ନ ଶିକ୍ଷାନୁଷ୍ଠାନ। ସବୁ ଶିକ୍ଷାନୁଷ୍ଠାନ ନିଜର ଶତ ପ୍ରତିଶତ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଥିବା ଦର୍ଶାଉଛନ୍ତି। ଏପରିକି ସୋସିଆଲ ମିଡିଆ ଏବଂ ପୋଷ୍ଟର ଜରିଆରେ ପ୍ରଚାର ପ୍ରସାର ମଧ୍ୟ କରୁଛନ୍ତି। ତେବେ ସବୁଠାରୁ ବଡ଼କଥା ହେଲା ପିଲାଙ୍କୁ ଓ ଅଭିଭାବକଙ୍କୁ ନିଜ ଅନୁଷ୍ଠାନ ପ୍ରତି ଆକୃଷ୍ଟ କରିବାକୁ ମିଛ ପ୍ରଚାରକୁ ଢାଲ କରୁଛନ୍ତି ବିଭିନ୍ନ ଶିକ୍ଷାନୁଷ୍ଠାନର କର୍ତ୍ତୃପକ୍ଷ। ପୂର୍ବରୁ ଏଭଳି ହୋଇ ଆସୁଥିଲେ ହେଁ ଚଳିତ ବର୍ଷ ଏଭଳି ଘଟଣା ଲୋକଲୋଚନକୁ ଆସିଛି। ସହର ତଥା ସହର ଉପକଣ୍ଠରେ ଥିବା ବିଭିନ୍ନ ଶିକ୍ଷାନୁଷ୍ଠାନର ଏକାଧିକ ଛାତ୍ରଛାତ୍ରୀ କେତେକ ପରୀକ୍ଷାରେ ଅନୁପସ୍ଥିତ ରହିବା ଅଥବା କମ୍ ନମ୍ବର ଆଣି ଫେଲ ହୋଇଥିବା ନଜରକୁ ଯୁକ୍ତଦୁଇ ପରିଷଦର ୱେବ୍‌ସାଇଟରୁ ଅନ୍‌ଲାଇନରେ ମିଳିଥିବା ମାର୍କସିଟରୁ ଜଣାପଡିଛି। ତେବେ ସମ୍ପୃକ୍ତ ଶିକ୍ଷାନୁଷ୍ଠାନ ଗୁଡ଼ିକ ଫେଲ ବା ଅକୃତକାର୍ଯ୍ୟ ପରୀକ୍ଷାର୍ଥୀଙ୍କ ସମ୍ପର୍କିତ ତଥ୍ୟକୁ ଗୁପ୍ତ ରଖି ନିଜର ଶିକ୍ଷାନୁଷ୍ଠାନରେ ଶତ ପରତିଶତ ଫଳାଫଳ ହୋଇଥିବା ନେଇ ମିଥ୍ୟା ପ୍ରଚାର କରୁଥିବା ଜଣାପଡିଛି।

ମିଳିଥିବା ସୂଚନା ପ୍ରକାରେ ଆରୟନ ଗୁରୁକୁଳ ସେକେଣ୍ଡାରୀ ବିଦ୍ୟାଳୟର ୧୦ଜଣ ପରୀକ୍ଷାର୍ଥୀ ଫେଲ ହୋଇଥିବା ବେଳେ ଅନ୍ୟଜଣେ ପରୀକ୍ଷାରେ ଅନୁପସ୍ଥିତ ଯୋଗୁ ଅକୃତକାର୍ଯ୍ୟ ହୋଇଥିବା ଜଣାପଡ଼ିଛି। ସେହିଭଳି ଗୋବିନ୍ଦପୁର ସ୍ଥିତ କଲାମ ବିଜ୍ଞାନ ହାୟର ସେକେଣ୍ଡାରୀ ବିଦ୍ୟାଳୟର ୭ ଜଣ ପରୀକ୍ଷାର୍ଥୀ ଫେଲ ହୋଇଥିବା ସୂଚନା ମିଳିଛି। ଅନୁରୂପ ଭାବେ ଛତ୍ରପୁର ଜ୍ଞାନ ବିକାଶ ହାୟର ସେକେଣ୍ଡାରୀ ବିଦ୍ୟାଳୟରେ ୩ ଜଣ ପରୀକ୍ଷାର୍ଥୀ ଫେଲ ହୋଇଥିବା ବେଳେ ଅନ୍ୟଜଣେ ଅନୁପସ୍ଥିତ ଯୋଗୁ ଅକୃତକାର୍ଯ୍ୟ ହୋଇଥିବା ଜଣାପଡିଛି।

ତେବେ ଏହି ଶିକ୍ଷାନୁଷ୍ଠାନ ସମେତ ବିଭିନ୍ନ ଶିକ୍ଷାନୁଷ୍ଠାନ ପକ୍ଷରୁ ଶତପ୍ରତିଶତ ପରୀକ୍ଷା ଫଳ ହୋଇଥିବା ପ୍ରଚାର କରାଯାଉଛି। ଫଳରେ ଛାତ୍ରଛାତ୍ରୀଙ୍କ ସମେତ ସେମାନଙ୍କ ଅଭିଭାବକମାନଙ୍କୁ ବିଭିନ୍ନ ଶିକ୍ଷାନୁଷ୍ଠାନ ପ୍ରକୃତ ତଥ୍ୟକୁ ଲୁଚାଇ ଦ୍ୱନ୍ଦ୍ୱ ସୃଷ୍ଟି କରୁଥିବା ଅଭିଯୋଗ ହୋଇଛି। ଯାହାକୁ ନେଇ ଅଭିଭାବକମାନଙ୍କ ସମେତ ବୁଦ୍ଧିଜୀବୀ ମହଲରେ ମଧ୍ୟ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏକ୍ଷେତ୍ରରେ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ବିଧିବଦ୍ଧ ତଦନ୍ତ କରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି।

୨୬/୫/୨୦୨୫ (ସୋମବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୫,୪୨,୪୬୪/- ସୁନା: ୦୨.୨୦୦ ଗ୍ରାମ୍ ରୁପା: ୪୪.୨୦୦ ଗ୍ରାମ୍



ଶ୍ରୀକ୍ଷେତ୍ରରେ ସାବିତ୍ରୀ ବ୍ରତ

# ସ୍ୱାମୀଙ୍କ ଦୀର୍ଘାୟୁ କାମନା କଲେ ମହିଳା



ପୁରୀ,୨୬।୫(ସମିସ): ପବିତ୍ର ସାବିତ୍ରୀ ବ୍ରତ ଅବସରରେ ସୋମବାର ବେଶ୍ ଚଳଚଞ୍ଚଳ ହୋଇପଡ଼ିଥିଲା ଶ୍ରୀକ୍ଷେତ୍ର। ସକାଳୁ ସକାଳୁ ପୁରୀର ବିଭିନ୍ନ ମନ୍ଦିରରେ ସଧବାମାନଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ସମସ୍ତଙ୍କ ହାତରେ ଥିଲା ଫୁଲ, ଫଳ, ଧୂପ, ଦୀପ ଆଉ ଶାଢ଼ି ଓ ଚୁଡ଼ି। ସ୍ୱାମୀଙ୍କ ଦୀର୍ଘ ଜୀବନ କାମନା କରି ବ୍ରତଧାରୀମାନେ ମନ୍ଦିରରେ ଦିଅଁଙ୍କୁ ପୂଜିଥିଲେ। ସକାଳୁ ମଧ୍ୟାହ୍ନ ପର୍ଯ୍ୟନ୍ତ ଶ୍ରୀମନ୍ଦିର ପରିସର ସାବିତ୍ରୀ ମନ୍ଦିର, ଗୁଣ୍ଡିଚା ମନ୍ଦିର ନିକଟ ନୃସିଂହ ମନ୍ଦିର, ଶିବ ମନ୍ଦିର, ଷ୍ଟେସନ ନିକଟ ରାମ ମନ୍ଦିର, ନବକଳେବର ରୋଡ୍‌ସ୍ଥିତ ଆଖଣ୍ଡଳମଣୀ ମନ୍ଦିର, ମୁକୁନ୍ଦ ମିଶ୍ର ନଗରସ୍ଥିତ ଶିବ ମନ୍ଦିର ସମେତ ସହରର ବିଭିନ୍ନ ବିଷ୍ଣୁ ମନ୍ଦିରରେ ଲାଗିଥିଲା ଭିଡ଼। ସାବିତ୍ରୀ ଓ ସତ୍ୟବାନଙ୍କ ଭଳି ସେମାନଙ୍କ ସମ୍ପର୍କକୁ ଅତୁଟ ଓ ଦୀର୍ଘସ୍ଥାୟୀ କାମନା କରି ମହିଳାମାନେ ଏହି ବ୍ରତ ପାଳନ କରିଥିଲେ। ଦିଅଁଙ୍କ ନିକଟରେ ବିଭିନ୍ନ ଫଳମୂଳ ଅର୍ପଣ କରି ଶଙ୍ଖା, ସିନ୍ଦୂର, ଶାଢ଼ି, ଚୁଡ଼ି ପୂଜା କରି ସ୍ୱାମୀଙ୍କ ମଙ୍ଗଳ ମନାସୀଥିଲେ।

ଦର୍ଜିପୋଖରୀ ଛକ ନିକଟ ଶିବ ମନ୍ଦିରକୁ ପୂଜା କରିବାକୁ ଆସିଥିବା ଶ୍ରୀମନ୍ତିନୀ ସାହୁ କହିଛନ୍ତି, ସ୍ୱାମୀଙ୍କ ଦୀର୍ଘାୟୁ ସହ ଯୋଡ଼ି ହୋଇ ରହିଥିବା ଏହି ବ୍ରତ ନିଷ୍ଠାର ସହ ପାଳିଆସୁଛି। ସାବିତ୍ରୀ ବ୍ରତ ସଧବା ମହିଳାଙ୍କର ଏକ ପ୍ରମୁଖ ବ୍ରତ। ଏହା ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଥିବା ସମ୍ପର୍କ ଓ ଭଲପାଇବାକୁ ଆହୁରି ନିବିଡ଼ କରିଥାଏ। ଆମ ବାହାଘରକୁ ୩ ବର୍ଷ ହେଲାଣି। ପ୍ରତିବର୍ଷ ନିଷ୍ଠାର ସହ ସାବିତ୍ରୀ ବ୍ରତ ପାଳନ କରୁଛି।

## ଆର୍ଟ ଅଫ୍ ଲିଭିଙ୍ଗ୍

ପୁରୀ ଆର୍ଟ ଅଫ୍ ଲିଭିଙ୍ଗ୍ ମହିଳା କ୍ଲବ୍ ପକ୍ଷରୁ ଶ୍ରୀଧାମ ପରିସରରେ ନିଆରା ଢଙ୍ଗରେ ସାବିତ୍ରୀ ବ୍ରତ ପାଳନ କରାଯାଇଛି। ଏହି ଅବସରରେ ପୁରୀର କିନ୍ନର ସମାଜର ବ୍ୟକ୍ତିମାନଙ୍କୁ ଶାଢ଼ି ଓ ପୂଜା ଉପକରଣ ସହ ଫଳ ଇତ୍ୟାଦି ପ୍ରଦାନ କରାଯାଇଥିଲା। ଏଥିସହ ଧ୍ୟାନ, ସତ୍‌ସଙ୍ଗ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ମହିଳା କ୍ଲବ୍‌ର ସଭାପତି ସଂଘମିତ୍ରା ମହାନ୍ତିଙ୍କ ନେତୃତ୍ୱରେ ସମସ୍ତ କାର୍ଯ୍ୟ ସମ୍ପାଦିତ ହୋଇଥିଲା। ଦୀର୍ଘବର୍ଷ ଧରି ଏହିଭଳି ଭାବେ ସାବିତ୍ରୀ ବ୍ରତ ପାଳନ କରାଯାଇଥିବାରୁ କିନ୍ନର ସମାଜର ମୁଖ୍ୟ ଦେବକୀ ମାଆ ଭୂୟସୀ ପ୍ରଶଂସା କରିଥିଲେ।




## ଜେଲ୍‌ରେ ପାଳିଲେ ସାବିତ୍ରୀ ବ୍ରତ



ବାହା ବେଦୀରେ ସାତ ଜନମର ସାଥୀ ହେବା ପାଇଁ ଶପଥ ନେଇଥିଲେ। ସୁଖ, ଦୁଃଖର ସମଭାଗୀ ହେବାକୁ ପରସ୍ପରକୁ କଥା ଦେଇଥିଲେ। ହେଲେ ସୁଖଦୁଃଖର ସଂସାର ଆଗେଇ ଚାଲିଥିବାବେଳେ କେତେ ଜଣଙ୍କ କ୍ଷେତ୍ରରେ ଘଟିଛି ବ୍ୟତିକ୍ରମ। ନିଜ ଭୁଲ୍ ପାଇଁ ହେଉ ବା ଅନ୍ୟ କାହାର ଚକ୍ରାନ୍ତରେ ସେମାନେ ବାଟ ଭୁଲି ଯାଇଛନ୍ତି। ପାରିବାରିକ ସ୍ନେହ, ପ୍ରେମର ଠିକଣା ହଜାଇ ଜେଲ୍‌ର ଚାରିକାନ୍ଥ ଭିତରେ ଜୀବନ ଅତିବାହିତ କରୁଛନ୍ତି। କିନ୍ତୁ ସେମାନଙ୍କ ମନ ଭିତରେ ଥିବା ଭଲପାଇବା ମରିଯାଇନାହିଁ। ଭୁଲି ପାରିନାହାନ୍ତି ନିଜ ମନର ମଣିଷକୁ। ପ୍ରତିଟି ଓଷା, ବ୍ରତ ଆଉ ପର୍ବପର୍ବାଣୀ ଆସିଲେ ଛାତିର କୋହକୁ ଚାପି ସେ ବି ଆଗେଇ ଆସନ୍ତି। ଅନ୍ୟ ମହିଳାଙ୍କ ପରି ସଜେଇ ହୁଅନ୍ତି ଆଉ ଠାକୁରଙ୍କୁ ପୂଜାର୍ଚ୍ଚନା କରନ୍ତି। ଏମିତି ଏକ ନିଆରା ଦୃଶ୍ୟ ଦେଖିବାକୁ ମିଳିଥିଲା ପୁରୀ ଜେଲ୍‌ରେ। ଏଠାରେ ରହୁଥିବା ମହିଳା ଅନ୍ତେବାସୀ ସୋମବାର ସାବିତ୍ରୀ ବ୍ରତ ପାଳନ କରିଛନ୍ତି, ଯାହାକି ଜେଲ୍ ପରିସରରେ ସୃଷ୍ଟି କରିଥିଲା ଏକ ଆଧ୍ୟାତ୍ମିକ ବାତାବରଣ। ସମ୍ପୃକ୍ତ ମହିଳାମାନେ ସ୍ୱାମୀଙ୍କ ଦୀର୍ଘାୟୁ କାମନା କରି ପୂଜାର୍ଚ୍ଚନା କରିଛନ୍ତି। କାରାପାଳ ଅକ୍ଷୟ କୁମାର ଜେନାଙ୍କ ସୂଚନା ମୁତାବକ, ଏଠାରେ ରହିଥିବା ୧୬ ମହିଳାଙ୍କୁ ନୂଆ ଶାଢ଼ି, ଶଙ୍ଖା, ସିନ୍ଦୂର, ଚୁଡ଼ି, ଫଳମୂଳ ଓ ପୂଜା ସାମଗ୍ରୀ କିଣି ଦିଆଯାଇଥିଲା। ସେମାନେ ଅନ୍ୟ ମହିଳାଙ୍କ ଭଳି ସାବିତ୍ରୀ ବ୍ରତ ପାଳିଥିଲେ। ଜେଲ୍ ପରିସର ଗଣେଶ ମନ୍ଦିରରେ ପୂଜାର୍ଚ୍ଚନା କରି ସେମାନଙ୍କ ସ୍ୱାମୀଙ୍କ ଦୀର୍ଘ ଜୀବନ ମଧ୍ୟ କାମନା କରିଥିଲେ। ପୂଜା ଶଙ୍ଖା, ସିନ୍ଦୂର ଏବଂ ନୂଆ ଶାଢ଼ି ପିନ୍ଧି କିଛି ମହିଳା ସ୍ୱାମୀଙ୍କୁ ମୁଣ୍ଡିଆ ମାରିଥିଲେ। ଏକ ଭାବ ଗମ୍ଭୀର ପରିବେଶ ସୃଷ୍ଟି ହୋଇଥିଲା ସେହି ସମୟରେ। ସୋମବାର ପୂର୍ବାହ୍ଣରେ ଏହିଭଳି ଏକ ନିଆରା ଦୃଶ୍ୟ ଦେଖିବାକୁ ମିଳିଥିଲା ପୁରୀ ଜେଲ୍ ପରିସରରେ। ମହିଳା କାରାରକ୍ଷୀ ସୁଜ୍ଞାନୀ ବେହେରା, ମୁଖ୍ୟ କାରାରକ୍ଷୀ ଦିଲ୍ଲୀପ ସେଠୀ, ଅଧୀକ୍ଷକ ସଞ୍ଜୟ ବର୍ମା ପ୍ରମୁଖ ଉପସ୍ଥିତ ଥିଲେ।

## ବାଲିହରଚଣ୍ଡୀଙ୍କ ପାଇଁ ବାପ ଘରୁ ପହଞ୍ଚିଲା ସାବିତ୍ରୀଭାର



ବ୍ରହ୍ମଗିରି,୨୬।୫(ସମିସ): ସାବିତ୍ରୀ ଅମାବାସ୍ୟାରେ ମା' ବାଲିହରଚଣ୍ଡୀଙ୍କ ବାପ ଘରୁ ଆସିଲା ସାବିତ୍ରୀ ଭାର। ଓଡ଼ିଆ ଘର ପରମ୍ପରା ଅନୁଯାୟୀ, ସାବିତ୍ରୀ ବ୍ରତ ପାଳନ କରିବା ପାଇଁ ସାବିତ୍ରୀ ଭାର ନେଇ ପାଞ୍ଚପଡ଼ା ଗ୍ରାମର ମୁରବିମାନେ ପହଞ୍ଚିଛନ୍ତି ମା'ଙ୍କ ପୀଠରେ। ସେମାନେ ଆଣିଥିବା ନୂଆ ଲୁଗା ଏବଂ ଆସିଥିବା ଫଳଭାରରେ ମା'ଙ୍କ ସାବିତ୍ରୀ ବ୍ରତ ପାଳନ କରାଯାଇଛି। ମା' ବାଲିହରଚଣ୍ଡୀ, ବ୍ରହ୍ମଗିରି ଅଞ୍ଚଳର ରକ୍ଷା କବଚ ରୂପେ ପରିଚିତ। ସମୁଦ୍ର କୂଳର ବାଲିବନ୍ତ ଉପରେ ରହି ବନ୍ୟା ବାତ୍ୟା ଦାଉରୁ ରକ୍ଷା କରିଥା'ନ୍ତି। କିମ୍ବଦନ୍ତୀ ଅନୁସାରେ, ଧରଣୀକୁଦି ଗ୍ରାମ ପଞ୍ଚାୟତର ଧରଣୀକୁଦ, ମତଲାପୁର, କହଳପଦା, ଖେତାଣ୍ଡି ଏବଂ ନହରବାଲି ଏହି ପାଞ୍ଚପଡ଼ାକୁ ମା'ଙ୍କ ବାପଘର ବୋଲି କୁହାଯାଇଥାଏ। ଓଡ଼ିଆ ଘରର ପରମ୍ପରା ଅନୁଯାୟୀ, ମା'ଙ୍କ ସବିତ୍ରୀ ବ୍ରତ ପାଇଁ ବାପଘର ଅନୁସାରେ ପାଞ୍ଚପଡ଼ା ମୁରବିମାନେ ନୂଆ ଶାଢ଼ି, ଶଙ୍ଖା, ସିନ୍ଦୂର, ଅଳତା ସହିତ ନଡ଼ିଆ, କଦଳୀ, ଖଜୁରୀ, ତାଳ, ଆମ୍ବ, ପଣସ, ଲିଚୁ ଆଦି ଭୋଗ ନେଇ ମା'ଙ୍କ ମନ୍ଦିରରେ ପହଞ୍ଚିଥିଲେ। ପୁରୋହିତମାନେ ବାପ ଘରୁ ଆସିଥିବା ପୂଜା ସାମଗ୍ରୀ ମା'ଙ୍କୁ ସମର୍ପଣ କରିଥିଲେ। ଏହି ପରମ୍ପରା କାହିଁ କେତେ ଯୁଗରୁ ଚାଲି ଆସୁଥିବା ଗବେଷକ ନୀଳମଣି ସୁଆର କହିଛନ୍ତି।

## ଅକର୍ମଣ୍ୟ ସତ୍ୟବାନଙ୍କ ସେବାରେ ସାବିତ୍ରୀ

ଅସ୍ତରଙ୍ଗ,୨୬।୫(ସମିସ): ସାବିତ୍ରୀ ଅମାବାସ୍ୟାରେ ପ୍ରତ୍ୟେକ ହିନ୍ଦୁ ସଧବା ମହିଳା ପାରମ୍ପରିକ ବ୍ରତ କରି ସ୍ୱାମୀଙ୍କ ଦୀର୍ଘାୟୁ କାମନା କରି ପୂଜା କରନ୍ତି। କିନ୍ତୁ ଆଜି ଆମେ ଏଭଳି ଏକ ସାବିତ୍ରୀଙ୍କ କଥା କହୁଛୁ ସେ ଜଣେ ବାସ୍ତବିକ ସାବିତ୍ରୀର ଭୂମିକାରେ ନିଜକୁ ନିଜ ସତ୍ୟବାନଙ୍କ ପାଖରେ ସମ୍ପୂର୍ଣ୍ଣ ରୂପେ ସମର୍ପଣ କରିଦେଇଛନ୍ତି। ଜୀବନର ବ୍ରତ କେବଳ ଅସହାୟ ସ୍ୱାମୀଙ୍କ ସେବା ଭଗବାନଙ୍କୁ ସାକ୍ଷୀ ରଖି ଆପଣେଇ ନେଇଛନ୍ତି। ଏହି ପୁଣ୍ୟ କାର୍ଯ୍ୟକୁ ପ୍ରମାଣିତ କରିଛନ୍ତି ଅସ୍ତରଙ୍ଗ ବ୍ଲକ୍ ବିଜିପୁର ଗ୍ରାମର ଅସହାୟ ପ୍ରମୋଦ ସାହୁଙ୍କ ଧର୍ମପତ୍ନୀ ରମା ସାହୁ।

ସୂଚନା ଯେ, ପ୍ରତ୍ୟେକ ଦିନ ଗାଁ ଗାଁ ବୁଲି ଚାଷୀମାନଙ୍କଠାରୁ ପ୍ରମୋଦ ଚାଉଳ କିଣି ବଜାରରେ ବିକ୍ରି କରନ୍ତି ଆଉ ସେଥିରେ ତାଙ୍କ ପରିବାର ପ୍ରତିପୋଷଣ କରନ୍ତି। ଗାଁ ଗାଁ ବୁଲୁଥିବାବେଳେ ଦୁର୍ଘଟଣାର ଶିକାର ହୋଇ ସମ୍ପୂର୍ଣ୍ଣ ଶଯ୍ୟାଶାୟୀ ପ୍ରମୋଦ। ଆଉ ରୋଜଗାର କରିବାକୁ ବଳ ନାହିଁ। ଝିଅ ବାହାଘର ପାଇଁ ଯାହା ସଞ୍ଚୟ କରିଥିଲେ ସବୁ ନିଜ ଚିକିତ୍ସା ପାଇଁ ମେଡିକାଲରେ ଖର୍ଚ୍ଚ ସରିଲାଣି। ପ୍ରମୋଦଙ୍କର ଭିନ୍ନକ୍ଷମ ସାର୍ଟିଫିକେଟ୍ ୮୦% ପାଇଲା ପରେ ମଧ୍ୟ ବ୍ଲକ୍ ପ୍ରଶାସନ ତରଫରୁ ଏଯାଏ ତାଙ୍କୁ କୌଣସି ଭତ୍ତା ମିଳିନି। ସାବିତ୍ରୀ ଅମାବାସ୍ୟାରେ ଅନେକ ସାବିତ୍ରୀ ନୂଆ ଶାଢ଼ି, ଶଙ୍ଖା ପିନ୍ଧି ବ୍ରତ କରି ଅନେକ ଖୁସି ହେଉଥିବାବେଳେ ଏହି ଅସହାୟ ସାବିତ୍ରୀ ରମା ସାହୁ ଦାଣ୍ଡ ଦୁଆରେ ବସି ନିଜ ଆଖିରୁ ଲୁହ ଝରାଉଛନ୍ତି କିଭଳି ତାଙ୍କ ସ୍ୱାମୀଙ୍କୁ ସୁସ୍ଥ କରିବେ। ଶାଢ଼ି, ଶଙ୍ଖା ଦୂରେ ଥାଉ ଚାଉଳ ଗଣ୍ଡେ କିଣିବାକୁ ଅର୍ଥ ନାହିଁ। ପ୍ରଶାସନ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ଦାତବ୍ୟ ବ୍ୟକ୍ତିଙ୍କ ସହଯୋଗ ପାଇଁ ରମା ନେହୁରା ହୋଇଛନ୍ତି।



## ଖଣ୍ଡା ଦେଖାଇ ଦାଦାବଟି ଆଦାୟ, ୨ ଗିରଫ

ପୁରୀ,୨୬।୫(ସମିସ): ଖଣ୍ଡା ଦେଖାଇ ଦାଦାବଟି ଆଦାୟ କରିବା ଅଭିଯୋଗରେ ବଳିଆପଣ୍ଡା ଥାନା ପୁଲିସ ୨ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ଟାଉନ ଥାନା ତିଆଡ଼ି ସାହି ବାଲିଉପରର ସତ୍ୟପ୍ରକାଶ ମଲ୍ଲିକ ଓ ବଳିଆପଣ୍ଡା ନାଲି ଫିଲ୍ଟର ନିକଟ ଶିବଶକ୍ତି ସାହିର ସୁବାସ ତ୍ରିପାଠୀ। ଅଭିଯୋଗ ଅନୁଯାୟୀ, ସୋମବାର ପୂର୍ବାହ୍ଣ ପ୍ରାୟ ୧୦ଟା ୨୫ରେ ଏମାନେ ଲାଇଟ୍ ହାଉସ୍ ଛକ ନିକଟରେ ରାସ୍ତାରେ ଯାଉଥିବା ଲୋକଙ୍କୁ ଖଣ୍ଡା ଦେଖାଇ ଭୟଭୀତ କରିବା ସହ ଖରାପ ଭାଷାରେ ଗାଳିମନ୍ଦ କରୁଥିଲେ। ଏପରିକି ଦାଦାବଟି ଆଦାୟ କରୁଥିଲେ। ପୁଲିସ ପହଞ୍ଚିବାରୁ ସେମାନେ ଖସିଯିବାକୁ ଉଦ୍ୟମ କରିଥିଲେ ମଧ୍ୟ ବିଫଳ ହୋଇଥିଲେ। ଉଭୟଙ୍କୁ ଗିରଫ କରାଯାଇଥିବାବେଳେ ସେମାନଙ୍କଠାରୁ ଏକ ଖଣ୍ଡା ଜବତ କରାଯାଇଛି। ଏ ନେଇ ଥାନାରେ ଏକ ମାମଲା ରୁଜୁ କରାଯାଇ ଉଭୟଙ୍କୁ କୋର୍ଟଚାଲାଣ କରିଛି ପୁଲିସ।

## ବିଦ୍ୟୁତ୍ ଆଘାତରେ ଜଣେ ମୃତ

ଚାରିଛକ,୨୬।୫(ସମିସ): ଚାରିଛକ ଥାନା ଅନ୍ତର୍ଗତ ବାହାରଣା ପଞ୍ଚାୟତ ଛତିଆନା ଗ୍ରାମର ସୁଧିର ରଥ(୫୫) ନାମକ ଜଣେ ବ୍ୟକ୍ତିଙ୍କ ବିଦ୍ୟୁତ୍ ଆଘାତରେ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ସୂଚନା ମୁତାବକ, ଶ୍ରୀ ରଥ ନିଜ ଘରେ ବିଦ୍ୟୁତ୍ ମରାମତି କାମ କରୁଥିବାବେଳେ ହଠାତ୍ ବିଦ୍ୟୁତ୍ ସଂସ୍ପର୍ଶରେ ଆସିବାରୁ ତଳେ ପଡ଼ିଯାଇଥିଲେ। ପରିବାର ଲୋକେ ତାଙ୍କୁ ଚିକିତ୍ସା ପାଇଁ ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। କିନ୍ତୁ ଡାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ। ଶ୍ରୀ ରଥଙ୍କ ଭଣଜା ସୌମ୍ୟରଞ୍ଜନ ମିଶ୍ରଙ୍କ ଅଭିଯୋଗ କ୍ରମେ ଚାରିଛକ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବକୁ ଜବତ କରିବା ସହ ୫/୨୫ରେ ଏକ ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

## ଦିଘାଲୋ ବସ୍ତିରେ ଗୋଷ୍ଠୀ ସଂଘର୍ଷ

ନିମାପଡ଼ା,୨୬।୫(ସମିସ): ନିମାପଡ଼ା ଥାନା ଦିଘାଲୋ ବସ୍ତିରେ ପୂର୍ବ ବିବାଦକୁ କେନ୍ଦ୍ରକରି ଦୁଇଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଘଟି ଜଣେ ମହିଳା ଓ ତାଙ୍କ ପରିବାର ଗୁରୁତର ଆହତ ହୋଇଛନ୍ତି। ଅଭିଯୋଗ ଆଧାରରେ ପୁଲିସ ମାମଲା ରୁଜୁ କରି ଘଟଣାର ଅନୁସନ୍ଧାନ କରୁଛି। କୌଣସି ମୁହୂର୍ତ୍ତରେ ପୁଣି ଦୁଇଗୋଷ୍ଠୀ ମୁହାଁମୁହିଁ ହେବାର ଆଶଙ୍କା ରହିଛି। ମିଳିଥିବା ସୂଚନା ମୁତାବକ, ନିମାପଡ଼ା ଥାନା ଦିଘାଲୋ ବସ୍ତିର ରୋଜିନା ବିବି (୩୬) ଥାନାରେ ଅଭିଯୋଗ କରିଛନ୍ତି, ଘରବାରି ଜାଗାକୁ ନେଇ ତାଙ୍କ ପଡ଼ୋଶୀଙ୍କ ସହିତ ବିବାଦ ଲାଗି ରହିଥିଲା। ପଡ଼ୋଶୀ ଅନୱାର ଓ ତାଙ୍କ ପରିବାର ବାରମ୍ବାର ରୋଜିନାଙ୍କ ପରିବାରକୁ ଗାଳିଗୁଲଜ କରିବା ସହ ହତ୍ୟା ଧମକ ଦେଇ ଆସୁଥିଲେ। ଗତ ରବିବାର ମଧ୍ୟାହ୍ନ ସମୟରେ କେହି ପୁରୁଷ ଘରେ ନ ଥିବାର ସୁଯୋଗ ନେଇ ଅନୱାର, ତାଙ୍କ ସ୍ତ୍ରୀ ଫତିମା ବିବିଙ୍କ ସହ କିଛି ଲୋକ ମାରଣାସ୍ତ୍ର ଧରି ରୋଜିନା ବିବିଙ୍କ ଘରେ ପଶି ଆକ୍ରମଣ କରିଥିଲେ। ତାଙ୍କ ଚିତ୍କାର ଶୁଣି ପାଖ ପଡ଼ୋଶୀମାନେ ପହଞ୍ଚି ଆକ୍ରମଣକାରୀଙ୍କ କବଳରୁ ରକ୍ଷାକରିଥିଲେ। ପରେ ମହିଳାଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ଚିକିତ୍ସା କରାଇଥିଲେ। ଅଭିଯୁକ୍ତମାନେ ଘରର ଆସବାବପତ୍ର ଫିଙ୍ଗା ଫୋପଡ଼ା କରିଥିଲେ। ଏ ସମ୍ପର୍କରେ ରୋଜିନା ନିମାପଡ଼ା ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରିଥିବାବେଳେ ଅପର ପକ୍ଷରୁ ଫାତିମା ବିବି (୪୨) ମଧ୍ୟ ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କର ଅଂଶୀଦାର ସେକ୍ କାସିମ୍‌ଙ୍କ ମଧ୍ୟରେ ଜାଗା ବିବାଦ ରହିଥିଲା। ଜବରଦସ୍ତ ସେକ୍ କାସିମ୍ ଓ ତାଙ୍କ ସ୍ତ୍ରୀ ରୋଜିନା ବିବିଙ୍କ ସମେତ କିଛି ଲୋକ ଆଜକୁ ୪ଦିନ ହେବ ଜବରଦସ୍ତ ଘର ନିର୍ମାଣ କରୁଥିଲେ। ଫାତିମାଙ୍କ ପରିବାର ପ୍ରତିବାଦ କରିବାରୁ ଗାଳିଗୁଲଜ କରି ଜୀବନରେ ମାରିଦେବା ପାଇଁ ଧମକ ଦେଇଥିଲେ। ଗତ ରବିବାର ଅପରାହ୍ଣ ସମୟରେ ବିଭିନ୍ନ ମାରଣାସ୍ତ୍ର ଧରି ଆକ୍ରମଣ କରିଥିଲେ। ମହିଳା ଗୁରୁତର ଆହତ ହୋଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ହୋଇ ଏ ସମ୍ପର୍କରେ ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ଦୁଇଟି ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ମହାପ୍ରଭୁଙ୍କ ଭୂସମ୍ପତ୍ତି ସୁରକ୍ଷା ପାଇଁ ଆସିବ ମାର୍ଗଦର୍ଶିକା

ପୁରୀ,୨୬।୫(ସମିସ): ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ଅନେକ ଭୂସମ୍ପତ୍ତିକୁ ଜବରଦଖଲ କରାଯାଇଛି। ଏମିତିକି ଜାଲ୍ କାଗଜାତରେ ଏହା କିଣାବିକା ବି ହେଉଛି। ତେଣୁ ଶ୍ରୀମନ୍ଦିରର ଯେତେ ଭୂସମ୍ପତ୍ତି ରହିଛି ତାହାର ସୁରକ୍ଷା କରାଯିବ। ଜମି ଜାଲିଆତିକୁ ଆଦୌ ବରଦାସ୍ତ କରାଯିବ ନାହିଁ ବୋଲି ନିକଟରେ ହାଇକୋର୍ଟ ଏକ ରାୟ ଦେଇଛନ୍ତି ବୋଲି କହିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ। ସୋମବାର ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ପ୍ରଶାସନିକ ବୈଠକ ପରେ ସେ ଗଣମାଧ୍ୟମକୁ କହିଛନ୍ତି, ମହାପ୍ରଭୁଙ୍କ ଭୂସମ୍ପତ୍ତିର ସୁରକ୍ଷା ପାଇଁ ମାର୍ଗଦର୍ଶିକା ପ୍ରସ୍ତୁତ କରିବାକୁ ହାଇକୋର୍ଟ କହିଛନ୍ତି। ଶ୍ରୀମନ୍ଦିରର ଯେତେ ବି ଭୂସମ୍ପତ୍ତି ରହିଛି ତାହାକୁ ଯେପରି ଠିକ୍ ଭାବେ ପରିଚାଳନା କରାଯାଇପାରିବ ଏବଂ ଯେଉଁ ଭୂସମ୍ପତ୍ତିରୁ ରାଜସ୍ୱ ଆୟ ହୋଇପାରିବ ସଂଗଠିତ ଢଙ୍ଗରେ ନିୟମ ଅନୁଯାୟୀ ତାହା କରାଯିବ ବୋଲି ବୈଠକରେ ଅନୁମୋଦନ ହୋଇଛି। ସେହିପରି ନାଟମଣ୍ଡପରେ ଶୃଙ୍ଖଳିତ ଦର୍ଶନ ଉପରେ ଗୁରୁତ୍ୱାରୋପ କରିଥିଲେ କମିଟି ସଦସ୍ୟ। ଧାଡ଼ି ଦର୍ଶନ ଲାଗି ହୁଣ୍ଡି ସ୍ଥାନାନ୍ତର ହେବା ଆବଶ୍ୟକତା ରହିଛି। ପରିଚାଳନା କମିଟି ଗଠନ ପର୍ଯ୍ୟନ୍ତ ମୁଖ୍ୟ ପ୍ରଶାସକଙ୍କୁ ଶ୍ରୀମନ୍ଦିର ବିଭିନ୍ନ ପ୍ରସଙ୍ଗରେ ଅଧିକୃତ କରାଯାଇଥିବା ସେ କହିଛନ୍ତି।

## ପ୍ରାପ୍ୟ ପାଉଣାକୁ ନେଇ ବିବାଦ: ସେବା ବିଳମ୍ବ, ଭକ୍ତ ହଇରାଣ

ପୁରୀ,୨୬।୫(ସମିସ): ପ୍ରାପ୍ୟ ପାଉଣାକୁ ନେଇ ସୋମବାର ଶ୍ରୀମନ୍ଦିରରେ ବିବାଦ ଉପୁଜିଛି। ପାଳିଆ ସିଂହାରୀ ସେବକ ପ୍ରାପ୍ୟ ପାଉଣାକୁ ନେଇ ମହାସ୍ନାନ ପରେ ମଇଲମରେ ବିଳମ୍ବ କରିବାରୁ ଅଢ଼େଇ ଘଣ୍ଟା ନୀତି ବିଳମ୍ବ ହୋଇଥିଲା। ସାବିତ୍ରୀରେ ଶ୍ରୀମନ୍ଦିରକୁ ଭକ୍ତଙ୍କ ସୁଅ ଛୁଟୁଥିବାବେଳେ ମହାସ୍ନାନ ହେବା ଯେତିକି ପ୍ରତିବନ୍ଧକ ସୃଷ୍ଟି କରିଥିଲା, ବିବାଦ ଆହୁରି ଯନ୍ତ୍ରଣା ବଢ଼ାଇଥିଲା। ଫଳରେ ଦୀର୍ଘ ସମୟ ଭକ୍ତ ଧାଡ଼ିରେ ଛିଡ଼ା ହୋଇ ଯନ୍ତ୍ରଣା ଭୋଗିବା ସହ ଅସନ୍ତୋଷ ଜାହିର କରିଥିଲେ। ଏଣେ ଦ୍ୱିତୀୟ ଭୋଗ ମଣ୍ଡପ ଉଠିବା ବେଳକୁ ୯ଟା ୪୫ ହୋଇଯାଇଥିଲା। ଲୋକେ ସାବିତ୍ରୀ ଭଳି ଦିନରେ ଦ୍ୱିତୀୟ ଭୋଗ ମଣ୍ଡପ ପରେ ଅବଢ଼ା ପାଇବାରେ ଅହେତୁକ ବିଳମ୍ବରୁ ଅନେକ ନିରାଶ ହୋଇ ଫେରିଥିଲେ। ଏପରିକି ବିଳମ୍ବରେ ଦ୍ୱିତୀୟ ଭୋଗ ମଣ୍ଡପ ବାହାରିବାରୁ ସୁଆର ମହାସୁଆରମାନେ ମଧ୍ୟ ଅସନ୍ତୋଷ ପ୍ରକାଶ କରିଥିଲେ। ଅବଢ଼ା ପ୍ରସ୍ତୁତ ହୋଇଥିଲେ ମଧ୍ୟ ବିଳମ୍ବିତ ରାତି ହେବାରୁ ତାହା ବିକ୍ରି ହୋଇପାରି ନ ଥିଲା। ସାବିତ୍ରୀରେ ଅଧିକ ଅବଢ଼ା ବିକ୍ରି କରିବାର ଯେଉଁ ଆଶା କରିଥିଲେ ତାହା ପୂରଣ ନ ହେବାରୁ ସୁଆର ବି ଉତ୍‌କ୍ଷିପ୍ତ ହୋଇଥିଲେ। ମଧ୍ୟାହ୍ନ ଧୂପ ଶେଷ ପରେ ଧୁକୁଡ଼ି ଦ୍ୱାରଠାରେ ରକ୍ତ ପଡ଼ିଥିବା ନଜରକୁ ଆସିଥିଲା। ତେଣୁ ମହାସ୍ନାନ ଲାଗିଥିଲା। ଯଦିଓ ଧୂଆଧୋଇ ହୋଇ ଚୂନ ପାଣି ପଡ଼ିବା ଓ ସିଂହାସନ ପୋଛା କାର୍ଯ୍ୟ ଯଥାବିଧି ସମ୍ପାଦିତ ହୋଇଥିଲା, କିନ୍ତୁ ପରେ ମଇଲମ ବିଳମ୍ବ ହୋଇଥିଲା। ଜଣେ ସିଂହାରୀ ସେବକ କହିଛନ୍ତି, ଆମକୁ ପ୍ରାପ୍ୟ ପାଉଣା ରାଶି ଦେବାରେ ପ୍ରଶାସନ ପକ୍ଷରୁ ଅବହେଳା କରାଯାଇଛି। ସାହାଣମେଲା ପାରିମାଣିକ ଦର୍ଶନ ବ୍ୟବସ୍ଥା ବନ୍ଦ କରି ଅଧିକ ପ୍ରାପ୍ୟ ପାଉଣା ଭାବେ କ୍ଷତିପୂରଣ ଦେବାକୁ ନିଷ୍ପତ୍ତି ହେଲା। କିନ୍ତୁ ଏହାକୁ କାର୍ଯ୍ୟକାରୀ କରାଗଲା ନାହିଁ। ଗତ ପରିଚାଳନା କମିଟିରେ ଆମ ପ୍ରାପ୍ୟ ପାଉଣା ମାତ୍ର ୧୦ ପ୍ରତିଶତ ବଢ଼ିଲା। କ୍ଷତିପୂରଣ ଦେଇପାରୁ ନ ଥିବାରୁ ଆମେ ସାହାଣମେଲା ପାରିମାଣିକ ଦର୍ଶନ ବ୍ୟବସ୍ଥା ପୁନଃ ଆରମ୍ଭ କରିବା ଦାବି କରିଥିଲୁ। ଅଧିକାରୀମାନେ ପାଳିଆ ସେବକଙ୍କ ସହ ଯୋଗାଯୋଗ ପରେ କ୍ଷତିପୂରଣ ରାଶି ମିଳିବା ନେଇ ସହମତି ହେବା ପରେ ସେବା ଆରମ୍ଭ କରିଥିଲୁ।

## ସ୍ୱାମୀଙ୍କ ଦୀର୍ଘାୟୁ କାମନା କଲେ ମହିଳା



ବ୍ରହ୍ମଗିରି,୨୬।୫(ସମିସ): ସ୍ୱାମୀଙ୍କ ଦୀର୍ଘାୟୁ କାମନା କରି ସାବିତ୍ରୀ ଅମାବାସ୍ୟାରେ ସ୍ତ୍ରୀମାନେ ଉପାସରେ ରହି ବ୍ରତ ପାଳନ କରିଛନ୍ତି। ସୋମବାର ସାବିତ୍ରୀ ବ୍ରତ ପାଇଁ ଅଲାରନାଥ ମନ୍ଦିରରେ ମହିଳାଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ଠାକୁରଙ୍କ ପୂଜା ପାଇଁ ନୂଆ ଶାଢ଼ି, ଶଙ୍ଖା, ସିନ୍ଦୂର, ଅଳତା, ନଡ଼ିଆ, ଖଜୁରୀ, ତାଳ, ଆମ୍ବ, ପଣସ, ଲିଚୁ ଆଦି ଭୋଗ ଲାଗି କରିଥିଲେ।

## ୧୦ ବର୍ଷ ପରେ ଅଭିଯୁକ୍ତ ଗିରଫ

ଡେଲାଙ୍ଗ,୨୬।୫(ସମିସ): ଦୀର୍ଘ ୧୦ ବର୍ଷ ପରେ ଡେଲାଙ୍ଗ ଥାନା ପୁଲିସ ଜଣେ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଘୋରଡିଆ ଗଙ୍ଗପୁର ପାଟଣା ଗ୍ରାମର କୃପାସିନ୍ଧୁ ବଳିୟାରସିଂହ(୪୨)। ୨୦୧୫ରେ ଡେଲାଙ୍ଗ ଥାନାରେ ତାଙ୍କ ନାମରେ ମାମଲା ରହିଥିବାବେଳେ ସେ ଦୀର୍ଘ ୧୦ ବର୍ଷ ଧରି ଏଣେତେଣେ ବୁଲିବା ସହିତ ପୁଲିସକୁ ଚକମା ଦେଉଥିଲେ। ସେ ଗାଁକୁ ଫେରିବା ଖବର ପାଇ ପୁଲିସ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଡେଲାଙ୍ଗ ଥାନା ଅଧିକାରୀ ଶ୍ୟାମଘନ ବାରିକ ସୂଚନା ଦେଇଛନ୍ତି।

## ବଡ଼ଦାଣ୍ଡରେ ଲଜ୍ଜା

## ନାବାଳିକାକୁ ଅସଦାଚରଣ କରି ଯୁବକ ଗିରଫ

ପୁରୀ,୨୬।୫(ସମିସ)

ବଡ଼ଦାଣ୍ଡରେ ଲଜ୍ଜା। ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସିଥିବା ଜଣେ ବଙ୍ଗୀୟ ନାବାଳିକାକୁ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ସମ୍ମୁଖରେ ଅସଦାଚରଣ କରାଯାଇଛି। ଏହି ଅଭାବନୀୟ ଘଟଣା ଘଟାଇଥିବା ଯୁବକଙ୍କୁ ନାବାଳିକାଙ୍କ ପରିବାର ଏବଂ ସ୍ଥାନୀୟ ଲୋକେ କାବୁ କରିବା ସହ ମାଡ଼ ମାରିଛନ୍ତି। ତେବେ ବଡ଼ଦାଣ୍ଡରେ କାର୍ଯ୍ୟରତ ଜଣେ ହୋମ୍‌ଗାର୍ଡ ସଙ୍ଗେ ସଙ୍ଗେ ସମ୍ପୃକ୍ତ ଯୁବକଙ୍କୁ କାବୁ କରିବା ସହ ସିଂହଦ୍ୱାର ଥାନାକୁ ନେଇଥିଲେ। ପୁଲିସ ତାକୁ ଅଟକ ରଖି ଘଟଣା ସମ୍ପର୍କରେ ପଚରାଉଚରା କରିଥିଲା। ତଦନ୍ତରୁ ସତ୍ୟତା ଜାଣିବା ପରେ ପୁଲିସ ନିଜେ ମାମଲା ରୁଜୁ କରି ଭୁବନେଶ୍ୱର ପଟିଆ ଅଞ୍ଚଳର ରଞ୍ଜିତ ସାମନ୍ତରାୟ (୩୭)ଙ୍କୁ ଗିରଫ କରିଛି।

ସୋମବାର ଥିଲା ପବିତ୍ର ସାବିତ୍ରୀ ଅମାବାସ୍ୟା। ଏଥିପାଇଁ ସକାଳୁ ବେଶ୍ ଚଳଚଞ୍ଚଳ ଥିଲା ବଡ଼ଦାଣ୍ଡ ଆଉ ଶ୍ରୀମନ୍ଦିର। ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ମହାପ୍ରଭୁଙ୍କ ଦର୍ଶନ କରିବାକୁ ଆସିଥିଲେ। ଏକ ବଙ୍ଗୀୟ ପରିବାର ପୁରୀକୁ ଛୁଟି କଟାଇବାକୁ ଆସି ସୋମବାର ଠାକୁରଙ୍କୁ ଦର୍ଶନ ପାଇଁ ଆସିଥିଲେ। ତାଙ୍କ ସହିତ ଜଣେ ନାବାଳିକା ଥିଲେ। ନାବାଳିକା ଜଣକ ଚାଲି ଚାଲି ଯାଉଥିବାବେଳେ ରଞ୍ଜିତ ତାଙ୍କ ସହିତ ଅସଦାଚରଣ କରିଥିଲେ। ନାବାଳିକା ପାଟି କରିବାରୁ ତାଙ୍କ ପରିବାର ସଦସ୍ୟ ଯୁବକଙ୍କୁ କାବୁ କରିଥିଲେ। ଅନ୍ୟମାନେ ମଧ୍ୟ ଏହାକୁ ବିରୋଧ କରିବା ସହ ଯୁବକଙ୍କୁ ମାଡ଼ ମାରିଥିଲେ।

ଏହି ସମୟରେ ସେଠାରେ କାର୍ଯ୍ୟରତ ଜଣେ ହୋମ୍‌ଗାର୍ଡ ରଞ୍ଜିତଙ୍କୁ ଧରି ଥାନାକୁ ନେଇଥିଲେ। ପୁଲିସ ଏକ ମାମଲା (ନଂ.୭୫/୨୫) ରୁଜୁ କରିବା ସହ ରଞ୍ଜିତଙ୍କୁ ଗିରଫ କରିଛି। ଯେହେତୁ ସମ୍ପୃକ୍ତ ବଙ୍ଗୀୟ ପରିବାର ପୁରୀ ବୁଲିବାକୁ ଆସିଥିଲେ ସେମାନେ ଅଭିଯୋଗ କରିନାହାନ୍ତି। ତେବେ ଘଟଣାର ତଦନ୍ତ ଜାରି ରହିଛି ବୋଲି ଥାନାଧିକାରୀ ଶ୍ୱେତପଦ୍ମା ଦାଶ କହିଛନ୍ତି।

## ପ୍ରତାପ ହତ୍ୟାକାଣ୍ଡ ଘଟଣାରେ ୩ ଗିରଫ, ୯ ଫେରାର୍

# ମଝିଆଁ ଭାଇ ଥିଲା ମାଷ୍ଟରମାଇଣ୍ଡ

କଣାସ,୨୬।୫(ସମିସ): ପୁରୀ ଜିଲ୍ଲା କଣାସ ବ୍ଲକ୍ ଗଡ଼ିଶାଗୋଦା ଥାନା ଅନ୍ତର୍ଗତ ସାହୁପଡ଼ା ପଞ୍ଚାୟତ ବନ୍ଧମୁଣ୍ଡା ଗ୍ରାମର ପ୍ରତାପ ସୁନ୍ଦରାୟ (୩୫)ଙ୍କୁ ଗତ ୧୨ ତାରିଖ ବିଳମ୍ବିତ ରାତିରେ ପୂର୍ବ ବିବାଦକୁ ନେଇ ବୀଭତ୍ସ ଭାବେ ହତ୍ୟା କରାଯାଇଥିବା ତାଙ୍କ ପତ୍ନୀ ଗଡ଼ିଶାଗୋଦା ଥାନାରେ ୧୩ ତାରିଖରେ ଅଭିଯୋଗ କରିଥିଲେ। ହତ୍ୟାକାଣ୍ଡରେ ସଂଶ୍ଳିଷ୍ଟ ଥିବା ୧୨ ଅଭିଯୁକ୍ତଙ୍କ ମଧ୍ୟରୁ ଗଡ଼ିଶାଗୋଦା ଥାନା ଅଧିକାରୀ ସୁଧୀର କୁମାର ଦାସ ୩ ଜଣଙ୍କୁ ଗିରଫ କରିଥିବାବେଳେ ୯ ଜଣ ଫେରାର୍ ଅଛନ୍ତି। ତେବେ ହତ୍ୟାକାଣ୍ଡର ମାଷ୍ଟରମାଇଣ୍ଡ ଥିଲା ପ୍ରତାପଙ୍କ ମଝିଆଁ ଭାଇ ପ୍ରଦୀପ ସୁନ୍ଦରାୟ। ପୁଲିସ ସୋମବାର ପ୍ରଦୀପକୁ ଘଟଣାସ୍ଥଳକୁ ନେଇ ତଦନ୍ତ କରିବା ସହ ମୃତ ପ୍ରତାପଙ୍କ ବାଇକ୍ ଓ ହତ୍ୟାକାଣ୍ଡରେ ବ୍ୟବହୃତ ଦୁଇଟି ଖଣ୍ଡା ଏବଂ ଭୁଜାଲି ଜବତ କରିଛି। ପ୍ରଦୀପ ହତ୍ୟାକାଣ୍ଡର ଡେମୋ ଦେଖାଉଥିବା ସମୟରେ ପ୍ରବଳ ଜନଗହଳି ହୋଇଥିଲା। ପ୍ରକାଶ ଥାଉକି, ଗତ ୧୨ ତାରିଖ ବିଳମ୍ବିତ ରାତିରେ ପ୍ରତାପ ଘରକୁ ଫେରୁଥିଲେ। ଗ୍ରାମକୁ ଦୁଇଟି ରାସ୍ତା ଥିବାରୁ ଯୋଜନା ମୁତାବକ ପ୍ରତାପଙ୍କ ଭାଇ ପ୍ରଦୀପଙ୍କ ସମେତ ଗୋଟିଏ ରାସ୍ତାରେ ୮ ଜଣ ଓ ଅନ୍ୟ ରାସ୍ତାରେ ୪ ଜଣ ଜଗି ରହିଥିଲେ। ୪ ଜଣ ଜଗିରହିଥିବା ରାସ୍ତାରେ ପ୍ରତାପ ଫେରୁଥିଲେ। ମଝିଆଁ ଭାଇ ପ୍ରଦୀପ ସେହି ୪ ଜଣଙ୍କ ମଧ୍ୟରେ ରହିଥିବାରୁ ପୁଲିସ ତାକୁ ଗିରଫ କରି ସୋମବାର ଡେମୋ ଦେଖାଇଥିଲେ।

### ପୁଲିସକୁ ହତ୍ୟାକାଣ୍ଡର ଡେମୋ ଦେଖାଇଲେ



### କୋମାରେ ରାଜ୍ୟର ପୁରାତନ ଝୋଟ ଗବେଷଣା କେନ୍ଦ୍ର

# ପ୍ରୋତ୍ସାହନ ଅଭାବରୁ ନଳିତା ଚାଷରୁ ମୁହଁ ଫେରାଉଛନ୍ତି ଚାଷୀ








କେନ୍ଦ୍ରାପଡ଼ା,୨୬।୫(ସମିସ):

ପଲିଥିନର ବହୁଳ ବ୍ୟବହାର ଯୋଗୁଁ ପରିବେଶ ଦୂଷିତ ହେଉଛି। ପରିବେଶ ପ୍ରଦୂଷଣ ରୋକିବାକୁ ପଲିଥିନ୍ ବ୍ୟବହାର ବନ୍ଦ କରିବାକୁ ହେବ। ସମସ୍ତେ ଝୋଟ ଭଳି ତନ୍ତୁରେ ପ୍ରସ୍ତୁତ ସାମଗ୍ରୀ ବ୍ୟବହାର କଲେ, ଏହା କିଛି ମାତ୍ରାରେ ସଫଳ ହେବ ବୋଲି ମତ ପ୍ରକାଶ ପାଉଛି। ସରକାରୀ ସ୍ତରରେ ଏଭଳି କିଛି ଚିନ୍ତା କରାଯାଉଥିବାବେଳେ ବାସ୍ତବରେ ନଳିତା ଚାଷ ବୁଡ଼ିବାକୁ ବସିଲାଣି। କେନ୍ଦ୍ରାପଡ଼ାର ଝୋଟ ଗବେଷଣା କେନ୍ଦ୍ର କୋମାରେ ପଡ଼ିଛି। ପ୍ରୋତ୍ସାହନ ଅଭାବରୁ ଗବେଷଣା କେନ୍ଦ୍ର ଏବେ ଜରାଜୀର୍ଣ୍ଣ ଅବସ୍ଥାରେ। ଫଳରେ ଚାଷୀ ନଳିତା ଚାଷରୁ ମୁହଁ ଫେରାଉଛନ୍ତି। ତେଣୁ କେନ୍ଦ୍ରର ପୁନରୁଦ୍ଧାର କରାଯିବା ସହ ନଳିତା ଚାଷୀଙ୍କୁ ପ୍ରୋତ୍ସାହିତ କରିବାକୁ ଦାବି ହେଉଛି।

ସୂଚନା ମୁତାବକ, ରାଜ୍ୟରେ ୮ଟି ଝୋଟ ଗବେଷଣା କେନ୍ଦ୍ର ଥିବାବେଳେ କେନ୍ଦ୍ରାପଡ଼ା ଜିଲ୍ଲା ଜଜାଙ୍ଗଠାରେ ରାଜ୍ୟର ସର୍ବପୁରାତନ ଝୋଟ ଗବେଷଣା କେନ୍ଦ୍ର ରହିଛି। ଜିଲ୍ଲାରେ ବହୁଳ ମାତ୍ରାରେ ନଳିତା ଚାଷ ହେଉଥିବାରୁ ଚାଷୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ୧୯୭୨ରେ ଏହି ଗବେଷଣା କେନ୍ଦ୍ର ସ୍ଥାପନ କରାଯାଇଥିଲା। ୪୬ ଏକର ଜାଗାକୁ ନେଇ ନିର୍ମାଣ ହୋଇଥିବା ଏହି ଗବେଷଣା କେନ୍ଦ୍ର ନିକଟରେ ବର୍ତ୍ତମାନ ମାତ୍ର ୧୭ ଏକର ଜାଗା ରହିଛି। ଅବଶିଷ୍ଟ ୨୯ ଏକର ଜାଗାରେ ନିର୍ମାଣ ହୋଇଛି ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ଓ ବିହନ ବିଶୋଧନ କେନ୍ଦ୍ର। ଫଳରେ ଝୋଟ ଗବେଷଣା କେନ୍ଦ୍ର ଏବେ ସମ୍ପୂର୍ଣ୍ଣ ଭାବେ ସଙ୍କୁଚିତ ହୋଇପଡ଼ିଛି। କର୍ମଚାରୀଙ୍କ ସଂଖ୍ୟା କହିଲେ ଦୁଇ ବୈଜ୍ଞାନିକଙ୍କୁ ମିଶାଇ ମାତ୍ର ୪ ଜଣ ଅଛନ୍ତି।

ପୂର୍ବରୁ ଜିଲ୍ଲାରେ ସର୍ବାଧିକ ଝୋଟ ଅମଳ ହେଉଥିବାରୁ ଝୋଟ ଗବେଷଣା କେନ୍ଦ୍ର ସ୍ଥାପନ କରାଯାଇଥିଲା। ଏବେ କିନ୍ତୁ ଝୋଟ ଚାଷ କେବଳ ନାମକୁ ମାତ୍ର କହିଲେ ଅତ୍ୟୁକ୍ତି ହେବ ନାହିଁ। ଅର୍ଥକରୀ ଫସଲ ଭାବେ ନଳିତା ଅତ୍ୟନ୍ତ ଲାଭଦାୟକ ହୋଇଥିବା ସତ୍ତ୍ୱେ ଚାଷୀଙ୍କୁ ସଠିକ ସମୟରେ ବିହନ ମିଳୁନି କି ବିକ୍ରିର ବନ୍ଦୋବସ୍ତ ନାହିଁ। ଧାନ, ମୁଗ ଶସ୍ୟ ଭଳି ଏହି ଝୋଟ ପାଇଁ ସରକାରୀ ମଣ୍ଡି ବ୍ୟବସ୍ଥା ନାହିଁ। ଯେଉଁଥି ପାଇଁ ଝୋଟ ଅମଳ ହେଲେ ପଡ଼ୋଶୀ ରାଜ୍ୟ ପଶ୍ଚିମବଙ୍ଗ ହିଁ ଭରସା। ଏଣୁ ଏହି ଫସଲରୁ ଏବେ ମୁହଁ ଫେରାଉଛନ୍ତି ଚାଷୀ। ୧ ହେକ୍ଟରରେ ୨୮ କ୍ୱିଣ୍ଟାଲ ପର୍ଯ୍ୟନ୍ତ ଅମଳ ହୁଏ ଝୋଟ। ସରକାରୀ ମୂଲ୍ୟ ଅନୁସାରେ କ୍ୱିଣ୍ଟାଲ ପ୍ରତି ୫୬୬୦ ଟଙ୍କା ଥିବାବେଳେ ଏହା ଧାନଠାରୁ ବହୁତ ଗୁଣରେ ଅଧିକ ଅର୍ଥ ଯୋଗାଇଥାଏ। କିନ୍ତୁ ଏଥିପ୍ରତି ସରକାରୀ ପ୍ରୋତ୍ସାହନ କିଛି ନ ଥିବା ଅଭିଯୋଗ ହୋଇଛି। ଏଣୁ ଜିଲ୍ଲାରେ ଚାଷ ଓ ଗବେଷଣା କେନ୍ଦ୍ର ବର୍ତ୍ତମାନ କୋମାରେ ପଡ଼ିଛି ବୋଲି ମତ ପ୍ରକାଶ ପାଇଛି। ସରକାର ପ୍ରକୃତରେ ଯଦି ପଲିଥିନ୍ ମୁକ୍ତ ପରିବେଶ ଚାହୁଁଛନ୍ତି, ତେବେ ଏହି ଚାଷ ପାଇଁ ସରକାରୀ ପ୍ରୋତ୍ସାହନ ଓ ଏହାର ଗବେଷଣା କେନ୍ଦ୍ରର ଉନ୍ନତି କରିବାର ନିହାତି ଆବଶ୍ୟକତା ରହିଛି ବୋଲି ଚାଷୀ ମତବ୍ୟକ୍ତ କରିଛନ୍ତି। ଯଦ୍ୱାରା କେବଳ ପରିବେଶ ପ୍ରଦୂଷଣ ମୁକ୍ତ ରହିବ ତାହା ନୁହେଁ, ଚାଷୀକୁଳ ମଧ ବେଶ ଲାଭବାନ ହୋଇପାରିବ ବୋଲି ମତ ପ୍ରକାଶ ପାଇଛି।

## କୃତୀ ଛାତ୍ରୀ ଦେବସ୍ମିତାଙ୍କୁ ସମ୍ବର୍ଦ୍ଧନା



କେନ୍ଦ୍ରାପଡ଼ା,୨୬।୫(ସମିସ): କେନ୍ଦ୍ରାପଡ଼ା ଜିଲ୍ଲାର ତୁଳସୀ ମହିଳା ମହାବିଦ୍ୟାଳୟ ସବୁବେଳେ କୃତୀ ଛାତ୍ରଛାତ୍ରୀ ସୃଷ୍ଟି କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି। ଚଳିତ ବର୍ଷ ସ୍ନାତକ ଇତିହାସ ବିଭାଗରେ ଶ୍ରେଷ୍ଠ ସ୍ଥାନ ଅଧିକାର କରିଛନ୍ତି ଦେବସ୍ମିତା ପ୍ରିୟଦର୍ଶିନୀ ବାରିକ। ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ମାର୍ଶାଘାଇ ବ୍ଲକ୍ ଅଧୀନସ୍ଥ ଅରିମୂଳ ଗ୍ରାମର ଦୁଷ୍ମନ୍ତ ବାରିକ ଓ ମିନତୀ ବେହେରାଙ୍କ ଜ୍ୟେଷ୍ଠ କନ୍ୟା ଦେବସ୍ମିତା ତାଙ୍କ ସଫଳତାର ଶ୍ରେୟ ଗୁରୁ ପବିତ୍ର ଷଡ଼ଙ୍ଗୀ ଓ ପିତାମାତାଙ୍କୁ ଦେଇଛନ୍ତି। ଏହି ସଫଳତା ପରେ ଶ୍ରୀଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟର କର୍ମକର୍ତ୍ତା ଦେବସ୍ମିତଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ତାଙ୍କୁ ଗୁରୁଶିଷ୍ୟ ପରମ୍ପରାର ଫଟୋଚିତ୍ର, ଉତ୍ତରୀୟ ଓ ମିଷ୍ଟାନ୍ନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଆସନ୍ତା ସମୟରେ ଦେବସ୍ମିତା ପ୍ରଶାସନିକ କ୍ଷେତ୍ରରେ କାର୍ଯ୍ୟ କରିବା ନିମନ୍ତେ ଲକ୍ଷ୍ୟ ରଖିଛନ୍ତି। ଏହି କାର୍ଯ୍ୟକ୍ରମରେ ଟ୍ରଷ୍ଟର ସଭାପତି ଦମନ କୁମାର ମହାନ୍ତି, ସମ୍ପାଦକ ରାଜେଶ କୁମାର ବାରିକ, ସହକାରୀ ଶିକ୍ଷକ ପବିତ୍ର କୁମାର ଷଡ଼ଙ୍ଗୀ, ସାମ୍ବାଦିକ କୁଳମଣି ଲେଙ୍କା, ଟ୍ରଷ୍ଟର ବୟସ୍କ ସଦସ୍ୟ ଉତ୍ପଳ ଚାଟାର୍ଜୀ ଓ ପରିବାର ସଦସ୍ୟ ଉପସ୍ଥିତ ଥିଲେ।

## ୭ ୱାରେଣ୍ଟିଙ୍କୁ ଗିରଫ କଲା ଗ୍ରାମାଞ୍ଚଳ ଥାନା ପୁଲିସ



ପଟ୍ଟାମୁଣ୍ଡାଇ,୨୬।୫(ସମିସ): ବିଭିନ୍ନ ମାମଲାରେ ଜଡ଼ିତ ଥାଇ ଦୀର୍ଘଦିନ ଧରି ପୁଲିସ ଆଖିରେ ଧୂଳି ଦେଇ ଫେରାର ଥିବା ୭ ଜଣ ୱାରେଣ୍ଟିଙ୍କୁ ଗିରଫ କରିଛି ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ପୁଲିସ। ଦୀର୍ଘଦିନ ଧରି ଫେରାର ଥିବା ୱାରେଣ୍ଟି ଆସାମୀଙ୍କୁ ପୁଲିସ ଗିରଫ କରିବାରେ ବିଫଳ ହୋଇଥିଲା। ଏବେ ଏହି ୱାରେଣ୍ଟିମାନଙ୍କୁ ଗିରଫ କରିବାରେ ଗ୍ରାମାଞ୍ଚଳ ଥାନା ପୁଲିସ ସଫଳ ହୋଇଛି। ଗ୍ରାମାଞ୍ଚଳ ଥାନା ଆଇଆଇସି ଧୀରଜ ଲେଙ୍କାଙ୍କ ନେତୃତ୍ୱରେ ଗଠିତ ସ୍ୱତନ୍ତ୍ର ସ୍କ୍ୱାର୍ଡ ବିଭିନ୍ନ ସ୍ଥାନରେ ଚଢ଼ଉ କରି ଦୀର୍ଘଦିନ ଧରି ଫେରାର ଥିବା ୭ ୱାରେଣ୍ଟଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।

## ଧର୍ମପ୍ରାଣ ମହିଳାଙ୍କ ପରଲୋକ



ପଞ୍ଚୁପାଣ୍ଡବ,୨୬।୫(ସମିସ): ଡେରାବିଶ ବ୍ଲକ ବେଣୀପୁର ପଞ୍ଚାୟତ ଅନ୍ତର୍ଗତ ସଦାନନ୍ଦପୁର ଗ୍ରାମର ସ୍ୱର୍ଗତ ଶ୍ରୀଧର ସାହୁଙ୍କ ଧର୍ମପତ୍ନୀ ଶ୍ରୀମତୀ ସାହୁ (୯୦)ଙ୍କ ପରଲୋକ ହୋଇଯାଇଛି। ତାଙ୍କର ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ଶ୍ରୀମତୀ ସାହୁ କିଛିଦିନ ଧରି ଅସୁସ୍ଥ ଥିଲେ। ଆଜି ଭୁବନେଶ୍ୱରସ୍ଥ ଖଣ୍ଡଗିରିରେ ଥିବା ବାସଭବନରେ ଦିନ ପ୍ରାୟ ସାଢେ ୧୨ଟା ସମୟରେ ହଠାତ୍ ତାଙ୍କର ମୃତ୍ୟୁ ହୋଇଥିଲା। ପରିବାର ଲୋକେ ତାଙ୍କ ମରଶରୀରକୁ ଆଣି ନିଜଘର ସଦାନନ୍ଦପୁର ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରିଥିଲେ। ସାନପୁଅ ଦୈତାରୀ ସାହୁ ମୁଖାଗ୍ନି ଦେଇଥିବାବେଳେ ବଡ଼ପୁଅ ଅର୍ଜୁନ ସାହୁ, ବୋହୂ ଓ ନାତିନାତୁଣୀ ଉପସ୍ଥିତ ଥିଲେ।

### ■ ପୁରାତନ କେନାଲର ହେଉନି ନବୀକରଣ

## ଉତିକଣ ଅଞ୍ଚଳର ଚାଷୀଙ୍କ ମଧ୍ୟରେ ଅସନ୍ତୋଷ

ପଟ୍ଟାମୁଣ୍ଡାଇ, ୨୬।୫(ସମିସ): ପୁରାତନ କେନାଲ ସିଷ୍ଟମକୁ ନବୀକରଣ କରାଯାଉ ନ ଥିବାରୁ ଚାଷୀଙ୍କ ସର୍ବନାଶର କାରଣ ହେଉଛି। କେତେବେଳେ କେନାଲର ଶେଷମୁଣ୍ଡ ଯାଏ ପାଣି ନ ଯିବା କାରଣରୁ ହଜାର ହଜାର ଏକର ଚାଷଜମି ମରୁଡି କବଳିତ ହେଉଛି ତ ପୁଣି କେତେବେଳେ ପାଟନାଳୀ ପୋତି ହେବା କାରଣରୁ ଉଦବୃତ୍ତ ବର୍ଷା ପାଣି ନିଷ୍କାସନ ହୋଇ ନ ପାରି ଫସଲ ଧୋଇ ଯାଇ ଚାଷୀଙ୍କ ସର୍ବନାଶ ଘଟାଉଛି। କେନ୍ଦ୍ରାପଡ଼ା ଜିଲ୍ଲାର ଭାତହାଣ୍ଡି କୁହାଯାଉଥିବା ଉତିକଣ ଭେଡା ଅଞ୍ଚଳର ୯୦ ମୌଜାର ୭୦ ହଜାର ଲୋକଙ୍କ ମଧ୍ୟରୁ ୮୦ ପ୍ରତିଶତ ଲୋକ ଚାଷୀ ଶ୍ରେଣୀର। ସେମାନେ ଚାଷ କଲେ ବର୍ଷକର ଦାନା ମିଳିଥାଏ। ପ୍ରାକୃତିକ ବିପର୍ଯ୍ୟୟ ଏ ଅଞ୍ଚଳର ଚାଷୀଙ୍କ ଆର୍ଥିକ ମେରୁଦଣ୍ଡ ଦୋହଲାଇ ଦେଉଛି। କେତେବେଳେ ବାତ୍ୟା ତ କେତେବେଳେ ପୁରାତନ କେନାଲ ସିଷ୍ଟମରେ ହେଡରୁ ଟେଲ ପର୍ଯ୍ୟନ୍ତ ପାଣି ନ ପହଞ୍ଚିବା କାରଣରୁ ବିଲରେ ଧାନ ଫସଲ ଉଜୁଡିଯିବା ଦେଖିବାକୁ ମିଳିଥାଏ। ପୁଣି କେତେବେଳେ ମୌସୁମୀର ଅନିୟମିତତା କାରଣରୁ ଶ୍ରାବଣ ମାସରେ ମୁଣ୍ଡଫଟା ଖରା ଚାଷୀଙ୍କ ମନ ଭାଙ୍ଗିଦିଏ। ପାଣି ବିନା ଚାଷ ବିଲ ଫାଟି ଆଁ କରୁଥିବା ଦୃଶ୍ୟ ଦେଖାଯାଏ। ସେତେବେଳେ ଚାଷୀର ମୁଣ୍ଡ ଉପରେ ପ୍ରଚଣ୍ଡ ଖରା, ଧରାରେ ବିଲ ଫାଟି ମୁକୁଳା ଦେଖି ଚାଷୀଙ୍କ ହୋସ ଉଡିଯାଏ। ବର୍ଷକର ଭାତହାଣ୍ଡି ଆଖି ସାମ୍ନାରେ ନଷ୍ଟ ହୋଇଯାଉଥିବା ହୃଦୟଥରା ଦୃଶ୍ୟ ସେମାନଙ୍କ ମନୋବଳ ଭାଙ୍ଗିଦିଏ। ପଟ୍ଟାମୁଣ୍ଡାଇ ବ୍ଲକ୍ ଅନ୍ତର୍ଗତ ୧୧ଟି ପଞ୍ଚାୟତ ସଂସାରଫଳ, ଖଣତା, ଓଉପଦା, ଶାସନ, ଚନ୍ଦନନଗର, ବିଲିକଣା, ଦୋଷିଆ, ଖଡିଅଣ୍ଟା, ଗଙ୍ଗାରାମପୁର, ସାନଜରିଆ, ଅରଡପଲ୍ଲୀ, ବଡମୋହନପୁର, ବଡପଡା, ଦେଉଳିପୁର ପ୍ରଭୃତି ଅଞ୍ଚଳରେ ହଜାର ହଜାର ହେକ୍ଟର ଚାଷଜମିରେ ଚାଷକାର୍ଯ୍ୟ ବର୍ଷା ଅଭାବରୁ ଠପ ହୋଇଯାଏ। ଏହି ଅଞ୍ଚଳର କେତେକ ସ୍ଥାନରେ ଜଳସେଚନର ଭିତ୍ତିଭୂମି ଥିଲେ ମଧ୍ୟ କେନାଲରେ ପାଣି ଆସେନାହିଁ। ୬୦ ଦଶକରେ ମରୁଡି ଓ ପ୍ରାକୃତିକ ବିପର୍ଯ୍ୟୟକୁ ଆଖି ଆଗରେ ରଖି ସେତେବେଳର ଜଳ ସମ୍ପଦ ମନ୍ତ୍ରୀ ଶୈଳେନ୍ଦ୍ର ନାରାୟଣ ସିଂହଦେଓ କେନାଲ ଖନନ କରିବା ବ୍ୟବସ୍ଥା ଆରମ୍ଭ କରିଥିଲେ। ପରେ ପୂର୍ବତନ ଜଳ ସମ୍ପଦ ମନ୍ତ୍ରୀ ସ୍ୱର୍ଗତଃ ପ୍ରହଲ୍ଲାଦ ମଲିକ ଏହାକୁ ତ୍ୱରାନ୍ୱିତ କରିଥିଲେ। ଏବେ ସେସବୁ କେନାଲ ପୋତି ହୋଇଯାଇଛି। ପ୍ରତିବର୍ଷ ଜଳସମ୍ପଦ ବିଭାଗ ପକ୍ଷରୁ କେନାଲ ସଫେଇ ନାଁରେ ଲକ୍ଷ ଲକ୍ଷ ଟଙ୍କା ଆତ୍ମସାତ ହୋଇଥାଏ। ଯେଉଁ ମହତ ଉଦ୍ଦେଶ୍ୟ ରଖି ସେତେବେଳେ କେନାଲ ଖୋଳାଯାଇଥିଲା, ତାର ପୁନରୁଦ୍ଧାର କରାଗଲେ ଓ କେନାଲରେ ପାଣି ଯୋଗାଣ ବ୍ୟବସ୍ଥାକୁ ସୁଗମ କରାଗଲେ ଉତିକଣ ଅଞ୍ଚଳର ଚାଷୀ ଚାଷକାମ ସହଜରେ କରିପାରନ୍ତେ। ଆଉ ଅଳ୍ପଦିନ ପରେ ଖରିଫ ଋତୁ ଧାନ ଫସଲ ଚାଷ ଆରମ୍ଭ ହେବ। ଏପରି ସ୍ଥଳେ ସୁରୁଖୁରୁରେ ଚାଷ କାର୍ଯ୍ୟ ହେବା ନେଇ ଆଶଙ୍କା ଦେଖାଦେଇଛି। ଅନ୍ୟପକ୍ଷରେ ପଟ୍ଟାମୁଣ୍ଡାଇ କେନାଲ ପାଖ ପାୱାର୍ ବନ୍ଧ ଉପରେ ନୂତନ ବାଇପାସ ରାସ୍ତା ନିର୍ମାଣ କରାଯାଉଥିବାବେଳେ ଠିକାଦାର କେନାଲ ମଧ୍ୟକୁ ୧୦-୧୨ ଫୁଟ ପୋତି ପକାଉଥିବାରୁ ଏହାର ଜଳଧାରଣ କ୍ଷମତା ହ୍ରାସ ପାଇବାର ଆଶଙ୍କା ସୃଷ୍ଟି ହୋଇଛି। ପୁରୁଣା କେନାଲ ସିଷ୍ଟମକୁ ନବୀକରଣ କରାଯିବାକୁ ଉତିକଣ ଅଞ୍ଚଳର ଚାଷୀ ସରକାରଙ୍କ ନିକଟରେ ଦାବି କରିଛନ୍ତି।

## ଭଜନ ସମ୍ରାଟ ଭିକାରୀ ବଳଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ



କେନ୍ଦ୍ରାପଡ଼ା,୨୬।୫(ସମିସ): ଭଜନ ସମ୍ରାଟ ଭିକାରୀ ବଳଙ୍କ ଏକ ଆବକ୍ଷ ପ୍ରତିମୂର୍ତ୍ତି ଗାଙ୍ଗପଡ଼ାର ଗୋଗୁଆ ଛକଠାରେ ତାଙ୍କ ୯୬ତମ ଜୟନ୍ତୀରେ ଭଜନ ସମ୍ରାଟ ଭିକାରୀ ବଳ ସ୍ମୃତି ପରିଷଦ ପକ୍ଷରୁ ଉନ୍ମୋଚନ କରାଯାଇଛି। କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା ଏହି ପ୍ରତିମୂର୍ତ୍ତି ଅନାବରଣ କରିଛନ୍ତି। ଏଥିସହ ଗୋଗୁଆ ଡାକବଙ୍ଗଳା ପରିସରରେ ଜୟନ୍ତୀ ଉତ୍ସବ ବିଧାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିଲା। ଶ୍ରୀ ବେହେରା ସୁନାମଧନ୍ୟ କଣ୍ଠଶିଳ୍ପୀ ଭିକାରୀ ବଳଙ୍କୁ କେନ୍ଦ୍ରାପଡ଼ା ତଥା ଓଡ଼ିଶାର ବରପୁତ୍ର ଭାବେ ବର୍ଣ୍ଣନା କରି ତାଙ୍କ ଜୟନ୍ତୀ ପାଳନ କରିବା ସମସ୍ତ କେନ୍ଦ୍ରାପଡଡ଼ବାସୀଙ୍କ କର୍ତ୍ତବ୍ୟ ବୋଲି ମତବ୍ୟକ୍ତ କରିଥିଲେ। ଏହି ଜୟନ୍ତୀ ଅବସରରେ ସଙ୍ଗୀତକାର ସୁଶାନ୍ତ ପାଣି, ପୂର୍ବତନ ସରପଞ୍ଚ ଅଜିତ ମହାପାତ୍ର, ବ୍ଲକ ବିଜେଡି ସଭାପତି ଆଲୋକ ସାହୁ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ଭିକାରୀ ବଳଙ୍କ ଭଜନ ପରିବେଷଣ କରାଯାଇଥିଲା।

ସ୍ଥାନୀୟ ସରପଞ୍ଚ ଅଶ୍ୱିନୀ ପାତ୍ର କାର୍ଯ୍ୟକ୍ରମର ଆବାହକ ଭାବେ ଦାୟିତ୍ୱ ନିର୍ବାହ କରିବା ସହ ପ୍ରତିମୂର୍ତ୍ତି ପ୍ରତିଷ୍ଠା ହୋଇଥିବାରୁ ସନ୍ତୋଷ ପ୍ରକାଶ କରିଥିଲେ। ଏଥିନିମନ୍ତେ ସ୍ମୃତି ପରିଷଦ ବିଶେଷ କରି ସ୍ଥାନୀୟ ବିଧାୟକଙ୍କୁ ଅଶେଷ ଧନ୍ୟବାଦ ଅର୍ପଣ କରିଥିଲେ। ପୂର୍ବତନ ବ୍ଲକ ଅଧକ୍ଷ ଦୁର୍ଗାଶିଷ ମହାନ୍ତି, ବରିଷ୍ଠ ସାମ୍ବାଦିକ ଚିତ୍ତରଞ୍ଜନ ମଲିକ, ପୂର୍ବତନ ସରପଞ୍ଚ ନାରାୟଣ ଚନ୍ଦ୍ର ପରିଡା, ଅବସରପ୍ରାପ୍ତ ସଂସ୍କୃତ ଅଧ୍ୟାପକ କିଶୋର ମିଶ୍ର, ପୂର୍ବତନ ସରପଞ୍ଚ ଦିଲ୍ଲୀପ ରାଉତ, ପଞ୍ଚାୟତ ବିଜେଡି ସଭାପତି ଚନ୍ଦ୍ରକାନ୍ତ ରାଉତ, ପୂର୍ବତନ ସରପଞ୍ଚ କୁଳମଣି ମଲିକ ଓ ଭାବଗ୍ରାହୀ କଳାନିକେତନର ପ୍ରତିଷ୍ଠାତା ତଥା ସଙ୍ଗୀତ ନିର୍ଦ୍ଦେଶକ ବିମଳ ଚରଣ ପରିଡା ଭଜନ ସମ୍ରାଟଙ୍କ ସ୍ମୃତିଚାରଣ କରିବା ସହ ପୂଜ୍ୟପୂଜାର ଏହି ଅଭିଯାନ ଆଗକୁ ଚାଲିବା ଉଚିତ୍ ବୋଲି ମତ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଭିରାମ ସେଠୀ, ପାୟଲ ମ୍ୟୁଜିକ୍‌ର ପ୍ରତିଷ୍ଠାତା ଦିଲ୍ଲୀପ ସାମଲ, ସମ୍ବିତ ଶ୍ରୀଚନ୍ଦନ, ପୂର୍ବତନ ସରପଞ୍ଚ ପ୍ରଶାନ୍ତ ବିଶ୍ୱାଳ, ବିଶ୍ୱଜିତ ମହାନ୍ତି, ଅଙ୍କୁର ଚରଣ ଦାସ, ଗୌରାଙ୍ଗ ପାତ୍ର, ମୋସିମ୍ ଖାଁ, ଏକ୍ରାମ୍ ଖାଁ, ଚନ୍ଦନ ଦାଶ, କିଶୋର ଚନ୍ଦ୍ର ନାଥ, ପାର୍ଥସାରଥି ଦାସ, ନିରଞ୍ଜନ ମଲିକ, ପୂର୍ବତନ ସରପଞ୍ଚ କ୍ଷମାନିଧି ସାମଲ, ମହମ୍ମଦ ଇଶାକ୍, ତପନ ଦାସ, ହଳଧର ସାହୁ, ଶରତ ବଳ, ଧନଞ୍ଜୟ ମହାନ୍ତି, ତ୍ରିଲୋଚନ ପାତ୍ର, ନିର୍ମଳ ସାହୁ, ଲକ୍ଷ୍ମୀଧର ପଲାଇ, ସତ୍ୟନାରାୟଣ ସ୍ୱାଇଁ, ନୃସିଂହ ନାୟକ, ବିଭୁପ୍ରସାଦ ଦାସ, ସରୋଜକାନ୍ତ ମଲିକ, ଅଭିମନ୍ୟୁ ରାଉତ, ଜଗବନ୍ଧୁ ପାତ୍ର, ମୋହନ ଚରଣ ମଲିକ, ଜ୍ୟୋତି ପ୍ରସାଦ ରାଉଳ, ଗୌତମ ମଲିକ ଓ ଯୁବ ସାମ୍ବାଦିକ ଅସିତ୍ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧା ନିବେଦନ କରିଥିଲେ।

## ସାବିତ୍ରୀ ବ୍ରତ ପାଇଁ ହରପାର୍ବତୀ ଓ ବିଭିନ୍ନ ମନ୍ଦିରରେ ଭିଡ଼



ପଟ୍ଟାମୁଣ୍ଡାଇ,୨୬।୫(ସମିସ): ଓଡ଼ିଆ ପରମ୍ପରାରେ ବାରମାସରେ ତେରପର୍ବ ମଧ୍ୟରେ ସାବିତ୍ରୀ ବ୍ରତ ଅନ୍ୟତମ। ସଧବା ନାରୀ ସ୍ୱାମୀଙ୍କ ଦୀର୍ଘଜୀବନ କାମନା କରି ଏହି ବ୍ରତ କରିଥା'ନ୍ତି। ସାବିତ୍ରୀ ନିଜ ମୃତ ସ୍ୱାମୀ ସତ୍ୟବାନଙ୍କୁ ଯମଙ୍କଠାରୁ ଛଡାଇ ଆଣିବା ସହିତ ଦୀର୍ଘ ଜୀବନ ପାଇଁ ବରପ୍ରାପ୍ତ ହୋଇଥିଲେ। ଏହି ପରମ୍ପରାକୁ ବଜାୟ ରଖିବା ପାଇଁ କାହିଁ କେଉ ସ୍ମରଣାତୀତ କାଳରୁ ଏହି ବ୍ରତ ପାଳନ କରାଯାଇଆସୁଛି। ଆଜି ସାବିତ୍ରୀ ବ୍ରତ ପଟ୍ଟାମୁଣ୍ଡାଇର ପୁରପଲ୍ଲୀରେ ପାଳିତ ହୋଇଯାଇଛି। ପଟ୍ଟାମୁଣ୍ଡାଇ ସହରର ପ୍ରମୁଖ ଶୈବ ପୀଠ ପୋଖରୀଆପଡ଼ା ହରପାର୍ବତୀ ମନ୍ଦିରରେ ସାବିତ୍ରୀ ବ୍ରତ ଉତ୍ସବ ପାଳିତ ହୋଇଯାଇଛି। ମନ୍ଦିର ମୁଖ୍ୟ ପୂଜକ କାଉନସିଲର ମୃତ୍ୟୁଞ୍ଜୟ ପାଢ଼ୀଙ୍କ ନେତୃତ୍ୱରେ ପୂଜକ ପ୍ରଭୁ ହରପାର୍ବତୀ ଓ ବିଭିନ୍ନ ଦେବାଦେବୀଙ୍କ ଯଥାବିଧି ପୂଜାର୍ଚ୍ଚନା ପରେ ସକାଳ ୭ଟାରୁ ବ୍ରତଧାରୀ ମହିଳାଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ପ୍ରଭୁଙ୍କ ନିକଟରେ ପୂଜାର୍ଚ୍ଚନା କରି ସ୍ୱାମୀ ଦୀର୍ଘଜୀବନ କାମନା କରିବା ପାଇଁ ବ୍ରତଧାରୀ ମହିଳାଙ୍କ ନାହିଁ ନ ଥିବା ଭିଡ଼ ଦେଖିବାକୁ ମିଳିଥିଲା। ଏ ଅବସରରେ ପଟ୍ଟାମୁଣ୍ଡାଇ ଅଞ୍ଚଳର ବହୁ ପ୍ରତିଷ୍ଠିତ ବ୍ୟକ୍ତି, ରାଜନେତା ଓ ପ୍ରଶାସନିକ ଅଧିକାରୀ ସସ୍ତ୍ରୀକ ମନ୍ଦିରକୁ ଯାଇ ପୂଜା କରିଥିଲେ। ସେହିପରି ଉତିକଣ ଅଞ୍ଚଳର ପ୍ରସିଦ୍ଧ ଶୈବ ପୀଠ ପ୍ରଭୁ ଚନ୍ଦ୍ରମଉଳିଙ୍କ ନିକଟରେ ମଧ୍ୟ ବ୍ରତଧାରୀ ମହିଳାଙ୍କ ଅସମ୍ଭବ ଭିଡ଼ ଦେଖିବାକୁ ମିଳିଥିଲା। ଏଥିସହ ପଟ୍ଟାମୁଣ୍ଡାଇ ସହରସ୍ଥ ଶ୍ରୀରାମ ମନ୍ଦିର, ରାଧାରମଣ ମଠ, ପୋଖରୀଆପଡା ପତିତପାବନ ମନ୍ଦିର, କଷଣଅଣ୍ଟା ଲକ୍ଷେଶ୍ୱର ମହାଦେବ ମନ୍ଦିର, ଅଠରବାଟିଆ ଜଗନ୍ନାଥ ମନ୍ଦିରରେ ବ୍ରତଧାରୀ ମହିଳାଙ୍କ ଅସମ୍ଭବ ଭିଡ଼ ଦେଖିବାକୁ ମିଳିଥିଲା।

### ପ୍ରକୃତ ହିତାଧିକାରୀଙ୍କୁ ମିଳୁନି ଆବାସ

# ଗୁହାଳରେ ବିତୁଛି ୭ ପ୍ରାଣୀଙ୍କ ଜୀବନ

କେନ୍ଦ୍ରାପଡ଼ା,୨୬।୫(ସମିସ):





ପ୍ରକୃତ ହିତାଧିକାରୀଙ୍କୁ ମିଳୁନି ଆବାସ। ମୁଷ୍ଟିମେୟ ଆବାସ ନେଇଯାଉଥିବାବେଳେ ଗରିବ, ନିଷ୍ପେସିତଙ୍କୁ ଏହି ସୁବିଧା ମିଳୁନି। ଦୁଇ ବଖରା ଛପର ଘର ପୋଡ଼ି ପାଉଁଶ ହୋଇଯିବା ପରେ ଏବେ ଗୁହାଳ ଘର ଭିତରେ ୭ ପ୍ରାଣୀ ଜୀବନ କାଟୁଛନ୍ତି। କେନ୍ଦ୍ରାପଡ଼ା ଜିଲ୍ଲା ସୋବଳା ଗାଁରେ ଏଭଳି ଏକ ଦୃଶ୍ୟ ଦେଖିବାକୁ ମିଳିଛି। ଗ୍ରାମର ଦୈତାରୀ ଭୋଇ ଓ ତାଙ୍କ ପରିବାରଙ୍କ ପାଇଁ ଗୁହାଳ ପାଲଟିଛି ଆଶ୍ରୟସ୍ଥଳୀ। ଗାଈଗୋରୁଙ୍କ ମଝିରେ ରୋଷେଇ ଚାଲିଛି। ଖାଇବା ପିଇବା ସବୁ କିଛି। ସରକାରୀ ସହାୟତା କହିଲେ ମିଳିଛି ଖଣ୍ଡିଏ ମାତ୍ର ଜରିପାଲ। ଗୁହାଳ ଘର ଭିତରେ ଅତିଦୟନୀୟ ଅବସ୍ଥାରେ ଜୀବନ ବିତାଉଛନ୍ତି। ଯେଉଁଠି ଗାଈ, ବାଛୁରୀ ଓ ଛେଳି ବନ୍ଧା ହୋଇଛନ୍ତି ସେଠି ଚାଲିଛି ରୋଷେଇ। କେନ୍ଦ୍ରାପଡ଼ା ଜିଲ୍ଲା ଗାଙ୍ଗପଡା ପଞ୍ଚାୟତ ସୋବଳା ଗାଁର ଦୈତାରୀ ଓ ତାଙ୍କ ପରିବାର ଖୁସିରେ ଗୁହାଳ ଘର ଭିତରେ ବସବାସ କରୁନାହାଁନ୍ତି, ବରଂ ଏପରି ଦୟନୀୟ ଜୀବନ କାଟିବା ପାଇଁ ବାଧ ହେଉଛନ୍ତି।

ନିକଟରେ ଦୈତାରୀଙ୍କ ମାତ୍ର ଦୁଇ ବଖରା କଚାଘର ନିଆଁ ଲାଗି ପୋଡିଯିବା ପରେ ସାରା ପରିବାର ଏବେ ଗାଈଗୋରୁଙ୍କ ସାଙ୍ଗରେ ଏକାଠି ରହୁଛନ୍ତି। ଗୁହାଳ ଘର ଭିତରେ ଗୋଟିଏ କଣକୁ ଚୁଲି ଲଗାଇ ରୋଷେଇ ଚାଲିଛି। ବାକି କିଛି ଜାଗାରେ ଶୋଇବା ବିଛଣା ପରାଯାଇଛି। ପାଖରେ ବନ୍ଧା ହୋଇଛନ୍ତି ଗାଈ, ବାଛୁରୀ ଓ ଦୁଇଟି ଛେଳି। ଦୈତାରୀଙ୍କ ପରିବାରରେ ସ୍ତ୍ରୀ ପ୍ରମିଳା, ପୁଅବୋହୂ ଓ ନାତିନାତୁଣୀ ମଧ୍ୟ ଗୁହାଳ ଭିତରେ ରହୁଛନ୍ତି। ମୂଳ ଲାଗି ପରିବାର ପ୍ରତିପୋଷଣ କରୁଥିବା ଦୈତାରୀଙ୍କ ପାଇଁ ଘର ଖଣ୍ଡେ ତୋଳିବା ଏବେ ଆଦୌ ସମ୍ଭବ ନୁହେଁ। ଆଜିଯାଏ ଆବାସ ଘର ଖଣ୍ଡିଏ ମଧ୍ୟ ତାଙ୍କୁ ମିଳିନାହିଁ। ଏଣେ ବୋଝ ଉପରେ ନଳିତା ବିଡା ପରି ଅବସ୍ଥା ଭୋଗୁଛନ୍ତି ସାରା ପରିବାର। ନିଜ ଦୁଃଖ ବଖାଣିବା ସମୟରେ ଦୈତାରୀଙ୍କ କୋହ ସବୁ ଲୁହ ହୋଇ ଝରିପଡୁଛି। ଚଳିତ ମାସ ୧୫ ତାରିଖରେ ସର୍ଟସର୍କିଟ ଯୋଗୁଁ ଦୈତାରୀଙ୍କ ଦୁଇ ବଖରା ଚାଳଘର ସମ୍ପୂର୍ଣ୍ଣ ପୋଡ଼ି ପାଉଁଶ ହୋଇଗଲା। ଏଥିରେ ଘରେ ଥିବା ସମସ୍ତ ଧାନ, ଚାଉଳ, ମୁଗ ବିରି ପ୍ରଭୃତି ପୋଡ଼ି ନଷ୍ଟ ହୋଇଗଲା। କେବଳ ସେତିକି ନୁହେଁ ଏହି ଅଗ୍ନିକାଣ୍ଡରେ ଘରର ସମସ୍ତ ଆସବାବପତ୍ର ଜଳିଗଲା। ଅଗ୍ନିକାଣ୍ଡରେ ସର୍ବସ୍ୱ ହରାଇ ଦୈତାରୀଙ୍କ ପରିବାର ସମ୍ପୂର୍ଣ୍ଣ ନିଃସ୍ୱ ହୋଇପଡ଼ିଛନ୍ତି। ଏମିତିକି ଘରେ ଦାନା ମୁଠେ ବି ନାହିଁ। ପାଉଁଶ ଭିତରୁ ଧାନ ମୁଗ ସାଉଁଟି ଅଲଗା କରିବାରେ ଲାଗିଛନ୍ତି ଦୈତାରୀଙ୍କ ସ୍ତ୍ରୀ ଓ ବୋହୂ। କାଳବୈଶାଖୀ ପ୍ରଭାବରେ ବର୍ଷା ଅସରାଏ ହୋଇଗଲେ ଏହି ଅସହାୟ ପରିବାରର ଅବସ୍ଥା ଶୋଚନୀୟ ହୋଇପଡୁଛି। ଦୈତାରୀଙ୍କ ପରିବାରକୁ ତୁରନ୍ତ ଆବଶ୍ୟକୀୟ ସହାୟତା ଯୋଗାଇ ଦେବାକୁ ସୋବଳା ଗ୍ରାମବାସୀ ଦାବି କରିଛନ୍ତି। ଅଗ୍ନିକାଣ୍ଡରେ ସର୍ବସ୍ୱାନ୍ତ ହୋଇପଡିଥିବା ଦୈତାରୀଙ୍କୁ ସ୍ଥାନୀୟ ରାଜସ୍ୱ ନିରୀକ୍ଷକଙ୍କ ପକ୍ଷରୁ କେବଳ ପଲିଥିନ୍ ଖଣ୍ଡିଏ ମିଳିଛି। କିନ୍ତୁ ଏହା ସମୁଦ୍ରକୁ ଶଙ୍ଖେ ସଦୃଶ ବୋଲି ମତ ପ୍ରକାଶ ପାଇଛି।



# ଭୁବନେଶ୍ୱର ସିଟି

# ସକାଳୁ ସକାଳୁ ସାବିତ୍ରୀ ଭିଡ଼



ଭୁବନେଶ୍ୱର, ୨୬।୫(ସମିସ)

ସାବିତ୍ରୀ ବ୍ରତ ଉପଲକ୍ଷେ ରାଜଧାନୀର ବିଭିନ୍ନ ମନ୍ଦିରରେ ସୋମବାର ସକାଳୁ ସକାଳୁ ବିବାହିତା ମହିଳାଙ୍କ ଲମ୍ବା ଧାଡ଼ି ଦେଖିବାକୁ ମିଳିଥିଲା। ରାଜଧାନୀର ପ୍ରମୁଖ ମନ୍ଦିର ଯଥା ରାମମନ୍ଦିର, ହରପାର୍ବତୀ ମନ୍ଦିର ଗୁଡ଼ିକରେ ବୁଦ୍ଧେଶ୍ୱରୀ କଲୋନୀ, ୟୁନିଟ୍-୪, ୟୁନିଟ୍-୩, ପୁରୁଣା ଭୁବନେଶ୍ୱର, ଚନ୍ଦ୍ରଶେଖରପୁର, ନୂଆପଲ୍ଲୀ ଆଦି ଅଞ୍ଚଳରେ ଥିବା ଦେବୀ ମନ୍ଦିରଗୁଡ଼ିକରେ ମଧ୍ୟ ସାବିତ୍ରୀ ପୂଜା ପାଇଁ ପ୍ରବଳ ଗହଳି ଜମିଥିଲା। ପରମ୍ପରାକୁ ମାନି କାଷ୍ଠା ଓ ନିଷ୍ଠାର ସହ ମହିଳାମାନେ ବ୍ରତ ପାଳନ କରିଥିଲେ। ସେହିପରି ରାମ ମନ୍ଦିରରେ ମହିଳାମାନେ ପୂଜାର୍ଚ୍ଚନା କରି ବଟବୃକ୍ଷ ମୂଳରେ ଡୋରୀ ବାନ୍ଧି ସ୍ୱାମୀଙ୍କ ଶୁଭ ମନାସିଥିଲେ।

## କିନ୍ନର ଆଖଡ଼ାରେ ସାବିତ୍ରୀ

ରାଜଧାନୀର ବିଭିନ୍ନ କିନ୍ନର ଆଖଡ଼ା ପକ୍ଷରୁ ସାବିତ୍ରୀ ବ୍ରତ ପାଳନ କରାଯାଇଥିଲା। ପଳାସପଲ୍ଲୀ ନିକଟସ୍ଥ ଓଡ଼ିଶା କିନ୍ନର ଆଖଡ଼ା ପକ୍ଷରୁ ମଧ୍ୟ ସାବିତ୍ରୀ ବ୍ରତ ପାଳନ କରାଯାଇଥିଲା। ଏଥିରେ ଆଖଡ଼ାର ସଭାପତି ମୀରା ପରିଡ଼ା, ସାଧନା ମିଶ୍ରଙ୍କ ସହମେତ ୧ଶହରୁ ଅଧିକ କିନ୍ନର ସାମିଲ୍ ହୋଇଥିଲେ। ସେମାନେ ପ୍ରଥମେ ବଟବୃକ୍ଷ ମୂଳରେ ସାବିତ୍ରୀ ପୂଜା କରିଥିଲେ। ତାହାପରେ ସମସ୍ତେ ନିଜ ନିଜ ଗୁରୁଙ୍କୁ ସ୍ୱାମୀ ଭାବେ ପୂଜା କରିଥିଲେ। ପରେ ମନ୍ଦିର ପରିସରରେ ଥିବା ବଟବୃକ୍ଷ ଠାରେ ମାନସିକ ଡ଼ୋରୀ ବାନ୍ଧିଥିଲେ। ସେହିପରି ଟିଜି ସୁରକ୍ଷା ଟ୍ରଷ୍ଟ ଓ ନୂଆପଲ୍ଲୀ ଦୁର୍ଗାପୂଜା ସମିତି ତରଫରୁ କିନ୍ନରମାନେ ଫଳ, ଫୁଲ, ନଡ଼ିଆ, ଧୂପ, ଶାଢ଼ି, ଚୁଡ଼ି ପ୍ରଦାନ କରିଥିବା ବେଳେ ଶହ ଶହ କିନ୍ନର ସେଠାରେ ପୂଜାର୍ଚ୍ଚନା କରିଥିଲେ। ଦୁର୍ଗାଙ୍କୁ ପୂଜା କରିବା ପରେ ଗୁରୁ ମେନକାଙ୍କ ଗୋଡ଼ ଧୋଇଦେଇ ପୂଜାର୍ଚ୍ଚନା କରି ଗୁରୁଙ୍କ ଠାରୁ ଆଶୀର୍ବାଦ ଲାଭ କରିଥିଲେ। ଡମଣା ଛକ ସ୍ୱୀଟି କିନ୍ନର ଆଖଡ଼ା ପକ୍ଷରୁ ମଧ୍ୟ ସାବିତ୍ରୀ ପାଳନ କରାଯାଇଛି। ଏଥିରେ ଆଖଡ଼ାର କିନ୍ନରମାନେ ସାମିଲ ହୋଇ ପରମ୍ପରିକ ଭାବେ ନିଜ ଗୁରୁଙ୍କୁ ସ୍ୱାମୀ ଭାବେ ପୂଜା କରିଥିଲେ।



## ସାବିତ୍ରୀରେ ଝୁଲି ପଡ଼ିଲେ ମହିଳା

ଭୁବନେଶ୍ୱର, ୨୬।୫ (ସମିସ): ସାବିତ୍ରୀ ବ୍ରତରେ ରାଜଧାନୀ ଉପକଣ୍ଠରେ ଅଭାବନୀୟ ଘଟଣା ଘଟିଛି। ମହିଳା ବେକରେ ଶାଢ଼ି ଲଗାଇ ଝୁଲି ପଡ଼ିଛନ୍ତି। ମୃତା ମହିଳା ହେଲେ ପାଇକରାପୁର ଗାଁର ଲକ୍ଷ୍ମୀପ୍ରିୟା ମଲ୍ଲିକ (୨୯)। ମିଳିଥିବା ସୂଚନା ଅନୁସାରେ, ଲକ୍ଷ୍ମୀପ୍ରିୟା ୧୧ ବର୍ଷ ପୂର୍ବେ ପାଇକରାପୁରର ସ୍ୱାଗତ ସେଠୀଙ୍କୁ ବିବାହ କରିଥିବା ବେଳେ ସେମାନଙ୍କର ୩ ଜଣ ଝିଅ ଅଛନ୍ତି। ସ୍ୱାଗତ ତାମିଲନାଡ଼ୁରେ କାମ କରୁଥିବା ବେଳେ ଲକ୍ଷ୍ମୀପ୍ରିୟା ଏଠାରେ ଶାଶୂ ଓ ପିଲାଙ୍କୁ ନେଇ ରହୁଥିଲେ। ସୋମବାର ପୂର୍ବାହ୍ଣରେ କୌଣସି କଥାକୁ ନେଇ ପତିପତ୍ନୀଙ୍କ ମଧ୍ୟରେ ଫୋନ୍ ଯୋଗେ ପାଟିତୁଣ୍ଡ ହୋଇଥିଲା। ଏହାର କିଛି ସମୟ ପରେ ଲକ୍ଷ୍ମୀପ୍ରିୟା ବେକରେ ଗାମୁଛା ଲଗାଇ ଫ୍ୟାନରେ ଝୁଲି ପଡ଼ିଥିଲେ। ପିଲାମାନେ ଦେଖିବା ବେଳକୁ ମାଆ ପ୍ରାଣ ହରାଇ ସାରିଥିଲେ। ଖବରପାଇ ଚନ୍ଦକା ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲକୁ ପଠାଇଥିଲା।

ଲକ୍ଷ୍ମୀପ୍ରିୟାଙ୍କ ମୃତ୍ୟୁର କାରଣ ଜଣାପଡ଼ି ନ ଥିଲେ ମଧ୍ୟ ପାରିବାରିକ ବିବାଦରୁ ଏଭଳି ଚରମ ନିଷ୍ପତ୍ତି ନେଇଥିବା ପ୍ରାଥମିକ ଅନୁସନ୍ଧାନରୁ ପୁଲିସ ଜାଣିବାକୁ ପାଇଛି। ତାଙ୍କ ମୃତଦେହକୁ କ୍ୟାପିଟାଲ ହସପିଟାଲର ଶବ ସଂରକ୍ଷଣ ଗୃହରେ ରଖାଯାଇଛି। ଆସନ୍ତାକାଲି ମୃତଦେହ ବ୍ୟବଚ୍ଛେଦ କରିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ପୁଲିସ କହିଛି।

## 'ଶେଷରେ ଶିଡ଼ିଘରେ ହିଁ ବାପାର ଆଶ୍ରୟ'

ଭୁବନେଶ୍ୱର, ୨୬।୫(ସମିସ): ବାପା, ଘରର ମେରୁଖୁଣ୍ଟ, ଘରର ମୁରବୀ, ଘରକୁ ସୁନ୍ଦର କରିବାପାଇଁ ଜୀବନ ସାରା ପରିଶ୍ରମ କରନ୍ତି। ପିଲାଙ୍କୁ ମଣିଷ କରିବାପାଇଁ ଏବଂ ତାଙ୍କ ମୁହଁରେ ଟିକେ ହସ ଦେଖିବାପାଇଁ, ବାପା ଜୀବନକୁ ବାଜି ଲଗେଇ ଦିଅନ୍ତି।

ନାଟକର ନାମ ବାପା। ଚାକିରି ଶେଷରେ ପାଇଥିବା ଟଙ୍କାରେ ଘର କରନ୍ତି ସେ। ଘରଟିକୁ ସ୍ତ୍ରୀ ନାଁ ରେ କରି ବାକି ଟଙ୍କା ନିଜ ଦୁଇ ପୁଅଙ୍କ ନାଁ ରେ ଫିକ୍ସଡ୍ ଡିପୋଜିଟ୍ କରିଦିଅନ୍ତି। କିନ୍ତୁ ଜୀବନର ଶେଷ ଦିନରେ ସେ ପାଆନ୍ତି ନିର୍ଯାତନା ଶୋଇବାକୁ ମିଳେ ଶିଡ଼ିଘର। ଖାଇବାକୁ ମିଳେ ବଳକା ଖାଦ୍ୟ। ଶେଷରେ ଅତିଷ୍ଠ ହୋଇ ସେ ରେଳ ଲାଇନ୍‌ରେ ଆତ୍ମହତ୍ୟା କରିବାକୁ ସ୍ଥିର କରନ୍ତି। କିନ୍ତୁ ତାଙ୍କ ଚେଷ୍ଟା ସଫଳ ହୋଇପାରେନା। ତାଙ୍କୁ ଜଣେ ଛୋଟ ଝିଅ ବଂଚେଇ ଦିଏ। ତା'ପରେ ସେ ଘରକୁ ଫେରିଯାଆନ୍ତି। କିନ୍ତୁ ଘରେ ତାଙ୍କୁ ସ୍ଥାନ ମିଳେନା। ସେ ଆସି ମାର୍କେଟରେ ରାସ୍ତା କଡ଼ରେ ବସନ୍ତି। ମାର୍କେଟରେ ମଧ୍ୟ ତାଙ୍କୁ ଭିକାରୀ ଓ ଗୁଣ୍ଡାମାନେ ହଇରାଣ କରନ୍ତି। ସବୁ ଜାଗାରେ ତାଙ୍କ ସହ ଥିବା ଛୋଟ ଝିଅ 'ପରୀ' ତାଙ୍କୁ ସାହାଯ୍ୟ କରେ। ପରେ ପରେ ବାପାଙ୍କ ଜୀବନରେ ଏପରି ଅନେକ ସବୁ ଘଟଣା ଘଟିଯାଏ। ଏପରି ଏକ ଭାବବିହ୍ୱଳ ନାଟକକୁ ନେଇ ପରିବେଷଣ ହୋଇଛି 'ବାପା'। ଶତାବ୍ଦୀର କଳାକାର ପକ୍ଷରୁ ଆୟୋଜିତ ଏହି ନାଟକର ରଚନା ଧୀର ମଲ୍ଲୀକ କରିଥିବାବେଳେ ନିର୍ଦ୍ଦେଶନା ଦେଇଛନ୍ତି ସନ୍ତୋଷ ମହାନ୍ତି। ଡଃ. ଗୌରହରି ଦାସଙ୍କ ସଭାପତିତ୍ୱରେ ଅତିଥିଭାବେ ପୂର୍ବତନ ମୁଖ୍ୟ ଶାସନ ସଚିବ ସହଦେବ ସାହୁ, ନାଟ୍ୟକାର ଡ. ନାରାୟଣ ସାହୁ ଓ ଗୋପାଳ ମହାପାତ୍ର ଯୋଗ ଦେଇଥିଲେ।

## ବିଜେଡି ପକ୍ଷରୁ ବରପୁତ୍ରଙ୍କୁ ଶ୍ରଦ୍ଧାଞ୍ଜଳି




ଭୁବନେଶ୍ୱର, ୨୬।୫ (ସମିସ): ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ପକ୍ଷରୁ ମହାରାଜା କୃଷ୍ଣ ଚନ୍ଦ୍ର ଗଜପତି ଓ ପୂର୍ବତନ ମୁଖ୍ୟମନ୍ତ୍ରୀ ବୀରେନ ମିତ୍ରଙ୍କ ପ୍ରତିମୂର୍ତ୍ତି ସ୍ଥଳରେ ପୁଣ୍ୟ ତିଥି ପାଳିତ ହୋଇଯାଇଛି। ପ୍ରଥମେ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା।

ଅନ୍ୟପକ୍ଷରେ ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବୀରେନ ମିତ୍ର ଥିଲେ ଦୁଃଖୀ, ନିଃସହାୟର ମିତ୍ର। ସାଧାରଣ ଜନତା କିପରି ତା'ର ସର୍ବନିମ୍ନ ଅଧିକାରରୁ ବଞ୍ଚିତ ନ ହେଉ, ସେଥିପାଇଁ ସ୍ୱର୍ଗତ ମିତ୍ର ଜୀବନ ବ୍ୟାପି ସଂଗ୍ରାମ ଜାରି ରଖିଥିଲେ ବୋଲି ମତପ୍ରକାଶ ପାଇଥିଲା। ଏହି କାର୍ଯ୍ୟକ୍ରମରେ ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତି, କିଶୋର ଚନ୍ଦ୍ର ପଟ୍ଟନାୟକ, ମନୋରଞ୍ଜନ ମହାନ୍ତି, ସଙ୍ଗୀତଜ୍ଞ ପ୍ରଶାନ୍ତ ପାଢ଼ୀ, ପ୍ରାଧ୍ୟାପକ ରଙ୍ଗାଧର ସାହୁ, ସତ୍ୟନାରାୟଣ ଦାସ, ସ୍ୱାଧୀନ ପାଣିଗ୍ରାହୀ, ପ୍ରାଧ୍ୟାପକ ରମେଶ ଚନ୍ଦ୍ର ପାତାଳ ସିଂ, ବିଜୟ ସାହୁ, ରାଜକିଶୋର ପାଣିଗ୍ରାହୀ, ଅଶ୍ୱିନୀ ପଟ୍ଟନାୟକ, ସୁଲେମାନ ଅଲ୍ଲୀ, ରତିକେଶ ଦିଗାଲ, ସୌରଭ ସ୍ୱାଇଁ, ପୂଜା ପରିଡ଼ା, ନାରାୟଣ ପାତ୍ର, ବୁଲୁ ବାରିକ ପ୍ରମୁଖ ଯୋଗଦାନ କରି ବରପୁତ୍ରଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ।

## ମାଟ୍ରିକ୍ ଟପ୍ପରଙ୍କୁ ସମ୍ବର୍ଦ୍ଧିତ କଲେ ରାଜ୍ୟପାଳ



ଭୁବନେଶ୍ୱର, ୨୬।୫(ସମିସ): ରାଜ୍ୟର ଦଶମ ଶ୍ରେଣୀ ମେଧାବୀ ଛାତ୍ରଛାତ୍ରୀଙ୍କୁ ସୋମବାର ସମ୍ବର୍ଦ୍ଧିତ କରିଛନ୍ତି ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି। ନୂଆ ଅଭିଷେକ ହଲ୍‌ରେ ଅନୁଷ୍ଠିତ ସ୍ୱତନ୍ତ୍ର ସମାରୋହରେ ମାଧ୍ୟମିକ ଶିକ୍ଷା ପରିଷଦ (ବିଏସ୍‌ଇ), କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ (ସିବିଏସ୍‌ଇ) ଓ ଆଇସିଏସ୍‌ଇ ବୋର୍ଡର ମୋଟ ୨୫ ଜଣ ଟପ୍ପର ପିଲାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ସମାରୋହରେ ଓଡ଼ିଶାର ପ୍ରଥମ ମହିଳା ଜୟଶ୍ରୀ କମ୍ଭମପାଟି ମଧ୍ୟ ସାମିଲ ହୋଇ ସମ୍ବର୍ଦ୍ଧିତ କରିଥିଲେ। ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ଏନ୍‌ବିଏସ୍ ରାଜପୁତ ସ୍ୱାଗତ ଭାଷଣ ଦେଇଥିଲେ।

## ଗ୍ରୀନ୍ ପାର୍କ ଅଧିବାସୀଙ୍କ ବାର୍ଷିକ ସମ୍ମିଳନୀ

ଭୁବନେଶ୍ୱର, ୨୬।୫(ସମିସ): ଜଗମୋହନ ନଗରସ୍ଥିତ ଗ୍ରୀନ୍ ପାର୍କ ଅଧିବାସୀ ସମିତିର ୨୨ତମ ବାର୍ଷିକ ସାଧାରଣ ଅଧିବେଶନ ସ୍ଥାନୀୟ ଗୋଷ୍ଠୀକେନ୍ଦ୍ରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅଧିବେଶନରେ ସମିତିର ୧୦୦ରୁ ଅଧିକ ସଦସ୍ୟ ଯୋଗ ଦେଇଥିଲେ। ଏଥିରେ ସ୍ଥାନୀୟ କର୍ପୋରେଟର ସୁଜାତା ଛୋଟରାୟ ଯୋଗଦେଇ ଗ୍ରୀନ୍ ପାର୍କରୁ ଖଣ୍ଡଗିରି ମୁଖ୍ୟ ରାସ୍ତାକୁ ସଂଯୋଗକାରୀ ବିକଳ୍ପ ରାସ୍ତା, ଗୋଷ୍ଠୀ କେନ୍ଦ୍ରର ନିର୍ମାଣ ସମ୍ପୂର୍ଣ୍ଣ କରିବା, ସ୍ଥାନୀୟ ମନ୍ଦିରର ଉନ୍ନତି, ଡ୍ରେନ୍ ନିର୍ମାଣ ସମ୍ପୂର୍ଣ୍ଣ ହେବା ଇତ୍ୟାଦି ସମସ୍ୟାର ସମାଧାନ କରିବା ପାଇଁ ସେ ପ୍ରତିଶ୍ରୁତି ଦେଇଥିଲେ। ସମିତିର ସଭାପତି ପ୍ରଦୀପ୍ତ ମହାନ୍ତି ଅଧ୍ୟକ୍ଷତା କରିଥିଲାବେଳେ ସମାଜସେବୀ ହିମାଂଶୁ ଛୋଟରାୟ, ସମ୍ପାଦକ ପ୍ରତାପ ଚନ୍ଦ୍ର ନାୟକ ଯୋଗ ଦେଇଥିଲେ। ପ୍ରତାପ କେଶରୀ ପଟ୍ଟନାୟକ, ସୁଧାକର ମହାପାତ୍ର, ଚିତ୍ତ ମହାନ୍ତି, ଅମୂଲ୍ୟ କୁମାର ଜେନା, ସରଳ କୁମାର ଚାନ୍ଦ, ଗୋକୁଳେଶ ପ୍ରସାଦ ମିଶ୍ର ଆଲୋଚନା କରିଥିଲେ। ଦୟାନିଧି ପଣ୍ଡା ସଭା ପରିଚାଳନା କରିଥିଲେ।

## ୧୦ ଗୀତିକାରଙ୍କୁ ମିଳିଲା 'ଭିକାରୀ ବଳ ସମ୍ମାନ'

ଭୁବନେଶ୍ୱର, ୨୬।୫(ସମିସ): ଓଡ଼ିଶା ଭାଷା, ସାହିତ୍ୟ ସଂସ୍କୃତି ବିଭାଗ ତଥା ଭିକାରୀ ବଳ ଫାଉଣ୍ଡେସନ ପକ୍ଷରୁ ଚଳିତବର୍ଷ ପାଇଁ ୧୦ ଜଣ ଗୀତିକାରଙ୍କୁ 'ଭିକାରୀ ବଳ ସମ୍ମାନ-୨୦୨୫'ରେ ସମ୍ମାନିତ କରାଯାଇଛି। ଗୀତିକାର ଶୀର୍ଷାନନ୍ଦ ଦାସ କାନୁନଗୋ, ଡ. ପ୍ରସନ୍ନ ସାମଲ, ରାଧାନାଥ ଦାସ, ପୂର୍ଣ୍ଣଚନ୍ଦ୍ର ମଲ୍ଲିକ, ଶ୍ରୀକାନ୍ତ ଗୌତମ, ଲେଖକ ଗୌର ପଟ୍ଟନାୟକ, ମାଳତୀଲତା ପ୍ରଧାନ, ଓଡ଼ିଶୀ ସଙ୍ଗୀତ ଗୁରୁ ଓ ପଣ୍ଡିତ ଗୁରୁ ଗୋପାଳ ଚନ୍ଦ୍ର ପଣ୍ଡା, ଗୀତିକାର ପ୍ରଫୁଲ୍ଲ ତ୍ରିପାଠୀ ଏବଂ ବୈଦ୍ୟନାଥ ଖୁଲାରଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ପ୍ରେକ୍ଷାଳୟରେ ଅନୁଷ୍ଠିତ ଉତ୍ସବରେ



ବିଧାୟକ ବାବୁ ସିଂ, ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଚିବ ଡା. ଚନ୍ଦ୍ରଶେଖର ହୋତା, ମର୍ଦ୍ଦଳ ବାଦକ ଅଧ୍ୟାପକ ନିରଞ୍ଜନ ପାତ୍ର, ତବଲା ବାଦକ ଶରତଚନ୍ଦ୍ର ପାଣି ଏବଂ ମର୍ଦ୍ଦଳ ବାଦକ ତଥା ଗୁରୁ ଧନେଶ୍ୱର ସ୍ୱାଇଁ ଯୋଗ ଦେଇଥିଲେ। ପରେ ଏକ ସଙ୍ଗୀତ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିବା ବେଳେ ରାଜ୍ୟ ତଥା ରାଜ୍ୟ ବାହାରୁ ଆସିଥିବା ଅନୁଷ୍ଠାନର ନୃତ୍ୟ ଓ ସଙ୍ଗୀତ ଶିଳ୍ପୀମାନେ ଭିକାରୀ ବଳଙ୍କ ଗୀତରେ ସଙ୍ଗୀତ ଓ ନୃତ୍ୟ ପରିବେଷଣ କରିଥିଲେ। ଫାଉଣ୍ଡେସନର ସଭାପତି ଅଶୋକ ବଳ ଧନ୍ୟବାଦ ଦେଇଥିଲେ।

## 'ଶ୍ୱେତ ସଂକେତ'ର ମାସିକ ଆଲୋଚନାଚକ୍ର



ଭୁବନେଶ୍ୱର, ୨୬।୫(ସମିସ): ସାହିତ୍ୟପ୍ରତିକା 'ଶ୍ୱେତ ସଂକେତ'ର ସଭାପତି ଅମୂଲ୍ୟ ଦାଶଙ୍କ ଅଧ୍ୟକ୍ଷତାରେ କଳାସଂସଦ ପ୍ରେକ୍ଷାଳୟରେ ମାସିକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ପ୍ରତିଷ୍ଠାତା ଦିବଂଗତ ଦେବେନ୍ଦ୍ର ନାଥ ଦାଶଙ୍କ ଆମର ଆତ୍ମା ଉଦ୍ଦେଶ୍ୟରେ ନିରବ ପ୍ରାର୍ଥନା କରାଯିବା ପରେ ସାରସ୍ୱତ ସାଧକ ଡ଼. ବ୍ରହ୍ମାନନ୍ଦ ଖୁଣ୍ଟିଆଙ୍କୁ ଜନ୍ମଦିନର ଶୁଭେଚ୍ଛା ଦିଆଯାଇଥିଲା। ଡ଼. ସୁଚେତା ରାଉତ ଓ ଗୀତାଞ୍ଜଳି ନନ୍ଦଙ୍କ ପରିଚାଳନାରେ ଆଶାଲତା ଦାଶ, ସବିତା ରାଣି ବେହେରା, ବଂଶୀଧର ସେଠୀ, ସୁଷମା ଲେଙ୍କା ପ୍ରମୁଖ ୩୦ ରୁ ଅଧିକ କବି କବିତା ପାଠ କରିଥିଲେ। ସମ୍ପାଦିକା ଗାୟତ୍ରୀ ଶତପଥୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ଉପସଭାପତି ଦେବାଶିଷ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉର୍ମିମାଳା ଆଚାର୍ଯ୍ୟ, ମଞ୍ଜୁଳା କର, ନିର୍ମଳା ମହାପାତ୍ର ଉପସ୍ଥିତ ରହିଥିଲେ।

## ସଙ୍ଗୀତ ସୁଧାକରଙ୍କୁ ଜନ୍ମମାଟିରେ ଶ୍ରଦ୍ଧାଞ୍ଜଳି



ବାଲିଅନ୍ତା, ୨୬।୫(ସମିସ): ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାଶଙ୍କର ୧୦୩ ତମ ଜୟନ୍ତୀ ଅବସରରେ ତାଙ୍କ ଜନ୍ମମାଟି ବାଲକାଟିଠାରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ପ୍ରଥମେ ନିଜ ଜନ୍ମମାଟିରୁ ଏକ ସଂକୀର୍ତ୍ତନ ଶୋଭାଯାତ୍ରା ବାଲକାଟୀ ଛକରେ ପହଞ୍ଚିଥିଲା। ସଙ୍ଗୀତ ସୁଧାକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ବିଶାଳ ଶୋଭାଯାତ୍ରା କଲେଜ ପଡ଼ିଆ ସ୍ମୃତି ସଂସଦ ପରିସରରେ ପହଞ୍ଚିଥିଲା। ସଂସଦର ସଭାପତି ଡ. ରଜନୀ ରଞ୍ଜନ ଦାଶଙ୍କ ସଭାପତିତ୍ୱରେ ସାଧାରଣ ସଭାରେ ବିଶିଷ୍ଟ ଲେଖକ ପ୍ରଫେସର ଡ. ପୂର୍ଣ୍ଣଚନ୍ଦ୍ର ମଲ୍ଲିକ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲାବେଳେ କଥାକାର ଅଜୟ ସ୍ୱାଇଁ ମୁଖ୍ୟବକ୍ତା, ଉତ୍କଳ ସମ୍ମିଳନୀର ସଭ୍ୟ ରାଧାମୋହନ ପ୍ରହାରାଜ, ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଏହି ଅବସରରେ ପକ୍ଷୀଘର ପ୍ରକାଶନୀର ବନୋଜ ତ୍ରିପାଠୀଙ୍କ ରଚିତ ମରମ ତଳେ ଅତୀତ ଯେ ମରେନା ଓ ପୂଜାରାଣୀ ପାଣିଙ୍କ ଭାର୍ଗବୀ ତୀରର ଗନ୍ଧର୍ବ ନିମନ୍ତେ ଚଳିତ ବର୍ଷର ସମ୍ମାନ ଜନକ ବାଳକୃଷ୍ଣ ସ୍ମୃତି ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ସଂସଦର ସମ୍ପାଦକ ଜଗନ୍ନାଥ ସତପଥୀ ଧନ୍ୟବାଦ ଅର୍ପଣ କରିଥିଲେ। ପରିଶେଷରେ ଚିତାକର୍ଷକ ସଙ୍ଗୀତ ଓ ନୃତ୍ୟର ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## 'ଗଠନର କଳା' ଉନ୍ମୋଚିତ

ଭୁବନେଶ୍ୱର, ୨୬।୫(ସମିସ): ପକ୍ଷୀଘର ପ୍ରକାଶିତ ସମାଲୋଚକ ହିମାଂଶୁ ପରିଡ଼ାଙ୍କ କବିତା ପୁସ୍ତକ 'ଗଠନର କଳା' ବୁଦ୍ଧ ମନ୍ଦିର ପରିସରରେ ଉନ୍ମୋଚିତ ହୋଇଯାଇଛି। ଉତ୍ସବର ମୁଖ୍ୟ ଅତିଥିଭାବେ ଯୋଗଦେଇ ରମେଶ ପ୍ରସାଦ ପାଣିଗ୍ରାହୀ କବିତା ଲେଖିବାର କୌଶଳ ଜାଣିବାପାଇଁ ପାଶ୍ଚାତ୍ୟ ସାହିତ୍ୟକୁ ଅନୁକରଣ କରିବାର ଅବଶ୍ୟକତା ନାହିଁ, ଆମ ସାହିତ୍ୟରେ ଯଥେଷ୍ଟ ଉପାଦାନ ଅଛି ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ କବି ପ୍ରଶାସକ ରଞ୍ଜନ କୁମାର ଦାସ, ଅଜୟ ସ୍ୱାଇଁ ଯୋଗ ଦେଇଥିଲେ। ଲେଖିକା କମଳା କୁମାରୀ ଦାଶ ନିଜ ବକ୍ତବ୍ୟରେ କବିତା ରଚନା କରିବାର ବିଷୟ ସହ ଜଡ଼ିତ ଶବ୍ଦ ତରଙ୍ଗକୁ କବିଟିଏ ପରିସ୍ଫୁଟିତ କରିବା ଅପରିହାର୍ଯ୍ୟ ଅଟେ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ପକ୍ଷୀଘରର ମୁଖ୍ୟ ବନୋଜ ତ୍ରିପାଠୀ ସଭାପତିତ୍ୱ କରିଥିଲେ।

## କୁକୁରର ଏକାଦଶାହ

ଭୁବନେଶ୍ୱର, ୨୬।୫(ସମିସ): ଘରକୁ ବ୍ରାହ୍ମଣ ଆସିଲେ। ପୂଜା ଆଉ ହୋମ ବି କଲେ। ଶାନ୍ତିଉଦକ ପାଣି ପକାଇବା ପରେ ଶୁଦ୍ଧି ବି ହେଲେ। ଏଭଳି ଏକାଦଶାହ ପାଳନ କୌଣସି ମଣିଷକୁ ହରାଇବା ଦୁଃଖରେ ନ ଥିଲା। ବରଂ ନିଜ ପ୍ରିୟ କୁକୁରକୁ ହରାଇବା ପରେ ମାଲିକ ଜଣଙ୍କ କୁକୁର ପାଇଁ ଏଭଳି ଏକାଦଶାହ ପାଳନ କରିଥିଲେ। ଯାହା ପ୍ରମାଣ କରୁଥିଲା ମଣିଷ ଆଉ କୁକୁର ମଧ୍ୟରେ ଥିବା ନିବିଡ଼ ସମ୍ପର୍କ ଆଉ ଭଲପାଇବାକୁ। ନିମାପଡ଼ା ସୁଇଟ୍ସ ମାଲିକ ବିମ୍ବାଧର ବେହେରା ତାଙ୍କ କୁକୁର ଟାଇଗର ପାଇଁ ଏକାଦଶାହ ପାଳିଲେ କାରଣ ଟାଇଗରକୁ ସେ ନିଜ ପରିବାର ସଦସ୍ୟଙ୍କ ଠାରୁ କୌଣସି ଦୃଷ୍ଟିରୁ କମ୍ ବୋଲି ଭାବୁ ନଥିଲେ। ଟାଇଗର ଯେତେବେଳେ ଅତି ଛୋଟ ଥିଲା ସେ ତାକୁ ଘରକୁ ଆଣିଥିଲେ। ସେହି ଦିନ ଠାରୁ ବିମ୍ବାଧର ଟାଇଗରକୁ ନିଜ ପରିବାର ସଦସ୍ୟ ବୋଲି ଭାବି ନେଇଥିଲେ। ସେ ଘରେ ରହୁଥିଲା। ଆଉ ପରିବାର ଲୋକଙ୍କ ସହ ଖେଳୁଥିଲା। ପରିବାର ଲୋକଙ୍କ ପ୍ରତି ସାମାନ୍ୟତମ ଆଞ୍ଚ ଆସିଲେ ସେ ବରଦାସ୍ତ କରିପାରୁ ନଥିଲା। ଏଭଳି ୧୪ ପରିବାର ସହ ବିତାଇବା ପରେ ଟାଇଗର ମୃତ୍ୟୁ ଘଟିଥିଲା। ଏହାପରେ ମାଲିକ ଜଣଙ୍କ ନିଷ୍ପତ୍ତି ନେଇଥିଲେ ମଣିଷଙ୍କ ଭଳି କୁକୁରକୁ ବି ଅନ୍ତିମ ବିଦାୟ ଦେବେ।



## ପୂର୍ତ୍ତ ବିଭାଗର ଡିଏଲ୍‌ଆର ଏନ୍‌ଏମ୍‌ଆର କର୍ମଚାରୀଙ୍କୁ ପେନ୍‌ସନ୍ ଦାବି

ଭୁବନେଶ୍ୱର, ୨୬।୫(ସମିସ) : ପୂର୍ତ୍ତ ବିଭାଗର ଡିଏଲ୍‌ଆର ଏନ୍‌ଏମ୍‌ଆର କର୍ମଚାରୀମାନଙ୍କୁ ଚୁକ୍ତିଭିତ୍ତିକ କର୍ମଚାରୀଙ୍କ ପରି ପେନ୍‌ସନ୍ ଏବଂ ଅବସର ପରବର୍ତ୍ତୀ ସୁବିଧା ପ୍ରଦାନ ପାଇଁ ଯନ୍ତ୍ରୀମୁଖ୍ୟ (ସିଭିଲ) ବିଭାଗୀୟ କର୍ତ୍ତୃପକ୍ଷ ପୂର୍ତ୍ତ ସଚିବଙ୍କୁ ପତ୍ର ଲେଖିଛନ୍ତି। ଅବଧି ଅବସର ଗ୍ରହଣ କରିଥିବା ୧୪୦୮ ଜଣ କର୍ମଚାରୀଙ୍କୁ ଗ୍ରାଚ୍ୟୁଇଟି ପ୍ରଦାନ ନିମନ୍ତେ ୮୯ କୋଟି ଟଙ୍କାର ଆବଶ୍ୟକତା ପଡୁଛି ବୋଲି ଯନ୍ତ୍ରୀମୁଖ୍ୟ ବିଭାଗୀୟ ପୂର୍ତ୍ତ ସଚିବଙ୍କୁ ଜଣାଇଛନ୍ତି। ତେବେ ଓଡ଼ିଶା ପୂର୍ତ୍ତ ବିଭାଗ ୱାର୍କଚାର୍ଜଡ୍ ରେଗୁଲାର କର୍ମଚାରୀ ସଂଘ ଓ ଓଡ଼ିଶା ପୂର୍ତ୍ତ ଅବସରପ୍ରାପ୍ତ ୱାର୍କଚାର୍ଜଡ୍ ରେଗୁଲାର କର୍ମଚାରୀ ସଂଘ ଆନ୍ଦୋଳନରୁ ଓହରିଛି। ସଂଘ ନେତା ଗଗନ ଭଞ୍ଜ, ଅରୁଣ ପରିଡ଼ା, ପ୍ରତାପ ସେନାପତି, ନିରଞ୍ଜନ ବାହିନୀପତି, ଶିଶିର ସାବତ, ସୁକାନ୍ତ ମହାରଣା ମିଳିତ ବିବୃତ୍ତିରେ କହିଛନ୍ତି ଯେ, ଯନ୍ତ୍ରୀମୁଖ୍ୟ ଓଡ଼ିଶା ଗ୍ରାଚ୍ୟୁଇଟି ପ୍ରଦାନ ବାବଦରେ ପଠାଇଥିବା ଆର୍ଥିକ ବ୍ୟୟବରାଦ ଓ ଚୁକ୍ତିଭିତ୍ତିକ କର୍ମଚାରୀଙ୍କ ପରି ଡିଏଲ୍‌ଆର ଏନ୍‌ଏମ୍‌ଆର ଓ ୱାର୍କଚାର୍ଜଡ୍ କର୍ମଚାରୀଙ୍କ ସେବା ଅବଧିକାଳକୁ ନିୟମିତ କରନ୍ତୁ। ଏଥି ସହିତ ଯୋଗ୍ୟସେବା ଅବଧି ଭାବରେ ସରକାର ବିବେଚନା କରି ପେନ୍‌ସନ୍ ପ୍ରଦାନ ପାଇଁ ଦାବି କରିଛି ସଂଘ। ନଚେତ ଆଗାମୀ ଦିନରେ ଆନ୍ଦୋଳନ ମୁଣ୍ଡ ଟେକିବ ବୋଲି ସଂଘ ଚେତାବନୀ ଦେଇଛି।

ଆମ ରାଜଧାନୀ ଆମ ଐତିହ୍ୟ

## ଗଙ୍ଗ ବଂଶ ସମୟର ପାତାଳେଶ୍ୱର ମନ୍ଦିର



ଭୁବନେଶ୍ୱର, ୨୬।୫(ସମିସ): ଏକ ସର୍ଭେ ରିପୋର୍ଟରୁ ଜଣାଯାଏ, ରାଜଧାନୀ ଭୁବନେଶ୍ୱରରେ ପାଖାପାଖି ୭୦୦ ପୁରାତନ ମନ୍ଦିର ରହିଛି। ସେଥିମଧ୍ୟରୁ ଅନ୍ୟତମ ହେଉଛି ଦଶମରୁ ଏକାଦଶ ଶତାବ୍ଦୀର ମଧ୍ୟଭାଗରେ ନିର୍ମିତ ପାତାଳେଶ୍ୱର ମନ୍ଦିର। ପୁରୁଣା ଭୁବନେଶ୍ୱରରେ ଲିଙ୍ଗରାଜ ମନ୍ଦିରରୁ କେଦାରଗୌରୀ ମନ୍ଦିର ଆଡ଼କୁ ଗଲାବେଳେ ବାଟରେ ବିନ୍ଦୁସାଗର କୂଳରେ ରହିଛି ଏହି ପାତାଳେଶ୍ୱର ମନ୍ଦିର।

କିମ୍ବଦନ୍ତୀ ଅନୁଯାୟୀ ଏହାର ନିର୍ମାଣ ରେଖା ଦେଉଳ ଶୈଳୀରେ ହୋଇଛି। ମନ୍ଦିରଟି ରାସ୍ତାଠୁ ତଳକୁ ଅର୍ଥାତ ବର୍ତ୍ତମାନର ଭୂମି ପୃଷ୍ଠଠାରୁ ଆଂଶିକ ପୋତି ହୋଇଥିବା ଏକ ପ୍ରାଚୀନ ଗଠନର ଆଉ ଏକ ଉଦାହରଣ। ଏହି ମନ୍ଦିରଟି ଭଗବାନ ଶିବଙ୍କୁ ସମର୍ପିତ। ଏହା ଗଙ୍ଗ ବଂଶ ସମୟର ବୋଲି ଇତିହାସ ପୃଷ୍ଠାରୁ ଜଣାଯାଏ। ଯୋଜନା ଅନୁଯାୟୀ ମନ୍ଦିରଟି ପଞ୍ଚରଥ ବିଶିଷ୍ଟ, ଯେଉଁଠି ବିମାନ ସହ ରେକା କ୍ରମରେ ବାଡ଼, ମସ୍ତକ ଏବଂ ଗଣ୍ଡି ରହିଛି। ମନ୍ଦିରର ପ୍ରବେଶ ଦ୍ୱାରରେ ଦୁଇ ଦ୍ୱାରପାଳଙ୍କ ସମେତ ପାର୍ଶ୍ୱ ଦେବାଦେବୀ ଭାବେ ପଦ୍ମ ଉପରେ ଗଜଲକ୍ଷ୍ମୀ ରହିଛନ୍ତି। ଏହା ବ୍ୟତୀତ ବାହାର ପାର୍ଶ୍ୱରେ ନବଗ୍ରହ ମଧ୍ୟ ଖୋଦିତ ହୋଇ ରହିଛନ୍ତି। ମନ୍ଦିରଟି ଧୂସର ବାଲୁକା ପଥରରେ ନିର୍ମିତ ହୋଇଛି। ପାତାଳେଶ୍ୱର ଅର୍ଥାତ ପାତାଳ ଲୋକର ଦେବତା। ବିଶ୍ୱାସ ଅନୁଯାୟୀ ଏହି ମନ୍ଦିରରେ ଆଧ୍ୟାତ୍ମିକ ଉର୍ଜା ରହିଛି। ଭକ୍ତମାନେ ବିଶ୍ୱାସ କରନ୍ତି ଯେ ଶ୍ରାବଣ ସମୟରେ ଏହି ମନ୍ଦିରରେ ପୂଜା କରିବା ଦ୍ୱାରା ସେମାନଙ୍କର ସମସ୍ତ ପାପ ଧୋଇ ହୋଇଯାଏ।

### ଏବେ କେମିତି ରହିଛି

ମନ୍ଦିର ଚାରିପାଖରେ ବର୍ତ୍ତମାନ ସ୍ଥାନୀୟ ବ୍ୟବସାୟୀ କଦଳୀ ପତ୍ର ଓ ଅନ୍ୟାନ୍ୟ ପୂଜା ସାମଗ୍ରୀ ବିକ୍ରି କରୁଛନ୍ତି ଏବଂ ଅନ୍ୟପାଖରେ ବିନ୍ଦୁସାଗର ରହିଥିବାରୁ ମନ୍ଦିଟି ଚାରିପାଖରୁ ଆବଦ୍ଧ ହୋଇ ରହିଛି। ଏହାର ନିର୍ମାଣ ଧୂସର ବାଲୁକା ପଥରରେ ହୋଇଥିବାରୁ ବିଭିନ୍ନ ପ୍ରାକୃତିକ କାରଣ ଏବଂ ରକ୍ଷଣାବେକ୍ଷଣର ଅଭାବ ଯୋଗୁଁ ବର୍ତ୍ତମାନ ମନ୍ଦିରର ବାହାର ପାର୍ଶ୍ୱ କ୍ଷୟ ହେବାର ଲାଗିଛି। ଏପରିକି ମନ୍ଦିର ଉପରେ ଗଛ ଲତା ଉଠିଲେଣି। ବର୍ଷା ହେଲେ ଉପରଭାଗରୁ ପାଣି ମଧ୍ୟ ଗଳୁଛି। ତେଣୁ ଏହା ବିଶେଷ ରକ୍ଷଣାବେକ୍ଷଣ ଆବଶ୍ୟକ କରୁଛି ବୋଲି ସ୍ଥାନୀୟ ଜଣେ ପୂଜକ କହିଥିଲେ।

ସକାଳ THE SAKALA



# ଆଜିଠୁ ଶୀତଳଷଷ୍ଠୀ ମହୋତ୍ସବ

- ୧୪୮ ତମ ଯାତ୍ରା ପାଇଁ ସାମ୍ବାଦିକ ସମ୍ମିଳନୀରେ ସୂଚନା
- ଯୋଗଦେବେ ୧୦୦୦ କଳାକାର, ବ୍ୟୟ ହେବ ୬୦ ଲକ୍ଷ



**ବରପାଲି, ୨୬।୫(ସମିସ):**

ଆଜିଠୁ ବରପାଲିର ପ୍ରସିଦ୍ଧ ଶୀତଳଷଷ୍ଠୀ ବା ଶିବ ପାର୍ବତୀଙ୍କ ବିବାହ ମହୋତ୍ସବ ଆରମ୍ଭ ହେଉଛି। ସମ୍ପୂର୍ଣ୍ଣ ପୌରାଣିକ କଥା ବସ୍ତୁକୁ ନେଇ ଦୀର୍ଘ ୧୪୮ ବର୍ଷ ଧରି ଏହି ମହୋତ୍ସବ ଅନୁଷ୍ଠିତ ହୋଇ ଆସୁଛି। ସାରା ବରପାଲି ସହର ସୁନ୍ଦର ସୁନ୍ଦର ତୋରଣରେ ସଜେଇ ହୋଇ ପଡ଼ିଛି। ମଙ୍ଗଳବାରଠୁ ଆରମ୍ଭ ହୋଇ ଜୁନ୍ ୨ ଯାଏଁ ଯାତ୍ରା ଅନୁଷ୍ଠିତ ହେବ।

ଚଳିତ ବର୍ଷ ବରଗଡ଼ ନିବାସୀ ସଞ୍ଜୟ ମେହେର ଓ ତାଙ୍କ ଧର୍ମପତ୍ନୀ ସସ୍ମିତା ମେହେର ମାତା ପାର୍ବତୀଙ୍କ ପିତାମାତା ଦାୟିତ୍ୱ ନିର୍ବାହ କରୁଛନ୍ତି। ଗତ ଅକ୍ଷୟ ତୃତୀୟାରୁ ମେହେର ଦମ୍ପତି କେବଳ ଗୋଟିଏ ବେଳା ଅନ୍ନଭୋଗ ଗ୍ରହଣ କରିବା, ବାହାର ଖାଦ୍ୟ ବର୍ଜନ, ତଳେ ଶୋଇବା ଇତ୍ୟାଦି ବହୁ ନୀତି ନିୟମ ପାଳନ କରି ଆସୁଛନ୍ତି। ନିଜର ଏକ ଝିଅ ଥିବା ସତ୍ତ୍ୱେ ମାତା ପାର୍ବତୀଙ୍କୁ କନ୍ୟା ଭାବେ ପାଇ କୋଟି ଜନ୍ମର ଫଳ ମିଳିଯିବା କଥା ଉଭୟ ପତିପତ୍ନୀ ଭକ୍ତିପୂତ କଣ୍ଠରେ କହିଛନ୍ତି। ସାଙ୍ଗସାଥି, ବନ୍ଧୁବାନ୍ଧବ ସମସ୍ତଙ୍କୁ ଦେବ ବିବାହ ଉତ୍ସବରେ ଯୋଗ ଦେବାକୁ ନିମନ୍ତ୍ରଣ କରିଛନ୍ତି। ଶିବ ପାର୍ବତୀଙ୍କ ବିବାହ ଉତ୍ସବରେ ବହୁଳମାତ୍ରାରେ ଯୋଗ ଦେବାକୁ ଜନ ସାଧାରଣଙ୍କୁ ଅନୁରୋଧ କରିଛନ୍ତି।

ଯାତ୍ରା କାର୍ଯ୍ୟସୂଚୀ ଅନୁଯାୟୀ, ଶ୍ରୀ କପିଳେଶ୍ୱର ବାବା ୨୭ ତାରିଖ ସନ୍ଧ୍ୟାରେ ମନ୍ଦିରରୁ ବାହାରି ନଗର ପରିକ୍ରମା କରି ଭଣ୍ଡାର ଗୃହକୁ ଯିବେ। ୨୮ରେ କନ୍ୟା ମନୋନୟନ ବା ପତର ପେଣ୍ଡି, ୨୯ରେ ଭୈରବ ବାବାଙ୍କ ଦେବ ନିମନ୍ତ୍ରଣ ଶୋଭାଯାତ୍ରା, ୩୦ରେ ଗଣ୍ଠି ଆଳ ଫିଟା ଓ ବରାନୁଗମନ ଶୋଭାଯାତ୍ରା ହେବ। ତହସିଲ ଛକରୁ ବରଯାତ୍ରୀ ଆରମ୍ଭ ହୋଇ ହିମାଦ୍ରି ନଗର ପହଞ୍ଚିବ। ପରଦିନ ବୈଦିକ ରୀତିରେ ଦେବ ଦମ୍ପତିଙ୍କ ବିବାହ କାର୍ଯ୍ୟ ଅନୁଷ୍ଠିତ ହେବ। ୩୧ରେ ଯୁଗଳ ମୂର୍ତ୍ତି ଦର୍ଶନ ବା ବୈଠକି ଯାତ୍ରା, ୧ ତାରିଖ ଲମ୍ବନି ଶୋଭାଯାତ୍ରା, ୨ରେ ପ୍ରତ୍ୟାବର୍ତ୍ତନ ବା ଦେବ ଦମ୍ପତିଙ୍କ ମନ୍ଦିର ପ୍ରବେଶ ସହ ଯାତ୍ରାର ବିରତି ହେବ ବୋଲି ଯାତ୍ରା କମିଟି ସଭାପତି ଆନନ୍ଦ ବାବୁ ସୂଚନା ଦେଇଥିଲେ। ଚଳିତ ବର୍ଷ ଯାତ୍ରାକୁ ଅଧିକ ଆକର୍ଷଣୀୟ କରିବା ପାଇଁ ଢେଙ୍କାନାଳ ଘଣ୍ଟବାଦ୍ୟ, କଳାହାଣ୍ଡି ଘୁମୁରା ସହ ମହାରାଷ୍ଟ୍ର, କେରଳ, ଛତିଶଗଡ଼, ପଶ୍ଚିମବଙ୍ଗ ଆଦି ରାଜ୍ୟର ଏକ ହଜାର କଳାକାର ଯୋଗ ଦେବେ ବୋଲି କମିଟି ସମ୍ପାଦକ ଜୟନ୍ତ ତ୍ରିପାଠୀ କହିଥିଲେ। ସେହିପରି ଯାତ୍ରାର ଅନ୍ୟ ଏକ ମୁଖ୍ୟ ଆକର୍ଷଣ ହେଉଛି ତାରକାସୁରର ଦରବାର। ହାଇସ୍କୁଲ ପଡ଼ିଆରେ ମୀନାବଜାର, ନଟରାଜ ଉତ୍ସବ ଆଦି ଅନୁଷ୍ଠିତ ହେବା ସହ ସହରର ବିଭିନ୍ନ ଛକରେ ମନୋରଞ୍ଜନ କାର୍ଯ୍ୟକ୍ରମମାନ ହେବ। ଏଥିପାଇଁ ବ୍ୟୟ ଅଟକଳ ୬୦ଲକ୍ଷ ରଖାଯାଇଛି। ଯାତ୍ରା କମିଟି ପକ୍ଷରୁ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇ ଏହି ସୂଚନା ଦିଆଯାଇଛି। ଏହି ଅବସରରେ କନ୍ୟାପିତା ସଞ୍ଜୟ ମେହେର, ଉପଜିଲ୍ଲାପାଳ ପ୍ରସନ୍ନ ପାଣ୍ଡେ, ତହସିଲଦାର ରକ୍ମଣ ମେହେର, ଏନ୍‌ଏସି ନିର୍ବାହୀ ଅଧିକାରୀ ଭୁବନ ଶତପଥୀ, ଅଧ୍ୟକ୍ଷ ଦିନେଶ ଗହିର ତଥା ଯାତ୍ରା କମିଟି ସଦସ୍ୟମାନେ ଉପସ୍ଥିତ ଥିଲେ।

ବରଗଡ଼ ଉପଜିଲ୍ଲାପାଳ ପ୍ରସନ୍ନ ପାଣ୍ଡେ ତଥା ବରପାଲି ଶୀତଳଷଷ୍ଠୀ ମହୋତ୍ସବ କମିଟିର ସଦସ୍ୟ ଯାତ୍ରାକୁ ଅଧିକରୁ ଅଧିକ ଆକର୍ଷଣୀୟ କରିବା ପାଇଁ ଲାଗି ପଡ଼ିଛନ୍ତି। ଲକ୍ଷାଧିକ ଭକ୍ତଙ୍କ ସମାଗମକୁ ନେଇ ଜିଲ୍ଲା ପୁଲିସ ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ା କଡ଼ି କରାଯିବ। ଲୁଟପାଟ, ପକେଟ ମାର, ଅସାମାଜିକ କାର୍ଯ୍ୟକଳାପ ପାଇଁ ବରପାଲିର ବିଭିନ୍ନ ଛକ ଗୁଡ଼ିକରେ ସିସି କ୍ୟାମେରା ଲଗାଯାଇଛି। ଛକ ମାନଙ୍କରେ ପୁଲିସ କର୍ମଚାରୀ ମଧ୍ୟ ନିୟୋଜିତ ରହିବେ। ଏହାସତ୍ତ୍ୱେ ଏସ୍‌ଡିପିଓ ପଦାର ବିନ୍ଦ ତ୍ରିପାଠୀ ଯାତ୍ରାକୁ ସୁରୁଖୁରୁରେ ଶୃଙ୍ଖଳା ସହ ପରିଚାଳନା ନିମନ୍ତେ ଜନସାଧାରଣଙ୍କ ସହଯୋଗ କାମନା କରିଛନ୍ତି।

## ରାଜ୍ୟସ୍ତରୀୟ ଭଲିବଲ୍ ଚୟନ ଶିବିର ଉଦ୍‌ଯାପିତ



**ବରପାଲି, ୨୬।୫(ସମିସ):** ବରପାଲି ଲିଟିଲ୍ ଏଞ୍ଜେଲ୍ସ ପବ୍ଲିକ୍ ସ୍କୁଲ ପରିସରରେ 'ସ୍ପେସିଆଲ୍ ଅଲିମ୍ପିକ ଭାରତ ଓଡ଼ିଶା' ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ଭଲିବଲ୍ ଚୟନ ଶିବିର ସମାପନ ହୋଇଯାଇଛି। ଗତ ୨୪ ତାରିଖ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ୩୪ଜଣ କ୍ରୀଡ଼ାବିତଙ୍କୁ ନେଇ କାର୍ଯ୍ୟକ୍ରମଟି ଆରମ୍ଭ ହୋଇଥିଲା। ସ୍ପେସିଆଲ୍ ଅଲମ୍ପିକସ୍ ଭାରତ ଓଡ଼ିଶାର ରାଜ୍ୟ ସଭାପତି ସୁନିତା ମୁଣ୍ଡଙ୍କ ଅଧ୍ୟକ୍ଷତାରେ ଶିବିର ଉଦ୍‌ଯାପନି ସଭା ପରିଚାଳିତ ହୋଇଥିଲା। ଶିବିରରେ ଦିବ୍ୟାଙ୍ଗ ପ୍ରତିଯୋଗୀଙ୍କ ପ୍ରତିଭା ଉପରେ ଚୟନ କରାଯାଇଥିଲା। ମୁଖ୍ୟ ଅତିଥି ରୂପେ ବରପାଲି ବ୍ଲକ ରିସୋର୍ସ ଶିକ୍ଷକ ମୁକୁନ୍ଦ ମେହେର ଓ ସମ୍ମାନିତ ଅତିଥି ଭାବେ ସରସ୍ୱତୀ ମହିଳା ସଂଘ ସଭ୍ୟା ପ୍ରତିଭା ବାରିକ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷା ମଧୁସ୍ମିତା ମୁଣ୍ଡ, ଉପାଧ୍ୟକ୍ଷ ସୁଶୀଳ ରଥ, ପ୍ରାଶାସନିକ ଅଧିକାରୀ ମିନତି ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଉଦ୍‌ଘାଟନୀ ଉତ୍ସବରେ ସଭାକାର୍ଯ୍ୟକୁ ଅନୁପମ ଗଡ଼ତିଆ ପରିଚାଳନା କରିଥିଲେ। ସରସ୍ୱତୀ ସଂଘର ସଭ୍ୟା ସୁମନା ପାଣିଗ୍ରାହୀ ସ୍ୱାଗତ ସମ୍ଭାଷଣ ଓ ବେଦମତୀ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ। ଖେଳର କୋଚ୍ ଭାବେ ପୁରନ୍ଦର ସିଂହ, ସରୋଜ ପ୍ରଧାନ, ବିଶ୍ୱରଞ୍ଜନ ଥଇତ୍, ପ୍ରଶାନ୍ତ ସାମଲ ଦାୟିତ୍ୱ ବହନ କରି ଭଲିବଲ ଖେଳାଳିଙ୍କୁ ଚୟନ କରିଥିଲେ। କୃତୀତ୍ୱ ଅର୍ଜନ କରିଥିବା କ୍ରୀଡ଼ାବିତଗଣ ଆଗାମୀ ସମୟରେ ଜାତୀୟସ୍ତରରେ ହେବାକୁ ଥିବା ଭଲିବଲ ପ୍ରତିଯୋଗିତାରେ ଭାଗନେବେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଜିଲ୍ଲାରୁ ଆସିଥିବା ପ୍ରତିଯୋଗୀଙ୍କ ଅଭିଭାବକ, ସରସ୍ୱତୀ ସଂଘର ଅନ୍ୟାନ୍ୟ ସଭ୍ୟା ଓ କର୍ମକର୍ତ୍ତାଗଣ, ଲିଟିଲ ଏଞ୍ଜେଲ୍ସ ପବ୍ଲିକ ସ୍କୁଲର କାର୍ଯ୍ୟକର୍ତ୍ତା ସହଯୋଗ କରିଥିଲେ।

## ରାଧାରାଣୀ ବିହାରରେ ସାବିତ୍ରୀ ବ୍ରତ

**ବରଗଡ଼, ୨୬।୫(ସମିସ):** ପବିତ୍ର ସାବିତ୍ରୀ ଅମାବାସ୍ୟା ବରଗଡ଼ର ସମସ୍ତ ଦେବଦେବୀ ପୀଠ ଏବଂ ପଡ଼ା ମଧ୍ୟରେ ଉତ୍ସାହ ଉଦ୍ଦୀପନା ସହିତ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବରଗଡ଼ ଖଜୁରଟିକ୍ରା ରାଧାରାଣୀ ବିହାରରେ ଭକ୍ତି ସହକାରେ ବିବାହିତା ମହିଳା ମାନେ ସାବିତ୍ରୀ ବ୍ରତ ପାଳନ କରି ପଣ୍ଡିତଙ୍କ ଦ୍ୱାରା ସାବିତ୍ରୀ ବ୍ରତ କଥା ଶ୍ରବଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜର୍ଜ ହାଇସ୍କୁଲର ଶିକ୍ଷୟିତ୍ରୀ ମଧୁମିତା ପୁରୋହିତଙ୍କ ସହିତ କମଳା ଦାଶ, ଗାୟତ୍ରୀ ଦାଶ, ସବିତା ହାତି, ଗୀତାଞ୍ଜଳି ପଣ୍ଡା, ରେଣୁକା ଦାଶ, ମମତା ପଣ୍ଡା, ଲିଲୀ ବେହେରା, ଲିସା ବେହେରା ପ୍ରମୁଖ ନିଷ୍ଠାର ସହିତ ଉପବାସ ରହି ବ୍ରତ ପାଳନ କରିଥିଲେ।



## ନିଗମାନନ୍ଦ ବିହାରରେ ସାମୂହିକ ସାବିତ୍ରୀ ପୂଜା



**ବରଗଡ଼, ୨୬।୫(ସମିସ):** ନିଗମାନନ୍ଦ ବିହାର ୱାର୍ଡ ୧ରେ ସାମୂହିକ ସାବିତ୍ରୀ ପୂଜା ଅନୁଷ୍ଠିତ ହୋଇଯାଇଛି। ଗଳି ନଂ ୧୨ରେ ପଡ଼ାର ମହିଳାମାନେ ଏକତ୍ରିତ ହୋଇ ପୂଜାର ଆୟୋଜନ କରିଥିଲେ। ନିଜ ନିଜ ସ୍ୱାମୀ ମାନଙ୍କ ଦୀର୍ଘ ସୁସ୍ଥ ନିରାମୟ ଜୀବନ କାମନା କରି ମହିଳାମାନେ ବ୍ରତ ଧାରଣ କରିଥିଲେ। ଏହି ଅବସରରେ ବିଭିନ୍ନ କିସମର ଫଳକୁ ଭୋଗ ଭାବେ ଅର୍ପଣ କରି ପାଖ ପଡ଼ୋଶୀରେ ବଣ୍ଟନ ମଧ୍ୟ କରାଯାଇଥିଲା। ଏହି ସାମୂହିକ କାର୍ଯ୍ୟକ୍ରମ ପାଇଁ ସମ୍ପାଦକ ଟିକେ ଲାଲ୍ ନାଏକ ସହଯୋଗ କରିଥିଲେ।

## ରଥଯାତ୍ରା ଓ ମାଉସୀ ମାଁ ମନ୍ଦିର ପ୍ରତିଷ୍ଠା ପାଇଁ ବୈଠକ



**ପଦ୍ମପୁର, ୨୬।୫(ସମିସ):** ପଦ୍ମପୁର ମାଉସୀ ମାଁ ମନ୍ଦିର କମିଟି ଶାନ୍ତି ନଗର, ମୈତ୍ରୀ ନଗର, ଜ୍ୟୋତି ନଗର, ଚନ୍ଦ୍ରଶେଖର ନଗର କମିଟିର ମିଳିତ ଆନୁକୂଲ୍ୟରେ ଆସନ୍ତା ରଥଯାତ୍ରା ଓ ମାଉସୀ ମାଁ ମନ୍ଦିର ପ୍ରତିଷ୍ଠା ପାଇଁ ପ୍ରସ୍ତୁତି ବୈଠକ ଶାନ୍ତି ନଗର ଶିକ୍ଷକ ଭବନରେ ଅନୁଷ୍ଠିତ ହୋଇଛି। ବୈଠକରେ ଡ.ଦେବାଶିଷ ରଥ ସଭାପତିତ୍ୱ କରିଥିଲେ। ଜୁନ ୨୬ରେ ମାଉସୀ ମାଁ ମନ୍ଦିର ପ୍ରତିଷ୍ଠା, ସଂଧ୍ୟାରେ ନାମ ସଂକୀର୍ତ୍ତନ ପାଇଁ କଳସଯାତ୍ରା, ୨୭ରେ ନାମାରମ୍ଭ ଓ ଜୁଲାଇ ୫ ପର୍ଯ୍ୟନ୍ତ ମହା ଆଡ଼ମ୍ବରରେ ରଥଯାତ୍ରା ପାଳନ କରିବା ପାଇଁ ସ୍ଥିର କରାଯାଇଛି। ଅନୁଷ୍ଠାନର କୋଷାଧ୍ୟକ୍ଷ କୁନାଲ ପାଣିଗ୍ରାହୀ ଆୟବ୍ୟୟ ବିବରଣୀ ବିଷୟରେ ଆଲୋଚନା କରିଥିଲେ। ସମ୍ପାଦକ ପ୍ରତାପ ନାଥ ସମସ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ବିଷୟରେ ସମସ୍ତଙ୍କୁ ଅବଗତ କରିଥିଲେ। ନାମ ସଂକୀର୍ତ୍ତନ ପାଇଁ ଅଶୋକ ସାହୁ, ସୁରେଶ ସାହୁ, ଦିବ୍ୟ କିଶୋର ପଣ୍ଡା, ଝସକେତନ ପସାୟତ, ହରିବୋଲ ସାହୁ, ଘନଶ୍ୟାମ ମେହେର, ମୁକେଶ ବେହେରାଙ୍କୁ ଦାୟିତ୍ୱ ଦିଆଯାଇଥିଲା। ଶ୍ୟାମାମଣି ରଥ, ସୌଦାମିନୀ ପାଣିଗ୍ରାହୀ, ନୁରାବତୀ ପଣ୍ଡା, ବବି ସାହୁ, ସୁବାଶିନୀ ଦାସ, ଡ.ଗଦାଧରରଥ, ଡ.ଅର୍ଜୁନ ଦେବତା, ପ୍ରିତିରଞ୍ଜନ ପ୍ରଧାନ, ଜିତେନ୍ଦ୍ରୀୟ ଦାସ, ତୁଷାରକାନ୍ତ ପ୍ରଧାନ, ଶାନ୍ତନୁ ପାଣିଗ୍ରାହୀ, ତାରା ପ୍ରସାଦ ଶତପଥୀ, ଜୟକେତନ ତ୍ରିପାଠୀ, ପ୍ରଫୁଲ୍ଲ ବେହେରା, ମାନସରଞ୍ଜନ ମହାନ୍ତି, ଅଶୋକ ଦାସ, ନୀଳମାଧବ ସାହୁ, ମଧୁସୂଦନ ଦେବତା, ଅଶୋକ ସାହୁ, ସୁରେଶ ସାହୁ, ଦିବ୍ୟ କିଶୋର ପଣ୍ଡା, ଝସକେତନ ପସାୟତ, ହରିବୋଲ ସାହୁ, ଘନଶ୍ୟାମ ମେହେର, ମୁକେଶ ବେହେରା, ଦୁର୍ଗାଚରଣ ସାହୁ, ରବି ନାରାୟଣ ପଣ୍ଡା, ଗଙ୍ଗାଧର ମହାନ୍ତି, ପ୍ରମୋଦ ନାୟକ, ସୂର୍ଯ୍ୟ ପ୍ରସାଦ ହୋତା ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଉପସଭାପତି ମହେଶ ବେହେରା ଧନ୍ୟବାଦ ଦେଇଥିଲେ।

ଭେଡେନ ପଞ୍ଚାୟତ ଲିଗ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ରୟାଲ ଇଲେଭେନ ବିଜୟୀ



**ଭେଡେନ, ୨୬।୫(ସମିସ):** ଭେଡେନ ସ୍ଥିତ ରନଜିତା ଖେଳ ପଡ଼ିଆରେ ଚାଲିଥିବା ଭେଡେନ ପଞ୍ଚାୟତ କ୍ରିକେଟ ଲିଗ ଟୁର୍ଣ୍ଣାମେଣ୍ଟରେ ରବିବାର ରୟାଲ ଇଲେଭେନ୍ ଓ ଡାଏର ଫାଇଟର ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଛି। ରୟାଲ ଇଲେଭେନ ଟସ୍ ଜିତି ବୋଲିଂର ନିଷ୍ପତ୍ତି ନେଇଥିଲା। ଫଳରେ ଡାଏର ଫାଇଟର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୭ ୱିକେଟ ହରାଇ ୮୩ରନ ସଂଗ୍ରହ କରିଥିଲା। ଜବାବ୍‌ରେ ରୟାଲ ଇଲେଭେନ ୯.୫ ଓଭର୍‌ରେ ୭ ୱିକେଟ ହରାଇ ୮୪ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। ରୟାଲ ଇଲେଭେନ୍‌ର ରୋହନ ଥପା ୨୧ ଓଭରରେ ୧ରନ ଦେଇ ଏବଂ ୩ ୱିକେଟ ନେଇ ମ୍ୟାନ୍ ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ମ୍ୟାଚ୍‌ରେ ଅତିଥି ଭାବେ ଗୌର ଦେହେରି ଯୋଗଦାନ କରି ପୁରସ୍କାର ବିତରଣ କରିଥିଲେ। ଖେଳକୁ ସୁନିଲ ଅଦାବର ଓ ପ୍ରସନ୍ନ ଦାଶ୍ ପରିଚାଳନା କରିଥିବା ବେଳେ ସ୍କୋରର୍ ଭାବେ ବିନୟ ନାଏକ ଓ ଏମଡିରାଜୁ ଦାୟିତ୍ୱ ତୁଲାଇଥିଲେ। ଖେଳର ଧାରାବିବରଣୀ ବାବୁଲାଲ୍ ଓ ଏମଡିରାଜୁ ପ୍ରଦାନ କରିଥିଲେ।

# ସମାଜସେବା ପାଇଁ ସମ୍ମାନିତ

**ମେଲଛାମୁଣ୍ଡା, ୨୬।୫(ସମିସ):** ସମାଜସେବା କାର୍ଯ୍ୟ ପାଇଁ ବରଗଡ଼ ସମାଜସେବୀ ସଂଘ ତରଫରୁ ରାଜେଶ ନନ୍ଦ ଓ ତାଙ୍କ ସଂଗଠନ ସମ୍ମାନିତ ହୋଇଛନ୍ତି। ବରଗଡ଼ ପୁରୁଣା ଡାକ୍ତରଖାନାକୁ ଆସୁଥିବା ରୋଗୀଙ୍କ ସମ୍ପର୍କୀୟଙ୍କ ପାଇଁ କରାଯାଉଥିବା ରନ୍ଧାଖାଦ୍ୟ ବ୍ୟବସ୍ଥାକୁ ଏକ ବର୍ଷ ପୂର୍ତ୍ତି ଅବସରରେ ପୁରୁଣା ଡାକ୍ତରଖାନା ପରିସରରେ ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମ ମହା ସମାରୋହରେ ଅନୁଷ୍ଠିତ ହୋଇଛି। ସଂଘ ସଭାପତି ବଳିଷ୍ଠ ଦୁର୍ଗାଙ୍କ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ବରଗଡ଼ ଲୋକସଭା କ୍ଷେତ୍ର ସାଂସଦ ପ୍ରଦୀପ ପୁରୋହିତ ଯୋଗ ଦୋଇଥିଲେ। ସେହିପରି ବିଜେପି ନେତା ଅକ୍ରୁର ମଲ୍ଲିକ, ସର୍ଦାର ପ୍ରିତମ ସିଂ, ଯଶବୀର ସିଂ ସୈନି, ମିନାକ୍ଷୀ ମିଶ୍ର, ଅଞ୍ଜନା ଦାଶ ପ୍ରମୁଖ ମଞ୍ଚାସୀନ ରହି ଥିଲେ। ସମାଜସେବା କାର୍ଯ୍ୟରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଭିନ୍ନ ସାମାଜିକ ସଂଗଠନ ମାନଙ୍କୁ ଉପଢୌକନ ତଥା ସମ୍ମାନଫଳକ ଦେଇ ସମ୍ମାନିତ କରିଥିଲେ। ଏଥିରେ ଘେଁସ ନିକଟସ୍ଥ ପେଟୁପାଲି ଗାଁର ରାଜେଶ ନନ୍ଦ ଓ ତାଙ୍କ ସାମାଜିକ ଅନୁଷ୍ଠାନକୁ ସମାଜସେବା ପାଇଁ ସମ୍ମାନିତ କରାଯାଇଥିଲା। ଜିଲ୍ଲା ବଜରଙ୍ଗ ଦଳ ମଧ୍ୟ ସମ୍ମାନିତ ହୋଇଥିଲା। ବଜରଙ୍ଗ ଦଳର ଜିଲ୍ଲା ସଂଯୋଜକ ସଞ୍ଜୀବ ମେହେର, ସହସଂଯୋଜକ ସୁକଦେବ ମଲ୍ଲିକ, ନଗର ବିଭାଗ ପ୍ରମୁଖ ବିଶ୍ୱନାଥ ସାହୁ ପ୍ରମୁଖ ସମ୍ମାନଫଳକ ଗ୍ରହଣ କରିଥିଲେ।

- ବିଶ୍ୱ ଥାଇରଏଡ଼ ଦିବସ

## ଜନ୍ମଦିନରେ ମାଗଣା ରକ୍ତ ପରୀକ୍ଷା କଲେ ପରିଚାଳକ

**ପାଇକମାଳ, ୨୬।୫(ସମିସ):** ପାଇକମାଳ ସ୍ଥିତ ମେହେର ପାଥୋଲ୍ୟାବରେ ବିଶ୍ୱ ଥାଇରଏଡ଼ ଦିବସ ପାଳନ ଅବସରରେ ରବିବାର ମାଗଣା ଥାଇରାଏଡ଼ ପରୀକ୍ଷା ବାବଦକୁ ରକ୍ତ ନମୁନା ସଂଗ୍ରହ କରାଯାଇଛି। ଏଥିପାଇଁ ୫୬ ଜଣ ରକ୍ତ ନମୁନା ଦେଇଛନ୍ତି। ରକ୍ତ ନମୁନାକୁ ଭୁବନେଶ୍ୱର ସ୍ଥିତ ଥାଏରୋକେୟାର ଲ୍ୟାବକୁ ପଠାଯାଇଛି। ନମୁନା ସବୁ ପରୀକ୍ଷା ହୋଇ ସୋମବାର ସନ୍ଧ୍ୟା ସୁଦ୍ଧା ଥାଇରଏଡ଼ ପରୀକ୍ଷାର ରିପୋର୍ଟ ସମସ୍ତଙ୍କୁ ମିଳିଯିବ ବୋଲି ଲ୍ୟାବ ପରିଚାଳକ ଓମପ୍ରକାଶ ମେହେର କହିଛନ୍ତି। ୨୫ ମଇ ବିଶ୍ୱ ଥାଇରଏଡ଼ ଦିବସରେ ଶ୍ରୀ ମେହେରଙ୍କ ଜନ୍ମଦିବସ ପଡ଼ିଥାଏ। ସେ ଗତ ୩ ବର୍ଷ ହେଲା ଏହି ଦିନ ନିସ୍ୱାର୍ଥ ଭାବେ ନିଃଶୁଳ୍କରେ ଥାଇରଏଡ଼ ପରୀକ୍ଷା କରି ଆସୁଛନ୍ତି। ଆଗକୁ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଅନେକ ସକାରାତ୍ମକ ପଦକ୍ଷେପ ନେବେ ବୋଲି ଶ୍ରୀ ମେହେର କହିଛନ୍ତି। ବର୍ଷକରେ ଥରେ ମାଗଣା ଥାଇରଏଡ଼ ପରୀକ୍ଷାର ସୁବିଧା ପାଉଥିବାରୁ ଅଞ୍ଚଳବାସୀ ଓମପ୍ରକାଶ ମେହେରଙ୍କୁ ଧନ୍ୟବାଦ ଦେବା ସହ ଖୁସି ବ୍ୟକ୍ତ କରିଛନ୍ତି।

# ବିଶ୍ୱ ହକର୍ ଦିବସ ପାଳିତ



**ବରଗଡ଼, ୨୬।୫(ସମିସ):** ବରଗଡ଼ ଜୟ ଜଗନ୍ନାଥ ହୋଟେଲରେ ଖବରକାଗଜ ବିତରକ ସଂଘ ପକ୍ଷରୁ ସୋମବାର ବିଶ୍ୱ ହକର୍ ଦିବସ ପାଳିତ ହୋଇଯାଇଛି। ବରଗଡ଼ ମହିଳା ସମିତି ସଭାପତି ଅଞ୍ଜନା ଦାସ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ହକରଙ୍କ ବିଭିନ୍ନ ସମସ୍ୟା ବୁଝିବା ସହ ସେମାନଙ୍କୁ ସହଯୋଗ ଦେବା ପାଇଁ କହିଥିଲେ। ଡିଜିଟାଲ ଯୁଗରେ ଖବରକାଗଜ ବିକ୍ରି କରୁଥିବା ହକର୍ ଭାଇମାନେ ଦିନକୁଦିନ ବିଭିନ୍ନ ସମସ୍ୟା ଦେଇ ଘାଣ୍ଟି ହେଉଥିବା ପରିଲକ୍ଷିତ ହେଉଛି। ମୁଦ୍ରିତ ଗଣମାଧ୍ୟମର ଚାହିଦା କମିଥିଲେ ମଧ୍ୟ ଏହାର ଦୃଶ୍ୟମାନ ସ୍ଥିତି ରହିବା ନେଇ ହକର୍ ଭାଇମାନେ ବେଶ୍ ଆଶାବାଦୀ। ସେମାନଙ୍କ ମତରେ ଛାପା ଗଣମାଧ୍ୟମରେ ପ୍ରକାଶିତ ସୂଚନାରେ କମ୍ ତଥ୍ୟଗତ ତ୍ରୁଟି ରହିଥାଏ। ଫଳରେ ସୋସିଆଲ୍ ମିଡିଆ ବା ଡିଜିଟାଲ ମିଡିଆ ତୁଳନାରେ ସଚେତନ ବର୍ଗଙ୍କ ପାଇଁ ଏହା ଅଧିକ ଭରସାଯୋଗ୍ୟ ହୋଇ ରହିଛି ଓ ରହିଥିବ। ବରଗଡ଼ରେ ଖବରକାଗଜ ବିତରଣ କରୁଥିବା ହକର୍ ମାନେ ବେଶ ସଂଗଠିତ ହୋଇ ରହିଛନ୍ତି। ହକର୍ ସମାଜର ହିତ ପାଇଁ ସେମାନଙ୍କ ସଂଗଠନ ପକ୍ଷରୁ ନିରନ୍ତର ଉଦ୍ୟମ ଚାଲିଛି। ତେବେ ସରକାର ହକର ମାନଙ୍କ ସମସ୍ୟା ଓ ସ୍ଥିତିକୁ ଦେଖି ସ୍ୱତନ୍ତ୍ର ଧ୍ୟାନ ଦେବା ଉଚିତ ବୋଲି ହକର୍ ଭାଇମାନଙ୍କ ପକ୍ଷରୁ ମତପ୍ରକାଶ ପାଇଛି। ଆଜିର କାର୍ଯ୍ୟକ୍ରମରେ ଜିଲ୍ଲା ଖବରକାଗଜ ବିତରକ ସଂଘର ସଭାପତି ଯୋଗେନ୍ଦ୍ର ସାହୁ, ସମ୍ପାଦକ ସମ୍ପଦ କଲେତ, ସହ ସମ୍ପାଦକ ଅଚ୍ୟୁତ ସର, କୋଷାଧ୍ୟକ୍ଷ ଜୟପ୍ରକାଶ କୁମ୍ଭାର, ରମେଶ ଦାସ, ସୁଶୀଳ ମହାନନ୍ଦ, ସୁଧାଂଶୁ ବାରିକ, ରାଜୀବ ବଗର୍ତ୍ତୀ ପ୍ରମୁଖ ଉପସ୍ଥିତ ଥିଲେ।

## ପୁରାତନ ଛାତ୍ର ସଂସଦର ସାଧାରଣ ବୈଠକ

**ପାଇକମାଳ, ୨୬।୫(ସମିସ):** ପାଇକମାଳ ବ୍ଲକ ପିଏମଶ୍ରୀ ମାଣ୍ଡୋସିଲ ସରକାରୀ ଉଚ୍ଚ ବିଦ୍ୟାଳୟର ପୁରାତନ ଛାତ୍ର ସଂସଦର ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ମାଟ୍ରିକ ପରୀକ୍ଷାରେ ଗ୍ରେଡ୍ ଏ୧ ଓ ଏ୨ରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା ଜଣାଇବା ପରିପ୍ରେକ୍ଷୀରେ ଆଲୋଚନା ହୋଇଥିଲା। ଏ ବର୍ଷ ପାଇକମାଳ ବ୍ଲକରେ ମାଣ୍ଡୋସିଲର ଜଣେ ଛାତ୍ରୀ ଏ୧ ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ତାଙ୍କ ସହ ଆଉ ୯ ଜଣ ଛାତ୍ରଛାତ୍ରୀ ଏ୨ ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେମାନଙ୍କୁ ଜୁନ ୨ ତାରିଖରେ ପୁରାତନ ଛାତ୍ର ସଂସଦ ତରଫରୁ ସମ୍ବର୍ଦ୍ଧିତ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ଏହି ସମୟରେ ପୁରାତନ ଛାତ୍ର ସଂସଦ ସଭାପତି ଗୋକୁଳାନନ୍ଦ ଡନସନା, ସମ୍ପାଦକ ତପନ ବହିଦାର, ବ୍ୟାଚ୍ ଲିଡର ରାଧେଶ୍ୟାମ ପଟେଲ, ଅନିରୁଦ୍ଧ ପଣ୍ଡା, ସଦାନନ୍ଦ ଭୋଇ, ଗୋପୀନାଥ ସାହୁ, ଅଭିଷେକ ସାହୁ, ସୁଧାଂଶୁ ସାହୁ ସମେତ ଅନେକ ସଭ୍ୟ ଉପସ୍ଥିତ ଥିଲେ।

## ରାତ୍ରିକାଳୀନ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ



**ପଦ୍ମପୁର, ୨୬।୫(ସମିସ):** ପଦ୍ମପୁର ଉପଖଣ୍ଡ ଘନାମାଳରେ ଅଷ୍ଟମ ରାତ୍ରିକାଳୀନ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଧାୟିକା ବର୍ଷା ସିଂ ବରିହା ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଦସ୍ୟା ପୂର୍ଣ୍ଣିମା ରଣା ଓ ସମିତି ସଭ୍ୟ ଅମିଲାଲ୍ ଭୁଏ ଯୋଗ ଦେଇଥିଲେ। ଉଦ୍‌ଘାଟନୀ ମ୍ୟାଚ୍ କେରମେଲି ଓ ବବଜା ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟସ୍ ଜିଣି ପ୍ରଥମେ କେରମେଲି ଦଳ ୪ ଓଭରରେ ୨ ୱିକେଟ୍ ବିନିମୟରେ ୫୦ରନ ସଂଗ୍ରହ କରିଥିଲା। ଜବାବରେ ନିର୍ଦ୍ଧାରିତ ୪ ଓଭରରେ ୪ ୱିକେଟ୍ ହରାଇ ୩୫ରନ୍ ସଂଗ୍ରହ କରି ବବଜା ଦଳ ପରାଜିତ ହୋଇଥିଲା। ଏହି ଟୁର୍ଣ୍ଣାମେଣ୍ଟରେ ୨୪ଟି ଦଳ ଅଂଶଗ୍ରହଣ କରିଛନ୍ତି। ବିଜେତା ଦଳ ପାଇଁ ନଗଦରାଶି ୧୧୦୦୦ ଟଙ୍କା ସହ ଟ୍ରଫି ଓ ଉପ ବିଜେତା ଦଳ ପାଇଁ ନଗଦ ୭୦୦୦ ଟଙ୍କା ସହ ଟ୍ରଫି ପୁରସ୍କାର ବାବଦକୁ ପ୍ରଦାନ କରାଯିବ ବୋଲି କ୍ଲବ୍ ସମ୍ପାଦକ ମୀନକେତନ ବିଶ୍ୱାଳ ସୂଚନା ଦେଇଛନ୍ତି। ଖେଳକୁ ସଭାପତି ଜିତେନ୍ଦ୍ର ପ୍ରଧାନ, ଅନିରୁଦ୍ଧ ରଣା, ସୁରେନ୍ଦ୍ର ସାହୁ, ଜୀବର୍ଦ୍ଧନ ବେହେରା, ରାମକୃଷ୍ଣ ବାରିକ, ସତ୍ୟ ବେହେରା ପ୍ରମୁଖ ପରିଚାଳନା କରିଥିଲେ। ସେହିପରି ଦିଲ୍ଲୀପ ପଧାନ, ବାବୁଲୁ ବେହେରା, ନବୀନ ନାଏକ, ସୁନା ସାହୁ, ଅର୍ଜୁନ ବାରିକ, ପ୍ରଫୁଲ୍ଲ ବରିହା ଏବଂ ଷ୍ଟାର ପ୍ଲସ କ୍ରିକେଟ କ୍ଲବ୍‌ର ସମସ୍ତ କର୍ମୀ ସହଯୋଗ କରିଥିଲେ।

# ଝାରବନ୍ଧରେ ପରାକ୍ରମ ଶୋଭାଯାତ୍ରା



**ବରଗଡ଼, ୨୬।୫(ସମିସ):**

ଅପରେସନ ସିନ୍ଦୂରର ସଫଳତାରେ ଜାତୀୟତା ଭାବ ଜାଗ୍ରତ ପାଇଁ ତଥା ଯବାନ ମାନଙ୍କୁ ଉତ୍ସାହ ଦେବା ପାଇଁ ବରଗଡ଼ ଜିଲ୍ଲାର ବିଭିନ୍ନ ସ୍ଥାନରେ ପରାକ୍ରମ ଶୋଭାଯାତ୍ରା ଅନୁଷ୍ଠିତ ହେଉଛି। ସେହିକ୍ରମରେ ଜିଲ୍ଲାର ଝାରବନ୍ଧ ବ୍ଲକରେ ଜୋରଦାରରେ ପରାକ୍ରମ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ଏଥିରେ ବିଭିନ୍ନ ଗାଁରୁ ଶତାଧିକ ଜନତା ତ୍ରିରଙ୍ଗା ପତାକା ଧରି ସହର ପରିକ୍ରମା କରିଥିଲେ। ଭାରତ ମାତାର ଜୟଗାନରେ ଝାରବନ୍ଧ ସହର ମୁଖରିତ ହୋଇଥିଲା। ଶୋଭାଯାତ୍ରାରେ ମୁଖ୍ୟ ଅତିଥି ଭାବେ ବରଗଡ଼ ଲୋକସଭା ସାଂସଦ ପ୍ରଦୀପ ପୁରୋହିତ ଯୋଗଦେଇ ଥିଲେ। ସମ୍ମାନିତ ଅତିଥି ଭାବେ ଝାରବନ୍ଧ ଡିଗ୍ରୀ କଲେଜ ଅଧ୍ୟକ୍ଷ ଶ୍ୟାମସୁନ୍ଦର ବେହେରା, ଅବସରପ୍ରାପ୍ତ ଅଧ୍ୟକ୍ଷ ସାନନ୍ଦ ସାହୁ, ବିଜେପି ନେତା ଗୋବର୍ଦ୍ଧନ ଭୋଏ, ଦୁର୍ଗାପ୍ରସାଦ ଅଗ୍ରୱାଲ, ବୀରଦୈତ୍ୟ ସାହୁ, ଜଗଦୀଶ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ପୂର୍ବତନ ସୈନିକ ପ୍ରସନ୍ନ ବାରିକ, ଜୟ ସାହୁ ଓ ସୀମା ସୁରକ୍ଷା ବଳ ସୈନିକ ରୁଦ୍ରା ସାହୁଙ୍କୁ ସମର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ସଦସ୍ୟ ସନ୍ତୋଷ ବେହେରା, ଛୋଟଅନକୀ ସରପଞ୍ଚ ଚିନ୍ତାମଣି ରାଉତ, ସତ୍ୟମ ପ୍ରଧାନ, କ୍ଷୀରସାଗର ସାହୁ, ପୂର୍ବତନ ଜିଲ୍ଲା ପରିଷଦ ହରିହର ସାହୁ ପଦ୍ମନରଣା, ଗୋବିନ୍ଦ ପଟେଲ, ମନୋଜ ପ୍ରଧାନ, ହରେକୃଷ୍ଣ ପଟେଲ, ରାମକୃଷ୍ଣ ପ୍ରଧାନ, ସାମନ୍ତ ମୁନା, ତ୍ରିଲୋଚନ ସାହୁ, ବିନୋଦ ବିହାରୀ ବାଗ, ନନ୍ଦକିଶୋର ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ। ଝାରବନ୍ଧ ବ୍ଲକର ୧୪ଟି ପଞ୍ଚାୟତର ଜନସାଧାରଣ ଏଥିରେ ଯୋଗ ଦେଇଥିଲେ।

### ଆବର୍ଜନା କୁଣ୍ଡ ପାଲଟିଛି ତାଳଦଣ୍ଡା କେନାଲ

# ପାଣି ଦୂଷିତ, ପୁନରୁଦ୍ଧାର ଦାବି

କୁଜଙ୍ଗ,୨୬।୫(ସମିସ):



ରାଜ୍ୟର ପ୍ରମୁଖ କେନାଲ ତାଳଦଣ୍ଡା କେନାଲ। ଏହି କେନାଲର କେତେକ ସ୍ଥାନ ଏବେ ଶୁଖିଲା ପଡ଼ିଥିବାବେଳେ ଏହା ଆବର୍ଜନା କୁଣ୍ଡ ପାଲଟିଛି। ଏହି ଆବର୍ଜନା କେନାଲ ପାଣିକୁ ପ୍ରଦୂଷିତ କରୁଥିବାବେଳେ ପାରାଦୀପ ପାଇଁ ବିପଦ ସୃଷ୍ଟି କରିଛି। ଉକ୍ତ କେନାଲର ପୁନରୁଦ୍ଧାର କରାଯିବାକୁ ସାଧାରଣରେ ଦାବି ହେଉଛି। କଟକ-ପାରାଦୀପ ରାସ୍ତାର ତାଳଦଣ୍ଡା ସନ୍ନିକଟ ଚୌଧୁରୀଗଡ଼ା ନିକଟରୁ ପାରାଦୀପ ବନ୍ଦରକୁ ବଡ଼ ପମ୍ପ ଯୋଗେ ପାଣି ଯୋଗାଣ କରାଯାଉଛି। ପାରାଦୀପ ବନ୍ଦରର ଜୀବନରେଖା କୁହାଯାଉଥିବା ତାଳଦଣ୍ଡା କେନାଲ ଏବେ ଅଳିଆ ଆବର୍ଜନାରେ ପ୍ରଦୂଷିତ ହୋଇପଡ଼ିଲାଣି। ମହାନଦୀରେ ଯୋବ୍ରା ଆନିକଟ ନିକଟରୁ ପାରଦୀପ ପର୍ଯ୍ୟନ୍ତ ଲମ୍ବିଥିବା ଉକ୍ତ କେନାଲରେ ସ୍ଥାନୀୟ ହାଟବଜାରର ବର୍ଜ୍ୟବସ୍ତୁ, ମାଛ, ମାଂସ, ପରିତ୍ୟକ୍ତ ସାମଗ୍ରୀ, ହୋଟେଲର ପଚାସଢ଼ା ପାଣି ଓ ଅଇଁଠା ଖାଦ୍ୟ ସାଙ୍ଗକୁ ଉଠା ଦୋକାନୀଙ୍କ ସୋଲ ଠୋଲା, ଶୁଖିଲା କଦଳିପତ୍ର ସମେତ ଦୁର୍ଘଟଣାରେ ମୃତ୍ୟୁବରଣ କରୁଥିବା ଗାଈଗୋରୁ, କୁକୁର ପକାଯାଉଥିବା ଦେଖିବାକୁ ମିଳୁଛି। ଏହାଦ୍ୱାରା ତାଳଦଣ୍ଡା କେନାଲ ପାଣି ପ୍ରଦୂଷିତ ହେଲାଣି। କନ୍ଦରପୁର, ଜଇପୁର, ରାହାମା, କୁଜଙ୍ଗ, ଭୂତମୁଣ୍ଡାଇ, ପାରାଦୀପଗଡ଼ର ହାଟ ବଜାରରୁ ଦୈନିକ ଟ୍ରାକ୍ଟର ଟ୍ରାକ୍ଟର ପନିପରିବା, କୋବି ପତ୍ର, କଦଳୀ କାନ୍ଧି ତାଳଦଣ୍ଡା କେନାଲରେ ପକାଯିବା ଦ୍ୱାରା ପାଣି ପଚି ପୋକ ସାଲୁବାଲୁ ହେବା ସାଙ୍ଗକୁ ପାଣି ଦୂଷିତ ହେବାରେ ଲାଗିଛି। ଏ ପାଣି ପାରାଦୀପ ବନ୍ଦରକୁ ଯୋଗାଣ ହେଉଥିବାରୁ ଏହା ବିପଦ ସୃଷ୍ଟି କରିଛି। ପ୍ରତିବର୍ଷ ଜଳସମ୍ପଦ ବିଭାଗ ପକ୍ଷରୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହୋଇ ପଟୁମାଟି ଓ ଦଳ ସଫା ନାଁରେ କେବଳ ଠିକାଦାର ପୋଷା ଚାଲିଛି। ତେବେ ଯେଉଁ ଅବସ୍ଥାକୁ ସେହି ଅବସ୍ଥା ଦେଖିବାକୁ ମିଳୁଛି। ଯଦ୍ୱାରା କେନାଲ କୂଳିଆ ଲୋକେ କେନାଲରେ ସୌଚ ହେବାକୁ କି କେନାଲ ପାଣି ବ୍ୟବହାର କରିବାକୁ ଉଚିତ ମଣୁନାହାନ୍ତି। ଏଣୁ ଜିଲ୍ଲାପାଳ ତାଳଦଣ୍ଡା କେନାଲକୁ ପ୍ରଦୂଷିତ କରୁଥିବା ବ୍ୟକ୍ତିଙ୍କ ପ୍ରତି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଶିକ୍ଷାବିତ୍ ଅଶୋକ କୁମାର ମହାନ୍ତିଙ୍କ ସମେତ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

## ଜିଲ୍ଲାସ୍ତରୀୟ ମେଧାବୀ ବିଦ୍ୟାର୍ଥୀ ଅଭିନନ୍ଦନ କାର୍ଯ୍ୟକ୍ରମ



ଜଗତସିଂହପୁର/କୁଜଙ୍ଗ,୨୬।୫(ସମିସ): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଜଗତସିଂହପୁର ଜିଲ୍ଲା ଶାଖା ପକ୍ଷରୁ ଜିଲ୍ଲାସ୍ତରୀୟ ମେଧାବୀ ବିଦ୍ୟାର୍ଥୀ ଅଭିନନ୍ଦନ କାର୍ଯ୍ୟକ୍ରମ କୁଜଙ୍ଗ ସୂଚନା ଭବନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୫୦ରୁ ଊର୍ଦ୍ଧ୍ୱ ଦଶମ ଓ ଦ୍ୱାଦଶ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ସେମାନଙ୍କ ସଫଳତା ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାର୍ଥୀ ପରିଷଦର ଜିଲ୍ଲା ସଂଯୋଜକ ଛାତ୍ର ନେତା ସତ୍ୟପ୍ରକାଶ ମହାନ୍ତିଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସଞ୍ଜୀବ ମହାପାତ୍ର, ମୁଖ୍ୟବକ୍ତା ଭାବେ ଏବିଭିପି ସଂଯୋଜକ ଦେବପ୍ରସାଦ ବେହେରା, ସମ୍ମାନିତ ଅତିଥି ଭାବେ ଗତିକୃଷ୍ଣ ଶତପଥୀ, ସଞ୍ଜୀବ ମୁଦୁଲି, ସୂର୍ଯ୍ୟକାନ୍ତ ମଲ୍ଲ ପ୍ରମୁଖ ଯୋଗଦେଇ ସମ୍ବର୍ଦ୍ଧିତ କରିବା ସହିତ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ରୁଦ୍ରପ୍ରସାଦ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଡିସେମ୍ବର ଶେଷ ସପ୍ତାହରେ ବାଲିକଣି ମହୋତ୍ସବ



କୁଜଙ୍ଗ,୨୬।୫(ସମିସ): କୁଜଙ୍ଗ ବ୍ଲକ୍ ମହାନଦୀ ଓ ପାଇକାର ଦୋଆବ ଅଞ୍ଚଳରେ ଏକକ ଲୋକ ମହୋତ୍ସବ ଅନୁଷ୍ଠିତ ହେବାକୁ ଯାଉଛି। ବଡ଼ବାଲିକଣି ପଞ୍ଚାୟତର ତ୍ରିଧାରାଠାରେ ଏହି ମହୋତ୍ସବ ଅନୁଷ୍ଠିତ ହେବ। ଏ ନେଇ ସମାଜସେବୀ ଇଂ ତ୍ରିବିକ୍ରମ ସାମନ୍ତରାୟଙ୍କ ସଭାପତିତ୍ୱରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବହୁ ଯୁବକ ଓ ମୁରୀବ ଯୋଗ ଦେଇଥିଲେ। ଡିସେମ୍ବର ଶେଷ ସପ୍ତାହରେ ଏହି ମହୋତ୍ସବ ଆୟୋଜିତ ହେବ। ଅଞ୍ଚଳର କଳା, ସଂସ୍କୃତି, ଲୋକକଳା ଓ ପରମ୍ପରାକୁ ପୁନଃ ଉନ୍ମେଷ କରିବା ଓ ପ୍ରୋତ୍ସାହନ ଦେବା ଏହି ମହୋତ୍ସବର ଉଦ୍ଦେଶ୍ୟ। ପଞ୍ଚାୟତର ସମସ୍ତ ମୁରବୀ ଓ ଯୁବକ ଏପରିକି ମହିଳାମାନେ ଏହି ମହୋତ୍ସବରେ ସାମିଲ ହେବେ। ପ୍ରସ୍ତୁତି ବୈଠକରେ ପ୍ରକାଶ ସେଠୀ, ବିଶ୍ୱଜିତ ପଲାଇ, ଆନନ୍ଦ ପଲାଇ, ଡୋନାଲ ସେଠୀ, ସୂର୍ଯ୍ୟାଂଶୁ ଦାସ, ବଂଶୀଧର ପରିଡ଼ା, ରାଜେଶ ସେଠୀ, ଦିବ୍ୟଜ୍ୟୋତି ସେଠୀ, ଅଜୟ ପଲାଇ, ମୋହିନ ମୋହନ ପଲାଇ, ସୂର୍ଯ୍ୟପ୍ରକାଶ ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ।

## ସାଇବର ଠକେଇର ଶିକାର ହେଲେ ଛାତ୍ରୀ

କୁଜଙ୍ଗ,୨୬।୫(ସମିସ): କୁଜଙ୍ଗ ଥାନା ଅନ୍ତର୍ଗତ ପାଇକସ୍ତା ଗ୍ରାମର ପ୍ରସନ୍ନ କୁମାର ସାହାଣୀଙ୍କ କନ୍ୟା ଭାଗ୍ୟଶ୍ରୀ ସାହାଣୀ ଅନ୍‌ଲାଇନ ଠକେଇର ଶିକାର ହୋଇଥିବା ଜଣାପଡ଼ିଛି। ଏ ନେଇ ସେ କଟକ ସାଇବର ଥାନାରେ ଲିଖିତ ଭାବେ ଅଭିଯୋଗ କରିଛନ୍ତି। ସାଇବର ଥାନା ପକ୍ଷରୁ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ଜଣାପଡ଼ିଛି।

ସୂଚନା ମୁତାବକ, ଭାଗ୍ୟଶ୍ରୀଙ୍କ ମୋବାଇଲକୁ ଚଳିତ ମାସ ୭ ତାରିଖରେ ଏକ ମ୍ୟାସେଜ ଆସିଥିଲା। ସେଥିରେ କୁହାଗଲା ଯେ ତାଙ୍କୁ ମୋବାଇଲରେ ଦିଆଯାଇଥିବା ଟାସ୍କ ପୂରଣ କଲେ ସେ ଘରେ ବସିବସି ଟଙ୍କା ରୋଜଗାର କରିପାରିବେ। ଟେଲିଗ୍ରାମରେ କଥାହୋଇ ଟାସ୍କ ପୂରଣ କରିବାକୁ କହିବା ସହିତ ତାଙ୍କୁ ୨୫ଟି ଟାସ୍କ ପ୍ରଦାନ କରାଯାଇଥିଲା। ୧୪ଟି ଟାସ୍କ ପୂରଣ ପରେ ୧୫ତମ ଟାସ୍କ ବେଳକୁ ସେମାନେ ୟୁପିଆଇ ପେମେଣ୍ଟ ମାଧ୍ୟମରେ ୧୪ ହଜାର ୮ ଶହ ଟଙ୍କା ଦେଲେ ତାଙ୍କୁ ୧୯ ହଜାର ୨୪୦ ଟଙ୍କା ପ୍ରଫିଟ୍ ମିଳିବ ବୋଲି କହିଥିଲେ। ଏଭଳି ଭାବେ ପାଞ୍ଚ ଥରରେ ୧ ଲକ୍ଷ ୧ ହଜାର ୭ ଶହ ଟଙ୍କା ପ୍ରଦାନ କରିଥିଲେ। ସେମାନେ କହିଲେ ଆପଣଙ୍କର ୫୨ ହଜାର ଟଙ୍କା ପ୍ରଫିଟ ହୋଇଛି। ଆମେ ଆପଣଙ୍କ ଆକାଉଣ୍ଟକୁ ଫ୍ରିଜ୍ କରିଦେଇଛୁ। ଆଉ ୧ ଲକ୍ଷ ୫୨ ହଜାର ଟଙ୍କା ପଠାଇଲେ ଆମେ ୩ ଲକ୍ଷ ଟଙ୍କା ପ୍ରଦାନ କରିବୁ। ଏଭଳି ଭାବେ ଛାତ୍ରୀ ଜଣକ ଲକ୍ଷାଧିକ ଟଙ୍କାର ଠକେଇର ଶିକାର ହୋଇଥିବା ଜଣାପଡ଼ିଛି। ଏ ନେଇ ସାଇବର ଥାନାରେ ମାମଲା କରାଯାଇଥିବାବେଳେ ଏହି ମାମଲାର ପଞ୍ଜୀକରଣ ପାଇଁ କୁଜଙ୍ଗ ଥାନାକୁ ପଠାଇ ଦିଆଯାଇଥିବା ଜଣାପଡ଼ିଛି।

### ■ ସମଙ୍ଗରେ ଆର୍ତ୍ତବନ୍ଧୁ ରାଉତରାୟଙ୍କ ୯୭ତମ ଜୟନ୍ତୀ ପାଳିତ

## 'ନାଟ୍ୟଶ୍ରୀ ଆର୍ତ୍ତବନ୍ଧୁ ବାସ୍ତବରେ ଥିଲେ ନବରସର ନାୟକ'



ଜଗତସିଂହପୁର,୨୬।୫(ସମିସ): ଜଗତସିଂହପୁର ଜିଲ୍ଲାର ଅଗ୍ରଣୀ ସାହିତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନ ନାଟ୍ୟଶ୍ରୀ ଆର୍ତ୍ତବନ୍ଧୁ ରାଉତରାୟ ସ୍ମୃତି ପରିଷଦ ପକ୍ଷରୁ ନାଟ୍ୟଶ୍ରୀଙ୍କ ୯୭ତମ ଜୟନ୍ତୀ ତାଙ୍କର ଜନ୍ମସ୍ଥାନ ସମଙ୍ଗଠାରେ ମହାସମାରୋହରେ ପାଳିତ ହୋଇଯାଇଛି। ଏ ଅବସରରେ ପରିଷଦର ଉପଦେଷ୍ଟା ସୁରେଶ ଚନ୍ଦ୍ର ରାଉତଙ୍କ ସଭାପତିତ୍ୱରେ ଆୟୋଜିତ ସ୍ମୃତିଚାରଣ ସଭାରେ ମୁଖ୍ୟଅତିଥି ଭାବେ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ଯୋଗଦେଇ ଓଡ଼ିଶାର କଳା ଓ ସଂସ୍କୃତିର ପ୍ରଚାର ପ୍ରସାର ଓ ନାଟ୍ୟଶ୍ରୀଙ୍କ ସ୍ମୃତିକୁ ଉଜ୍ଜୀବିତ କରି ରଖିବା ପାଇଁ ଏଭଳି ଉଦ୍ୟମର ଉଚ୍ଚ ପ୍ରଶଂସା କରିବା ସହିତ ପୂଜ୍ୟ ପୂଜା କ୍ଷେତ୍ରରେ ବ୍ୟତିକ୍ରମକୁ କୌଣସି ପରିସ୍ଥିତିରେ ପ୍ରଶ୍ରୟ ଦିଆଯିବ ନାହିଁ ବୋଲି ଦୃଢୋକ୍ତି ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ ସୂଚନା ଓ ଲୋକସମ୍ପର୍କ ବିଭାଗର ଅବସରପ୍ରାପ୍ତ ଯୁଗ୍ମନିର୍ଦ୍ଦେଶକ ସୂର୍ଯ୍ୟରଞ୍ଜନ ମହାନ୍ତି ଏଥିରେ ଯୋଗଦେଇ ନାଟ୍ୟଶ୍ରୀ ଆର୍ତବନ୍ଧୁ ରାଉତରାୟ ଯଥାର୍ଥରେ ନବରସର ନାୟକ ଥିଲେ ବୋଲି କହିବା ସହ ଓଡ଼ିଶା ନାଟକ ଜଗତକୁ ସ୍ୱର୍ଗତ ରାଉତରାୟଙ୍କ ଅବଦାନ ତାଙ୍କୁ ଚିରସ୍ମରଣୀୟ କରି ରଖିବ ବୋଲି ମତବ୍ୟକ୍ତ କରିଥିଲେ। ପରିଷଦର ଉପସଭାପତି ଅଶୋକ ଜେନା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିବାବେଳେ ସମ୍ପାଦକ ତଥା ନାଟ୍ୟକାରଙ୍କ ପୁତ୍ର ତପନ କୁମାର ରାଉତରାୟ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ସଭାପତି ମନୋଜ ଭୋଇ, ଅବସରପ୍ରାପ୍ତ ଅଧ୍ୟାପକ ହିମାଂଶୁ ଆଚାର୍ଯ୍ୟ, ରଘୁନାଥପୁର ପଞ୍ଚାୟତ ସମିତିର ପୂର୍ବତନ ଅଧ୍ୟକ୍ଷ ରଜତ ପାତ୍ର, ଜଗତସିଂହପୁର ପୌର ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ସିଂ, ସ୍ଥାନୀୟ ସରପଞ୍ଚ ଅମିନତୀ ଜେନା ଓ ସମିତି ସଭ୍ୟ ଦୀପକ ସ୍ୱାଇଁ ପ୍ରମୁଖ ଏହି ସଭାରେ ଯୋଗଦେଇ ଆର୍ତ୍ତବନ୍ଧୁ ରାଉତରାୟଙ୍କ ଅଭିନୀତ ବହୁଚର୍ଚ୍ଚିତ ନାଟକ ପିତୃଭକ୍ତ କୁନାଳ, ଛାଇଆଲୁଅ, ବେଗମ୍, ଆସମାନ ତାରା ଓ ଥରେ ଦେଖନ୍ତୁରେ ତାଙ୍କ ନିଖୁଣ ଅଭିନୟ ସମ୍ପର୍କରେ ଆଲୋଚନା କରିଥିଲେ। ଏ ପରିପ୍ରେକ୍ଷୀରେ ନାଟକ ଜଗତକୁ ବିଶେଷ ଅବଦାନ ପାଇଁ ନାଟ୍ୟକାର କୈଳାସ ମଲ୍ଲିକ, ନାଟ୍ୟ ନିର୍ଦ୍ଦେଶକ ବିନୋଦ ରାଉତ, ଖଳନାୟକ କାହ୍ନା ସ୍ୱାଇଁ, ଶ୍ରେଷ୍ଠ ଅଭିନେତା ବ୍ରଜବିହାରୀ ନାୟକଙ୍କ ସମେତ ୨୦ ଜଣଙ୍କୁ ନାଟ୍ୟଶ୍ରୀ ଆର୍ତ୍ତବନ୍ଧୁ ରାଉତରାୟ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ଉତ୍ସବ ପରିଚାଳନାରେ ସମାଜସେବୀ ବିଜନ ମହାପାତ୍ର, ସମୀର ପଟ୍ଟନାୟକ, ସରୋଜ ଦ୍ୱିବେଦୀ, ଅରୁଣ ରାଉତରାୟ, ଗୌର ଚନ୍ଦ୍ର ପଣ୍ଡା, ତରୁଣ କୁମାର ରାଉତରାୟ, ଅଜୟ ଗୋଚ୍ଛାୟତ, ଶୁଭେନ୍ଦୁ ସ୍ୱାଇଁ ଓ ଭଞ୍ଜକିଶୋର ସ୍ୱାଇଁ ପ୍ରମୁଖ ସହାୟତା କରିଥିଲେ। ଉତ୍ସବକୁ ସରସ ସୁନ୍ଦର କରିବା ପାଇଁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶେଷରେ ପରିଷଦର ଉପସଭାପତି ସରୋଜ କୁମାର ମହାପାତ୍ର ଧନ୍ୟବାଦ ଦେଇଥିଲେ।

## +୨ ପରୀକ୍ଷାରେ ସାରଳା ଦାସ କଲେଜ ଛାତ୍ରଛାତ୍ରୀଙ୍କ ସଫଳତା

ତିର୍ତ୍ତୋଲ, ୨୬।୫ (ସମିସ): ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ ପରିଚାଳିତ +୨ ବାର୍ଷିକ ପରୀକ୍ଷା ଫଳ ପ୍ରକାଶ ପାଇଥିବାବେଳେ ତିର୍ତ୍ତୋଲସ୍ଥ ଆଦିକବି ସାରଳା ଦାସ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ସଫଳତା ହାସଲ କରିଛନ୍ତି। +୨ ବିଜ୍ଞାନରେ ୧୪୭ ଜଣ ପ୍ରଥମ ଶ୍ରେଣୀ, ୬୬ ଜଣ ଦ୍ୱିତୀୟ ଶ୍ରେଣୀ, ୨୧ ଜଣ ତୃତୀୟ ଶ୍ରେଣୀ, କଳାରେ ୭୨ ଜଣ ପ୍ରଥମ ଶ୍ରେଣୀ, ୯୧ ଜଣ ଦ୍ୱିତୀୟ, ୧୩୯ ଜଣ ତୃତୀୟ, ବାଣିଜ୍ୟରେ ୨୫ ଜଣ ପ୍ରଥମ, ୩୨ ଜଣ ଦ୍ୱିତୀୟ ଓ ୪୩ ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ବିଜ୍ଞାନରେ ୫୪୧ ମାର୍କ ରଖି ଭାଗ୍ୟଲକ୍ଷ୍ମୀ ରାଉତ, କଳାରେ ୫୦୬ ମାର୍କ ରଖି ରିୟା ବରାଳ, ବାଣିଜ୍ୟରେ ୫୨୧ ମାର୍କ ରଖି ସତ୍ୟବ୍ରତ ସାହୁ ମହାବିଦ୍ୟାଳୟରେ ଶ୍ରେଷ୍ଠ ବିବେଚିତ ହୋଇଛନ୍ତି। ଅଧ୍ୟକ୍ଷା ପ୍ରଫେସର ମମତା ରାଉତ ସନ୍ତୋଷ ପ୍ରକାଶ କରିବା ସହ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ଏଥିସହିତ ମହାବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକା, ଅଣଶିକ୍ଷା କର୍ମଚାରୀଙ୍କୁ ସାଧୁବାଦ୍ ଜଣାଇଛନ୍ତି।

## ଇଫ୍‌କୋ ଛକରେ ନିର୍ମାଣ ହେବ ଗୋଲେଇ ଛକ



ପାରାଦୀପ,୨୬।୫(ସମିସ): ଇଫକୋ ଛକରେ ନିର୍ମାଣ ହେବାକୁ ଯାଉଛି ଗୋଲେଇ ଛକ। ଏଥିପାଇଁ ଭୂମିପୂଜା କରାଯାଇଛି। ଏଠାରେ ଗୋଲେଇ ଛକ ନିର୍ମାଣ ହେଲେ ଦୁର୍ଘଟଣା ବହୁମାତ୍ରାରେ କମିଯିବ ବୋଲି ଅନୁମାନ କରାଯାଉଛି। ଇଫ୍‌କୋ ପାରାଦୀପ ୟୁନିଟର ପରିଚାଳନା ନିର୍ଦ୍ଦେଶକ ଡକ୍ଟର ଉଦୟ ଶଙ୍କର ଅଗସ୍ତିଙ୍କ ଆନ୍ତରିକତା ଓ ଇଚ୍ଛା ଯୋଗୁଁ ଉକ୍ତ ଗୋଲେଇ ଛକ ନିର୍ମାଣ ସମ୍ଭବ ହୋଇଛି। ଜାତୀୟ ରାଜପଥରେ ପାରାଦୀପର ଦୋଛକିରୁ ଅଠରବାଙ୍କୀ ପର୍ଯ୍ୟନ୍ତ ରାସ୍ତାରେ ଯାନବାହନ ଚଳାଚଳ ଓ ସାଧାରଣ ଲୋକଙ୍କ ଯାତାୟାତରେ ଟ୍ରାଫିକ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡ଼ି ପଡିଛି। ଅନେକ ସମୟରେ ଦୁର୍ଘଟଣା ଘଟି ଏହି ଛକରେ ଅନେକ ନୀରିହ ଜୀବନ ଯିବା ସହ ଅନେକ ବେସାହାରା ହୋଇଯାଇଛନ୍ତି। ଅଠରବାଙ୍କୀ ପଟୁ ଆସୁଥିବା ଯାନବାହନ ପ୍ଲାଣ୍ଟ ମଧ୍ୟକୁ ଯିବା ପାଇଁ ହେଲେ ରଙ୍ଗ ରୁଟ୍‌ରେ ଆସିବାକୁ ପଡୁଥିଲା କିମ୍ବା ଦୋଛକିରୁ ବୁଲି ଆସିବାକୁ ପଡୁଥିଲା। ଗୋଲେଇ ଛକ ହେବା ଦ୍ୱାରା ଏଭଳି ଅସୁବିଧାକୁ ଦୂରେଇ ଦିଆଯାଇପାରିବ। ଅଠରବାଙ୍କୀରୁ ଦୋଛକି ୫ କିଲୋମିଟର ଲମ୍ବା ରାସ୍ତା ଥିଲେ ମଧ୍ୟ ତା' ମଧ୍ୟରେ ନା କେଉଁଠି ଥିଲା ଡିଭାଇଡର୍ ନାଁ କେଉଁଠି ଥିଲା ରୋଡ୍ ପାସର୍। ୟୁଟର୍ଣ୍ଣ ମାରିବାକୁ ହେଲେ ଦୋଛକି ନ ହେଲେ ଅଠରବାଙ୍କୀ ଯିବାକୁ ପଡୁଥିଲା। ଦୁଇଚକିଆ ଯାନ ରାସ୍ତା ମଝିରେ ବେଆଇନ ଭାବେ ରାସ୍ତା କରିଡର ଭାଙ୍ଗି ଯାତାୟାତ କରୁଥିଲେ। ଫଳରେ ଦୁର୍ଘଟଣା ଘଟୁଥିଲା। ରାସ୍ତାର ଦୁଇ ପାର୍ଶ୍ୱରେ ବହୁ ଜନବସତି ଥିବାବେଳେ ରାସ୍ତା ପାରହେବା ନେଇ କୌଣସି ଟ୍ରାଫିକ ବ୍ୟବସ୍ଥା ନାହିଁ। ଲୋକେ ମନଇଚ୍ଛା ନିଜ ସୁବିଧା ମୁତାବକ ରାସ୍ତା ମଝିରେ ବଳପୂର୍ବକ ଡିଭାଇଡର୍ କାଟି ପାସିଂ କରୁଥିଲେ। ଏଭଳି ବେଆଇନ ପାସ୍ କଲାବେଳେ କିଏ ଗାଡ଼ି ଚକା ତଳେ ଜୀବନ ହରାଇଲାଣି ତ ଆଉ କିଏ ଗାଡ଼ିକୁ ଗାଡ଼ି ପିଟି ହୋଇ ଜୀବନ ନେଲାଣି ଭଳି ପରିସ୍ଥିତି ସବୁବେଳେ ଉପୁଜୁଥିଲା। ଗତ ଅଗଷ୍ଟ ମାସ ୧୫ ତାରିଖରେ ଇଫ୍‌କୋ ପରିଚାଳନା ନିର୍ଦ୍ଦେଶକ ଡକ୍ଟର ଉଦୟଶଙ୍କର ଅଗସ୍ତି ଓ ବୈଷୟିକ ନିର୍ଦ୍ଦେଶକ କେ.ଜେ ପଟେଲ୍ ୩ଦିନିଆ ଓଡିଶା ଗସ୍ତରେ ଆସି ମୁଖ୍ୟମନ୍ତ୍ରୀ, ଶିଳ୍ପମନ୍ତ୍ରୀ ଓ ମୁଖ୍ୟ ଶାସନ ସଚିବଙ୍କୁ ଭେଟି ଆଲୋଚନା କରିଥିଲେ। ପରେ ପରେ ଶିଳ୍ପମନ୍ତ୍ରୀ ଜିଲ୍ଲା ପ୍ରଶାସନ ଓ ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେବା ସହ ଇଫକୋ ସହିତ ଆଲେଚନା କରି କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ସରାକାରୀ ସ୍ତରରେ ତତ୍ପରତା ପ୍ରକାଶ ପାଇବାରୁ ପାରାଦୀପ ଇଫ୍‌କୋ ୟୁନିଟ୍ ମୁଖ୍ୟ ପ୍ରଦୀପ ମହାପାତ୍ର ରବିବାର ଦିନ ଇଫ୍‌କୋର ବରିଷ୍ଠ ଅଧିକାରୀ ଓ କର୍ମଚାରୀଙ୍କୁ ନେଇ ଗୋଲେଇ ଛକର ଭୂମିପୂଜା କରିଛନ୍ତି। ଏହି ଭୂମିପୂଜାରେ ଇଫକୋ ୟୁନିଟ୍ ମୁଖ୍ୟ ପି କେ ମହାପାତ୍ର, ଜେନେରାଲ୍ ମ୍ୟାନେଜର (ପି ଆଣ୍ଡ ଏ) କେ ମୋହନ ରାଓ, ସିଭିଲ ଡିପାର୍ଟମେଣ୍ଟ ମୁଖ୍ୟ ଏ.ଏନ୍ ଓଝା, ମୁଖ୍ୟ ପରିଚାଳକ (ଏଚ୍ଆର) ବିଜୟ ପରିଡ଼ା, ଲୋକସମ୍ପର୍କ ଅଧିକାରୀ ପ୍ରସନ୍ନ ବେଉରା ପ୍ରମୁଖ ଉପସ୍ଥିତ ଥିଲେ।

## ରବୀନ୍ଦ୍ର ଲେଙ୍କାଙ୍କ ଡକ୍ଟରେଟ ଉପାଧି ଲାଭ

ଏରସମା,୨୬।୫(ସମିସ): ଶ୍ରୀଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟର ସମାଜ ବିଜ୍ଞାନ ବିଭାଗ ଅଧ୍ୟାପକ ରବୀନ୍ଦ୍ର କୁମାର ଲେଙ୍କା ଆମେରିକା ମେରିଟ କାଉନସିଲ ପକ୍ଷରୁ ସମ୍ମାନସୂଚକ ଡକ୍ଟରେଟ ଉପାଧି ଲାଭ କରିଛନ୍ତି।



ଡ. ଲେଙ୍କା ଛାତ୍ର ବତ୍ସଳ ଅଧ୍ୟାପକ ଭାବେ ଗରିବ ଛାତ୍ରଛାତ୍ରୀଙ୍କୁ ମାଗଣାରେ ପାଠ୍ୟପୁସ୍ତକ ଯୋଗାଇବା ସହ ଆର୍ଥିକ ସହାୟତା କରିଥା'ନ୍ତି। ତାଙ୍କ ଦ୍ୱାରା ରଚିତ ଅନେକ କବିତା, ଗଳ୍ପ, ପ୍ରବନ୍ଧ ଦୈନିକ ଖବରକାଗଜରେ ପ୍ରକାଶ ହେବା ସହ ବିଭିନ୍ନ ସାହିତ୍ୟ ପତ୍ରିକା ଓ ଜାତୀୟ ସେମିନାରରେ ପ୍ରକାଶ ହୋଇ ଆଦୃତି ଲାଭ କରିଛି। ସେ ନିଜ ପ୍ରଚେଷ୍ଟାରେ ଗୋଟିଏ ପାଠାଗାର କରିଛନ୍ତି।

## +୨ ବିଜ୍ଞାନ ଟପ୍ପର ଅଭିଷେକଙ୍କୁ ସମ୍ବର୍ଦ୍ଧନା



ଜଗତସିଂହପୁର,୨୬।୫(ସମିସ): ଚଳିତ ବର୍ଷ +୨ ବିଜ୍ଞାନ ପରୀକ୍ଷାରେ ଅଭିଷେକ ଦାଶ ୬୦୦ ନମ୍ବରରୁ ୫୬୬ ନମ୍ବର ରଖି ଜଗତସିଂହପୁର ଜିଲ୍ଲା ଟପ୍ପର ହୋଇଛନ୍ତି। ତିର୍ତ୍ତୋଲସ୍ଥ ୟୁନୋପୋସ ବିଜ୍ଞାନ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଅଭିଷେକଙ୍କୁ ତାଙ୍କ ସଫଳତା ପାଇଁ ଜଗତସିଂହପୁର ସାରସ୍ୱତ ପରିଷଦ ପକ୍ଷରୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଛି। ସେହିପରି ଶୁଭଶ୍ରୀ ମହାନ୍ତି ଜିଲ୍ଲାରେ ୫୫୭ ନମ୍ବର ରଖି ଚତୁର୍ଥ ସ୍ଥାନ ଅଧିକାର କରିଥିବାରୁ ତାଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଛି। ୟୁନୋପୋସ ଅନୁଷ୍ଠାନ ପରିସରରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ସାରସ୍ୱତ ପରିଷଦର ସଭାପତି ସ୍ତମ୍ଭକାର ହିମାଂଶୁ ଆଚାର୍ଯ୍ୟ, ଅନୁଷ୍ଠାନର ଅଧ୍ୟକ୍ଷ ଜୀବନବଲ୍ଲଭ ସାହୁ, ନିର୍ଦ୍ଦେଶକ ସରୋଜକାନ୍ତ ମହାନ୍ତି, ଅବସରପ୍ରାପ୍ତ ପ୍ରାଧ୍ୟାପକ ଡଃ କ୍ଷୀରୋଦ କୁମାର ଓଝା, ଅଧ୍ୟାପକ ଦେବବ୍ରତ ମଣ୍ଡଳ, ତାପସ କୁମାର ଦାସ, ଦେବାଶିଷ ପ୍ରଧାନ, ସଂଯୋଜିକା ପ୍ରିୟଦର୍ଶିନୀ ମହାନ୍ତି ଓ ସାବିତ୍ରୀ ମୁଦୁଲି ପ୍ରମୁଖ ଯୋଗଦେଇ ଦୁଇ ବିଦ୍ୟାର୍ଥୀଙ୍କୁ ସେମାନଙ୍କ ସଫଳତା ପାଇଁ ଶୁଭେଚ୍ଛା ଜଣାଇବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ।

### ଶୀତଳଭଣ୍ଡାରରେ ଆନିକଟ୍ ଯୋଜନା

# ତିଖିରୀ ଘାଟରେ ବିପଦସଙ୍କୁଳ ନୌଯାତ୍ରା

କୁଜଙ୍ଗ,୨୬।୫(ସମିସ):





ଜଗତସିଂହପୁର ଓ କେନ୍ଦ୍ରାପଡ଼ା ଜିଲ୍ଲାର ଏକାଧିକ ବ୍ଲକ୍‌ବାସୀ ବହୁ ସମୟରେ ନିଜର ଯାତାୟାତ ପାଇଁ ପାଇକା ନଦୀର ତିଖିରୀ ଘାଟ ବ୍ୟବହାର କରିଥା'ନ୍ତି। ପୂର୍ବରୁ ଏହି ଘାଟ ପାଇଁ ଦୁଇଟି ନଦୀ ପାର ହେବାକୁ ପଡୁଥିବାବେଳେ ଗତ ୭ ବର୍ଷ ହେବ ମହାନଦୀ ଉପରେ ପୋଲ ହୋଇଥିବା ଯୋଗୁଁ ନୌକା ଯାତ୍ରୀ ସଂଖ୍ୟା ବହୁଗୁଣରେ ବଢିଯାଇଛି। ତିଖିରୀ ଘାଟରେ ଆନିକଟ ନିର୍ମାଣ କରାଯିବାକୁ ଯୋଜନା ହୋଇଥିଲେ ହେଁ ଏହା ଏବେ ଶୀତଳଭଣ୍ଡାରରେ। ଫଳରେ ଲୋକେ ବିପଦସଂକୁଳ ଭାବେ ନଦୀ ପାର ହେଉଛନ୍ତି। ତେଣୁ ଯଥାଶୀଘ୍ର ଆନିକଟ କରାଯିବାକୁ ଦାବି ହେଉଛି।

ଜଗତସିଂହପୁର ଓ କେନ୍ଦ୍ରାପଡ଼ା ଜିଲ୍ଲାରେ ତିଖିରୀ ଘାଟ ଅଞ୍ଚଳ ଅବସ୍ଥିତ। ଉଭୟ କୁଜଙ୍ଗ ବ୍ଲକ୍ ଓ ମହାକାଳାପଡା ବ୍ଲକବାସୀ ନିଜ ନିଜର ଅଞ୍ଚଳ ବୋଲି ଦାବି କରିଆସିଛନ୍ତି। ଗତ କିଛିବର୍ଷ ପୂର୍ବେ ଡଙ୍ଗା ଚାଳନାକୁ ନେଇ ବିବାଦ ଉଗ୍ର ରୂପେ ନେଇଥିବାବେଳେ ଏବେ ଏହି ଘାଟରେ ଦୁଇଟି ଡଙ୍ଗା ଯାତ୍ରୀ ପରିବହନ କରୁଥିବା ଦେଖିବାକୁ ମିଳୁଛି। ଏହି ଦୁଇ ଡଙ୍ଗାର ଅବସ୍ଥାକୁ ଦେଖି ଯାତ୍ରୀ ଯାତାୟାତ କରିବାକୁ ଭୟ କରୁଛନ୍ତି। ସେଥିରେ ଲାଇଫ୍ ଜ୍ୟାକେଟ୍ ନ ଥିବା ଅଭିଯୋଗ ହୋଇଛି। ଏହି ଗଭୀର ତଥା ପ୍ରଶସ୍ତ ନଦୀପଥରେ ଯାତ୍ରୀ ବିପଦସଙ୍କୁଳ ଅବସ୍ଥାରେ ରାତିରେ ମଧ୍ୟ ପାର ହେଉଥିବା ଦେଖିବାକୁ ମିଳୁଛି। ଏହି ଘାଟକୁ ଯାଇଥିବା ରାସ୍ତା କଚ୍ଚା ରାସ୍ତା ହୋଇଥିବାବେଳେ ପ୍ରତ୍ୟହ ଶହ ଶହ ବାଇକ୍ ଆରୋହୀ ଏହି ରାସ୍ତାରେ ଦୂରତା ଓ ସମୟକୁ ବଞ୍ଚାଇବାକୁ ଯାଇ ନିଜ ଜୀବନକୁ ବିପନ୍ନ କରି ନୌକାରେ ଯାତାୟାତ କରୁଥିବା ଦେଖିବାକୁ ମିଳିଛି। ଗତ କିଛିବର୍ଷ ପୂର୍ବେ ଦୁଇ ବ୍ଲକର ବହୁ ମୁରବୀ ଓ ବୁଦ୍ଧିଜୀବୀ ତିଖିରୀ ଘାଟର ପାଇକା ନଦୀରେ ପୋଲ ନିର୍ମାଣ ପାଇଁ ଦାବି କରି ଆନ୍ଦୋଳନ କରିଥିଲେ। ଫଳରେ ଏହି ନଦୀରେ ପୋଲ ନିର୍ମାଣ ପାଇଁ ସର୍ଭେ ମଧ୍ୟ ହୋଇଥିଲା। ପରବର୍ତ୍ତୀ ଅବସ୍ଥାରେ ଏଠାରେ ନଦୀ ପାଣି ସଂରକ୍ଷଣ ପାଇଁ ଆନିକଟ କରାଯିବ ବୋଲି ଘୋଷଣା ପରେ ମଧ୍ୟ ସେପରି କିଛି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ରାଜନୈତିକ ଇଚ୍ଛାଶକ୍ତି ଓ ବିଭାଗୀୟ ଉଦାସୀନତା ଯୋଗୁଁ ତିଖିରୀ ଘାଟରେ ପୋଲ କିମ୍ବା ଆନିକଟ ନିର୍ମାଣରେ ବିଳମ୍ବ ହେଉଛି। ଆନିକଟ ଓ ପୋଲ ନିର୍ମାଣ ପୂର୍ବରୁ ଅନୁମତିପ୍ରାପ୍ତ ଯନ୍ତ୍ରଚାଳିତ ଡଙ୍ଗା, ନିୟମିତ ବ୍ୟବଧାନରେ ଯାଞ୍ଚ, ଯାତ୍ରୀ ପରିବହନ କ୍ଷମତା ଅନୁସାରେ କରିବା, ଘାଟ ରାସ୍ତାକୁ ବ୍ୟବସ୍ଥିତ କରାଇବା, ଡଙ୍ଗାରେ ଲାଇଫ୍ ଜ୍ୟାକେଟ ସହ ଏହି ନଦୀବନ୍ଧରେ ସୋଲାର ଆଲୋକ ବ୍ୟବସ୍ଥା କରାଇବାକୁ ସାଧାରଣରେ ଦାବି ହୋଇଛି।

# ୩୦ରେ ହେବ ଭିମସାର ସୁପରସ୍ପେଶାଲିଟି କୋଠା ଉଦ୍‌ଘାଟନ

## ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କଲେ ବିଧାୟକ

**ସମ୍ବଲପୁର, ୨୬।୫ (ସମିସ) :** ବହୁ ପ୍ରତୀକ୍ଷିତ ଭିମସାରର ପାଞ୍ଚମହଲା ବିଶିଷ୍ଟ ସୁପରସ୍ପେଶାଲିଟି କୋଠା ଆସନ୍ତା ୩୦ ତାରିଖରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିବେ ବୋଲି ସୂଚନା ମିଳିଛି। ଉଲ୍ଲେଖଯୋଗ୍ୟ ଯେ, ବହୁଦିନରୁ ସମ୍ପୂର୍ଣ୍ଣ ହୋଇଥିବା ଏହି କୋଠାଟି ବାରମ୍ବାର ଉଦ୍‌ଘାଟକଙ୍କ କାର୍ଯ୍ୟକ୍ରମରେ ପରିବର୍ତ୍ତନ ଯୋଗୁଁ ବାତିଲ ହୋଇଆସୁଛି। ଏହାଦ୍ୱାରା ପଶ୍ଚିମ ଓଡ଼ିଶାର ୧୦ଟି ଜିଲ୍ଲା ସମେତ ପଡ଼ୋଶୀ ରାଜ୍ୟର ରୋଗୀମାନେ ଅତ୍ୟାଧୁନିକ ଓ ଉନ୍ନତମାନର ସେବାରୁ ବଞ୍ଚିତ ହେଉଛନ୍ତି। ଭିମସାର ସୁପର୍‌ସ୍ପେସାଲିଟି କୋଠାକୁ ଗତ ୧୧ ତାରିଖ ଦିନ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଉଦଘାଟନ କରିବାର କାର୍ଯ୍ୟକ୍ରମ ଥିଲା କିନ୍ତୁ ଯୁଦ୍ଧ ପରିସ୍ଥିତି ଯୋଗୁଁ କାର୍ଯ୍ୟକ୍ରମ ବାତିଲ ହୋଇଥିଲା। ସୋମବାର ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ଓ ପୂର୍ବତନ ରେଙ୍ଗାଲି ବିଧାୟକ ନାଉରୀ ନାଏକ ଭିମସାରକୁ ଯାଇ ସ୍ଥିତି ଅନୁଧ୍ୟାନ କରିଛନ୍ତି।



ପଶ୍ଚିମ ଓଡ଼ିଶାରେ ଗୋଟିଏ ଛାତ ତଳେ ଅତ୍ୟାଧୁନିକ ତଥା ଉନ୍ନତମାନର ରୋଗୀ ସେବା ଯୋଗାଇବା ଲକ୍ଷ୍ୟରେ ସମ୍ବଲପୁରର ବୁର୍ଲାସ୍ଥିତ ଭିମ୍‌ସାରରେ ୨୦୧୪ ମସିହାରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମୟରେ ଏହି ସୁପର ସ୍ପେସିଆଲିଟି କୋଠା ପ୍ରକଳ୍ପ ହୋଇଥିଲା। ଏହାର ଲକ୍ଷ୍ୟ ଥିଲା ପଶ୍ଚିମ ଓଡ଼ିଶା ଓ ପଡ଼ୋଶୀ ରାଜ୍ୟର ରୋଗୀମାନଙ୍କୁ ଗୋଟିଏ ଛାତତଳେ ୯ଟି ସୁପରସ୍ପେଶାଲିଟି ବିଭାଗରେ ଅତ୍ୟାଧୁନିକ ଓ ଉନ୍ନତମାନର ସେବା ଯୋଗାଇଦେବା। ଏହି କୋଠାର କାମ ୨୦୧୭ରେ ଆରମ୍ଭ ହୋଇ ୨୦୨୨ରେ ସରିବାର ଥିଲା। ମାତ୍ର ବିଭିନ୍ନ କାରଣରୁ ତାହା ସମ୍ପୂର୍ଣ୍ଣ ହୋଇ ପାରି ନଥିଲା। ସୁପର ସ୍ପେଶାଲିଟି କୋଠାରେ ୯ଟି ବିଭାଗ ରହିବ, ତନ୍ମଧ୍ୟରେ ୫ଟି ନୂତନ ଓ ୪ଟି ପୁରୁଣା ବିଭାଗ ରହିଛି। ନୂତନ ବିଭାଗ ଗୁଡ଼ିକ ହେଲା ଗେଷ୍ଟ୍ରୋଏଣ୍ଟ୍ରୋଲୋଜି, ଏଣ୍ଡୋକ୍ରାଇନୋଲୋଜି, କ୍ଲିନିକାଲ ହେମାଟୋଲୋଜି, ପ୍ଲାଷ୍ଟିକ ସର୍ଜରୀ ଓ ପେଡ଼ିଆଟିକ୍ ସର୍ଜରୀ। ପୂର୍ବରୁ ନେଫ୍ରୋଲୋଜି, ୟୁରୋଲୋଜି, ନ୍ୟୁରୋଲୋଜି ଓ ନ୍ୟୁରୋସର୍ଜରୀ ବିଭାଗ ରହିଛି। ଭିମସାର ପରିସରରେ ଏହି ପାଞ୍ଚ ମହଲା କୋଠାଟି ପ୍ରାୟ ୧୦୦ କୋଟି ଟଙ୍କା ବ୍ୟୟ ଅଟକଳରେ ପ୍ରସ୍ତୁତ ହୋଇଛି। ପୂର୍ବରୁ ଥିବା ସୁପରସ୍ପେଶାଲିଟି ବିଭାଗ ଗୁଡ଼ିକୁ ନୂତନ କୋଠାକୁ ସ୍ଥାନାନ୍ତରଣ ସହ ଅପ୍‌ଗ୍ରେଡ୍ କରାଯିବ। ଏଠାରେ ୬୦ଟି ଆଇସିୟୁ ଶଯ୍ୟା ଓ ୧୮୦ଟି ସାଧାରଣ ଶଯ୍ୟା ପାଇଁ ବ୍ୟବସ୍ଥା କରାଯାଇଛି।

ସମ୍ବଲପୁର ବିଧାୟକ ଶ୍ରୀ ମିଶ୍ର ପରିଦର୍ଶନ ସମୟରେ ରୋଗୀ ଓ ସମ୍ପର୍କୀୟଙ୍କ ସହ ସୁବିଧାସୁଯୋଗ ପଚାରି ବୁଝିଥିଲେ। ବିଭିନ୍ନ ବିଭାଗ, ଆଇସିୟୁ, ଡାଏଲିସିସ ୟୁନିଟ୍, ସିଟି ସ୍କାନ ଆଦି ବୁଲି ଦେଖିବାପରେ ବିଧାୟକ ଭିମସାର କର୍ତ୍ତୃପକ୍ଷଙ୍କ ସହ ସୁପର ସ୍ପେଶାଲିଟି ବ୍ଲକରେ କର୍ମଚାରୀ ସ୍ଥିତି ଓ ଲଜିଷ୍ଟିକ୍‌କୁ ନେଇ ଆଲୋଚନା କରିଥିଲେ। ଭିମସାରରେ ପରିମଳ ବ୍ୟବସ୍ଥା, ସୁରକ୍ଷା ବ୍ୟବସ୍ଥା ଓ ରୋଗୀ ଖାଦ୍ୟକୁ ନେଇ ଅସନ୍ତୋଷ ପ୍ରକାଶ କରିଥିଲେ। ଭିମସାର ଅଧୀକ୍ଷକ ପ୍ରଫେସର ଲାଲମୋହନ ନାୟକ, ଏସ୍‌ଏସବି ନୋଡାଲ ଅଧିକାରୀ ଡା. ସଞ୍ଜୟ ମହାପାତ୍ର, ସହକାରୀ ପ୍ରଫେସର ଡା. ସଞ୍ଜିବ କୁମାର ମିଶ୍ର, ହସପିଟାଲ ମ୍ୟାନେଜର ପ୍ରମୁଖ ପରିଦର୍ଶନ ସମୟରେ ଉପସ୍ଥିତ ଥିଲେ।

# ଉଦ୍‌ଘାଟନୀ ରଙ୍ଗ ଲିଭିନି, ଦବିଗଲା ବ୍ରିଜ

**ସମ୍ବଲପୁର, ୨୬।୫ (ସମିସ)**

ରାଜ୍ୟ ସରକାରଙ୍କ ପୂର୍ତ୍ତବିଭାଗର ଖାମଖିଆଲ କାମ ପଦାରେ ପଡ଼ିଛି। ନୂତନ ଭାବେ ତିଆରି କରିଥିବା ଓଭର ବ୍ରିଜ, ଉଦ୍‌ଘାଟନ ହେବାର ୨୪ ଘଣ୍ଟା ନ ପୂରୁଣୁ ରାସ୍ତାର ପିଚୁ ତଳକୁ ଦବି ଯାଇଛି। ଯାହାକୁ ନେଇ ସମ୍ବଲପୁରରେ ଚାଞ୍ଚଲ୍ୟ ଖେଳି ଯାଇଛି। ଲୋକଙ୍କ ସେବାରେ ହୋଇଥିବା ନୂତନ ଓଭର ବ୍ରିଜ ଉଦ୍‌ଘାଟନୀ ଉତ୍ସବର ରଙ୍ଗ ଲିଭିନି କିନ୍ତୁ ବ୍ରିଜ ଦବି ଯାଇଥିବା ଘଟଣା ସମସ୍ତଙ୍କୁ ମର୍ମାହତ କରିଛି। ସୂଚନା ଅନୁସାରେ ରାଜ୍ୟ ସରକାରଙ୍କ ପୂର୍ତ୍ତବିଭାଗ ତରଫରୁ ସମ୍ବଲପୁର ଦୁର୍ଗାପାଲି ରେଳବାଇ ଓଭରବ୍ରିଜର ୬୦ କୋଟି ୪୩ ଲକ୍ଷ ୭୮ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟରେ ନିର୍ମାଣ ହୋଇଛି। ଉଦ୍‌ଘାଟନୀ ଉତ୍ସବରେ ସମ୍ପୂର୍ଣ୍ଣ ରାସ୍ତାକୁ ସୁନ୍ଦର ଭାବେ ସଜ୍ଜିତ କରାଯାଇଥିଲା।



**ପୂର୍ତ୍ତ ବିଭାଗ କାମ ପଦାରେ ପଡ଼ିଲା**

**ପ୍ୟାଚ୍ ମାରି ଦୋଷ ଲୁଚାଇଲା ବିଭାଗ**

ରଙ୍ଗ ମୁରୁଜ ପକାଇ ରବିବାର ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ଉପସ୍ଥିତିରେ ଏହାକୁ ଲୋକଙ୍କ ସେବାରେ ସମର୍ପଣ କରାଯାଇଥିଲା। ବ୍ରିଜ ନିର୍ମାଣ କାର୍ଯ୍ୟ ମାସେ ହେଲାଣି ସମ୍ପନ୍ନ ହୋଇଥିଲା। ମାସେ ହେଲାଣି ନିର୍ମାଣ କାର୍ଯ୍ୟ ଶେଷ ହୋଇଥିଲେ ମଧ୍ୟ ଏହାର ଗୁଣବତ୍ତାକୁ ନେଇ ପୂର୍ତ୍ତ ବିଭାଗ କିପରି ଯାଞ୍ଚ କରି ପାରିନଥିଲା। ବ୍ରିଜ ଉଦ୍‌ଘାଟନ ହେବାର ୨୪ ଘଣ୍ଟା ନଯାଉଣୁ ପାର୍ଶ୍ୱରେ ଗର୍ତ୍ତ ସୃଷ୍ଟି ହେବା ଘଟଣା ସମସ୍ତଙ୍କୁ ଚକିତ କରିଛି। ସୋମବାର ସକାଳୁ ବ୍ରିଜରେ ଫାଟ ସୃଷ୍ଟି ହୋଇଥିବା ନେଇ ଏକ ଭିଡିଓ ଗଣମାଧ୍ୟମରେ ଭାଇରାଲ ହେବାରେ ଲାଗିଥିଲା। ସମସ୍ତେ ବିଜେପି ସରକାରଙ୍କୁ ତାଚ୍ଛଲ କରିଥିଲେ। ପୂର୍ତ୍ତ ବିଭାଗ ନିଜର ଅପାରଗତାକୁ ଲୁଚାଇବା ପାଇଁ ପିଚୁ ଉପରେ ପ୍ୟାଚ ପକାଇଥିବା ନଜର ରହିଛି।

## ପୂର୍ତ୍ତ ବିଭାଗ ନିମ୍ନମାନର ସାମଗ୍ରୀ ଲଗାଇଛି: ରୋହିତ

ଉଦ୍‌ଘାଟନର ଦିନକ ପରେ ଫ୍ଲାଏ ଓଭର ବ୍ରିଜରେ ଗର୍ତ୍ତ ସୃଷ୍ଟି ହେବା ଘଟଣାକୁ ପୂର୍ବତନ ମନ୍ତ୍ରୀ ତଥା ଜିଲ୍ଲା ବିଜେଡି ସଭାପତି ଇଂ ରୋହିତ ପୂଜାରୀ ନିନ୍ଦା କରିଛନ୍ତି। ସେ କହିଛନ୍ତି ଯେ ପୂର୍ତ୍ତ ବିଭାଗ ଏହି ବ୍ରିଜ ନିର୍ମାଣରେ ନିମ୍ନମାନର ସାମଗ୍ରୀ ବ୍ୟବହାର କରିଛି। ଗର୍ତ୍ତ ସୃଷ୍ଟି ହେବା ପୂର୍ତ୍ତ ବିଭାଗର ଅପାରଗତାକୁ ପଦାରେ ପକାଇଛି। କେନ୍ଦ୍ରମନ୍ତ୍ରୀ, ରାଜ୍ୟ ପଞ୍ଚାୟତିରାଜ ମନ୍ତ୍ରୀ ଏବଂ ସମ୍ବଲପୁର ବିଧାୟକଙ୍କ ଉପସ୍ଥିତିରେ ରବିବାର ଉଦ୍‌ଘାଟିତ ହୋଇଥିବା ଦୁର୍ଗାପାଲୀ ଫ୍ଲାଏ ଓଭର ବ୍ରିଜରେ ନିମ୍ନମାନର ସାମଗ୍ରୀ ବ୍ୟବହାର ଅତ୍ୟନ୍ତ ପରିତାପର ବିଷୟ। ଉଦ୍‌ଘାଟନ ପାଇଁ ତରବରିଆ ଭାବରେ ନିମ୍ନମାନର ପିଚୁ ଢାଳି କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବାକୁ ଚେଷ୍ଟା କରିଥିବା କଥା ସାଧାରଣଜନତାଙ୍କ ମଧ୍ୟରେ ଆଲୋଚିତ ହେଉଛି। ଏହି ମର୍ମରେ ଇଂ ପୂଜାରୀ ଦାବି କରିଛନ୍ତି ଯେ ଏହି ବ୍ରିଜରେ ବ୍ୟବହୃତ ସମସ୍ତ ସାମଗ୍ରୀର ମାନ ନିର୍ଦ୍ଧାରଣ ପାଇଁ ତଦନ୍ତ ହେବାର ଆବଶ୍ୟକତା ରହିଛି। ଏହା ଛଡ଼ା ସମ୍ପୃକ୍ତ ବିଭାଗ ଆଉ କେତେ ଜାଗାରେ ବିଭିନ୍ନ ସଂସ୍ଥା ମାନଙ୍କ ସହ ସଲାସୁତୁରା କରି ପୂର୍ବୋକ୍ତ ବ୍ରିଜ ଭଳି ନିମ୍ନମାନର କାର୍ଯ୍ୟ କରିଛନ୍ତି ତାହା ମଧ୍ୟ ତଦନ୍ତ ସାପେକ୍ଷ। ଏଣୁ ସରକାର ତୁରନ୍ତ ଏ ଦିଗରେ ପଦକ୍ଷେପ ନେଇ ସାଧାରଣ ଜନତାଙ୍କ ଜନଜୀବନ ସହ ପୂର୍ତ୍ତ ବିଭାଗର ଖେଳକୁ ବନ୍ଦ କରିବା ପାଇଁ ଇଂ ପୂଜାରୀ ଦାବି କରିଛନ୍ତି। ଯଦିଓ ବିଗତ ବିଜେଡି ସରକାର ସମୟରେ ପୂର୍ବୋକ୍ତ ବ୍ରିଜ କାର୍ଯ୍ୟ ଆରମ୍ଭ ହୋଇଥିଲା ତଥାପି ବିଜେପି ଶାସିତ ସରକାର ଆସିବା ପରେ ଉଦ୍‌ଘାଟନ କରିବା ପୂର୍ବରୁ ଏହି ବ୍ରିଜରମାନ ନିର୍ଦ୍ଧାରଣ କରି ଜନସେବାରେ ନିୟୋଜିତ କରିବାର ଥିଲା ବୋଲି ଇଂ ପୂଜାରୀ କହିଛନ୍ତି।

# ବୈଦିକ ଇଣ୍ଟରନେସନାଲ ସ୍କୁଲରେ ଋତୁସ୍ରାବ ସଚେତନତା କାର୍ଯ୍ୟକ୍ରମ

**ସମ୍ବଲପୁର, ୨୬।୫ (ସମିସ) :** ବୈଦିକ ଇଣ୍ଟରନେସନାଲ ସ୍କୁଲ, ପାବପାଲି, ଶାସନର ଇଣ୍ଟରଆକ୍ଟ କ୍ଲବ୍ ପକ୍ଷରୁ ବ୍ରହ୍ମାକୁମାରୀ ଆଶ୍ରମ ନିକଟରେ ଗତକାଲି ଋତୁସ୍ରାବ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ସାମୟିକ ଓ ମାନସିକ ସ୍ୱାସ୍ଥ୍ୟ ଓ ଶିକ୍ଷା ପ୍ରତି ଏହା ଏକ ପ୍ରଶଂସନୀୟ ପଦକ୍ଷେପ। କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ହେଉଛି କନ୍ୟା ଓ ମହିଳାମାନେ ମଧ୍ୟରେ ଋତୁସ୍ରାବ ଜନିତ ସ୍ୱାସ୍ଥ୍ୟ ସମସ୍ୟା ତାର ପ୍ରତିକାର ସମ୍ପର୍କରେ ଜ୍ଞାନ ବୃଦ୍ଧି କରିବା ଏବଂ ଏହି ବିଷୟରେ ଥିବା ଅନ୍ଧବିଶ୍ୱାସ ଓ କୁସଂସ୍କାରକୁ ଭଙ୍ଗ କରିବା। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ବ୍ରହ୍ମକୁମାରୀ ମୁକ୍ତା ଅଗ୍ରୱାଲ ଋତୁସ୍ରାବର ବାୟୋଲୋଜିକାଲ୍ ଦୃଷ୍ଟିକୋଣ, ଋତୁସ୍ରାବ ସଫା ରହିବାର ଗୁରୁତ୍ୱ ଓ ଏହାକୁ ସହଜ ଓ ବିଶ୍ୱାସପୂର୍ଣ୍ଣ ଭାବରେ ପରିଚାଳନା କରିବା ଉପାୟ ବିଷୟରେ ଆଲୋକପାତ କରିଥିଲେ। ସେ ଶ୍ରୋତାମାନଙ୍କ ଭ୍ରମ ଦୂର କରି ସକାରାତ୍ମକ ମନୋଭାବକୁ ପ୍ରୋତ୍ସାହନ ଦେଇଥିଲେ। ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ହୋଇଥିବା ଏପ୍ରକାର କାର୍ଯ୍ୟକ୍ରମକୁ ବିଦ୍ୟାଳୟର ସମସ୍ତ ଶିକ୍ଷକଗଣଙ୍କ ସହ ଅନୁଷ୍ଠାନର ଚେୟାରମ୍ୟାନ ଆନନ୍ଦ ଅଗ୍ରୱାଲ, ଉପାଧ୍ୟକ୍ଷ ମୋନେନ ଈଶ୍ୱରୀ ଓ ଗୀତା ଧର୍ମରାଜନ ଉପସ୍ଥିତ ରହି ଖୁସିବ୍ୟକ୍ତ କରିଥିଲେ।



# ସାପ କାମୁଡ଼ାରେ ବାଳକ ମୃତ

**ନାକଟିଦେଉଳ, ୨୬।୫(ସମିସ):** ନାକଟିଦେଉଳ ବ୍ଲକ ମାରୱାଡିମୁଣ୍ଡା ଗ୍ରାମର ତ୍ରିନାଥ ମୁଣ୍ଡାଙ୍କ ପୁଅ ସଚିନ ମୁଣ୍ଡା(୪)ଙ୍କ ସାପ କାମୁଡ଼ାରେ ମୃତ୍ୟୁ ଘଟିଛି। ସୂଚନା ଅନୁସାରେ ସୋମବାର ପୂର୍ବାହ୍ନ ୧୧ଟା ସମୟରେ ଘର ସମ୍ମୁଖରେ ଭାଇ ଭଉଣୀ ଖେଳୁଥିବା ବେଳେ ଏକ ନାଗ ସାପ ସଚିନକୁ କାମୁଡି ଦେଇଥିଲା। ପରିବାର ଲୋକ ପ୍ରଥମେ ନାକଟିଦେଉଳ ଡାକ୍ତରଖାନା ନେଇଥିବା ବେଳେ ଅବସ୍ଥା ଗୁରୁତର ହେବାରୁ ରେଢ଼ାଖୋଲ ଡାକ୍ତରଖାନା ସ୍ଥାନାନ୍ତର କରିଥିଲେ। ତେବେ ରେଢ଼ାଖୋଲରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରେଢ଼ାଖୋଲରେ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ଶବ ହସ୍ତାନ୍ତର କରାଯାଇଛି।

# ଚୋରି ମୋବାଇଲ ଉଦ୍ଧାର

**ରେଢ଼ାଖୋଲ, ୨୬।୫(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ସ୍ଥାନୀୟ ସାପ୍ତାହିକ ବଜାରରୁ ଚୋରି ହୋଇଥିବା ମୋବାଇଲ ଉଦ୍ଧାର କରିଛି ରେଢ଼ାଖୋଲ ପୁଲିସ। ସୂଚନା ଯୋଗ୍ୟ ଯେ ଗତ ମାର୍ଚ୍ଚ ମାସରେ ରେଢ଼ାଖୋଲ ସହରର ରଥସାହିବାସିନ୍ଦା କୁଞ୍ଜ ବିହାରୀ ନନ୍ଦ ସାପ୍ତାହିକ ବଜାରରେ ପନିପରିବା କ୍ରୟ କରୁଥିବା ବେଳେ ଜଣେ ଦୃର୍ବୃତ୍ତ ତାଙ୍କ ମୋବାଇଲ ଚୋରି କରି ନେଇଯାଇଥିଲା। ଏ ସଂକ୍ରାନ୍ତରେ ରେଢ଼ାଖୋଲ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ କ୍ରମେ ରେଢ଼ାଖୋଲ ପୁଲିସ ମୋବାଇଲ ଇଏମଆଇ ନମ୍ବର ଟ୍ରାକ୍ କରି ଯାଜପୁର ଅଞ୍ଚଳରୁ ଚୋରି ହୋଇଥିବା ମୋବାଇଲ ଉଦ୍ଧାର କରିଛି।

# ବିବାହ ପ୍ରଲୋଭନ ଦେଖାଇ ଟଙ୍କା ଲୁଟ

**ସମ୍ବଲପୁର, ୨୬।୫(ସମିସ):** ବିବାହ କରିବା ପାଇଁ କନ୍ୟା ଓ କନ୍ୟାର ଭାଇ ନିଜକୁ ଦର୍ଶାଇ ପ୍ରସ୍ତାବ ଦେଲେ। ପରେ ବିଭିନ୍ନ ସାମଗ୍ରୀ କରିବା ପାଇଁ ବର ପକ୍ଷରୁ ଟଙ୍କା ନେଲେ। କିନ୍ତୁ ବାହାଘର କରିବା ବଦଳରେ ଟଙ୍କା ନେଇ ଫେରାର ହୋଇଗଲେ। କ୍ଷେତରାଜପୁର ଥାନାରେ ଅଭିଯୋଗ ପରେ ପୁଲିସ ଅଭିଯୁକ୍ତ କନ୍ୟା ଓ କନ୍ୟାର ଭାଇକୁ ଗିରଫ କରିଛି। ସେମାନେ ହେଉଛନ୍ତି, ସୋନପୁର ଜିଲ୍ଲା ଉଲୁଣ୍ଡା ଥାନା ଅଞ୍ଚଳର ମହେନ୍ଦ୍ର ଦୀପ ଓରଫ ସଞ୍ଜୟ(୩୦) ଓ ସମ୍ବଲପୁର ବୁର୍ଲା ଥାନା ଗୋଶାଳା ଅଞ୍ଚଳର ରାଜଲକ୍ଷ୍ମୀ ମିଶ୍ର ଓରଫ ରଶ୍ମୀ(୨୭)। ସୂଚନା ଅନୁସାରେ ଅଭିଯୁକ୍ତ ସଞ୍ଜୟ ଓ ରଶ୍ମୀ ଅଇଁଠାପାଲି ମହାନଦୀ ବିହାରରେ ଏକ ଭଡ଼ା ଘରେ ବହୁ ଦିନରୁ ରହୁଥିଲେ। ଉଭୟ ଅଭିଯୁକ୍ତ ମଧ୍ୟପ୍ରଦେଶ ସିୱାନୀ ଜିଲ୍ଲା ଲଖନୱାଦା ଥାନା ଅଞ୍ଚଳର ରଞ୍ଜିତ ସାହୁ(୨୮)ଙ୍କ ସମ୍ପର୍କରେ ଆସିଥିଲେ। ରାଜଲକ୍ଷ୍ମୀ ନିଜକୁ ରଶ୍ମୀ ପଣ୍ଡା(କନ୍ୟା) ଓ ମହେନ୍ଦ୍ର ନିଜକୁ ସଞ୍ଜୟ ପଣ୍ଡା(କନ୍ୟାର ଭାଇ) ଭାବେ ଅଭିଯୋଗକାରୀ ରଞ୍ଜିତକୁ କହିଥିଲେ। ପରେ ରଞ୍ଜିତଙ୍କ ପରିବାରକୁ ସମଲେଇ ଘାଟକୁ ଦେଖା କରିବାକୁ ଡାକିଥିଲେ। ବାହାଘର ପାଇଁ ବିଭିନ୍ନ ସାମଗ୍ରୀ ଓ ଭୋଜି ଖର୍ଚ୍ଚ ବାବଦକୁ ରଞ୍ଜିତକୁ ଉଭୟ ଅଭିଯୁକ୍ତ ୧ ଲକ୍ଷ ୪୦ ହଜାର ଟଙ୍କା ମାଗି ନେଇଥିଲେ। ଟଙ୍କା ପାଇବା ପରେ ସେଠାରୁ ଉଭୟ ଫେରାର ହୋଇ ଯାଇଥିଲେ। ରଞ୍ଜିତ ଥାନାରେ ଅଭିଯୋଗ କରିବା ପରେ କ୍ଷେତରାଜପୁର ଥାନା ପୁଲିସ ତଦନ୍ତ କରି ଉଭୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନଙ୍କ ପାଖରୁ ୧ ଲକ୍ଷ ୨୧ ହଜାର ଟଙ୍କା, ଦୁଇଟି ମୋବାଇଲ ଓ ଏକ ସ୍କୁଟି(ଓଡି୧୫ୟୁ୪୮୩୩) ଉଦ୍ଧାର କରିଛି।



**ପୁରୁଷ ଓ ମହିଳା ଗିରଫ**

# ଅଭିନେତା ମଙ୍ଗଳ ମହାକୁରଙ୍କ ବିୟୋଗରେ ଶୋକ

**ସମ୍ବଲପୁର, ୨୬।୫ (ସମିସ) :** ସମ୍ବଲପୁରୀ ନାଟ୍ୟ ଜଗତର ସୁନାମଧନ୍ୟ ଅଭିନେତା ମଙ୍ଗଳ ମହାକୁରଙ୍କ ବିୟୋଗରେ ଶ୍ରୀ କଲଚରାଲ ଆସୋସିଏସନ ପକ୍ଷରୁ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଆସୋସିଏସନ ନିର୍ଦ୍ଦେଶକ ତଥା ସଭାପତି ସତ୍ୟରଞ୍ଜନ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଦିବଂଗତ ଆତ୍ମାର ସଦ୍‌ଗତି ପାଇଁ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ଦିଲ୍ଲିପ କୁମାର ଦେବ, ଆଶିଷ କୁମାର ସୋନାର, ଫଣୀନ୍ଦ୍ର ପଣ୍ଡା, ସତ୍ୟନାରାୟଣ ସାହୁ, ସୌମ୍ୟଜିତ ସୌମିତ୍ରୀ ବଡ଼ପଣ୍ଡା, ନିକିତା ବେହେରା ପ୍ରମୁଖ ସ୍ମୃତିଚାରଣ କରିବାସହ ପଶ୍ଚିମ ଓଡ଼ିଶାରେ ସମ୍ବଲପୁରୀ ନାଟ୍ୟ ଜଗତକୁ ମଙ୍ଗଳ ମହାକୁରଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ସ୍ୱର୍ଗତ ମହାକୁର ଶ୍ରୀ କଲଚରାଲ ଆସୋସିଏସନର ଜଣେ ଆଜୀବନ ସଭ୍ୟ ଭାବେ ରାଜ୍ୟ ଓ ରାଜ୍ୟ ବାହାରେ ଅନେକ ନାଟକରେ ଅଭିନୟ କରି ସୁନାମ ଅର୍ଜନ କରିଥିଲେ। ଶୋକସଭାରେ ଜଗଦୀଶ ମହାପାତ୍ର, ବିଭୂତି ଭୂଷଣ ବିଶ୍ୱାଳ ପ୍ରମୁଖ ବହୁ ସଦସ୍ୟ ଉପସ୍ଥିତ ଥିଲେ।

ସମ୍ବଲପୁର ଶୀତଳଷଷ୍ଠୀ
ନନ୍ଦପଡ଼ା

**ଆଜି ପତରପେଁଡ଼ି**

# ମୁଖ୍ୟ ଆକର୍ଷଣ ରହିବ ଡମ୍ବୋଲା, ଲାବଣୀ ଓ ଶେରବାଜା

**ସମ୍ବଲପୁର, ୨୬।୫ (ସମିସ)**

ସମ୍ବଲପୁରର ଅନ୍ୟତମ ସର୍ବପୁରାତନ ଶୀତଳଷଷ୍ଠୀ ଯାତ୍ରା ନନ୍ଦପଡ଼ାର ଶୀତଳଷଷ୍ଠୀ ଯାତ୍ରା। ଶୀତଳଷଷ୍ଠୀର ଆଦ୍ୟପର୍ବ ଅକ୍ଷୟ ତୃତୀୟା ଅବସରରେ 'ଥାଳ ଉଠା' ପରେ ଯାତ୍ରା କମିଟି ପକ୍ଷରୁ ଦେବବିବାହକୁ ମହାଆଡ଼ମ୍ବରରେ କରିବା ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ନନ୍ଦପଡ଼ା ଯାତ୍ରା କମିଟି ପକ୍ଷରୁ ବମବରାଡ ବାଲୁଙ୍କେଶ୍ୱର ବାବା (ଶ୍ରୀ ଚନ୍ଦ୍ରଶେଖର-ଚଳନ୍ତି ପ୍ରତିମା) ଓ ମାତା ପାର୍ବତୀଙ୍କ ବିବାହୋତ୍ସବ ସକାଶେ ଶିବ ପାର୍ବତୀଙ୍କ ମୁଖ୍ୟମେଢ଼କୁ ବର୍ଣ୍ଣାଢ଼୍ୟ କରାଯାଇଛି।

ବିଶାଳ ପରଭାରେ ବିରାଜମାନ ବମବରାଡ ବାଲୁଙ୍କେଶ୍ୱର ବାବାଙ୍କ ସହିତ ଜଗଜ୍ଜନନୀ ମାତା ପାର୍ବତୀ ନଗର ପରିକ୍ରମା କରି ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେବେ। ବମବରାଡ଼ ବାଲୁଙ୍କେଶ୍ୱର ବାବାଙ୍କ ମୁଖ୍ୟମେଢ଼ ରୂପାର ପରଭା ରହିଛି। ଚଳିତବର୍ଷ ବାଲୁଙ୍କେଶ୍ୱର ବାବାଙ୍କ ଶୀତଳଷଷ୍ଠୀ ଯାତ୍ରାର ମୁଖ୍ୟ ଆକର୍ଷଣ ରହିବ ଭବ୍ୟ ମହା ଆଳତୀ। ଯୁଗଳ ଦର୍ଶନ ଶୋଭାଯାତ୍ରାର ଆକର୍ଷଣ ରହିବ କେରଳର ଡମ୍ବୋଲା ଓ ମେଲମ, ମୁମ୍ବାଇର ଲାବଣୀ ଓ ଖଡ଼ଗପୁରର ଶେର ବାଜା ଦଳ। ନନ୍ଦପଡ଼ା ଶୀତଳଷଷ୍ଠୀ ଯାତ୍ରାରେ ରାଜ୍ୟ ତଥା ରାଜ୍ୟ ବାହାରୁ ସାମିଲ ହେବେ ପ୍ରାୟ ୧୮୦୦ କଳାକାର। ଚଳିତବର୍ଷ ବ୍ୟୟ ଅଟକଳ ପ୍ରାୟ ୭୦ ଲକ୍ଷ ଟଙ୍କା ହେବ ବୋଲି ଯାତ୍ରା କମିଟି ସଭାପତି ସମୀର ରଞ୍ଜନ ବାବୁ ସୂଚନା ଦେଇଛନ୍ତି। ପ୍ରଜ୍ଞାପନ ମେଢ଼ରେ ଚଳିତବର୍ଷର ଥିମ୍ ପାକିସ୍ତାନ ସହ ଯୁଦ୍ଧ ସ୍ଥିତିକୁ ନେଇ ରହିଛି। ଶମ୍ଭାଜୀ ମହାରାଜ, କାଳଭୈରବ, ପଞ୍ଚମୁଖୀ ହନୁମାନ, ଅପରେସନ୍ ସିନ୍ଦୂର, ରାମେଶ୍ୱରମ ଆଦି ଶିଶୁମାନଙ୍କୁ ଆକର୍ଷଣ କରିବ।

ନନ୍ଦପଡ଼ାର ବମ୍‌ବରାଡ଼ ବାଲୁଙ୍କେଶ୍ୱର ବାବାଙ୍କ ମୁଖ୍ୟ ଶୋଭାଯାତ୍ରା ଓ ଅନ୍ୟ ଶୋଭାଯାତ୍ରାରେ ତଳନାଚ ବର୍ଗରେ ଦୁଲଦୁଲି, ଘଣ୍ଟ, ସମ୍ପ୍ରଦା, ଘୁମରା, ଶବର ନୃତ୍ୟ, ପୁରୁଲିଆ ଦଳ, ମୟୁର ନୃତ୍ୟ, ଡମ୍ବରୁ, କାନ୍ତରା ନୃତ୍ୟ, ଦଣ୍ଡା ନୃତ୍ୟ, ଅଘୋରୀ ଓ ଯୋଡ଼ି ଶଙ୍ଖ ରହିଛି। ରଥ ନୃତ୍ୟରେ ନାଦିଆ ଡ୍ୟାନ୍ସଗ୍ରୁପ୍, କଲିକତା, ଆସାମ ଓ ମୁମ୍ବାଇର ପାଶ୍ଚାତ୍ୟ ନୃତ୍ୟ ସହ ଆସାମର ଲୋକନୃତ୍ୟ ରହିଛି।





### କାର୍ଯ୍ୟକ୍ରମ

- ମେ ୨୭ : ପତରପେଁଡ଼ି (ନିର୍ବନ୍ଧ)
- ମେ ୨୮ : ନୃସିଂହ ନିଉତା (ଦେବ ନିମନ୍ତ୍ରଣ)
- ମେ ୩୦ : ସାକ୍ଷୀ ଗୋପୀନାଥ ଆଗମନ
- ମେ ୩୧ : ବରାନୁଗମନ ଓ ଦେବବିବାହ
- ଜୁନ ୧ : ଯୁଗଳ ଦର୍ଶନ ଶୋଭାଯାତ୍ରା ଆରମ୍ଭ
- ଜୁନ ୨ : ଶୋଭାଯାତ୍ରା ପରେ ଅପରାହ୍ଣରେ ମନ୍ଦିର ପ୍ରବେଶ

### ଯାତ୍ରା କମିଟି କାର୍ଯ୍ୟକର୍ତ୍ତା

- ସଭାପତି - ସମୀର ରଞ୍ଜନ ବାବୁ
- ଉପସଭାପତି - ପ୍ରଭୁଦତ୍ତ ପଣ୍ଡା, ଆଶିଷ ବାବୁ
- ସାଧାରଣ ସମ୍ପାଦକ - ସୁଶ୍ରୀତ ମିଶ୍ର
- ଯୁଗ୍ମ ସମ୍ପାଦକ - ବାଲଗୋପାଳ ନନ୍ଦ, ରାଜୀବ ମାଝି
- ମୁଖ୍ୟ ସଂଯୋଜକ - ଫଣୀଭୂଷଣ ମିଶ୍ର
- କୋଷାଧ୍ୟକ୍ଷ - ଭୁବନ ମୋହନ ମିଶ୍ର, ସୁନୀଲ ତ୍ରିପାଠୀ
- ସହକୋଷାଧ୍ୟକ୍ଷ - ଆଭାଶିଷ ମିଶ୍ର, ରାଜା ପାଢ଼ୀ
- ଗଣମାଧ୍ୟମ ସମ୍ପର୍କ ପ୍ରତିନିଧି - ବିରାଜ ମିଶ୍ର, ମାନସ ରଥ





## ଜଗଜ୍ଜନନୀଙ୍କ କୃପାରୁ କନ୍ୟାଦାନ ସୁଯୋଗ ପାଇଛୁ : ପ୍ରତାପ ନନ୍ଦ

ଜଗଜ୍ଜନନୀ ମା' ପାର୍ବତୀଙ୍କୁ କନ୍ୟା ରୂପେ ପାଇ ଆମେ ବହୁତ ଖୁସି। ସମସ୍ତଙ୍କ ଭାଗ୍ୟରେ ଏଭଳି ସୁଯୋଗ ମିଳେନାହିଁ। ଜଗଜ୍ଜନନୀଙ୍କ କୃପାରୁ ଆମେ ମା'ଙ୍କୁ କନ୍ୟାଦାନ କରିବାର ସୁଯୋଗ ପାଇଛୁ ବୋଲି ବମବରାଡ଼ ବାଲୁଙ୍କେଶ୍ୱର ବାବାଙ୍କ ବିବାହୋତ୍ସବରେ କନ୍ୟାପିତା ପ୍ରତାପ ନନ୍ଦ କହିଛନ୍ତି। ୨୦୧୩ ମସିହାରେ ଝାଡ଼ୁଆପଡ଼ାର କନ୍ୟା ପିତାମାତା ଦାୟିତ୍ୱ ବାପା ହରିଶଙ୍କର ନନ୍ଦ ଓ ମା' ସ୍ୱର୍ଗତ ରାଧିକା ନନ୍ଦ ତୁଲାଇଥିଲେ। ସେତେବେଳୁ ଇଚ୍ଛା ଥିଲା ଆମେ ଜଗଜ୍ଜନନୀ ମା'ଙ୍କୁ କନ୍ୟା ରୂପେ ବିବାହ କରିବୁ। ୨୦୨୪ରେ କରିପାରିଲୁନି ୨୦୨୫ରେ ଆମେ ସୁଯୋଗ ପାଇଲୁ। ଥରେ ଝାଡ଼ୁଆପଡ଼ାର କରିଥିବାରୁ ଥରେ ନନ୍ଦପଡ଼ାର କରିବା ସକାଶେ ଅଭିଳାଷ ରହିଥିଲା। ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଲାଣି। ମା' ପାର୍ବତୀଙ୍କୁ କନ୍ୟାଦାନରେ ଦେବା ବାସନକୁସନ, ଶାଢ଼ୀ, ଅଳଙ୍କାର ଆଦି ସାମଗ୍ରୀ କିଣି ସାରିଲୁଣି। ଏବେ ସମ୍ବଲପୁରରେ ଯାହା ଆବଶ୍ୟକ ତାହା ବ୍ୟବସ୍ଥା କରାଯିବ ବୋଲି ସେ କହିଛନ୍ତି।

ମାତା ପାର୍ବତୀଙ୍କୁ କନ୍ୟା ରୂପେ ପାଇ କନ୍ୟାମାତା ଲିପିକା ନନ୍ଦ ବିଭୋର ହେବାସହ ଜୋରସୋରରେ ପ୍ରସ୍ତୁତି ଚଳାଇଛନ୍ତି। ବାବାଙ୍କ ପାଇଁ ତ୍ରିଶୂଳ, ଚିଲମ, ବେଲପତ୍ର ଓ ମା'ଙ୍କ ପାଇଁ ସୁନା ଓ ରୂପା ଅଳଙ୍କାର, ଉଭୟଙ୍କ ପାଇଁ ରୂପାର ମୁକୁଟ ସହ ଜଣେ ଝିଅକୁ ବିବାହରେ ଯାହା ଯାହା ଦେବା କଥା ସମସ୍ତ ସାମଗ୍ରୀ ଦିଆଯାଉଥିବା ଶ୍ରୀମତୀ ନନ୍ଦ କହିଛନ୍ତି। ଚଳିତବର୍ଷ ଜଗଜ୍ଜନନୀ ମାତା ପାର୍ବତୀଙ୍କ ପିତାମାତା ଭାବରେ ଶାସନ, ସମ୍ବଲପୁରର ମୂଳନିବାସୀ ଝାରସୁଗୁଡ଼ା କାପୁମାଲ ଶିଳ୍ପାଞ୍ଚଳ ନିବାସୀ ବ୍ୟବସାୟୀ ପ୍ରତାପ ନନ୍ଦ ଓ ଲିପିକା ନନ୍ଦ ଦାୟିତ୍ୱ ନିର୍ବାହ କରିବେ। ନନ୍ଦ ଦମ୍ପତିଙ୍କ ଗୋଟିଏ ଝିଅ ଓ ପୁଅ। ଝିଅ ଦଶମ ଶ୍ରେଣୀ ପାସ କରିଥିବାବେଳେ ପୁଅ ସପ୍ତମ ଶ୍ରେଣୀରେ ପଢୁଛି।

ନାରୀସେବା ସଦନଠାରେ ୨୭ ତାରିଖ ପତରପେଁଡ଼ି ଓ ୩୧ ତାରିଖ ବିବାହୋତ୍ସବ ଆୟୋଜିତ ହେବ ବୋଲି କନ୍ୟାପକ୍ଷରୁ ସୂଚନା ଦେଇଛନ୍ତି।

# ଟ୍ରକ ଧକ୍କାରେ ବାଇକ ଚାଳକ ମୃତ

**ଜମନକିରା, ୨୬।୫(ସମିସ):** ଜମନକିରା ଥାନା ୫୩ନଂ ଜାତୀୟ ରାଜପଥର ଚିନିମହୁଲ ଛକ ନିକଟରେ ଟ୍ରକ୍ ସହ ବାଇକ୍ ମୁହାଁ ମୁହିଁ ଧକ୍କା ହେବା ଫଳରେ ବାଇକ ଚାଳକଙ୍କ ମୃତ୍ୟୁ ହୋଇଛି। ମୃତକ ବାଇକ୍ ଚାଳକ ଯାଜପୁର ଜିଲ୍ଲା ବରୀ ଥାନା ଗମ୍ଭୁ ଗ୍ରାମର ପ୍ରଦ୍ୟୁମ୍ନ ମଲ୍ଲିକ। ସୂଚନାଯୋଗ୍ୟ ଯେ, ରବିବାର ରାତି ପ୍ରାୟ ୯ଟା ବେଳେ ସମ୍ବଲପୁର ଅଭିମୁଖେ ବାଇକ ନଂ ଓଡି୩୪କେ-୫୭୨୨ରେ ଯାଉଥିବା ବେଳେ ଦେବଗଡ଼ ପଟେ ଆସୁଥିବା ଟ୍ରକ୍‌ନଂଓଡି ୦୯ଏବି-୬୫୯୬ ସହିତ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ବାଇକ ଚାଳକ୍‌ଙ୍କ ମୁଣ୍ଡ ଉପରେ ଟ୍ରକ୍ ଚକ ଚଢିଯାଇଥିବା ବେଳେ ବାଇକ୍‌କୁ ପ୍ରାୟ ୫୦ ମିଟର ଘୋଷାଡି ନେଇଛି। ଘଟଣାସ୍ଥଳରେ ବାଇକ ଚାଳକଙ୍କ ମୃତ୍ୟୁ ଘଟିଥିବା ବେଳେ ଟ୍ରକ୍ ଡ୍ରାଇଭର ଫେରାର ମାରିଛି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ମାମଲା ରୁଜୁ କରିଛି।

# ଆକାଶବାଣୀ ସମ୍ବଲପୁର କେନ୍ଦ୍ରର ୬୩ତମ ସ୍ଥାପନା ଦିବସ

**ସମ୍ବଲପୁର, ୨୬।୫ (ସମିସ) :** ଆକାଶବାଣୀ ସମ୍ବଲପୁର କେନ୍ଦ୍ରର ୬୩ତମ ସ୍ଥାପନା ଦିବସ ଆଜି ପାଳିତ ହୋଇଯାଇଛି। ୧୯୬୩ ମସିହା ମେ ମାସ ୨୬ ତାରିଖ ଦିନ ସମ୍ବଲପୁର ସହରରେ ଆରମ୍ଭ ହୋଇଥିବା ଆକାଶବାଣୀ କେନ୍ଦ୍ର ଏ ଅଞ୍ଚଳର କଳା, ସଂସ୍କୃତି, ସାହିତ୍ୟ, ଐତିହ୍ୟ, ପରମ୍ପରା, ଜନଜୀବନକୁ ନେଇ ସମାଜର ସମସ୍ତ ବର୍ଗର ଶ୍ରୋତାମାନଙ୍କ ନିମନ୍ତେ ରଚିକର କାର୍ଯ୍ୟକ୍ରମମାନ ପ୍ରସାରଣ କରି ପଶ୍ଚିମ ଓଡ଼ିଶାର କୋଟି କୋଟି ଲୋକଙ୍କୁ ସୂଚନା, ମନୋରଞ୍ଜନ ଏବଂ ଶିକ୍ଷା ପ୍ରଦାନ କରିଆସୁଛି।



ଏହି ଅବସରରେ ଆକାଶବାଣୀ ରିକ୍ରିଏସନ କ୍ଲବ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ କେନ୍ଦ୍ରର ଅଭିଯାନ୍ତ୍ରିକୀ ମୁଖ୍ୟ ସୁବୋଧ କୁମାର ପାଲ ଏବଂ କାର୍ଯ୍ୟକ୍ରମ ମୁଖ୍ୟ ମନୀଷ ଭଟ୍ଟାଚାର୍ଜୀ ଅତିଥି ଭାବେ ଯୋଗ ଦେଇଥିଲେ। ରିକ୍ରିଏସନ କ୍ଲବର ସମ୍ପାଦକ କ୍ଷେତ୍ରମଣି ବିଭାର ସ୍ୱାଗତ ଭାଷଣ ସହିତ କେନ୍ଦ୍ରର ପ୍ରାରମ୍ଭିକ ବର୍ଷଠାରୁ ଆରମ୍ଭ କରି ଏଯାବତ୍ ଯେଉଁମାନଙ୍କର ଅକ୍ଲାନ୍ତ ପରିଶ୍ରମ ଏବଂ ଅବଦାନର ଫଳସ୍ୱରୂପ ଆଜି କେନ୍ଦ୍ର ଉଭୟ ଜାତୀୟ ଏବଂ ଆନ୍ତର୍ଜାତିକସ୍ତରରେ ସୁଖ୍ୟାତି ଅର୍ଜନ କରିପାରିଛି ସେ ସମ୍ପର୍କରେ ଆଲୋକପାତ କରିଥିଲେ। ବର୍ତ୍ତମାନ ସୂଚନା ଏବଂ ମନୋରଞ୍ଜନ ଯୋଗାଉଥିବା ବିଭିନ୍ନ ସାମାଜିକ ଗଣମାଧ୍ୟମର ପ୍ରବାଲ୍ୟତା ମଧ୍ୟରେ ଆକାଶବାଣୀ ନିଜର ଶ୍ରୋତାମାନଙ୍କର ଶ୍ରଦ୍ଧାଭାଜନ ହୋଇ ଏପର୍ଯ୍ୟନ୍ତ ନିଜ ମର୍ଯ୍ୟାଦାକୁ ଅତୁଟ ରଖିପାରିଛି ବୋଲି ବକ୍ତାମାନେ ମତପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ସନ୍ତୋଷ ପିଙ୍ଗ, ସୌଭାଗ୍ୟ ରଥ, କୈବର୍ତ୍ତ ସାହୁ, ତପନ ପଟ୍ଟନାୟକ, କାସିଫ ଜମିଲ, ସତ୍ୟରଞ୍ଜନ ପଣ୍ଡା, ଅଶୋକ ପ୍ରଧାନ, ଜ୍ୟୋତିପ୍ରକାଶ ମିଶ୍ର, ପ୍ରବୀଣ ଖଡ଼ିଆ, ଦୀପକ ଓରାମ, ଲମ୍ବୋଦର ବୁଢ଼ୁଲା ପ୍ରମୁଖ ଅଂଶଗ୍ରହଣ କରିଥିଲେ। ସୋମନାଥ ଜାଲ, ବୃନ୍ଦାବନ ସେଠୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବୃଦ୍ଧା ମାଈ ହାତୀ ମୃତ



**ନାକଟିଦେଉଳ/ରେଢ଼ାଖୋଲ, ୨୬।୫(ସମିସ):** ସମ୍ବଲପୁର ଜିଲ୍ଲା ବାମରା ବନ୍ୟପ୍ରାଣୀ ବନଖଣ୍ଡ ଖଳାଶୁଣି ବନ୍ୟପ୍ରାଣୀ ବନାଞ୍ଚଳ ଅନ୍ତର୍ଗତ କୁସାରକାନି ସଂରକ୍ଷିତ ଜଙ୍ଗଲରେ ଏକ ବୃଦ୍ଧା ମାଈ ହାତୀର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ବାର୍ଦ୍ଧକ୍ୟତା କାରଣରୁ ହାତୀ ଗୋଠ ଛଡା ହୋଇ ଜଙ୍ଗଲରେ ଏକାକୀ ବୁଲୁଥିଲା। ବନ କର୍ମଚାରୀଙ୍କ ନଜରରେ ଆସିବାରୁ ଗତ କିଛି ଦିନ ହେବ ହାତୀକୁ ଖାଇବା, ପିଇବା ଆଦି ବନ ବିଭାଗ ତରଫରୁ ଦିଆଯାଉଥିଲା। ହଠାତ ଶନିବାର ଦିନ ହାତୀଟି କୌଣସି ଆଡେ ଯାଇନପାରିବାରୁ ବନ ବିଭାଗ ପକ୍ଷରୁ ଚିକିତ୍ସା କରାଯାଇ ସାଲାଇନ ଦିଆଯାଇଥିଲା। ତେବେ ରବିବାର ରାତିରେ ବୃଦ୍ଧା ମାଈ ହାତୀଟିର ମୃତ୍ୟୁ ହୋଇଛି। ଏସିଏଫ୍ ଆଲୋକ ଷଡ଼ଙ୍ଗୀ, କିସିଣ୍ଡା ରେଞ୍ଜର ମହେନ୍ଦ୍ର କୁମାର ସାହୁ, ଫରେଷ୍ଟର ଭୁବନେଶ୍ୱର ପାଣି, ଫରେଷ୍ଟ ଗାର୍ଡ ନିହାର ରଞ୍ଜନ ବଡପଣ୍ଡା ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ହାତୀର ବ୍ୟବଛେଦ ପରେ ପୋତି ଦିଆଯାଇଛି।

# ଦଳିତପଡ଼ାରେ ଝାଡ଼ାବାନ୍ତି: ଆଠଦିନରେ ୩ ମୃତ, ୧୫ ଆକ୍ରାନ୍ତ

**ଝାରସୁଗୁଡ଼ା, ୨୬।୫(ସମିସ)**

ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ପୌରାଞ୍ଚଳ ଅଧୀନ ରାମପୁର ଦଳିତପଡ଼ାରେ ଝାଡ଼ାବାନ୍ତି ଆତଙ୍କ। ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ଗତ ୮ ଦିନ ମଧ୍ୟରେ ୩ ଜଣଙ୍କ ମୃତ୍ୟୁ ହେଲାଣି। ମୃତକମାନେ ମିଳନ ସାହୁ, ଡମ୍ବରୁଧ ବୁଢ଼ା, ବାସୁଦେବ ତନ୍ତି। ୩ ଜଣଙ୍କ ମୃତ୍ୟୁପରେ ସ୍ୱାସ୍ଥ୍ୟ

**ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ସର୍ଭେ**
**କୂଅରୁ ନମୁନା ସଂଗ୍ରହ**

ବିଭାଗ ଓ ପୌରପ୍ରଶାସନ ରାମପୁରରେ ପହଞ୍ଚି ଲୋକଙ୍କୁ ସଚେତନତା କରି ଔଷଧ ବଣ୍ଟନ କରିଛନ୍ତି। ପ୍ରାୟ ୧୦ ଦିନ ହେଲାଣି ରାମପୁର ଦଳିତ ପଡ଼ାରେ ଲୋକେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିଲେ। ଆକ୍ରାନ୍ତଙ୍କୁ ଖଲିଆକାନି ହସ୍ପିଟାଲ ଓ ଜିଲ୍ଲା ଚିକିତ୍ସାଳୟରେ ଭର୍ତ୍ତି





କରାଯାଇଛି। ଗତ ୧୮ ତାରିଖ ଖଲିଆକାନୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମିଳନ ସାହୁଙ୍କ ମୃତ୍ୟୁ ଘଟିଥିଲା। ୨୩ରେ ଝାରସୁଗୁଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଡମ୍ବରୁଧର ବୁଢ଼ାଙ୍କ ମୃତ୍ୟୁ ହୋଇଥିବାବେଳେ ୨୫ରେ ବାସୁଦେବ ତନ୍ତୀଙ୍କ ମୃତ୍ୟୁ ହୋଇଛି। ଏହି ପଡ଼ାର ୧୫ରୁ ଅଧିକ ଲୋକ ଝାଡ଼ାବାନ୍ତିରେ ଆକ୍ରାନ୍ତ ଥିବା ଜଣାପଡ଼ିଛି। ସେମାନଙ୍କ ମଧ୍ୟରେ ୫ ଜଣ ପୁରୁଷ, ୫ ଜଣ ମହିଳା ଓ ୪ ଜଣ ଶିଶୁ ରହିଛନ୍ତି। ପଡ଼ାରେ ଥିବା କୂଅ ଗୁଡିକର ଦୂଷିତ ପାଣି ପିଇ ଝାଡ଼ାବାନ୍ତି ବ୍ୟାପିଥିବା ଅନୁମାନ କରାଯାଉଛି। ଏହାସହ ସ୍ୱଚ୍ଛ ପାନୀୟଜଳ ଆସୁ ନ ଥିବାବେଳେ ପୌରପରିଷଦ ପକ୍ଷରୁ ନିୟମିତ ସଫାସୁତୁରା କରାଯାଉନଥିବା ଲୋକେ ଅଭିଯୋଗ କରିଛନ୍ତି। ଏକ ଡାକ୍ତରୀ ଦଳ ରାମପୁର ପହଞ୍ଚି ଘରକୁ ଘର ସର୍ଭେ କରିଛନ୍ତି। ଲୋକଙ୍କୁ ଓଆରଏସ, ଔଷଧ ଦେବାସହ ଝାଡାବାନ୍ତି ହେଲେ ତୁରନ୍ତ ଚିକିତ୍ସାଳୟରେ ଭର୍ତ୍ତି ହେବାପାଇଁ କୁହାଯାଇଛି। ଏହାସହ କୂଅର ପାଣି ନମୁନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଇଯାଇଛି। ସେହିପରି ରାମପୁର ଦଳିତପଡ଼ାକୁ ସଫାସୁତୁରା କରି ରାସ୍ତାଘାଟ ଏବଂ କୂଅରେ ବ୍ଲିଚିଂ ପାଉଡ଼ର ପକାଯାଇଛି ବୋଲି ବ୍ରଜରାଜନଗର ନଗରପାଳ ପ୍ରକାଶ କରିଛନ୍ତି।

# ଧୁତରା ଷ୍ଟେସନରେ ଟ୍ରେନ ରହଣି ଦାବି

**ଝାରସୁଗୁଡ଼ା/କିର୍ମିରା, ୨୬।୫(ସମିସ):** ଦକ୍ଷିଣପୂର୍ବ ହାୱାଡ଼ା-ବମ୍ବେ ମୁଖ୍ୟ ରେଳପଥ ଚକ୍ରଧରପୁର ଡିଭିଜନ ଅନ୍ତର୍ଗତ ଧୁତରା ଷ୍ଟେସନରେ ଟାଟା



ଇତୱାରୀ (୧୮୧୦୯/୧୮୧୧୦), ବିଲାସପୁର (୧୮୧୧୩/୧୮୧୧୪), ଭୁବନେଶ୍ୱର ଇଣ୍ଟରସିଟି (୨୨୮୩୯/୨୨୮୪୦) ଓ ତପସ୍ୱିନି ଏକ୍ସପ୍ରେସ (୧୮୪୫୧/୧୮୪୫୨)ର ରହଣି ପାଇଁ ଡିଆରଏମ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ରେଳବିଭାଗ ଦ୍ୱାରା କରୋନା କାଳରୁ ଧୁତରା ଷ୍ଟେସନରେ ଉପରୋକ୍ତ ଟ୍ରେନଗୁଡିକର ରହଣି ବନ୍ଦ କରାଯାଇଥିଲାବେଳେ ଆଜି ପର୍ଯ୍ୟନ୍ତ ଷ୍ଟପେଜର ବ୍ୟବସ୍ଥା ହୋଇପାରି ନାହିଁ। ଅତି ନିକଟରେ ପାନପାଳି ଷ୍ଟେସନରେ ନା ଟିକେଟ ବୁକିଂ ବ୍ୟବସ୍ଥା ନା ଆଶ୍ରୟସ୍ଥଳୀ ନା ଠିକ ଭାବରେ ପାଣିର ବ୍ୟବସ୍ଥା ନ ଥାଇ ସେଠାରେ ଉପରୋକ୍ତ ଟ୍ରେନ ରହଣି ବ୍ୟବସ୍ଥା ରହିଛି। ଯାହାଫଳରେ ସେଠାରେ ଯାତ୍ରୀଙ୍କୁ ବହୁ ହଇରାଣ ହରକତ ହେଉଥିବାର ନଜିର ହେଉଛି। କିନ୍ତୁ ଧୁତରା ଷ୍ଟେସନରେ ରହଣି ହୋଇପାରି ନାହିଁ। ଧୁତରା ଷ୍ଟେସନରେ ଟ୍ରେନଗୁଡିକର ରହଣି ପାଇଁ ଡିଆରଏମଙ୍କ ଉଦ୍ଦେଶ୍ୟରେ ଧୁତରା ଷ୍ଟେସନ ମ୍ୟାନେଜର ଶ୍ରୀମାନ ଅରୁଣ କାଙ୍ଗରାଙ୍କୁ ଅଲଟ୍ରାଟେକ କର୍ମଚାରୀ ସଂଘ ସଭାପତି ସନ୍ତୋଷ ବାଗ, ସୁରଜ କେଶରୀ, ସରପଞ୍ଚ ପ୍ରତିନିଧି ଜନସିଂ ତଣ୍ଡିଆ, ପ୍ରଫୁଲ୍ଲ ଗର୍ଡ଼ିଆ ସହ ବରିଷ୍ଠ ସାମ୍ବାଦିକ ଡିଲେଶ୍ୱର ବାଗ ପ୍ରମୁଖଙ୍କ ସହ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତିରେ ଦାବିପତ୍ର ପ୍ରଦାନ କରାଯାଇଛି।

# ସାମ୍ବାଦିକଙ୍କୁ ମାଡ଼ ଘଟଣାକୁ ନିନ୍ଦା

**ଝାରସୁଗୁଡ଼ା, ୨୬।୫(ସମିସ):** ବ୍ରଜରାଜନଗର ଓପିଏମ୍ ଶିବମନ୍ଦିର ପରିସରରେ ରବିବାର ବ୍ରଜରାଜନଗର ପ୍ରେସ୍ କ୍ଲବ୍ ସଭାପତି ଅନିଲ ଅଗ୍ରୱାଲଙ୍କ ସଭାପତିତ୍ୱରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ କ୍ଲବର ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହେବାସହ ବିଶେଷ କରି ବଲାଙ୍ଗିର ଜିଲ୍ଲା ପୁଇଁତଲାରେ ସାମ୍ବାଦିକ ବିଜୟ ପ୍ରଧାନଙ୍କୁ ହାତଗୋଡ଼ ବାନ୍ଧି ହୋଇଥିବା ସଂଘବଦ୍ଧ ଆକ୍ରମଣ ଓ ମାଡ଼ ଘଟଣାକୁ ବ୍ରଜରାଜନଗର ପ୍ରେସ୍‌କ୍ଲବ୍ ସଦସ୍ୟମାନେ



ନିନ୍ଦା କରିଥିଲେ। ମୁଖ୍ୟ ଅଭିଯୁକ୍ତ ସମ୍ପୃକ୍ତ ଠିକାଦାରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାପାଇଁ ରାଜ୍ୟ ସରକାରଙ୍କ ପାଖରେ ଦାବି କରିଛନ୍ତି। ବୈଠକରେ ସାଧାରଣ ସମ୍ପାଦକ ସଂଗ୍ରାମ ସାଏ, ସାମ୍ବାଦିକ ଉପନ ଚରଣ ସାହୁ, ବ୍ୟାସଦେବ ପଣ୍ଡା, ସଞ୍ଜୀବ ପାଟଯୋଷୀ, ତ୍ରିଲୋଚନ ଦାଶ, ଅଞ୍ଜନୀ ଶର୍ମା, ଶେଖର ବିଶି, ବିଜୟ ବରାଡ଼, ସଞ୍ଜୟ ବାହୁବଳେନ୍ଦ୍ର, ବିଜୟ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ବଜ୍ରାଘାତରେ ଜଣେ ମୃତ

**ଝାରସୁଗୁଡ଼ା, ୨୬।୫(ସମିସ):** ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ଥାନା ଗାନ୍ଧିଛକ ଫାଣ୍ଡି ଅଧୀନ ରାଜପୁରଠାରେ ବଜ୍ରାଘାତରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ ସୋମବାର ଅପରାହ୍ନରେ ରାଜପୁର ଅଞ୍ଚଳରେ କାଳବୈଶାଖୀ ପ୍ରଭାବରେ ବଜ୍ରଘାତ ହୋଇଥିବା ବେଳେ ରାଜପୁର ଖଳିଆପଡ଼ା ଗ୍ରାମର ସୀତାରାମ ଧୁରୁଆ (୪୭) ଙ୍କ ମୃତ୍ୟୁ ଘଟିଛି। ବଜ୍ରପାତ ହେବାପରେ ତାଙ୍କୁ ଉଦ୍ଧାର କରାଯାଇ ରାଜପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ନିଆଯାଇଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଗାନ୍ଧିଛକ ଫାଣ୍ଡି ଅଧିକାରୀ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିବା ନେଇ ଜଣାପଡ଼ିଛି।

# ଗାଡ଼ି ଧକ୍କାରେ ଜଣେ ଆହତ

**ଝାରସୁଗୁଡ଼ା, ୨୬। ୫(ସମିସ):** ଝାରସୁଗୁଡ଼ା ଜିଲ୍ଲା ରେଙ୍ଗାଲି ଥାନା ଅଧୀନ ଗିରେଲପାଲି ବଜାର ନିକଟରେ ଜଣେ ବ୍ୟକ୍ତିଙ୍କୁ ଏକ ଅଜଣା ଗାଡ଼ି ଧକ୍କା ଦେବା ଫଳରେ ବ୍ୟକ୍ତି ଜଣକ ଗୁରୁତର ଆହତ ହୋଇଛନ୍ତି। ସୋମବାର ସନ୍ଧ୍ୟାରେ ଗିରେଲପାଲି ଗ୍ରାମର ପରଶୁ କଅଁର ବଜାର ସଉଦା ସାରି ନିଜ ବାଇକରେ ଫେରୁଥିବା ସମୟରେ ଏକ ଅଜଣା ଗାଡ଼ି ଧକ୍କା ଦେଇ ଘଟଣାସ୍ଥଳରୁ ଫେରାର ମାରିଥିଲା। ଦୁର୍ଘଟଣାରେ ତାଙ୍କ ଗୋଡ଼ ଭାଙ୍ଗିଯାଇଥିବା ବେଳେ ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇ ଚିକିତ୍ସା ପାଇଁ ଲଖନପୁର ଚିକିତ୍ସାଳୟକୁ ନେଇଥିବା ସୂଚନା ମିଳିଛି।

# ବିଭିନ୍ନ ସ୍ଥାନରେ ସାବିତ୍ରୀ ବ୍ରତ ପାଳିତ

**ଝାରସୁଗୁଡ଼ା, ୨୬।୫(ସମିସ):** ଝାରସୁଗୁଡ଼ା ଜିଲ୍ଲାର ବିଭିନ୍ନ ସ୍ଥାନରେ ସାବିତ୍ରୀ ବ୍ରତ ପାଳିତ ହୋଇଯାଇଛି। ଆଜିର ଦିନରେ ଗୃହିଣୀମାନେ ତାଙ୍କର ସ୍ୱାମୀଙ୍କ ଦୀର୍ଘ ଆୟୁଷ ଓ ସୁଖମୟ ଜୀବନ ପାଇଁ ପୂଜା କରିଛନ୍ତି। ଝାରସୁଗୁଡ଼ା ସହର ସାବିତ୍ରୀ ବ୍ରତ ପାଇଁ ଚଳଚଞ୍ଚଳ ହୋଇଉଠିଥିବା ବେଳେ ବିଭିନ୍ନ ସ୍ଥାନରେ ପୂଜା ପାଇଁ ଏକ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା।

# କଳାକାରଙ୍କ ଦେହାନ୍ତ, ନାଟ୍ୟାନୁଷ୍ଠାନ ପକ୍ଷରୁ ଶୋକସଭା

**ଦେବଗଡ଼, ୨୬।୫(ସମିସ):** ଦେବଗଡ଼ ସହରର ପ୍ରତିଷ୍ଠିତ କଳାକାର ମଙ୍ଗଳ ମହାଙ୍କୁରଙ୍କ ବୁର୍ଲାଠାରେ ଏକ ଘରୋଇ ଚିକିତ୍ସାଳୟରେ ଦେହାନ୍ତ ହୋଇଛି। ସୋମବାର ସନ୍ଧ୍ୟାରେ ମୃତ କଳାକାର ସ୍ୱର୍ଗତ ମହାଙ୍କୁଡ଼ଙ୍କ ସ୍ମୃତିରେ ବାମଣ୍ଡା କଳାକାର ସଂଘ ପକ୍ଷରୁ ଗୋକର୍ଣ୍ଣେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଏକ ଶୋକ ସଭା ଅନୁଷ୍ଠିତ ହୋଇ ଯାଇଛି। ବାମଣ୍ଡା କଳାକାର ସଂଘର ବରିଷ୍ଠ ପରାମର୍ଶଦାତା ହେମନ୍ତ ମହାପାତ୍ର, କାର୍ଯ୍ୟକାରୀ ସଭାପତି ପ୍ରଦୀପ ଅମାନ୍ତ, ସମ୍ପାଦକ ରୋମିଓ ମହାପାତ୍ର, ସହସମ୍ପାଦକ ସୁଶାନ୍ତ ନନ୍ଦ, ମନୋଜ ପାଢ଼ୀ, ଅମୂଲ୍ୟ ପାଣି, ପ୍ରଶାନ୍ତ ଦ୍ୱିବେଦୀ, ଧ୍ରୁବଚରଣ ବେହେରା, ସନ୍ତୋଷ ସାହୁ, ଉପେନ୍ଦ୍ର ଭଞ୍ଜ, ଅନିଲ ପାଣି, ମନୋରଞ୍ଜନ ନାୟକ, କୁମୁଦଚନ୍ଦ୍ର ଶତପଥୀ, ସତ୍ୟନାରାୟଣ ମିଶ୍ର, ସଂଘର ଆଇନ ପରାମର୍ଶଦାତା ବିକାଶ କୁମାର ପ୍ରଧାନ ଓ ସ୍ୱାଗତ ନନ୍ଦ ଉପସ୍ଥିତ ଥିଲେ। ସେ 'ଆଦିଭୂମି' ଚଳଚ୍ଚିତ୍ର ସହ ଅନେକ ଆଲବମ ସଙ୍ଗୀତ ଓ ଭିଡିଓ ଫିଲ୍ମରେ ଅଭିନୟ କରିଥିଲେ।

# ଇଣ୍ଟ୍ରା ସ୍କୁଲ କ୍ରିକେଟ୍ ପ୍ରତିଯୋଗିତା

**ଝାରସୁଗୁଡ଼ା, ୨୬।୫(ସମିସ):** ଓଡ଼ିଶା କ୍ରିକେଟ୍ ଆସୋସିଏସନ୍ ଅନୁକୂଲ୍ୟରେ ଝାରସୁଗୁଡ଼ା ଜିଲ୍ଲା କ୍ରିକେଟ ଆସୋସିଏସନ୍ ଦ୍ୱାରା ଆୟୋଜିତ ଇଣ୍ଟ୍ରା ସ୍କୁଲ କ୍ରିକେଟ୍ ପ୍ରତିଯୋଗିତା ୨୦୨୫ ଝାରସୁଗୁଡା ଜିଲ୍ଲା ଅନ୍ତର୍ଗତ ବ୍ରଜରାଜନଗରର ମଣ୍ଡଳିଆ ସ୍ଥିତ ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ ଠାରେ ଆୟୋଜିତ ହେଉଛି। ଆୟୋଜିତ ଇଣ୍ଟ୍ରା ସ୍କୁଲ କ୍ରିକେଟ୍ ପ୍ରତିଯୋଗିତାର ସୋମବାର ଦ୍ୱାଦଶ ମ୍ୟାଚ ବିଦ୍ୟା ବିକାଶ ସ୍କୁଲ, ଝାରସୁଗୁଡ଼ା ଓ ହ୍ୱାଇଟ କମ୍ବାଇନ ଝାରସୁଗୁଡ଼ା ମଧ୍ୟରେ ଖେଳା ଯାଇଥିଲା। ଏହି ମ୍ୟାଚ୍‌ରେ ବିଦ୍ୟା ବିକାଶ ସ୍କୁଲ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ୨୫ ଓଭରରେ ୬୮ ରନ୍ ସଂଗ୍ରହ କରିଥିଲେ। ଦ୍ୱିତୀୟ ପାଳିରେ ପ୍ରବଳ ବର୍ଷା ଯୋଗୁଁ ମ୍ୟାଚଟିକୁ ଡ୍ର ଘୋଷଣା କରାଯାଇଥିଲା।



ଆଜି ଇଞ୍ଜିନିୟରିଂ ସ୍କୁଲ ଝାରସୁଗୁଡ଼ାର ପୂର୍ବତନ କ୍ରୀଡ଼ାଶିକ୍ଷକ ଶଙ୍କର ପଟେଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ। ପ୍ରଜ୍ୱଲ୍ କୁମାର ପଟେଲ, କମ୍ପାଉଣ୍ଡର ବେହେରା, ଅନିରୁଦ୍ଧ କେୱଟ, ଅଶୋକ କୁମାର ପ୍ରଧାନ ପ୍ରମୂଖ ସହାୟତା ପ୍ରଦାନ କରିଥିଲେ। ଅନିରୁଦ୍ଧ କେୱଟ ଓ ଗଣେଶ ମରେଇ ଅମ୍ପାୟର ଭାବେ ମ୍ୟାଚ୍ ଟିକୁ ପରିଚାଳନା କରିଥିଲେ, ନାସିର ମଲ୍ଲିକ ଅନ୍ ଲାଇନ୍ ସ୍କୋରିଂ କରିଥିଲେ।

# ପୁରପଲ୍ଲୀରେ ସାବିତ୍ରୀ ବ୍ରତ ପାଳିତ

**ରେଢ଼ାଖୋଲ, ୨୬।୫ (ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଅଞ୍ଚଳର ପୁରପଲ୍ଲୀରେ ସଧବା ମହିଳାମାନେ ସାବିତ୍ରୀ ବ୍ରତ ପାଳନ କରିଛନ୍ତି। ଖନ୍ଦାଡ଼ିପ ସ୍ଥିତ ତଳିସାହି କ୍ଲବ୍ ଘରରେ ଅଞ୍ଚଳର ମହିଳାମାନେ ଏକତ୍ରିତ ହୋଇ ବ୍ରତ ପାଳନ କରିଥିଲେ। ପୂଜକ ଭାବରେ ମୁନା ପାଣିଗ୍ରାହୀ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ସାବିତ୍ରୀ ବ୍ରତରେ ବିଭିନ୍ନ ପ୍ରକାରର ଫଳ ମୂଳ, ଶାଢ଼ି, ଶଙ୍ଖା, ସିନ୍ଦୁର ନେଇ ମା ସାବିତ୍ରୀଙ୍କୁ ଶ୍ରଦ୍ଧାର ସହିତ ପୂଜାର୍ଚ୍ଚନା କରି ନିଜ ସ୍ୱାମୀଙ୍କ ପାଇଁ ଦୀର୍ଘାୟୁ କାମନା କରିଛନ୍ତି।

# ଯୋଗ ବିଦ୍ୟାଳୟର ପ୍ରତିଷ୍ଠା ଦିବସ

**ସମ୍ବଲପୁର, ୨୬।୫ (ସମିସ):** ଜୀବନକୁ ସାର୍ଥକ କରିବାପାଇଁ ଯୋଗ ମାର୍ଗରେ ଗତି କରିବା ଏକାନ୍ତ ଅପରିହାର୍ଯ୍ୟ। ଏହି ମାର୍ଗରେ ଯାଇ ବ୍ୟକ୍ତି, ପରିବାର, ରାଷ୍ଟ୍ର ଶ୍ରେଷ୍ଠତା ପ୍ରତିପାଦନ କରିପାରିବ ବୋଲି ଉତ୍କଳ ଯୋଗ ବିଦ୍ୟାଳୟ, ସମ୍ବଲପୁରର ୫୫ତମ ପ୍ରତିଷ୍ଠା ଦିବସରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ମଣ୍ଡଳାଧୀଶ ସ୍ୱାମୀ ସ୍ୱରୂପାନନ୍ଦ ସରସ୍ୱତୀଙ୍କ ପୌରୋହିତ୍ୟରେ ଅୟୋଜିତ କାର୍ଯ୍ୟକ୍ରମରେ ଡଃ ସତ୍ୟନାରାୟଣ ଠାକୁର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସମ୍ବଲପୁର ଆଶ୍ରମ ଦାୟିତ୍ୱରେ ଥିବା ସ୍ୱାମୀ ନିତ୍ୟ ଚୈତନ୍ୟ, ଲାୟନ୍ସ କ୍ଲବ ସଭାପତି ନାରାୟଣ ଅଗ୍ରୱାଲ, ବରିଷ୍ଠ ସଦସ୍ୟ ଦେବେନ୍ଦ୍ର ଲାଠ, ପ୍ରମୋଦ ଅଗ୍ରୱାଲ ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରାରମ୍ଭରେ ଅନୁଷ୍ଠାନର ସମ୍ପାଦକ ଧ୍ରୁବଚରଣ ପଣ୍ଡା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଗତ ୧୫ ଧରି ଚାଲିଥିବା ଯୋଗ ଶିବିରର ଭାଇ ଭଉଣୀ ମାନେ ସମା ଆଗ୍ରିନଙ୍କ ନେତୃତ୍ୱରେ ଯୋଗ ପ୍ରଦର୍ଶନ ଏବଂ ପ୍ରାର୍ଥନା ଗାନ କରିଥିଲେ। ଶିବିରାର୍ଥୀ ମାନଙ୍କୁ ଏହି ଅବସରରେ ପ୍ରମାଣପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା।

# ଜାତୀୟ ନାଟ୍ୟ ମହୋତ୍ସବରେ ନାଟକ 'ଏକ ଭିନ୍ନ ନିଷ୍ପତ୍ତି' ମଞ୍ଚସ୍ଥ

**ଦେବଗଡ଼, ୨୬।୫(ସମିସ):** ଭୁବନେଶ୍ୱରସ୍ଥିତ ରବୀନ୍ଦ୍ରମଣ୍ଡପ ଠାରେ ପାଞ୍ଚ ଦିନ ବ୍ୟାପି ବିଦ୍ୟା କନକ ସୃଜନ ଅନୁଷ୍ଠାନ ଦ୍ୱାରା ଆୟୋଜିତ ଜାତୀୟ ନାଟ୍ୟ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଗତକାଲି ଜାତୀୟସ୍ତରରେ ସୁନାମ ଅର୍ଜନ କରିଥିବା ଦେବଗଡ଼ ଜିଲ୍ଲାର ନାଟ୍ୟାନୁଷ୍ଠାନ ଜାଗରଣ ଆର୍ଟ ଇଣ୍ଟରନ୍ୟାସନାଲର ବହୁ ଚର୍ଚ୍ଚିତ ନାଟକ ' ଏକ ଭିନ୍ନ ନିଷ୍ପତ୍ତି' ମଞ୍ଚସ୍ଥ ହୋଇଯାଇଛି। ନାଟକରେ ବାପା ମାଁ ନିଜ ପୁଅ ଝିଅଙ୍କୁ ପାଳିପୋଷି ବଡ଼ କରିବାରେ କିଛି ସର୍ତ୍ତ ରଖି ନ ଥାନ୍ତି। ସେମାନେ ନିଜ ପାଇଁ ନୁହେଁ, ବରଂ ପୁଅ ଝିଅଙ୍କୁ ନେଇ ଅନେକ ସ୍ୱପ ଦେଖିଥାନ୍ତି। ସ୍ୱପ୍ନକୁ ସାକାର କରିବା ପାଇଁ ସେମାନେ ପ୍ରତିଟି ଆହ୍ୱାନକୁ ଖୁସି



ଖୁସିରେ ସାମ୍ନା କରି ଚାଲିଥାନ୍ତି। ହେଲେ, ସିଡିରେ ଗଛ ଚଢି ସାରିବା ପରେ ସିଡିକୁ ଭୁଲିଯିବା ନ୍ୟାୟରେ ଏବର ଅନେକ ପୁଅ ବାପା ମା'ଙ୍କୁ ହତାଦର କରି ଅସହାୟ କରି ଚାଲିଛନ୍ତି। ଏପରି ଏକ ସମ୍ବେଦନଶୀଳ ଘଟଣାକୁ ନେଇ ନାଟକ 'ଏକ ଭିନ୍ନ ନିଷ୍ପତ୍ତି'ର କାହାଣୀ। ନାଟ୍ୟ ରଶ୍ମୀ ଅଶୋକ କୁମାର ବହିଦାରଙ୍କ ରଚିତ ଓ ସୁଜିତ କୁମାର ପାତ୍ରଙ୍କ ନିର୍ଦ୍ଦେଶିତ ଏହି ନାଟକରେ ସଙ୍ଗୀତ ଶକ୍ତିପ୍ରସାଦ ମିଶ୍ର ଆଲୋକ ବିକାଶ କୁମାରପ୍ରଧାନ ଏବଂ ମଞ୍ଚସଜ୍ଜା ଜନ୍ମେଜୟ ନାୟକ କରିଥିଲେ। ବିଭିନ୍ନ ଭୂମିକାରେ ରାକେଶ କୁମାର ଶତପଥୀ, ବିଶାଲ କୁମାର ନାୟକ, ଅଜିତାଂସୁ ପୂଜାରୀ, ଅମ୍ଳାଂଶୁ ପୂଜାରୀ, ଶିବାଶିଷ ଝାଙ୍କର, ନାରୀ ଅଭିନେତ୍ରୀ କୁମାରୀ ବିଷ୍ଣୁ ପ୍ରିୟା ଗଡ଼ତିୟା ଏବଂ କୁମାରୀ ରେଶମା ରାଣୀ ନାଏକ ଅଭିନୟ କରିଥିଲେ। ଉଦ୍‌ଯାପନୀ ସନ୍ଧ୍ୟାରେ ଅତିଥି ଭାବେ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ଦେବଗଡ଼ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ଏବଂ ସଙ୍ଗୀତ ନାଟକ ଏକାଡେମୀ ର ପୂର୍ବତନ ସଚିବ ପ୍ରବୋଧ କୁମାର ରଥ ଯୋଗଦେଇ ଥିଲେ।

# ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୋଠାରେ ଅଗ୍ନିକାଣ୍ଡ

**ଦେବଗଡ଼, ୨୬।୫(ସମିସ):** ନୂଆ ବାଲିରୋଇଠାରେ ନବନିର୍ମିତ ନୂତନ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୋଠାର ପଞ୍ଚମ ମହଲାରେ ରାତିରେ ନିଆଁ ଲାଗିଥିବା ସୂଚନା ମିଳିଛି। ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚିବା ପୂର୍ବରୁ ଉକ୍ତ କୋଠାରେ ଖଞ୍ଜା ଯାଇଥିବା ଅଗ୍ନିନିର୍ବାପକ ବ୍ୟବସ୍ଥାରେ ନିଆଁ ଆୟତ୍ତ କରାଯାଇଥିଲା। କୋଠା ଉଦ୍‌ଘାଟନ ହେବା ପୂର୍ବରୁ ସେଠାରେ ଅଗ୍ନିକାଣ୍ଡ ଘଟିଛି। ଅଗ୍ନିକାଣ୍ଡ ସୂଚନାପାଇ ଘଟଣାସ୍ଥଳକୁ ଉପ ଜିଲ୍ଲାପାଳଙ୍କ ଠାରୁ ଜିଲ୍ଲା ସ୍ୱାସ୍ଥ୍ୟ



ବିଭାଗ ଅଧିକାରୀଙ୍କ ସମେତ ଦେବଗଡ଼ ଥାନା ପୁଲିସ ପହଞ୍ଚି ଥିଲେ।

ସୂଚନା ଅନୁଯାଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନୂତନ କୋଠାର ଉଦ୍‌ଘାଟନ ପାଇଁ ଯୁଦ୍ଧକାଳୀନ ଭିତ୍ତିରେ ରାତି ଅଧିଆ ରଙ୍ଗ ବଦଳା କାର୍ଯ୍ୟ କରାଯାଉଥିବା ବେଳେ କୋଠାର ପଞ୍ଚମ ଓ ଷଷ୍ଠ ମହଲା ଝରକାରେ ମହୁମାଛି ବସା ବାନ୍ଧିଥିବାରୁ ରଙ୍ଗ କାର୍ଯ୍ୟରେ ବାଧା ଉପୁଜୁଥିଲା। ଠିକାଦାର ମହୁମାଛି ଘଉଡ଼ାଇବା ପାଇଁ ବସାତଳେ ପାଳରେ ନିଆଁ ଲଗାଇ ଘଉଡ଼ାଇବାକୁ ଉଦ୍ୟମ କରୁଥିବାବେଳେ ଉକ୍ତ କୋଠାରେ ଖଞ୍ଜା ଯାଇଥିବା ଅତ୍ୟାଧୁନିକ ଅଗ୍ନିନିର୍ବାପକ ଯନ୍ତ୍ରର ସେନ୍ସର ଧୂଆଁ ଯୋଗୁଁ ଫାଟିଯାଇ ସେଠାରୁ ସ୍ୱଙ୍ଗ ପାଣି ବାହାରି ଥିଲା। ଏହାଦେଖି ସେଠାରେ ସୁରକ୍ଷା ଦାୟିତ୍ୱରେ ଥିବା ସୁରକ୍ଷା କର୍ମୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଅଧିକାରୀଙ୍କୁ ଫୋନ ଯୋଗେ ସୂଚନା ଦେବା ସହ ଅଗ୍ନିଶମ ବିଭାଗକୁ ସୂଚନା ଦେଇଥିଲେ। ମଙ୍ଗଳବାର ବିଦ୍ୟୁତ ବିଭାଗ ଦ୍ୱାରା ପୁନଃ ଯାଞ୍ଚପରେ କୋଠାରେ ବିଦ୍ୟୁତ ସରବରହ ସାମାନ୍ୟ କରାଯିବ ବୋଲି ଜଣାପଡ଼ିଛି।

# ଦୁଇ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ

**ଝାରସୁଗୁଡ଼ା, ୨୬।୫(ସମିସ):** ଝାରସୁଗୁଡ଼ା ଜିଲ୍ଲା ବେଲପାହାଡ଼ରେ ଦୁଇ ଯୁବକଙ୍କୁ ମାରଣାନ୍ତକ ଆକ୍ରମଣ ହୋଇଛି। ପ୍ରାୟ ୧୫ ରୁ ୨୦ ଜଣ ଯୁବକ ଲୁହାରଡ଼ ଛୁରି ଓ ବାଡ଼ିରେ ଆକ୍ରମଣ କରିବାରୁ ଦୁଇଜଣ ଯୁବକ ଆହତ ହୋଇଛନ୍ତି। ଆହତ ଯୁବକମାନେ ରିସବ ତ୍ରିପାଠୀ (୨୪) ଏବଂ ତ୍ରିନାଥ ରାଓ (୨୫) ବୋଲି ଜଣାପଡ଼ିଛି। ରବିବାର ସନ୍ଧ୍ୟାରେ ରିସବ ଏବଂ ତ୍ରିନାଥ ବେଲପାହାଡ଼ ପୌରପରିଷଦ ନିକଟରେ ଥିବାବେଳେ କିଛି ଯୁବକ ସେମାନଙ୍କ ସହ ବଚସା କରିଥିଲେ। ଏହାପରେ ରିସବ ଏବଂ ତ୍ରିନାଥ ବେଲପାହାଡ ଜୟଲକ୍ଷ୍ମୀ କ୍ଲବ ନିକଟରେ ବସିଥିବାବେଳେ ପ୍ରାୟ ୧୫ ରୁ ୨୦ ଜଣ ଯୁବକ ଆସି ଉଭୟଙ୍କୁ ଆକ୍ରମଣ କରିଥିଲେ। ଫଳରେ ତ୍ରିନାଥଙ୍କ ଗୋଡ଼ ଭାଙ୍ଗି ଯାଇଥିବାବେଳେ ରିସବ ଆହତ ହୋଇଛନ୍ତି। ଉଭୟଙ୍କୁ ଚିକିତ୍ସାଳୟକୁ ପଠାଯାଇଥିବା ବେଳେ ରିସବ ସୁସ୍ଥ ହୋଇ ଘରକୁ ଫେରିଛନ୍ତି ଏବଂ ତ୍ରିନାଥ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ରସିବ ଏନେଇ ବେଲପାହାଡ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମାଲା ରୁଜୁକରି ତଦନ୍ତ ଆରମ୍ଭ କରିଛି।

# 'ପରିଚୟ' ପକ୍ଷରୁ ଅସହାୟ ବ୍ୟକ୍ତିଙ୍କୁ ଉଦ୍ଧାର

**ସମ୍ବଲପୁର, ୨୬।୫ (ସମିସ) :** ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ପରିଚୟ' ପକ୍ଷରୁ ଜଣେ ମାନସିକ ବିକାରଗ୍ରସ୍ତ ଅସହାୟ ବ୍ୟକ୍ତିଙ୍କୁ ଉଦ୍ଧାର କରାଯାଇଛି। ବ୍ୟକ୍ତିଜଣକ ମାସେ ପୂର୍ବରୁ ରେଙ୍ଗାଲି ଅଞ୍ଚଳରେ ବୁଲୁଥିବାବେଳେ ସମ୍ପ୍ରତି କଚେରୀ ଛକ ଅଞ୍ଚଳରେ ବୁଲୁଥିବା ଦେଖି ଅଞ୍ଚଳବାସୀ 'ପରିଚୟ'କୁ ଯୋଗାଯୋଗ କରିଥିଲେ। ବ୍ୟକ୍ତିଜଣକ ମାନସିକ ବିକାରଗ୍ରସ୍ତ ଭଳି ଜଣାପଡୁଛନ୍ତି। ତାଙ୍କୁ ଉଦ୍ଧାର କରି ବୈଜାମୁଣ୍ଡା ସମନ୍ୱିତ ଭିତ୍ତିଭୂମି କେନ୍ଦ୍ରରେ ଥଇଥାନ କରାଯାଇଛି। ଏହି କାର୍ଯ୍ୟରେ 'ପରିଚୟ' ସଭାପତି ବିପିନ ବିହାର ପଣ୍ଡା, ହେମାନନ୍ଦ ଦେହୁରୀ, ନାରାୟଣ ପ୍ରଧାନ ପ୍ରମୁଖ ସାମିଲ ଥିଲେ।

ସମ୍ବଲପୁର ଶୀତଳଷଷ୍ଠୀ
ଠାକୁରପଡ଼ା

# ଲେଜର ଶୋ' ସାଙ୍ଗକୁ ମ୍ୟୁଜିକାଲ ଦୁଲ୍‌ଦୁଲି ମୁଖ୍ୟ ଆକର୍ଷଣ





**ସମ୍ବଲପୁର, ୨୬।୫ (ସମିସ)**

ଠାକୁରପଡ଼ାର ଶ୍ରୀ ଶ୍ରୀ ଗୁପ୍ତେଶ୍ୱର ବାବାଙ୍କ ୨୧ତମ ଶୀତଳଷଷ୍ଠୀ ଯାତ୍ରା ଚଳିତବର୍ଷ ଆୟୋଜନ କରାଯାଉଛି। ଠାକୁରପଡ଼ା ଯାତ୍ରା କମିଟି ପକ୍ଷରୁ ସ୍ଥାନୀୟ କଳାକାର ଓ ଲୁପ୍ତପ୍ରାୟ କଳାକୁ ଲୋକଲୋଚନକୁ ଆଣିବା ସହ ଲୋକକଳାକୁ ପ୍ରାଧାନ୍ୟ ଦିଆଯିବ। ଯୁଗଳ ଦର୍ଶନ ଶୋଭାଯାତ୍ରାରେ ସାଂସ୍କୃତିକ କାର୍ଯ୍ୟକ୍ରମକୁ ପ୍ରାଧାନ୍ୟ ଦିଆଯାଉଥିବାବେଳେ ଅଞ୍ଚଳର ଲୁପ୍ତପ୍ରାୟ କଳାସଂସ୍କୃତିକୁ ଲୋକଲୋଚନକୁ ଆଣିବାସହ କଳାକାର ମାନଙ୍କୁ ସମ୍ମାନଦେବା ମୁଖ୍ୟ ଲକ୍ଷ୍ୟ ବୋଲି ଠାକୁରପଡ଼ା ଶୀତଳଷଷ୍ଠୀ ଯାତ୍ରା କମିଟି ଶିବ ପ୍ରଧାନ କହିଛନ୍ତି। ଏଥର ମୁଖ୍ୟ ଆକର୍ଷଣ ରହିବ ଲେଜର ଶୋ' ସାଙ୍ଗକୁ ବରପାଲିରୁ ଆସୁଥିବା ମ୍ୟୁଜିକାଲ ଦୁଲ୍‌ଦୁଲି। ମୁଖ୍ୟ ଶୋଭାଯାତ୍ରାରେ ପ୍ରାୟ ୧୫୦୦ କଳାକାର ସାମିଲ ହେବେ।

ଏଥର ବ୍ୟୟ ଅଟକଳ ରହିଛି ୩୫ ଲକ୍ଷ ଟଙ୍କା। ତନ୍ମଧ୍ୟରେ ରାଜ୍ୟ ବାହାରୁ ଛତିଶଗଡ଼ର ଝାଞ୍ଜ ନୃତ୍ୟ, କୋଲକାତାର କାଳି ମା' ନୃତ୍ୟ, ଆନ୍ଧ୍ରପ୍ରଦେଶର ମତ୍ସ୍ୟ ନୃତ୍ୟ, କେରଳର ବେଙ୍ଗ ନୃତ୍ୟ, ଉଜ୍ଜୟିନୀର ଅଘୋରୀ ନୃତ୍ୟ ଆଦି ରହିଛି। ରାଜ୍ୟ ଭିତରୁ ମୟୁରଭଞ୍ଜର କଳସ ନୃତ୍ୟ, କୋରାପୁଟର ବାଡ଼ି ଖେଳ, ପୁରୀର ମେଢ଼ ନୃତ୍ୟ, ସୁନ୍ଦରଗଡ଼ର ଆଦିବାସୀ ନୃତ୍ୟ, ବଲାଙ୍ଗୀରର ଘଣ୍ଟ ପାର୍ଟି, ଭଦ୍ରକର ଡିଜେ ଓ ଲେଜର ଶୋ', ପୁଟିଆପାଲି, ବରଗଡ଼, ବଲାଙ୍ଗିର ଓ ସୋନପୁରର ଦୁଲଦୁଲି, ଚକଲିର ସମ୍ପ୍ରଦା, ବରପାଲିର ମ୍ୟୁଜିକାଲ ଦୁଲଦୁଲି ଆଦି ରହିଛି। ଏହାସହିତ ଆସାମ, କୋଲକାତା, ରାୟପୁର, କଟକ ଓ ଭୁବନେଶ୍ୱରର ରେକର୍ଡ ନୃତ୍ୟ ପ୍ରଦର୍ଶିତ ହେବ। ଚଳିତବର୍ଷ ପ୍ରଜ୍ଞାପନ ମେଢ଼ରେ ରାକ୍ଷସ, ନନ୍ଦି, କାମଧେନୁ, ଲେଫଟନାଣ୍ଟ ବିନୟ ନରୱାଲ ସହ ବଡ଼ ହନୁମାନ ବିଗ୍ରହ ରହିବ। ମୁଖ୍ୟପରଭା ଅଘୋରୀ ଥିମ୍‌କୁ ନେଇ ପ୍ରସ୍ତୁତ କରାଯାଉଥିବାବେଳେ ହନୁମାନ ଓ ରାମସୀତା ଥିମ୍‌କୁ ନେଇ ପରଭା ପ୍ରସ୍ତୁତ କରାଯାଉଥିବା ଯାତ୍ରା କମିଟି ସଭାପତି ଶ୍ରୀ ପ୍ରଧାନ ସୂଚନା ଦେଇଛନ୍ତି।

## ଦେବବିବାହ କାର୍ଯ୍ୟସୂଚୀ

ଆସନ୍ତା ୨୯ ତାରିଖ ଦେବବିବାହ ନିମନ୍ତେ ପତରପେଁଡ଼ି କାର୍ଯ୍ୟକ୍ରମ ହେବାକୁ ଥିବାବେଳେ ୩୦ ତାରିଖ ଦେ'ନିଉତା ବା ହନୁମାନ ନିଉତା, ୩୧ ତାରିଖ ରାତିରେ ବରାନୁଗମନ ଓ ବିଳମ୍ବିତ ରାତ୍ରି ବ୍ରାହ୍ମମୁହୂର୍ତ୍ତରେ ଶୁଭ ଲଗ୍ନରେ ହାତଗଣ୍ଠି, ୧ ତାରିଖ ବିଳମ୍ବିତ ରାତିରେ ନଗର ପରିକ୍ରମା ବା ଯୁଗଳ ଦର୍ଶନ ଶୋଭାଯାତ୍ରା ଆରମ୍ଭ ହୋଇ ୨ ତାରିଖ ଦିନତମାମ ଚାଲିବାପରେ ଅପରାହ୍ଣରେ ଦେବଦମ୍ପତି ମନ୍ଦିର ପ୍ରବେଶ କରିବେ।

## ମା'ଙ୍କୁ କନ୍ୟାରୂପେ ପାଇବା ଆମ ସୌଭାଗ୍ୟ : ରାଜେନ୍ଦ୍ର ଶର୍ମା

ଅଭାବନୀୟ ସମ୍ବଲପୁର ଡଙ୍ଗାବୁଡ଼ିରେ ଦୁଇଝିଅଙ୍କୁ ହରାଇବା ପରେ ଜଗଜ୍ଜନନୀ ମା' ପାର୍ବତୀଙ୍କୁ କନ୍ୟା ରୂପେ ପାଇବା ଆମ ସୌଭାଗ୍ୟ ବୋଲି କହିଛନ୍ତି ଠାକୁରପଡ଼ା ଶ୍ରୀ ଶ୍ରୀ ଗୁପ୍ତେଶ୍ୱର ବାବାଙ୍କ ଦେବବିବାହରେ କନ୍ୟାପିତା ରାଜେନ୍ଦ୍ର ଶର୍ମା। ୨୦୧୪ ମସିହାରୁ କନ୍ୟାଦାନ କରିବାର ସୁଯୋଗ ଅପେକ୍ଷାରେ ଥିଲି ଚଳିତବର୍ଷ ମହାଦେବ କୃପା କଲେ। ଝିଅ ବିବାହ ପାଇଁ କନ୍ୟାଦାନରେ ଯାହା ସାମଗ୍ରୀ ଦେବାକଥା ସାଧ୍ୟମତେ ତାହା ପ୍ରସ୍ତୁତ କରାଯାଇଛି। ଆଗକୁ ବାବାଙ୍କ ମନ୍ଦିର କିପରି ପୁନରୁଦ୍ଧାର ହୋଇପାରିବ ସେଥିପାଇଁ ମୁଁ ଉଦ୍ୟମ କରିବି ବୋଲି ଶ୍ରୀ ଶର୍ମା କହିଛନ୍ତି। ସେଠାରେ ଏକ



ଭବ୍ୟ ମନ୍ଦିର ତିଆରି କରାଯିବ। ଏବେ ଆମେ ପତରପେଁଡ଼ି ପାଇଁ ଅପେକ୍ଷା କରିଛୁ ଏବଂ ବରଯାତ୍ରୀଙ୍କ ସ୍ୱାଗତ ପାଇଁ କ୍ଲବ ହାଉସ୍‌ରେ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି।

ଚଳିତବର୍ଷ ସର୍ବେଶ୍ୱର ଏନ୍‌କ୍ଲେଭ, ପାଞ୍ଚଗଛିଆ, ସମ୍ବଲପୁର ନିବାସୀ ରାଜେନ୍ଦ୍ର ଶର୍ମା ଓ ଅଳକା ଶର୍ମା କନ୍ୟା ପିତାମାତା ଦାୟିତ୍ୱ ତୁଲାଉଛନ୍ତି।

# ସୁକତେଲ ନଦୀ ଉପରେ ବ୍ୟାରେଜ୍ ନିର୍ମାଣ ଦାବି



**ବଲାଙ୍ଗିର, ୨୬।୫(ସମିସ):** ବଲାଙ୍ଗିର ଜିଲ୍ଲା ପୁଇନ୍ତଲା ବ୍ଲକ ବିଲେଇସର୍ଡା ଗାଁ ନିକଟ ଦେଇ ଯାଇଥିବା ସୁକତେଲ ନଦୀ ଉପରେ ଏକ ବ୍ୟାରେଜ୍ ନିର୍ମାଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଗ୍ରାମବାସୀ ଏନେଇ ଏକ ଦାବିପତ୍ର ରାଜ୍ୟ ପଞ୍ଚାୟତିରାଜ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାଏକଙ୍କୁ ପ୍ରଦାନ କରିଛନ୍ତି। ସୂଚନା ଅନୁସାରେ ବଲାଙ୍ଗିର ଜିଲ୍ଲା ପୁଇନ୍ତଲା ବ୍ଲକ ବିଲେଇସର୍ଡ଼ା ଗାଁ ଦେଇଯାଇଛି ସୁକତେଲ ନଦୀ। ବିଲେଇସର୍ଡ଼ା ତଥା ଆଖପାଖ ଗ୍ରାମବାସୀ ଏହି ନଦୀପାଣିକୁ ଜଳସେଚନ କରି ବିଭିନ୍ନ ପ୍ରକାର ଚାଷ କରିଥାନ୍ତି। ଉଭୟ ଖରିଫ ଓ ରବିରେ ଧାନ, ବାଦାମ ଓ ଅନ୍ୟସବୁ ଅର୍ଥକାରୀ ଫସଲ ଚାଷ କରୁଥିବାବେଳେ ନଦୀରେ ମାତ୍ର କିଛି ମାସ ପାଣି ରହିଥାଏ। ଫଳରେ ଚାଷୀମାନେ ପାଣି ପାଇଁ ସମସ୍ୟାର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଛନ୍ତି। କିଛିବର୍ଷ ହେଲା ଅଞ୍ଚଳରେ ଭୂତଳ ଜଳସ୍ତର ମଧ୍ୟ ହ୍ରାସ ପାଇଥିବା କହିଛନ୍ତି। ତେବେ ଏହିସବୁ ସମସ୍ୟାର ସମାଧାନ ପାଇଁ ବିଲେଇସର୍ଡ଼ା ନିକଟରେ ନଦୀ ଉପରେ ଏକ ବ୍ୟାରେଜ୍ ନିର୍ମାଣ କରିବାକୁ ଦାବି କରିଛନ୍ତି। ଏହି ବ୍ୟାରେଜ ହେଲେ ଲୋକେ ଚାଷ ପାଇଁ ପାଣି ପାଇବା ସହ ଭୂତଳଜଳସ୍ତର ମଧ୍ୟ ବଢ଼ିବ। ସେହିପରି ଏହି ବ୍ୟାରେଜ ଗ୍ରାମବାସୀଙ୍କ ପିଇବା ପାଣି ସମସ୍ୟାକୁ ଦୂର କରିବ ବୋଲି ଲୋକେ ପ୍ରକାଶ କରିଛନ୍ତି। ତେବେ ଏହି ଦାବିନେଇ ସ୍ଥାନୀୟ ସରପଞ୍ଚ ସୁଶାନ୍ତ ଛତ୍ରିଆଙ୍କ ନେତୃତ୍ୱରେ ଏକ ଟିମ୍ ପଞ୍ଚାୟତିରାଜ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାଏକଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି।

## ସାମ୍ବାଦିକଙ୍କୁ ମାଡ଼ ଘଟଣା

# ନାବାଳକ ସହ ୪ ଗିରଫ; ମୁଖ୍ୟ ଅଭିଯୁକ୍ତ ଫେରାର

**ବଲାଙ୍ଗିର, ୨୬।୫(ସମିସ)**

ବଲାଙ୍ଗିର ଜିଲ୍ଲା ପୁଇନ୍ତଲା ବ୍ଲକ ଅଧୀନ କୁଲୁଥିପାଲି ଗାଁକୁ ଖବର ସଂଗ୍ରହ ପାଇଁ ଯାଇଥିବାବେଳେ ସାମ୍ବାଦିକ ବିଜୟ ପଧାନଙ୍କୁ ଆକ୍ରମଣ ଘଟଣାରେ ପୁଲିସ ଜଣେ ନାବାଳକ ସହ ଚାରି ଅଭିଯୁକ୍ତଙ୍କୁ ଗିରଫ କରିଥିବା ଏସ୍‌ପି

### ବିଜେପି ନେତାଙ୍କ ଛତ୍ରଛାୟାରେ ଠିକାଦାର

ସୂଚନା ଦେଇଛନ୍ତି। ଏହି ଘଟଣାରେ ମୁଖ୍ୟ ଅଭିଯୁକ୍ତ ତଥା ଠିକାଦାର ଗଜେନ୍ଦ୍ର ଦଳାଇ ଏବେବି ଫେରାର ଥିବା ଜଣାପଡ଼ିଛି। ପୁଲିସ ପ୍ରଥମରୁ ଅଭିଯୁକ୍ତଙ୍କୁ ସୁରକ୍ଷା ଦେଉଥିବାବେଳେ ଜିଲ୍ଲା ତଥା ରାଜ୍ୟସ୍ତରରେ ସାମ୍ବାଦିକମାନେ ଏହି ଘଟଣାକୁ ନେଇ ପ୍ରତିବାଦ କରିବା ପରେ ପୁଲିସ ଚାରି ଜଣଙ୍କୁ ଗିରଫ କରିଥିବା ଚର୍ଚ୍ଚା ହେଉଛି। ପୂର୍ବରୁ ଯଦି ଏହାକୁ ଗୁରୁତ୍ୱର ସହ ପୁଲିସ ତଦନ୍ତ କରିଥାନ୍ତା ହୁଏତ ଏବେ ସମ୍ପୃକ୍ତ ଠିକାଦାର ଗିରଫ ହୋଇଥାନ୍ତେ ବୋଲି ଆଲୋଚନା ହେଉଛି।

ସୂଚନା ଅନୁସାରେ ଗତ ଶୁକ୍ରବାର ବଲାଙ୍ଗିର ଜିଲ୍ଲାରେ ଘରୋଇ ନ୍ୟୁଜ୍ ଚ୍ୟାନେଲରେ କାର୍ଯ୍ୟରତ ଥିବା ବିଜୟ ପଧାନ ଏକ ଗାର୍ଡୱାଲ କାମରେ ହେଉଥିବା ଅନିୟମିତତା



ଫେରାର ଅଭିଯୁକ୍ତ



ବିଷୟରେ ଖବର କରିବା ପାଇଁ ପୁଇନ୍ତଲା ବ୍ଲକ କୁଲୁଥିପାଲି ଗାଁକୁ ଯାଇଥିଲେ। ଉକ୍ତ କାମ କରିଥିବା ଠିକାଦାର ଗଜେନ୍ଦ୍ର ଦଳାଇ ତାଙ୍କ ପୁତୁରା ଅଭିନାସ ଦଳେଇ ଓ କିଛି ଯୁବକଙ୍କୁ ସେଠାକୁ ପାଠାଇ ସାମ୍ବାଦିକଙ୍କୁ ମାଡ଼ ମାରିବାକୁ ଯୋଜନା କରିଥିଲେ। ଶ୍ରୀ ପଧାନ ସେଠାରେ ପହଞ୍ଚିବାପରେ ତାଙ୍କ ଗାଡ଼ି ଛଡାଇ ନେଇ ତାଙ୍କୁ ମାଡ଼ ମାରିଥିଲେ। ହାତବାନ୍ଧି ବସାଇ ରଖିବା ସହ ତାଙ୍କୁ ନିର୍ଯାତନା ଦେଇଥିଲେ। ଏହାପରେ ଭିଡିଓ ଉତ୍ତୋଳନକରି ତାଙ୍କୁ ହତ୍ୟାଧମକ ଦେଇଥିଲେ।। ଏନେଇ ସେ ପୁଇନ୍ତଲା ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁକରି ନିରବ ବସିଥିଲା। ଶନିବାର ଏହି ଘଟଣାକୁ ନେଇ ଜିଲ୍ଲା ସାମ୍ବାଦିକ ସଂଘ ପ୍ରତିକ୍ରିୟା ପ୍ରକାଶ କରିବା ପରେ ଅଭିଯୁକ୍ତଙ୍କୁ ଧରିବା ପାଇଁ ପୁଲିସ ଜାଲ ବିଛାଇଥିଲା। ଏହି ଘଟଣାରେ ସମ୍ପୃକ୍ତ ଥିବା ଠିକାଦାରଙ୍କ ପୁତୁରା ଅଭିନାଶ ଦଳେଇ, ସହଯୋଗୀ ଆଦିତ୍ୟ ଜେନା ଓ ଗୁମର ନାୟକଙ୍କୁ ପୁଲିସ ସୋମବାର ଗିରଫ କରିଛି। ଅଭିଯୁକ୍ତଙ୍କ ଭିତରେ ଜଣେ ନାବାଳକ ଥିବାବେଳେ ଏହାର ମୁଖ୍ୟ କାର୍ପଟଦାର ଠିକାଦାର ଗଜେନ୍ଦ୍ର ଦଳେଇ ଫେରାର ଥିବା ଏସ୍‌ପି ଅଭିଲାଷ ଜି. ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଫେରାର ଥିବା ଠିକାଦାର ଏବେ ସରକାରୀ ଦଳର ନେତାଙ୍କ ଛତ୍ରଛାୟାରେ ରହିଥିବା ଆଲୋଚନା ହେଉଛି। ଠିକାଦାର ଗଜେନ୍ଦ୍ର ଦଳେଇ ଗତ କିଛିବର୍ଷ ହେଲା ବିଜେପି ଜିଲ୍ଲା ପରିଷଦ ସଭ୍ୟ ଶିବଦତ୍ତ ମିଶ୍ରଙ୍କ ସହ ରହିଥିବା ଜଣାପଡ଼ିଛି। ସମସ୍ତ ସାମାଜିକ, ରାଜନୈତିକ କାମରେ ସେ ଶିବଦତ୍ତଙ୍କ ସହ ରହିଥିବାବେଳେ ତାଙ୍କ ଜରିଆରେ ସାଂସଦଙ୍କ ମଧ୍ୟ ସମ୍ପର୍କରେ ଥିବା ଚର୍ଚ୍ଚା ହେଉଛି। ସାମ୍ବାଦିକ ବିଜୟ ପଧାନଙ୍କ ସହ ହୋଇଥିବା ଏହି ଘଟଣାକୁ ନେଇ ଜିଲ୍ଲାରୁ ନେଇ ରାଜ୍ୟସ୍ତରରେ ଚର୍ଚ୍ଚା ହେବାପରେ ପୁଲିସ କାର୍ଯ୍ୟାନୁଷ୍ଠାନ ନେବାକୁ ବାଧ ହୋଇଥିବା ସାମ୍ବାଦିକମାନେ ପ୍ରକାଶ କରିଛନ୍ତି। ଏହା ସହିତ ସାମ୍ବାଦିକ ସୁରକ୍ଷା ପାଇଁ ସ୍ୱତନ୍ତ୍ର ଆଇନ କରିବାକୁ ଦାବି ହୋଇଛି।

# ସଡ଼କ ଦୁର୍ଘଟଣାରେ ଜଣେ ମୃତ; ୧ ଗୁରୁତର

**ସଇଁତଳା, ୨୬।୫(ସମିସ):** ସଇଁତଳା ଥାନା ଅଧୀନରେ ଥିବା ଟିକ୍ରାପଡ଼ା ଫାଣ୍ଡି ଅଞ୍ଚଳର ଟିକ୍ରାପଡ଼ାଠାରୁ ସଇଁତଳା ରାସ୍ତାର ଝିଙ୍କିଡୁଙ୍ଗୁରିର ବଡ଼ଘାଟି ବୁଲାଣିରେ ଦୁର୍ଘଟଣା ହେବାରୁ ଜଣେ ପ୍ରାଣହରାଇଥିବାବେଳେ ଆଉଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ଡିଙ୍ଗର ଭୋଇ (୨୭)। ଆହତ ବ୍ୟକ୍ତିହେଲେ ପିତାମ୍ବର ସାହୁ। କୌଣସି କାମରେ ଦୁହେଁ ଏକ ସ୍କୁଟିରେ କଣ୍ଟାବାଞ୍ଜିରୁ ଘୁର୍ଲ୍ଲାମାଲକୁ ଯାଉଥିବାବେଳେ ରାସ୍ତା ପାର୍ଶ୍ୱରେ ଥିବା ଏକ ବିଦ୍ୟୁତ ଖୁଣ୍ଟରେ ଧକ୍କା ହୋଇଥିଲେ। ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ଟିଟିଲାଗଡ଼ ଉପଖଣ୍ଡ ଚିକିତ୍ସାଳୟକୁ ପଠାଯାଇଛି ବୋଲି ଫାଣ୍ଡି ପୁଲିସ ଅଧିକାରୀ ଗୋପାଳ ଚନ୍ଦ୍ର କୁମୁରା ସୂଚନା ଦେଇଛନ୍ତି।

# ସ୍ତ୍ରୀକୁ ମାଡ଼ମାରି ସ୍ୱାମୀ କୋର୍ଟ ଚାଲାଣ

**ମୁରିବାହାଲ, ୨୬।୫(ସମିସ):** ବଲାଙ୍ଗିର ଜିଲ୍ଲା ମୁରିବାହାଲ ଥାନା ଗୁଡ଼ିଘାଟ ପଞ୍ଚାୟତ ଅଧୀନ ପତ୍ରାପାଲି ଗ୍ରାମର ରାକେଶ ଚନ୍ଦନ (୨୮) ସ୍ତ୍ରୀ ରୀନାକୁ ମାଡ଼ ମାରିବା ଘଟଣାରେ କୋର୍ଟ ଚାଲାଣ ହୋଇଛନ୍ତି। ସୂଚନା ଅନୁସାରେ, ଚନ୍ଦନ ୮ ବର୍ଷ ହେବ ରୀନାକୁ ବାହା ହୋଇଛନ୍ତି। ତାଙ୍କର ଦୁଇଟି ସନ୍ତାନ ଅଛନ୍ତି। ଅନେକ ଥର ମଦ ପି ମାର୍‌ପିଟ ଘଟଣାରେ ରୀନା ଥାନାର ଦ୍ୱାରସ୍ଥ ହୋଇଥିଲେ। ମୁରିବାହାଲ ଥାନାରେ ମାମଲା ରୁଜୁ ପରେ ଚନ୍ଦନକୁ ଅଟକ ରଖି ପଚରାଉଚରା କଲାପରେ କୋର୍ଟ ଚାଲାଣ କରିଥିଲେ।

# କସାମଲ ଉଣ୍ଡର ବ୍ରିଜ୍‌ରୁ ଯୁବକଙ୍କ ମୃତଦେହ ଉଦ୍ଧାର

**ମୁରିବାହାଲ, ୨୬।୫(ସମିସ):** ବଲାଙ୍ଗିର ଜିଲ୍ଲା ମୁରିବାହାଲ ରେଳଷ୍ଟେସନରୁ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି। ସେ ଚଳନ୍ତା ଟ୍ରେନରୁ ପଡ଼ିଯାଇଥିବା ସନ୍ଦେହ କରାଯାଉଛି। ମୃତ ବ୍ୟକ୍ତି ହେଲେ ଅଶ୍ୱନୀ ନିସାଦ। ରେଳବାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

ସୂଚନା ଅନୁସାରେ, ଜଣେ ମହିଳାଙ୍କ ସହିତ ୩ ଛୁଆ କଣ୍ଟାବାଞ୍ଜି ପଟକୁ ଟ୍ରେନ୍ ଟ୍ରାକରେ ଚାଲିଚାଲି ଯିବାର ଦୃଶ୍ୟ ଦେଖିବାକୁ ମିଳିଥିଲା। ଛତିଶଗଡ଼ର ଏହି ମହିଳା ଜଣଙ୍କ ନିଜ ସ୍ୱାମୀ ଓ ପରିବାର ସହ ବିଜୟୱାଡ଼ା ଯାଇଥିଲେ, ଫେରିବା ବେଳେ ସ୍ୱାମୀ ଟ୍ରେନ୍‌ରୁ ପଡ଼ିଯାଇଥିବା ଅଭିଯୋଗ କରିଛନ୍ତି। ତଦନ୍ତ ପରେ ପ୍ରକୃତ ତଥ୍ୟ ଜଣାପଡ଼ିବ ବୋଲି ପୁଲିସ ସୂଚନା ଦେଇଛି।

# ସୋନଗଡ଼ ନଦୀ ଆଡ଼ିବନ୍ଧ କାମ ନିମ୍ନମାନର; ତଦନ୍ତ ଦାବି

**ଦେଓଗାଁ, ୨୬।୫(ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ଅଧୀନ ଦେଓଗାଁରୁ ବଙ୍ଗଳାଛକ ମଧ୍ୟରେ ଥିବା ସୋନଗଡ଼ ନଦୀ ପୋଲର ଉଭୟ ପାର୍ଶ୍ୱରେ ଚାଲିଛି ଆଡ଼ିବନ୍ଧ ନିର୍ମାଣ କାମ। ତେବେ ଉଭୟ ପଟରେ ଅଧିକାଂଶ ସ୍ଥାନରେ ବାଲିଆ



ମାଟିରେ ଆଡିବନ୍ଧ ଦିଆଯାଇଥିବାବେଳେ ଗୋଟିଏ ପଟେ ଅଧିକାଂଶ ପୁରୁଣା ପଥର ବ୍ୟବହାର କରି ଆଡ଼ିବନ୍ଧ ପଥରସୋଲିଂ କାମ କରାଯାଉଥିବା ନଜରକୁ ଆସିଛି। ସ୍ଥାନୀୟ ଚାଷୀ ତଥା ଜନସାଧରଣଙ୍କ ସ୍ୱାର୍ଥ ଓ ନଦୀର ରକ୍ଷଣାବେକ୍ଷଣ ପାଇଁ ସରକାର କୋଟି କୋଟି ଟଙ୍କାରେ ଆଡିବନ୍ଧ ପାଇଁ ଅର୍ଥ ମଞ୍ଜୁର କରୁଥିବାବେଳେ କିଛି ସ୍ୱାର୍ଥାନ୍ଧ ଅଧିକାରୀ ଓ ଠିକାଦାରଙ୍କ ବେପରୁଆ କାର୍ଯ୍ୟପାଇଁ କାମ ନିମ୍ନମାନର ହେବାସହ ଅର୍ଦ୍ଧାଧିକ ଅର୍ଥ ପିସି ତଥା ବାଟମାରଣ ହେଉଥିବା ଅଭିଯୋଗ ହେଉଛି। ବର୍ତ୍ତମାନ କାମଚାଲିଥିବା ବେଳେ ବର୍ଷା ହେବାଦ୍ୱାରା ଆଡ଼ିବନ୍ଧର ଅନେକ ସ୍ଥାନରେ ବାଲିଆ ମାଟି ଯୋଗୁଁ ମାଟି ଧସିଯାଉଥିବା ଦେଖିବାକୁ ମିଳିଛି। ଅନ୍ୟପଟେ ଉକ୍ତ ସ୍ଥାନରେ ଆଗରୁ ରହିଥିବା ପଥରକୁ କାଢ଼ି ସେଠାରେ କିଛି ନୂଆ ପଥର ମିଶାଇ ସୋଲିଂ କାମ କରାଯାଉଥିବାରୁ ସାଧାରଣରେ ଅସନ୍ତୋଷ ଦେଖାଦେବାସହ 'ଯାର୍ ଧାନ୍ କେ ତାର୍ ମୁଡ଼ି' ବୋଲି ଆଲୋଚନା ଯୋରଧରିଛି।

ସୂଚନା ଅନୁସାରେ ଓଡ଼ିଶା ସରକାରଙ୍କ ଜଳସମ୍ପଦ ବିଭାଗରୁ ଦେଓଗାଁ ଏନ୍‌ଏଚ୍ ସେତୁଠାରୁ ରେଲୱେ ଲାଇନ ପର୍ଯ୍ୟନ୍ତ ସୋନଗଡ଼ ନଦୀର ବାମପାର୍ଶ୍ୱ ବନ୍ୟା ନିୟନ୍ତ୍ରଣ ପାଇଁ ପ୍ରାୟ ୨କୋଟି ୮୭ଲକ୍ଷ ଟଙ୍କା ବ୍ୟୟରେ ଆଡ଼ିବନ୍ଧ ନିର୍ମାଣ ଚାଲିଥିବା ବେଳେ ସେତୁର ଡାହାଣ ପାର୍ଶ୍ୱରେ ମଧ୍ୟ ପ୍ରାୟ ୩କୋଟି ଟଙ୍କାରେ ଆଡିବନ୍ଧ ନିର୍ମାଣ କାମ ଚାଲିଛି। କୋଟି କୋଟି ଟଙ୍କା ବ୍ୟୟରେ ହେଉଥିବା କାମପ୍ରତି କେହି ନଜର ନ ଦେବା ଓ ବିଭାଗୀୟ ଅଧିକାରୀମାନେ ସବୁଦେଖି ନଜାଣିଲାପରି ଚୁପ ବସିରହିବା ପରିତାପର ବିଷୟ ବୋଲି ସାଧାରଣରେ ଆଲୋଚନା ହେଉଛି। ଏ ନେଇ ଜଳସେଚନ ବିଭାଗ ଯନ୍ତ୍ରୀ ସରୋଜ ବେହେରାଙ୍କୁ ପଚାରିବାରୁ ବାଲିଆମାଟି ଯଦି ମିଶାଯାଉଛି ସେ ଦିଗରେ ତଦନ୍ତ କରାଯିବ ଏବଂ ପୁରୁଣା ପଥର ଲଗାଇବା କିଛି ଅସୁବିଧା ନାହିଁ ବିଲ୍ କରିବା ସମୟରେ ପୁରୁଣା ପଥରକୁ କାଟି ବିଲ୍ ପୈଠ କରାଯିବ ବୋଲି କହିଛନ୍ତି। ଏ ଦିଗରେ ଜିଲ୍ଲା ପ୍ରଶାସନ ଦୃଷ୍ଟିଦେବାକୁ ସାଧାରଣରେ ଦାବି ହେଉଛି।

# ପୁସ୍ତକ 'ଉଜାଣି ଝଞ୍ଜାବତୀ' ଲୋକାର୍ପିତ

**ବଲାଙ୍ଗିର, ୨୬।୫ (ସମିସ):** ବଲାଙ୍ଗିର ସାମ୍ବାଦିକ ଭବନଠାରେ ରବିବାର ସନ୍ଧ୍ୟାରେ ଗବେଷକ ନିଗମାନନ୍ଦ ଷଡ଼ଙ୍ଗୀଙ୍କ ରଚିତ 'ଉଜାଣି ଝଞ୍ଜାବତୀ' ପୁସ୍ତକ ଲୋକାର୍ପିତ ହୋଇଛି। ଅବସରପ୍ରାପ୍ତ ପ୍ରଶାସକ ନୀଳମଣି ମିଶ୍ର, ମୁଖ୍ୟବକ୍ତା ଭାବେ କବି ସରୋଜ, ଲେଖକ ନିଗମାନନ୍ଦ ମଞ୍ଚାସୀନ ଥିଲେ। ରବିଶଙ୍କର ପ୍ରଧାନ ସଂଯୋଜନା କରିଥିଲେ। ଭୁବନେଶ୍ୱର ସ୍ଥିତ ମାନବ ବିଜ୍ଞାନ କେନ୍ଦ୍ର ଓ ସମ୍ବଲପୁରର ଅନ୍ୱେଷା ପ୍ରକାଶନ ପକ୍ଷରୁ ପ୍ରକାଶିତ ଏହି ପୁସ୍ତକରେ କୋରାପୁଟ ଜିଲ୍ଲାର ବନ୍ଧୁଗାଁ-ନାରାୟଣପାଟଣା ଅଞ୍ଚଳର ମଦମୁକ୍ତି, ଜମି ମୁକ୍ତି ଓ ଗୋତି ମୁକ୍ତି ଆନ୍ଦୋଳନର ପୃଷ୍ଠଭୂମି ରହିଛି।



ଲେଖକ ନିଗମାନନ୍ଦ ପୁସ୍ତକ ରଚନା ସମ୍ପର୍କରେ ତାଙ୍କର ଅନୁଭୂତି କହିଥିଲେ। ସଭାରେ ଅତିଥିମାନଙ୍କୁ 'ରଚନା' ସଭାପତି ସନାତନ ଠାକୁର, କବି ଭାଗୀରଥି ମିଶ୍ର, ବରିଷ୍ଠ ଓକିଲ ଭବାନୀଶଙ୍କର ଶତପଥୀ ଓ ଚାଷୀନେତା ଅରୁଣ ମିଶ୍ର ସମ୍ବର୍ଦ୍ଧିତ କରିଥିଲେ। ଚାଷୀନେତା ଅରୁଣ ମିଶ୍ର ମତାମତ ଉପସ୍ଥାପନ କରିଥିଲେ। ସ୍ମୃତିବିନ୍ଦୁ ଫାଉଣ୍ଡେସନ୍ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ବୀରେନ୍ଦ୍ର ଝାଙ୍କର ସ୍ୱାଗତ ବକ୍ତବ୍ୟ ଦେଇଥିଲେ।

# ସାବିତ୍ରୀ ବ୍ରତ ପାଇଁ ଦେବାଳୟରେ ଭିଡ଼



**ବଲାଙ୍ଗିର, ୨୬।୫(ସମିସ):** ପବିତ୍ର ସାବିତ୍ରୀ ଅମାବାସ୍ୟା ପାଇଁ ବିଭିନ୍ନ ଦେବାଳୟରେ ଭିଡ଼ ହୋଇଥିଲା। ମହିଳାମାନେ ନିଜ ସ୍ୱାମୀଙ୍କ ଦୀର୍ଘାୟୁ ତଥା ମଙ୍ଗଳକାମନା କରି ନିର୍ଜଳା ଉପବାସ କରିଥାନ୍ତି। ଏହି ଅବସରରେ ସୋମବାର ବଲାଙ୍ଗିର ସହରର ବିଭିନ୍ନ ଦେବାଳୟ ତଥା ଧାର୍ମିକ ଅନୁଷ୍ଠାନରେ ବ୍ରତ ପାଳିତ ହୋଇଯାଇଛି। ବିଧି ଅନୁସାରେ ଲକ୍ଷ୍ମୀନାରାୟଣ, ମହାଦେବ ପାର୍ବତୀ ଓ ସାବିତ୍ରୀ ସତ୍ୟବାନଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ମହିଳାମାନେ ବରଗଛରେ ପୂଜା କରିଥିଲେ। ସାବିତ୍ରୀ ବ୍ରତ ପାଳନ ପାଇଁ ବଲାଙ୍ଗିର ସହର ଚଳଚଞ୍ଚଳ ହୋଇ ଉଠିଥିବାବେଳେ ମନ୍ଦିରମାନଙ୍କରେ ଭିଡ଼ ହୋଇଥିଲା।

## ପାଟଣାଗଡ଼ ପାର୍ସଲବୋମା ଘଟଣା

# ଆବଶ୍ୟକ ତଥ୍ୟ ପ୍ରମାଣ ଦାଖଲ କରିପାରିନି କ୍ରାଇମବ୍ରାଞ୍ଚ

**ବଲାଙ୍ଗିର, ୨୬।୫(ସମିସ):** ବହୁଚର୍ଚ୍ଚିତ ପାଟଣାଗଡ଼ ପାର୍ସଲ ବୋମା ମାମଲାର ବିଚାର ଏବେ ଶେଷ ପର୍ଯ୍ୟାୟରେ ରହିଛି। ସମସ୍ତ ସାକ୍ଷ୍ୟ ପ୍ରମାଣ ଶୁଣାଣି ଏବଂ ଉଭୟପକ୍ଷ ତରଫରୁ ଯୁକ୍ତିତର୍କ ମଧ୍ୟ ସରିଛି। ସମସ୍ତେ ମାମଲାର ରାୟ ପ୍ରକାଶକୁ ଅପେକ୍ଷା କରି ରହିଥିବାବେଳେ ଆଜି ଏହି ଘଟଣାକୁ ନେଇ ଗଣମାଧ୍ୟମରେ ନିଜର ପ୍ରତିକ୍ରିୟା ରଖିଛନ୍ତି ବରିଷ୍ଠ ଆଇନଜୀବୀ ତଥା ଅଭିଯୁକ୍ତ ପୁଞ୍ଜିଲାଲଙ୍କ ତରଫରୁ ମାମଲା ଲଢୁଥିବା ଓକିଲ ପ୍ରମୋଦ ମିଶ୍ର। କ୍ରାଇମବ୍ରାଞ୍ଚ ଆବଶ୍ୟକୀୟ ତଥ୍ୟ ପ୍ରମାଣ କୋର୍ଟରେ ଦାଖଲ କରି ପାରି ନଥିବା ସେ କହିଛନ୍ତି। ଏହି ଘଟଣାରେ କ୍ରାଇମବ୍ରାଞ୍ଚ ଘଟଣାର ଉଚିତ୍ ତଦନ୍ତ କଲା ଭଳି ପ୍ରତୀୟମାନ ହେଉ ନ ଥିବା ସେ କହିବା ସହିତ ନ୍ୟାୟିକ ବ୍ୟବସ୍ଥାର ସମ୍ମାନ ଓ ସ୍ୱଚ୍ଛତାକୁ କ୍ଷୁର୍ଣ୍ଣକଲା ଭଳି ଖବର ଗଣମାଧ୍ୟମରେ ପରିବେଷଣ ନ କରିବାକୁ ସେ ଅନୁରୋଧ କରିଛନ୍ତି।

# ନିର୍ଝରିଣୀ ପକ୍ଷରୁ 'ପିଲାଙ୍କ ମୁହଁରେ ହସ' କାର୍ଯ୍ୟକ୍ରମ



**କଣ୍ଟାବାଞ୍ଜି, ୨୬।୫(ସମିସ):** ବଲାଙ୍ଗିର ଜିଲ୍ଲାର ନିର୍ଝରିଣୀ ଅନୁଷ୍ଠାନ ତରଫରୁ ପିଲାଙ୍କ ମୁହଁରେ ହସ କାର୍ଯ୍ୟକ୍ରମ ହୋଇଛି। ଏହି କାର୍ଯ୍ୟକ୍ରମ ତୁରେକେଲା ବ୍ଲକର ଚଟୁଅନକାସସ୍ଥିତ କମ୍ୟୁନିଟି ସେଣ୍ଟର ପରିସରରେ ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନର ସଭାପତି ରାମଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବରେ ପ୍ରଶାସନିକ ଅଧିକାରୀ ସନ୍ତୋଷ ନାଗ, ସମ୍ମାନିତ ଅତିଥି ଭାବରେ କାହ୍ନୁଚରଣ ମିଶ୍ର, ନରେନ୍ଦ୍ର ସୁନା, ନୀଳେନ୍ଦୁ ବେହେରା, ଅମିର ଛତ୍ରିଆ, ସସ୍ମିତା ମହାନନ୍ଦ, ଦେବାନନ୍ଦ ବଏ, ଦୀନବନ୍ଧୁ ବଗର୍ତ୍ତି, କିଶୋର ବରିହା, ସହଦେବ ମାଝୀ, ରାଏସିଂ ପୁଟେଲ, ବାସନ୍ତୀ ସୁନାନୀ ଯୋଗ ଦେଇଥିଲେ। ଅନୁଷ୍ଠାନର ସମ୍ପାଦକ ବିରଞ୍ଚି ନାରାୟଣ ଦାଶ ଉଦ୍ଦେଶ୍ୟଜ୍ଞାପନ ଓ ଉପସଭାପତି ସୂର୍ଯ୍ୟକାନ୍ତ ରଣା ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ୭୦ରୁ ଅଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ପରେ ବେଲୁନ ଫୁଙ୍କା, ବାଟି ଚାମଚ ଓ ଚିତ୍ରାଙ୍କନର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଗ୍ରୀଷ୍ମ ଅବକାଶରେ ମୋବାଇଲ ଛାଡ଼ି ପଠନ ପ୍ରବୃତ୍ତିକୁ ଆପଣେଇବା ସହିତ ଗପ, କବିତା କିପରି ଲେଖିବେ ଓ ପଠନ ମନସ୍କ ହେବେ ତାହାରି ଉପରେ ଅତିଥିମାନେ ଆଲୋକପାତ କରିଥିଲେ।

## ଦାବି ସତ୍ତ୍ୱେ ଧ୍ୟାନ ଦେଲାନି ଶିକ୍ଷା ବିଭାଗ

# ଗ୍ରୀଷ୍ମ ଅବକାଶ ପରେ ଶିକ୍ଷକଶୂନ୍ୟ ହେବ ପଞ୍ଚାୟତ ହାଇସ୍କୁଲ

**ବଲାଙ୍ଗିର, ୨୬।୫(ସମିସ)**

ସ୍ୱାଧୀନତାର ୭୮ ବର୍ଷ ପରେ ବି ଶିକ୍ଷା ଅଧିକାର ପାଇଁ ଗ୍ରାମବାସୀଙ୍କୁ ସଙ୍ଘର୍ଷ କରିବାକୁ ପଡୁଛି। ଲୋୟର ସୁକତେଲକୁ ଲାଗି ରହିଥିବା ଅଞ୍ଚଳର ଉଚ୍ଚ ବିଦ୍ୟାଳୟକୁ ଶିକ୍ଷା ବିଭାଗର ଅଣଦେଖା। ଯାହାକୁ ନେଇ ଗ୍ରାମବାସୀଙ୍କ ଅଜବ ନିଷ୍ପତ୍ତି ନେଇଛନ୍ତି। ସରକାର ନ ଦେଲେ ନାହିଁ, ଭିକମାଗି ସ୍କୁଲ୍ ପାଇଁ ଶିକ୍ଷକ

### ଭିକମାଗି ଶିକ୍ଷକ ନିଯୁକ୍ତି ପାଇଁ ଗ୍ରାମବାସୀଙ୍କ ନିଷ୍ପତ୍ତି

### ଦୁଇ ଶିକ୍ଷକରେ ଚାଲିଥିଲା ସ୍କୁଲ୍, ସେମାନେ ବି ନେବେ ଅବସର

ନିଯୁକ୍ତି କରିବାକୁ ନିଷ୍ପତ୍ତି ନେଇଛନ୍ତି ବଲାଙ୍ଗିର ଜିଲ୍ଲା ଲୋଇସିଂହା ବ୍ଲକ ଅଧୀନ ରେଙ୍ଗାଲି ତଥା ଆଖପାଖ ଗ୍ରାମବାସୀ। କିଛି ଏହିଭଳି ଘଟଣା ବଲାଙ୍ଗିରରେ ଚର୍ଚ୍ଚା ସୃଷ୍ଟି କରିଥିବାବେଳେ ଗ୍ରାମବାସୀଙ୍କ ନିଷ୍ପତ୍ତି ଏବେ ଆଲୋଚନାର ବିଷୟ ପାଲଟିଛି।

ସୂଚନା ଅନୁସାରେ, ବଲାଙ୍ଗିର ଜିଲ୍ଲା ଲୋଇସିଂହା ବ୍ଲକ ରେଙ୍ଗାଲି ଗ୍ରାମରେ ଥିବା ପଞ୍ଚାୟତ ହାଇସ୍କୁଲ ଜିଲ୍ଲାର ଅନ୍ୟତମ ପୁରାତନ ସ୍କୁଲ୍। ଏହି ହାଇସ୍କୁଲରେ ବର୍ତ୍ତମାନ ମାତ୍ର ଦୁଇଜଣ ଶିକ୍ଷକ ରହିଛନ୍ତି। ଦୁଇଜଣ



ଶିକ୍ଷକଙ୍କ ଭରସାରେ ଚାଲିଥିବା ଏହି ସ୍କୁଲ୍ ଉପରେ ରେଙ୍ଗାଲି, ବାଗଡୁଙ୍ଗୁରି, କପିଲବାହାଲ, ବୁଢ଼ାବାହାଲ ଗାଁର ଛାତ୍ରଛାତ୍ରୀମାନେ ନିର୍ଭର କରିଥାନ୍ତି। ଏହି ଅଞ୍ଚଳରେ ରାଜ୍ୟ ସରକାର ଲୋୟର ସୁକତେଲ ପ୍ରକଳ୍ପ ନିର୍ମାଣ କରିଥିବାବେଳେ ନିକଟସ୍ଥ ଗାଁଗୁଡ଼ିକ ଗତବର୍ଷ ଉଠାଇ ଦିଆଯାଇଥିଲା। ଫଳରେ ଏହି ସ୍କୁଲ୍ ଅନେକ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ନିର୍ଦ୍ଧାରଣ କରୁଥିବାବେଳେ ବର୍ତ୍ତମାନ ଏହି ସ୍କୁଲ୍ ପ୍ରଶାସନ ର ଚରମ ଅବହେଳା ର ଶିକାର ହୋଇଥିବା ଅଭିଯୋଗ ହୋଇଛି। ଏହି ସ୍କୁଲ୍‌ରେ କାର୍ଯ୍ୟରତ ଥିବା ଦୁଇଜଣଙ୍କ ମଧ୍ୟରୁ ଚଳିତ ମେ' ମାସରେ ଜଣେ ଶିକ୍ଷକ ଓ ଜୁନ୍ ମାସରେ ଆଉ ଜଣେ ଶିକ୍ଷକ ଅବସର ଗ୍ରହଣ କରିବେ। ଖରାଛୁଟି ପରେ ବିଦ୍ୟାଳୟ ଖୋଲିଲା ବେଳକୁ ଶିକ୍ଷାଦାନ କରିବା ପାଇଁ ବିଦ୍ୟାଳୟରେ ଶିକ୍ଷକ ନ ଥିବେ। କଥାଟି ଶୁଣିବାକୁ ଅଜବ ଲାଗୁଥିଲେ ମଧ୍ୟ ବଲାଙ୍ଗିର ଜିଲ୍ଲାରେ ଏହିଭଳି ଏକ ସ୍କୁଲ୍ ରହିଛି। ଦୀର୍ଘ ବର୍ଷରୁ ଏହି ସମସ୍ୟାକୁ ନେଇ ଗ୍ରାମବାସୀ ଅନେକଥର ବ୍ଲକ ଶିକ୍ଷାଧିକାରୀ, ଜିଲ୍ଲା ଶିକ୍ଷାଧିକାରୀ, ବିଧାୟକ ତଥା ମନ୍ତ୍ରୀ ମୁକେଶ ମହଲିଙ୍ଗଙ୍କୁ ଅବଗତ କରିଥିବା ବେଳେ ଆଜି ପର୍ଯ୍ୟନ୍ତ ଏଦିଗରେ ପ୍ରଶାସନ କୌଣସି ପଦକ୍ଷେପ ଗ୍ରହଣ କରିନାହିଁ। ଫଳରେ ଲୋକଙ୍କ ଆଶା ମଧ୍ୟ ମଉଳି ସାରିଥିବା ବେଳେ ଗ୍ରାମବାସୀ ଏହି ସମସ୍ୟା ସମାଧାନ ନିଜେ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏନେଇ ରବିବାର ଗ୍ରାମବାସୀ ବୈଠକ କରିଥିଲେ। ନିଜ ସ୍କୁଲ୍ ପାଇଁ ଲୋକେ ଗାଁ ଗାଁ ବୁଲି ଭିକ୍ଷା ମାଗି ଅସ୍ଥାୟୀ ଶିକ୍ଷକ ନିଯୁକ୍ତି ଦେବାକୁ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ଏପରି ନିଷ୍ପତ୍ତି ନେଇଥିବା ପ୍ରକାଶ କରିଛନ୍ତି ଆଞ୍ଚଳିକ ଶିକ୍ଷା ବିକାଶ କମିଟିର ସଭାପତି ଉଦୟ ସିଂ ଠାକୁର ଓ ସମ୍ପାଦକ ହୃଷିକେଶ ସାହୁ। ଜିଲ୍ଲାରେ ଏହିଭଳି ଅନେକ ସ୍କୁଲ୍ ରହିଛି, ଯେଉଁଠି ଖୁବ୍‌କମ୍ ଛାତ୍ରଛାତ୍ରୀ ଥିଲେ ମଧ୍ୟ ଅଧିକ ସଂଖ୍ୟକ ଶିକ୍ଷକ ରହିଛନ୍ତି। କିନ୍ତୁ ଲୋୟର ସୁକତେଲ ପ୍ରକଳ୍ପ ନିକଟରେ ଥିବା ଏହି ସ୍କୁଲ ପାଇଁ ଶିକ୍ଷକ ନାହାନ୍ତି। ଅନେକ ଶିକ୍ଷକ ନିଜ ପସନ୍ଦ ଅନୁସାରେ ବଦଳି ହେଉଛନ୍ତି କିନ୍ତୁ ରେଙ୍ଗାଲି ଏକ ଆଭ୍ୟନ୍ତରୀଣ ଅଞ୍ଚଳ ହୋଇଥିବାରୁ ଅନେକ ଉକ୍ତ ସ୍କୁଲକୁ ଯିବା ପାଇଁ ଅନିଚ୍ଛା ପ୍ରକାଶ କରୁଛନ୍ତି। କିନ୍ତୁ ଶିକ୍ଷା ବିଭାଗର ଏହିଭଳି ମନୋଭାବ ଯୋଗୁଁ ଅନେକ ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ନେଇ ଲୋକେ ପ୍ରଶ୍ନ ଉଠାଇଛନ୍ତି। ତେବେ ଯଦି ଗ୍ରୀଷ୍ମ ଅବକାଶ ପୂର୍ବରୁ ସରକାର ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ ନ କରନ୍ତି ତେବେ ଆଗାମୀ ଦିନରେ ଗ୍ରାମବାସୀ ପାଉଥିବା ପିଏମ କିସାନ, ସିଏମ କିସାନ, ସୁଭଦ୍ରା ସହାୟତା ଏବଂ ଅନ୍ୟାନ୍ୟ ସହାୟତା ନ ଦେଇ ତା ବଦଳରେ ଶିକ୍ଷକ ନିଯୁକ୍ତି ଦେବାକୁ ଦାବି କରିବୁ ବୋଲି ଶ୍ରୀ ଠାକୁର କହିଛନ୍ତି। ଗ୍ରାମବାସୀଙ୍କ ଏହି ନିଷ୍ପତ୍ତି ଜିଲ୍ଲାରେ ଚର୍ଚ୍ଚାର ବିଷୟ ପାଲଟିଥିବାବେଳେ ଜିଲ୍ଲା ଶିକ୍ଷା ବିଭାଗ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି।

# ଚାନ୍ଦିପୁରକୁ ବଢୁଛି ଅଲିଭ୍ ରିଡ୍‌ଲେଙ୍କ ଆଗମନ

ବାଲେଶ୍ୱର,୨୬।୫ (ସମିସ)



ଚାନ୍ଦିପୁରରେ ବଢୁଛି ସାମୁଦ୍ରିକ କଇଁଛ ଅଲିଭ ରିଡଲେଙ୍କ ଆଗମନ। ପୂର୍ବ ବର୍ଷମାନଙ୍କ ତୁଳନାରେ ବଢ଼ିଛି ଅଲିଭ ରିଡଲେଙ୍କ ସଂଖ୍ୟା। ଚଳିତ ବର୍ଷ ଚାନ୍ଦିପୁର ରେଞ୍ଜକୁ ସମୁଦାୟ ୧୧୮ଟି ସାମୁଦ୍ରିକ କଇଁଛ ଆସିଛନ୍ତି। ସେମାନଙ୍କ ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୧୨ ହଜାର ୯୩୭ ଟି ଅଣ୍ଡାଦାନ କରିଛନ୍ତି। ସେଥିମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୮ ହଜାରରୁ ଅଧିକ ଛୁଆ ଜନ୍ମ ହୋଇସାରିଛି। କୁନି କୁନି କଇଁଛଙ୍କୁ ସମୁଦ୍ରରେ ଛଡାଯାଇଛି ବୋଲି ବିଭାଗ ପକ୍ଷରୁ ସୂଚନା ମିଳିଛି। ଏହାବ୍ୟତୀତ ପାଣିପାଗ ପରିବର୍ତ୍ତନ ନେଇ ପାଖାପାଖି ହଜାରେ ଅଣ୍ଡା ନଷ୍ଟ ହୋଇଥିବା ସୂଚନା ମିଳିଛି।

ଚଳିତବର୍ଷ ପ୍ରଥମେ ଚାନ୍ଦିପୁର ରେଞ୍ଜ ଅନ୍ତର୍ଗତ ଇଙ୍ଗଳେଶ୍ୱର ସେକ୍ସନ ଚଉମୁଖ ଠାରେ ଜାନୁଆରୀରେ ଗୋଟିଏ ସାମୁଦ୍ରିକ କଇଁଛର ଆଗମନ ହୋଇଥିଲା। ଏହି ସାମୁଦ୍ରିକ କଇଁଛ ୧୨୧ଟି ଅଣ୍ଡାଦାନ କରିଥିଲା। ତେବେ ଏହି ଅଣ୍ଡାଗୁଡ଼ିକୁ କୃତ୍ରିମ ହାଚେରିରେ ସୁରକ୍ଷିତ ଭାବେ ରଖାଯାଇଛି ବୋଲି ସୂଚନା ମିଳିଛି। ଅଲିଭ ରିଡ଼ଲେ ଓ ସେମାନଙ୍କ ଅଣ୍ଡାର ସୁରକ୍ଷା ପାଇଁ ବନଖଣ୍ଡ ବିଭାଗର ପକ୍ଷରୁ ଉକ୍ତ ସ୍ଥାନରେ ଅସ୍ଥାୟୀ କ୍ୟାମ୍ପ୍ ପ୍ରସ୍ତୁତ କରାଯାଇ ପାଟ୍ରୋଲିଂ କରାଯାଉଛି। ଗତ ୪ ବର୍ଷର ତଥ୍ୟ ଉପରେ ନଜର ପକାଇଲେ ବାଲେଶ୍ୱରରେ ସାମୁଦ୍ରିକ କଇଁଛ ଅଲିଭ ରିଡଲେଙ୍କ ଆଗମନ ସଂଖ୍ୟା ବର୍ଷକୁ ବର୍ଷ ବୃଦ୍ଧି ପାଉଛି। ମିଳିଥିବା ତଥ୍ୟ ଅନୁଯାୟୀ ୨୦୨୦-୨୦୨୧ ରେ ବାଲେଶ୍ୱର ଉପକୂଳକୁ ମାତ୍ର ୨ ଟି ଅଲିଭ ରିଡ଼ଲେ କଇଁଛ ଆସି ୩୦୫ଟି ଅଣ୍ଡାଦାନ କରିଥିଲା। ସେହିପରି ୨୦୨୧-୨୦୨୨ରେ ୧୧ଟି କଇଁଛ ୯୧୬ ଟି ଅଣ୍ଡା ଦେଇଥିଲା। ୨୦୨୨-୨୦୨୩ ରେ ୧୯ ଟି କଇଁଛ ୧୫୬୪ ଟି ଅଣ୍ଡାଦାନ କରିଥିବା ବେଳେ ୨୦୨୩-୨୦୨୪ ରେ ୭୧ ଟି ଅଲିଭ ରିଡ଼ଲେ ୫ ହଜାର ୪୬୩ ଟି ଅଣ୍ଡାଦାନ କରିଛି। ସେହିପରି ୨୦୨୪-୨୫

- ବର୍ତ୍ତମାନ ସୁଦ୍ଧା ୧୧୮ ଟି କଇଁଛର ଆଗମନ
- ୧୨ହଜାର ୯୩୭ଟି ଅଣ୍ଡାଦାନ
- ସମୁଦ୍ରକୁ ଗଲେଣି ୮ ହଜାରରୁ ଅଧିକ ଛୁଆ କଇଁଛ

ବର୍ଷରେ ବର୍ତ୍ତମାନ ବାଲେଶ୍ୱରର ଚାନ୍ଦିପୁର ରେଞ୍ଜକୁ ୧୧୮ ଟି ସାମୁଦ୍ରିକ କଇଁଛ ଅଲିଭ ରିଡଲେ ଆସି ୧୨ ହଜାର ୯୩୮ ଟି ଅଣ୍ଡାଦାନ କରିସାରିଲେଣି।

ପ୍ରକାଶ ଥାଉ କି, ଚଳିତ ବର୍ଷ ମାର୍ଚ୍ଚ ସୁଦ୍ଧା ଚୌମୁଖକୁ ୫୦ଟି, ତଲସରୀକୁ ୧୩, ହସକରାକୁ ୨୦ଟି ଏବଂ କସାଫଳକୁ ୫ ଟି ଅର୍ଥାତ୍ ସମୁଦାୟ ୮୮ ଟି ଅଲିଭ ରିଡଲେ ଆସି ୯ ହଜାର ୬୯୮ ଟି ଅଣ୍ଡାଦାନ କରିଥିଲେ। ବର୍ତ୍ତମାନ ସୁଦ୍ଧା ୧୧୮ ଟି ଅଲିଭ ରିଡଲେ ୧୨ ହଜାରରୁ ଅଧିକ ଅଣ୍ଡାଦାନ ସହ କରିବା ସହ ଛୁଆ ମଧ୍ୟ ଜନ୍ମ ହୋଇସାରିଲେଣି। ବିଶେଷକରି ଚାନ୍ଦିପୁର ରେଞ୍ଜର ଚଉମୁଖ, ହସକରା ଓ ପରିଖି ବେଳାଭୂମି ଏବଂ ଜଳେଶ୍ୱର ରେଞ୍ଜର ଏନଏମ ପତିଆ, ଡାଳସାରି ଓ କାର୍ତ୍ତିକିଆ ବେଳାଭୂମିକୁ ପ୍ରତିବର୍ଷ ଅଲିଭ ରିଡ଼ଲେ ଅଣ୍ଡା ଦେବାକୁ ଆସନ୍ତି। ଚଉମୁଖ, ତଲସରା, ଡାଳସାରି ଓ ମୁରଲୀଛଡା ସମୁଦ୍ର କୂଳକୁ ଅଧିକ ସଂଖ୍ୟକ ସାମୁଦ୍ରିକ କଇଁଛ ଅଲିଭ ରିଡ଼ଲେ ଆସି ଅଣ୍ଡା ଦେଉଥାନ୍ତି। ପ୍ରତିବର୍ଷ ନଭେମ୍ବର ମାସରୁ ମେ ପର୍ଯ୍ୟନ୍ତ ଅଲିଭ୍ ରିଡ଼ଲେ କଇଁଛଙ୍କ କୂଳକୁ ଆସିବା ସମୟ। ବର୍ତ୍ତମାନ ସମୟରେ ଚାନ୍ଦିପୁର ଉପକୂଳ ଅଲିଭ ରିଡଲେଙ୍କ ପାଇଁ ଏକ ସୁରକ୍ଷିତ ସ୍ଥାନ ପାଲଟିଯାଇଛି।

## ସାବିତ୍ରୀ ବ୍ରତ ପାଇଁ ମନ୍ଦିରରେ ଭିଡ଼



ବାଲେଶ୍ୱର,୨୬।୫(ସମିସ): ସ୍ୱାମୀଙ୍କ ଦୀର୍ଘାୟୁ କାମନା କରି ମହିଳାମାନେ ସାବିତ୍ରୀ ବ୍ରତ ପୂଜା କରିଛନ୍ତି। ଏଥିପାଇଁ ଆଜି ମନ୍ଦିରଗୁଡ଼ିକରେ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ବାଲେଶ୍ୱର ସହରର ବିବେକାନନ୍ଦ ମାର୍ଗସ୍ଥିତ ଲଳିତେଶ୍ୱରୀ କାଳୀମନ୍ଦିର, ଝାଡେଶ୍ୱର ମହାଦେବ ମନ୍ଦିର, ରାଜାବଗିଚା ରାଧାକୃଷ୍ଣ ମନ୍ଦିର, ବାଲିଗାଡ଼ିସ୍ଥିତ ତାରିଣୀ ମନ୍ଦିର, ଓଡ଼ିଗୋଡ଼ ସ୍ଥିତ ଲକ୍ଷ୍ମୀନାରାୟଣ ମନ୍ଦିର ସମେତ ଅନ୍ୟାନ୍ୟ ବିଭିନ୍ନ ଶୈବପୀଠ ଓ ଶକ୍ତିପୀଠରେ ଆଜି ମହିଳାମାନଙ୍କର ଭିଡ ଦେଖିବାକୁ ମିଳିଥିଲା।

## ସାବିତ୍ରୀ ବ୍ରତ ପାଳିଲେ କିନ୍ନର



ବାଲେଶ୍ୱର,୨୬।୫(ସମିସ): ବାଲେଶ୍ୱରରେ କିନ୍ନରମାନେ ନିଷ୍ଠାର ସହ ସାବିତ୍ରୀ ବ୍ରତ ପାଳିଛନ୍ତି। ସହରର ଆନନ୍ଦବଜାର ସ୍ଥିତ ଶ୍ରୀଲୋକନାଥ ମନ୍ଦିରରେ ପୂଜାର୍ଚ୍ଚନା ସହ ବ୍ରତଧାରୀ କିନ୍ନରମାନେ ସାବିତ୍ରୀ ବ୍ରତ ପାଳନ କରିଥିଲେ। ଗୁରୁଙ୍କ ପ୍ରତି ସମର୍ପଣ ଭାବରେ ପ୍ରତ୍ୟେକ ବର୍ଷ ଏହିଭଳି ବ୍ରତ ପାଳନ କରାଯାଇ ଥାଏ ବୋଲି କିନ୍ନରମାନେ କରିଛନ୍ତି।

## ବଲାଙ୍ଗିରରେ ସାମ୍ବାଦିକଙ୍କୁ ମାଡ଼ ଘଟଣାକୁ ଓୟୁଜେର ନିନ୍ଦା

ବାଲେଶ୍ୱର,୨୬।୫(ସମିସ): ବଲାଙ୍ଗୀର ଜିଲ୍ଲାର ଜଣେ କର୍ତ୍ତବ୍ୟରତ ସାମ୍ବାଦିକଙ୍କୁ ହାତ ଗୋଡ଼ ବାନ୍ଧି ମାଡ଼ ମାରିବା ଘଟଣାରେ ଓଡ଼ିଶା ସାମ୍ବାଦିକ ୟୁନିଅନ ବାଲେଶ୍ୱର ଜିଲ୍ଲା ଶାଖା ପକ୍ଷରୁ ଗଭୀର ଅସନ୍ତୋଷ ପ୍ରକାଶ କରିବା ସହିତ ଦୃଢ଼ ନିନ୍ଦା କରାଯାଇଛି। ଏ ନେଇ ଓୟୁଜେ ବାଲେଶ୍ୱର ଜିଲ୍ଲା ଶାଖା ସଭାପତି ଗଙ୍ଗାଧର ରାଉତ ଙ୍କ ନେତୃତ୍ୱରେ ୟୁନିଅନର ସାଧାରଣ ସମ୍ପାଦକ ବିବେକାନନ୍ଦ ଦାସ, କୋଷାଧ୍ୟକ୍ଷ ସୁରେଶ ଚନ୍ଦ୍ର ଦାସ, ବରିଷ୍ଠ ସଦସ୍ୟ ପ୍ରସଂଜିତ୍ ଆଶ, ଅଜିତ ମହାନ୍ତି, ଲକ୍ଷ୍ମୀଧର ଗାଣ, ଅଜୀମ ବାଲେଶ୍ୱରୀ, ହାଇଦର ଖାନ, ସମରେଶ ମଣ୍ଡଳ, ସୋମନାଥ ସାହୁ ପ୍ରମୁଖ ସଦର ବିଧାୟକ ମାନସ କୁମାର ଦତ୍ତଙ୍କୁ ଭେଟି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଥିଲେ।

## ଓଲଟିଲା ମଟର ବୋଝେଇ ଟ୍ରକ୍

ସୋର, ୨୬।୫ (ସମିସ): ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ଚପରପଦା ନିକଟରେ ଭାରସାମ୍ୟ ହରାଇ ରାସ୍ତା ଉପରେ ଏକ ଟ୍ରକ ଓଲଟି ପଡ଼ିଥିବା ବେଳେ ଚାଳକ ଜଣଙ୍କ ସୁରକ୍ଷିତ ଥିବା ଜଣାପଡିଛି। ଆଜି ଅପରାହ୍ନରେ ଟ୍ରକଟି କଲିକତାରୁ ମଟର ପ୍ୟାକେଟ ବୋଝେଇ କରି କଟକ ଅଭିମୁଖେ ଯାଉଥିବା ବେଳେ ଚପରପଦା ନିକଟରେ ଚାଳକଙ୍କୁ ନିଦ ଆସିଯିବାରୁ ଭାରସାମ୍ୟ ହରାଇ ବିପରୀତ ପାଶ୍ୱର୍ ରାସ୍ତା ଉପରେ ଓଲଟି ପଡିଥିଲା। ଫଳରେ ଏହାର ଚାଳକ ସୁରକ୍ଷିତ ଥିବା ବେଳେ ଖବର ପାଇ ସୋର ପୁଲିସ ଘଟଣାସ୍ଥଳରେ ପହଞ୍ଚି ଟ୍ରକ ଟିକୁ ଜବତ କରି ଥାନାକୁ ଆଣି ଘଟଣାର ତଦନ୍ତ ଆରମ୍ଭ କରିଛି।

## ଦୁର୍ଘଟଣାଗ୍ରସ୍ତ ଯୁବକଙ୍କ ମୃତ୍ୟୁ

ସୋର, ୨୬।୫ (ସମିସ): ରାଇରଙ୍ଗପୁରରୁ କଟକ ସ୍ଥାନାନ୍ତର ବେଳେ ସୋର ମେଡିକାଲରେ ଜଣେ ଦୁର୍ଘଟଣାଗ୍ରସ୍ତ ଯୁବକଙ୍କ ମୃତ୍ୟୁ ହୋଇଯାଇଛି। ରାଇରଙ୍ଗପୁର ୯ ନମ୍ବର ୱାର୍ଡର ମିଳନ ମହାନ୍ତି(୨୬) ଗତକାଲି ଅପରାହ୍ନରେ ବାଇକ ଯୋଗେ ବଜାରରୁ ଘରକୁ ଫେରୁଥିବା ବେଳେ ଏକ ଅଜଣା ଗାଡି ତାଙ୍କ ବାଇକକୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ଫଳରେ ମିଳନ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ରାଇରଙ୍ଗପୁର ଡାକ୍ତରଖାନାରେ ଭର୍ତ୍ତି କରିଥିବା ବେଳେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ଡାକ୍ତର ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରିଥିଲେ। ପରିବାର ଲୋକେ ତାଙ୍କୁ ଆମ୍ବୁଲାନ୍ସରେ କଟକ ସ୍ଥାନାନ୍ତର କରୁଥିବା ବେଳେ ଉତ୍ତରେଶ୍ୱର ନିକଟରେ ତାଙ୍କ ଅବସ୍ଥା ଅତି ଗୁରୁତର ହୋଇଥିଲା। ଫଳରେ ପରିବାର ଲୋକେ ତାଙ୍କୁ ସୋର ମେଡିକାଲକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ସୋର ପୁଲିସ ମେଡିକାଲରେ ପହଞ୍ଚି ଏକ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରି ଘଟଣାର ଅଧିକ ତଦନ୍ତ ଆରମ୍ଭ କରିଛି।

## ୧୦ରେ ମିଳିତ ଆଞ୍ଚଳିକ କୃଷକ ମଞ୍ଚର ବିକ୍ଷୋଭ

ପଞ୍ଚଲିଙ୍ଗେଶ୍ୱର,୨୬।୫(ସମିସ): ଔପଦା ବ୍ଲକ ଅଧୀନ ଶ୍ୟାମସୁନ୍ଦରପୁର ପଞ୍ଚାୟତ ସଭାଗୃହରେ ମଞ୍ଚର ଉପ ସଭାପତି ଉମାକାନ୍ତ ମଲିକଙ୍କ ସଭାପତିତ୍ୱରେ ବୈଠକ ଅନୁଷ୍ଠିତ ହୋଇଛି । ଉକ୍ତ ବୈଠକରେ ବରିଷ୍ଠ କୃଷକ ନେତା କୈଳାଶ ଚନ୍ଦ୍ର ପଣ୍ଡା, ବାଉଁଶବଣିଆ ସରପଞ୍ଚ ନିରଞ୍ଜନ ବାରିକ, ଶ୍ୟାମସୁନ୍ଦରପୁର ସରପଞ୍ଚ ପୁରୁଷୋତ୍ତମ ସେଠି, ସମ୍ପାଦକ ନିହାର ରଞ୍ଜନ ଜେନା, ଅନ୍ୟତମ କୃଷକ ନେତା ପ୍ରଭାକର ମହାପାତ୍ର ବିଜୟ ସ ମଞ୍ଚାସିନ ରହି ଇକୋସେନସିଟିଭ ଜୋନର ପ୍ରଭାବ ତଥା ବଡଲଗଡିଆ ନୀଳଗିରି ରାସ୍ତାର ଦୁରାବସ୍ଥା ବିଷୟରେ ଆଲୋଚନା କରିବା ସହିତ ଜୁନ୍ ୧୦ ତାରିଖରେ ନୀଳଗିରି ଉପଜିଲ୍ଲାପାଳଙ୍କ ଅଫିସ ଆଗରେ ବିକ୍ଷୋଭ କରିବା ନେଇ ନିଷ୍ପତ୍ତି ହୋଇଛି । ଏହି ସମୟରେ ସୀତାରାମ ଦାସ, ହରେକୃଷ୍ଣ ରାଉତ, ଗଙ୍ଗାଧର ସାମଲ, କମଳାକାନ୍ତ ମହାନ୍ତି ଓ ଗାୟତ୍ରୀ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ଚୋରି ଟ୍ରାକ୍ଟର ଇଞ୍ଜିନ ଝାଡ଼ଖଣ୍ଡରୁ ଉଦ୍ଧାର

ଔପଦା,୨୬।୫(ସମିସ) : ଟ୍ରାକ୍ଟର ଚୋରୀ ଘଟଣାର ମାଷ୍ଟର ମାଇଣ୍ଡ ଉଜ୍ୱଳଙ୍କ ସମେତ ୩ ଗିରଫ ହୋଇ କୋର୍ଟ ଚାଲାଣ ହୋଇଥିବା ବେଳେ ରବିବାର ବିଳମ୍ବିତ ରାତ୍ରିରେ ଝାଡ଼ଖଣ୍ଡ ଅଞ୍ଚଳରୁ ଟ୍ରାକ୍ଟର ଇଞ୍ଜିନ ଉଦ୍ଧାର କରିଛି ଔପଦା ପୁଲିସ । ଔପଦା ଥାନା ଅନ୍ତର୍ଗତ ତଳକିଆ ପଞ୍ଚାୟତ ପ୍ରତାପପୁର ଗ୍ରାମର ଭରତ ଚନ୍ଦ୍ର ପ୍ରଧାନଙ୍କ ଏକ ଟ୍ରାକ୍ଟର ଗତ ୧୫ ତାରିଖ ରାତ୍ରି ରେ ପ୍ରତାପପୁର ଗାଁ ଛକରୁ ଚୋରି ହୋଇଥିଲା। ପୁଲିସ ତଦନ୍ତ କରି ଟ୍ରାକ୍ଟର ଡାଲା ଜବତ କରି ୩ ଜଣଙ୍କୁ ଗିରଫ କରିଥିଲା। ତିନି ଜଣଙ୍କ ମଧ୍ୟରେ ଔପଦା ଥାନା ଅଧିନ ପ୍ରତାପପୁର ଗାଁର ଚୋରି ଘଟଣାର ମାଷ୍ଟର



ମାଇଣ୍ଡ ଉଜ୍ୱଳ ପ୍ରଧାନ (୨୬), ବାଲେଶ୍ୱର ସଦର ଥାନା ଅଞ୍ଚଳ ଅକାତପୁର ମଚ୍ଛୁଆସାହିର ସାରୁଖ ଅଲ୍ଲୀ ଖାଁ(୩୦) ଓ ଖଇରା ଥାନା ସରସତିଆ ଗାଁର ଜିତୁ ଓରଫ ସଂଜୀବ ମୁଖି(୨୧) ଙ୍କୁ ଗତ ୨୦ ତାରିଖରେ କୋର୍ଟଚାଲାଣ କରାଯାଇଥିଲା। ଏସ୍‌ପି ରାଜ ପ୍ରସାଦ ଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ନୀଳଗିରି ଏସଡିପିଓ ପ୍ରମୋଦ କୁମାର ମଲ୍ଲିକ ଓ ଔପଦା ଥାନା ଆଇଆଇସି ପ୍ରମୋଦ କୁମାର ଦାସଙ୍କ ଯୋଜନା ଅନୁଯାୟୀ ଏସଆଇ ସୁଶୀଲ କୁମାର ମହନ୍ତ, ଏଏସଆଇ ରମାକାନ୍ତ ମଲ୍ଲିକ, ସୁହାଗୀ ହାସଦା ଓ କନେଷ୍ଟବଳ ରାଜୁ ହନ୍ତାଳ ପ୍ରମୁଖ ଏକ ଟିମ ଝାଡ଼ଖଣ୍ଡ ବଡଶୂଳ ଥାନା ଅନ୍ତର୍ଗତ ଦରଖୋଲି ଗାଁର ସ୍ୱରୂପ କୁମାର ସ (୪୨) ଙ୍କ ଘରେ ପହଁଚି ଟ୍ରାକ୍ଟର ଇଞ୍ଜିନ ଜବତ କରିବା ସହ ଶ୍ରୀ ସଙ୍କୁ ଧରିବାରେ ସଫଳ ହୋଇଥିଲେ। ଶ୍ରୀ ସ କହିବା ମୁତାବକ ସେ ଟ୍ରାକ୍ଟର ଇଞ୍ଜିନକୁ ୨ ଲକ୍ଷ ୭୦ ହଜାର ଟଙ୍କାରେ ଚୋରଙ୍କ ଠାରୁ କିଣି ଥିଲେ ହେଁ ମୋଟ ସେ ଚୋର ମାନଙ୍କୁ ଗୁଗୁଲ ପେ ରେ ୮୫ ହଜାର ଓ ନଗଦ କ୍ୟାସ ୪୦ ହଜାର ମୋଟ ୧ ଲକ୍ଷ ୨୫ ହଜାର ଦେଇଥିଲେ ଓ ଅବଶିଷ୍ଟ ଟ୍ରାକ୍ଟର କାଗଜପତ୍ର ଠିକ କଲା ପରେ ଦିଆଯିବ ବୋଲି ନିଷ୍ପତ୍ତି ହୋଇଥିଲା।

**■ ସର୍ବଭାରତୀୟ ପିଜି ମେଡିକାଲ ପ୍ରବେଶିକା ପରୀକ୍ଷା**

## ୧୯ତମ ସ୍ଥାନରେ ବାଲେଶ୍ୱରର ଶିବମ ପାଢ଼ୀ

ବାଲେଶ୍ୱର,୨୬।୫(ସମିସ): ଚଳିତ ଶିକ୍ଷା ବର୍ଷ ୨୦୨୫ ମେ ମାସରେ ସଦ୍ୟ ପ୍ରକାଶିତ ସର୍ବଭାରତୀୟ ପିଜି ମେଡିକାଲ ପ୍ରବେଶିକା ପରୀକ୍ଷାରେ ବାଲେଶ୍ୱର ଜିଲ୍ଲାର ଶିବମ ପାଢ଼ୀ ୯୯ ପ୍ରତିଶତ ମାର୍କ ରଖି ସର୍ବଭାରତୀୟ ସ୍ତରରେ ୧୯ତମ ସ୍ଥାନ ହାସଲ କରିଛନ୍ତି। ରାଣୀପାଟଣା ଅଞ୍ଚଳର ବିଜୟ କୁମାର ପାଢ଼ୀ ଓ ମଞ୍ଜୁଲତା ପାଢ଼ୀଙ୍କ ସେ ସୁପୁତ୍ର। +୨ ବିଜ୍ଞାନ ଫକୀରମୋହନ କନିଷ୍ଠ ମହାବିଦ୍ୟାଳୟରେ ପଢୁଥିବା



ସମୟରେ ରାଜ୍ୟସ୍ତରୀୟ କୁଇଜ, ଯୁବ ସାଂସଦ ସମ୍ମାନ ଓ ଜାତୀୟ ସେବା ଯୋଜନା ସମ୍ମାନରେ ସମ୍ମାନିତ ହୋଇଥିଲେ। ବିନା କୌଣସି କୋଚିଂ ନ ନେଇ +୨ କାଉନସିଲ୍ ପରୀକ୍ଷାରେ ୮୯ ପ୍ରତିଶତ ମାର୍କ ରଖିବା ସହିତ ସେହି ବର୍ଷ ସର୍ବ ଭାରତୀୟ ନିଟ ପରୀକ୍ଷାରେ କୃତ କାର୍ଯ୍ୟ ହୋଇ ବାରିପଦା ସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜରେ ଏମବିବିଏସ ପାଠ୍ୟକ୍ରମରେ ନାମ ଲେଖାଇ କୃତିତ୍ୱ ସହ ୨୦୨୫ରେ ପାସ କରିଛନ୍ତି। ତାଙ୍କର ଏହି ସଫଳତା ପାଇଁ ଫକୀରମୋହନ କନିଷ୍ଠ ମହାବିଦ୍ୟାଳୟ ତରଫରୁ ଅଧ୍ୟକ୍ଷ ପ୍ରଦୀପ କୁମାର ରଣା, ଉପାଧ୍ୟକ୍ଷ ଡ. ସନ୍ତୋଷ ରାଉତ, ସେକ୍ରେଟାରୀ ଷ୍ଟାଫ କାଉନସିଲ୍ ଡ. ଭାଗବତ ଭୂୟାଁ, ଆକେଡେମିକ ବର୍ଷାର, ଡକ୍ଟର ସୋନାଲିସା ମହାନ୍ତି, ପରୀକ୍ଷା ନିୟନ୍ତ୍ରକ ଡକ୍ଟର ଅଞ୍ଜନା ବେହେରା, ନୋଡାଲ ନାମଲେଖା ଅଧିକାରୀ, ଡ. ତପସ୍ୱିନୀ ନାଏକ, ସହ ପ୍ରଶାସନିକ ଅଧିକାରୀ ଲକ୍ଷ୍ମୀ ନାରାୟଣ ନାୟକ, ସହ ଆକଡେମିକ ବର୍ଷାର ସୁଜିତ୍ କୁମାର ଦାସ, ସାମ୍ବ ଅଧିକାରୀ ଅଧ୍ୟାପିକା ପ୍ରିୟଙ୍କା ପତି, ସେକ୍ସନ ଅଧିକାରୀ ବଳରାମ ନାଏକଙ୍କ ସମେତ ଅନ୍ୟାନ୍ୟ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ, ଛାତ୍ରଛାତ୍ରୀ ଶୁଭେଚ୍ଛା ଜଣାଇଛନ୍ତି।

## ରେସନାଲାଇଜେସନ୍ ନାଁରେ ଅଧ୍ୟାପକ ପଦ ଉଚ୍ଛେଦ ବନ୍ଦ ଦାବି

ବାଲେଶ୍ୱର,୨୬।୫(ସମିସ): ରେସନାଲାଇଜେସନ୍ ନାମରେ ଅଧ୍ୟାପକ ପଦବୀ ଉଚ୍ଛେଦ ବନ୍ଦ ପାଇଁ ଏଆଇଡିଏସଓ ପକ୍ଷରୁ ଦାବି ହୋଇଛି। ରାଜ୍ୟର ସମସ୍ତ ବିଶ୍ୱବିଦ୍ୟାଳୟ ଗୁଡିକରେ ରେସନାଲାଇଜେସନ୍ ନୀତି ଲାଗୁ କରିବା ଲକ୍ଷ୍ୟରେ କୁଳପତିମାନଙ୍କୁ ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଚିଠି ନମ୍ବର ୨୨୨୫୯ ଜାରି କରିଛନ୍ତି। ଏହି ଚିଠିରେ ରେସନାଲାଇଜେସନ୍ ନୀତି କିପରି ଲାଗୁ ହୋଇପାରିବ ତାହା ବିଷୟରେ ସ୍ପଷ୍ଟ ନକସା ପ୍ରସ୍ତୁତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏହି ଚିଠିକୁ ବିରୋଧ କରି ରାଜ୍ୟ ବିଶ୍ୱବିଦ୍ୟାଳୟ ଶିକ୍ଷକ ସଂଗଠନ କେନ୍ଦ୍ର ଓ ରାଜ୍ୟ ଶିକ୍ଷାମନ୍ତ୍ରୀଙ୍କୁ ସାକ୍ଷାତ କରିବେ ବୋଲି କହିଛନ୍ତି। ଉଚ୍ଚଶିକ୍ଷା ବିଭାଗର ଏହି ଚିଠିରେ ଏହା ସ୍ପଷ୍ଟ ପ୍ରତୀୟମାନ କି ଆଗାମୀ ଦିନରେ ଏହି ରେସନାଲାଇଜେସନ ଆଳରେ ଅଧ୍ୟାପକ ପଦବୀ ଉଚ୍ଛେଦ ହେବ ଓ ସଂପୂର୍ଣ୍ଣ ଭାବରେ ଉଚ୍ଚ ଶିକ୍ଷା କ୍ଷେତ୍ରରେ ପାଠଦାନ ବ୍ୟାହତ ହେବ। ଏହି ସମସ୍ୟାରେ ଫକୀରମୋହନ ବିଶ୍ୱବାଦ୍ୟାଳୟ ମଧ ଶିକାର ହେବ। ଏଆଇଡିଏସଓ ରାଜ୍ୟ ସଭାପତି ସୋମନାଥ ବେହେରା ଓ ସଂପାଦକ ସିଦ୍ଧାର୍ଥ ରଥ ଏକ ପ୍ରେସ ବିବୃତ୍ତି ଜରିଆରେ ରାଜ୍ୟ ସରକାରଙ୍କ ଏହି ଖଳ ଯୋଜନାକୁ ଦୃଢ ଭାଷାରେ ନିନ୍ଦା କରିଛନ୍ତି। ସୂଚନା ଯୋଗ୍ୟ ଏହି ରେସନାଲାଇଜେସନ୍ କଥା କହି ରାଜ୍ୟରେ ପ୍ରାୟ ୭ ହଜାରରୁ ଅଧିକ ପ୍ରାଥମିକ ବିଦ୍ୟାଳୟ ବନ୍ଦ କରାଯାଇଛି। ତେଣୁ ଏହି ଷଡଯନ୍ତ୍ର ବିରୁଦ୍ଧରେ ସମଗ୍ର ରାଜ୍ୟର ସଚେତନ ଛାତ୍ର ଛାତ୍ରୀ, ଶିକ୍ଷକ, ଅଧ୍ୟାପକ ତଥା ସର୍ବସ୍ତରର ଜନଗଣ ଆଗେଇ ଆସିବା ସହ ସରକାରୀ ଶିକ୍ଷାକୁ ରକ୍ଷା କରିବା, ସମସ୍ତ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ଆବଶ୍ୟକ ଏବଂ ଅଧ୍ୟାପକ ପଦବୀ ପୂରଣ କରିବା ଦାବିରେ ଆନ୍ଦୋଳନ ଗଢି ତୋଳିବାକୁ ଏଆଇଡିଏସଓ ପକ୍ଷରୁ ଆହ୍ୱାନ ଦିଆଯାଇଛି।

## ଶକ୍ତି କର୍ମଚାରୀ ସଂଘର ବୈଠକ

ବାଲେଶ୍ୱର,୨୬।୫(ସମିସ): ସ୍ଥାନୀୟ ବାଲିଆସ୍ଥିତ ଶକ୍ତି କର୍ମଚାରୀ ସଂଘ କାର୍ଯ୍ୟାଳୟରେ ସଂଘର ବାରିପଦା ଶାଖା କାର୍ଯ୍ୟାଳୟର ସାଂଗଠନିକ ସମ୍ପାଦକ ମାନସ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ପାଂଚଟି ଜିଲ୍ଲାର କାର୍ଯ୍ୟକାରୀ ସଭ୍ୟ ତଥର ବିଭିନ୍ନ ସଭ୍ୟମାନଙ୍କୁ ନେଇ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ସଭ୍ୟମାନଙ୍କର ଦୀର୍ଘ ଦିନର ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ଏହାଛଡା ସଂଘ ପକ୍ଷରୁ କରାଯାଇଥିବା ଦାବି ଗୁଡ଼ିକୁ ସଠିକ ସମୟରେ ଟିପିଏନଓଡିଏଲ କର୍ତ୍ତୃପକ୍ଷ ପାଳନ କରୁ ନଥିବାରୁ ସଂଘର ସଭାପତି କାହ୍ନା ସୋରେନ ସମାଲୋଚନା କରିଥିଲେ। ବିଶେଷ କରି ଆଇଟିଆଇ କର୍ମଚାରୀଙ୍କ ନିଯୁକ୍ତିରେ ପକ୍ଷପାତିତା, ଗ୍ରାଜୁଏସନ କର୍ମଚାରୀଙ୍କ ନିଯୁକ୍ତିରେ ବିଳମ୍ବ, ଇପିଏଫ ଓ ଇଏସଆଇକୁ ଆଧାର କରି ଦୀର୍ଘ ଦିନରେ କାର୍ଯ୍ୟରତ ଶ୍ରମିକଙ୍କୁ ନିଯୁକ୍ତିରେ ଅବହେଳା, ବରିଷ୍ଠ ଶ୍ରମିକମାନଙ୍କୁ ନିଯୁକ୍ତି ନଦେବା ଆଦି ବିଭିନ୍ନ ବିଷୟରେ ଆଲୋଚନା କରାଯାଇଥିଲା। ଏହାବ୍ୟତିତ ଅଣକୁଶଳୀ ଶ୍ରମିକଙ୍କୁ କୁଶଳୀ ଶ୍ରମିକ ଓ ଇଲେକ୍ଟ୍ରନିକସ ଯନ୍ତ୍ରପାତି ଦ୍ୱାରା କାର୍ଯ୍ୟ କରୁଥିବା ଟିପିଏନଓଡିଏଲ କାର୍ଯ୍ୟରତ ଶ୍ରମିକଙ୍କୁ କୁଶଳୀ ଶ୍ରମିକ ଭାବେ ସରକାରଙ୍କ ସର୍ବନିମ୍ନ ଦରମା ପ୍ରଦାନ କରିବା ଉପରେ ମଧ୍ୟ ଆଲୋଚନା କରାଯାଇଥିଲା। ନିଖିଳ ଓଡ଼ିଶା ବିଦ୍ୟୁତ ମଜଦୁର ମହାସଂଘର ସାଧାରଣ ସମ୍ପାଦକ ଅର୍ନ୍ତଯାମୀ ମହାପାତ୍ର, ସଂଘର କାର୍ଯ୍ୟକାରୀ ସଭାପତି ଶିବନାରାୟଣ ଗିରିଙ୍କ ସମେତ ଅଜୟ ପଡ଼ିଆରୀ, ଶୁଭେନ୍ଦୁ ସୂର୍ଯ୍ୟନାରାୟଣ ବେହେରା, କମଳଲୋଚନ ସାହୁ, ପ୍ରକାଶ ବେହେରା, ତନୟ ପଡ଼ିଆରୀ, କାହ୍ନୁଚରଣ ପ୍ରଧାନ, ସୁଶାନ୍ତ ପ୍ରଧାନ, ବଳଭଦ୍ର ଗିରି, ସଂଯୁକ୍ତାରାଣୀ ହୋତା, ସୁକାନ୍ତ ପାଢ଼ୀ, ପ୍ରଦୀପ ଜେନା ଉପସ୍ଥିତ ଥିଲେ।

## ପଶ୍ଚିମବଙ୍ଗରୁ ବେଆଇନ ଧାନ ପରିବହନ ବେଳେ ମାଡ଼ି ବସିଲେ ଏନ୍‌ଫୋର୍ସମେଣ୍ଟ ଟିମ୍

ଜଳେଶ୍ୱର ବ୍ଲକ, ୨୬।୫ (ସମିସ): ଗତ ଦୁଇ ମାସ ହେଲାଣି ରବିଧାନ ଅମଳ ସରିଛି କିନ୍ତୁ ଏବେ ଓଡିଶା ଓ ପଶ୍ଚିମବଙ୍ଗ ମଧ୍ୟରେ ବ୍ୟାପକ ଧାନ ଚୋରା ଚାଲାଣ ହେଉଛି। ଫଳରେ ପଶ୍ଚିମବଙ୍ଗରୁ ଧାନ ଆଣି ଓଡିଶା ଚାଷୀ ଇନପୁଟ ସବ୍‌ସିଡ ହାତେଇବାରେ ବ୍ୟସ୍ତ ଅଛନ୍ତି। ପ୍ରତିଦିନ ପଶ୍ଚିମବଙ୍ଗରୁ ଓଡିଶା ର ପ୍ରବେଶ ଦ୍ୱାର ବାଲେଶ୍ୱର ଜିଲ୍ଲାର ରାଇବଣିଆ ଥାନା କୁଶୁଗଡ, ଚୁଡ଼ାମଣିପୁର, ଓଲମରା, ଗୁଆଗଡିଆ, ମାକିଡିଆ, ଧାନଘେରୀ, ଆମ୍ବଳିଅଠା, ଅଗ୍ରୱାଲା ଦେଇ ପ୍ରତ୍ୟେକ ଦିନ ଭୁଟ ଭୁଟି, ଟ୍ରାକ୍ଟର, ପିକ୍‌ଅପ୍ ଓ ଟ୍ରକରେ ପଶ୍ଚିମବଙ୍ଗରୁ ଅବାଧରେ ଓଡିଶାକୁ ପ୍ରବେଶ କରୁଛି। ଓଡିଶାରେ ସରକାର ଧାନ କ୍ରୟ ପାଇଁ କୁଇଣ୍ଟାଲ ପ୍ରତି ୮ ଶହ ଟଙ୍କା ଇନ୍‌ପୁଟ ସବସିଡି ଚାଷୀମାନଙ୍କୁ ଦିଆଯାଉଥିବାରୁ ଏହି ଧାନ ଚୋରାରେ ଆସୁଥିବା ଜଣାଯାଇଛି। ଗତ ରବିବାର ନାମ୍ପୋ ପୁଲିସ୍ ଫାଣ୍ଡିଠାରେ ଏକ ଭୁଟ ଭୁଟି ଗାଡ଼ି ଅଟକ ରଖି ପଚରାଉଚରା କରିବାରୁ ଉକ୍ତ ଗାଡ଼ି ରାସଗୋବିନ୍ଦପୁର ବ୍ଲକର ଗାଁ ଅମରଦା ଗ୍ରାମରୁ ୪୦ କୁଇଣ୍ଟାଲ ଧାନ ଭୋଗରାଇ ଅଂଚଳକୁ ପରିବହନ ହେଉଥିବା ବେଳେ ଏନଫୋର୍ସମେଣ୍ଟ ଟିମ୍ ମାଡି ବସିଥିଲେ। ଆଜି ସକାଳ ସମୟ ଆମ୍ବଳିଅଠା ନାକା ପଏଣ୍ଟ ଠାରେ ଏକ ଧାନ ବୋଝେଇ କରି ଷୋହଳ ଚକିଆ ଟ୍ରକ ବେଙ୍ଗଲରୁ ଓଡ଼ିଶା ଆସୁଥିବା ବେଳେ ୨୫୦ କୁଇଣ୍ଟାଲ ଧାନ ଗଲାବେଳେ ଜବତ୍ ହୋଇ ଜଳେଶ୍ୱର ଏଫ୍‌ସିଆଇ ଗୋଦାମରେ ରଖାଯାଇଛି। ଏହି ସମୟ ରେ ବାଲେଶ୍ୱର ଉପଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ସିକ୍ରେ ଆସି ଉକ୍ତ ଧାନ ଟ୍ରକର କାଗଜ ପତ୍ର ଯାଞ୍ଚ କରିଥିଲେ। ଏହି ଟିମ୍‌ରେ ଜଳେଶ୍ୱର ଯୋଗାଣ ଅଧିକାରିଣୀ ଅବନ୍ତିକା ସାହୁ, ସିସିଏସ୍ୱ ସଲାଉଦ୍ଦିନ ଖାଁ, ଏସିଏସଓ ହିମାଂଶୁ ସାହୁ, ଏସିଏସ୍‌ସ୍ୱ (ଏନ୍‌ଫୋର୍ସମେଏନ୍ଟ) ଦିପକ ବେହେରା ଓ ଆରଏମ୍‌ସି ସେକଟୋରୀ ବଳାରାମ ଜେନା ସାମିଲ ରହିଥିଲେ।

## ଟ୍ରାକ୍ଟର ଡାଲା ଚୋରି, ୩ କୋର୍ଟଚାଲାଣ

ନୀଳଗିରି, ୨୬।୫(ସମିସ): ଜଣେ ବ୍ୟକ୍ତି ଏକ ରାସ୍ତା ତିଆରି କାମରେ ଠିକାଦାରଙ୍କ ପାଖରେ ଲଗାଇଥିବା ଟ୍ରାକ୍ଟର ଡାଲାକୁ ରାତି ଅଧିଆ ୩ ଜଣ ଯୁବକ ଚୋରି କରି ଏକ ନିର୍ଦ୍ଦିଷ୍ଟ ଗ୍ୟାରେଜରେ ରଙ୍ଗ ବଦଳାଇ ଅନ୍ୟତ୍ର ବିକ୍ରି କରିବା ମହଙ୍ଗା ପଡ଼ିଛି । ସୋର ଥାନା ସୁନାରି ଗ୍ରାମର ପ୍ରହଲ୍ଲାଦ ମାଝୀ ନିଜ ଟ୍ରାକ୍ଟରକୁ ସୋର ଥାନା ଅନ୍ତର୍ଗତ ଜଗନ୍ନାଥପୁର- ତରତୁଆ ରାସ୍ତା ନିର୍ମାଣରେ ଠିକାଦାରଙ୍କ ପାଖରେ ଭଡ଼ା ସୂତ୍ରରେ ଲଗାଇଥିଲେ । ଗତ ୧୦ ତାରିଖରେ ନିମ୍ନଗଡ଼ିଆ ରାସ୍ତାରେ ଡାଲା ଟିକୁ ରାସ୍ତା ପାଶ୍ୱର୍ରେ ରଖି ମାଲିକ ଇଞ୍ଜିନ ନେଇ ଯାଇଥିଲେ । ଗତକାଲି ରାତିରେ ତାଙ୍କ ଡାଲା ଚୋରି ହୋଇଯାଇଥିବା ପ୍ରହଲ୍ଲାଦ ନୀଳଗିରି ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ମୂଳେ ଉକ୍ତ ଚୋରି ଡାଲାକୁ ବିକ୍ରି ଉଦେଶ୍ୟରେ ଖନ୍ତାପଡ଼ା ଅଞ୍ଚଳରେ ଏକ ନିର୍ଦ୍ଦିଷ୍ଟ ଗ୍ୟାରେଜରେ ରଙ୍ଗ ବଦଳା ଯାଉଥିବାର ଖବର ନୀଳଗିରି ପୁଲିସ ଜାଣିବାକୁ ପାଇଥିଲା । ନୀଳଗିରି ଆଇଆଇସି ଗୋବର୍ଦ୍ଧନ ନାୟକ, ଈଶ୍ୱରପୁର ଥାନା ଏସଆଇ ବିକାଶ କୁମାର ଭୋଇ, ସଦଳବଳେ ଉକ୍ତ ଗ୍ୟାରେଜ ଉପରେ ଗତକାଲି ବିଳମ୍ବିତ ରାତିରେ ଚଢ଼ାଉ କରି ଡାଲାକୁ ଜବତ କରାଯାଇ ନୀଳଗିରି ଥାନାକୁ ନିଆଯାଉଥିବା ବେଳେ ୩ ଚୋରି ଅଭିଯୁକ୍ତ ସୋର ଥାନା କେଶରୀପୁର ଗ୍ରାମର ନିରଞ୍ଜନ ମଲ୍ଲିକ (୪୦), ଈଶ୍ୱରପୁର ଫାଣ୍ଡି ତରତୁଆ ଗ୍ରାମର ବିଦ୍ୟାଧର ରାଉତ (୩୫) ଏବଂ ବାଲେଶ୍ୱର ସଦରଥାନା ମାଳିପୁର ଗ୍ରାମର ପ୍ରଶାନ୍ତ ଦାସ (୫୦) ଙ୍କୁ ଗିରଫ କରି ଆଜି କୋର୍ଟ ଚାଲାଣ କରାଯାଇଛି।

## ବାଲି ଚାଲାଣକୁ ଗ୍ରାମବାସୀଙ୍କ ବିରୋଧ, ଟ୍ରାକ୍ଟର ଅଟକ



ରାଜଘାଟ, ୨୬।୫ (ସମିସ): ସୁବର୍ଣ୍ଣରେଖା ନଦୀ ଦେଭୋଗ, କାଦରାୟାଁ ଆମ୍ବକୁଡୁଚି ବାଲି ଖାଦାନରୁ ପାଣି ମିଶାଇ ବାଲି ପରିବହନ ଯୋଗୁଁ ବସ୍ତା ବ୍ଲକ ରଘୁନାଥପୁର ପଞ୍ଚାୟତ ଆମ୍ବକୁଡୁଚି ଗାଁ ରାସ୍ତା ଉପରେ ଆଣ୍ଠୁଏ ଉଚ୍ଚରେ ପାଣି ପ୍ରବାହିତ ହେଉଛି, ଏହା ସହିତ ରାସ୍ତାରେ କାଦୁଅ ପଡ଼ି ରାସ୍ତା ମରଣଯନ୍ତା ପାଲଟିଛି। ପ୍ରତ୍ୟେକ ଦିନ ରାସ୍ତା ଦୁର୍ଘଟଣା ଘଟୁଛି। ଏ ନେଇ ଗ୍ରାମବାସୀ ବିରୋଧ କଲେ ବାଲି ମାଫିଆ ମାନେ ନାଲି ଆଖି ଦେଖାଉଛନ୍ତି। ପାଣି ମିଶା ବାଲି ପରିବହନ ଯୋଗୁଁ ଗ୍ରାମର ପକ୍କା ରାସ୍ତା ନଦୀର ଭ୍ରମ ସୃଷ୍ଟି କରୁଛି ଯାହାକୁ ନେଇ ଆଜି ସକାଳେ ୧୦୦ରୁ ଉର୍ଦ୍ଧ୍ୱ ବାଲି ବୋଝେଇ ଗାଡ଼ି ଅଟକ ରଖିଛନ୍ତି ଗ୍ରାମବାସୀ। ରାସ୍ତାରୁ ପାଣି ନିଷ୍କାସନ କରିବା ସହିତ ରାସ୍ତା ପରିଷ୍କାର ନକରିବା ପର୍ଯ୍ୟନ୍ତ ଗାଡ଼ି ଛାଡ଼ିବେ ନାହଁ ବୋଲି ଜିଦ୍ ଧରିଛନ୍ତି ଗ୍ରାମବାସୀ।

## ଓଟିଏମ୍‌ଏର ବାର୍ଷିକ ସାଧାରଣ ସଭା




ବାଲେଶ୍ୱର,୨୬।୫ (ସମିସ): ଓଡିଶା ଟ୍ରାନ୍ସଫର୍ମର ମାନୁଫେକଚରିଂ ଆସୋସିଏସନର ବାର୍ଷିକ ସାଧାରଣ ସଭା ସ୍ଥାନୀୟ ପଦ୍ମାବତୀ ପାର୍କଠାରେ ଅନୁଷ୍ଠିତ ହୋଇଯାଇଛି। ଆସୋସିଏସନର ସଭାପତି ସାରଦା ପ୍ରସନ୍ନ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ଆସୋସିଏସନର ସଦସ୍ୟ ମାନଙ୍କ କାର୍ଯ୍ୟକ୍ଷେତ୍ରରେ ଉପୁଜୁଥିବା ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଛି। ଏହବାଦ ଟାଟା ପାୱାର କର୍ତ୍ତୃପକ୍ଷ ଟ୍ରାନ୍ସଫର୍ମର ମରାମତି ଓ ନୂଆ ଟ୍ରାନ୍ସଫର୍ମର କିଣିବାରେ ସ୍ଥାନୀୟ ଟ୍ରାନ୍ସଫର୍ମର ତିଆରି ସଂସ୍ଥାକୁ ଗୁରୁତ୍ୱ ଦେବା ପାଇଁ ଦାବି କରାଯାଇଛି। ସାଧାରଣ ସମ୍ପାଦକ ପ୍ରଦୀପ ନାୟକ ବାର୍ଷିକ ବିବରଣୀ ପାଠ କରି ଥିବା ବେଳେ ଉତ୍ତର ଓଡିଶା ଉପ ସଭାପତି ଶୋଭନ ଦାସ ମହାପାତ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଛନ୍ତି।

# ଜଉକଣ୍ଢେଇ ବାହାଘର ଉତ୍ସବ ଉଦ୍‌ଯାପିତ

ବାଲେଶ୍ୱର,୨୬।୫(ସମିସ)

ମିଶନ ସ୍କୁଲ ପଡ଼ିଆରେ ପାଞ୍ଚଦିନ ବ୍ୟାପି ଚାଲିଥିବା ଜଉକଣ୍ଢେଇ ବାହାଘର ଉତ୍ସବ ଆଜି ଉଦ୍‌ଯାପିତ ହୋଇଯାଇଛି। ଏହି ସମାପନ ସମାରୋହରେ ମୁଖ୍ୟଅତିଥି ଭାବେ ସଦର ବିଧାୟକ ମାନସ କୁମାର ଦତ୍ତ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଫକୀରମୋହନ ସାହିତ୍ୟ ପରିଷଦର ପୂର୍ବତନ ସଭାପତି ଡ଼ଃ ଲକ୍ଷ୍ମୀକାନ୍ତ ତ୍ରିପାଠୀ, ସମ୍ମାନିତ ଅତିଥି ଡ. ଶିରିଶ ଚନ୍ଦ୍ର ଜେନା, ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଇମାମି ପେପର ମିଲର ମହାପ୍ରବନ୍ଧକ ଡ. ୟୁସୁଫ ଅଲ୍ଲୀ ସଲାଙ୍କି କହିଲେ ଜଉ କଣ୍ଢେଇ ବାହାଘରର ଲୋକ ସଂସ୍କୃତି ସ୍ୱତନ୍ତ୍ର ଏହା ପ୍ରାଚୀନ ଲୋକ କଳାର ପରିଚୟ ଦିଏ ବୋଲି କହିଥିଲେ। ଜଉକଣ୍ଢେଇ ଉତ୍ସବ କମିଟିର ସଭାପତି ବସ୍ତା ବିଧାୟିକା ସୁବାସିନୀ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ କଣ୍ଢେଇ ବର ଅପର୍ତ୍ତିର ପିତାମାତା ପିତାମ୍ବର ଦାସ, ସୁକାନ୍ତିଲତା ଦାସ ତଥା କଣ୍ଢେଇ କନ୍ୟା ଗୁରେଇର ପିତାମାତା ନୀଳମଣି ମଣ୍ଡଳ ଓ ଉମାମଣି ମହାନା ଉପସ୍ଥିତ ଥିଲେ। ଅତିଥି ପରିଚୟ କାର୍ଯ୍ୟକାରୀ କମିଟି ସଦସ୍ୟ ବ୍ରହ୍ମନାଥ ରଥ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରାକ ସୂଚନା ଅନ୍ୟତମ କାର୍ଯ୍ୟକାରୀ ସଦସ୍ୟ ଇଂ. ହୃଷିକେଶ ସାହୁ ଦେଇଥିଲେ। ବରିଷ୍ଠ ସଦସ୍ୟ ପରେଶ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଏକ ରକ୍ତଦାନ ଶିବିର ଜିଲ୍ଲା ରକ୍ତଦାତା ସଂଘର ସାଧାରଣ ସମ୍ପାଦକ ହୃଷୀକେଶ ସାହୁ, ଲକ୍ଷ୍ମୀଧର ସାହୁ, ଦେବାଶିଷ ପାଣିଙ୍କ ତତ୍ତ୍ୱାବଧାନରେ ଆୟୋଜନ କରାଯାଇଥିଲା ଯାହାକୁ ଜିଲ୍ଲା ରକ୍ତଦାତା ସଂଘର ସଭାପତି କମଳ କୁମାର ଚକ୍ରବର୍ତ୍ତୀ ଉଦଘାଟନ କରିଥିଲେ। ଏଥିରେ ବହୁ ସଂଖ୍ୟକ ଜଉକଣ୍ଢେଇ ବାହାଘର କମିଟିର ସଦସ୍ୟ ଓ ବାଲେଶ୍ୱରବାସୀ ରକ୍ତଦାନ କରିଥିଲେ। ଏହି ସନ୍ଧ୍ୟାରେ କାହ୍ନୁ ଲେଙ୍କା, ବହ୍ନିମାନ ରଥ, ଦେବାଶିଷ ଚାଟାର୍ଜୀ, ଗୁରୁ ନନ୍ଦ କିଶୋର ଦାସ ଆଦିଙ୍କ ପରିଚାଳନାରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ପ୍ରସିଦ୍ଧ କଣ୍ଠଶିଳ୍ପୀ ସୁବାସ ରାମ, ସୁଜିତ ଭୋଇ ସମେତ ବାଲେଶ୍ୱର ବାହାରର ପ୍ରମୁଖ କଣ୍ଠ ଶିଳ୍ପୀମାନେ ସଙ୍ଗୀତ ପରିବେଷଣ କରି ଦର୍ଶକଙ୍କ ମନ ମୋହିଥିଲେ। ଶିଳ୍ପୀ କେଶୁଦାସ, କନକଲତା ଦାସ, ସମ୍ପାଦକ ଡ଼ଃ କୁମାର ଗୋପାଳ, ବିପ୍ଳବ ମହାନ୍ତି, ବ୍ୟୋମନାଥ ରଥ, କାଳିକିଙ୍କର ଦାସ, ମନସ୍ୱିନୀ ଦେବୀ, ଅଞ୍ଜଳି ପଣ୍ଡା, ସୌଭାଗିନୀ ମିଶ୍ର, ଲକ୍ଷ୍ମୀ ନାରାୟଣ ଘୋଷ, ଗୋପାଳ ଜେନା, ଅନିତା ରଥ, ଧରିତ୍ରୀ, ରଚନା, ଉର୍ବଶୀ, ରଘୁ, ରାଜେଶ, ସାଲୁ, ମିନତୀ, ଉର୍ବଶୀ, ରଚନା ପ୍ରମୁଖ ସଦସ୍ୟମାନେ କଣ୍ଢେଇ ବରକନ୍ୟା ଅପର୍ତ୍ତି ଓ ଗୁରେଇଙ୍କ ସହ ରହି ଦର୍ଶକଙ୍କୁ ଦର୍ଶନରେ ସହାୟତା କରୁଥିଲେ। ଆକାଶବାଣୀର ସଂଯୋଜିକା ମିତା ପଟ୍ଟନାୟକ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

ସକାଳ THE SAKALA



www.sakalaepaper.com

## ଯୁକ୍ତ ୩ ନାମଲେଖା ପ୍ରକ୍ରିୟା ଆରମ୍ଭ

# ସିଟ୍ ସଂଖ୍ୟା ୮୮୮୦; ପାସ୍ କରିଛନ୍ତି ୯୨୮୫

ଢେଙ୍କାନାଳ,୨୬।୫(ସମିସ)

ଢେଙ୍କାନାଳ ଜିଲ୍ଲାରେ ଯୁକ୍ତ ୩ କଳା, ବାଣିଜ୍ୟ, ବିଜ୍ଞାନ ଏବଂ ଧନ୍ଦାମୂଳକ କ୍ଷେତ୍ରରେ ନାମ ଲେଖାଇବା ପାଇଁ ସାମସ ଜରିଆରେ ନାମଲେଖା ପ୍ରକ୍ରିୟା ଆରମ୍ଭ ହୋଇଛି। ଜିଲ୍ଲାରେ ମୋଟ ୮ ହଜାର ୮୮୦ ସିଟ୍ ରହିଥିବା ବେଳେ ଚଳିତ ବର୍ଷ ୯ ହଜାର ୨୮୫ଜଣ ଛାତ୍ରଛାତ୍ରୀ ପାସ କରିଛନ୍ତି। ତେବେ ଅନ୍ୟ ପିଲାମାନେ କେଉଁଠାରେ ଶିକ୍ଷାଲାଭ କରିବେ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଚଳିତ ବର୍ଷର ଉଚ୍ଚ ମାଧ୍ୟମିକ ଶିକ୍ଷାପରିଷଦ ଦ୍ୱାରା ପରିଚାଳିତ ଯୁକ୍ତଦୁଇ ପରୀକ୍ଷା ଫଳ ପ୍ରକାଶ ପାଇ ସାରିଛି। ଛାତ୍ରଛାତ୍ରୀ ଏବଂ ଅଭିଭାବକଙ୍କ ମଧ୍ୟରେ ଉଚ୍ଚଶିକ୍ଷା ଲାଭ କରିବା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଜିଲ୍ଲାରେ ୩୨ଟି କଲେଜରେ ଅନଲାଇନ ନାମଲେଖା ପ୍ରକ୍ରିୟାରେ ସେମାନେ ସାମିଲ ହୋଇଛନ୍ତି। ଜିଲ୍ଲାରେ କଳା, ବିଜ୍ଞାନ, ବାଣିଜ୍ୟ ଆଦି ଷ୍ଟ୍ରିମରେ ସମୁଦାୟ ୮୮୮୦ ଆସନରେ ନାମଲେଖା ହେବ। ତେବେ ଚଳିତବର୍ଷ ଜିଲ୍ଲାରେ ଯୁକ୍ତ୨ କଳାରେ ୫୪୩୩, ଧନ୍ଦାମୂଳକ ଶିକ୍ଷାରେ ୧୭୨, ବିଜ୍ଞାନରେ ୩୧୩୬ ଏବଂ ବାଣିଜ୍ୟରେ ୨୯୯ ଛାତ୍ରଛାତ୍ରୀ ପାସ୍ କରିଛନ୍ତି। ଏହାବ୍ୟତୀତ ସିବିଏସ୍ଇ ପାଠ୍ୟକ୍ରମ କେନ୍ଦ୍ରୀୟ ବିଦ୍ୟାଳୟରେ ୭୪, ଜାରିୟର୍ସ ସ୍କୁଲରେ ୬୮, ଡିପିଏସ୍‌ରେ ୧୦୮ ଏପରି ୨୫୦ ଛାତ୍ରଛାତ୍ରୀ ପାସ୍ କରିଛନ୍ତି। ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀରେ ପାସ୍ କରିଥିବା ଛାତ୍ରଛାତ୍ରୀ ବଛାବଛା କଲେଜରେ ପଢ଼ିବା ଲାଗି ଉଦ୍ୟମ ଚଳାଇଛନ୍ତି। ଜିଲ୍ଲାରେ ୨ଟି ସରକାରୀ କଲେଜ ସ୍ୱୟଂଶାସିତ ମହାବିଦ୍ୟାଳୟ ଏବଂ ମହିଳା ମହାବିଦ୍ୟାଳୟକୁ ଅଧିକ ନମ୍ବର ରଖିଥିବା ଛାତ୍ରଛାତ୍ରୀ ପ୍ରଥମେ ପସନ୍ଦ କରିବେ ବୋଲି ଜଣାପଡ଼ିଛି। ଜିଲ୍ଲାରେ ସିଟ୍ ସଂଖ୍ୟା କମ୍ ଥିବାରୁ ନାମଲେଖା ପକ୍ରିୟାରେ ଚଳିତବର୍ଷ ଅଧିକ ସମସ୍ୟା ହୋଇପାରେ ବୋଲି ଅଭିଭାବକ ଏବଂ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆଶଙ୍କା ଉପୁଜିଛି।

## ହତ୍ୟା ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ



କାମାକ୍ଷାନଗର,୨୬।୫(ସମିସ): ମହାବିରୋଡ୍ ଥାନା ଗଡ଼ପଳାଶୁଣି ଗ୍ରାମର ବିଭୂତି ସେଠ (୪୫)ଙ୍କୁ ହତ୍ୟା ମାମଲାରେ ପୁଲିସ ସେହି ଗ୍ରାମର ଦେବେନ୍ଦ୍ର ବେହେରା (୨୫)ଙ୍କୁ ଗିରଫ କରି କୋର୍ଟ ଚାଲଣ କରିଛି। ଶୁକ୍ରବାର ବିଭୂତିଙ୍କ ଶଳାଙ୍କ ବିବାହ ରହିଥିଲା। ବରଯାତ୍ରୀଙ୍କ ସହ ବିଭୂତି କନ୍ୟାଘର ଅଭିମୁଖେ ବାହାରିଥିଲେ। ଅପରାହ୍ନ ପ୍ରାୟ ୨ଟାରେ ଗଡ଼ପଳାଶୁଣି ହନୁମାନ ଛକରେ ସେହି ଗ୍ରାମର ଦେବେନ୍ଦ୍ର ବେହେରା କିଛି ବରଯାତ୍ରୀଙ୍କୁ ମାରଧର କରିଥିଲେ। ବିଭୂତି ଏହାକୁ ବାରଣ କରିଥିଲେ। ଏହି କଥାକୁ ନେଇ ଦେବେନ୍ଦ୍ର ଉତକ୍ଷିପ୍ତ ହୋଇ ବିଭୂତିଙ୍କୁ ମାଡ଼ ମାରି ତଳେ ପକାଇଦେବା ସହ ତାଙ୍କ ଛାତିକୁ ବିଧାଗୋଇଠା ମାରିଥିଲେ। ଗୁରୁତର ଅବସ୍ଥାରେ ବିଭୂତିଙ୍କୁ ପରଜଙ୍ଗ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଶନିବାର ଭୋର ସମୟରେ ତାଙ୍କ ମୃତ୍ୟୁ ହୋଇଥିଲା। ରବିବାର ସାଇଣ୍ଟିଫିକ ଟିମ ପଞ୍ଚନାମା କରିବା ପରେ ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଘଟଣା ପରଠୁ ଅଭିଯୁକ୍ତ ଦେବେନ୍ଦ୍ର ଫେରାର ହୋଇଯାଇଥିଲେ। ତେବେ ଥାନା ଅଧିକାରୀ କାଶୀନାଥ ହାଁସଦାଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଦଳ ଘଟଣାକୁ ଗୁରୁତ୍ୱର ସହ ନେଇ ରବିବାର ବିଳମ୍ବିତ ରାତିରେ ପରଜଙ୍ଗ ଥାନା ଖାଲପାଳ ଗ୍ରାମ ଜଣେ ସମ୍ପର୍କୀୟଙ୍କ ଘରେ ଲୁଚିଥିବା ଦେବେନ୍ଦ୍ରଙ୍କୁ ପୁଲିସ ଗିରଫ କରିଥିଲା। ସୋମବାର ଦେବେନ୍ଦ୍ରଙ୍କୁ କୋର୍ଟ ଚାଲଣ କରାଯାଇଥିବା ଥାନା ଅଧିକାରୀ ହାଁସଦା ସୂଚନା ଦେଇଛନ୍ତି।

## ତ୍ରିରଙ୍ଗା ଶୋଭାଯାତ୍ରା

# 'ଭାରତ ମାତାର ଜୟ' ଧ୍ୱନିରେ କମ୍ପିଲା ସହର

କାମାକ୍ଷାନଗର,୨୬।୫(ସମିସ):

ଭାରତୀୟ ସେନାର ଅପରେସନ ସିନ୍ଦୂରର ପରାକ୍ରମ ପରିପ୍ରେକ୍ଷୀରେ ସୋମବାର କାମାକ୍ଷାନଗର ବିଜେପି ପକ୍ଷରୁ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ବିଧାୟକ ଶତ୍ରୁଘ୍ନ ଜେନାଙ୍କ ନେତୃତ୍ୱରେ ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ଜେନା, ଜିଲ୍ଲା ବିଜେପି ସଭାପତି ରାସବିହାରୀ ବେହେରା ଶୋଭାଯାତ୍ରାରେ ସାମିଲ ହୋଇଥିଲେ। କାମାକ୍ଷାନଗର ତାରିଣୀ ମନ୍ଦିରଠାରୁ ଶୋଭାଯାତ୍ରା ବାହାରି ହନୁମାନ ମନ୍ଦିର, ଡାକଘର ଛକ, ଜଗନ୍ନାଥ ବଜାର ଛକ ଦେଇ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲା। ଶୋଭାଯାତ୍ରାରେ ସାମିଲ ହୋଇଥିବା ଲୋକେ ଭାରତୀୟ ସେନାର ବୀର ଯବାନମାନଙ୍କ ଜୟଗାନ କରିଥିଲେ। ଭାରତ ମାତାର ଜୟ ଧ୍ୱନିରେ ସହର ପ୍ରକମ୍ପିତ ହୋଇଥିଲା। ଶୋଭାଯାତ୍ରାରେ



ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ କଙ୍କଡ଼ାହାଡ଼ ବ୍ଲକ ଅଧ୍ୟକ୍ଷ କାର୍ତ୍ତିକ ସାହୁ, ରାଜ୍ୟ ପରିଷଦ ସଦସ୍ୟ ଲଳିତ ସାହୁ, ବରିଷ୍ଠ ସଭ୍ୟ ପ୍ରମୋଦ ନନ୍ଦ, ପବିତ୍ର ମୋହନ ବିଶ୍ୱାଳ, ମିନକେତନ ନାୟକ, ଦୀପକ ପାତ୍ର, ଆଇନଜୀବୀ ରଞ୍ଜନ ରାଉତ, ସଞ୍ଜୟ ରାଉତ, ସରୋଜକାନ୍ତ ବେହେରାଙ୍କ ସମେତ ବିଭିନ୍ନ ମଣ୍ଡଳ ସଭାପତି ଓ ଶତାଧିକ କର୍ମୀ ସାମିଲ ହୋଇଥିଲେ।

## ଅଟୋ ଦୁର୍ଘଟଣାଗ୍ରସ୍ତ; ଚାଳକ ମୃତ

ଢେଙ୍କାନାଳ,୨୬।୫(ସମିସ):

୫୫ନଂ ଜାତୀୟ ରାଜପଥର ସଦର ଥାନା ଝାରଗାଡ଼ିଆ ଛକ ନିକଟରେ ଅଟୋ ଦୁର୍ଘଟଣାଗ୍ରସ୍ତ ହୋଇ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଭାପୁର ଗ୍ରାମର ଲକ୍ଷ୍ମୀଧର ସାହୁ। ଲକ୍ଷ୍ମୀଧର ନିଜ ଅଟୋରେ ଯାତ୍ରୀ ନେଇ ଯାଉଥିବା ବେଳେ ଝାରଗାଡ଼ିଆ ଛକ ନିକଟରେ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ତେବେ ଯାତ୍ରୀମାନେ ଅଳ୍ପକେ ବର୍ତ୍ତି ଯାଇଥିବା ବେଳେ ଲକ୍ଷ୍ମୀଧର ଗୁରୁତର ଆହତ ହୋଇଥିଲେ। ତାଙ୍କୁ ଉଦ୍ଧାର କରି ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି।

## ସ୍ୱାମୀଙ୍କ ଦୀର୍ଘାୟୁ କାମନା କରି ପାଳିଲେ ସାବିତ୍ରୀ ବ୍ରତ



ଗଁଦିଆ,୨୬।୫(ସମିସ): ଶଙ୍ଖା, ସିନ୍ଦୂର, ଶାଢ଼ି ସହ ହାତରେ ଫଳଭର୍ତ୍ତି ପାତ୍ର ପ୍ରଭୁଙ୍କ ନିକଟରେ ସମର୍ପି ସ୍ୱାମୀଙ୍କ ଦୀର୍ଘ ଜୀବନ ପାଇଁ ପ୍ରାର୍ଥନା କରିବାକୁ ସକାଳୁ ସକାଳୁ ବିଭିନ୍ନ ଦେବଦେବୀ ମନ୍ଦିରରେ ଲମ୍ବା ଲାଇନ ଲଗାଇଥିଲେ ବିବାହିତା ମହିଳାମାନେ। ପବିତ୍ର ସାବତ୍ରୀ ବ୍ରତ ଲାଗି କିଏ ଦେବାଳୟରେ ତ ଆଉ କିଏ ନିଜ ଘରେ ପୂଜାର୍ଚ୍ଚନା କରିଥିଲେ। ଗଁଦିଆର ବିଭିନ୍ନ ମନ୍ଦିରରେ ଶତାଧିକ ମହିଳାଙ୍କ ଭିଡ଼ ଜମିଥିଲା। ପୌରାଣିକ କଥାବସ୍ତୁ ଅନୁଯାୟୀ, ଏହିଦିନ ଦେବୀ ସାବିତ୍ରୀ ଯମରାଜଙ୍କ ନିକଟରୁ ନିଜ ସ୍ୱାମୀ ସତ୍ୟବାନଙ୍କ ଜୀବନ ଫେରାଇ ଆଣିବାରେ ସଫଳ ହୋଇଥିଲେ। ତେଣୁ ପ୍ରତି ଓଡ଼ିଆ ସଧବା ନାରୀଙ୍କ ପାଇଁ ସାବିତ୍ରୀ ବ୍ରତ ଅନେକ ମହତ୍ତ୍ୱ ରହିଛି। ସ୍ୱାମୀଙ୍କ ଦୀର୍ଘାୟୁ ସୁଖ ସମୃଦ୍ଧି, ଅଖଣ୍ଡ ସୌଭାଗ୍ୟ ଲାଭ ପାଇଁ ସାବିତ୍ରୀ ବ୍ରତ ପାଳନ କରାଯାଏ। ସାବିତ୍ରୀ ବ୍ରତ ପାଇଁ କପିଳାସ ଚନ୍ଦ୍ରଶେଖର ବାବା, ବାଣିପଡ଼ାର ସ୍ୱପ୍ନେଶ୍ୱର, କପିଳେଶ୍ୱରର ଦେଉଡ଼େଶ୍ୱର ମନ୍ଦିର, ରାମ ମନ୍ଦିର, ହନୁମାନ ମନ୍ଦିର ସମେତ ସହରଠୁ ଆରମ୍ଭ କରି ଗ୍ରାମାଞ୍ଚଳର ବିଭିନ୍ନ ମନ୍ଦିରରେ ମହିଳାଙ୍କ ଭିଡ଼ ଜମିଥିଲା।



## ରକ୍ତଦାନ ଶିବିର; ୧୫୭ ୟୁନିଟ୍ ସଂଗ୍ରହ



ଢେଙ୍କାନାଳ,୨୬।୫(ସମିସ): ଓଡ଼ାପଡ଼ା ବ୍ଲକ୍ ଗୁଡ଼ିଆକାଟେଣୀ ମହାବୀର କ୍ଲବ୍ ଆନୁକୂଲ୍ୟରେ ମା' ଦଶଦେବୀ ପୀଠରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ଢେଙ୍କାନାଳ ବଜରଙ୍ଗ କ୍ଲବ୍ ସଭାପତି ମାନସ ରାଉତ, ସମ୍ମାନିତ ଅତିଥି ଭାବେ ଦିଲେଶ୍ୱର ରାଉତ, ରମାକାନ୍ତ ରାଉତ, ତ୍ରିଲୋଚନ ରାଉତ, ଡା. ବିଶ୍ୱଜିତ୍ ସାମଲ ଓ ସୁଧାଂଶୁ ଷଡ଼ଙ୍ଗୀ ପ୍ରମୁଖ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଶିବିରରେ ୧୫୮ ୟୁନିଟ୍ ରକ୍ତ ସଂଗ୍ରହ ହୋଇଛି। କ୍ଲବ୍ ସଭାପତି ସୌରଭ ରାଉତ, ସମ୍ପାଦକ ଶୁଭେନ୍ଦୁ ସ୍ୱାଇଁ, ଉପସଭାପତି ଗୌରବ ରାଉତ, କୋଷାଧ୍ୟକ୍ଷ ଶୁଭ୍ର ପ୍ରକାଶ ରାଉତଙ୍କ ସମେତ ସଦସ୍ୟ ଦେବାଶିଷ ସାହୁ, ପ୍ରୟାଗ ପ୍ରଭଞ୍ଜନ ରାଉତ, ସୂର୍ଯ୍ୟପ୍ରକାଶ ରାଉତ, ବିଘ୍ନେଶ ସାହୁ, ଶୁଭେନ୍ଦୁ ସାହୁ, ଦେବଦତ୍ତ ସାହୁ, ବିଶ୍ୱଜିତ ମହାରଣା, ଆଶୁତୋଷ ମହାନ୍ତି, ଭଗବାନ ବିଶ୍ୱାଳ, ଆୟୁଷ କିଶୋର ସାହୁ, ଅରୂପ ପ୍ରବୀଣ ରାଉତ, ଦେବରାଜ ବରାଳ, ସ୍ୱପ୍ନଜିତ ମହାରଣା ପ୍ରମୁଖ ଶିବିର ପରିଚାଳନା କରିଥିଲେ। ଢେଙ୍କାନାଳ ରକ୍ତଭଣ୍ଡାର ନର୍ସିଂ ଅଧିକାରୀ ବିନୋଦିନୀ ଯୋଗାଣିଆ, ଲାବ୍ ଟେକ୍ନିସିଆନ୍ ରାକେଶ କୁମାର ବେହେରା, ଆଟେଣ୍ଡାଣ୍ଟ ଅଜୟ ସ୍ୱାଇଁ, ବରୁଣ ସାହୁ, ତପନ ଜେନା ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ। ପତଳାର ମହାଲକ୍ଷ୍ମୀ ହେଲଥ କେୟାର କର୍ମକର୍ତ୍ତା ସହଯୋଗ କରିଥିଲେ।

## • ଭାଗ୍ୟ ବଦଳାଇଦେଲା ଅନ୍‌ଲାଇନ୍ ଗେମ୍

# ୧୦ ଟଙ୍କା ଲଗାଇ ପାଇଲେ ୧୦ ଲକ୍ଷ ଟଙ୍କା ଓ କାର୍



ଖଜୁରିଆକଟା,୨୬।୫(ସମିସ): ଭାଗ୍ୟ ବଦଳାଇଦେଲା ଅନ୍‌ଲାଇନ୍ ଗେମ୍। ମାତ୍ର ୧୦ ଟଙ୍କା ଲଗାଇ ୧୦ ଲକ୍ଷ ଟଙ୍କା ସହ ଏକ କାର୍ ପାଇଛନ୍ତି ଯୁବକ। ହିନ୍ଦୋଳ ଉପଖଣ୍ଡ ଦୁଦୁରୁକୋଟ ଗ୍ରାମ ବେଲଗାଡ଼ିଆ ସାହିର ବସନ୍ତ କୁମାର ସାମଲଙ୍କ ପୁଅ ସୁଜିତ୍ ସାମଲ ରବିବାର ଆଇପିଏଲ୍ ମାଇଁ ଇଲେଭେନ୍ ସର୍କଲରେ ୧୦ ଟଙ୍କା ଲଗାଇ ଖେଳିଥିଲେ। ଶେଷରେ ସେ ୧୦ ଲକ୍ଷ ଟଙ୍କା ସହ ଏକ କାର ଜିତିପାରିଛନ୍ତି। ସୁଜିତ ବର୍ତ୍ତମାନ ସାତମାଇଲ ଜନତା କଲେଜରେ କର୍ମଚାରୀ ଭାବେ କାର୍ଯ୍ୟରତ ଅଛନ୍ତି। ପିଲାବେଳୁ ସେ କ୍ରିକେଟ ଖେଳିବାକୁ ଭଲ ପାଉଥିବା ବେଳେ ଭାରତୀୟ କ୍ରିକେଟ ଦଳର ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂହ ଧୋନି ତାଙ୍କ ପ୍ରିୟ ଖେଳାଳି ବୋଲି କହିଛନ୍ତି।

## ସାବିତ୍ରୀ ବ୍ରତ ଲାଗି ପରଜଙ୍ଗ ଉତ୍ସବମୁଖର

ପରଜଙ୍ଗ,୨୬।୫(ସମିସ): ସାବିତ୍ରୀ ବ୍ରତ ଲାଗି ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଅଞ୍ଚଳ ଉତ୍ସବମୁଖର ହୋଇଉଠିଛି। ଜ୍ୟେଷ୍ଠ ଅମାବାସ୍ୟା ତିଥିରେ ସଧବା ମହିଳାମାନେ ସାବିତ୍ରୀ ବ୍ରତ ପାଳନ କରିଛନ୍ତି। ସ୍ୱାମୀଙ୍କ ଦୀର୍ଘ ନିରାମୟ ଜୀବନ ପାଇଁ ମହିଳାମାନେ ନୂଆ ଲୁଗା ପରିଧାନ କରି ସାଥୀରେ ଧୂପଦୀପ, ଫୁଲ ଓ ନାନା ପ୍ରକାରର ଫଳ ଭୋଗ ନେଇ ଏକାଠି ହୋଇ ସାହି କିମ୍ବା ମନ୍ଦିରରେ ପୂଜାର୍ଚ୍ଚନା କରିଥିଲେ। ପରଜଙ୍ଗ ଗ୍ରାମର ପ୍ରତ୍ୟେକ ସାହି ଓ ବାଞ୍ଛେଶ୍ୱର ମନ୍ଦିରରେ ପୂଜାର୍ଚ୍ଚନା କରିଥିବା ଦେଖିବାକୁ ମିଳିଥିଲା। ମନ୍ଦିରରେ ସକାଳୁ ଅପରାହ୍ନ ପର୍ଯ୍ୟନ୍ତ ଭିଡ଼ ଜମିଥିଲା। ମନ୍ଦିର ପରିଚାଳନା କମିଟି ସଦସ୍ୟ ଶ୍ରୀକାନ୍ତ ଦଳବେହେରା, ସୁବ୍ରତ ଦଳବେହେରା, ମଦନ ସାମଲ, ପ୍ରବୀଣ ରାଉତ, ପଣ୍ଡେଇ ବିଶ୍ୱାଳ, ସୁନୀଲ ଗଡ଼ନାୟକ, ଭବାନୀ ଶଙ୍କର ଦଳବେହେରା, ସଞ୍ଜିତ ସାମଲ ପ୍ରମୁଖ ଶୃଙ୍ଖଳିତ ଦର୍ଶନ ଓ ପୂଜାର୍ଚ୍ଚନାରେ ସହଯୋଗ କରିଥିଲେ। ସେହିପରି ପରଜଙ୍ଗ ପଞ୍ଚାୟତ ଡିହଡୋଳ, ଖଣ୍ଡୁଆଳମୁଣ୍ଡା ଗ୍ରାମ ମନ୍ଦିର ସମେତ ଜହ୍ନାପଡ଼ା ଗ୍ରାମ ରାଧାମାଧବ ମନ୍ଦିରରେ ମଧ୍ୟ ଭିଡ଼ ଜମିଥିଲା।



## ଜଳ-ଜୀବନ-ଜଗନ୍ନାଥ ଆଲୋଚନାଚକ୍ର



ଢେଙ୍କାନାଳ,୨୬।୫(ସମିସ): ସଦର ବ୍ଲକ୍ ସିଆରିଆ ଆଶ୍ରମରେ ସିଦ୍ଧ ଶ୍ରୀକ୍ଷେତ୍ର ପରିକ୍ରମା ପରିବାର ପକ୍ଷରୁ ଜଳ-ଜୀବନ-ଜଗନ୍ନାଥ ଶୀର୍ଷକ ଆଲୋଚନାଚକ୍ରର ଦ୍ୱିତୀୟ ଭାଗ ଅନୁଷ୍ଠିତ ହୋଇଛି। ପ୍ରାରମ୍ଭରେ ପରିକ୍ରମା ପରିବାରର ସଂଯୋଜକ ଅବନୀ କୁମାର ମିଶ୍ର ଆଲୋଚନାଚକ୍ରର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରି କହିଲେ ଯେ ମଣିଷର ଦୁର୍ଗ ଆନନ୍ଦମୟ ହେବା ବର୍ତ୍ତମାନ ଅତିଶୟ ହୋଇପଡୁଛି। ପ୍ରକୃତ ଜୀବନନାଥ ଅନୁଭବ କରିବାରେ ସମର୍ଥ ହେଉନାହିଁ। ଏହା କିପରି ସମ୍ଭବ ହୋଇପାରିବ ସେ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ପାଇଁ ଏହା ଏକ ପ୍ରୟାସ ବୋଲି ସେ କହିଥିଲେ। ମୁଖ୍ୟବକ୍ତା ଭାବେ ସିଆରିଆ ମଠ ମଠାଧୀଶ ସାଧୁ ସଦାନନ୍ଦ ଦାସ ମହାରାଜ ଯୋଗଦେଇ କହିଲେ ବିଷୟବସ୍ତୁ ଉପରେ ନିଜ ମତ ଉପସ୍ଥାପନ କରିଥିଲେ। ଜଳର ଅପବ୍ୟବହାର କରି ମଣିଷ ନିଜ ବିନାଶକୁ ନିଜେ ଆମନ୍ତ୍ରଣ କରୁଛି ବୋଲି ସେ ମତବ୍ୟକ୍ତ କରିଥିଲେ। ଅନ୍ୟତମ ଆଲୋଚନ ଭାବେ ବରିଷ୍ଠ ଆଇନଜୀବୀ ଦୀପ୍ତୀଶ ପ୍ରସାଦ ପଟ୍ଟନାୟକ, ନାଟ୍ୟକାର ଶତ୍ରୁସ୍ତ ମାଟି, ଶିଳ୍ପୀ ପରେଶଚନ୍ଦ୍ର ପଟ୍ଟନାୟକ, ସାହିତ୍ୟିକ ଆଚାର୍ଯ୍ୟ ଚକ୍ରଧର, ବ୍ରଜକିଶୋର ପରିଜା, କିଶୋରଚନ୍ଦ୍ର ମିଶ୍ର ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପୁରୁଷୋତ୍ତମ ନନ୍ଦ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବରିଷ୍ଠ ସଦସ୍ୟ ନିର୍ମଳା ମହାପାତ୍ର କବିତା ପାଠ କରିଥିଲେ।

## ଶ୍ରୀରାମଚନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

# ସପ୍ତାହରେ ଥରେ ବି ବଦଳୁନି ବେଡ୍‌ସିଟ୍

ଢେଙ୍କାନାଳ,୨୬।୫(ସମିସ)

ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ ଶ୍ରୀରାମଚନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବିଭିନ୍ନ ଅବ୍ୟବସ୍ଥାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। କେତେବେଳେ ଚିକିତ୍ସାରେ ଅବହେଳା ତ ଆଉ କେତେବେଳେ ରୋଗୀଙ୍କୁ ଉଚିତ ସେବା ଯୋଗାଉ ନ ଥିବା ନେଇ ଏହି ସ୍ୱାସ୍ଥ୍ୟକେନ୍ଦ୍ର ସର୍ବଦା ଚର୍ଚ୍ଚାରେ ରହିଆସିଛି। ସ୍ୱାସ୍ଥ୍ୟକେନ୍ଦ୍ରରେ ଗତ ୭ଦିନ ହେଲା ରୋଗୀମାନଙ୍କୁ ବେଡସିଟ୍ ଦିଆଯାଉନାହିଁ। ଗୋଟିଏ ପୁରୁଣା ବେଡସିଟରେ ସପ୍ତାହ ହେଲାଣି ରୋଗୀମାନେ ଶୋଉଛନ୍ତି। ସ୍ୱାସ୍ଥ୍ୟ ବିଭାଗର ନିର୍ମଳ ଯୋଜନା ମୁତାବକ ସ୍ୱାସ୍ଥ୍ୟକେନ୍ଦ୍ରରେ ୭ ଦିନରେ ସାତ ରଙ୍ଗର ବେଡସିଟ୍ ପଡ଼ିବା କଥା। କିନ୍ତୁ ଏଠାରେ ପରିଚାଳନାଗତ ତ୍ରୁଟି ହେତୁ ଗୋଟିଏ ବେଡସିଟକୁ ରୋଗୀମାନେ ସପ୍ତାହ ପର୍ଯ୍ୟନ୍ତ ବ୍ୟବହାର କରୁଛନ୍ତି। ଏଥିରେ ରୋଗ ସଂକ୍ରମଣର ଭୟ ରହିଥିବା ବେଳେ ପରିବେଶ ଦୁର୍ଗନ୍ଧମୟ ହୋଇ ପଡୁଛି। ସ୍ୱାସ୍ଥ୍ୟକେନ୍ଦ୍ରରେ ବେଡସିଟର



ଅଭାବ ନ ଥିବା ସ୍ଥଳେ ମହିଳା ବିଭାଗରେ ଖାଲି ଖଟରେ ରୋଗୀ ଶୋଉଥିବା ଦେଖିବାକୁ ମିଳିଛି। ଏହାକୁ ନେଇ ଅନେକ ସମୟରେ ରୋଗୀଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳୁଛି। ଏହି ସମସ୍ୟାର ତୁରନ୍ତ ସମାଧାନ ଦିଗରେ ପଦକ୍ଷେପ ନେବାକୁ ସାଧାରଣରେ ଦାବି ଦେଉଛି। ଏଥିସହ ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସବୁ ପ୍ରକାର ସୁବିଧା ଯୋଗାଇ ଦେବାକୁ ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

ସକାଳ THE SAKALA



## ମନ୍ଦିରରୁ ଚୋରି ମାମଲାରେ ଅଭିଯୁକ୍ତଙ୍କୁ ତିନିବର୍ଷ ଜେଲ

**କେନ୍ଦୁଝର,୨୬।୫(ସମିସ):** ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ଅମ୍ବିକେଶ୍ୱର ପାଣିଗ୍ରାହୀ ଏକ ମନ୍ଦିର ଚୋରି ମାମଲାରେ ଚିଚାର କରି ଅଭିଯୁକ୍ତ ସଦର ଥାନା ଅଧୀନ କେରୀ ଗ୍ରାମର ରଷି ମହାନ୍ତଙ୍କୁ ଦୋଷୀ ସାବସ୍ତ କରିବା ସହ ତିନିବର୍ଷ ଜେଲ ଦଣ୍ଡାଦେଶ ରାୟ ଶୁଣାଇଛନ୍ତି। ଗତ ମାର୍ଚ୍ଚ ୨୫ତାରିଖ ବିଳମ୍ବିତ ରାତିରେ କାମେଶ୍ୱରପୁରସ୍ଥିତ ରାମମନ୍ଦିରରୁ ଠାକୁର ପିନ୍ଧିଥିବା ୪ ହାର ଓ ଦାନବାକ୍ସ ଭାଙ୍ଗି ୫ଶହ ଟଙ୍କା ଚୋରି କରିନେଇଥିଲେ। ପରଦିନ ମନ୍ଦିର ପୂଜକ ଘଟଣା ବିଷୟରେ ଜାଣିବା ପରେ ମନ୍ଦିର କମିଟିକୁ ଜଣାଇଥିଲେ। ସଭାପତି ଅଜୟ କୁମାର ଦାସ ପାଟଣା ଥାନାରେ ଅଭିଯୋଗ କରିବାରୁ ପୁଲିସ ମାମଲା ରୁଜୁ କରି ରଷିନାଥଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଆଜି ବିଚାରପତି ୧୬ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ଅଭିଯୁକ୍ତଙ୍କୁ ଦଫା ୪୫୭ରେ ୩ବର୍ଷ ଜେଲଦଣ୍ଡାଦେଶ ସହ ୫ ହଜାର ଟଙ୍କା ଜରିମାନା ଏବଂ ଅନାଦେୟ ମାସେ ଅଧିକ ସଶ୍ରମ କାରାଦଣ୍ଡ ଶୁଣାଇଥିଲେ। ଏହି ଦୁଇ ଦଫା ଜେଲଦଣ୍ଡାଦେଶ ଏକ ମାସ ଧରି ଚାଲିବ ବୋଲି ଜଣାପଡ଼ିଛି। ସରକାରଙ୍କ ପକ୍ଷରୁ ଏପିପି ଶ୍ରୁତି ମହାନ୍ତି ଓ ଆଲୋକ କୁମାର ମହାନ୍ତ ମାମଲା ପରିଚାଳନା କରୁଥିଲେ।

## ବୃଦ୍ଧାଙ୍କୁ ମିଳୁନି ବର୍ଦ୍ଧିତ ଭତ୍ତା, ପକ୍କା ଗୃହ



**ସୋସୋ,୨୬।୫(ସମିସ):** କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକ ଅଧୀନ କେ.ବାଲିପାଳ ପଞ୍ଚାୟତସ୍ଥ ବାଲିପାଳ ଗ୍ରାମର ସ୍ୱର୍ଗତ ଗେଡା ସିମିନିକିଆଙ୍କ ପତ୍ନୀ ସୁମିତ୍ରା ସିମିନିକିଆ(୯୬) ବର୍ଦ୍ଧିତ ଭତ୍ତା ଓ ଆବାସ ଗୃହ ପାଇବାରୁ ବଞ୍ଚିତ। ସ୍ୱାମୀ ଓ ପୁଅର ମୃତ୍ୟୁ ପରେ ସେ ନାତି ପ୍ରଫୁଲ୍ଲଙ୍କ ପାଖରେ ତଥା ଭଙ୍ଗା ଘରେ ଦିନ କାଟୁଛନ୍ତି। କେବେ ମିଳିବ ବର୍ଦ୍ଧିତ ଭତ୍ତା ଓ ପ୍ରଧାନମନ୍ତ୍ରୀ ଆବାସ। ଏନେଇ ବିଭିନ୍ନ ସମୟରେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଉଥିଲେ ବି ସୁଫଳ ମିଳିନି। ସରପଞ୍ଚ କୁନ୍ତଳା ନାଇକଙ୍କୁ ପଚାରିବାରୁ ତାଙ୍କ ବର୍ଦ୍ଧିତ ଭତ୍ତା ପାଇଁ ବହୁବାର କାଗଜପତ୍ର ଦିଆଯାଇଛି। କିନ୍ତୁ ତାଙ୍କର ଆଧାରକାର୍ଡ ନଥିବା ବେଳେ ତାହା ବି ହୋଇପାରୁନାହିଁ। ଯେଉଁଥି ପାଇଁ ସମସ୍ୟା ସୃଷ୍ଟି ହୋଇଛି। ଯଦି ଉପଜିଲ୍ଲାପାଳ ଏଥିରେ ହସ୍ତକ୍ଷପ କରି ସମାଧାନ କରିପାରନ୍ତେ ତେବେ ବୃଦ୍ଧା ସୁମିତ୍ରା ସରକାରୀ ଯୋଜନାରେ ଉପକୃତ ହୋଇପାରନ୍ତେ ବୋଲି ମତପ୍ରକାଶ ପାଇଛି।

## ସିଡ଼ିରୁ ଖସି ଯୁବକଙ୍କ ମୃତ୍ୟୁ

**ଯୋଡ଼ା,୨୬।୫(ସମିସ):** କେନ୍ଦୁଝର ଜିଲ୍ଲା ଯୋଡ଼ା ପୌରପାଳିକା ପରିସର ଭିତରେ ଥିବା ଦୁଇ ମହଲା ଛାତ ଉପରୁ ଅସାବଧାନତା ହେତୁ ପାଦ ଖସିଯିବାରୁ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବାପିନା ସେଠ(୨୫) ତାଙ୍କ ଘର ବାରବାଟି, ବାଙ୍କୀ କଟକ ଅଞ୍ଚଳର ବୋଲି ଜଣାପଡ଼ିଛି। ଯୋଡ଼ା ପୁଲିସ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇ ଘଟଣାର ତଦନ୍ତ ଚଳାଇଛି।

## ହୃଦ୍‌ଘାତରେ ଯୁବ କାରିଗରଙ୍କ ମୃତ୍ୟୁ



**ରାମଚନ୍ଦ୍ରପୁର,୨୬।୫(ସମିସ):** କେନ୍ଦୁଝର ଜିଲ୍ଲା ରାମଚନ୍ଦ୍ରପୁର ଥାନା ଅଧୀନ ପୁରୁଣା ବାନ୍ଧଗୋଡା ପଞ୍ଚାୟତ ତିଗିରିଆ ଗାଁର ଯୁବମୂର୍ତ୍ତୀ କାରିଗର ତପନ ରାଉତ(୪୦)ଙ୍କ ହୃଦ୍‌ଘାତରେ ପରଲୋକ ଘଟିଛି। ତପନ ନିଜ ଗାଁ ସହିତ ଆନନ୍ଦପୁର ଅଞ୍ଚଳର ବିଭିନ୍ନ ମଠ ମନ୍ଦିରର ନିଖୁଣ କଳା କାରିଗରୀରେ ସେ ବେଶ ପାରଙ୍ଗମ ଥିଲେ। କେନ୍ଦୁଝରର ବିଶିଷ୍ଟ ମୃଣ୍ମୟୀ କାରିଗର ହରେକୃଷ୍ଣ ମହାରଣାଙ୍କ ପ୍ରେରଣା ତାଙ୍କୁ ଆଗକୁ ବଢ଼ିବାକୁ ବାଟ ଦେଖାଇଥିଲା। ସକାଳୁ ଆନନ୍ଦପୁର ଶାଳବଣୀ ଗ୍ରାମରେ ଥିବା ଏକ ମନ୍ଦିର କାମ କରିବାକୁ ଯାଇଥିଲେ ତପନ। ପତ୍ନୀଙ୍କ ବାରଣ ସତ୍ତ୍ୱେ ଶୀଘ୍ର କାମସାରି ଫେରି ଆସିବାକୁ କହିଥିଲେ। ହେଲେ ମଧ୍ୟାହ୍ନ ବେଳେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ସ୍ଥାନୀୟ ଲୋକେ ତାଙ୍କୁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତପନଙ୍କ ମୃତ୍ୟୁ ଖବର ଶୁଣି ପତ୍ନୀ ହତବାକ ହୋଇଯାଇଥିବା ବେଳେ ପୂରା ଗାଁ ସ୍ତବ୍ଧ ହୋଇଯାଇଥିଲା। ସାବିତ୍ରୀ ବ୍ରତରେ ଏତେବଡ଼ ଅଘଟଣକୁ କେହି ବିଶ୍ୱାସ କରି ପାରୁନଥିଲେ। ଅପରାହ୍ନରେ ଶବ ବ୍ୟବଚ୍ଛେଦ ପରେ ଶୋକାକୁଳ ପରିବେଶରେ ତପନଙ୍କ ମୃତଦେହ ତିଗିରିଆ ଗାଁରେ ପହଞ୍ଚିଥିଲା। ବିଶିଷ୍ଟ ସ୍ଥପତି ହରେକୃଷ୍ଣ ମହାରଣା, ସମାଜସେବୀ ଦେବାଶିଷ ପାତ୍ର, ସ୍ଥାନୀୟ ସରପଞ୍ଚ ସୁଧାରାଣୀ ଧୀର, ସମାଜସେବୀ ଅଜିତ ଧୀର, ଶ୍ରମିକନେତା ନାରାୟଣଚନ୍ଦ୍ର ଧୀର, ପୂର୍ବତନ ସରପଞ୍ଚ ବୈଷ୍ଣବ ସେନାପତି, ପ୍ରଦୀପ ଧୀର, ସମାଜସେବୀ ସନ୍ତୋଷ ଧୀର ସମେତ ଗାଁ ମୁରବୀ ବଳରାମ ବେହେରା, ନନ୍ଦକିଶୋର ନାୟକଙ୍କ ସହ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପହଞ୍ଚି ଶେଷ ଦର୍ଶନ କରିଥିଲେ। ଯୁବ କାରିଗର ତପନଙ୍କ ମୃତ୍ୟୁରେ ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର ଶୋକବ୍ୟକ୍ତ କରିବାସହ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ଘରେ ତପନଙ୍କ ବିଧବା ପତ୍ନୀ ସହ ଦୁଇପୁତ୍ର ସନ୍ତାନ ଥିବା ଜଣାପଡ଼ିଛି। ଶୋକାକୁଳ ପରିବେଶରେ ଗାଁ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି।

# ଉଦ୍‌ଘାଟନ ପରେ ବି ଖୋଲୁନି ପାର୍କ

**ଯୋଡ଼ା,୨୬।୫(ସମିସ)**

କେନ୍ଦୁଝର ଜିଲ୍ଲା ଯୋଡ଼ା ବ୍ଲକ୍ କଣ୍ଡରା ପଞ୍ଚାୟତ ବାସୁଦେବପୁର, ଦାମପୁର ଗ୍ରାମସ୍ଥ ବୈତରଣୀ କୂଳ ମିରିଗସିଂଘାରେ ଜିଲ୍ଲା ଖଣିଜ ପାଣ୍ଠି ପକ୍ଷରୁ ଗ୍ରାମବାସୀ ତଥା ପର୍ଯ୍ୟଟକଙ୍କ ନିମନ୍ତେ ନିର୍ମାଣ ହୋଇଥିବା ପାର୍କ ଉଦ୍‌ଘାଟନ ହେବାଦିନରୁ ବନ୍ଦ ପଡ଼ିଥିବା ଦେଖିବାକୁ ମିଳିଛି। ଗ୍ରାମ୍ୟ ଉଦ୍ୟାନ ଓ ପର୍ଯ୍ୟଟନ ବିକାଶ ଯୋଜନାରେ ଉକ୍ତ ଗ୍ରାମରେ ଚିତ୍ତବିନୋଦନ ନିମନ୍ତେ ଏକ ବିରାଟ ପାର୍କ ନିର୍ମାଣ ହୋଇଥିଲା। ବିଭିନ୍ନ ପ୍ରକାର ବ୍ୟାୟାମ ଉପକରଣ ସାଙ୍ଗକୁ ଅନେକ ପ୍ରକାର ଦୋଳି ଛୋଟ ପିଲାଙ୍କ ପାଇଁ ରହିଥିବା ବେଳେ ସକାଳ ଓ ସାନ୍ଧ୍ୟ ଭ୍ରମଣ ନିମନ୍ତେ ଉପଯୋଗୀ ସ୍ଥାନ ମଧ୍ୟ ପାର୍କ ଭିତରେ ରହିଛି। ତେବେ ଏହା ନିର୍ମାଣ ହୋଇ ଉଦ୍‌ଘାଟନ ହେବା ପରେ ବାହାର ପଟୁ ତାଲାପଡ଼ିଛି। ଯଦ୍ୱାରା ପାର୍କ ପରିସର ଭିତରେ ୪ରୁ ୫ ଫୁଟର ଅନାବନା ଘାସ ସାଙ୍ଗକୁ ଜଙ୍ଗଲୀ ଗଛ ଉଠି ଭର୍ତ୍ତି ହୋଇଯାଇଛି।

- ରକ୍ଷଣାବେକ୍ଷଣ ଅଭାବରୁ ବ୍ୟବହାରଯୋଗ୍ୟ ହେଉନାହିଁ
- ତାଲା ଦେଖି ପର୍ଯ୍ୟଟକ ନିରାଶ ହୋଇ ଫେରୁଛନ୍ତି



ରକ୍ଷଣାବେକ୍ଷଣ ଅଭାବରୁ ପାର୍କଟି ବ୍ୟବହାର ଯୋଗ୍ୟ ହେଉନାହିଁ। ଏସମ୍ପର୍କରେ ଗ୍ରାମବାସୀଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଏହା କେହି କେବେ ଖୋଲନ୍ତି ନାହିଁ। ଏହାର ଚାବି କାହା ପାଖରେ ଅଛି ଆମକୁ ଜଣାନାହିଁ। ତେବେ ଜିଲ୍ଲା ଖଣିଜ ପାଣ୍ଠିରୁ ୨୦୨୨-୨୩ ଆର୍ଥିକ ବର୍ଷରେ ୩୩ ଲକ୍ଷ ବ୍ୟୟରେ ନିର୍ମାଣ ହୋଇଥିଲା ଏହି ପାର୍କ। ଏବେ ଜଙ୍ଗଲ ପ୍ରାୟ ହେବାସହ ପାର୍କରେ ଥିବା ବ୍ୟାୟାମ ସାମଗ୍ରୀ ଓ ଦୋଳି ସବୁ ନିମ୍ନମାନର ହେବା ଦ୍ୱାରା ବର୍ଷେ ନ ପୂରୁଣୁ ଖରାପ ହେବାକୁ ଲାଗିଲାଣି। ଯାହାକୁ ନେଇ ଗ୍ରାମବାସୀ ଅଭିଯୋଗ କରି କହିଛନ୍ତି ଯେ ଶସ୍ତା ଜିନିଷ କିଣି ଆଣି ଠିକାଦାର ଲଗେଇ ଦେଇଛନ୍ତି। ଯଦ୍ୱାରା ବର୍ଷଟାଏ ନ ପୂରୁଣୁ ଏହା ଖରାପ ହେବାକୁ ଲାଗିଲାଣି। ବିଭାଗୀୟ ଅଧିକାରୀଙ୍କ ଅପାରଗତା ପାଇଁ ଜନସାଧାରଣ ଏହାର ଲାଭ ପାଇପାରୁ ନାହାନ୍ତି। ପାର୍କଟି କେନ୍ଦୁଝର ଜିଲ୍ଲାର ଏକ ପ୍ରମୁଖ ବଣଭୋଜିସ୍ଥଳ ମିରିଗସିଂଘାରେ ହୋଇଥିବାରୁ ପର୍ବପର୍ବାଣି କିମ୍ବା ନୂଆ ବର୍ଷ ସମୟରେ ଏଠାରେ ଖୁବ ଜନଗହଳି ଦେଖାଯାଏ। ଏଠାକାର ପ୍ରାକୃତିକ ଦୃଶ୍ୟ ଅତ୍ୟନ୍ତ ମନରୋମ ହୋଇଥିବା ବେଳେ କୁଳୁକୁଳୁ ହୋଇ ବୋହି ଯାଉଥିବା ବୈତରଣୀ ନଦୀର ନିର୍ମଳ ଜଳଧାରା ପର୍ଯ୍ୟଟକଙ୍କୁ ବାନ୍ଧି ରଖେ। ହେଲେ ଏହା ବନ୍ଦ ଥିବାରୁ ଅନେକ ପର୍ଯ୍ୟଟକ ବୁଲି ଆସି ନିରାଶ ହୋଇ ଫେରୁଛନ୍ତି। ତେଣୁ ଏହି ପାର୍କକୁ ଖୋଲାଯାଇ ରକ୍ଷଣାବେକ୍ଷଣ କରାଗଲେ ସ୍ଥାନର ମାନ ଆହୁରି ସୌନ୍ଦର୍ଯ୍ୟମୟ ହୋଇପାରନ୍ତା।

## ବିଭିନ୍ନ ଦେବାଦେବୀ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼
## ବ୍ରତ ପାଳି ସ୍ୱାମୀଙ୍କ ମଙ୍ଗଳ କାମନା କଲେ ସାବିତ୍ରୀ



**ରାମଚନ୍ଦ୍ରପୁର,୨୬।୫(ସମିସ):** ସାବିତ୍ରୀ ବ୍ରତ ଅବସରରେ ପୁରପଲ୍ଲୀ ଚଳଚଞ୍ଚଳ ହୋଇ ଉଠିଥିବା ବେଳେ ଏଥିରୁ ବାଦ ପଡ଼ିନି ଘସିପୁରା ବ୍ଲକର ବିଭିନ୍ନ ଶୈବପୀଠ। ବଡି ଭୋରରୁ ବିବାହିତା ମହିଳାମାନେ ଉପବାସ ବ୍ରତରଖି ପୁଷ୍ପ, ଫଳମୂଳ ସହ, ଶଙ୍ଖା, ସିନ୍ଦୁର ସହ ନୂଆଶାଢୀ ଧରି ବିଭିନ୍ନ ମନ୍ଦିରରେ ତଥା ବୃକ୍ଷ ମୂଳରେ ସାବିତ୍ରୀ ପୂଜା କରୁଥିବା ଦେଖିବାକୁ ମିଳିଛି। ସାବିତ୍ରୀ, ନିଜର ପତିବ୍ରତା ବଳରେ ଯମରାଜଙ୍କ ଠାରୁ ସ୍ୱାମୀ ସତ୍ୟବାନଙ୍କୁ ମୃତ୍ୟୁମୁଖରୁ ବଞ୍ଚାଇ ପାରିଥିଲେ। ଏଥିପାଇଁ ସଧବା ନାରୀମାନେ ସାବିତ୍ରୀ ବ୍ରତ ଧାରଣ କରି ପ୍ରଭୁଙ୍କ ନିକଟରେ ନିଜ ସ୍ୱାମୀଙ୍କର ନିରୋଗ ତଥା ଦୀର୍ଘ ଜୀବନ କାମନା କରିଥିଲେ। ଘସିପୁରାର ଝାଡ଼େଶ୍ୱର, ଦେଓଗାଁ କୁଶଳେଶ୍ୱର ମନ୍ଦିର ସମେତ ଅଳତିରହରଚଣ୍ଡି ଏବଂ ଚନ୍ଦ୍ରଶେଖର ମନ୍ଦିରରେ ଆଜି ସକାଳୁ ଶତାଧିକ ଶ୍ରଦ୍ଧାଳୁ ମହିଳା ଭିଡ଼ ଜମାଇବା ଦେଖିବାକୁ ମିଳିଥିଲା। କେତେକ ସ୍ଥାନରେ ବଟବୃକ୍ଷ ମୂଳରେ ସଧବା ନାରୀମାନେ ସାବିତ୍ରୀ ବ୍ରତ ପାଳନ କରିଥିଲେ।

**ହାଟଡ଼ିହୀ:** ସ୍ୱାମୀଙ୍କ ମଙ୍ଗଳ କାମନା କରି ସାବିତ୍ରୀ ବ୍ରତ ପାଳିଛନ୍ତି ସଧବା ନାରୀ। କେନ୍ଦୁଝର ଜିଲ୍ଲା ହାଟଡ଼ିହୀ ବ୍ଲକର ବିଭିନ୍ନ ପୀଠରେ ସାବିତ୍ରୀ ବ୍ରତ ପାଳିତ ହୋଇଛି। ହାତରେ ଭୋଗ ଏବଂ ମନରେ ଅପୂରଣୀୟ ଉତ୍ସାହ ନେଇ ଦେବାଳୟକୁ ଯାଇ ପୂଜା କରିଛନ୍ତି ସଧବା ନାରୀ। ନୂଆ ଶାଢ଼ୀ, ଶଙ୍ଖା, ସିନ୍ଦୁର ଓ ଅଳତାସହ ବିଧି ଅନୁସାରେ ୨୧ପ୍ରକାର ଫଳମୂଳ ନେଇ ପୂଜାର୍ଚ୍ଚନା କରିଛନ୍ତି। ମହିଳାମାନେ ଉପବାସ ରହି ବଟଗଛ ମୂଳରେ ବିଭିନ୍ନ ପ୍ରକାର ଫଳମୂଳ ନେଇ ପୂଜାର୍ଚ୍ଚନା କରି ସ୍ୱାମୀଙ୍କ ଦୀର୍ଘାୟୁ କାମନା କରିଛନ୍ତି।

## ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଚକ୍ଷୁ ପରୀକ୍ଷା ଶିବିର

**କେନ୍ଦୁଝର,୨୬।୫(ସମିସ):** କେନ୍ଦୁଝର ଡେଭଲପମେଣ୍ଟ ଟ୍ରଷ୍ଟ ଓ ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମିଳିତ ସହଯୋଗରେ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଏକଦିବସୀୟ ମାଗଣା ମୋତିଆ ବିନ୍ଦୁ ଚିହ୍ନଟ ଓ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ଡା. ଶିବଚରଣ ବାଗ ଉଦ୍‌ଘାଟନ କରିଥିଲେ। କେନ୍ଦୁଝର ଡେଭଲପମେଣ୍ଟ ଟ୍ରଷ୍ଟର ସମ୍ପାଦକ ତଥା ସିଟିଜେନ ଫୋରମର ବରିଷ୍ଠ ସଦସ୍ୟ ଭକ୍ତବତ୍ସଳ ମହାନ୍ତି, ଡା. ଶିବଚରଣ ବାଗ କାର୍ଯ୍ୟକ୍ରମରେ ସମସ୍ତ ସ୍ୱାସ୍ଥ୍ୟ କର୍ମକର୍ତ୍ତା, ଆଶା, ଅଙ୍ଗନବାଡି ଦିଦି ଓ ସମସ୍ତ ନାଗରିକ ସହଯୋଗ କରିବାକୁ ଆହ୍ୱାନ ଦେଇଥିଲେ। ପଦ୍ମପୁର, ରାଇସୁଆଁ, ପଳାଶପଙ୍ଗା, ନୁଆଗାଁ ପଞ୍ଚାୟତର ୬୭ ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇଛି। ଭୂମିକା ଚକ୍ଷୁ ଚିକିତ୍ସାଳୟର ଜୋନାଲ ମ୍ୟାନେଜର କର୍ଣ୍ଣାଟ କିଶୋର ଜେନାଙ୍କ ନେତୃତ୍ୱରେ ଚକ୍ଷୁ ବିଶେଷଜ୍ଞ ଡା. ଶିବପ୍ରସାଦ ବାଲା, ସ୍ୱାସ୍ଥ୍ୟସେବିକା ଲକ୍ଷ୍ମୀପ୍ରିୟା ବେହେରା, ଅନିତା ନାୟକ ଓ ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଲାବୋରେଟୋରୀ ଟେକ୍ନିସିଆନ ପ୍ରମୋଦ ସାହୁ, ଡା. ଭାରତ ସସ୍ମିତା ଦିବ୍ୟା, ଡା. ଭୁଜଙ୍ଗନାରାୟଣ ନାୟକ, ଫାର୍ମାସିଷ୍ଟ ପ୍ରୀତିମୟ ଶ୍ରୀଚନ୍ଦନ ଓ ନନ୍ଦିନୀ ପାତ୍ର ଶିବିରରେ ଚକ୍ଷୁ ପରୀକ୍ଷା କରି ୨୨ ଜଣ ମୋତିଆ ବିନ୍ଦୁ ରୋଗୀ ଚିହ୍ନଟ କରିଥିଲେ। ୧୬ ଜଣ ମୋତିଆ ବିନ୍ଦୁ ରୋଗୀଙ୍କ ଚକ୍ଷୁ ଅସ୍ତ୍ରୋପଚାର ପାଇଁ ଭୂମିକା ଚକ୍ଷୁ ଚିକିତ୍ସାଳୟକୁ ପ୍ରେରଣ କରାଯାଇଛି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ପ୍ରୋଗ୍ରାମ ଅଫିସର ଭୁବନେଶ୍ୱରୀ କର, ଭୂମିକା ଚକ୍ଷୁ ଚିକିତ୍ସାଳୟର କ୍ଷେତ୍ରୀୟ ପରିଚାଳକ ହିମାଂଶୁ ପାତ୍ର, ଯୁବ ସ୍ୱେଚ୍ଛାସେବୀ ବିଭୁତି ଭୂଷଣ ସାହୁ, ସଂଗୀତା ପାତ୍ର, କେନ୍ଦୁଝର ଡେଭଲପମେଣ୍ଟ ଟ୍ରଷ୍ଟର ଅଧକ୍ଷା ଅଧିବକ୍ତା ଜଗଜିତା ଦାସ, ଆଶା ଶାନ୍ତିଲତା ମହାନ୍ତ, ନିରାସ ପାତ୍ର, ରଜନୀ ମହାନ୍ତ, ନିରାଶ ମୁଣ୍ଡା ଶିବିର ପରିଚାଳନାରେ ସହଯୋଗ କରିଥିଲେ। ୨୨ଜଣଙ୍କୁ ମାଗଣା ଚଷମା ବଣ୍ଟନ କରାଯାଇଛି।

## ପଟ୍ଟାଭୁକ୍ତ ଜମିରେ ରାସ୍ତା ନିର୍ମାଣକୁ ନେଇ ଉତ୍ତେଜନା



**ହାଟଡ଼ିହୀ,୨୬।୫(ସମିସ):** କେନ୍ଦୁଝର ଜିଲ୍ଲା ହାଟଡ଼ିହୀ ବ୍ଲକ ଢେଙ୍କା ପଞ୍ଚାୟତ ଧରମପୁର ଗ୍ରାମରେ ଜଣେ ବ୍ୟକ୍ତିଙ୍କ ପଟ୍ଟା ଭୁକ୍ତ ଜମିରେ ରାସ୍ତା ନିର୍ମାଣକୁ ନେଇ ଉତ୍ତଜନା ପ୍ରକାଶ ପାଇଛି। ସରକାରଙ୍କର ଅନୁଦାନରେ ଆର୍‌ଡି ବିଭାଗ ପକ୍ଷରୁ ଧରମପୁରରୁ ଶୀଳପୋଖରୀ ଓ ମିଠିଗାଁ ପର୍ଯ୍ୟନ୍ତ ରାସ୍ତା ସଂଯୋଗୀକରଣ ପାଇଁ କାର୍ଯ୍ୟ ଆରମ୍ଭ ହୋଇ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଧରମପୁରର ଜଣେ ବ୍ୟକ୍ତି ନିଜ ପଟ୍ଟାଭୂକ୍ତ ଜମିରେ ରାସ୍ତା ଯାଉଥିବା କହି ଗତବର୍ଷରୁ ରାସ୍ତା ନିର୍ମାଣ କାର୍ଯ୍ୟକୁ ବିରୋଧ କରିଆସୁଛନ୍ତି। ଏପରିକି ଗତବର୍ଷ ରାସ୍ତା ନିର୍ମାଣ ସମୟରେ ନରହରି ବେହେରାଙ୍କ ସପରିବାର ଧାରଣାରେ ବସି କାମକୁ ବିରୋଧ କରିଥିଲେ। କିନ୍ତୁ ବିଭାଗ ପକ୍ଷରୁ ତହସିଲ ମାଧ୍ୟମରେ ଜମି ଚିହ୍ନଟ କରାଗଲା ନାହିଁ। ଗତକାଲି ନରହରିଙ୍କ ପରିବାରର ମୁଖ୍ୟମାନେ ଘରେ ନଥିବା ବେଳେ ରାସ୍ତା କାମ କରୁଥିବା ଠିକାଦାର କିଛି ଗ୍ରାମବାସୀଙ୍କୁ ଧରି ଜୋର ଜବରଦସ୍ତ ରାସ୍ତା କାମ କରାଇବାରୁ ନରହରିଙ୍କ ପରିବାର ଲୋକେ ବିରୋଧ କରିଥିଲେ। ଫଳରେ ଗ୍ରାମବାସୀ ତାଙ୍କୁ ଜୋର ଜବରଦସ୍ତ ଘରକୁ ପଠାଇ ରାସ୍ତା ନିର୍ମାଣ କରିଛନ୍ତି। ଏନେଇ ସୋସୋ ଥାନାରେ ଅଭିଯୋଗ ହେବା ପରେ ପୁଲିସ ପହଞ୍ଚି ପରସ୍ପର ବୁଝାମଣା ଭିତ୍ତିରେ କାମ କରିବାକୁ କହିଥିଲେ। ଆଜି କାମ ବନ୍ଦ ଥିବାବେଳେ ନରହରିଙ୍କ ପରିବାର ଏନେଇ କୋର୍ଟରେ ମାମଲା ରୁଜୁ କରି ଆଇନର ଆଶ୍ରୟ ନେବେ ବୋଲି କହିଛନ୍ତି। ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀଙ୍କୁ ପଚାରିବାରୁ ସେ କହିଛନ୍ତି ଯେ ଆମେ କାମ ବନ୍ଦ କରିଦେଇଛୁ। ତହସିଲଦାରଙ୍କୁ ଜଣାଇ ଚିହ୍ନଟ ପାଇଁ ଲେଖିବୁ, ଚିହ୍ନଟ ପରେ ରାସ୍ତା ନିର୍ମାଣ ହେବ ବୋଲି କହିଛନ୍ତି।

## ବ୍ୟବଚ୍ଛେଦ ରିପୋର୍ଟରୁ ସ୍ପଷ୍ଟହେବ ହାତୀ ମୃତ୍ୟୁର କାରଣ

**ତେଲକୋଇ,୨୬।୫(ସମିସ):** କେନ୍ଦୁଝର ବନଖଣ୍ଡ ତେଲକୋଇ ବନାଞ୍ଚଳ ତାଳପଦା ସେକ୍ସନ ଓରିଆ ଫରେଷ୍ଟ ବିଟ୍ ଅଧୀନ ତମାଙ୍ଗ ଗ୍ରାମ ସନ୍ନିକଟ ପାହାଡ଼ରେ ଏକ ମାଇହାତୀର ମୃତଦେହ ଗତ ରବିବାର ଅପରାହ୍ଣରେ ଠାବ ହୋଇଥିଲା। ସୋମବାର ମୃତ ହାତୀର ବ୍ୟବଚ୍ଛେଦ ହୋଇଛି। ପ୍ରାଥମିକ ତଦନ୍ତରୁ ହାତୀର ସ୍ୱାଭାବିକ ମୃତ୍ୟୁ ହୋଇଥିବା ବନ ବିଭାଗ ଅନୁମାନ କରିଛି। ବୟସ ପାଖାପାଖି ୧୮ରୁ ୨୦ ବର୍ଷ ହେବ ବୋଲି ବନ ବିଭାଗ କହିଛି। ଭୁବନେଶ୍ୱରରୁ ଏକ ସ୍ୱତନ୍ତ୍ର ବିଶେଷଜ୍ଞ ଦଳ, କେନ୍ଦୁଝର ବନଖଣ୍ଡ ଅଧିକାରୀ ଏଚ.ଡି ଧନରାଜ୍, ତେଲକୋଇ ପ୍ରାଣୀଧନ ଚିକିତ୍ସକ ଓ ତେଲକୋଇ ବନାଞ୍ଚଳ ଅଧିକାରୀ ଶିବାଜୀ ମୋହନ ରାଓଙ୍କ ଉପସ୍ଥିତିରେ ହାତୀର ବ୍ୟବଚ୍ଛେଦ ହେବାସହିତ ପରୀକ୍ଷା ପାଇଁ ନମୁନା ସଂଗ୍ରହ କରାଯାଇଛି। ଆସନ୍ତାକାଲି ସଂଗ୍ରହ ହୋଇଥିବା ନମୁନା ଭୁବନେଶ୍ୱରସ୍ଥିତ ଓୟୁଏଟି ବିଜ୍ଞାନ ପରୀକ୍ଷା କେନ୍ଦ୍ରକୁ ପଠାଯିବ ବୋଲି କୁହାଯାଇଛି। ରିପୋର୍ଟ ଆସିବା ପରେ ହାତୀ ମୃତ୍ୟୁର କାରଣ ସ୍ପଷ୍ଟ ହେବ। ଏହି ହାତୀ ପଲରେ ୬ ଟିକିଆ ହାତୀ ଥିବା ବେଳେ ମାଇ ହାତୀର ମୃତ୍ୟୁ ପରେ ୫ଟି ହାତୀ ରହିଛନ୍ତି ଏବଂ ଏହି ୫ ଟିକିଆ ହାତୀପଲ ଏବେ ଶିବ ନାରାୟଣପୁର ଗୋଡ଼ା ଅଞ୍ଚଳରେ ରହିଛନ୍ତି। ବନ ବିଭାଗ ପକ୍ଷରୁ କଡ଼ା ନଜର ରଖାଯାଇଥିବା ଶ୍ରୀ ରାଓ କହିଛନ୍ତି।

## ମୋଚିନ୍ଦା ଯୁବଗୋଷ୍ଠୀ ପକ୍ଷରୁ ୩୨ ଗୋରୁ ଉଦ୍ଧାର

**ଆନନ୍ଦପୁର,୨୬।୫(ସମିସ):** ଆନନ୍ଦପୁର ଥାନା ଅଧୀନ ମୋଚିନ୍ଦା ଗ୍ରାମରେ କେତେକ ଯୁବକ ୩୨ଟି ଗୋରୁ ଉଦ୍ଧାର କରି ପୁଲିସକୁ ହସ୍ତାନ୍ତର କରିଛନ୍ତି। ଗୋ-ଚାଲାଣକାରୀ ପ୍ରତିଦିନ କେନ୍ଦୁଝର, ମୟୁରଭଞ୍ଜ ରାସ୍ତାର ଶାଳତୁଆ ପଞ୍ଚାୟତ ଦୁଡ଼ୀବାହାଳି ନିକଟରେ ଭ୍ୟାନ ଓ କଣ୍ଟେନର ଯୋଗେ ଦିନରାତି ୱେଷ୍ଟବେଙ୍ଗଲକୁ ଗୋଚାଲାଣ କରୁଛନ୍ତି। ଏହାକୁ ରୋକିବା ପାଇଁ ମୋଚିନ୍ଦା ଯୁବ ଗୋଷ୍ଠୀ ପକ୍ଷରୁ ସୋମବାର ୧୦ଟା ୩୦ ବେଳେ ଗାଁ ଭିତରେ ଦେଇ ଗୋ-ମାଫିଆମାନେ ଗୋରୁଗୁଡ଼ିକୁ ଚଲେଇ ଚଲେଇ ନେଉଥିବା ବେଳେ ୩୨ଟି ଗୋରୁକୁ ଉଦ୍ଧାର କରିଥିଲେ। ଖବର ପାଇ ଆନନ୍ଦପୁର ପୁଲିସ ପହଞ୍ଚି ଗୋରୁମାନଙ୍କୁ ସୁରକ୍ଷିତ ସ୍ଥାନରେ ରଖିବାସହ ସେମାନଙ୍କୁ ଭଦ୍ରକ ଗୋ-ଶାଳାକୁ ପଠାଯିବ ବୋଲି ଏସ୍‌ଆଇ ଯଶୋଦା ବେହେରା କହିଥିଲେ। ଗୋରୁମାନଙ୍କୁ କେଉଁଠାରୁ ଆଣୁଥିଲେ ଏବଂ କିଏ ଆଣୁଥିଲା ତାହାର ଖବର ମିଳିନାହିଁ। ଗୋରୁମାନଙ୍କୁ ଚଲେଇଚଲେଇ ନେଉଥିବା ମଜୁରିଆମାନେ ଦୌଡ଼ି ପଳାଇଥିଲେ।

## ଭୀମଆର୍ମି ପକ୍ଷରୁ ‘ମଦ ଛାଡ଼, ସମାଜ ଯୋଡ଼’ ଅଭିଯାନ



**ରାମଚନ୍ଦ୍ରପୁର/ବେଲବାହାଳି,୨୬।୫(ସମିସ):** ଭୀମଆର୍ମି ଏକତା ମିଶନ ଦ୍ୱାରା ଘସିପୁରା ବ୍ଲକ ଅଧୀନ ବାତୋ ପଞ୍ଚାୟତରେ ଭୀମଆର୍ମି ସଭାପତି ରଶ୍ମିରଞ୍ଜନ ଜେନା ଏବଂ ମହିଳା ସଭାପତି ଯମୁନା ଜେନାଙ୍କ ଆହ୍ୱାନରେ ମଦ ବିରୋଧୀ ଅଭିଯାନର ଶୁଭାରମ୍ଭ ହୋଇଛି। ଅଭିଯାନରେ ଶତାଧିକ ଛାତ୍ର, ମହିଳାଙ୍କ ସହ ଭୀମଆର୍ମିର ସଦସ୍ୟମାନେ ଯୋଗଦେଇଥିଲେ। ବ୍ଲକ ସଭାପତି ନିଜର ବକ୍ତବ୍ୟରେ ଜନ ସାଧାରଣଙ୍କୁ ‘ମଦ ଛାଡ଼ ସମାଜ ଯୋଡ଼’ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ବିଶିଷ୍ଟ ଶିକ୍ଷାବିତ ମିନାହରି ପେରେଇ, ଜାନକୀ ସାହୁ, ବିକ୍ରମ ଜେନା, ଚନ୍ଦ୍ରକାନ୍ତ ଜେନା, ସର ଦଳେଇ, ମଞ୍ଜୁଲତା ମହାନ୍ତି, ନରେନ୍ଦ୍ର ମଲ୍ଲିକ, ବାବନ ବାରିକ, ତାପସ ଜେନା, ଜଗବନ୍ଧୁ ଜେନା, ନାଗବଂଶୀ ବିଜୟଙ୍କ ସହ ଶତାଧିକ ଭୀମଆର୍ମି ସଦସ୍ୟ ସାମିଲ ହୋଇଥିଲେ।

# ଚାଷ କରି ସ୍ୱାବଲମ୍ବୀ ହେଲେ ମହିଳା



**ଡୁରୁମୁଙ୍ଗା,୨୬।୫(ସମିସ):** କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଡିଆନାଳୀ ଗ୍ରାମର ୩ ମହିଳା ଏବେ ଚର୍ଚ୍ଚାରେ। ଉକ୍ତ ଗାଁର ମହିଳା ପ୍ରତିମା ମହାନ୍ତ, ମାମିନା ମହାନ୍ତ ଏବଂ ଜୟନ୍ତୀ ମହାନ୍ତ ଆଳୁ, କଦଳୀ, ବୋଇତାଳୁ, ତରଭୂଜ ଆଦି ଚାଷ ସହ, ଅନ୍ୟ ବ୍ୟବସାୟ କରି ଆର୍ଥିକ ସ୍ୱାବଲମ୍ବୀ ହୋଇପାରିଛନ୍ତି। ଘରେ ତାଙ୍କର ଦିବ୍ୟାଙ୍ଗ ସ୍ୱାମୀ ଓ ୨ ଛୁଆ। ରୋଜଗାର ବୋଲି କିଛି ନଥିଲା ଦୁଃଖ କଷ୍ଟ କରି ପରିବାର ଚଳାଉଥିଲେ। ତଥାପି ସେ ଭାଙ୍ଗି ନପଡି ଦୃଢ଼ମନା ହୋଇ ପ୍ରଥମେ ଆଳୁଚାଷ ଆରମ୍ଭ କରିଥିଲେ। ସେଥିରୁ ସେ ୧୦କ୍ୱିଣ୍ଟାଲ୍ ଆଳୁ ଉତ୍ପାଦନ କରିବାସହ ତାହାକୁ ବିକ୍ରୀକରି ସେହି ଟଙ୍କାରେ ଉଦ୍ୟାନ ବିଭାଗରୁ ୨୧୪ଟି ଉନ୍ନତମାନର କଦଳୀ ଚାରା ଆଣି ନିଜ ବାଡ଼ିରେ ଲଗାଇଛନ୍ତି। ବିକ୍ରି ହୋଇନଥିବା ଆଳୁରୁ ସେ ୧୦ହଜାର ଟଙ୍କା ଓ କଦଳୀ ବଗିଚାରୁ ବର୍ଷକୁ ୫୦ ହଜାର ଟଙ୍କା ରୋଜଗାର କରିବେ ବୋଲି ଆଶା ବାନ୍ଧିଛନ୍ତି। ଆଗକୁ ଲାଭ ଟଙ୍କାରେ ସେ ଏକ ଲେମ୍ବୁ ବଗିଚା କରିବା ସହିତ ଚାଷ ଜମି ପାଇଁ ଜଳସେଚନର ସୁବିଧା କରିବେ ବୋଲି କହିଛନ୍ତି। ପ୍ରତିମାଙ୍କ ଏଭଳି ପ୍ରୟାସକୁ ସ୍ଥାନୀୟ ଲୋକେ ଉଚ୍ଚ ପ୍ରଶଂସା କରିଛନ୍ତି। ପ୍ରତିମା ମହାନ୍ତଙ୍କ ସଫଳତା ଏବଂ ଆଦର୍ଶରେ ଅନୁପ୍ରାଣିତ ହୋଇଛନ୍ତି ଗାଁର ଅନ୍ୟ ମହିଳା ମଧ ରୋଜଗାର କରୁଛନ୍ତି। ଗାଁର ଜୟନ୍ତୀ ମହାନ୍ତ ଏକ ସିଲେଇ ମେସିନ୍ କିଣିବା ସହିତ, ଏହାର ଆନୁଷଙ୍ଗିକ ଯନ୍ତ୍ରପାତି ଓ ସାମଗ୍ରୀ କିଣି ଘରେ ସିଲେଇ କରି ଦିନକୁ ୪ଶହରୁ ୫ ଶହ ଟଙ୍କା ରୋଜଗାର କରୁଛନ୍ତି। ସେହିପରି, ଗାଁର ମାମିନା ମହାନ୍ତ ଓ ତାଙ୍କ ଶାଶୁ ମିଶି ୫ ଏକର ଜମିରେ ବୋଇତାଳୁ ଓ ତରଭୂଜ କରିଛନ୍ତି। ଜମିରେ ଭଲ ବୋଇତାଳୁ ଓ ତରଭୂଜ ଫଳିଥିବା ବେଳେ ଏଥିରୁ ସେ ଲକ୍ଷାଧିକ ଟଙ୍କା ରୋଜଗାର କରିବାର ଲକ୍ଷ୍ୟ ରଖିଛନ୍ତି। ବିଭିନ୍ନ ପ୍ରତିକୂଳ ପରିସ୍ଥିତି ଜଣେ ଦୃଢ଼ମନା ମହିଳାଙ୍କୁ କିପରି କର୍ତ୍ତବ୍ୟପଥରୁ ବିଚ୍ୟୁତ କରିପାରେ ନାହିଁ, ତାର ଜ୍ୱଳନ୍ତ ଉଦାହରଣ ଦେଖିବା ମିଳିଛି ଡିଆନାଳୀ ଗ୍ରାମର ଏହି ଉଦ୍ୟୋଗୀ ମହିଳାଙ୍କ ପାଖରେ। ମହିଳାଙ୍କ ଏପରି ସଫଳତାକୁ ନେଇ ପାଟଣା ବିଡ଼ିଓ ମାନସ ଦଣ୍ଡପାଟ ଉଚ୍ଚ ପ୍ରଶଂସା କରିଛନ୍ତି। ଏଥିସହ ମହିଳାଙ୍କୁ ରିଆତି ମାଧ୍ୟମରେ ଋଣ ଯୋଗାଇ ଦିଆଯିବାର ବ୍ୟବସ୍ଥା ରହିଥିବା କହିବାସହ ସେମାନଙ୍କ କାର୍ଯ୍ୟକୁ ବେଶ୍ ପ୍ରଶଂସା କରିଛନ୍ତି।

## ଘସିପୁରା ବସ୍‌ଷ୍ଟାଣ୍ଡ ଆର୍‌ଏମ୍‌ସି କୋଠାରେ ଫାଟ



**ଆନନ୍ଦପୁର, ୨୬।୫ (ସମିସ):** ଆନନ୍ଦପୁର ନିୟନ୍ତ୍ରିତ ବଜାର କମିଟି (ଆରଏମସି) ତରଫରୁ ଘସିପୁରା ବସଷ୍ଟାଣ୍ଡରେ ନିର୍ମାଣ କରାଯାଇଥିବା ମାର୍କେଟ କମ୍ପ୍ଲେକ୍ସ କୋଠାରେ ଫାଟ ସୃଷ୍ଟି ହୋଇଛି। ଏହା ବ୍ୟବସାୟୀମାନଙ୍କ ପାଇଁ ବିପଦ ମଧ୍ୟ ସାଜିଛି। ବସଷ୍ଟାଣ୍ଡର ଉଠା ଦୋକାନୀମାନଙ୍କୁ ଥଇଥାନ ପାଇଁ ଗତ ୨୦୧୬ରେ ଆରମ୍ଭ ହୋଇଥିବା ଏହି ମାର୍କେଟ କମ୍ପ୍ଲେକ୍ସ ୨୦୧୮ରେ ବ୍ୟବସାୟୀମାନଙ୍କୁ ହସ୍ତାନ୍ତର କରାଯାଇଥିଲା। ଦୁଇଟି ବ୍ଲକରେ ୭୬ଟି କୋଠରୀ ରହିଛି। ନିର୍ମାଣର ମାତ୍ର ୮ ବର୍ଷ ମଧ୍ୟରେ ଏହି ମାର୍କେଟ କମ୍ପ୍ଲେକ୍ସର ଉପର ମହଲା କାନ୍ଥରେ ଫାଟ ସୃଷ୍ଟି ହୋଇଛି। ଗତ ପ୍ରାୟ ୬ ମାସ ହେବ ଏହି ଫାଟ ସୃଷ୍ଟି ହୋଇଥିଲେ ମଧ୍ୟ ଏହାର ମରାମତି ଦିଗରେ ଆର୍‌ଏମସି କର୍ତ୍ତୃପକ୍ଷଙ୍କ ନଜର ଲାଗି ନଥିବା ଜଣାଯାଇଛି। ଉପର ମହଲାରେ ସୃଷ୍ଟି ହୋଇଥିବା ଏହି ଫାଟ କ୍ରମଶଃ ବିପଦ ଆଡକୁ ମୁହାଁଉଥିଲେ ମଧ୍ୟ ଏହାର ରକ୍ଷଣାବେକ୍ଷଣ ପାଇଁ କୌଣସି ପଦକ୍ଷେପ ନିଆଯାଉନାହିଁ। ଯାହାକୁ ନେଇ ବ୍ୟବସାୟୀମାନେ ଚିନ୍ତା ପ୍ରକଟ କରିଛନ୍ତି। ଅନ୍ୟପକ୍ଷରେ, ଏହି କୋଠାର ରକ୍ଷଣାବେକ୍ଷଣ ସହ ସାମାନ୍ୟ ମରାମତି ମଧ୍ୟ କରାଯାଇ ନଥିବା ବେଳେ ନୂଆ କରି ରଙ୍ଗ କରାଯାଇନାହିଁ। ଦୁଇଟି ବ୍ଲକରେ ବ୍ୟବସାୟୀମାନଙ୍କ ପାଇଁ ଲାଗିଥିବା ଥଣ୍ଡା ପାନୀୟଜଳ ମେସିନ ଅନେକ ସମୟରେ ଅଚଳ ହେଉଛି। ମରାମତି କରିବାରେ ବିଳମ୍ବ ହେଉଥିବାରୁ ବ୍ୟବସାୟୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏଣୁ ନିୟନ୍ତ୍ରିତ ବଜାର କମିଟିର ଅଧ୍ୟକ୍ଷ ତଥା ଉପଜିଲ୍ଲାପାଳ ଏ ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ସହିତ ତୁରନ୍ତ ଫାଟର ମରାମତି କରିବାକୁ ବ୍ୟବସାୟୀମାନଙ୍କ ପକ୍ଷରୁ ଦାବି ହୋଇଛି।

# ମା'କୁ ଠେଙ୍ଗାରେ ପିଟିପିଟି ମାରିଦେଲା ମଦୁଆ ପୁଅ



ଅନୁଗୋଳ/ଛେଣ୍ଡିପଦା,୨୬।୫(ସମିସ): ମା'କୁ ଠେଙ୍ଗାରେ ପିଟିପିଟି ମାରିଦେଲା ମଦୁଆ ପୁଅ। ଅନୁଗୋଳ ଜିଲ୍ଲା ଜରପଡ଼ା ଥାନା ପରା ଗାଁରେ ରବିବାର ରାତି ପ୍ରାୟ ୧ଟାରେ ଘଟିଛି ଏହି ଅଭାବନୀୟ ଘଟଣା। ମୃତ ମହିଳା ହେଲେ ପରା ଗାଁ ମୁଣ୍ଡିଆ ସାହିର ଦାମୋଦର ପେଣ୍ଟୁଇଙ୍କ ସ୍ତ୍ରୀ ଶାନ୍ତିଲତା ପେଣ୍ଟୁଇ। ବିଳମ୍ବିତ ରାତିରେ କୌଣସି କଥାକୁ ନେଇ ଶାନ୍ତିଲତା ଓ ତାଙ୍କ ସାନପୁଅ ରଥିଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏଥିରେ ଉତକ୍ଷିପ୍ତ ହୋଇ ରଥି ଏକ ଠେଙ୍ଗାରେ ଶାନ୍ତିଲତାଙ୍କୁ ପିଟି ଦେଇଥିଲେ। ଫଳରେ ଶାନ୍ତିଲତାଙ୍କ ମୁଣ୍ଡ ଫାଟିଯିବା ସହ ସେ ବେହୋସ ହୋଇ ପଡ଼ିଯାଇଥିଲେ। ଏହା ଦେଖି ରଥି ରକ୍ତ ଜୁଡୁବୁଡୁ ଅବସ୍ଥାରେ ତାଙ୍କୁ ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇ ଯାଇଥିଲେ। କିନ୍ତୁ ସେଠାରେ ଡାକ୍ତର ଶାନ୍ତିଲତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ମେଡିକାଲରୁ ମୃତଦେହ ଜବତ କରିବା ସହ ରଥିଙ୍କୁ ଗିରଫ କରି ତଦନ୍ତ ଚଳାଇଛି।

## ସରୁନି ପଞ୍ଚାୟତ କାର୍ଯ୍ୟାଳୟ ଗୃହ ନିର୍ମାଣ

# ଅଫିସ ନ ଥିବାରୁ ସରପଞ୍ଚଙ୍କ ମୋବାଇଲ ସେବା

ଅନୁଗୋଳ, ୨୬।୫(ସମିସ)

ବଣ୍ଟରପାଳ ବ୍ଲକ ତୁରଙ୍ଗ ପଞ୍ଚାୟତ କାର୍ଯ୍ୟାଳୟ ନୂତନ ଗୃହ ନିର୍ମାଣ କାର୍ଯ୍ୟ ବର୍ଷ ବର୍ଷ ଧରି ଚାଲିଛି। ମନ୍ଥର ଗତିରେ କାର୍ଯ୍ୟ ଚାଲିଥିବା ବେଳେ ସରିବାର ନାଁ ନେଉନାହିଁ। ପଞ୍ଚାୟତର କର୍ମଚାରୀ, ଅଧିକାରୀ ଓ ସରପଞ୍ଚ କେଉଁଠି ବସୁଛନ୍ତି ତାହା ଲୋକେ ଜାଣିପାରୁନାହାନ୍ତି। କୌଣସି କାମ ପାଇଁ ଅଧିକାରୀ ଓ ସରପଞ୍ଚଙ୍କୁ ଭେଟ କରିବା ସମ୍ଭବ ହେଉନାହିଁ। ବାଟ ଦାଣ୍ଡରେ ଭେଟକରି ପଞ୍ଚାୟତବାସୀ ଯେନତେନ ପ୍ରକାରରେ କାମ କରାଇ ଚଳି ଆସୁଛନ୍ତି। ପଞ୍ଚାୟତ ଅଧିକାରୀମାନେ କେଉଁ ସାହିର କୋଠଘର ତ ଆଉ କେଉଁ ସାହିର କ୍ଲବଘର ତ ପୁଣି କେବେ ଅଙ୍ଗନବାଡ଼ି କେନ୍ଦ୍ର, ପୁଣି କେବେ ସ୍କୁଲ ବାରଣ୍ଡାରେ ବସି ପଞ୍ଚାୟତବାସୀଙ୍କ ସରକାରୀ କାର୍ଯ୍ୟ ସମ୍ପାଦନ କରୁଛନ୍ତି। ଏଠି ଲୋକେ ଯେମିତି ଅସୁବିଧା ପାଉଛନ୍ତି ତା'ଠୁ ଅଧିକ ସରପଞ୍ଚ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀ ପାଉଛନ୍ତି। କେବେ କେବେ ଗୁରୁତ୍ୱପୂର୍ଣ୍ଣ କାମ ବା ସରକାରଙ୍କ ଜନମଙ୍ଗଳ ଯୋଜନା ପ୍ରଣୟନ ପାଇଁ ବାଧ୍ୟବାଧକତାରେ ପଡ଼ୋଶୀ କୁରୁଡୋଲ ପଞ୍ଚାୟତ ରାଜୀବଗାନ୍ଧୀ ସେବାକେନ୍ଦ୍ର ଗୃହ



ବାରଣ୍ଡାରେ ତୁରଙ୍ଗ ପଞ୍ଚାୟତ ଅଫିସ ବସେ। ଯାହାକି ୫ କିମି ଦୂର ପଡ଼ିଥାଏ। ବୃଦ୍ଧବୃଦ୍ଧାମାନେ ଭଡ଼ା ଆଣିବାକୁ ସେଠାକୁ ଯାଇପାରନ୍ତି ନାହିଁ। ପଞ୍ଚାୟତ ସ୍ତରରେ କୌଣସି ସରକାରୀ କାର୍ଯ୍ୟ ଅବା ସେବା ପାଇବାକୁ ତୁରଙ୍ଗ ପଞ୍ଚାୟତବାସୀ ସତେ ଯେମିତି ଅଭିଶପ୍ତ।

୨୦୧୭ରୁ କୁରୁଡୋଲ ପଞ୍ଚାୟତରୁ ଅଲଗା ହୋଇ ତୁରଙ୍ଗ ଏକକ ଗ୍ରାମ ନୂତନ ପଞ୍ଚାୟତ ଗଠିତ ହୋଇଛି। ନୂତନ ପଞ୍ଚାୟତର ଏହା ଦ୍ୱିତୀୟ ଟର୍ମ। ପଞ୍ଚାୟତର ଦ୍ୱିତୀୟ ସରପଞ୍ଚ ସମରେନ୍ଦ୍ର ଦେହୁରୀ। ସରପଞ୍ଚଙ୍କ ନିଜସ୍ୱ କାର୍ଯ୍ୟଳୟ ନ ଥିବାରୁ ଦାଣ୍ଡ ବାଟରେ ସାକ୍ଷତରେ ଯାହା କାମ। ଭ୍ରାମ୍ୟମାଣ ସରପଞ୍ଚଙ୍କ କାର୍ଯ୍ୟାଳୟ। ଲୋକେ କୁହନ୍ତି ଇଏ ଆମର ମୋବାଇଲ ସରପଞ୍ଚ। ସରପଞ୍ଚ ଦେହୁରୀଙ୍କ କାର୍ଯ୍ୟକାଳ ଅବଧି ଅଧାରୁ ଅଧିକ ସମୟ ମଧ୍ୟ ସରିଗଲାଣି। ତେବେ ଲୋକେ ପଞ୍ଚାୟତ ଅଫିସ ନ ଥିବାରୁ ନାନା ଦହଗଞ୍ଜ ହେଉଛନ୍ତି। ତୁରଙ୍ଗ ପଞ୍ଚାୟତର ଜନସଂଖ୍ୟାରେ ଦ୍ରୁତ ବୃଦ୍ଧି ଘଟୁଛି। ପଞ୍ଚାୟତରେ ୬ ହଜାରରୁ ଊର୍ଦ୍ଧ୍ୱ ଭୋଟର ଅଛନ୍ତି। ଜନସଂଖ୍ୟା ଅନୁପାତରେ ସମସ୍ୟା ବି ଏଠି ଅନେକ। ତେବେ ସମସ୍ୟାର ସମାଧାନ ପାଇଁ ହେଉ ଅବା ସରକାରଙ୍କ ଯୋଜନାରୁ ଲୋକେ ଲାଭ ଉଠାଇବା ପାଇଁ ଠିକଣା ଜାଗା ନାହିଁ। ଏ ସମ୍ପର୍କରେ ସରପଞ୍ଚ ଦେହୁରୀ କୁହନ୍ତି ଆସନ୍ତା ଜୁନ ମାସ ସୁଦ୍ଧା ପଞ୍ଚାୟତ କାର୍ଯ୍ୟାଳୟ କାର୍ଯ୍ୟକ୍ଷମ ହେବ। ଲୋକଙ୍କ କାର୍ଯ୍ୟ କରିବାରେ ଅଧିକ ସୁବିଧା ମିଳିବ ବୋଲି ସେ କହିଛନ୍ତି।

# ସାପ କାମୁଡ଼ାରେ ଯୁବକ ମୃତ

ପାଲଲହଡ଼ା, ୨୬।୫(ସମିସ): ସାପ କାମୁଡ଼ାରେ ପାଲଲହଡ଼ା ଉପଖଣ୍ଡ ବତୀସୁଆଁ ପଞ୍ଚାୟତ ଧାଙ୍ଗଡ଼ ସାହିର ପବିତ୍ର ଧାଙ୍ଗଡ଼ (୩୫)ଙ୍କ ମୃତ୍ୟୁ ହୋଇଛି। ରବିବାର ସନ୍ଧ୍ୟାରେ ପବିତ୍ର ନିଜ ଘରେ ଶୋଇଥିବା ବେଳେ ଏକ ସାପ ତାଙ୍କୁ କାମୁଡ଼ି ଦେଇଥିଲା। ପବିତ୍ର ଅସୁସ୍ଥ ଅନୁଭବ କରିବାରୁ ପରିବାର ଲୋକେ ତାଙ୍କୁ ପାଲଲହଡ଼ା ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପାଲଲହଡ଼ା ଥାନା ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ଜବତ କରିଥିଲା। ସୋମବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ସୂଚନାଯୋଗ୍ୟ, ପବିତ୍ରଙ୍କର ଏକ ତିନିବର୍ଷର ସନ୍ତାନ ଥିବାବେଳେ ତାଙ୍କ ସ୍ତ୍ରୀ ଏବେ ୩ ମାସର ଗର୍ଭବତୀ ଅଛନ୍ତି। ତାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇଦେବା ପାଇଁ ସ୍ଥାନୀୟ ସରପଞ୍ଚ ଶୁଭେନ୍ଦୁ ସାହୁ ଏବଂ ଗ୍ରାମବାସୀ ପ୍ରଶାସନକୁ ନିବେଦନ କରିଛନ୍ତି।

# ଘରୁ ଚିତିସାପ ଉଦ୍ଧାର

ବଇଣ୍ଡା, ୨୬।୫(ସମିସ): କିଶୋରନଗର ବ୍ଲକ ହଣ୍ଡପା ଥାନା ଚୂଳିଆପୁର ଗ୍ରାମର ଜିତୁ ପଟ୍ଟନାୟକଙ୍କ ଘରୁ ସୋମବାର ଏକ ଚିତିସାପ ଉଦ୍ଧାର କରାଯାଇଛି। ଏ ନେଇ ଜିତୁ ସାପ ଉଦ୍ଧାରକାରୀ ମାଧପୁର ଅଞ୍ଚଳର ସିଦ୍ଧେଶ୍ୱର ରଥଙ୍କୁ ସୂଚନା ଦେଇଥିଲେ। ସିଦ୍ଧେଶ୍ୱର ଜିତୁଙ୍କ ଘରେ ପହଞ୍ଚି ସୁରକ୍ଷିତ ଅବସ୍ଥାରେ ସାପକୁ ଉଦ୍ଧାର କରିଥିଲେ। ପରେ ହଣ୍ଡପା ବନ ବିଭାଗ ଜରିଆରେ ସାପକୁ ନିକଟସ୍ଥ ଜଙ୍ଗଲରେ ଛଡ଼ାଯାଇଛି।

# କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କୁ ଦାବିପତ୍ର

ତାଳଚେରସଦର, ୨୬।୫(ସମିସ): କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ତାଳଚେର କଲେଜ ପଡ଼ିଆରେ କେନ୍ଦ୍ରୀୟ ବିଦ୍ୟାଳୟର ଅସ୍ଥାୟୀ କ୍ୟାମ୍ପସ ଲୋକାର୍ପଣ ଉତ୍ସବରେ ଯୋଗଦେଇଥିବା ବେଳେ ତାଳଚେର ସରକାରୀ ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟି ତରଫରୁ ତାଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ପବିତ୍ର ମୋହନ ମେଡିକାଲ୍ କଲେଜ୍‌ରେ ପାଠପଢ଼ା ଓ ରୋଗୀସେବା ଆରମ୍ଭ କରିବା ପାଇଁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। କେନ୍ଦ୍ରମନ୍ତ୍ରୀ ଦାବିପତ୍ର ଗ୍ରହଣ କରି ସକାରାତ୍ମକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଘୋଷଣା କରିଥିଲେ। ଦାବିପତ୍ର ପ୍ରଦାନ ବେଳେ କ୍ରିୟାନୁଷ୍ଠାନ କମିଟି ସଭାପତି ପଦ୍ମଚରଣ ସାମଲ, ସମ୍ପାଦକ ବିଜୟକୁମାର ପ୍ରଧାନ, ଉପଦେଷ୍ଟା ଚୈତନ୍ୟ ପ୍ରଧାନ, ସୁରେଶ ଚନ୍ଦ୍ର ପଟ୍ଟନାୟକ, ଶୋଭାଗିନୀ ଦାସ, ରମାକାନ୍ତ ସାମଲ, ସୁକାନ୍ତ ଦାସ, ଆନନ୍ଦ ଚନ୍ଦ୍ର ସାହୁଙ୍କ ସମେତ ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ।

# ବେଆଇନ ବନ୍ଧୁକ ତିଆରି କାରଖାନା ଠାବ

## ସରଞ୍ଜାମ ଜବତ; ଅଭିଯୁକ୍ତ ଗିରଫ

ଅନୁଗୋଳ/କଣିହାଁ, ୨୬।୫(ସମିସ): ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ ରେଙ୍ଗାଳି ଥାନା ଅଧୀନ ଅର୍କିଳି ପଞ୍ଚାୟତ ବେହେରାଭୂଇଁ ଗ୍ରାମରେ ରବିବାର ସନ୍ଧ୍ୟାରେ ପୁଣି ଏକ ବେଆଇନ ବନ୍ଧୁକ ତିଆରି କାରଖାନା ଠାବ କରିଛି ପୁଲିସ। ସେଠାରେ ଚଢ଼ଉ କରାଯାଇ ବନ୍ଧୁକ ତିଆରିରେ ବ୍ୟବହୃତ ହେଉଥିବା ସାମଗ୍ରୀ ଜବତ କରାଯିବା ସହ ଜଣକୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ ସେହି ଗ୍ରାମର ରାଜନ



କିସାନ (୫୦)। ଗତ ଶୁକ୍ରବାର ପୁଲିସ ପାଲଲହଡ଼ା ନାଗିର ପଞ୍ଚାୟତ ସଲେଇ ଗ୍ରାମରେ ଚଢ଼ଉ କରି ଚୋରା ବନ୍ଧୁକ ତିଆରି ଅଭିଯୋଗରେ ଜର୍ଜ କମାଲଙ୍କୁ ଗିରଫ କରିଥିଲା। ସେହିପରି ଗୁରୁବାର ଖମାର ଥାନା ପୁଲିସ ଝରାବେଡ଼ା ପଞ୍ଚାୟତ ଜାମୁଆ ଗ୍ରାମର ବଣ୍ଡୁ କିସାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏବେ ରେଙ୍ଗାଳି ଥାନା ଅଞ୍ଚଳରେ ପୁଣି ଏକ ବେଆଇନ ବନ୍ଧୁକ ତିଆରି କାରଖାନା ଠାବ ନେଇ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳିଯାଇଛି। ରେଙ୍ଗାଳି ଥାନା ଅଧିକାରୀ ଜୟନ୍ତ କୁମାର ମହାନ୍ତିଙ୍କ ନେତୃତ୍ୱରେ ପୁଲିସ ଟିମ୍ ଚଢ଼ଉ କରି ରାଜନଙ୍କୁ ଗିରଫ କରିବା ସହ କୋର୍ଟ ଚାଲାଣ କରିଛି।

# ବନ୍ଧୁକ ତିଆରି ବେଳେ ମାଡ଼ିବସିଲା ପୁଲିସ



## ଜଣେ ଗିରଫ

ତାଳଚେର ସହର, ୨୬।୫(ସମିସ): ଘରେ ଦେଶୀ ବନ୍ଧୁକ ତିଆରି କରୁଥିବା ବେଳେ ମାଡ଼ିବସିଲା ପୁଲିସ। ତାଳଚେର ଥାନା ଅନ୍ତର୍ଗତ ସୁନାଖଣି ଗ୍ରାମରେ ହରିହର ମହାରଣା ନିଜ ଘରେ ଦେଶୀ ବନ୍ଧୁକ ତିଆରି କରୁଥିବା ନେଇ ପୁଲିସ ବିଶେଷ ସୂତ୍ରରୁ ଖବର ଚଢ଼ଉ କରିଥିଲା। ସେଠାରୁ ବନ୍ଧୁକ ତିଆରିରେ ବ୍ୟବହୃତ ସାମଗ୍ରୀ ଜବତ କରିବା ସହ ହରିହରଙ୍କୁ ଗିରଫ କରିଛି।

# କାର୍ ସହ ଗଞ୍ଜେଇ ଜବତ, ଚାଳକ ଫେରାର



ଛେଣ୍ଡିପଦା, ୨୬।୫(ସମିସ): ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ଥାନା ଛେଣ୍ଡିପଦା-ବୁଢ଼ାପାଳ ରାସ୍ତାର ଚାରବାଟିଆ ଛକରୁ ରବିବାର ବିଳମ୍ବିତ ରାତିରେ ଏକ ଗଞ୍ଜେଇ ଭର୍ତ୍ତି କାର୍ ଜବତ କରିଛି ପୁଲିସ। ତେବେ କାର ଚାଳକଙ୍କ ସମେତ ଅନ୍ୟମାନେ ଫେରାର ହୋଇଯାଇଛନ୍ତି। ଉକ୍ତ ରାସ୍ତାରେ ପୁଲିସ ରାତି ପାଟ୍ରୋଲିଂ କରୁଥିବାବେଳେ ଏକ କାରକୁ ସନ୍ଦେହରେ ଅଟକାଇଥିଲା। କାରରେ ଥିବା ଚାଳକ ସମେତ ଅନ୍ୟମାନେ ପୁଲିସକୁ ଦେଖି କାର ଛାଡ଼ି ଫେରାର ହୋଇଯାଇଥିଲେ। ପୁଲିସ କାର ଯାଞ୍ଚ କରିବା ପରେ ସେଥିରେ ଏକ ବ୍ୟାଗ ଭିତରେ ଗଞ୍ଜେଇ ଥିବା ଦେଖିବାକୁ ମିଳିଥିଲା। ପୁଲିସ ଗଞ୍ଜେଇ ସହ କାର ଜବତ କରି ଥାନାକୁ ଆଣିଥିଲା। ମାଜିଷ୍ଟ୍ରେଟ ଭାବେ ଅତିରିକ୍ତ ତହସିଲଦାର ରାଜେନ୍ଦ୍ର ସିଂଙ୍କ ଉପସ୍ଥିତିରେ ଗଞ୍ଜେଇକୁ ଓଜନ କରାଯାଇ ମୁଦ ମରାଯାଇଥିଲା। ଜବତ ଗଞ୍ଜେଇର ଓଜନ ୧୯ କେଜି ୫ଶହ ଗ୍ରାମ ବୋଲି ପୁଲିସ କହିଛି। ଏ ନେଇ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ଦୁଇ ଦେଶୀ ବନ୍ଧୁକ ଜବତ; ଜଣେ ଗିରଫ

କିଶୋରନଗର/ବଇଣ୍ଡା, ୨୬।୫(ସମିସ): ଠାକୁରଗଡ଼ ଓ କିଶୋରନଗର ଥାନା ପୁଲିସ ରବିବାର ରାତିରେ ବିଭିନ୍ନ ଅଞ୍ଚଳରେ ଚଢ଼ଉ କରି ୨ଟି ଦେଶୀ ବନ୍ଧୁକ ଜବତ କରିଛନ୍ତି। ଏଥିରେ ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଅନ୍ୟ ଜଣେ ଫେରାର ହୋଇଯାଇଛନ୍ତି। ଠାକୁରଗଡ଼ ଥାନା ପୁଲିସ କାଶୀନାଥପୁର ଅଞ୍ଚଳର ଅକୁର ମାଝୀଙ୍କ ଘର ସାମନାରୁ ସେ ବ୍ୟବହାର କରୁଥିବା ଏକ ଦେଶୀ ବନ୍ଧୁକ ଜବତ କରିଛି। ପୁଲିସ କହିଛି ଯେ ଅକୁର ଏହି ଦେଶୀ ବନ୍ଧୁକ ଧରି ନିକଟସ୍ଥ ଜଙ୍ଗଲକୁ ଶିକାର କରିବା ପାଇଁ ଯାଉଥିବା ବେଳେ ପୁଲିସର ପାଟ୍ରୋଲିଂ ଟିମ୍ ତାଙ୍କୁ ପିଛା କରିଥିଲା। ପୁଲିସକୁ ଦେଖି ଅକୁର ନିଜ ଘରକୁ ଦୌଡ଼ି ପଳାଇଥିଲେ। ବନ୍ଧୁକକୁ ତାଙ୍କ ଘର ସାମନାରେ ପକାଇ ଦେଇ ଫେରାର ହୋଇଯାଇଥିଲେ। ପୁଲିସ ଉକ୍ତ ବନ୍ଧୁକ ଜବତ କରି ଅକୁରଙ୍କ ନାମରେ ଏକ ମାମଲା ରୁଜୁ କରିଛି। ସେହିପରି କିଶୋରନଗର ଥାନା ପୁଲିସ ହରିରାଜପୁର ଗ୍ରାମରେ ଚଢ଼ଉ କରି ମହାଦେବ ବେହେରାଙ୍କ ଘରୁ ଏକ ଦେଶୀ ବନ୍ଧୁକ ଜବତ କରିଛି। ମହାଦେବ ଘରେ ବନ୍ଧୁକ ରଖି ବେଆଇନ କାର୍ଯ୍ୟ କରୁଥିବା ଖବର ପାଇଁ ଥାନା ଆଇଆଇସି ବିଭୂତି ପ୍ରଧାନ ଟିମ୍ ସହ ତାଙ୍କ ଘରେ ଚଢ଼ଉ କରିଥିଲେ। ଏହି ମାମଲାରେ ମହାଦେବଙ୍କୁ ଗିରଫ କରାଯାଇଛି। ଏ ନେଇ କିଶୋରନଗର ଥାନାରେ ଏକ ମାମଲା ରୁଜୁ କରାଯାଇଛି। ସୋମବାର ମହାଦେବଙ୍କୁ କୋର୍ଟ ଚାଲାଣ କରାଯାଇଛି।





# ନାଲକୋନଗର ଅଞ୍ଚଳରେ ସାବିତ୍ରୀ ବ୍ରତ



ନାଲକୋନଗର, ୨୬।୫(ସମିସ)

ନାଲକୋନଗର ଅଞ୍ଚଳର ବିଭିନ୍ନ ମନ୍ଦିରରେ ସାବିତ୍ରୀ ଅମାବାସ୍ୟାରେ ସକାଳୁ ମଧ୍ୟାହ୍ନ ଯାଏଁ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ବହୁ ସଂଖ୍ୟାରେ ମହିଳା ପୂଜାର୍ଚ୍ଚନା କରି ବ୍ରତ ଧାରଣ କରିଥିଲେ। ସ୍ୱାମୀଙ୍କ ଦୀର୍ଘାୟୁ ମାନସି ଉପାସନା କରିଥିଲେ। ମହିଳାମାନେ ନୂଆ ବସ୍ତ୍ର ପରିଧାନ କରି ଭୋଗରାଗ ତଥା ନାନାଦି ଫଳର ସମ୍ଭାରରେ ପୂଜାର୍ଚ୍ଚନା କରିଥିଲେ।

ନାଲକୋ ଶନି ମନ୍ଦିର, ଜଗନ୍ନାଥ ମନ୍ଦିରରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ପୂଜାର୍ଚ୍ଚନା କରିଥିଲେ। ନାଲକୋ କଲୋନୀ ଅଞ୍ଚଳ ଓ ଆଖପାଖ ଗ୍ରାମାଞ୍ଚଳର ମହିଳାମାନେ ନାଲକୋ ଟାଉନସିପ, କାଣ୍ଡସର, କହ୍ନେଇ ନଗର, ବଳରାମପ୍ରସାଦ, ଗିରାଙ୍ଗ ଅଞ୍ଚଳରେ ଥିବା ଶିବ ମନ୍ଦିରରେ ବ୍ରତ ପାଳନ କରିଥିଲେ। କିଛି ମହିଳା ନିଜ ଘରେ ମଧ୍ୟ ବ୍ରତ ପାଳନ କରିଛନ୍ତି। ଶ୍ରଦ୍ଧାଳୁଙ୍କ ଭିଡ଼କୁ ଦୃଷ୍ଟିରେ ରଖି ମନ୍ଦିରରେ ଧାଡ଼ି ବ୍ୟବସ୍ଥା କରାଯାଇଥିଲା। ଖରାରୁ ରକ୍ଷା ପାଇଁ ମନ୍ଦିର ସମ୍ମୁଖରେ ସେଡ୍ ବ୍ୟବସ୍ଥା କରାଯାଇଥିଲା। ନାଲକୋ ମନ୍ଦିର କମିଟି ସଦସ୍ୟଙ୍କ ଦ୍ୱାରା ଶାନ୍ତିଶୃଙ୍ଖଳାରେ ପରିଚାଳିତ ହୋଇଥିଲା। ମୁଖ୍ୟ ପୂଜକ ପ୍ରମେଶ ମିଶ୍ରଙ୍କ ନେତୃତ୍ୱରେ ପୂଜାକାର୍ଯ୍ୟ ସମ୍ପାଦିତ ହୋଇଥିଲା। କମିଟି ସଦସ୍ୟ ମନୋଜ ମିଶ୍ର, ପ୍ରଦୀପ୍ତ କୁମାର ପଣ୍ଡା, ମୃତ୍ୟୁଞ୍ଜୟ କର, ନରୋତ୍ତମ ସ୍ୱାଇଁ, ରଞ୍ଜିତ ରଥ, ରଙ୍କନିଧି ନାୟକ ପ୍ରମୁଖ ସହଯୋଗ କରିଥିଲେ।

# କିନ୍ନର ପାଳିଲେ ସାବିତ୍ରୀ ବ୍ରତ

ଅନୁଗୋଳ, ୨୬।୫(ସମିସ): ସୋମବାର ଥିଲା ପବିତ୍ର ସାବିତ୍ରୀ ବ୍ରତ। ଏହିଦିନ ସ୍ୱାମୀଙ୍କ ଦୀର୍ଘାୟୁ କାମନା କରି ସ୍ତ୍ରୀମାନେ ବ୍ରତ ପାଳନ କରିଥାନ୍ତି। ତେବେ ସାଧାରଣ ମହିଳାଙ୍କ ଭଳି ଆଜି କିନ୍ନର ସମ୍ପ୍ରଦାୟ ମଧ୍ୟ ସାବିତ୍ରୀ ବ୍ରତ ପାଳନ କରିଛନ୍ତି। କିନ୍ନର ସମ୍ପ୍ରଦାୟ ଆଜି ଦିନରେ ନିଜ ଗୁରୁଙ୍କୁ ମା' ବୋଲି ଭାବି ବ୍ରତ କରିଥାନ୍ତି। ଏହି କ୍ରମରେ ଅନୁଗୋଳ ଜିଲ୍ଲା କିନ୍ନର ସମ୍ପ୍ରଦାୟ ମହିଳାମାନଙ୍କ ପରି ନୂତନ ପୋଷାକ ପରିଧାନ କରିବା ସହ ସଜେଇ ହୋଇ ଏକତ୍ରିତ ଭାବେ ଏହି ବ୍ରତ ପାଳିଛନ୍ତି। ସକାଳୁ କିନ୍ନରମାନେ ଆମ୍ବ, ପଣସ, ସପୁରି ଆଦି ବିଭିନ୍ନ





ଫଳ ସହ ଶାଢ଼ି, ଚୁଡ଼ି, ସିନ୍ଦୂର ଆଦି ସାଙ୍ଗରେ ନେଇ ପହଞ୍ଚିଥିଲେ ଶିମିଳିପଡ଼ା ପୋଖରୀ କୂଳରେ ଥିବା ଉଦ୍ୟାନର ଏକ ବରଗଛ ମୂଳରେ। ସେଠାରେ ପୂଜାର୍ଚ୍ଚନା କରିଥିଲେ। ପରେ ଗୁରୁଙ୍କ ପାଦ ଛୁଇଁ ଆଶୀର୍ବାଦ ନେବା ସହ ଗୁରୁଙ୍କ ପାଦୁକା ପାନ କରିବା ପରେ ପ୍ରସାଦ ସେବନ କରିଥିଲେ। କିନ୍ନରମାନେ ନିଜ ଘର ଛାଡ଼ି ବାହାରକୁ ଚାଲିଆସିଥିବାରୁ ଗୁରୁ ହିଁ ସେମାନଙ୍କ ପାଇଁ ବାପା, ମା, ସ୍ୱାମୀ ସବୁକିଛି। ତେଣୁ ତାଙ୍କ ପାଇଁ ବ୍ରତ ପାଳନ କରୁଥିବା ସେମାନେ କହିଛନ୍ତି।